# ଆନ୍ତରିକତା ଓ ଛଳନା

''ତୁମେ ଆରଥର କହୁଥିଲ, ଶ୍ରୀଅରବିନ୍ଦଙ୍କ ଯୋଗ ସମର୍ପଣରେ ଆରମ୍ଭ ହୁଏ । ଏହି ସମର୍ପଣ ପୁଣି ମା'ଙ୍କୁ କରିବା ବହୁତ ସହଜ । କିନ୍ତୁ ଏଇ ସମର୍ପଣ ପାଇଁ ସଂକଳ୍ପ ନେଇ ସାରିବା ପରେ ଆମକୁ ଆଉ ପାଞ୍ଚଟି ଗୁଣ ଲାଭ କରିବାକୁ ହେବ । ଆଜି ସେଇ ପାଞ୍ଚଟି ଗୁଣରୁ ପ୍ରଥମ ଗୁଣଟି ବିଷୟରେ କୁହ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଆଚ୍ଛା, ତୋର ମନେ ଅଛି ପ୍ରଥମ ଗୁଣଟିର ନାଆଁ ମୁଁ କ'ଣ କହିଥିଲି ?'' ପଚାରିଲା ଚିନ୍ମୟ ।

''ହଁ, ଆନ୍ତରିକତା ।''

''ଠିକ୍ ମନେ ରଖିଛୁ । ବହୁତ ଭଲ । ଆଚ୍ଛା, ତୁ କାଠଚମ୍ପା ଫୁଲ ଦେଖିଛୁ ? ଆମ ବାଡ଼ କଡ଼ରେ ହୁଏ । ତୁ ବେଳେବେଳେ ଆଣି ମା' ଶ୍ରୀଅରବିନ୍ଦଙ୍କ ଫଟୋ ପାଖରେ ଦେଉ ।''

''ହୁଁ, କାଠଚମ୍ପା ଫୁଲ ମୁଁ ଦେଖି ନାହିଁ ! ଦେଖିବାକୁ ଧଳା, ଧଳା । ପାଞ୍ଚଟି ପାଖୁଡ଼ା । ଗୋଟିଏ ପେଣ୍ଡାରେ ଏକାବେଳେ ବହୁତ ଗୁଡ଼ାଏ ଫୁଟିଥାଏ । କେଡ଼େ ସୁନ୍ଦର ବାସ ତା'ର !''

''ଠିକ୍ ଦେଖିଛୁ, ଠିକ୍ ଦେଖିଛୁ । ଧଳାରଙ୍ଗ ଛଡ଼ା କେତେକ କାଠଚମ୍ପା ଅନ୍ୟ ରଙ୍ଗର ମଧ୍ୟ ଅଛି । ସେଇ କାଠଚମ୍ପାର ଯେଉଁ ପାଞ୍ଚଟି ପାଖୁଡ଼ା, ମା' ତା'ର ନାମ କ'ଣ ଦେଇଛନ୍ତି ଜାଣୁ ?''

''କ'ଣ ଦେଇଛନ୍ତି ?''

''ମା' ତା'ର ନାମ ଦେଇଛନ୍ତି Five Psychological Perfections – ପଞ୍ଚବିଧ ମନସ୍ତାତ୍ତ୍ୱିକ ପୂର୍ଣ୍ଣତା । ସମର୍ପଣ କରିବା ପାଇଁ ଯେତେବେଳେ ଆମେ ସଂକଳ୍ପ କରିସାରୁ ସେତେବେଳେ ଯେଉଁ ପାଞ୍ଚଟି ଗୁଣ ଦରକାର ସେସବୁ ହେଉଛି ଏଇ : ୧. ଆନ୍ତରିକତା ବା ସ୍ୱଚ୍ଛତା, ୨. ବିଶ୍ୱାସ ବା ଆସ୍ଥା, ୩. ଭକ୍ତି ବା କୃତଜ୍ଞତା, ୪. ସାହସ ବା ଅଭୀପ୍ସା, ୫. ସହିଷ୍ଣୁତା ବା ଅଧ୍ୟବସାୟ ।

କାଠଚମ୍ପା ଫୁଲର ପାଞ୍ଚଟିଯାକ ପାଖୁଡ଼ା ଏଇ ପାଞ୍ଚଟି ଗୁଣର ପ୍ରତୀକ । ମା'ଙ୍କ ପାଖକୁ କେହି ଗଲେ ମା' ଯେତେବେଳେ ଏଇ ଫୁଲ ଦିଅନ୍ତି ସେ ଏଇ ଫୁଲ ମାଧ୍ୟମରେ ସେଇ ଲୋକକୁ ଉପରୋକ୍ତ ପାଞ୍ଚଟି ଗୁଣ ଦେଇଥା'ନ୍ତି । ବ୍ୟକ୍ତି ତାକୁ ତା'ର ଗ୍ରହଣଶୀଳତା

ଅନୁସାରେ ଗ୍ରହଣ କରେ । ସମୟେ ସମୟେ ମା' ବ୍ୟକ୍ତିକୁ ଏଇ ଫୁଲ ଦେଲାବେଳେ ବ୍ୟକ୍ତିର ଆବଶ୍ୟକତା ଅନୁଯାୟୀ ଏହାର ଅର୍ଥ ମଧ୍ୟ ବଦଳାଇ ଦେଇଥା'ନ୍ତି । ତେବେ ସାଧାରଣ ଭାବେ କାଠଚମ୍ପା ଫୁଲର ସେଇ ପାଞ୍ଚଟି ଗୁଣ ଥାଏ ଓ ସେଥିମଧ୍ୟରୁ ସର୍ବପ୍ରଥମ ଗୁଣଟି ହେଉଛି ଆନ୍ତରିକତା ।

ଯୋଗସାଧନାଠାରୁ ଆରମ୍ଭ କରି ଜୀବନର ସବୁ କଥାରେ ସଫଳତା ଲାଭ କରିବାର ଚାବିକାଠି ହେଉଛି ଆନ୍ତରିକତା । ଆନ୍ତରିକତା ବା ନିଷ୍ଠା ନ ଥିଲେ କୌଣସି କାର୍ଯ୍ୟରେ କେହି ଗୋଟିଏ ପାଦ ବି ଆଗେଇ ପାରିବ ନାଇଁ । ଯିଏ ଯେଉଁଥିରେ ଯେତିକି ଆନ୍ତରିକ, ସିଏ ସେଥିରେ ସେତିକି ସଫଳ ହୁଏ ।

ତୋ'ର ମନେ ଅଛି, ସେଦିନ ତୁମ କ୍ଲାସ ପିଲାଙ୍କର ପାଖ ଜଙ୍ଗଲରେ ଗୋଟିଏ ପିକ୍‌ନିକ୍ ଥିଲା । ତୁମକୁ ତୁମ ଶିକ୍ଷକ କହିଥିଲେ ଠିକ୍ ସକାଳ ସାଢ଼େ ଛ'ଟା ବେଳକୁ ସମସ୍ତେ ଯାଇ ସ୍କୁଲରେ ପହଞ୍ଚିବାକୁ । କାରଣ ପିକ୍‌ନିକ୍ ସାରି ଖରା ବେଶୀ ହେବା ପୂର୍ବରୁ ତୁମମାନଙ୍କର ଘରକୁ ଫେରିଆସିବାର ଥିଲା । ସାଢ଼େ ଛ'ଟା ବେଳକୁ ସ୍କୁଲରେ ପହଞ୍ଚିବାକୁ ହେଲେ ତୋତେ ଅନ୍ତତଃ ସାଢ଼େ ପାଞ୍ଚଟା ବେଳକୁ ଉଠିବାର ଥିଲା । ତୁ ବହୁତ ଦୃଢ଼ ସଂକଳ୍ପ କରି ଶୋଇଥିଲୁ ଯେ ଠିକ୍ ସାଢ଼େ ପାଞ୍ଚଟା ବେଳକୁ ଉଠିବୁ ବୋଲି । କିନ୍ତୁ ହେଲା କ'ଣ ? ଉଠିଲୁ ଛ'ଟା ବେଳକୁ । କହିଲୁ ସାଢ଼େ ପାଞ୍ଚଟାବେଳକୁ ନିଦ ଭାଙ୍ଗିଥିଲା, କିନ୍ତୁ ଆଉ ଟିକିଏ ଶୋଇ ପଡ଼ିବାକୁ ଇଚ୍ଛା ହେଲା । ଆଉ ଟିକିଏ ଶୋଉ ଶୋଉ ଶୋଇପଡ଼ିଲୁ ଯେ ଉଠୁ ଉଠୁ ଛ' । ତରବର ହୋଇ କାମସାରି ଯାଉ ଯାଉ ଛ'ଟା ପଇଞ୍ଚାଳିଶ । ତୋ ସାଙ୍ଗପିଲାମାନେ ସେତେବେଳକୁ ପିକ୍‌ନିକ୍‌ରେ ବାହାରି ଯାଇଥିଲେ । ବହୁତ କାନ୍ଦି କାନ୍ଦି ସେଦିନ ସ୍କୁଲରୁ ଫେରିଲୁ । ଜାଣୁ ତୁ କାହିଁକି ସେଦିନ ସାଢ଼େ ପାଞ୍ଚଟାବେଳେ ଉଠିବୁ ବୋଲି ଦୃଢ଼ସଂକଳ୍ପ କରି ଶୋଇଥିଲେ ବି ଠିକ୍ ସମୟରେ ଉଠିପାରିଲୁ ନାହିଁ ?''

''କାହିଁକି ?''

''କାରଣ ତୋର ସେ ସଂକଳ୍ପ ପଛରେ ଆନ୍ତରିକତାର ଅଭାବ ଥିଲା । ତୁ ପୂର୍ଣ୍ଣ ଆନ୍ତରିକତାର ସହ ଚାହିଁ ନ ଥିଲୁ ସାଢ଼େ ପାଞ୍ଚଟାବେଳେ ଉଠିବାକୁ ।''

''ଆଉ ! ପିକ୍‌ନିକ୍ ଯିବା ପାଇଁ ମୋର ବହୁତ ଆଗ୍ରହ ଥିଲା । ମୁଁ ବହୁତ ଇଚ୍ଛା କରି ଶୋଇଥିଲି ସାଢ଼େ ପାଞ୍ଚଟାବେଳକୁ ଉଠିବାକୁ ।''

''ହଁ, ତୁ ଇଚ୍ଛା କରିଥିଲୁ । ବହୁତ ଇଚ୍ଛା କରିଥିଲୁ । ତା' ନ ହୋଇଥିଲେ ସାଢ଼େ ପାଞ୍ଚଟା ବେଳକୁ ତୋ ନିଦ ଭାଙ୍ଗି ଥା'ନ୍ତା କିପରି ? କିନ୍ତୁ ତୋ ଭିତର ସବୁଅଂଶ ସାଢ଼େ ପାଞ୍ଚଟାବେଳେ ଉଠିବାକୁ ଚାହିଁ ନ ଥିଲେ । ଯେଉଁ ଅଂଶମାନେ ଚାହିଁ ନ ଥିଲେ ସେମାନେ

ତୋତେ ଆଉ ଟିକିଏ ଶୋଇ ପଡ଼ିବାକୁ ପ୍ରବର୍ତ୍ତାଇ ଥିଲେ । ଫଳରେ ତୋର ବିଳମ୍ବ ହୋଇଗଲା । ତୁ ପିକ୍‌ନିକ୍‌ରେ ଯୋଗ ଦେଇପାରିଲୁ ନାହିଁ ।

ତୋର ସଂକଳ୍ପ ପଛରେ ଆନ୍ତରିକତା ଥିଲା । କିନ୍ତୁ ପୂର୍ଣ୍ଣ ଆନ୍ତରିକତା ନ ଥିଲା । ପୂର୍ଣ୍ଣ ଆନ୍ତରିକତା ତ ଦୂରର କଥା, ଅନ୍ତତଃ ପକ୍ଷେ ତୋ ଭିତରେ ଯେଉଁ ଅଂଶତକ ସାଢ଼େ ପାଞ୍ଚଟାବେଳକୁ ଉଠିବାକୁ ଅନିଚ୍ଛୁକ ଥିଲେ ସେ ଅଂଶତକ ଉପରେ ପ୍ରାଧାନ୍ୟ ବିସ୍ତାର କରି ସାଢ଼େ ପାଞ୍ଚଟାବେଳେ ଉଠିପାରିବା ଲାଗି ଯେତିକି ଆନ୍ତରିକତା ଦରକାର ସେତିକି ବି ତୋ ଭିତରେ ନ ଥିଲା । ନ ଚାହୁଁଥିବା ଅଂଶ ଚାହୁଁଥିବା ଅଂଶ ଅପେକ୍ଷା ଅଧିକ ଶକ୍ତିଶାଳୀ ଥିଲେ । ତେଣୁ ତୁ ଉଠି ବି ଉଠିପାରିଲୁ ନାହିଁ ।

ମଣିଷ ଏଇଭଳି ସବୁବେଳେ ଭାବେ । ସେ ଭାବେ ମୁଁ ଇଚ୍ଛା କରୁଛି, ସଂକଳ୍ପ କରୁଛି, ତଥାପି ମୋର କିଛି ହେଉ ନାହିଁ । ମନେ କର, ଜଣକର ସିଗାରେଟ୍ ଖାଇବାର ଅଭ୍ୟାସ ଅଛି । ସେ ଇଚ୍ଛା କରୁଛି ସିଗାରେଟ୍ ଖାଇବା ଛାଡ଼ିଦେବାକୁ । କିନ୍ତୁ ବହୁତ ଚେଷ୍ଟା କରି ମଧ୍ୟ ପାରୁ ନାହିଁ । ଶେଷକୁ କହୁଛି କ'ଣ ନା ମୁଁ ଯେତେ ସଂକଳ୍ପ କଲେ, ଯେତେ ଇଚ୍ଛା କଲେ, ଯେତେ ଚେଷ୍ଟା କଲେ ବି ସିଗାରେଟ୍ ଛାଡ଼ିପାରୁ ନାହିଁ, ଆଉ କରିବି କ'ଣ । କିନ୍ତୁ ବାସ୍ତବ କଥା ହେଉଛି ସେ ତା' ସଂକଳ୍ପରେ, ଇଚ୍ଛାରେ, ଚେଷ୍ଟାରେ ଆନ୍ତରିକ ନୁହେଁ । ତା' ଭିତରେ ସବୁ ଅଂଶ ଚାହୁଁ ନାହାନ୍ତି ସିଗାରେଟ୍ ଛାଡ଼ି ଦେବାକୁ । କିଛି ଅଂଶ ରହିଛନ୍ତି ଯେଉଁମାନେ ସିଗାରେଟ୍ ଖାଇବାରୁ ଆନନ୍ଦ ପାଉଛନ୍ତି, ତାକୁ ଧରି ରଖିବାକୁ ଚାହୁଁଛନ୍ତି । ସେମାନଙ୍କ ପ୍ରଭାବ ଏତେ ବେଶୀ ଯେ ସିଗାରେଟ୍ ଖାଇବା ଛାଡ଼ିଦେବାକୁ ଚାହୁଁଥିବା ଅଂଶର ସମସ୍ତ ଚେଷ୍ଟାକୁ ସେମାନେ ବ୍ୟର୍ଥ କରି ଦେଉଛନ୍ତି । ସେମାନେ ଏପରି ଲୁଚିକରି ରହିଛନ୍ତି ଯେ ବ୍ୟକ୍ତି ସେମାନଙ୍କୁ ଚିହ୍ନିପାରୁ ନାହିଁ । ଭାବୁଛି ସବୁ ସେ ଚେଷ୍ଟା କଲା, ଶେଷକୁ ତ କିଛି ହେଲା ନାହିଁ, ଆଉ କରିବ କ'ଣ ? କିନ୍ତୁ ଜାଣିପାରୁ ନାହିଁ ଯେ ତା' ଚେଷ୍ଟାର ବିପରୀତ ଚେଷ୍ଟା ବି ତା' ଭିତରେ ଚାଲିଛି ।

ଠିକ୍ ସେମିତି ଜଣେ ପିଲା ଏବେ କହୁଥିଲା ଯେ ସିଏ ବହୁତ ପରିଶ୍ରମ କରି ପଢ଼ିଛି । ହେଲେ ତା'ର କିଛି ମନେ ରହୁ ନାହିଁ ଓ ସେ ପରୀକ୍ଷାରେ ବାରଂବାର ଫେଲ୍ ହେଉଛି । ସେ ଅବଶ୍ୟ ମିଛ କହୁ ନାହିଁ । ଠିକ୍ କହୁଛି । ସେ ଅନେକ ପରିଶ୍ରମ କରି ପଢୁଛି । ହେଲେ କ'ଣ ହେବ ସେ ପଢ଼ାରେ ତା'ର ଆନ୍ତରିକତା ବା ନିଷ୍ଠା ନାହିଁ । ପଢ଼ିବା ସମୟରେ ତା' ସତ୍ତାର ସମସ୍ତ ଅଂଶ ପଢ଼ା ଉପରେ ଏକାଗ୍ର ନ ଥା'ନ୍ତି । ଖୁବ୍ କମ୍ ଅଂଶ ପଢ଼ାରେ ଲାଗିଥିବାବେଳେ ଅଧିକାଂଶ ଅଂଶ ଅନ୍ୟ ଚିନ୍ତାରେ ବ୍ୟସ୍ତ ଥାଆନ୍ତି କିଂବା ପଢ଼ାରେ ସହଯୋଗ କରୁ ନ ଥା'ନ୍ତି । ଆନ୍ତରିକଭାବେ ଶ୍ରଦ୍ଧାର ସହ ପଢ଼ିଲେ ନିଶ୍ଚୟ ଜଣେ ଯାହା ପଢ଼ିବ ତାକୁ ବୁଝିପାରିବ ଓ ମନେ ରଖିପାରିବ । ଯାହା ବୁଝି ନ

ହେବ ତାକୁ ଯେକୌଣସି ପ୍ରକାରେ ବୁଝିବାକୁ ଚେଷ୍ଟା କରିବ । ନ ବୁଝି ପାରିବା ପର୍ଯ୍ୟନ୍ତ ତା' ମନରେ କେବେ ବି ଶାନ୍ତି ଆସିବ ନାହିଁ । ଆନ୍ତରିକଭାବେ ପଢ଼ିଲେ ପରୀକ୍ଷା ବିଷୟ ନେଇ ଚିନ୍ତା କରିବାକୁ ହେବ ନାହିଁ । ସେଥିରେ ଆପେ ଭଲ ହେବ ।''

''ଆଚ୍ଛା, ଏମିତି ବି କ'ଣ ହୁଏ, ଜଣେ ଗୋଟିଏ କଥା ଖୁବ୍ ଆଗ୍ରହର ସହ ଚାହୁଁଥିଲା ଭଳି ଜଣାପଡ଼େ କିନ୍ତୁ ତା' ଭିତରେ କିଛି ଅଂଶ ସେ କଥାକୁ ଚାହୁଁ ନ ଥାଏ ?'' ପଚାରିଲା ଅନୁରକ୍ତା ।

''ହଁ, ଏପରି ତ ସବୁବେଳେ ଘଟେ । ବ୍ୟକ୍ତି ଗୋଟିଏ କଥାକୁ ଚାହୁଁଥିଲାବେଳେ ତା' ଭିତରେ ଗୋଟାଏ କିଛି ଅନ୍ୟ କଥା ଚାହୁଁଥାଏ । କିଂବା ଅନ୍ୟ କଥା ନ ଚାହିଁଲେ ବି ବ୍ୟକ୍ତି ଯେଉଁ କଥାଟି ଚାହୁଁଛି ସେ କଥାଟି ପୂରଣ କରିବା ପାଇଁ ତାକୁ ସାହାଯ୍ୟ କରୁ ନ ଥାଏ । ଯେତେବେଳ ପର୍ଯ୍ୟନ୍ତ ଏଇ ଅଂଶର ପ୍ରଭାବ ବେଶୀ ଥାଏ ବ୍ୟକ୍ତି ଯେତେ ଚେଷ୍ଟା କରୁଛି ବୋଲି ଭାବୁଥିଲେ ବି କାର୍ଯ୍ୟଟି କରିପାରେ ନାହିଁ । ଯେତେବେଳେ ତା'ର ଆନ୍ତରିକତାର ମାତ୍ରା ବୃଦ୍ଧି ପାଏ, ବିରୋଧୀ ଅଂଶର ପ୍ରଭାବ କମିଯାଏ ସେତେବେଳେ ସେ କାର୍ଯ୍ୟଟି ହାସଲ କରିପାରେ । କୌଣସି କାର୍ଯ୍ୟରେ ଜଣେ ପୂର୍ଣ୍ଣ ଆନ୍ତରିକ ହେବା ବହୁତ କ୍ୱଚିତ୍, ବହୁତ କଷ୍ଟ । ଆଚ୍ଛା, ତୁ ସେ କାଠୁରିଆ ବୁଢ଼ା କଥା ଶୁଣିନୁ ଯିଏ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା ତା' ଜୀବନଟାକୁ ନେଇଯିବା ଲାଗି ?''

''ନା, ମୁଁ ସେକଥା ଶୁଣି ନାହିଁ । ସେକଥା କ'ଣ କୁହ ।''

''ଆଚ୍ଛା, ତେବେ ଶୁଣ । ଗୋଟାଏ ବଡ଼ ଜଙ୍ଗଲ । ଜଙ୍ଗଲ ପାଖଦେଇ ବହିଯାଉଛି ଗୋଟାଏ ଟିକି ନଈ । ସେ ନଈ କୂଳରେ ଗୋଟିଏ ଟିକି ଗାଆଁ । ସେ ଗାଁର ଲୋକମାନେ ଭାରି ଗରିବ । ଟିକି ନଈରୁ ଟିକି ଟିକି ମାଛ ଧରି, ଆଉ ପାଖ ଜଙ୍ଗଲରୁ କାଠକାଟି ବଜାରରେ ବିକ୍ରିକରି ଚଳନ୍ତି । ତାଙ୍କର ଟିକି ଟିକି ଚାଳଘରଗୁଡ଼ିକରେ ସେମାନେ ରହନ୍ତି, ସେଇଥିରେ ରୋଷେଇ କରନ୍ତି, ସେଇଥିରେ ତାଙ୍କର ସବୁ ଜିନିଷ ବି ରହିଥାଏ । ଏଇଭଳି ଗୋଟିଏ ଟିକି ଚାଳଘରେ ଗୋଟିଏ ବୁଢ଼ା ରହୁଥିଲା ।

ବୁଢ଼ାର ଦୁଇ ପୁଅ ଓ ଗୋଟିଏ ଝିଅ । ବଡ଼ ପୁଅ ଓ ତା' ତଳ ଝିଅ ବିଭା ହୋଇ ଯାଇଛନ୍ତି । ବଡ଼ପୁଅ ବିଭାହେବା ପରେ ବୁଢ଼ାଠାରୁ ଅଲଗା ହୋଇଯାଇଛି । ସେ ବୁଢ଼ାକୁ ପଚାରେ ନାହିଁ । ତା' ରୋଜଗାରରେ ତା' ସ୍ତ୍ରୀ ଓ ସେ ଭଲ ଚଳନ୍ତି । ଝିଅଟି ବିଭା ହେବା ପରେ ତା' ଶାଶୂଘରେ ଥାଏ । ବୁଢ଼ା ପାଖକୁ କ୍ୱଚିତ୍ ଆସେ । ଆସିଲେ ବୁଢ଼ା ସାହାଯ୍ୟ ପାଇବା ତ ଦୂରର କଥା, ବରଂ ବୁଢ଼ା ଏ ବୟସରେ ଖଟି ଖଟି ତା' ଅଳ୍ପ ରୋଜଗାରରୁ କାଟି ଯାହା ରଖିଥାଏ ସେସବୁ ଝିଅକୁ ଦେଇ ବିଦା କରେ । ବୁଢ଼ାର କିଛି ସୁବିଧା ଅସୁବିଧା ହେଲେ ଗାଁ ଲୋକେ ବରଂ ଆସି ଟିକିଏ ଖବର ବୁଝନ୍ତି, କିନ୍ତୁ ବଡ଼

ପୁଅ ଓ ବୋହୂ ଟିକିଏ ଆଡ଼ ଆଖିରେ ବି ଚାହାନ୍ତି ନାହିଁ । ସାନ ପୁଅଟି ଛୋଟ । ନିଜେ ରୋଜଗାର କରି ନିଜ ପେଟ ପୋଷିବା ଭଳି ଉପଯୁକ୍ତ ହୋଇ ନାହିଁ । ଘରେ ବୁଢ଼ାକୁ ଟିକିଏ ରୋଷେଇବାସରେ ସାହାଯ୍ୟ କରେ । ବୁଢ଼ୀ ଅନେକ ଦିନୁ ମରିଯାଇଛି ।

ଦିନକର କଥା । ବୁଢ଼ା କିଛିଦିନ ଅସୁସ୍ଥ ହୋଇ ଘରେ ପଡ଼ିବା ପରେ ସେଦିନ ନୂଆ କରି ଜଙ୍ଗଲକୁ କାଠ କାଟିବା ଲାଗି ଯାଇଥାଏ । କାଠ କାଟି ସାରି ଫେରିଲା ବେଳକୁ ଛାଇଲେଉଟ । ବୁଢ଼ାକୁ ବହୁତ ହାଲିଆ ଲାଗୁଥାଏ । କାଠଗୋଛା ମୁଣ୍ଡରେ ଧରି ବୁଢ଼ା ଟଳ ଟଳ ହୋଇ ଆସୁଥାଏ । ଗାଁ ଆଉ ଅଳ୍ପ ବାଟ ରହିଲା । ତା' ସାଙ୍ଗର ସବୁଲୋକ କାଠ ନେଇ ଚାଲିଗଲେଣି । ବୁଢ଼ା ଗୋଟିଏ ଗୋଟିଏ ପାଦ ପକେଇ ଆସୁ ଆସୁ ଆଉ ଚାଲିପାରିଲା ନାହିଁ । କାଠ ଗୋଛାକୁ ଫୋପାଡ଼ି ଦେଇ ଗୋଟିଏ ଗଛକୁ ଆଉଜି ଥକାମାରି ବସିପଡ଼ିଲା ।

ଛାତି ପିଞ୍ଜରା ଥରାଇ ବୁଢ଼ାର ଗୋଟାଏ ଦୀର୍ଘଶ୍ୱାସ ବାହାରି ଆସିଲା । ଜୀବନ ପ୍ରତି ମମତା ତୁଟିଗଲା । ଆଉ ବଞ୍ଚି ଲାଭ କ'ଣ ? ସ୍ତ୍ରୀ ମଲା, ପୁଅକୁ ମଣିଷ କରି ବାହାସାହା କଲା, ସେ ବର୍ତ୍ତମାନ ଟିକିଏ ପଚାରୁ ନାହିଁ । ଝିଅ ତ ଯାଇ ତା'ର ଶାଶୂଘରେ ରହିଲା । ବେଳେବେଳେ କିଛି ପାଇବା ଆଶାରେ ଆସୁଛି । ସେତକ ଯଦି ନ ପାଏ ସେ ବି ଆଉ ଆସିବ କି ନାଇଁ ସନ୍ଦେହ । ସାନ ଟୋକାଟା ତ ଇଆଡୁ ଆଲ ବୋଲି କାଲ ବତାଇଲାଣି । ଆଉ ତା'ର ମୁଣ୍ଡକୁ ହାତ ପାଇଲେ, ହାତକୁ ଦି'ହାତ ହେଲେ କ'ଣ ନାହିଁ କ'ଣ କରିବ ତା' ବି କିଏ କହିବ ?

ବୁଢ଼ାକୁ ଜୀବନଟା ବହୁତ ନିଃସ୍ୱ, ନିଛାଟିଆ ଲାଗିଲା, ଅସହ୍ୟ ଲାଗିଲା । ଭଗବାନଙ୍କୁ ପ୍ରାର୍ଥନା କରି କହିଲା, 'ହେ ପ୍ରଭୁ, ମୁଁ ଆଉ ଦଣ୍ଡେ ବି ବଞ୍ଚି ରହିବାକୁ ଚାହେଁ ନାହିଁ । ମୋତେ ଏଇ ମୁହୂର୍ତ୍ତରେ ସଂସାର ଜୀବନରୁ ମୁକ୍ତି ଦିଅ, ପ୍ରଭୁ ! ଏତିକି ମୋର ମାଗୁଣି । ମୁଁ ଆଉ ତୁମଠାରୁ କିଛି ଚାହୁଁ ନାହିଁ । ମୋତେ ଯେତେ ଶୀଘ୍ର ପାର ଏଠାରୁ ନେଇଯାଅ ।'

ବୁଢ଼ାର ବିକଳ ପ୍ରାର୍ଥନା ପ୍ରଭୁ ବିଷ୍ଣୁ ସହିପାରିଲେ ନାହିଁ । ସଙ୍ଗେ ସଙ୍ଗେ ସେ ଜଣେ ଦୂତକୁ ପଠାଇଦେଲେ । ଦୂତ ଆସି କହିଲା, 'ଚାଲ, ଏ ସଂସାର ଛାଡ଼ି ମୋ ସଙ୍ଗରେ ଚାଲ । ପ୍ରଭୁଙ୍କ ପାଖକୁ ମୁଁ ତୁମକୁ ନେଇଯିବି ।'

ବୁଢ଼ା ଭାବି ନ ଥିଲା ପ୍ରଭୁ ଏମିତି ସାଙ୍ଗେ ସାଙ୍ଗେ ତା' ଜୀବନ ନେବା ଲାଗି ତାଙ୍କ ଦୂତକୁ ପଠାଇ ଦେବେ । କ'ଣ କରିବ, ବହୁତ ଅଡୁଆରେ ପଡ଼ିଗଲା । ଶେଷରେ ସେ ଦୂତଙ୍କ ପାଦତଳେ ଲମ୍ବା ହୋଇ ପଡ଼ିଯାଇ କହିଲା, 'ଆଜ୍ଞା, ମୁଁ କ'ଣ ପ୍ରଭୁଙ୍କୁ ଡାକୁଥିଲି ମୋ ଜୀବନ ନେବାକୁ ? ମୋର ତ ଏ ଦୁନିଆରୁ କାମ ସରି ନାହିଁ । ଛୋଟ

ପୁଅଟିଏ ଅଛି । ତା' ମୁଣ୍ଡକୁ ହାତ ପାଇ ନାହିଁ, ତାକୁ ହାତକୁ ଦିହାତ କରି ନାହିଁ, ଏତେ ଶୀଘ୍ର ଚାଲିଗଲେ କିପରି ହେବ ? ସବୁ କାମ ସରୁ, ବଳେ ମୁଁ ଏ ଜୀବନ ନେବା ଲାଗି ଡାକିବି । ବର୍ତ୍ତମାନ ଖାଲି କାଠ ବୋଝଟା ମୁଣ୍ଡକୁ ଉଠାଇ ପାରୁ ନ ଥିଲି ଯେ ସେଇଥିପାଇଁ ଜଣେ ଲୋକ ଦରକାର କରୁଥିଲି । ଆପଣ ତ ଆସି ଯାଇଛନ୍ତି ଟିକିଏ ମୁଣ୍ଡକୁ ଧରନ୍ତୁ । ବେଳ ଡେରି ହେଲାଣି, ମୋତେ ଶୀଘ୍ର ଘରେ ପହଞ୍ଚିବାକୁ ହେବ ।'

ଦେବଦୂତ ଏକଥା ଶୁଣି କାଠଭୂତ ପାଲଟିଗଲା । ତା' ପାଟିରୁ କଥା ବାହାରିଲା ନାହିଁ । ଚୁପ୍ କରି ବୁଢ଼ା ମୁଣ୍ଡକୁ କାଠ ବୋଝଟି ଟେକିଦେଇ ପଳେଇଲା ଯେ, ଯାଇ ଏକା ନିଃଶ୍ୱାସରେ ବିଷ୍ଣୁଙ୍କ ପାଖରେ ହାଜର । କହିଲା, 'ପ୍ରଭୁ, ତୁଛାଟାରେ ମୋତେ ସେ ବୁଢ଼ାଟା ପାଖକୁ ପଠାଇଲେ । ତା'ର ଏତେ ଟିକିଏ ତ ଜୀବନ ଛାଡ଼ିବାକୁ ଇଚ୍ଛା ନାହିଁ ।'

ବିଷ୍ଣୁ ଟିକିଏ ମୁରୁକି ହସି କହିଲେ, 'ମୁଁ ଜାଣିଥିଲି ସେ ବୁଢ଼ା କେବେ ଆସିବ ନାହିଁ । ତଥାପି ତୋତେ ମର୍ତ୍ତ୍ୟର ମଣିଷ ପ୍ରକୃତି ଟିକିଏ ଦେଖି ଆସିବା ଲାଗି ପଠାଇଥିଲି । ବୁଢ଼ା ଗୋଟିଏ ମୁହୂର୍ତ୍ତରେ ବ୍ୟସ୍ତ, ଦୁର୍ବଳ, ହତାଶ ବୋଧ କରି ମରିବାକୁ ଚାହୁଁଥିଲେ ବି ତା' ଭିତରେ ସବୁ ଅଂଶ ଚାହୁଁ ନ ଥିଲା । ସେଥିପାଇଁ ହଠାତ୍ ତୋତେ ଦେଖି ପକାଇ ବାଆଁରେଇ ବାଆଁରେଇ ଅସଲ କଥାଟାକୁ କଟେଇ, ତୋ ସାଙ୍ଗରେ ଆସିବ କ'ଣ ଓଲଟି ତୋ'ଠାରୁ କାମ ହାସଲ କରେଇ ନେଲା । ଏଇ ହେଉଛି ନିଷ୍ଠାହୀନତା, ଅନାନ୍ତରିକତା ।'

ମା' କହିଛନ୍ତି ଭଗବାନଙ୍କୁ ପାଇବାକୁ ହେଲେ ଅଭୀପ୍ସା ଓ ସମର୍ପଣରେ ସଂପୂର୍ଣ୍ଣ ନିଷ୍ଠା ଓ ଆନ୍ତରିକତା ଥିବା ଦରକାର । ଗୋଟିଏ ଅଂଶ ଚାହୁଁଥିବ, ଅନ୍ୟ ଅଂଶ ଚାହୁଁ ନ ଥିବ, ଅନ୍ୟ କଥାରେ ବ୍ୟସ୍ତ ଥିବ, ତା'ହେଲେ ଭଗବାନଙ୍କୁ ପାଇବା କଷ୍ଟ ହେବ । ସେ କହିଛନ୍ତି –

*'To be sincere, all the parts of the being must be united in the aspiration for the Divine.'*

'ଆନ୍ତରିକ ହେବାକୁ ହେଲେ, ସତ୍ତାର ସକଳ ଅଂଶକୁ ଭଗବାନଙ୍କ ପ୍ରତି ଅଭୀପ୍ସାରେ ଏକ ହେବାକୁ ହେବ ।'

ଆମେ ଦେଖିଲେ କାଠୁରିଆ ବୁଢ଼ା କ୍ଷେତ୍ରରେ ତା'ର ସତ୍ତାର କିଛି ଅଂଶ ମରିବାକୁ ଚାହୁଁଥିଲେ, ଆଉ କିଛି ଅଂଶ ଚାହୁଁ ନ ଥିଲେ । ତେଣୁ ତା'ର ଇଚ୍ଛା ଆନ୍ତରିକ ନ ଥିଲା । ଆଉ କେତେକ ଲୋକ ଅଛନ୍ତି ବିଲୁକୁଲୁ ସେମାନଙ୍କର ଇଚ୍ଛା ନ ଥିବ, କିନ୍ତୁ ବାହାରକୁ ଇଚ୍ଛା ଥିଲା ଭଳି ଛଳନା କରିବେ ।''

''ସେଇଭଳି ଗୋଟିଏ କଥା ଆଜି କୁହ । ଯାହାର କି ଆଦୌ ଇଚ୍ଛା ନ ଥିବ, କିନ୍ତୁ ଇଚ୍ଛା ଥିଲା ଭଳି ସେ ଛଳନା କରୁଥିବ ।'' ଆଗ୍ରହର ସହ କହିଲା, ଅନୁରକ୍ତା ।

''ନା, ଆଜି ଡେରି ହୋଇଗଲାଣି । ପୁଣି କାଲିକି କହିବି । ଖାଲି ଏତିକି ଶୁଣିଥା –

ସକଳ ସତ୍ତାରେ ଆନ୍ତରିକ ଆମେ
ପାରିଲେ ହୋଇ,
ଏଇ ଜଗତରେ ଅଛି କିଛି କାମ
ପାରିବା ନାହିଁ ?''

# ଅନାନ୍ତରିକତାହିଁ ପତନର ମାର୍ଗ

''ତୁମେ ଆରଥର କହୁଥିଲ କାଠୁରିଆ ବୁଢ଼ାର ମରିବାକୁ ଇଚ୍ଛା ମଧ୍ୟରେ ଟିକିଏ ହେଲେ ବି ଆନ୍ତରିକତା ନ ଥିଲା; କିନ୍ତୁ କେତେକ ଲୋକ ଅଛନ୍ତି ବାହାରକୁ ଗୋଟିଏ କାମ କରୁଥିବେ, କିନ୍ତୁ ଭିତରେ ଟିକିଏ ଆନ୍ତରିକତା ବି ନ ଥିବ ବରଂ ତା'ର ବିପରୀତ ଭାବ ଥିବ । ଆଜି ସେଇଭଳି ଗୋଟିଏ କଥା କୁହ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ମୁଁ କ'ଣ କହିବି ? ମା' ତ ଏ ସମ୍ବନ୍ଧେ ଗୋଟିଏ ସୁନ୍ଦର ଗପ କହିଛନ୍ତି । ମା' 'ଗଳ୍ପଶ୍ରୀ'ରେ କହିଥିବା ସେ ଗଧିଆ କଥା ଜାଣିନୁ ?'' ପଚାରିଲା ଚିନ୍ମୟ ।

''ନାଁ, ମୋର ମନେ ନାହିଁ । ତୁମେ ଆଉ ଥରେ କୁହ ।''

''ଆଚ୍ଛା, ତେବେ ଶୁଣ । ଥରେ କ'ଣ ହୋଇଛି ନା ଗଙ୍ଗାନଦୀ କୂଳରେ ଏକ ପାହାଡ଼ ଗୁମ୍ଫାରେ ଗୋଟିଏ ଗଧିଆ ବାସ କରୁଥିଲା । ନଦୀ ଯେଉଁଠୁ ବାହାରିଛି ସେଠୁ ବରଫ ତରଳିବା ଆରମ୍ଭ ହେବାରୁ ନଦୀର ଜଳ ଧୀରେ ଧୀରେ ବଢ଼ିବାକୁ ଲାଗିଲା । ଏତେ ପରିମାଣରେ ଜଳ ବଢ଼ିଗଲା ଯେ ଗଧିଆଟା ରହୁଥିବା ପାହାଡ଼ ଚାରିପଟେ ଜଳ ମାଡ଼ିଗଲା । ଫଳରେ ଗଧିଆଟି ଖାଦ୍ୟ ଖୋଜିବାକୁ ବାହାରକୁ ଯିବାକୁ ଅକ୍ଷମ ହୋଇପଡ଼ିଲା । ଖାଇବା ପାଇଁ ପାଖରେ କିଛି ନ ଥିବାର ଦେଖି ସେ ମନକୁ ମନ ଭାବିଲା, 'ଆଚ୍ଛା, ଆଜି ମୋର ଈଶ୍ୱର ଆରାଧନାର ଦିନ, ଆଜି ଏଇ ଶୁଭ ଦିନକୁ ସ୍ୱାଗତ ଜଣାଇବା ନିମନ୍ତେ ମୁଁ ଉପବାସ କରିବି' ।

ଏହିପରି ଭାବି ଏଇ ଶୁଭ ଦିନରେ ଉପବାସ ବ୍ରତ ପାଳନ କରିବା ଲାଗି ଗଧିଆ ଖୁବ୍ ଗୁରୁଗମ୍ଭୀର ମୂର୍ତ୍ତି ଧାରଣ କରି ପଥର ଧାରରେ ବସିଲା । ଖୁବ୍ ଭକ୍ତିପୂର୍ଣ୍ଣ ଭାବେ ବସିଛି । ଏତିକିବେଳେ କ'ଣ ହେଲା ନା ଜଳର ଅନ୍ୟ ଧାରରୁ ଗୋଟିଏ ଛେଳି ପଥରରୁ ପଥରକୁ ଡେଇଁ ଡେଇଁକା ସେଠାରେ ଆସି ପହଞ୍ଚିଗଲା । ଛେଳିଟିକୁ ଦେଖିବା ମାତ୍ରେ ଗଧିଆ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଉଠିଲା । ଭାବିଲା ଯେ, ଆଃ, ଯାହାହେଉ ଖାଇବା ଲାଗି କିଛି ଜିନିଷ ମିଳିଗଲା !

ଏହା ଭାବି ସେ ଛେଳିଟି ଉପରକୁ ଲମ୍ଫ ଦେଲା । କିନ୍ତୁ ସେ ଲକ୍ଷ୍ୟଭ୍ରଷ୍ଟ ହେଲା । ଛେଳିକୁ ଧରିପାରିଲା ନାହିଁ । ଦ୍ୱିତୀୟ ଥର ଲମ୍ଫ ଦେଲା । ଏଥର ବି ସେଇ ଏକାଦଶା ହେଲା । ଛେଳିଟି ନିଜ ଜୀବନ ବଞ୍ଚାଇବା ଲାଗି ଜଳର ଖରସ୍ରୋତରେ ପାରହୋଇ ଗଧିଆଠାରୁ ବହୁ ଦୂରକୁ ପଳାଇଗଲା ।

ଗଧିଆଟି ପୁଣି ସାଧୁ ପାଲଟିଯାଇ କହିଲା, 'ଠିକ୍ ଅଛି, ପବିତ୍ର ଈଶ୍ୱର ଆରାଧନାର ଦିନରେ ଗୋଟାଏ ଛେଳିମାଂସ ଖାଇ ମୁଁ କ'ଣ ଅସାଧୁତାର ପରିଚୟ ଦେବି ! ନା, ନା, ଆଜି ଉପବାସ ବ୍ରତରେ ମାଂସର ନାମ ପର୍ଯ୍ୟନ୍ତ ସ୍ମରଣ କରିବାକୁ ହେବ ନାହିଁ ।'

ଏହି ଗପଟି ଶେଷରେ ମା' କହିଛନ୍ତି : ଏହି ଗଧିଆ, ତା'ର ଭକ୍ତିଭାବ ଏବଂ ଉପାସନାର ଦିନ ପ୍ରତି ତା'ର ଯେଉଁ ଶ୍ରଦ୍ଧା – ଏସବୁ ଦେଖି ତୁମର ତା' ସମ୍ବନ୍ଧରେ କି ଧାରଣା ହେଉଛି ? ତାହାର ଭଣ୍ଡାମି ଦେଖି ହୁଏତ ତୁମକୁ ହସ ମାଡୁଥିବ, କିନ୍ତୁ ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନେ ଠିକ୍ ଏହି ଗଧିଆ ପରି ନୈଷ୍ଠିକ । ସେମାନେ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବହୁତ ବଡ଼ ବଡ଼ କଥା କହନ୍ତି । ଆଉ ଯେତେବେଳେ ସେମାନଙ୍କ ପାପବୃତ୍ତିକୁ ଅବାଧ ଭାବରେ ଆଚରଣ କରିପାରି ନ ଥା'ନ୍ତି ସେତେବେଳେ ସେମାନେ ଭଣ୍ଡ ସାଧୁ ଭଳି ଆଚରଣ କରିଥା'ନ୍ତି । କିନ୍ତୁ ତୁମେମାନେ କ'ଣ ଭାବୁଛ ଯେ ଶଠତା ଦ୍ୱାରା କେବେହେଲେ ଏହିପରି କପଟୀ ଲୋକମାନେ ସେମାନଙ୍କ ସମସ୍ତ ଚାଲାଖି ଓ କପଟତା ସତ୍ତ୍ୱେ ସତ୍ୟ ଓ ନ୍ୟାୟ ଆଚରଣ କରୁଥିବା ଲୋକମାନଙ୍କ ବିରୋଧରେ ଚିରଦିନ ଛିଡ଼ା ହୋଇପାରିବେ ?''

''ଆଚ୍ଛା, ଯେଉଁମାନେ କପଟ ଆଚରଣ କରନ୍ତି, ଯେଉଁମାନଙ୍କ ଭିତରେ ଆନ୍ତରିକତା ନ ଥାଏ କିନ୍ତୁ ବାହାରେ ଛଳନା କରନ୍ତି, ଶେଷରେ ସେମାନଙ୍କ କପଟତା କ'ଣ ସତରେ ଧରାପଡ଼େ ?'' ଗପଟି ଶୁଣିସାରି ପଚାରିଲା ଅନୁରକ୍ତା ।

''ଖାଲି ଧରାପଡ଼ନ୍ତି ନାହିଁ । ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତାଙ୍କ କପଟତା ଓ ମିଥ୍ୟା ଆଚରଣ ଲାଗି ସେମାନେ ଦଣ୍ଡ ମଧ୍ୟ ପାଇଥାଆନ୍ତି ।''

''ଆଚ୍ଛା ! ମୋତେ ସେଇଭଳି ଗୋଟିଏ କଥା କୁହ ଯେଉଁଥିରେ କି ଜଣେ କପଟ ଆଚରଣ କରି ଶେଷରେ ଧରାପଡ଼ି ଦଣ୍ଡ ପାଇଥିବ ।''

''ଏପରି ଉଦାହରଣ ତ ଅନେକ ଅଛି । ତେବେ ଗୋଟିଏ କଥା କହୁଛି ଶୁଣ :

ଗୋଟିଏ ଜଙ୍ଗଲରେ ଥିଲେ ଦଳେ ଠେକୁଆ । ଠେକୁଆ ଛୁଆଗୁଡ଼ିକ ଦଳ ଦଳ ହୋଇ ଖେଳନ୍ତି, ଚରନ୍ତି, ବୁଲନ୍ତି । ସେମାନଙ୍କ ଭିତରେ ଗୋଟିଏ ଠେକୁଆ ଛୁଆ ଥିଲା ଭାରି ପେଟୁ । ଘାସ ଚରୁଥିବ ଯଦି ତ ଚରୁଥିବ, ଆଉ କୁଆଡ଼କୁ ନିଘା ନ ଥିବ । ଥରେ ଏମିତି ଚରୁ ଚରୁ ଦଳ ଛାଡ଼ି ଦୂରକୁ ଚାଲି ଯାଇଛି । ସେତିକିବେଳେ ଗୋଟିଏ ବିଲୁଆର ତା' ଉପରେ ନଜର ପଡ଼ିଗଲା । ସେ ଛପି ଛପି ଯାଇ ତାକୁ ଖାପୁକିନା ମାଡ଼ି ବସିଲା । ବିଲୁଆ ତାକୁ ଖାଇବାକୁ ବସିଥିଲା, କିନ୍ତୁ ଦେଖିଲା ଦୂରରେ ଅନେକ ଠେକୁଆଛୁଆ ଚରୁଛନ୍ତି । ଭାବିଲା, ଏଇ ଗୋଟାକୁ ଖାଇ ଲାଭ କ'ଣ ? ସମସ୍ତଙ୍କୁ ଯଦି କୌଣସି

ଉପାୟରେ ଧରିପାରନ୍ତି ତେବେ ଅନେକ ଦିନଯାଏ ମୋର ଆଉ ଖାଦ୍ୟ ଚିନ୍ତା ରହିବ ନାହିଁ । ଏଇଆ ଭାବି ସେ ପେଟୁ ଠେକୁଆଛୁଆଟିକୁ ନ ଖାଇ ତା'ର କାନ ଧରି ଠେକୁଆ ପଲ ଆଡ଼କୁ ଗଲା । ବିଲୁଆକୁ ଦେଖି ଠେକୁଆମାନେ କିଏ କୁଆଡ଼େ ପଳାଇଗଲେ । କିନ୍ତୁ ପେଟୁ ଠେକୁଆଛୁଆର ମା ତା' ପୁଅକୁ ବିଲୁଆ ଧରିଥିବାର ଦେଖି କାନ୍ଦି କାନ୍ଦି ତା' ପାଖକୁ ଆସି ତା' ପୁଅକୁ ଛାଡ଼ିଦେବାକୁ କହିଲା । ବିଲୁଆ ଟିକେ ମୁରବିପଣିଆ ଦେଖାଇ କହିଲା, 'ସେଇଥି ପାଇଁ ତ ତା' କାନ ଧରି ଆଣିଛି । ଦେଖ, ୟାକୁ ଆଉ କେବେ ଏକା ଦୂରକୁ ଛାଡ଼ିବ ନାହିଁ । ଏଇଟା ଗୋଟେ ବୋକା । ଚରି ଚରିକା ଯାଇ ବାଘ ଗୁମ୍ଫା ପାଖରେ ହାଜର । ଯୋଗକୁ ମୁଁ ଦେଖି ପକାଇଲି ବୋଲି ସିନା, ନଇଲେ ତ ଏତେବେଳକୁ ବାଘ ପେଟରେ ହଜମ ହୋଇ ସାରନ୍ତାଣି !'

ପେଟୁର ମା' ବିଲୁଆର ଏଇ ଉଦାର ପରୋପକାର ଗୁଣରେ ମୁଗ୍ଧ ହେଲା । ପେଟୁକୁ ବହୁତ ଗାଳିଦେଲା । କହିଲା, 'ଆଉ ଦିନେ ଯଦି ଛାଡ଼ି ଏକୁଟିଆ କୁଆଡ଼େ ଯିବୁ ତେବେ ଦେଖିବୁ । ଯୋଗକୁ ବିଲୁଆନନାଙ୍କ ନଜରରେ ପଡ଼ିଗଲୁ ବୋଲି, ନହିଲେ ତ ଏତେବେଳକୁ ତୋତେ ବାଘ ଖାଇ ସାରନ୍ତାଣି ।' ପୁଅକୁ ଏତକ ତାଗିଦ୍ କରି ବିଲୁଆନନାକୁ କୃତଜ୍ଞତାର ସହ ବହୁତ ଧନ୍ୟବାଦ ଜଣାଇଲା ।

ଏମାନଙ୍କର ଏପରି କଥାବାର୍ତ୍ତା ଚାଲିଥିବା ବେଳେ ଅନ୍ୟ ଠେକୁଆମାନେ କୌତୂହଳୀ ହୋଇ ଗୋଟିଏ ଗୋଟିଏ ପାଖକୁ ଆସିଲେଣି । ବିଲୁଆନନା ସବୁ କଅଁଳିଆ ଠେକୁଆଛୁଆଙ୍କୁ ଦେଖି ତା' ପାଟିରୁ ବୋହି ପଡୁଥିବା ଲାଳକୁ ଲୁଚେଇ ଲୁଚେଇ ଚାଟି ଦେଇ କଅଁଳେଇ କରି କହିଲା, 'ଆଚ୍ଛା, ପିଲାଏ, ତୁମେମାନେ ଏକପ୍ରକାର ନରମ ମିଠା ଘାସ ଖାଇବାକୁ ଚାହଁ ?'

କେହି ପାଟି ନ ଫିଟାଉଣୁ ପେଟୁ ଆଗକରି କହିପକାଇଲା, 'ହଁ' । ଅନ୍ୟମାନେ ଭୟ କଲେ । କେହି ହଁ ଭରିଲେ ନାହିଁ । ପେଟୁର ବିଲୁଆନନା ପ୍ରତି ଭୟ ଛାଡ଼ିଯାଇଛି ଓ ତା' ମା'ର ବି । ବିଲୁଆ କହିଲା, 'ହଉ, କେହି ନ ଗଲେ ନାହିଁ, ତତେ ମୁଁ କାଲିକୁ ନେଇଯିବି ।' ଚତୁର ବିଲୁଆ ସେଠାରୁ ଫେରି କ'ଣ କଲା ନା ଗୋଟିଏ ଆଖୁକିଆରିରେ ପଶି କିଛି ଆଖୁ ଆଣି ଗୋଟିଏ ଜାଗାକୁ ଗଲା । ସେ ଜାଗାର ଚାରିପାଖରେ କାନ୍ଥ ଭଳି ଖାଲି ତିଖ ପାହାଡ଼ । ଭିତରକୁ ପଶିବାକୁ ଗୋଟିଏ ସରୁ ବାଟ ଥାଏ । ସେହି ଜାଗାରେ କିଛି ଘାସ ଥାଏ । ବିଲୁଆ ସେହି ସରୁ ବାଟ ବାଟେ ତା' ଭିତରକୁ ପଶି ସେ ଘାସରେ ଆଖୁକୁ ଚୋବାଇ ତା'ର ରସ କିଛି କିଛି ପକାଇ ଦେଲା । ତା'ର ପରଦିନ ସକାଳୁ ଯାଇ ପେଟୁ ପାଖରେ ପହଞ୍ଚିଗଲା ।

ପେଟୁକୁ ରାତିସାରା ନିଦ ନ ଥିଲା । ଖାଲି ମିଠା ଘାସର ସ୍ୱପ୍ନ ଦେଖୁଥାଏ ।

ବିଲୁଆନନା ତାକୁ କେତେ ଭଲପାଏ ଭାବି କୁରୁଳି ଉଠୁଥାଏ । କିପରି ସକାଳ ହେବ ଚାହିଁ ବସିଥାଏ । ଯେମିତି ବିଲୁଆନନାକୁ ଦେଖିଛି ସେମିତି କୁଦାଟାଏ ମାରିଦେଇ ତା' ପଛେ ପଛେ ଚାଲିଲା । ଅନ୍ୟ ଛୁଆମାନେ ଭୟ କରି ବିସ୍ମୟରେ ଅବାକ୍ ହୋଇ ଚାହିଁଥା'ନ୍ତି । ପେଟୁ ସେ ଜାଗାକୁ ଯାଇ ଘାସରେ ମୁହଁ ମାରିବା ମାତ୍ରେ ଆଖୁର ମଧୁର ରସର ସ୍ୱାଦ ତା' ପାଟିରେ ବାଜିଲା । ପେଟୁର ଆନନ୍ଦ ଆଉ ଦେଖେ କିଏ ! ମନ ବୋଧ କରି ଘାସ ଖାଇ ଘରକୁ ଫେରିଲା । ଘରେ ତା'ର ସାଙ୍ଗ ଓ ଅନ୍ୟ ଠେକୁଆମାନେ ଏକଥା ଶୁଣି ସେମାନଙ୍କ ପାଟିରୁ ବି ଲାଳ ବୋହିଲା । ତା'ପର ଦିନ ବିଲୁଆନନାର ଜୟ ହେଉ ବୋଲି ପାଟି କରି କମ୍ପାଉ ଥାଆନ୍ତି । ସେ ସରୁ ବାଟ ଦେଇ ସମସ୍ତେ ସେ ଜାଗାକୁ ପଶିଯିବା ପରେ ବିଲୁଆନନା ଆଗରୁ ପାହାଡ଼ ଉପରେ ଥିବା ଗୋଟିଏ ବଡ଼ ପଥରକୁ ଗଡ଼ାଇ ଦେଲା । ବର୍ତ୍ତମାନ ସରୁ ବାଟଟି ବନ୍ଦ ହୋଇଗଲା । ସେ ପଥର ଉପରେ ନିଜେ ବସି ରହିଲା । ଠେକୁଆମାନଙ୍କୁ  ଚାହିଁ ଜିଭରେ ଓଠ ଚାଟିଲା । ଠେକୁଆମାନେ ସ୍ୱପ୍ନରେ ସୁଧା ଭାବି ନ ଥିଲେ ଏପରି ହେବ ବୋଲି । ବର୍ତ୍ତମାନ ସେମାନେ ଜାଣିପାରିଲେ ସେମାନଙ୍କର ମୃତ୍ୟୁ ସୁନିଶ୍ଚିତ । ଆଉ ବିଲୁଆ କବଳରୁ ଉଦ୍ଧାରର ଉପାୟ ନାହିଁ । ସେମାନେ ଆଉ ଘାସ ଚରିବେ କ'ଣ, ଭୟରେ କାକୁସ୍ଥ ହୋଇ ଗୋଟିଏ କୋଣରେ ବସି ରହିଲେ । ଠେକୁଆମାନଙ୍କ ଦଳପତି କହିଲା, 'ଆଉ ତ ଆମର ରକ୍ଷା ପାଇବାର କିଛି ଉପାୟ ନାହିଁ । ଖାଲି ନୀରବରେ ବସି ଭଗବାନଙ୍କୁ ପ୍ରାର୍ଥନା କରିବା । ସେହି ଯଦି କୌଣସିମତେ ରକ୍ଷା କରିବେ ତ କରିବେ, ନହେଲେ ନାହିଁ ।' ଜୀବନ ବିକଳରେ କାତର ହୋଇ ସମସ୍ତେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ ।

ଏଣେ କ'ଣ ହେଇଛି ନା ବିଲୁଆ ଠେକୁଆପଲଙ୍କୁ ଧରି ଆସିଲାବେଳେ ଗୋଟିଏ ବିରାଟ ହନୁମାଙ୍କଡ଼ ଗଛ ଉପରେ ଥାଇ ଏସବୁ ଦେଖୁଥିଲା । ବିଲୁଆର ଏସବୁ କାଣ୍ଡରେ ତା'ର ସନ୍ଦେହ ଆସୁଥିଲା । ଆଉ ସତକୁ ସତ ମଧ ଦେଖିଲା ବିଲୁଆ ବିଶ୍ୱାସଘାତକତା କରି, ବନ୍ଧୁର ଛଳନା କରି ସବୁ ଠେକୁଆଙ୍କୁ ଖାଇବା ଲାଗି ବନ୍ଦି କରିଦେଲା । ମାଙ୍କଡ଼ଟି କିପରି ଠେକୁଆମାନଙ୍କୁ ଉଦ୍ଧାର କରିବ ତା'ର ଉପାୟ ଚିନ୍ତା କରୁଛି, ଏତିକିବେଳେ ଅନ୍ୟ ଦିଗରୁ ଗୋଟିଏ ବିରାଟକାୟ ମହାବଳ ବାଘ ଆସି ପହଞ୍ଚିଗଲା । ମାଙ୍କଡ଼ର ଆହୁରି ଭୟ ହେଲା । କିନ୍ତୁ ଘଟନା ଭିନ୍ନ ପ୍ରକାରେ ଘଟିଲା ।

ବିଲୁଆ ବାଘକୁ ଦେଖି ଭାବିଲା, 'ଆରେ, ଆରେ, ଏଇଟା ତ ସବୁ ଭଣ୍ଡୁର କରିଦେବ । ଯଦି ଜାଣିବ ଏହା ଭିତରେ ଠେକୁଆ ପଲ ଅଛନ୍ତି ତେବେ ଏକାଥରେ ସବୁ ଖାଇଦେବ । ମୋ ପାଇଁ ଆଉ ଗୋଟିଏ ବି ରଖିବ ନାହିଁ । କ'ଣ କରିବ ଭାବୁଛି,

ଏତିକିବେଳେ ବାଘ ତା'ର ଟିକିଏ ପାଖକୁ ଆସି କହିଲା, 'କାହାକୁ ଜଗି ବସିଛୁ କି ?' ବିଲୁଆ ପଥର ଉପରୁ ଡେଇଁପଡ଼ି ବାଘ ପାଖକୁ ଚାଲିଯାଇ ତାକୁ ଆଉ ଟିକିଏ ଦୂରକୁ, ଗୋଟିଏ ଗଛ ଉହାଡ଼କୁ ନେଇଯାଇ ଚୁପ୍‌ଚୁପ୍ କରି କହିଲା, 'ସେ ଜାଗାରେ ଖାଲି ମାଳ ମାଳ କଙ୍କଡ଼ାବିଛା । ସେଇମାନଙ୍କୁ ଦେଖି ତ ମୁଁ ତଟସ୍ଥ ହୋଇ ଚାହିଁଛି, ଆଉ ।' ବାଘ କହିଲା, 'କଙ୍କଡ଼ାବିଛାଙ୍କୁ ଚାହିଁ ତୁ ଓଠ ଚାଟୁଥିଲୁ କାହିଁକି ?' ବିଲୁଆ କହିଲା, 'ନାହିଁ, ନାହିଁ, ମୁଁ ସେମାନଙ୍କୁ ଦେଖି ଓଠ ଚାଟୁ ନ ଥିଲି । ମୋର କାଲି ରାତିରେ ଗୋଟିଏ ସ୍ୱପ୍ନକଥା ମନେ ପଡ଼ିଲା ଯେ ସେଇକଥା ଭାବି ମୁଁ ଓଠ ଚାଟୁଥିଲି ।' ବାଘ କହିଲା, 'କି ସ୍ୱପ୍ନ ତୁ କାଲି ଦେଖିଲୁ ?' ବିଲୁଆ କହିଲା, 'କ'ଣ କହିବି, ସେ ସ୍ୱପ୍ନ କଥା ! ସେ କଥା ଏବେ ବି ମନେ ପଡ଼ିଲା ବେଳକୁ ଖାଲି ପାଟିରୁ ଲାଳ ବୋହୁଛି ।' ବାଘ ଆହୁରି ଉତ୍କଣ୍ଠିତ ହୋଇ କହିଲା, 'କ'ଣ ସେ କଥା ଶୀଘ୍ର କହ ।' ବିଲୁଆ କହିଲା, 'ସ୍ୱପ୍ନରେ ଆଉ ତୁମ ଛଡ଼ା ମୁଁ କାହାକୁ ଦେଖିବି ? ତୁମ ଭଳି ବୀର ଆଉ ପରୋପକାରୀ ଏ ଜଙ୍ଗଲରେ କିଏ ଅଛି ଯେ ମୋର ସ୍ୱପ୍ନର ନାୟକ ହେବ ?' ବାଘ ଆହୁରି ବେଶୀ ଉତ୍‌କଣ୍ଠିତ ହୋଇ କହିଲା, 'ଶୀଘ୍ର କହ କ'ଣ ଘଟିଲା ।' ବିଲୁଆ ଟିକିଏ ହସିଦେଇ କହିଲା, 'ଆଉ ହବ କ'ଣ ? ମୁଁ ସ୍ୱପ୍ନରେ ଦେଖିଲି, ଏଇ ପାହାଡ଼ର ପୂର୍ବ ଦିଗକୁ ଅଳ୍ପ ଦୂରରେ ଗୋଟିଏ ସୁନ୍ଦର ହରିଣ ଚରୁଛି । ଆପଣ ତାକୁ ଏକ କୁଦାରେ ମାଡ଼ି ବସିଛନ୍ତି । ମାଡ଼ିବସି ତାକୁ ମାରି ପେଟପୂରା ଖାଇସାରିବା ପରେ ଅବଶିଷ୍ଟ ମାଂସତକ ମୋତେ ଦେଇ ଦେଇଛନ୍ତି ।' ବାଘ କହିଲା, 'ଆଚ୍ଛା, ତା' ହେଲେ ଚାଲ ଯିବା । ଦେଖିବା ସେ ଜାଗାରେ ହରିଣ ଅଛି କି ନାହିଁ । ବିଲୁଆ କହିଲା, 'ଆଜ୍ଞା, ସ୍ୱପ୍ନ କ'ଣ ମିଥ୍ୟା ହୁଏ ? ଆପଣ ଯାଆନ୍ତୁ; ନିଶ୍ଚୟ ହରିଣକୁ ପାଇବେ । ମୋତେ ତ ଆପଣଙ୍କ ଭଳି ଶିକାର ଆସେ ନାହିଁ । ମୁଁ ଆପଣଙ୍କ ସାଙ୍ଗରେ ଗଲେ କାଳେ କେତେବେଳେ ଯଦି କିଛି ଶବ୍ଦ ହୋଇଯିବ, ହରିଣ ଡିଆଁମାରି ପଳେଇବ । ଆପଣଙ୍କୁ ଶିକାର ଲାଗି କଷ୍ଟ ହବ । ଆପଣ ଯାଇ ମାରିସାରନ୍ତୁ, ମୁଁ ଟିକିଏ ପରେ ଯାଉଛି ।' ବାଘ ବିଲୁଆ କଥାରେ ବିଶ୍ୱାସ କରି ଯିବାକୁ ଉଦ୍ୟତ ହେଲା ।

'ଏଣେ କ'ଣ ହୋଇଛି ନା, ଯେମିତି ବିଲୁଆ ବାଘ ପାଖକୁ ଯାଇଛି ସେମିତି ମାଙ୍କଡ଼ ଗଛରୁ ଓହ୍ଲାଇ ସେ ପଥରକୁ ଘୁଞ୍ଚାଇବାକୁ ଚେଷ୍ଟା କରିଛି । କିନ୍ତୁ ବଡ଼ ପଥରଟା ସେ ସନ୍ଧିରେ ଲାଖିଯାଇଥିବାରୁ ତାକୁ ଆଉ ଠେଲି ପାରି ନାହିଁ । ଶେଷକୁ କ'ଣ କରିଛି ନା ସେଇ ପଥର ପାଖରେ ଟିକିଏ ନଇଁ କରି ଠିଆ ହୋଇ ଠେକୁଆମାନଙ୍କୁ କହିଛି ତା' ପିଠି ଉପରେ ଚଢ଼ି ଆର ପାଖକୁ ଡେଇଁ ପଳାଇଯିବା ଲାଗି । ସବୁ ଠେକୁଆ ଗୋଟି ଗୋଟି ହୋଇ ତା' ପିଠି ଉପରେ ଚଢ଼ି ଡେଇଁ ପଳାଇଗଲେ । ଶେଷକୁ ବିଲୁଆ ଦେଖି

ପକାଇଲା । ବାଘ ସେତିକିବେଳେ ହରିଣ ଶିକାର ଲାଗି ଯିବାକୁ ଉଦ୍ୟତ ହୋଇଛି । ବିଲୁଆ ପାଟିରୁ ହଠାତ୍ ବାହାରି ପଡ଼ିଲା, 'ଆରେ, ମୋ ଠେକୁଆଯାକ ସବୁ ପଳାଇଲେ !'

ବାଘ ବି ଚାହିଁଦେଲା । ଦେଖିଲା ବେଳକୁ ଠେକୁଆଗୁଡ଼ାକ ପ୍ରାଣବିକଳରେ ଦୌଡ଼ି ପଳାଇ ଯାଉଛନ୍ତି । ବାଘ କହିଲା, 'ତୁ ବର୍ତ୍ତମାନ କହୁଥିଲୁ, ସେଥିରେ କଙ୍କଡ଼ାବିଛା ଅଛନ୍ତି ବୋଲି, ଆଉ ଏବେ କହୁଛୁ, ମୋ ଠେକୁଆଗୁଡ଼ାକ ପଳାଇଗଲେ ବୋଲି ? ପାଜି, ବଦମାସ୍, ତୋ ମୁଣ୍ଡ ଚୂନା କରିଦେବି ।' ବିଲୁଆ କହିଲା, 'ବାଘମାମୁ, ବର୍ତ୍ତମାନ କ'ଣ ରାଗିବା ବେଳ ? ଆସ ନା, ଗୋଡ଼ାଇ ଗଲେ କିଛି ଠେକୁଆ ହେଲେ ତ ପାଇଯିବା ।' ବାଘ ଭାବିଲା, ଠିକ୍ କଥା । ଠେକୁଆମାନେ ବେଶୀ ଦୂର ଯାଇ ନାହାନ୍ତି । ଗୋଡ଼ାଇଗଲେ କିଛିଟା ଶିକାର ହୋଇପାରିବ । ଏଇଆ ଭାବି ଦଉଡ଼ିବାକୁ ଉଦ୍ୟତ ହୋଇଛନ୍ତି ତ ସଙ୍ଗେ ସଙ୍ଗେ ମାଙ୍କଡ଼ ଗଛ ଡାଳରୁ ଥାଇ କହିଲା, 'ବିଲୁଆନନା, ତୁମେ ଯେଉଁ ହରିଣ ଛୁଆ ସବୁ ସେଠି ରଖିଛ ତାଙ୍କୁ ବାଘମାମୁଙ୍କୁ ଦଉନା, ଠେକୁଆ ନ ହେଲେ ନାହିଁ ।' ଠେକୁଆମାନଙ୍କୁ ରକ୍ଷା କରିବାକୁ ଆଉ କିଛି ଉପାୟ ନ ପାଇ ମାଙ୍କଡ଼ ଏତକ କହିଲା । ବାଘ ଏକଥା ଶୁଣି ରାଗରେ ନିଆଁ ହୋଇଯାଇ ବିଲୁଆକୁ କହିଲା, 'ପାଜି, ବଦମାସ, ଭଣ୍ଡ, କେଉଁଠି ହରିଣଛୁଆ ସବୁ ରଖିଛୁ ଦେଖା, ନ ହେଲେ ତୋର ପେଟ ଚିରି ତୋ ଅନ୍ତବୁଜୁଳା ବାହାର କରିଦେବି ।' ବିଲୁଆ କହିଲା, 'ନାହିଁ ଆଜ୍ଞା ସେ ମାଙ୍କଡ଼ ମିଛ କହୁଛି । ମୁଁ ଆଦୌ ହରିଣଛୁଆ ରଖି ନାହିଁ ।' ବାଘ କହିଲା, 'ରଖିନୁ ନା ? ବର୍ତ୍ତମାନ ଯେମିତି ଠେକୁଆସବୁ ରଖିଛୁ ବୋଲି ମାନି ନ ଥିଲୁ, ସେମିତି କହୁଛୁ, ନା ? ଦଉଛି ତତେ ଠିକ୍ କରି ।' ଏଇଆ କହି ବିଲୁଆ ଆଡ଼କୁ ହାତ ବଢ଼ାଇଲା ବେଳକୁ ସେ ଦଉଡ଼ି ପଳାଇ ଯିବାକୁ ବସିଥିଲା । ହେଲେ ବାଘ କବଳରୁ ଯିବ କୁଆଡ଼ ? ଏକା କୁଦାକେ ବାଘ ତାକୁ ଧରି ତା' ପେଟ ଚିରି ଅନ୍ତବୁଜୁଳା ବାହାର କରିଦେଇ ତାକୁ ସେଇ ପାହାଡ଼ ମଝିରେ ଠେକୁଆମାନେ ବନ୍ଦି ହୋଇଥିବା ଜାଗାକୁ ଫୋପାଡ଼ି ଦେଲା । ସେତେବେଳକୁ ସବୁ ଠେକୁଆ ନିରାପଦରେ ଯାଇ ସେମାନଙ୍କ ଘରେ ପହଞ୍ଚି ସାରିଥିଲେ ।

ଦେଖିଲୁ ତ, ବିଲୁଆ ତା'ର ସମସ୍ତ ଆଚରଣରେ ଆନ୍ତରିକ ନ ଥାଇ ଛଳନା କରୁଥିବାରୁ ଶେଷକୁ କିପରି ତା' ପାଟିରୁ ସତ କଥା ବାହାରି ପଡ଼ିଲା – 'ଆରେ, ମୋ ଠେକୁଆଗୁଡ଼ାକ ପଳେଇଲେ ।' ଏତିକି କଥାରୁ ବାଘ ବିଲୁଆର ମତଲବସବୁ ଠଉରେଇ ନେଲା । ବିଲୁଆର ନିଜ ଶଠତା, ଛଳନା ଓ ନିଷ୍ଠାହୀନତାହିଁ ତା' ମୃତ୍ୟୁର କାରଣ ହେଲା । ଅନ୍ୟ ପକ୍ଷରେ ଠେକୁଆମାନେ ସରଳ ଥିଲେ । ସେମାନଙ୍କ ଲୋଭ ହେତୁ ବିପଦରେ ପଡ଼ି ଯାଇଥିଲେ । କିନ୍ତୁ ବିପଦରେ ପଡ଼ି ଭଗବାନଙ୍କୁ ସ୍ମରଣ କରିବାରୁ ଭଗବାନ୍ ସେମାନଙ୍କ ଉଦ୍ଧାରର ବ୍ୟବସ୍ଥା କରିଦେଲେ ।

ଅନାନ୍ତରିକତା, ଛଳନା, ମିଥ୍ୟା ସବୁବେଳେ ଆମକୁ ପତନ ଦିଗରେ ନେଇଯାଏ । ସେଇଥିପାଇଁ ମା' କହିଛନ୍ତି :

*'Insincerity leads to ruin.'*

'ଅନାନ୍ତରିକତା ଆମକୁ ଧ୍ୱଂସ ପଥରେ ଆଗେଇନିଏ ।'

ମିଥ୍ୟା, ଛଳନା, କପଟକୁ
ନ ଛାଡ଼ିଲେ ଆମେ ଛଡ଼ାଇ ନିଅନ୍ତି
ଶେଷେ ଆମ ପ୍ରିୟ ଜୀବନକୁ ।''

# ଆନ୍ତରିକତା ଓ ଆବଶ୍ୟକ ସାହାଯ୍ୟ

''ଆର ଥର କହିଥିଲ ଆନ୍ତରିକ ହୋଇ ଛଳନା କଲେ ଶେଷରେ କିପରି ପତନ ହୋଇଥାଏ । ଏଥର କୁହ ଆନ୍ତରିକ ହେଲେ କିପରି ଜଣେ ତା' କାର୍ଯ୍ୟରେ ସାହାଯ୍ୟ ପାଏ ।''

''ଫ୍ରାନ୍ସର ରାଜଧାନୀ ପ୍ୟାରିସ ନଗରୀ କଥା ଜାଣୁ, ଯେଉଁଠି ମା' ଜନ୍ମଗ୍ରହଣ କରିଥିଲେ ?'' ପଚାରିଲା ଚିନ୍ମୟ, ଅନୁରକ୍ତାର ଭାଇ ।

''ହଁ, ପ୍ୟାରିସ୍ ନଗରୀ କଥା ଶୁଣିଛି । ବହୁତ କଳା ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ଆଧୁନିକ ସଭ୍ୟ ନଗରୀ ।''

''ସେଇ ପ୍ୟାରିସ୍‌ର ଏକ ସହର ତଳି ଅଞ୍ଚଳରେ ଗୋଟିଏ ଭଡ଼ା ଘରେ ଜଣେ ଲୋକ ରହନ୍ତି । ସେଇ ଘରର ଅଧେ ହେଉଛି ଗୋଦାମ । ଅନ୍ୟ ଅଧକ ଯେପରି ଏକ ସନ୍ନ୍ୟାସୀର କୋଠରି । ଆଉ ସେଇ ଗୋଦାମରେ ସବୁ କ'ଣ ଥାଏ ଜାଣୁ ?''

''କ'ଣ ? ଚିନି, ଲୁଗା, କାଗଜ, ତେଲ କି କାଠ, ଲୁହା ଅଥବା ଅନ୍ୟକିଛିର ନୂଆ ନୂଆ ଜିନିଷସବୁ ବିକ୍ରି ହେଉଥିବ !''

''ନା, ନା, ସେସବୁ କିଛି ନ ଥାଏ । ଏହା ଏକ ନୂଆ ଧାରଣର ଗୋଦାମ । ଏଥିରେ ସବୁ ଭଙ୍ଗାରୁଜା, ପୁରୁଣା ଜିନିଷ, ଯେଉଁ ଜିନିଷସବୁ ଧନୀ ଲୋକମାନେ ଅଳ୍ପ ବ୍ୟବହାର କରି ଫିଙ୍ଗି ଦେଇଥା'ନ୍ତି ଓ ଯେଉଁ ଜିନିଷସବୁକୁ ପୁନର୍ବାର ଯେକୌଣସି ପ୍ରକାର ବ୍ୟବହାରରେ ଲଗାଇ ହେବ ସେଇସବୁ ଜିନିଷ ଭର୍ତ୍ତି ହୋଇଥାଏ ।''

''ଏସବୁ ପୁରୁଣା ଫୋପଡ଼ା ଯାଇଥିବା ଜିନିଷରେ ସବୁ କ'ଣ ହୁଏ ?'' ପଚାରିଲା ଅନୁରକ୍ତା ।

''ତୁ କିପରି ଘରେ ଫୋପାଡ଼ି ଦେଇଥିବା ପୁରୁଣା ଦିଆଶିଲି ସବୁକୁ ଗୋଟାଇ ଆଣି ବିଭିନ୍ନ ଖେଳନା ତିଆରି କରୁ ? କାଚ ଶିଶି, ଇଲେକ୍‌ଟ୍ରି ବଲ୍‌ବ ସବୁ ଗୋଟାଇ ଆଣି ବିଭିନ୍ନ ପ୍ରକାରେ ସଜାଉ ? ଆମେ ସବୁ ଫୋପାଡ଼ି ଦେଉଥିବା ନଡ଼ିଆ ଶଢ଼େଇରୁ କେତେ ସୁନ୍ଦର ସୁନ୍ଦର ଜିନିଷ ତିଆରି ହୋଇପାରୁଛି ! ସିଏ ସେମିତି ବିଭିନ୍ନ କାଠ, ପଥର, ଲୁହା, କାଚ, କାଗଜ, ଅନ୍ୟାନ୍ୟ ଧାତୁ ଜିନିଷରେ ତିଆରି ଫୋପଡ଼ା ଯାଇଥିବା ବିଭିନ୍ନ ଜିନିଷସବୁକୁ ଗୋଟାଇ ଆଣି ତାକୁ ଭିନ୍ନ ଭିନ୍ନ କାମରେ ଲଗାନ୍ତି, ବିକ୍ରି କରନ୍ତି । ବିକ୍ରି କରି ସେଥିରୁ ଯେଉଁ ପଇସା ରୋଜଗାର ହୁଏ ସେଥିରେ ଗରିବ, ନିରାଶ୍ରୟ

ଲୋକମାନଙ୍କ ଲାଗି ଘର ତିଆରି କରନ୍ତି, ସେମାନଙ୍କ ପିଲାମାନଙ୍କର ଖାଦ୍ୟବସ୍ତ୍ର ଓ ଶିକ୍ଷା ଦୀକ୍ଷା ଆଦି ଲାଗି ବ୍ୟବସ୍ଥା କରନ୍ତି । ଏହା ଫଳରେ ଚାରୋଟି କଥା ହୁଏ । ଦେଶର ସମ୍ପଦ ନଷ୍ଟ ହୁଏ ନାହିଁ, ପ୍ରତ୍ୟେକ ଜିନିଷର ପୂର୍ଣ୍ଣ ସଦୁପଯୋଗ ହୁଏ, ଗରିବ ଲୋକମାନେ ଉପକୃତ ହୁଅନ୍ତି ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଣିଷ ମଧ୍ୟରେ ପ୍ରତ୍ୟେକ ଜିନିଷ ପ୍ରତି ଓ ଦୁଃଖକଷ୍ଟରେ ଚଳୁଥିବା ଲୋକଙ୍କ ପ୍ରତି ଶ୍ରଦ୍ଧା ତଥା ସମ୍ମାନବୋଧ ଜାତ ହୋଇଥାଏ ।''

''ଆଚ୍ଛା, ଏଇ କାମ ଯିଏ କରୁଛନ୍ତି ତା'ଙ୍କ ନାମ କ'ଣ ତ କହିନା ।''

''ହଁ, ହଁ, ମୁଁ ଭୁଲି ଯାଇଛି । ତାଙ୍କ ନାମ ହଉଛି 'ଆବ୍ ପିଅର' । ସେ ଲିଓଁ (Lion) ନାମକ ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିଲାଦିନର ନାମ ଥିଲା 'ହେନେରି ଆନ୍ତୁଆନ ଗ୍ରୋନ୍' (Henri Antoine Grones) । ତାଙ୍କର ଆନ୍ଦୋଳନକୁ ଫରାସୀ ଭାଷାରେ ଏମୋ (Emmous) ବୋଲି କୁହାଯାଏ ଓ ତାଙ୍କୁ ଅନେକେ Brother of Chiffonniers ବୋଲି ଡାକନ୍ତି । 'ଶିଫୋନିଏ' ଅର୍ଥ ଯେଉଁମାନେ ନଷ୍ଟ ପଦାର୍ଥସବୁ ସଂଗ୍ରହ କରିଥା'ନ୍ତି । ବର୍ତ୍ତମାନ ଆବ୍ ପିଅରଙ୍କ ଆଦର୍ଶରେ ପରିଚାଳିତ ଏହି ପ୍ରକାର ଅନୁଷ୍ଠାନ ପୃଥିବୀରେ ୫୫ଟି ଦେଶରେ ଅଛି ।

ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ ପରର କରୁଣ ଦୃଶ୍ୟ ଦେଖି ସେ ଏହି ଉପାୟରେ ଗରିବ ନିରାଶ୍ରୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ଦୀର୍ଘ ୪୦ ବର୍ଷ ଧରି ସେ ଏହି କାର୍ଯ୍ୟରେ ନିଷ୍ଠାର ସହ ଲାଗିଛନ୍ତି । ତାଙ୍କୁ ଯଦି କେହି ପଚାରେ ଯେ ଏତେ ଦିନ ଧରି ଏହି କଷ୍ଟକର କାମରେ ଲାଗି ରହି ସେ କ୍ଳାନ୍ତ ଅନୁଭବ କରୁ ନାହାନ୍ତି ? ଉତ୍ତରରେ ସେ କହନ୍ତି, 'ମୋର ଅବଶ୍ୟ ଶକ୍ତି କମ୍ । କିନ୍ତୁ ଅନେକଗୁଡ଼ାଏ କାର୍ଯ୍ୟ କରିବା ଫଳରେ ମୁଁ କ୍ଳାନ୍ତ ହୁଏ ନାହିଁ । କେବଳ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ଦେଖି ମୁଁ ଅବସାଦ ଅନୁଭବ କରେ ।

''ସେ କହନ୍ତି, ମଣିଷ ସବୁବେଳେ ଅନ୍ୟକୁ ଦୋଷ ଦେଇ ଜାଣେ । କିନ୍ତୁ ନିଜର ଦୋଷଦୁର୍ବଳତାକୁ ସେ ଦେଖେ ନାହିଁ । ଅନ୍ୟକୁ ଦୋଷ ଦେବାରେ ସମୟ ନଷ୍ଟ ନ କରି ସେ ଯଦି ନିଜକୁ, ନିଜ ପରିବେଶକୁ, ନିଜ ସମାଜକୁ ଦୋଷମୁକ୍ତ କରନ୍ତା ତେବେ ଏ ସଂସାର କେତେ ଅଗ୍ରଗତି ନ କରନ୍ତା !'

ସେ ବି କିଛିଦିନ ରାଜନୀତି କରିଥିଲେ । ପାର୍ଲିଆମେଣ୍ଟର ସଭ୍ୟ ଥିଲେ । ଯାହା କିଛି ବେତନ ସେ ପାଉଥିଲେ ସବୁ ଦରିଦ୍ର ଲୋକଙ୍କ ପିଛାରେ ଖର୍ଚ୍ଚ କରୁଥିଲେ । ରାଜନୀତିରେ କ୍ଷମତା ପାଇଁ ଯେଉଁ ଟଣାଓଟରା ଓ ଖାଲି କ୍ଷମତାକୁ ଆସିବା ଲାଗି ରାଜନୀତିକ ଦଳମାନଙ୍କ ମଧ୍ୟରେ ଯେଉଁ କଳକୌଶଳ ପ୍ରୟୋଗ ସେ ତାକୁ ପସନ୍ଦ

କରୁ ନ ଥିଲେ । କେବଳ ନିଜର ଦାୟିତ୍ୱ ତୁଲାଇବା ନିମନ୍ତେ କ୍ଷମତା ପ୍ରୟୋଗ କରିବାକୁ ସେ କହୁଥିଲେ ।’

ସେ କହନ୍ତି, ‘ସେଇ ହେଉଛି ଉତ୍ତମ ନାଗରିକ ଯିଏକି ପ୍ରତ୍ୟେକ ମଣିଷକୁ ଯଥାର୍ଥ ମୂଲ୍ୟ ଦିଏ । ସିଏ କ୍ଷମତାରେ ଥିବାରୁ, ଧନୀ ହୋଇଥିବାରୁ କିଂବା ତା’ର ସମ୍ପର୍କୀୟ ଲୋକ ହୋଇଥିବାରୁ ଯେ ମୂଲ୍ୟ ଦିଏ ତା’ ନୁହେଁ, ଖାଲି ସେ ଜଣେ ମଣିଷ – ସେ ଧନୀ ହେଉ ବା ଗରିବ ହେଉ, କ୍ଷମତା ଦୃଷ୍ଟିରୁ ଉଚ୍ଚ ହେଉ ବା ନୀଚ ହେଉ – ଏଇ ଦୃଷ୍ଟିରୁ ସେ ତାକୁ ସମ୍ମାନ ଦିଏ । ଆଉ ଯିଏ ଅନ୍ୟକୁ ଯେପରି ସମ୍ମାନ ଦିଏ, ସେହିପରି ସମ୍ମାନ ଅନ୍ୟମାନଙ୍କଠାରୁ ପାଏ ।’

ପ୍ରତ୍ୟେକ ବ୍ୟକ୍ତି ତା’ର ଜୀବିକାର୍ଜନ ନିମନ୍ତେ ନିଜେ ନିଜ କାର୍ଯ୍ୟ କରିବାକୁ ସେ ଭଲ ପାଆନ୍ତି । ଅନ୍ୟ ଉପରେ ନିର୍ଭରଶୀଳ ହେବା, ଚାକିରି ମିଳୁ ନାହିଁ ବୋଲି ବେକାର ହୋଇ ବସିବାକୁ ସେ ପସନ୍ଦ କରନ୍ତି ନାହିଁ । ପ୍ରତ୍ୟେକେ ଇଚ୍ଛା କଲେ ଯେକୌଣସି କର୍ମରେ ନିଜକୁ ନିଯୁକ୍ତ କରିପାରିବେ ।

ଆଉ ଗୋଟିଏ କଥା ଉପରେ ସେ ଗୁରୁତ୍ୱ ଦିଅନ୍ତି ଯେ ସମାଜରେ ଯେଉଁମାନେ ଦୁଃସ୍ଥ, ବିକଳାଙ୍ଗ, ଅକର୍ମଣ୍ୟ, କାମ କରିପାରୁ ନାହାନ୍ତି, କିଂବା ରୋଗ ଓ ଦାରିଦ୍ର୍ୟର ସେହି ଅତିଶୟ ଶୋଚନୀୟ ଅବସ୍ଥାରେ ଅଛନ୍ତି ସେମାନଙ୍କ ଅବସ୍ଥାରେ ଉନ୍ନତି ନିମନ୍ତେ ସାହାଯ୍ୟ କରିବା । ଏଥିପାଇଁ ଖାଲି ଯେ ସମ୍ବଳ ଆବଶ୍ୟକ ତା’ ନୁହେଁ; ଯାହା ପ୍ରକୃତରେ ଆବଶ୍ୟକ ତା’ ହେଉଛି ସହାନୁଭୂତି । ସହାନୁଭୂତି ଥିଲେ ସେମାନଙ୍କୁ ସାହାଯ୍ୟ କରିବାର ଉପାୟ ଆପେ ଆସିବ ।

ଉନ୍ନତ ଓ ଅନୁନ୍ନତ ଦେଶମାନଙ୍କ ସମ୍ପର୍କରେ ସିଏ କହନ୍ତି : ‘ଯେଉଁ ଦେଶମାନଙ୍କୁ ଆମେ ଉନ୍ନତ ବୋଲି କହୁଛୁ ଯଥାର୍ଥରେ ସେମାନଙ୍କୁ ଉନ୍ନତ କହିବା ଠିକ୍ ହେବ ନାହିଁ । ସେମାନଙ୍କୁ ଅସାଧୁ ଉପାୟରେ ଉନ୍ନତ ବୋଲି କହିଲେ ଠିକ୍ ହେବ । ଅନ୍ୟ ଦେଶକୁ ନାନା ଉପାୟରେ ଶୋଷଣ କରି, ସେମାନଙ୍କ ସମ୍ପଦକୁ କଳେବଳେ କୌଶଳେ ଅପହରଣ କରି ସେମାନେ ଆଜି ଉନ୍ନତ ହୋଇଛନ୍ତି ।’ ଏହାକୁ ସେ ଅନ୍ୟାୟ ବୋଲି କହନ୍ତି ।

ନିଜର ନୀତି ଓ ଆଦର୍ଶ ଉପରେ ସେ ସବୁବେଳେ ଅଟଳ । ଅନ୍ୟ କିଏ ତାଙ୍କୁ ସମର୍ଥନ କରୁ ବା ନ କରୁ, ସାହାଯ୍ୟ କରୁ ବା ନ କରୁ, ସିଏ ତାଙ୍କର କାମ ନିଷ୍ଠା ଓ ଆନ୍ତରିକତା ସହ କରି ଚାଲିଛନ୍ତି । ଆନ୍ତରିକତା ସହ ବ୍ୟକ୍ତି ଯେକୌଣସି କାର୍ଯ୍ୟ କରିବ ସେଥିଲାଗି ସାହାଯ୍ୟ ଯେକୌଣସି ବାଟରେ ଆସିବ, ସିଏ ଭଗବାନଙ୍କ ଲାଗି ସାଧନା ହେଉ, ଜନହିତକର କାମ ହେଉ ବା ଯେକୌଣସି ସାଧାରଣ ତଥା ଅସାଧାରଣ କାମ

ହେଉ । ସେଇଥିଯୋଗୁଁ ମା' କହିଛନ୍ତି : *'Sincerity in the aspiration always brings down the required succour.'* ଅର୍ଥାତ୍, 'ଅଭୀପ୍‌ସାରେ ଆନ୍ତରିକତା ସବୁବେଳେ ଆବଶ୍ୟକ ସାହାଯ୍ୟ ବହନ କରି ଆଣିଥାଏ ।'

ଏଇ ଆବ୍ ପିଅରଙ୍କ ଜୀବନର ଏକ ଘଟନା । ଯେଉଁ ଘଟନାରେ କି ତାଙ୍କର ଆନ୍ତରିକତା ବିଜୟ ଲାଭ କରିଥିଲା ଓ ତାଙ୍କ କାମ ପାଇଁ ସାହାଯ୍ୟର ବାଟ ଫିଟି ଯାଇଥିଲା । ୧୯୫୪ ମସିହାର ଘୋର ଶୀତକାଳ । ଆମ ଦେଶ ତୁଳନାରେ ଫରାସୀ ଦେଶରେ ଯେ କେତେ ଶୀତ ତାହା ସେଠାକୁ ନ ଗଲେ କେହି କଳ୍ପନା କରିପାରିବ ନାହିଁ । ଅନେକ ଗୃହହୀନ ନିରାଶ୍ରୟ ଲୋକ ବାହାରେ ପଡ଼ି ଶୀତକଷ୍ଟ ଭୋଗୁଥା'ନ୍ତି । ପିଅର ଫରାସୀ ପାର୍ଲିଆମେଣ୍ଟ ଆଗରେ ଗୋଟିଏ ପ୍ରସ୍ତାବ ଆଗତ କଲେ । ସେ ପ୍ରସ୍ତାବରେ ସେ ସରକାରଙ୍କୁ ଗରିବ ଲୋକଙ୍କ ଘର ତିଆରି ଲାଗି ୧୦ ଲକ୍ଷ ଫ୍ରାଙ୍କ* ଦେବା ଲାଗି ଅନୁରୋଧ କରିଥିଲେ । କିନ୍ତୁ ଫରାସୀ ପାର୍ଲିଆମେଣ୍ଟ ତାଙ୍କର ଏହି ପ୍ରସ୍ତାବକୁ ନାମଞ୍ଜୁର କରି ଦେଇଥିଲେ ।

''ପିଅର ଏଥିରେ ଭାଙ୍ଗି ପଡ଼ିଲେ ନାହିଁ । ସେଇ ହାଡ଼ଭଙ୍ଗା ଜାଡ଼ରେ ଗୋଟିଏ ନିରାଶ୍ରୟ ଛୋଟ ପିଲା ଏକ ପରିତ୍ୟକ୍ତ ପୁରୁଣା ଭଙ୍ଗା ମୋଟର ଗାଡ଼ିରେ ବାସ କରୁଥିଲା । ତା'ର ଭିତରେ ଅସହ୍ୟ କ୍ଷୁଧା ଓ ଶୀତରେ ସେ ଅସହାୟ ଭାବରେ ପଡ଼ିଥାଏ । ପିଅର ଫରାସୀ ମନ୍ତ୍ରିମଣ୍ଡଳକୁ ଗୋଟିଏ ଚିଠି ଲେଖିଥିଲେ । ସେଥିରେ ସେ ଲେଖିଥିଲେ, ''ଯେତେବେଳେ ଗରିବ ଲୋକଙ୍କ ଘର ତିଆରି ସମସ୍ୟା ନେଇ ଆପଣମାନେ 'ନା' କିଂବା 'ପରେ' ବୋଲି କହୁଛନ୍ତି, ସେତେବେଳେ ଏଇଠି ଜଣେ ପଡ଼ିଛି ଯାହା ପକ୍ଷରେ ଏହି ସିଦ୍ଧାନ୍ତ ବହୁତ ବିଳମ୍ବ ହୋଇଯାଇଛି । ଯଦି ଆପଣମାନେ ମଣିଷ, ତେବେ ସମଗ୍ର ଦେଶର ଅନୁତାପ ଜଣାଇବା ନିମନ୍ତେ ଏହି ଶିଶୁଟିର ଅନ୍ତ୍ୟେଷ୍ଟି କ୍ରିୟା ଲାଗି ଆସନ୍ତୁ ।'' ଏଇ ଚିଠିଟି ପରେ ଏକ ବିରାଟ ଆଲୋଡ଼ନ ସୃଷ୍ଟିକାରୀ ଏକ ବିଖ୍ୟାତ ଚିଠିରେ ପରିଣତ ହୋଇଥିଲା ।

ତାଙ୍କର ଏହି ଚିଠି ଫଳରେ କେବଳ ଜଣେ ମନ୍ତ୍ରୀ ନୁହେଁ, ଅନେକ ମନ୍ତ୍ରୀ ସେ ପିଲାଟିକୁ ଦେଖିବାକୁ ଆସିଲେ । ଜନସାଧାରଣଙ୍କ ମଧ୍ୟରେ ଏକ ବିରାଟ ଆଲୋଡ଼ନ ସୃଷ୍ଟି ହେଲା । ସରକାରଙ୍କ ସାହାଯ୍ୟ ଲାଗି କେହି ଅପେକ୍ଷା କଲେ ନାହିଁ । ଏଇ ଘଟନା ନେଇ ତାଙ୍କ ପାଖକୁ ସମୁଦାୟ ୩୦ ଲକ୍ଷ ଚିଠି ଆସିଥିଲା । ଗୋଟିଏ ଦଶଲକ୍ଷ ନୁହେଁ, କେତେ ଦଶ ଲକ୍ଷ ଫ୍ରାଙ୍କ୍ ତାଙ୍କ ନିକଟକୁ ଆସିଲା । ଶେଷକୁ ଫରାସୀ ପାର୍ଲିଆମେଣ୍ଟ ବି ଗୋଟିଏ ଦଶଲକ୍ଷ ନୁହେଁ ଅନେକ ଦଶଲକ୍ଷ ଫ୍ରାଙ୍କ୍ ମଞ୍ଜୁର କଲା ଗରିବ ନିରାଶ୍ରୟ

* ଆମ ଦେଶରେ ମୁଦ୍ରାକୁ ଯେପରି ଟଙ୍କା କୁହାଯାଏ, ଫରାସୀ ଦେଶରେ ଫ୍ରାଙ୍କ୍ କୁହାଯାଏ ।

ଲୋକଙ୍କ ଘର ତିଆରି ନିମନ୍ତେ । ପିଅରଙ୍କ ଆନ୍ତରିକତା ଜୟ ଲାଭ କଲା । ତାଙ୍କ କର୍ମପଥର ଅସୁବିଧା ବହୁ ପରିମାଣରେ ଦୂର ହୋଇଗଲା । ସେଇଥିଲାଗି –

ନିଜ କାର୍ଯ୍ୟରେ ଆନ୍ତରିକ ଯିଏ ହୁଏ,
ସେଇ କାର୍ଯ୍ୟ ଲାଗି ଯାହାକିଛି ଲୋଡ଼ା
ଆପେ ଆପେ ଆସିଥାଏ ।''

# ଆନ୍ତରିକ ପ୍ରୟାସ – ଏକ ସମୁଦ୍ରପାରାର

ପଶ୍ଚିମ ଆକାଶର ପଣତ ତଳେ ସୂର୍ଯ୍ୟ ଧୀରେ ଧୀରେ ତାଙ୍କ ମୁହଁ ଢାଙ୍କି ଦେଉଛନ୍ତି । ଲଜ୍ଜାବନତ ତାଙ୍କ ମୁଖର ରକ୍ତରାଗରେ ଗଛପତ୍ର, ଘାସଲତା ସବୁ ରଞ୍ଜିତ । ଗୋଠରୁ ଗାଇପଲ ଗାଁ ଦାଣ୍ଡରେ ଧୂଳି ଉଡ଼ାଇ ଫେରିଲେଣି । ଆକାଶରେ ଦଳ ଦଳ ହୋଇ ଚଢ଼େଇ ନିଜ ବସାକୁ ଫେରିବାରେ ଲାଗିଛନ୍ତି । ଆଉ କେତେକ ଚଢ଼େଇ ଅବଶ୍ୟ ଏପର୍ଯ୍ୟନ୍ତ ଆହାର ସଂଗ୍ରହରେ ଲାଗିଛନ୍ତି । ଏତେବେଳକୁ ଅନୁରକ୍ତା ସବୁଦିନେ ସ୍କୁଲରୁ ଫେରି ଆସିଥାଏ । ଆଜି କାହିଁକି ଏତେବେଳ ହେଲାଣି ଫେରି ନାହିଁ । ସେ ସାଇକେଲ ଶିଖିବା ଦିନଠାରୁ ତାକୁ ଆଉ କେହି ଆଣିବାକୁ ଯାଆନ୍ତି ନାହିଁ । ସେ ତା'ର ଅନ୍ୟ ସାଙ୍ଗମାନଙ୍କ ସହିତ ତା'ର ଛୋଟ ସାଇକେଲରେ ନିଜେ ନିଜେ ଚାଲିଆସେ ।

ସୂର୍ଯ୍ୟଙ୍କର ଶେଷ ରଶ୍ମି ଟିକକ କେତେବେଳୁ ଗଛଲତାଙ୍କଠାରୁ ବିଦାୟ ନେଲାଣି । ତଥାପି ପଶ୍ଚିମାକାଶର ଦୂର ଦିଗ୍‌ବଳୟରେ ତାଙ୍କ ରକ୍ତରାଗର ଉଷୁମଛଟା କିଛି ଅଂଶରେ ଲାଗି ରହିଛି । ଏଣେ ପୂର୍ବାକାଶର ପଣତ ତଳୁ ଶୀତଳ ପୁନେଇଁ ଜହ୍ନ ତାଙ୍କ ଚକ୍‌ଚକିଆ ଗୋଲ ମୁହଁଟିକୁ କାଢ଼ି ହସି ଉଠିଲେଣି । ଛ'ଟାରୁ ବେଶୀବେଳ ହେଲାଣି । ହାଲିଆ ହୋଇ ପହଞ୍ଚିଲା ଅନୁରକ୍ତା । ସାଇକେଲକୁ ପିଣ୍ଡାକଡ଼ରେ ଡେରିଦେଇ ଅବଶ ପାଦରେ ଢଳିଢ଼ଳି ଘର ଭିତରକୁ ଚାଲିଲା ।

ବୋଉ ଦେଖିପକାଇ ପଚାରିଲେ, 'କି ଲୋ, ଏତେବେଳ ଯାକେ କୁଆଡ଼େ ଥିଲୁ କି ?', 'ଆମର ନୂଆ ବର୍ଷରେ ସ୍କୁଲରେ ଗୋଟିଏ ପ୍ରୋଗ୍ରାମ ହେବ । ସେଥିରେ ଖେଳ କସରତଠାରୁ ଆରମ୍ଭ କରି ଅଭିନୟ, ସଂଗୀତ, ନୃତ୍ୟ ଚିତ୍ରାଙ୍କନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ପିଲା ପ୍ରଦର୍ଶନ କରିବେ । ମୁଁ ସେଥିରେ ହାତ ଛାଡ଼ି କିପରି ସାଇକେଲ ଚଳାଇବାକୁ ହୁଏ ତାହା ପ୍ରଦର୍ଶନ କରିବି । ସେଇଥିଲାଗି ମୁଁ ଆଜି ସ୍କୁଲ୍‌ଛୁଟି ପରେ ପଡ଼ିଆରେ କିଛି ସମୟ ଅଭ୍ୟାସ କରୁଥିଲି । ହ୍ୟାଣ୍ଡେଲକୁ ହାତରେ ଧରି ଚଳାଇବା ଅପେକ୍ଷା ତାକୁ ଛାଡ଼ି ଚଳାଇବା କେଡ଼େ ମଜା ! ଯେପରି ଧରାବନ୍ଧା ସୀମିତତାର ବନ୍ଧନ ଭିତରୁ ଆଉ ଟିକିଏ ମୁକ୍ତି ।'

'ହଇଲୋ, ଏଇଆ କରୁଛୁ ବସି ! ମୁଁ କହିଲି ଏତେବେଳ ଯାଏ କୁଆଡ଼େ ଯାଇଛି ? ହଉ, ହାତ ଛାଡ଼ି ଶିଖୁଥା କି ଗୋଡ଼ ଛାଡ଼ି ଶିଖୁଥା, ପଡ଼ି ହାତଗୋଡ଼ ଭାଙ୍ଗିଲେ ମୋତେ କିଛି କହିବୁ ନାହିଁ । ଆଜି ତୋ ବାପା ଘରକୁ ଆସୁ । କହୁଛି ସବୁ । ମୁଁ ମନା

କରୁଥିଲି ଏଡ଼େ ଛୋଟ ପିଲାକୁ ସାଇକେଲଟାଏ କିଣିଦେଲେ ସେ ନାନା ପ୍ରକାର ଦୁଷ୍ଟାମି କରିବ । ସେତେବେଳେ ମୋ କଥା ଗନ୍ଧଉଥିଲା, ଏବେ ସମ୍ଭାଳନ୍ତୁ । ଝିଅ ଶୂନ୍ୟରେ ସାଇକେଲ ଚଳାଇବାକୁ ବସିଲାଣି । ସାଇକେଲ ଟିକିଏ ଶିଖି ଟିକିଏ ସୁବିଧାରେ ଆଉ ଚଞ୍ଚଳ ଯିବା ଆସିବା କରିପାରିଲେ ହେଲା । ସେଥିରେ ପୁଣି ହାତ ଛାଡ଼ି ଚଳାଇବା, ଗୋଡ଼ ଛାଡ଼ି ଚଳାଇବା – ଏତେ ନବରଙ୍ଗ କାଢ଼ିବା ଦରକାର କ'ଣ ? ତୁଚ୍ଛାଟାରେ ହାତ ଗୋଡ଼ ଭାଙ୍ଗି ଖଣ୍ଡିଆ ଖାବରା ହେବା ଛଡ଼ା ଆଉକିଛି ଫାଇଦା ଥା'ନ୍ତା ! ଦଉଟି କାଲିଠଉଁ ସେ ସାଇକେଲକୁ ଗୋଟାଏ ଘରେ ପୂରାଇ ଚାବି ପକେଇ । ଆଉ ଥିବ ଯେ ତାକୁ ନେଇ ଏତେ ସୁଆଙ୍ଗ କାଢ଼ିବୁ !'

ଅନୁରକ୍ତା ଭାବିଥିଲା ତା'ର ଏ ଦୁଃସାହସିକତାପୂର୍ଣ୍ଣ ନୂଆ କୃତିତ୍ୱ ଶୁଣିଲେ ବୋଉ ଅବଶ୍ୟ ଟିକିଏ ହୁସିଆର ହୋଇ ଆକଟ କରି ସାଇକେଲ ଚଳାଇବା ପାଇଁ କହିବ, ତା' ଟିକି ଝିଅ ଏପରି କଥା ଶିଖି ପାରିଲାଣି ଜାଣି ମନେ ମନେ ଆଶ୍ଚର୍ଯ୍ୟ ଆଉ ଖୁସୀ ହେବ ଓ ତାକୁ ଉତ୍ସାହିତ କରି କହିବ – ନୂଆ ବର୍ଷ ଦିନ ସେ ନିଜେ ବାପାଙ୍କୁ ସଙ୍ଗରେ ନେଇ ତା' ପ୍ରୋଗ୍ରାମ ଦେଖିବାକୁ ଯିବ ବୋଲି । କିନ୍ତୁ ବୋଉର ଏପରି ଗାଳି ଆଉ ଭର୍ତ୍ସନା ଶୁଣି ତା' ମନଟା ପିତା ହୋଇଗଲା । ଭିତରେ ଜଳୁଥିବା ଉତ୍ସାହର ନିଆଁଟା ପାଣି ପଡ଼ି ଯେପରି ଥପକରି ଲିଭିଗଲା । ସ୍କୁଲରେ ଶିକ୍ଷକମାନଙ୍କୁ ନାମ ଦେଇ ସାରିଛି । ଯଦି ନ କରି ପାରେ କେତେ ଲାଜ ତାକୁ ନ ମାଡ଼ିବ ! ତା'ର ଟିକି ମନ ଅନ୍ଧକାରରେ ଭରିଗଲା । ହତାଶରେ ଭାଙ୍ଗି ପଡ଼ିଲା । କ'ଣ କରିବ ତାକୁ ବୁଦ୍ଧି ବାଟ ଦେଖାଗଲା ନାହିଁ । ଖାଲି ରୁଷିଲା । ଖାଇଲା ନାହିଁ । ମୁହଁଟାକୁ ଭାରୀ କରି ଚୁପ୍ ହୋଇ ଶୋଇପଡ଼ିଲା ।

ବୋଉ ବି ରାଗି ଖାଇବା ଲାଗି ତାକୁ ଆଉ ବିଶେଷ ବଳାଇଲା ନାହିଁ । କହିଲା, 'ଟୋକୀଟାର ଦିନକୁ ଦିନ ମୁହଁ ବଢ଼ି ଯାଉଛି । ନ ଖାଉ, କେତେ ଦିନ ନ ଖାଇବ ।'

କିଛି ସମୟ ପରେ ଚିନ୍ମୟ ତା'ର ଖେଳ ସାରି ଫେରିଲା । ଦେଖିଲା ସବୁଦିନ ପରି ଅନୁରକ୍ତା ତା' ପାଖକୁ ଦଉଡ଼ି ଆସି ବିଭିନ୍ନ କଥା ପଚାରୁ ନାହିଁ । ପଢ଼ା ଘରକୁ ଯାଇ ଦେଖିଲା, ସେଠାରେ ବି ନାହିଁ । ବୋଉକୁ ପଚାରି ସବୁକଥା ବୁଝିଯାଇ ଦେଖିଲା ବେଳକୁ ଶୋଇବା ଘରେ ଚୁପ୍ ହୋଇ ଶୋଇ କାନ୍ଦୁଛି । ଚିନ୍ମୟ ତା' ମୁଣ୍ଡକୁ ଟିକିଏ ସ୍ନେହରେ ଆଉଁଶି ଦେଇ କହିଲା, 'ଆ, ଉଠିଆ, ମୁଁ ସବୁକଥା ଜାଣିଲିଣି । ବୋଉଟା କ'ଣ ଜାଣିଛି ? ପୁରୁଣାକାଳିଆ ବୁଦ୍ଧି ତା'ର । ମୁଁ ତୋତେ କାଲି ନିଜେ ଯାଇ ହାତ ଛାଡ଼ି କିପରି ସାଇକେଲ ଚଳାଇବାକୁ ହେବ ଶିଖାଇ ଦେବି । ଆଉ ଆଜି ତତେ ଗୋଟାଏ ସୁନ୍ଦର ଗପ କହିବି ।' ଚିନ୍ମୟଠାରୁ ସ୍ନେହ ଆଶ୍ୱାସନା ପାଇ ଅନୁରକ୍ତାର ରୁଦ୍ଧ ଆବେଗ

ଜୋରରେ ଫାଟି ପଡ଼ିଲା । ସେ କଇଁ କଇଁ ହୋଇ କାନ୍ଦିଉଠିଲା । ଚିନ୍ମୟ ତାକୁ ବିଛଣାରୁ ଉଠାଇ କାଖେଇ ନେଇ ଆସିଲା । କିଛି ସମୟ ପରେ ତା'ର କୋହ ଶାନ୍ତ ହୋଇ ଯିବାରୁ ଚିନ୍ମୟ କହିଲା, 'ଯା ଖାଇ ଆସିବୁ, ମୁଁ ତୋତେ ଆଜି ଗୋଟାଏ ସୁନ୍ଦର ଗପ କହିବି ।' ଅନୁରକ୍ତା ଜିଦ୍ କଲା ସେ ଖାଇବ ନାହିଁ, କିନ୍ତୁ ଗପ ଶୁଣିବ । ଚିନ୍ମୟ ଜିଦ୍ କଲା ସେ ନ ଖାଇଲେ ସିଏ ଗପ କହିବ ନାହିଁ । ଶେଷରେ ଅନୁରକ୍ତା ରାଜି ହୋଇ କହିଲା, ବୋଉ ଦେଲେ ଖାଇବ ନାହିଁ, ନିଜେ ଚିନ୍ମୟ ଦେଲେ ଖାଇବ । ସେଇଆ ହେଲା । ଅନୁରକ୍ତା ଖାଇସାରି ଆସି ବସି ପଡ଼ିଲା ପଢ଼ା ଘରେ ଗପ ଶୁଣିବାକୁ । ପୂର୍ବର ବିମର୍ଷ ଭାବ କୁଆଡ଼େ ଉଭେଇ ଯାଇଛି । ସତେଜ ଫୁଲଟିଏ ସକାଳର ସୂର୍ଯ୍ୟ କିରଣକୁ ଅପେକ୍ଷା କଲା ପରି ଦିଶୁଛି ।

ଚିନ୍ମୟ ଆସି ବସିଲା । କହିଲା, ''ତୁ ଆମ ଦେଶର ମିହିର ସେନଙ୍କ ନାମ ଶୁଣିଚୁ ?'' ଅନୁରକ୍ତା କହିଲା, ''ହଁ, ହଁ ଶୁଣିଥିଲି, ଯିଏ ଇଂଲିଶ ପ୍ରଣାଳୀ, ପକ୍ ପ୍ରଣାଳୀ ଆଉ ପୃଥିବୀର କେତେ ପ୍ରଣାଳୀ ପହଁରି ବିଶ୍ୱ ରେକର୍ଡ଼ ସୃଷ୍ଟି କରିଛନ୍ତି ।''

''ହଁ, ହଁ ଠିକ୍ କହିଛୁ । ଆଛା, କହ ତ ଘରେ ଖାଇ ପିଇ କିଛି ପଢ଼ା ପଢ଼ି କରି ଗୋଟାଏ କିଛି ଚାକିରି, ବ୍ୟବସାୟ କିଂବା ଅନ୍ୟ କାମ ଧନ୍ଦା କରି ନିଜର ପରିବାର ପୋଷିବା ଛାଡ଼ି ଏସବୁ ଭୟଙ୍କର ଜଳଜନ୍ତୁପୂର୍ଣ୍ଣ ସମୁଦ୍ରରେ ଏତେ ଦୂର ପଥ ପହଁରିବାର ଆବଶ୍ୟକତା କ'ଣ ? ସେଥିରେ କେତେବେଳେ ଯେ ଜୀବନ ଯିବ ତା' ଠିକ୍ ନାହିଁ ! ସାଧାରଣ ଲୋକ ଏଇଭଳି ବିଚାର କରେ । କିନ୍ତୁ ବାସ୍ତବରେ ଏସବୁର ପଶ୍ଚାତରେ ଏକ ଯଥାର୍ଥ କାରଣ ରହିଛି । ଆମର ଆନ୍ତର ଚେତନା ଚିର ପ୍ରଗତିଶୀଳ । ସେ କେବେ ସ୍ଥିର ହୋଇ ବସି ରହି ପାରିବ ନାହିଁ । ସ୍ଥିର ହୋଇ ବସିବା ଅର୍ଥ ତା' ପକ୍ଷରେ ମୃତ୍ୟୁ । ସେ ସବୁବେଳେ ଗତିଶୀଳ । ସେ ଗତି ନିର୍ଭର କରେ ଆମର ଲକ୍ଷ୍ୟ ଉପରେ । ଉତ୍ତମ ଲକ୍ଷ୍ୟ ରଖିଲେ ଆମର ଚେତନାର ଗତି ବିକାଶ ଦିଗରେ ହେବ । ଖରାପ ଲକ୍ଷ୍ୟ ରଖିଲେ ଆମ ଚେତନାର ଗତି ପତନ ଦିଗରେ ହେବ । ଉତ୍ଥାନ ଦିଗରେ ହେଉ ବା ପତନ ଦିଗରେ ହେଉ ଆମ ଚେତନା ସବୁବେଳେ ଗତି କରିବ । ଚେତନା ସବୁବେଳେ ଚାହେଁ ନିଜକୁ ନୂଆ ନୂଆ ରୂପରେ ପ୍ରକାଶ କରିବାକୁ । ବୈଜ୍ଞାନିକ ତାକୁ ବିଜ୍ଞାନ ମାଧ୍ୟମରେ, ଖେଳୁଆଡ଼ ତାକୁ ଖେଳ ମାଧ୍ୟମରେ, ଶିକ୍ଷାବିତ୍ ତାକୁ ଶିକ୍ଷା ମାଧ୍ୟମରେ, କୃଷକ ତାକୁ କୃଷି ମାଧ୍ୟମରେ, ଶିଳ୍ପୀ ତାକୁ ଶିଳ୍ପ ମାଧ୍ୟମରେ, କଳାକାର ତାକୁ କଳା ମାଧ୍ୟମରେ, କବି ତାକୁ କବିତା ମାଧ୍ୟମରେ, ସାଧକ ଓ ଯୋଗୀ ତାକୁ ସାଧନା ଓ ଯୋଗ ମାଧ୍ୟମରେ ପ୍ରକାଶ କରିବାକୁ ଚାହାନ୍ତି । ସେଥିରେ ସାଧାରଣ ବିଚାର ଦୃଷ୍ଟିରୁ ଲାଭ କ୍ଷତି, ଭଲ ମନ୍ଦର ହିସାବ ନ ଥାଏ । ତାହା ଚେତନାର ଏକ ସ୍ୱତଃସ୍ଫୁରଣ । ଚେତନାର ଯେଉଁ

ସ୍ତରରେ ଯିଏ ଅଛି ସେଇ ଅନୁସାରେ ତା'ର ସ୍ଫୁରଣ ଘଟିବ । ସେଥିରେ କୌଣସି ବିଚାର ନ ଥାଏ, ବିଚାର ପରେ ଆସେ । ସାଧାରଣ ବିଚାରରେ ତୋର ହାତ ଛାଡ଼ି ସାଇକେଲ ଚଳାଇବା ଏକ ନିରର୍ଥକ ଚେଷ୍ଟା ହୋଇଥାଇ ପାରେ । ଖାଲି ନିରର୍ଥକ ନୁହେଁ ବିପଦପୂର୍ଣ୍ଣ ମଧ୍ୟ । କିନ୍ତୁ ଗଭୀରତର ଦୃଷ୍ଟିରୁ ତୋର ଚେତନା ଚାହେଁ ନିଜକୁ ନବ ନବ ରୂପରେ ପ୍ରକାଶ କରିବାକୁ । ଖାଲି ସେଇ ପୁରୁଣା କଥା, ପୁରୁଣା ଅଭ୍ୟାସକୁ ଧରି ପଡ଼ି ରହିବାକୁ ତାହା ଚାହେଁ ନାହିଁ । ତେଣୁ ସାଇକେଲଟା ହାତ ଛାଡ଼ି ଚଳାଇବା ପାଇଁ ଯେଉଁ ଇଚ୍ଛା ବା ଆନନ୍ଦ ସେଇଟା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ଏଇ କଥାଟିକୁ ଜାଣିବା ଯେ ନିଜ ଚେତନା ସବୁବେଳେ ନୂଆ ନୂଆ ରୂପରେ ନିଜର ଅଗ୍ରଗତି ଚାହେଁ । ତୁ ରିଚାର୍ଡ଼ ବାକ୍‌ଙ୍କର 'ଜନାଥନ ଲିଭିଂ ଷ୍ଟୋନ ସମୁଦ୍ରପାରା' (Jonathan living stone Seagull) କଥା ଶୁଣିଛୁ ?''

''କ'ଣ ସେଇକଥା କୁହ ।''

''ସେ ବହୁତ ବଡ଼ କଥା । ପରେ ଯଦି ତୁ ଚାହୁଁ ସେ ବହି ପଢ଼ିପାରୁ । ମୁଁ ଖାଲି ସଂକ୍ଷେପରେ ଯେଉଁ ଭଳି ଭାବରେ ମୋର ମନେ ପଡୁଛି ସେଇଭଳି ଭାବେ ତୋତେ କହୁଛି ଶୁଣ ! ସେଥିରେ ମୋର ନିଜର ବିଚାର ବି ମିଶିଯାଇ ପାରେ । ତେବେ କଥାଟି ମୋଟାମୋଟି ଏଇଆ :

ଗୋଟିଏ ଜାଗାରେ ସମୁଦ୍ର ଭିତରକୁ ପଶି ଯାଇଥିଲା ଖୁବ୍ ଏକ ବିରାଟ ଭୂଇଁ । ପାହାଡ଼ିଆ, ପଥୁରିଆ ଭୂଇଁ । ସମୁଦ୍ରରେ ଯେତେ ଢେଉ ଆସିଲେ ବି ତାକୁ ଖାଇ ପାରେ ନାହିଁ । ସେଇଠି ରହୁଥିଲେ ଅନେକ ସମୁଦ୍ରପାରା । ସୁନ୍ଦର ବରଫ ଭଳି ଧଳା ଧଳା ଚଢ଼େଇ । ବଗ ଭଳି ମାଛ ଖାଇବା ସେମାନଙ୍କର ଅଭ୍ୟାସ । ଚମତ୍କାର ଭଙ୍ଗୀରେ ସମୁଦ୍ର ଉପରେ ସେମାନେ ଦଳ ଦଳ ହୋଇ ଉଡୁଥାଆନ୍ତି । ସମୁଦ୍ର ପାଣିରେ ମାଛଟିଏ ଦେଖିଲେ ତୀର ବେଗରେ ଝାମ୍ପ ମାରି ତାକୁ ଥଣ୍ଟରେ ଧରି ନେଇ ଯାଆନ୍ତି । ବଡ଼ ମାଛଟିଏ ହୋଇଥିଲେ ଉପରେ ତାକୁ ଖାଇବା ଲାଗି ନିଜ ନିଜ ଭିତରେ କାମୁଡ଼ା କାମୁଡ଼ି ଲାଗନ୍ତି । ଏଇଭଳି ଖାଲି ମାଛ ଶିକାର ଓ କେଉଟମାନଙ୍କ ଡଙ୍ଗାରୁ ବେଳେ ବେଳେ କିଛି ଖାଦ୍ୟ ଟୁକୁରା ସଂଗ୍ରହ ଲାଗି ଉଡ଼ିବା, ନିଜ ନିଜ ଭିତରେ କାମୁଡ଼ା କାମୁଡ଼ି ହେବା, ଅଣ୍ଡା ଦେବା, ଛୁଆ ଫୁଟାଇବା, ବୁଢ଼ା ହେବା, ଶେଷରେ ମରିବା – ଏଇ ହେଉଛି ସେମାନଙ୍କର ଜୀବନ ।

ଗୋଟିଏ ଛୋଟ ପିଲା ସମୁଦ୍ରପାରା ବିଷୟରେ ଇଂରାଜୀରେ ଗୋଟିଏ ଛୋଟ ଗୀତ ଲେଖିଛି, ଶୁଣିବୁ ?''

''ହଁ କୁହ ।''

ଶୁଣ —

‘The seagulls dive into the sea,
Like dive-bombers, it appears to me.
They swoop down in lakhs,
To make their attacks.
Their only wish
Is to catch fish.
They twitter in glee,
Seeing the fish flee.
They make the sea white,
As for fish they fight.’

‘ସମୁଦ୍ରପାରା ଲମ୍ଫ ମାରେ
ସମୁଦ୍ରର ଜଳେ,
ବୋମାବାହୀ ବିମାନ ଯଥା
କ୍ଷିପ୍ର ବେଗେ ଚଳେ ।
ଲକ୍ଷ ଲକ୍ଷ ସଂଖ୍ୟାରେ ସେ
ଖସନ୍ତି ତଳକୁ,
ସେମାନଙ୍କ ଇଚ୍ଛା ଖାଲି
ମାଛ ଖାଇବାକୁ ।
ସମୁଦ୍ର ଜଳରେ ଯଦି
ମାଛଙ୍କୁ ଦେଖନ୍ତି,
କିଚିରି ମିଚିରି ଶବ୍ଦେ
ଗଗନ କମ୍ପାନ୍ତି ।
ମାଛ ପାଇଁ ଯେବେ ସିଏ
ସଂଗ୍ରାମ କରନ୍ତି,
ଆକାଶରେ ଭରି ଯାଏ
ଖାଲି ଶ୍ୱେତ କାନ୍ତି ।’

‘‘କେତେ ବଡ଼ ପିଲା ଏ କବିତା ଲେଖିଛି ?’’

‘‘ତୋଠାରୁ ଅବଶ୍ୟ ବଡ଼ । ତାକୁ ୧୫ ବର୍ଷ ଖଣ୍ଡେ ହେବ ।’’

''ଭଲ ହୋଇଛି । ମୁଁ ବି ଏମିତିଆ କବିତା ଲେଖିବି । ଏଥରକ କୁହ ସେଇଠୁ କ'ଣ ହେଲା ?''

''ଉପକୂଳର ସେଇ ସମୁଦ୍ରପାରାମାନଙ୍କ ମଧ୍ୟରେ ଥାଏ ଗୋଟିଏ ତରୁଣ ପାରା । ନାଁ ତା'ର ଜନାଥନ । ତାକୁ ଭଲ ଲାଗେ ନାହିଁ ତା' ଦଳର ଆଚରଣ । ସବୁବେଳେ ଖାଲି ଖାଦ୍ୟ ସଂଗ୍ରହ ଲାଗି ସମୁଦ୍ର ଉପରେ ଉଡ଼ିବା, ଖାଦ୍ୟଟିଏ ପାଇଲେ ତା' ଲାଗି କାମୁଡ଼ା କାମୁଡ଼ି ହେବା, ଅଣ୍ଡା ଦେବା, ଛୁଆ ଫୁଟାଇବା, ବୁଢ଼ା ହେବା, ମରିବା – ଏଇସବୁ ଧରାବନ୍ଧା କଥା ତାକୁ ଭଲ ଲାଗେ ନାହିଁ । ସେ ଭାବେ ଜୀବନଟା ଖାଲି ଖାଇ ପିଇ ବଞ୍ଚିବା ଲାଗି ନୁହେଁ । ଜୀବନରେ ଆଉ କିଛି ଉଦ୍ଦେଶ୍ୟ ଅଛି । ଜୀବନଟା ତାକୁ ଅପୂର୍ଣ୍ଣ, ଅସଂପୂର୍ଣ୍ଣ, ସୀମିତ ବୋଧ ହୁଏ । ଏହି ଅପୂର୍ଣ୍ଣ ଜୀବନକୁ ପୂର୍ଣ୍ଣ କରିବାକୁ ହେବ, ସୀମିତ ଜୀବନକୁ ସୀମାହୀନ କରିବାକୁ ହେବ । ସେଇଥିଯୋଗୁଁ ଖାଇ ପିଇ ବଞ୍ଚିବାକୁ ହୁଏ । ନଚେତ୍ ଜୀବନର କିଛି ମୂଲ୍ୟ ନାହିଁ । ତେଣୁ ସେ ଗୋଠରୁ ଅଲଗା ହୋଇ ଯାଇ ଉଡ଼ିବା ଅଭ୍ୟାସ କରେ । ସମୁଦ୍ର ଉପରେ ମାଇଲ ମାଇଲ ଧରି ଉଡ଼େ । ଉଡ଼ିବାରେ ତା'ର ବିରାମ ନ ଥାଏ । ଉଡ଼ିବାରେ ବିଭିନ୍ନ କୌଶଳ ଶିକ୍ଷା କରେ । କିଛି ଦୂର ଡେଣା ହଲାଇ ହଲାଇ ତା'ପରେ ସଂପୂର୍ଣ୍ଣ ରୂପେ ଡେଣାକୁ ସ୍ଥିର ରଖି କିପରି ଉଡ଼ିବାକୁ ହେବ ତାହା ଶିକ୍ଷା କଲା । ସମୁଦ୍ର ପାଣି ଉପରୁ ମାତ୍ର ଇଞ୍ଚେ ଖଣ୍ଡେ ଛାଡ଼ି କିପରି ଗୋଡ଼ ଦୁଇଟିକୁ ପଛକୁ ଛାଟି ଉଡ଼ିବାକୁ ହେବ ତାହା ସେ ଶିଖିଲା । ଉଡ଼ିବାର ଅଭ୍ୟାସ କରିବାରେ ଦିନ ରାତି, ଖାଇବା ପିଇବା ଭୁଲିଗଲା ।

ଜନାଥନର ବାପ ମା' ପୁଅର ଏପରି ଆଚରଣ ଦେଖି ପ୍ରମାଦ ଗଣିଲେ । ଭାବିଲେ ଇଏ ଯେମିତି ଗୋଠଖଣ୍ଡିଆ ହେଇ ଖାଲି ଉଡ଼ିବାରେ ଲାଗିଛି, ତାକୁ ଆଉ ସମୁଦ୍ରପାରାମାନେ ଦଳରେ ଗ୍ରହଣ କରିବେ ନାହିଁ । ତାକୁ ବାସନ୍ଦ କରିଦେବେ, କେହି ଆଉ ତା' ସଙ୍ଗରେ ମିଶିବେ ନାହିଁ । ତେଣୁ ଦିନେ ସେମାନେ ତାକୁ ଡାକି କହିଲେ, 'ବାବୁ ଜନାଥନ, ତୁ ଏ ଉଡ଼ିବା ଅଭ୍ୟାସ ଛାଡ଼ିଦେ । କ'ଣ ମିଳିବ ଏସବୁ ବିଭିନ୍ନ ପ୍ରକାର ଉଡ଼ିବା କୌଶଳ ଶିଖିବାରୁ ? ଆମେ ତ ସମୁଦ୍ରପାରା ହେଇ ଜନ୍ମ ହେଇଛେ ଖାଲି ମାଛ ଶିକାର କରି ବଞ୍ଚିବା । ସେଇ ମାଛ ଶିକାର ଲାଗି ଯେତିକି ଉଡ଼ିବା ଦରକାର ସେତିକି ଉଡ଼ିବା । ଅଯଥା ଏତେ ପ୍ରକାର ଉଡ଼ିବାର କୌଶଳ ଶିଖିବାର ଦରକାର କ'ଣ ? ତୁ ଏପରି ଗୋଠଖଣ୍ଡିଆ ହୋଇ ଖାଲି ଉଡ଼ିବାରେ ଲାଗିଲେ ଆମ ସମାଜର ବୁଢ଼ା ମୁଖିଆପାରାମାନେ ତୋତେ ଏକଘରିକିଆ କରିଦେବେ । କେହି ତୋ ସହ ସଂପର୍କ ରଖିବେ ନାହିଁ । ଆଉ ଦେଖ, ଖାଲି ଉଡ଼ି ଉଡ଼ି ତୋ ଦେହ କିପରି କଣ୍ଟା ହେଲାଣି । ହାଡ଼ କେଇ ଖଣ୍ଡ ଛଡ଼ା ତୋ ଦେହରେ ଆଉ ଯେପରି କିଛି ନାହିଁ । ସୁନାପୁଅଟା ପରା !

ଏଣିକି ଆମ କଥା ମାନ । ଦଳରେ ରହ । ସେମାନେ ଯାହା କହୁଛନ୍ତି ସେଇଆ କର । ଭଲଭାବେ ମାଛ ଶିକାର କରି ଶିଖ ।

ବାପା ମା'ଙ୍କର ସ୍ନେହର ଅନୁରୋଧ ଜନାଥନ ଏଡ଼ି ପାରିଲା ନାହିଁ । ମୁହୂର୍ତ୍ତକ ପାଇଁ ତା' ମନରେ ଏ ବିଚାର ଆସିଲା ଯେ ଯଥାର୍ଥରେ ଏତେଗୁଡ଼ାଏ ଉଡ଼ିବା କୌଶଳ ଶିଖିବା ଲାଭ କ'ଣ ? ସୁନାପିଲାଟି ଭଳି ସେ ସମୁଦ୍ରପାରାଙ୍କ ଦଳରେ ଯୋଗ ଦେଲା, ସେମାନଙ୍କ ସହ ମାଛ ଶିକାର କଲା । କିନ୍ତୁ ଯେତେ ହେଲେ ବି ସମୁଦ୍ରପାରାଙ୍କର ସେଇ ଚିରାଚରିତ ଢଙ୍ଗ ତାକୁ ଭଲ ଲାଗିଲା ନାହିଁ । ମାଛ ଲାଗି ସେମାନେ କାମୁଡ଼ା କାମୁଡ଼ି ହେଉଥିବା ସମୟରେ ସେ ଧରିଥିବା ମାଛକୁ କୌଣସି ବୁଢ଼ା ପାରାକୁ ଦେଇଦିଏ । ସବୁବେଳେ ସେ ନିଜ ଭିତରେ ନୂଆ କିଛି କରିବାର ପ୍ରେରଣା ଅନୁଭବ କରୁଥାଏ । ଶେଷରେ ଦିନେ ସେ ପୁଣି ଉଡ଼ିବା ଅଭ୍ୟାସ ଆରମ୍ଭ କରିଦେଲା ।

ଏଥରକ ସମୁଦ୍ର ଉପରେ ସମତଳ ଭାବରେ ନ ଉଡ଼ି ହଜାର ହଜାର ଫୁଟ ଉପରକୁ ଉଡ଼ିଯାଇ ତୀର ବେଗରେ ତଳକୁ ଖସିବା ଅଭ୍ୟାସ କଲା । ଅନେକ ଥର ସମୁଦ୍ର ପାଣି ଉପରେ ଆସି ବାଡ଼େଇ ହୋଇ ଯାଇ ସେ ଆଘାତ ପାଉଥାଏ । କିନ୍ତୁ ଉଡ଼ିବାର ଅଦମ୍ୟ ଇଚ୍ଛାକୁ ସେ ଭିତରେ ଦମନ କରିପାରୁ ନ ଥାଏ । ବହୁତ ଉଚ୍ଚକୁ ଉଡ଼ିଯାଇ ତଳକୁ ଖାଲି ସିଧା ନ ଖସି ବାଟରେ ଲେଉଟି ଖସିବାକୁ ଲାଗିଲା । ସାଇଁ କରି ଖସୁଥିବା ସମୟରେ ନିଜ ଗତିକୁ ଅଧା ବାଟରେ ଆୟତ୍ତ କରି ଉଡ଼ିବାର ଦିଗ ପରିବର୍ତ୍ତନ କରିପାରିଲା । ବଡ଼ ବଡ଼ ଡେଣାଗୁଡ଼ିକ ଯୋଗୁଁ ଉଚ୍ଚକୁ ଉଡ଼ିବାରେ ଅସୁବିଧା ବୋଧ ହେବାରୁ ତାକୁ ଜାକି ଛଞ୍ଚାଣର ଡେଣା ଭଳି ଛୋଟ ଆଉ ଧାରୁଆ କରି ଉଡ଼ିବାକୁ ଶିଖିଲା । ଏଇ ଉଡ଼ିବାରୁ ସେ ଏତେ ଆନନ୍ଦ ପାଇଲା ଯେ ରାତିରେ ଚନ୍ଦ୍ରକିରଣରେ ମଧ ଉଡ଼ିବାକୁ ଲାଗିଲା । ମାଛ ଶିକାର ଲାଗି ତାକୁ ଖୁବ୍ କମ୍ ସମୟ ଲାଗେ । ତା' ଛଡ଼ା ଅନ୍ୟ ସମୁଦ୍ରପାରାଙ୍କ ଭଳି ଖାଲି ସମୁଦ୍ର ଉପରେ ନ ଉଡ଼ି ସ୍ଥଳ ଭାଗରେ ବହୁ ଦୂର ପର୍ଯ୍ୟନ୍ତ ଉଡୁଥିବାରୁ ବାଟରେ ଅନେକ ମିଠା ମିଠା ପୋକ ବି ପାଇ ଖାଏ । ଖାଦ୍ୟ ପାଇଁ ତା'ର ଚିନ୍ତା ନ ଥାଏ ।

ଦିନେ ଉଡ଼ିବାର ଏପରି ବିଭିନ୍ନ କୌଶଳ ଶିକ୍ଷା କରି ହାଲିଆ ହେଇ ସମୁଦ୍ର କୂଳେ ବିଶ୍ରାମ ନେଉଥାଏ । ଏତିକି ବେଳେ ଗୋଟାଏ ସମୁଦ୍ରପାରା ତାକୁ ଖବର ଦେଲା ଯେ ଦଳର ମୁଖିଆ ପାରା ତାକୁ ଡକାଇଛନ୍ତି । ଜନାଥନ ତା'ର ଅବଶ ପାଦ ଆଗକୁ ଆଗକୁ ପକାଇ ଦଳ ଆଡ଼କୁ ଚାଲିଲା । ଦେଖିଲା ଦଳର ସମସ୍ତେ ଗୋଲାକାର ଭାବରେ ରହି ତାକୁ ଅପେକ୍ଷା କରିଛନ୍ତି । ଭାବିଲା ଆଜି ତା'ର ଉଡ଼ିବାର ଅଦ୍ଭୁତ କୌଶଳ ଦେଖି ସେମାନେ ପ୍ରାୟ ତାକୁ ସମ୍ମାନ ଦେବାକୁ ଡାକିଛନ୍ତି । କିନ୍ତୁ ମୁଖିଆପାରାର ଗମ୍ଭୀର ସ୍ୱର

ଶୁଣାଗଲା – 'ସ୍ୱେଚ୍ଛାଚାରୀ ଦାୟିତ୍ୱହୀନ ଜନାଥନ, ସଭା ମଝିକୁ ଆସ । ତୁମକୁ ଆଜି ଦଣ୍ଡ ଭୋଗିବାକୁ ହେବ ।'

ଜନାଥନ ମୁଣ୍ଡରେ ଯେପରି ବଜ୍ର ପଡ଼ିଲା । ଗୋଡ଼ ଦୁଇଟି ଓ ଡେଣା ଦୁଇଟି ତା'ର ଯେମିତି ହୁଗୁଳା ହୋଇଗଲା । ଆଶଙ୍କାଭରା ମନରେ ସେ ଆସି ସଭା ମଝିରେ ଠିଆ ହେଲା । ମୁଖିଆ ପାରା କହିଲା, 'ଜନାଥନ, ତୁମେ ଆମ ସମୁଦ୍ରପାରା ଜାତିର ପରମ୍ପରା ଭଙ୍ଗ କରିଛ । ଆମର ଜନ୍ମ ମାଛ ଶିକାର କରି ବଞ୍ଚି ରହିବା । ସେଇଥିଲାଗି ଯେତିକି ଦରକାର ସେତିକି ଉଡ଼ିବା । କିନ୍ତୁ ତୁମେ ସ୍ୱେଚ୍ଛାଚାରୀ, ମନମୁଖି ହୋଇ ଖାଲି ଉଡ଼ିବାରେ ଲାଗିଛ । ତୁମର ଟିକିଏ ଦାୟିତ୍ୱଜ୍ଞାନ ବି ନାହିଁ । ତୁମକୁ ଆଜିଠାରୁ ପୃଥକ୍ କରି ଦିଆଗଲା । ତୁମେ ଆମମାନଙ୍କ ସଙ୍ଗରେ ଆଉ ମିଶି ପାରିବ ନାହିଁ ।'

ମୁଖିଆଙ୍କ ଆଦେଶ ବିରୋଧରେ କେହି କେବେ ଅଭିଯୋଗ କରିବାକୁ ସାହସ କରନ୍ତି ନାହିଁ । କିନ୍ତୁ ଜନାଥନ ଉତ୍ତେଜିତ ହୋଇ କହିଲା, 'ଆପଣମାନେ ବୁଝିପାରୁ ନାହାନ୍ତି । ଭୁଲ୍ କରୁଛନ୍ତି, ଖାଲି ଖାଇପିଇ ବଞ୍ଚିବା ଅପେକ୍ଷା ଜୀବନର ଯେ ଆଉ ଗୋଟିଏ ମହତ୍ତର, ଗଭୀରତର ଅର୍ଥ ଅଛି ତା' ଆପଣମାନେ ଭୁଲି ଯାଉଛନ୍ତି । ସମୁଦ୍ରପାରାମାନେ ସେଇ ପୁରୁଣା ସୀମା ଭିତରେ ସବୁବେଳେ ଆବଦ୍ଧ ହୋଇ ରହିବାର ସମୟ ଚାଲିଯାଇଛି । ସେମାନଙ୍କୁ ବର୍ତ୍ତମାନ ପୁରୁଣା ସୀମା ବନ୍ଧନ ଭାଙ୍ଗି ନୂଆ କଥା ସବୁ ଶିଖିବାକୁ ହେବ । ଜୀବନର ନୂତନ ମୂଲ୍ୟବୋଧ ଅନୁଭବ କରିବାକୁ ହେବ । ସେମାନଙ୍କୁ ଆହୁରି ନମନୀୟ, କମନୀୟ, କ୍ଷିପ୍ରତର, ଛନ୍ଦୋମୟ ହେବାକୁ ହେବ । ମୋତେ ଥରେ ସୁଯୋଗ ଦିଅନ୍ତୁ । ମୁଁ ଉଡ଼ି ସମୁଦ୍ରପାରା କ'ଣ କରିପାରେ ତା'ର ଏକ ନମୁନା ଆପଣମାନଙ୍କୁ ଦେଖାଏ । ଦେଖିସାରି ମୁଁ ଭୁଲ୍ କରୁଛି କି ଠିକ୍ କରୁଛି ଆପଣମାନେ ବିଚାର କରିବେ ।'

କିନ୍ତୁ ସବୁଯାକ ସମୁଦ୍ରପାରା ଜନାଥନ ଆଡ଼କୁ ପିଠି ବୁଲାଇ ଦେଲେ । ତାକୁ ଚାହିଁଲେ ବି ନାହିଁ । 'ଠିକ୍ ଅଛି' କହି ଜନାଥନ ସେମାନଙ୍କୁ ଛାଡ଼ି ଚିରଦିନ ପାଇଁ ଅନ୍ୟ ଏକ ସୁଦୂର ପାହାଡ଼ ଉପରକୁ ଉଡ଼ି ଚାଲିଗଲା । ସେ ବର୍ତ୍ତମାନ ସମାଜଚ୍ୟୁତ, ନିର୍ବାସିତ ହେଲେ ବି ତାକୁ ଦୁଃଖ ଲାଗିଲା ନାହିଁ । ସେ ଆହୁରି ବେଶୀ ବେଶୀ ତା'ର ଉଡ଼ିବାରେ ମନ ଦେଲା ।

ଏଇପରି ଦିନେ ଉଡ଼ିବାର ଅଭ୍ୟାସ କରୁଛି, ଅନୁଭବ କଲା ତା'ର ଦୁଇ ପରଠାରୁ ପ୍ରାୟ ଇଞ୍ଚେଖଣ୍ଡେ ଛାଡ଼ି ଯେପରି ଆଉ ଦୁଇଟି ପାରା ଉଡୁଛନ୍ତି । ସେ ଖୁବ୍ ଜୋର୍‌ରେ ସାଏଁ କିନା ତଳକୁ ଖସି ଆସିଲା, ପୁଣି ସାଏଁ କିନା ଉପରକୁ ଉଠିଗଲା, ଲେଉଟି ଲେଉଟିକା ତଳକୁ ଆସିଲା, ବାରଂବାର ଚଟାପଟ୍ ଉଡ଼ିବାର ଦିଗ ପରିବର୍ତ୍ତନ କଲା,

କିନ୍ତୁ ଦେଖିଲା ଆଉ ପାରା ଦୁଇଟି ଠିକ୍ ତା' ପରଠାରୁ ଇଞ୍ଚେ ବ୍ୟବଧାନ ରଖି ତା' ସାଙ୍ଗରେ ସେମିତି ଉଡ଼ୁଛନ୍ତି । ତାକୁ ବହୁତ ଅଦ୍ଭୁତ ଲାଗିଲା । ସେ ପାରା ଦୁଇଟିଙ୍କୁ ପଚାରିଲା, 'ତୁମେ କିଏ ? ଅଦ୍ଭୁତ ତୁମ ଉଡ଼ିବାର କୌଶଳ !'

'ଆମେ ତୁମ ଭାଇ । ତୁମକୁ ଆମ ସଙ୍ଗରେ ନେଇଯିବାକୁ ଆସିଛୁ । ତୁମକୁ ଏ ପୃଥିବୀ ଛାଡ଼ି ଉପରକୁ ଆଉ ଏକ ଭୂମିକୁ ଯିବାକୁ ହେବ । କ'ଣ ରାଜି ତ ?'

'ମୁଁ ତ ଭାଇ ସମାଜଛଡ଼ା । ମୋର ଏଠାରେ ଭାଇ, ବନ୍ଧୁ, କୁଟୁମ୍ବ କେହି ନାହାନ୍ତି । ସମସ୍ତେ ମୋତେ ତ୍ୟାଗ କରିଛନ୍ତି । ତଥାପି ମୋର ସେମାନଙ୍କ ପ୍ରତି ଆସକ୍ତି ନ ଥିଲେ ବି ସ୍ନେହ ରହିଛି । ତା'ଛଡ଼ା ମୁଁ ପୃଥିବୀ ଉପରେ ପବନ ଭିତରେ ଉଡ଼ୁଛି । ପବନ ଉପରକୁ ଏ ଦେହଟାକୁ ତ ନେଇପାରିବି ନାହିଁ ।

'ହଁ, ତୁମେ ନେଇପାରିବ । ତୁମର ଜନ୍ମ ସେଇଥିଲାଗି । ଏ ପର୍ଯ୍ୟନ୍ତ ତୁମେ ଉଡ଼ିବା ଶିଖିଛ । ଏଇଠୁ ତୁମ ଜୀବନର ଆଉ ଗୋଟାଏ ଅଧ୍ୟାୟ ଆରମ୍ଭ ହେବ । ତାହା ଏଇ ପୃଥିବୀର ଉଡ଼ିବା ଭଳି ନୁହେଁ ।'

ଜନାଥନ ନୂତନର ସ୍ୱାଦ ଚାଖିବା ନିମନ୍ତେ ବ୍ୟାକୁଳ ହୋଇଉଠିଲା । ଭଲ କରି ଥରେ ତା'ର ପ୍ରିୟ ପୃଥିବୀ, ସମୁଦ୍ର, ପାହାଡ଼, ପର୍ବତ ଓ ଜ୍ଞାତି ଭାଇମାନଙ୍କୁ ଦେଖିନେଲା । ତା'ପରେ ଦେବଦୂତ ଭଳି ସେଇ ଉଜ୍ଜ୍ୱଳ ପାରା ଦୁଇଟିଙ୍କ ସଙ୍ଗରେ ସାଏଁକିନା ଆକାଶର ମେଘ କାଟି କୁଆଡ଼େ ଅଦୃଶ୍ୟ ହୋଇଗଲା । ସେ ନୂଆ ପାରା ଦୁଇଟିଙ୍କ ଭଳି ଶରୀର ବି ତା'ର ଧୀରେ ଧୀରେ ଉଜ୍ଜ୍ୱଳ ହୋଇ ଆସୁଥାଏ । ଡେଣା ଦୁଇଟି ରୁପାର ପର୍ଦାପରି ଚିକ୍ ଚିକ୍ କରୁଥାଏ । ଶରୀର ହାଲୁକା ଲାଗୁଥାଏ । ଘଣ୍ଟାରେ ୨୫୦-୨୭୦ ମାଇଲ ବେଗରେ ଉଡ଼ିପାରୁଥାଏ । ସଂପୂର୍ଣ୍ଣ ଭାବରେ ମେଘ ଉପରକୁ ଚାଲିଯିବା ପରେ ନୂଆପାରା ଦୁଇଟି କହିଲେ 'ଏଇଠି ଜନାଥନ ତୁମକୁ ଓହ୍ଲାଇବାକୁ ହେବ । ଏଇ ତୁମର ନୂଆ ଭୂମି ।' ଏହା କହି ସେ ପାରା ଦୁଇଟି ପତଳା ପବନରେ କୁଆଡ଼େ ହୁସ୍‌କରି ମିଳେଇଗଲେ ।

ଜନାଥନ ଦେଖିଲା ସେଠି ଦଶ, ବାରଟି ପାରା ଏକ ଦନ୍ତୁରିତ ସମୁଦ୍ର କୂଳରୁ ତାକୁ ପାଛୋଟି ନେବା ପାଇଁ ଆଗେଇ ଆସିଲେ । ତାକୁ ଏଇଟା ନିଜ ଘରଭଳି ଲାଗିଲା । କିନ୍ତୁ ସମସ୍ତେ ନୀରବ, କିଛି କଥା କହୁ ନାହାନ୍ତି । ଅଥଚ ସେମାନଙ୍କର ହୃଦୟର ଭାବ ଅନୁଭବ କରି ହେଉଛି । ସେମାନେ କୂଳରେ ଓହ୍ଲାଇଲେ । ଜନାଥନ ଓହ୍ଲାଇଲା ବେଳେ ତା'ର ପର ହଲୁଥାଏ । କିନ୍ତୁ ସେମାନଙ୍କର ପର ଜମା ହଲୁ ନ ଥାଏ ।

ସେଠାରେ ରହି ଜନାଥନ ଅନେକ କଥା ଶିଖିଲା । ସେଠାରେ ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ଉଡ଼ିବା । ଖାଇବା ପାଇଁ କିଚିରି ମିଚିରି, କାମୁଡ଼ା କାମୁଡ଼ି ନାହିଁ । ବିନା

କଥାବାର୍ତ୍ତାରେ ସମସ୍ତେ ସମସ୍ତଙ୍କ କଥା ବୁଝିପାରନ୍ତି । ଜନାଥନ ଦିନେ ତା' ଗୁରୁ ସୁଲିଭାନକୁ ପଚାରିଲା – 'ଏଠି ଏତେ କମ୍ ପାରା କାହିଁକି ?' ସୁଲିଭାନ କହିଲା, 'ଜନ୍ମ ଜନ୍ମାନ୍ତରର ବିକାଶ ପରେ ଏଠାକୁ ପାରାମାନେ ଆସନ୍ତି । ହୁଏତ ଦଶ ହଜାର ଜନ୍ମ କିଂବା ତା'ଠାରୁ ବେଶୀ ତାଙ୍କୁ ଲାଗିଯାଏ ଏଠାକୁ ଆସିବା ଲାଗି । କିନ୍ତୁ ତୁ ଭାଗ୍ୟବାନ୍ । ଗୋଟିଏ ଜନ୍ମରେ ତୋର ଅକ୍ଲାନ୍ତ ସାଧନା ବଳରେ ଏଠାକୁ ଚାଲିଆସି ପାରିଲୁ । ତୋ ଭଳି ପାରା କୋଟିକରେ ଗୋଟିଏ ମିଳିବା କଷ୍ଟ ।

''ସିଏ କ'ଣ ପାଟି କରି କହୁଥାଏ ?'' ପଚାରିଲା ଅନୁରକ୍ତା ।

''ନା, ସୁଲିଭାନ କିଂବା ଜନାଥନ କେହି ପାଟି କରୁ ନ ଥା'ନ୍ତି । କିନ୍ତୁ ନୀରବରେ ସେମାନଙ୍କ ଭିତରେ କଥାବାର୍ତ୍ତା ଚାଲିଥାଏ ।''

''ବଡ଼ ଆଶ୍ଚର୍ଯ୍ୟ !'' କହିଲା ଅନୁରକ୍ତା ।

''ଅବଶ୍ୟ ପାଟି କରିବାରେ ଅଭ୍ୟସ୍ତ ଆମ ମଣିଷଙ୍କୁ ଏଇଟା ଆଶ୍ଚର୍ଯ୍ୟ ଲାଗୁଛି । କିନ୍ତୁ ମା' କ'ଣ କହି ନାହାନ୍ତି ଯେ ଏପରି ସମୟ ଆସିବ ଯେତେବେଳେ ଭାଷାର ପ୍ରୟୋଜନ ହେବ ନାହିଁ ? ପ୍ରତ୍ୟେକେ ନୀରବରେ ଚେତନାର ଏକାତ୍ମତା ଫଳରେ ଅନ୍ୟ ସହ ଭାବ ବିନିମୟ କରି ତାକୁ ଯାହା କହିବାର ଥିବ ଜଣାଇ ପାରିବେ ଓ ତା'ଠାରୁ ଯାହା ଜାଣିବାର ଥିବ ଜାଣି ପାରିବେ ।''

ଏ କଥାଟିର ଅନେକ ଘଟନା ତ ମା' ଶ୍ରୀଅରବିନ୍ଦଙ୍କ ଯୋଗ ସହ ମିଳି ଯାଉଛି ! ହଉ ଏଥର କୁହ ସେ ନୂଆ ଭୂମିରେ ଜନାଥନ ଆଉ କ'ଣ ସବୁ କଲା ?

''ଦିନେ ସନ୍ଧ୍ୟାବେଳେ ଜନାଥନ ଦେଖିଲା ସମୁଦ୍ରପାରାମାନେ ବସି ନୀରବରେ କ'ଣ ଚିନ୍ତା କରୁଛନ୍ତି । ସେ ଯାଇ ସବୁଠାରୁ ଯେ ପୁରୁଣା ପାରା ତା' ପାଖରେ ବସିଲା । ତାଙ୍କ ନାମ ଚିଆଙ୍ଗ୍ । ସେ ସବୁଠାରୁ ପୁରୁଣା ହେଲେବି ସବୁଠାରୁ ତରୁଣ ଓ ଶକ୍ତିଶାଳୀ ଦେଖାଯାଉଥା'ନ୍ତି । ଉଡ଼ିବାର ଦକ୍ଷତାରେ ସେ ସବୁ ପାରାଙ୍କୁ ଟପି ଯାଉଥାଆନ୍ତି । ସେ ଏପରି ସବୁ କୌଶଳ ଶିଖିଛନ୍ତି ଯାହାକି ଅନ୍ୟମାନେ ଶିଖିବାକୁ ଆରମ୍ଭ କରିଛନ୍ତି ମାତ୍ର । ସେ ଭୂମି ଛାଡ଼ି ଆଉ ଗୋଟିଏ ଉପର ଭୂମିକୁ ଚାଲିଯିବା ପାଇଁ ସେ ସ୍ଥିର କରୁଥା'ନ୍ତି । ଜନାଥନ ତାଙ୍କୁ ପଚାରିଲା, 'ଚିଆଙ୍ଗ, ତୁମେ କାହିଁକି ଏଠାରୁ ଚାଲି ଯାଉଚ ? ଏଇଟା ତେବେ ସ୍ୱର୍ଗ ନୁହେଁ ? ମୁଁ ପ୍ରଥମେ ଭାବିଥିଲି ଏଇଟା ସ୍ୱର୍ଗ ବୋଲି ।'

'ଚିଆଙ୍ଗ ଟିକିଏ ହସି କହିଲେ, 'ଜନାଥନ, ସ୍ୱର୍ଗ ବୋଲି କୌଣସି ଦେଶ ନାହିଁ କିଂବା କୌଣସି କାଳ ନାହିଁ, ପୂର୍ଣ୍ଣତାହିଁ ସ୍ୱର୍ଗ । ଆମ ପାଇଁ ଉଡ଼ିବାରେ ପୂର୍ଣ୍ଣତା ଲାଭ କରିପାରିଲେ ସେଇହିଁ ସ୍ୱର୍ଗ । ଆମ ଦେହଟା ଯେଉଁଠି ଥାଉ ପଛେ । ତୁ ଯେତେବେଳେ ପୂର୍ଣ୍ଣତା ପାଇଯିବୁ ସେତେବେଳେ ତୁ ବି ସ୍ୱର୍ଗ ପାଇଯିବୁ । ଉଡ଼ିବାରେ ପୂର୍ଣ୍ଣତା ଅର୍ଥ

ଘଣ୍ଟାରେ ଦଶହଜାର ମାଇଲ କି ଦଶଲକ୍ଷ ମାଇଲ ନୁହେଁ । ଏସବୁ ତ ସୀମା ଭିତରେ । କିନ୍ତୁ ପୂର୍ଣ୍ଣତା ଅସୀମ, ତା'ର କୌଣସି ସୀମା ନାହିଁ । ପୂର୍ଣ୍ଣ ବେଗହିଁ ସ୍ୱର୍ଗ ।''

''ମା' କହନ୍ତି – ଆମକୁ ବି ସେଇ ପୂର୍ଣ୍ଣତା ଲାଭ କରିବାକୁ ହେବ ।'' କହିଲା ଅନୁରକ୍ତା ।

''ହଁ, ଆମକୁ ବି ମନ, ପ୍ରାଣ, ଶରୀର ଓ ଆତ୍ମାରେ ସେଇ ପୂର୍ଣ୍ଣତା ଲାଭ କରିବାକୁ ହେବ । ଆମେ ଯେତେବେଳେ ଦିବ୍ୟତାରେ ପୂର୍ଣ୍ଣ ହୋଇଯିବୁ, ସେତେବେଳେ ଏଇ ପୃଥିବୀ ଆମ ପାଇଁ ସ୍ୱର୍ଗ ହୋଇଯିବ । ସ୍ୱର୍ଗ ବୋଲି ଆଉ ଗୋଟିଏ ସ୍ୱତନ୍ତ୍ର ଇଲାକା ରହିବ ନାହିଁ ।''

''ହଉ, ଏଥର କୁହ ଚିଆଙ୍ଗ୍ ଜନାଥନକୁ କ'ଣ କହିଲେ ?''

''ଚିଆଙ୍ଗ୍ କହିଲେ, 'ଜନାଥନ, ତୁମଭଳି ଉଦ୍ୟୋଗୀ ଆଉ ଆଗ୍ରହୀ ପାରା କୋଟିକରେ ଗୋଟିଏ ମିଳିବା କଷ୍ଟ । ତୁମେ ଏପର୍ଯ୍ୟନ୍ତ ତୁମ ଡେଣା ଓ ଦେହ ସାହାଯ୍ୟରେ ଉଡ଼ିବା ଶିଖି ଆସିଛ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଛ । କିନ୍ତୁ ନ ଉଡ଼ି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କିପରି ଯିବାକୁ ହୁଏ ତା' ଜାଣିନା । ଜାଣିବାକୁ ଚାହଁ ?'

ଏକ ନୂତନ ଅଜଣା ପୁଲକରେ ଶିହରି ଉଠିଲା ଜନାଥନ । କହିଲା, 'ହଁ, ଚାହେଁ ।'

'ତେବେ ଏଇ ଦେଖ ।' ଏହା କହିବା ମାତ୍ରେ ଚିଆଙ୍ଗ୍ କୁଆଡ଼େ ଅଦୃଶ୍ୟ ହୋଇଗଲେ ଦେଖିଲାବେଳକୁ କିଛି ଦୂରରେ ସମୁଦ୍ର ଭିତରେ ଯାଇ ଦେଖାଗଲେ । ପୁଣି ଆଖି ପିଛୁଳାକେ ଆସି ଜନାଥନ ପାଖରେ ବସି ପଡ଼ିଲେ ।''

ଜନାଥନ କାବା ହୋଇଗଲା । 'କିପରି ତୁମେ ନ ଉଡ଼ି ଏପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆଖି ପିଛଡ଼ାକେ ଚାଲିଯାଇ ପାରୁଛ ?'

'ତୁ ବି ଏହା କରି ପାରିବୁ ଜନାଥନ ! ଏପର୍ଯ୍ୟନ୍ତ ତୁ ତୋର ଡେଣା ଓ ଶରୀର ଉପରେ ଧ୍ୟାନ ଦେଇଥିଲୁ । କିନ୍ତୁ ଏଣିକି ତୋର ଧ୍ୟାନକୁ ଭିତରକୁ ନେଇ ଅନ୍ତରରେ ଏକ ବିନ୍ଦୁରେ କେନ୍ଦ୍ରିତ କର । ତୁ ଖାଲି ଗୋଟିଏ ରକ୍ତମାଂସର ଶରୀର ବୋଲି ଭୁଲିଯା' । ଅନ୍ତରର ସେଇ କେନ୍ଦ୍ରରେ ରହି ଯେଉଁଠିକି ଯିବା ପାଇଁ ଚାହୁଁ, ତାହା ସଂକଳ୍ପ କର, ସେଠାରେ ପହଞ୍ଚି ସାରିଲୁଣି ବୋଲି ଭାବ । ଦେଖିବୁ ତୁ ଭାବିବା ମାତ୍ରେ ତୋ ଶରୀର ଯାଇ ସେଠାରେ ପହଞ୍ଚି ସାରିଛି । ତୁ ଆଉ କୌଣସି ଦେଶ କାଳ ଭିତରେ ଆବଦ୍ଧ ହୋଇ ପାରିବୁ ନାହିଁ । ଯୁଆଡ଼େ ଇଚ୍ଛା ସିଆଡ଼େ, ଯେତେବେଳେ ଇଚ୍ଛା ସେତେବେଳେ ଚାଲିଯାଇ ପାରିବୁ । ଏପରିକି ଅତୀତ କାଳକୁ ଓ ଭବିଷ୍ୟତ୍ କାଳକୁ ମଧ୍ୟ ଚାଲିଯାଇ ପାରିବୁ । ଅତୀତରେ ଯେଉଁ ଘଟନାସବୁ ଘଟିଯାଇଛି ତାକୁ ଜାଣିବାକୁ ଚାହିଁଲେ

ଜାଣିପାରିବୁ ଓ ଭବିଷ୍ୟତରେ କ'ଣ ଘଟିବ ତାକୁ ଜାଣିବାକୁ ଚାହିଁଲେ ବି ଜାଣିପାରିବୁ । କିନ୍ତୁ ଏତିକିରେ ସାଧନା ଶେଷ ନୁହେଁ । ଆହୁରି ଅଛି । ସେ ସାଧନା ସବୁଠାରୁ କଠିନ, ଶକ୍ତିଶାଳୀ ଆଉ ଚମକପ୍ରଦ । ସେଇଠି ତୁ ଆହୁରି ଉଚ୍ଚତର ଭୂମିକୁ ଉଠିଯାଇ ଅନୁଭବ କରିବୁ ସମଗ୍ର ଜଗତ୍ ପ୍ରତି ପ୍ରେମ ଓ କରୁଣା । ଏଇ ପ୍ରେମ ଓ କରୁଣାର ସାଧନା ବହୁତ କଷ୍ଟ । ବର୍ତ୍ତମାନ ପାଇଁ ତୋତେ ମୁଁ ଏତିକି କଥା ଜଣାଇଲି । ଗୋଟିଏ କଥା ମନେ ରଖିବୁ । ତା' ହେଉଛି କୌଣସି ନୂଆ କଥା ଶିଖିଲାବେଳେ ପୁରୁଣା ବିଶ୍ୱାସକୁ, ପୁରୁଣା ସୀମାକୁ ଭୁଲିଯିବୁ । ଆଉ ଆନ୍ତରିକ ଭାବେ ଚାହିଁଲେ ଓ ଚେଷ୍ଟାକଲେ ତୁ ନିଶ୍ଚୟ ସଫଳ ହେବୁ ।'

ଜନାଥନକୁ ସବୁ ଖାଲି କୁହୁକ ଭଳି ଲାଗୁଥାଏ । ତଥାପି ନୂଆ କଥା ଶିଖିବା ନିମନ୍ତେ ଆନନ୍ଦରେ ତା' ଭିତରଟା କୁରୁଳି ଉଠୁଥାଏ । ଚିଆଙ୍ଗ୍‌ର କଥା ଅନୁସାରେ ଜନାଥନ ନିବିଷ୍ଟ ମନରେ ସମୁଦ୍ର କୂଳରେ ଗୋଟିଏ ସ୍ଥାନରେ ବସି ଘୋର ଧ୍ୟାନମଗ୍ନ ହେଲା । ସକାଳୁ ରାତି ପର୍ଯ୍ୟନ୍ତ ବସି ବସି ତା' ଶରୀର ଟିକିଏ ବି କୁଆଡ଼କୁ ଘୁଞ୍ଚିଲା ନାହିଁ ।...''

''କ'ଣ, ମୁଁ ରୋଷେଇ ସାରି କେତେବେଳୁ ଅପେକ୍ଷା କରିଛି । ତୁମର ଆଜି ଗପ ସରିବ ନାହିଁ ନା କ'ଣ ?'' ଟିକିଏ ଦୂରରୁ ରୋଷେଇ ଘର ପାଖରୁ ବୋଉର ପାଟି ଶୁଭିଲା ।

''ଆରେ, ସତେ ତ ! ଆଜି ବହୁତ ଡେରି ହୋଇ ଗଲାଣି । ଚାଲ ଅନୁ, ଖାଇବା, ନ ହେଲେ ବୋଉ ବିରକ୍ତ ହେବ । ଜନାଥନ ସେମିତି ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ପର ସାହାଯ୍ୟରେ ନ ଉଡ଼ି ଚାଲିଯିବା ଲାଗି ଧ୍ୟାନ କରୁଥାଉ । ତା' କଥା ପୁଣି କାଲିକି ଆରମ୍ଭ କରିବା ।''

ଅନିଚ୍ଛା ସତ୍ତ୍ୱେ ବୋଉର ଭୟରେ ବହୁ କଷ୍ଟରେ ଉଠି ଅନୁରକ୍ତା ତା'ର ଭାଇ ଚିନ୍ମୟ ସଙ୍ଗରେ ଖାଇବାକୁ ଗଲା । କିନ୍ତୁ ରାତିଯାକ ଖାଲି ଜନାଥନର ଅଦ୍ଭୁତ ଭାବେ ଉଡ଼ିବାର ସ୍ୱପ୍ନ ସହ ନିଜେ ଅଦ୍ଭୁତଭାବେ ସାଇକେଲ ଚଳାଉ ଥିବାର ସ୍ୱପ୍ନ ଦେଖିଲା ।

# (୨)

''ଆଚ୍ଛା, ପୁରୁଣା ପାରା ଚିଆଙ୍ଗ୍‌ର କଥା ଅନୁସାରେ ଜନାଥନ ସମୁଦ୍ରପାରା ଗୋଟିଏ ଜାଗାରେ ଆଖିବୁଜି ବସି ଅନ୍ତରରେ ଗୋଟିଏ ବିନ୍ଦୁ ଉପରେ ଧ୍ୟାନ କରୁଥିଲା ଆଦୌ ଉଡ଼ି ନ ପାରି ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଚାଲିଯିବ ବୋଲି । କିନ୍ତୁ ବହୁତ ସମୟ ଧ୍ୟାନ କରିବା ପରେ ଟିକିଏ ବି ନିଜ ସ୍ଥାନରୁ ଘୁଞ୍ଚି ନ ଥିଲା । ତା'ର ପରେ କ'ଣ ହେଲା ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଓ, ତୁ କାଲି କଥା ମନେ ରଖିଛୁ ? ଆଚ୍ଛା ହଉ କହୁଛି । ଜନାଥନ ସେମିତି ଅନେକ ଦିନଧରି ସକାଳୁ ରାତି ପର୍ଯ୍ୟନ୍ତ ଧ୍ୟାନ କଲା । କିନ୍ତୁ ତା'ର କିଛି ହେଲା ନାହିଁ । ଯେଉଁ ସ୍ଥାନରେ ବସିଥିଲା ସେଠୁ ସୂତାଏ ବି ଘୁଞ୍ଚିପାରିଲା ନାହିଁ । ଚିଆଙ୍ଗ୍ କିନ୍ତୁ ତା' ପାଖେ ପାଖେ ରହି ତାକୁ କହୁଥାଏ, 'ଜନାଥନ, ତୋର ଆନ୍ତରିକତାରେ ଲାଗିରହ । ଏତିକି ଆନ୍ତରିକତା, ଏତିକି ସାଧନା ଯଥେଷ୍ଟ ନୁହେଁ । ଆହୁରି ଅଧିକରୁ ଅଧିକ ଆନ୍ତରିକ ହୁଅ, ଆହୁରି ତୀବ୍ର ସାଧନା କର । ଅତୀତର ବିଶ୍ୱାସକୁ ଭୁଲିଯା' । ଏଇ କ୍ଷୁଦ୍ର ଦେହଟିକୁ ସବୁ ବୋଲି ଭାବି ତା'ର ଭିତରେ ବନ୍ଦୀ ହୋଇ ରହନା । ତୁ ଅସୀମ, ତୁ ସୀମାହୀନ, ତୁ ଅନନ୍ତ, ଯୁଆଡ଼େ ଇଚ୍ଛା ସିଆଡ଼େ ତୁ ଯାଇପାରିବୁ, ଯାହା ଇଚ୍ଛା ତା' କରିପାରିବୁ । ଏ ଦେହ ତୋତେ ଆଉ ବାନ୍ଧି ନ ରଖି ତୋ ଇଚ୍ଛା ମୁତାବକ ଚାଳିତ ହେବ ।'

ଜନାଥନ ଚିଆଙ୍ଗ୍‌ର କଥାରେ ଉତ୍ସାହିତ ହୋଇ ଦିନ ପରେ ଦିନ ସାଧନାରେ ଲାଗିଥାଏ । ଦିନେ ପୂର୍ବଭଳି ଆଖିବୁଜି ଧ୍ୟାନ କଲାବେଳେ ସେ ହଠାତ୍ ଅନୁଭବ କଲା ଯେ ସିଏ ଆଉ କ୍ଷୁଦ୍ର ଦେହ ବିଶିଷ୍ଟ ଜନାଥନ ସମୁଦ୍ରପାରା ନୁହେଁ; ସେ ଯେପରି ବିଶାଳ, ସୀମାହୀନ ଗୋଟିଏ ସତ୍ତା । ଏକ ବିପୁଳ ଗଭୀର ଆନନ୍ଦର ତରଙ୍ଗ ତା' ଭିତରେ ଖେଳିଗଲା । ଆଖି ଖୋଲି ଦେଖିଲା ବେଳକୁ ସେ ଆଉ ଏକ ସମୁଦ୍ର ବେଳାରେ ଓହ୍ଲାଇଛି । ସମୁଦ୍ରର ପାଣିଧାର ପର୍ଯ୍ୟନ୍ତ ସବୁଜ ଗଛଲଟା ମାଡ଼ି ଆସିଛି । ଆକାଶଟା ସବୁଜ ଦେଖାଯାଉଛି । ସବୁଜ ଆକାଶରେ ଦୁଇଟି ହଳଦିଆ ସୂର୍ଯ୍ୟ କିରଣ ଢାଳୁଛନ୍ତି । ସଙ୍ଗରେ ପ୍ରାଚୀନ ପକ୍ଷୀ ଚିଆଙ୍ଗ୍ ବି ଅଛନ୍ତି । ଜନାଥନକୁ ସବୁ କୁହୁକ ଭଳି ଲାଗୁଥାଏ ।

ଚିଆଙ୍ଗ୍ କହିଲା, 'ଜନାଥନ, ତୁ ବର୍ତ୍ତମାନ ମୋ କଥାଟିକୁ ଠିକ୍ ଧରିପାରିଛୁ । କିନ୍ତୁ ଏହି ଅଭ୍ୟାସକୁ ଭଲଭାବେ ଆୟତ୍ତ କରି ନେବାକୁ ହେବ । ଇଚ୍ଛା କଲାମାତ୍ରେ ସଚେତନ ଭାବେ ତୁ ଯେପରି ଯେଣେ ଇଚ୍ଛା ତେଣେ ଯାଇପାରିବୁ ।'

ଜନାଥନ ଖାଲି କାବା ହୋଇ ପଚାରିଲା, 'ଆମେ ବର୍ତ୍ତମାନ କେଉଁଠି ?'

ଚିଆଙ୍ଗ ଏ ନୂଆ ପରିବେଶରେ ଟିକିଏ ବି ବିଚଳିତ କିଂବା ଆଶ୍ଚର୍ଯ୍ୟ ନ ହୋଇ

ସ୍ୱାଭାବିକ ଭାବରେ କହିଲେ, 'ଆମେ ବର୍ତ୍ତମାନ ବୋଧହୁଏ ଆଉ ଗୋଟିଏ ଗ୍ରହରେ ଓହ୍ଲେଇଛେ ।'

ଜନାଥନ ଆନନ୍ଦରେ କୁରୁଳି ଉଠି କହିଲା, 'ତା'ହେଲେ ତୁମେ ଯାହା କହୁଥିଲ ସତ । ଏବେ ତୁମ କଥା ଅନୁସାରେ ମୁଁ ସଫଳ ହେବାକୁ ଆରମ୍ଭ କରିଛି ।' ସେମାନେ ପୁଣି ସେମାନଙ୍କ ପୂର୍ବ ସମୁଦ୍ର କୂଳକୁ ଫେରୁ ଫେରୁ ସନ୍ଧ୍ୟା ହୋଇ ଯାଇଥାଏ । ସେଠାକାର ଅନ୍ୟ ପାରାମାନେ ଜନାଥନର ଏହି କୃତିତ୍ୱ ଦେଖି ତାକୁ ଅଭିନନ୍ଦନ ଜଣାଇବା ପାଇଁ ଅପେକ୍ଷା କରି ରହିଥା'ନ୍ତି । ଏଇସବୁ ପାରାମାନଙ୍କଠାରୁ ସ୍ୱାଗତ ସମ୍ଭାଷଣ ପାଇ ଜନାଥନକୁ ଖାଲି ଲାଜ ମାଡୁଥାଏ । ସେ କହୁଥାଏ, 'ମୁଁ ତ ଏଇ ଶିଖିବା ଆରମ୍ଭ ମାତ୍ର କରିଛି । ଅନେକ କଥା ମୋର ଆପଣମାନଙ୍କଠାରୁ ଶିଖିବାକୁ ଅଛି ।'

କିନ୍ତୁ ସୁଲିଭାନ ସମୁଦ୍ରପାରା କହିଲା, 'ଜନାଥନ, ତୋ ଭଳି ସମୁଦ୍ରପାରା ଦଶହଜାର ବର୍ଷ ଭିତରେ ଏଠାରେ ମୁଁ ଦେଖି ନ ଥିଲି । ତୁହିଁ ପ୍ରଥମ ପାରା କୌଣସି ନୂଆ କଥା ଶିଖିବାକୁ ଡରିନୁ ।' ଅନ୍ୟ ପାରାମାନେ ନୀରବରେ ମୁଣ୍ଡ ନୁଆଁଇଲେ । ଜନାଥନ କିନ୍ତୁ ଲାଜରେ ଜଡ଼ସଡ଼ ହୋଇ କିପରି ସେ ପରିସ୍ଥିତିରୁ ମୁକ୍ତି ପାଇବ ବୋଲି ଚିନ୍ତା କରୁଥାଏ ।

ୟା ଭିତରେ ମାସେ ଖଣ୍ଡେ ସମୟ ବିତିଯାଇଛି । ଜନାଥନ ଅନେକ ଅଦ୍ଭୁତ କୌଶଳ ଓ ବିଦ୍ୟାମାନ ନିଷ୍ଠାର ସହ ଶିକ୍ଷା କରି ନେଇଛି । ଚିଆଙ୍ଗଙ୍କର ସେ ବର୍ତ୍ତମାନ ପଟ୍ଟଶିଷ୍ୟ । ପୂର୍ବେ ନିଜେ ମନକୁ ମନ ଚେଷ୍ଟା କରି ଶିଖୁଥିଲା । ଏବେ ତାଙ୍କ ଅଧୀନରେ ସେ ଦ୍ରୁତ ଗତିରେ ସବୁକଥା ଶିଖିଗଲା । ସ୍ଥାନ ଉପରେ ବିଜୟ ହାସଲ କରିଥିଲା, ଏବେ କାଳ ବା ସମୟ ଉପରେ ବିଜୟ ହାସଲ କରିବାକୁ ସାଧନା ଆରମ୍ଭ କରିଦେଲା । ତା'ଫଳରେ ଇଚ୍ଛା ମାତ୍ରକେ ଅତୀତ ଭବିଷ୍ୟତ୍ ଯେଉଁ ସମୟକୁ ଚାହିଁବ ଯାଇପାରିବ । ବାଲି ଭିତରେ ଯେପରି ପାଣି ଭେଦିଯାଏ, ନୂଆ ନୂଆ କଥାକୁ ସେ ଚାଉଁ ଚାଉଁ କରି ଶିଖିନେଲା ।

ତା'ପରେ ସେଇଦିନ ଆସିଲା ଯେତେବେଳେ ଚିଆଙ୍ଗର ଅନ୍ୟ ଏକ ଭୂମିକୁ ଯିବାର ସମୟ ହୋଇଗଲା । ସେ ସମସ୍ତଙ୍କ ମେଳରେ ବସି ଧୀରସ୍ଥିର ଭାବେ ଉପଦେଶ ଦେଉଥା'ନ୍ତି : ତୁମେମାନେ କେବେ ବି ଶିକ୍ଷା ଓ ସାଧନାରୁ ବିରତ ହେବ ନାହିଁ । କେବେ ବି ଭାବିବ ନାହିଁ ତୁମେ ଯାହା କରିବାର କଥା ତାହା କରିସାରିଛ । ଜୀବନର ରହସ୍ୟ ଅନନ୍ତ । ଏହାର ଶେଷ ନାହିଁ । ସେଇ ଅଦୃଶ୍ୟ, ଗୋପନ ରହସ୍ୟସବୁକୁ ଅନୁଭବ କରିବା, ଉଦ୍‌ଘାଟନ କରିବାହିଁ ଆମ ଜୀବନର ଲକ୍ଷ୍ୟ । ସେଇଥିରେ ଆମର ଆନନ୍ଦ, ଏଇପରି କହୁ କହୁ ତାଙ୍କର ପରଗୁଡ଼ିକ ଅଧିକରୁ ଅଧିକ ଜ୍ୟୋତିର୍ମୟ ହୋଇଉଠିଲା । ଏତେ ଜ୍ୟୋତିର୍ମୟ ହୋଇଉଠିଲା ଯେ କେହି ତାଙ୍କୁ ଚାହିଁପାରିଲେ ନାହିଁ । ଶେଷରେ

ଜନାଥନକୁ ଚାହିଁ ଏତିକି କହିଲେ, 'ଜନାଥନ, ଅନ୍ୟ ସବୁକିଛି ସହ ପ୍ରେମ ଓ କରୁଣାର ସାଧନା ନିରନ୍ତର କରିବାକୁ ଯେପରି ନ ଭୁଲୁ । ତାହାହିଁ ତୋର ସାଧନାରେ ଆଣିଦେବ ପୂର୍ଣ୍ଣତା । ନଚେତ୍ ତୋର ସାଧନା ଖାଲି ସ୍ୱାର୍ଥପର, ବ୍ୟକ୍ତିଗତ ହୋଇ ରହିଯିବ । ସମାଜ ତା' ଦ୍ୱାରା ଉପକୃତ ହୋଇପାରିବ ନାହିଁ । ଏତିକି କହୁ କହୁ ଚିଆଙ୍ଗ କୁଆଡ଼େ ଅଦୃଶ୍ୟ ହୋଇଗଲା ।

ଜନାଥନ ଚିଆଙ୍ଗର କଥାମାନି ନିୟମିତ ତା'ର ସାଧନାରେ ଲାଗିଥାଏ । ଯେତେ ଯେତେ ସେ ପ୍ରେମ ଆଉ କରୁଣାର ସାଧନା କଲା ସେତେସେତେ ତା'ର ଖାଲି ପୁରୁଣା ପୃଥିବୀ କଥା ମନେ ପଡ଼ିଲା । ସେ ଭାବୁଥାଏ ସେ ଯଦି ସେଇ ପୃଥିବୀରେ ରହି ଏତେ କଥା ଶିଖି ପାରିଥା'ନ୍ତା ତା'ହେଲେ କେତେ ଚମତ୍କାର ହୋଇ ନ ଥା'ନ୍ତା ! ତାକୁ ବୋଧହେଲା ଯେପରି ତା'ରି ଭଳି ଆଉ ଗୋଟିଏ ସମୁଦ୍ରପାରା ଖାଲି ମାଛ ଶିକାର ଓ ହୁଲି ଡଙ୍ଗାରୁ ରୁଟି ଟୁକୁରା ଗୋଟେଇବା ଛାଡ଼ି ଉଡ଼ିବାକୁ ଶିଖିବାରୁ ସମାଜରୁ ତଡ଼ାଖାଇ ଏକାଟିଆ ସାଧନା କରୁଛି । ଯେଉଁମାନେ ନୂତନ ସତ୍ୟକୁ ଆନ୍ତରିକତାର ସହ ଚାହାନ୍ତି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ତା'ର ମନ ଉଚ୍ଛନ୍ନ ହୋଇଉଠିଲା । ସେ ଭାବିଲା ଏଇ ବୋଧେ ପ୍ରେମ ସାଧନାର ଫଳ । ଏଇଥିପାଇଁ ଚିଆଙ୍ଗ ତାକୁ ବାରଂବାର ଏଇ ସାଧନା କରିବା ଲାଗି କହିଯାଇଥିଲା ।

ତେଣୁ ସେ ସୁଲିଭାନ ଆଗରେ ତା'ର ମନର କଥା ପ୍ରକାଶ କଲା ଓ ତା'ର ପୁରୁଣା ପୃଥିବୀକୁ ଫେରିଯିବାକୁ କହିଲା । ସୁଲିଭାନ ଜନାଥନ ଭଳି ସବୁ ଶିଖିଛି, ମନର ବେଗରେ ସେ ଉଡ଼ିପାରେ; କିନ୍ତୁ ତା' ଭଳି ପ୍ରେମର ସାଧନା ସେ କରି ନାହିଁ । ତେଣୁ ଜନାଥନର ଅନ୍ତରର ଆବେଗ ସେ ବୁଝିପାରିଲା ନାହିଁ । ତାକୁ ସେ ବହୁତ ପ୍ରକାରେ ବୁଝାଇ ଆଉ ପୁରୁଣା ପୃଥିବୀକୁ ଯିବା ଲାଗି ମନାକଲା । କହିଲା, 'ଯେଉଁ ପାରାମାନେ ତୋତେ ଅପମାନ ଦେଇ ତଡ଼ି ଦେଇଥିଲେ, ଯେଉଁମାନେ ମାଛ ଆଉ ଖଣ୍ଡିଆ ରୁଟି ସଂଗ୍ରହ କରିବା ଛଡ଼ା ଆଉ କିଛି ଜାଣନ୍ତି ନାହିଁ କି ଜାଣିବାକୁ ଚେଷ୍ଟା କରନ୍ତି ନାହିଁ ପୁଣି ସେଇମାନଙ୍କ ପାଖକୁ ଫେରିଯିବୁ ? ନା, ଜନାଥନ, ତୋତେ ଏଇଠି ରହିବାକୁ ହେବ । ଏଠାରେ ଅନେକ ପାରାଙ୍କୁ ତୋତେ ତାଲିମ ଦେବାକୁ ହେବ ।'

ସୁଲିଭାନର ସ୍ନେହକୁ ଏଡ଼ାଇ ନ ପାରି ଜନାଥନ ସେଇଠି ରହିଲା । କିନ୍ତୁ ଅନ୍ତରରେ ସବୁବେଳେ ସେ ଅନୁଭବ କରୁଥାଏ, ତା' ପୁରୁଣା ପୃଥିବୀ ଯେପରି ତାକୁ ଆହ୍ୱାନ କରୁଛି । ସେଠାରେ ବି କେହି ଯେପରି ନୂତନ ସତ୍ୟ, ନୂତନ ତଥ୍ୟ ଜାଣିବାକୁ ଚାହୁଁଛି; କିନ୍ତୁ ଉପଯୁକ୍ତ ପଥପ୍ରଦର୍ଶକ ପାଇପାରୁ ନାହିଁ । ଶେଷରେ ଦିନେ ସେ ସୁଲିଭାନକୁ କହିଲା, 'ସୁଲି, ମୋର ଅନ୍ତର ମୋ ପୁରୁଣା ପୃଥିବୀର ଭାଇବନ୍ଧୁମାନଙ୍କ ଲାଗି କାନ୍ଦି

ଉଠୁଛି । ତୁମର ତ ଏଠାରେ ଅନେକ ପାରା ଯୋଗ୍ୟ ହୋଇ ଉଠିଲେଣି ନୂଆ ପାରାମାନଙ୍କୁ ଶିକ୍ଷାଦେବା ଲାଗି, ତେଣୁ ମୋତେ ବିଦାୟ ଦିଅ ।'

ସୁଲିଭାନ ଅନିଚ୍ଛା ସତ୍ତ୍ୱେ କହିଲା, 'ତେବେ ଯା' ଜନାଥନ । କିନ୍ତୁ ସବୁବେଳେ ତୁ ମୋର ମନେ ପଡ଼ିବୁ ।'

ଜନାଥନ ସୁଲିଭାନକୁ ବହୁତ ବୁଝାଇଲା । କହିଲା, 'ସୁଲି, ମନ ଦୁଃଖ କରନା, ଅବୁଝା ହୁଅନା । ଆମର ସମ୍ପର୍କ ଏ ଦେଶ କାଳ ଭିତରେ ଅବଦ୍ଧ ନୁହେଁ । ଯେତେବେଳେ ଆମେ ଇଚ୍ଛା କରିବା ପୁଣି ମିଳିପାରିବା ।'

ସୁଲିଭାନ ବାଧ୍ୟ ହୋଇ ଟିକିଏ ହସି ପକାଇ କହିଲା, 'ଏସବୁ ଜନାଥନ ପକ୍ଷରେ ସମ୍ଭବ । ହଉ ବନ୍ଧୁ, ଠିକ୍ ଅଛି, ବିଦାୟ !'

ସୁଲିଭାନଠାରୁ ବିଦାୟ ନେଇ ଜନାଥନ ଟିକିଏ ଧ୍ୟାନସ୍ଥ ହୋଇ ତା'ର ପୁରୁଣା ପୃଥିବୀ କଥା ଚିନ୍ତା କଲା । ସଙ୍ଗେ ସଙ୍ଗେ ଯାଇ ସେ ସେଠାରେ ପହଞ୍ଚିଗଲା ।

ସେଠାରେ ତା'ର ପୁରୁଣା ପୃଥିବୀରେ କ'ଣ ହୋଇଛି ନା ଫ୍ଲେଚର ବୋଲି ଗୋଟିଏ ତରୁଣ ପାରା ତା'ରି ଭଳି ଉଡ଼ିବାକୁ ଶିଖିବାରୁ ତାକୁ ମୁଖିଆ ପାରାମାନେ ସମାଜରୁ ତଡ଼ି ଦେଇଥା'ନ୍ତି । ତା'ର ଦୋଷ ହେଲା ବୁଢ଼ା ମୁଖିଆ ପାରାର ଚାରି ପାଖରେ ସେ ଟିକିଏ କୌତୁକ କରି ବିଭିନ୍ନ ଭଙ୍ଗୀରେ ଉଡ଼ିଗଲା ।

ଫ୍ଲେଚର ଉଡୁଥାଏ, ଏଣେ ମନେ ମନେ ଭାବୁଥାଏ – ଏସବୁ ପୁରୁଣାକାଳିଆ ପରିବର୍ତ୍ତନବିମୁଖ ପାରାଙ୍କ କଥାକୁ କିଏ ଖାତିର କରୁଛି ? ଏମାନଙ୍କର ଖାଲି ଖାଇବା, ଅଣ୍ଡା ଦେବା, ଛୁଆ ଫୁଟାଇବା, ବୁଢ଼ା ହେଇ ମରିବା ଛଡ଼ା ଆଉ କିଛି କାମ ନାହିଁ । ଏଇମାନଙ୍କୁ ଦିନେ ମୁଁ ଦେଖାଇଦେବି ଏସବୁ ସାଧାରଣ କାମ ଛଡ଼ା ସମୁଦ୍ରପାରା କିପରି ଉଡ଼ିବାରେ ଅଦ୍ଭୁତ କୌଶଳ ହାସଲ କରିପାରେ ।

ସେ ଏଇପରି ଭାବୁଥିବା ସମୟରେ ତା' ମୁଣ୍ଡ ଭିତରେ ସେ ଏକ ଅଦ୍ଭୁତ ସ୍ୱର ଶୁଣିଲା । ଏପରି ସ୍ୱରରେ କଥା ସେ କେବେ ଶୁଣି ନ ଥିଲା । ଦଉଡୁ ଦଉଡୁ ଯେପରି ଲୋକ ଝୁଣ୍ଟିପଡ଼େ ସେ ସେଇପରି ଆକାଶରେ ଉଡୁ ଉଡୁ ଝୁଣ୍ଟିପଡ଼ିଲା । ଶୁଣିଲା – 'ଫ୍ଲେଚର, ସେମାନଙ୍କ ଉପରେ ଏତେ ନିଷ୍ଠୁର ହୁଅ ନାହିଁ । ସେମାନେ ତୋତେ ତଡ଼ିଦେଇ ଭୁଲ କରିଛନ୍ତି । ସେମାନଙ୍କ ନିଜର କ୍ଷତି କରିଛନ୍ତି । ଏସବୁ ସେମାନଙ୍କର ଅଜ୍ଞାନତାର ଫଳ । ଦିନେ ସେମାନେ ନିଜର ଭୁଲ ବୁଝିପାରିବେ । ଆଜି ତୁ ଯେପରି ବିଚାର କରୁଛୁ, ସେମାନେ ବି ସେଇପରି ବିଚାର କରିବେ । ସେମାନଙ୍କୁ କ୍ଷମା କର ଫ୍ଲେଚର, ସେମାନଙ୍କୁ ଜୀବନର ଯଥାର୍ଥ ରହସ୍ୟ ବୁଝିବାରେ ସାହାଯ୍ୟ କର ।

ଏଇକଥା ଶୁଣିବା ସହ ଫ୍ଲେଚର ସ୍ପଷ୍ଟ ଦେଖିପାରିଲା ଏକ ଉଜ୍ଜ୍ୱଳ ପାରା ତା'

ଡାହାଣ ଡେଣାଠାରୁ ଇଞ୍ଚେ ଛାଡ଼ି ତା' ସହ ସମଛନ୍ଦ ରଖି ଉଡ଼ିଚାଲିଛି । ଫ୍ଲେଚର ତା' ପାରୁ ପର୍ଯ୍ୟନ୍ତ ତୀବ୍ର ବେଗରେ ଉଡ଼ିବାକୁ ଲାଗିଲା । କିନ୍ତୁ ଦେଖିଲା ସେ ପାରାଟି ଟିକିଏ ଡେଣା ନ ହଲାଇ ଅନାୟାସରେ ତା'ଠାରୁ ଇଞ୍ଚେ ବ୍ୟବଧାନ ରଖି ଉଡ଼ିଚାଲିଛି । ଫ୍ଲେଚର ଏସବୁ କିଛି ବୁଝିପାରୁ ନ ଥାଏ । ତାକୁ ଲାଗୁଥାଏ ସେ ଯେପରି ସ୍ୱପ୍ନ ଦେଖୁଛି । ଏ ପୃଥିବୀରେ ସେ ନାହିଁ । ଏତିକିବେଳେ ତା' ମଥା ଭିତରେ ଏକ ଧୀର ଗମ୍ଭୀର ସ୍ୱର ଗୁମୁରି ଉଠିଲା – ଫ୍ଲେଚର, ତୁ କ'ଣ ସତରେ ଉଡ଼ିବାକୁ ଚାହୁଁ ?

ଫ୍ଲେଚର କହିଲା, 'ନିଶ୍ଚୟ ମୁଁ ଉଡ଼ିବାକୁ ଚାହେଁ ।'

ପୁଣି ସେ ସ୍ୱର କହିଲା, 'ତୁ କ'ଣ ସେଇ ପର୍ଯ୍ୟନ୍ତ ଉଡ଼ିବାକୁ ଚାହୁଁ ଯେତେବେଳେ କି ତୋ ଜାତିଭାଇଙ୍କ ପ୍ରତି ତୋର ଆଉ କ୍ରୋଧ ରହିବ ନାହିଁ ? ତୁ ସେମାନଙ୍କୁ କ୍ଷମା ଦେଇ ପାରିବୁ ? ସବୁ ଶିଖିଲା ପରେ ତୁ ପୁଣି ସେମାନଙ୍କ ପାଖକୁ ଫେରିଯାଇ ସେମାନଙ୍କ ଭିତରେ ଶିଖିବାକୁ ଚାହୁଁଥିବା ତରୁଣ ନୂତନ ପାରାମାନଙ୍କୁ ଶିଖେଇ ପାରିବୁ ?'

ଫ୍ଲେଚରର ସେ ପୁରୁଣା ସମାଜ ପ୍ରତି ଭୀଷଣ ଘୃଣା ଥିଲେ ବି ଏଇ ଦିବ୍ୟ ପକ୍ଷୀଟିର କଥାରେ କି ଆଶା, ଆଶ୍ୱାସନା ଓ କୁହୁକ ଭରି ରହିଥିଲା କେଜାଣି ହଠାତ୍ ସେ କହିପକାଇଲା, 'ହଁ, ଶେଷ ପର୍ଯ୍ୟନ୍ତ ଉଡ଼ିବା ଶିଖିବା ଲାଗି ଯାହା କରିବାକୁ ଦରକାର ପଡ଼ିବ ମୁଁ କରିବି ।'

''ଏକଥା ଶୁଣି ସେ ଉଜ୍ଜ୍ୱଳ ପାରାଟି ଖୁବ୍ ଖୁସୀ ହୋଇ ଆହୁରି ତା' ପାଖକୁ ଲାଗି ଆସି ସ୍ନେହପୂର୍ଣ୍ଣ ମଧୁର ସ୍ୱରରେ କହିଲା, 'ଫ୍ଲେଚର, ଚାଲ, ଏବେ ସିଧା ତୀର ବେଗରେ ଉପରକୁ ଉଡ଼ିବା ଶିଖିବା ।'

ଏ ଉଜ୍ଜ୍ୱଳ ପାରାଟି କିଏ ଜାଣୁ ?''

''କିଏ ? ଜନାଥନ ?'' ପଚାରିଲା ଭଙ୍ଗୀରେ କହିଲା ଅନୁରକ୍ତା ।

''ହଁ, ଠିକ୍ କହିଛୁ । ଜନାଥନ ଦେଖିଲା ସିଏ ଯେମିତି ଉଡ଼ିବାକୁ ଚାହୁଁଥିଲା, ଫ୍ଲେଚର ଠିକ୍ ସେମିତି ଉତ୍ସାହ ଓ ଆଗ୍ରହର ସହ ଚାହୁଁଛି । ଫ୍ଲେଚରକୁ ସେ ଅନେକ କଥା ଶିଖାଇଲା । ଏହା ମଧ୍ୟରେ ତିନିମାସ ସମୟ ବିତି ଯାଇଛି । ଫ୍ଲେଚର ଭଳି ଆଉ ୬ଟି ପାରା ଆସି ଜନାଥନର ଶିଷ୍ୟ ହେଲେଣି । ସେମାନେ ସମସ୍ତେ ସମାଜରୁ ତଡ଼ା ଖାଇଥା'ନ୍ତି । ଜନାଥନ ସେମାନଙ୍କୁ ବିଭିନ୍ନ ପ୍ରକାର ଉଡ଼ିବା କୌଶଳ ଶିଖାଇବା ସହ କହୁଥାଏ, 'ଭାଇମାନେ, ଆମେମାନେ ଏ ଯେଉଁ ଉଡ଼ିବା ଶିଖୁଛେ, ତାହା ଖାଲି ଉଡ଼ିବା ଲାଗି ନୁହେଁ । ଏହା ଏଇଥି ଲାଗି ଶିଖୁଛେ ଯେ ଏହାରି ଭିତର ଦେଇ ଆମେ ଜାଣି ପାରିବା ଯେ ଆମେ ଆମର ଗୋଟିଏ ଡେଣାର ଶେଷ ବିନ୍ଦୁଠାରୁ ଆଉ ଗୋଟିଏ ଡେଣାର ଶେଷ ବିନ୍ଦୁ ମଧ୍ୟରେ ବା ଆମର ଖାଲି ଆଖିକୁ ଦେଖାଯାଉଥିବା ଏଇ ଶରୀରଟି

ମଧ୍ୟରେ ଆବଦ୍ଧ ନୁହଁ । ଆମର ଏ ସୀମିତତା କେବଳ ମନର ଚିନ୍ତା ଯୋଗୁଁ । ମନ ଭାବୁଛି ଯେ ଆମର ଏ ଶରୀରଟିହିଁ ସବୁ । ଏହାଛଡ଼ା ଆମର ଆଉ କିଛି ନାହିଁ । ମନର ଏ ସୀମା ବନ୍ଧନକୁ, ଏ ପ୍ରକାର ଚିନ୍ତାକୁ କାଟି ଦେଲେ ଶରୀରର ସୀମା ବନ୍ଧନ ବି କଟିଯିବ । ଆମେ ଏକ ପରମପାରାଙ୍କର ଅଂଶବିଶେଷ ଅନନ୍ତ ଅସୀମ ଚେତନାର ଅଧିକାରୀ ବୋଲି ଅନୁଭବ କରିବା ଓ ଜାଣିପାରିବା । ଆମର ଯଥାର୍ଥ ସ୍ୱରୂପକୁ ଆମେ ପ୍ରକାଶ କରି ପାରିବା ଓ ଜୀବନରେ ଅଧିକରୁ ଅଧିକ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବା । ଏଇ ପୂର୍ଣ୍ଣତାହିଁ ଆମକୁ ମର୍ତ୍ତ୍ୟ ଭୂମିରେ ବି ସ୍ୱର୍ଗର ଆନନ୍ଦ ଆଣିଦେବ ।'

ଜନାଥନର ଏସବୁ କଥା ତା'ର ଶିଷ୍ୟମାନଙ୍କୁ ପରୀରାଇଜର କାହାଣୀ ଭଳି ଲାଗୁଥାଏ । ହେଲେ ନୂଆ ନୂଆ କଥା ଶିଖିବା ଲାଗି ସେମାନଙ୍କ ଭିତରେ ପ୍ରବଳ ଆଗ୍ରହ ଓ ଉତ୍ତେଜନା ଥାଏ ।

ଏଇପରି ଶିଖୁ ଶିଖୁ ଆହୁରି ମାସେ ବିତିଗଲା । ଦିନେ ଜନାଥନ ତା'ର ଶିଷ୍ୟମାନଙ୍କୁ ଡାକି କହିଲା, 'ଆମକୁ ବର୍ତ୍ତମାନ ଆମର ପୁରୁଣା ପାରା ଗୋଷ୍ଠୀ ମଧ୍ୟକୁ ଫେରିଯିବାକୁ ହେବ ।'

ଶିଷ୍ୟମାନଙ୍କ ମଧ୍ୟରୁ କାଲଭିନ୍ ବୋଲି ଗୋଟିଏ ପାରା ପ୍ରତିବାଦ କରି କହିଲା, 'ନା, ନା, ସେମାନେ ଆମକୁ ତଡ଼ି ଦେଇଛନ୍ତି । ଆମକୁ ସେମାନେ ଚାହାନ୍ତି ନାହିଁ । ବଳେ ବଳେ ଆମେ ସେ ଗୋଷ୍ଠୀରେ ଆଉ ପଶି ପାରିବୁ ନାହିଁ ।'

ଜନାଥନ ସ୍ଥିର ଅବିଚଳିତ ଭାବେ କହିଲା, 'ଆମକୁ କୌଣସି ବାରଣ ଅଟକାଇ ପାରିବ ନାହିଁ, ଆମେ ଯେତେବେଳେ ଯୁଆଡ଼କୁ ଚାହିଁବା ଯାଇପାରିବା । ଯାହା ହେବାକୁ ଚାହିଁବା ତା' ହୋଇପାରିବା । କାହାରି ଉପରେ ଅଭିମାନ କରି ଆମକୁ ଯାହା କରିବାକୁ ହେବ ତା' ନ କରିବା ଠିକ୍ ହେବ ନାହିଁ । ତାହା ଆମ ଭିତର ସତ୍ୟର ବିରୋଧୀ ହେବ ।' ଏଇଆ କହି ସେ ପୁରୁଣା ପାରା ଗୋଷ୍ଠୀ ଆଡ଼େ ଉଡ଼ିବାକୁ ଆରମ୍ଭ କଲା ।

ଅନ୍ୟମାନେ କ'ଣ କରିବେ ଠିକ୍ କରିପାରିଲେ ନାହିଁ । କାରଣ ସମାଜର ନିୟମ ଅନୁସାରେ କେହି ଥରେ ସମାଜଚ୍ୟୁତ ହେଲେ ଆଉ ସମାଜକୁ ଫେରି ଯାଇପାରେ ନାହିଁ । ଗତ ଦଶହଜାର ବର୍ଷ ହେଲାଣି କେହି ଏ ନିୟମ ଭଙ୍ଗ କରି ନାହାନ୍ତି । ନିୟମ କହୁଛି ଫେରିଯାଇ ହେବ ନାହିଁ, କିନ୍ତୁ ଜନାଥନ କହୁଛି ଫେରିଚାଲ । ଆମେ ଏବେ କରିବା କ'ଣ ? ସେତେବେଳକୁ ଜନାଥନ ଯାଇ ମାଇଲିଏ ବାଟରେ ହୋଇଗଲାଣି ।

ଏତିକି ବେଳେ ଫ୍ଲେଚର କହିଲା, 'ଆମେ ତ ସେ ପୁରୁଣା ପାରାଗୋଷ୍ଠୀର ନୁହଁ, ଆମେ ତାଙ୍କ ନିୟମ କାହିଁକି ମାନିବା ? ଆମେ କୌଣସି ପୁରୁଣା ଅଚଳ ନିୟମ ଭିତରେ ବାନ୍ଧିହୋଇ ରହିବା ନାହିଁ । ଦରକାର ପଡ଼ିଲେ ଏସବୁକୁ ଭାଙ୍ଗି ଆମର କାମ

ହାସଲ କରିବା । ଜନାଥନ ଏକା ଯାଉଛି । ସେମାନେ ସବୁ ଆମ ଉପରେ ରାଗିକରି ଅଛନ୍ତି । ତାଙ୍କର ସେମାନେ କିଛି କ୍ଷତି କରିପାରନ୍ତି । ଚାଲ ଆମେ ସମସ୍ତେ ଶୀଘ୍ର ସେଠାକୁ ଯିବା । ଯଦି ଲଢ଼ାଇ କରିବାକୁ ଦରକାର ପଡ଼େ ତା'ହେଲେ ସେଠାରେ ରହିଲେ ଆମେ ତାକୁ ବେଶୀ ସାହାଯ୍ୟ କରିପାରିବା ।' ଏହା କହି ସେମାନେ ଖୁବ୍ ଶୀଘ୍ର ଉଡ଼ିଆସି ଜନାଥନ ସହ ଯୋଗ ଦେଲେ । ଆଠଟିଯାକ ସମୁଦ୍ରପାରା ମିଶି ଯେପରି ଗୋଟିଏ ବଡ଼ ସମୁଦ୍ରପାରା ପରି ଦିଶୁଥା'ନ୍ତି । ପରସ୍ପର ସହ ସୁନ୍ଦର ନିର୍ଭୁଲ ଛନ୍ଦ ରଖି ଉଡୁଥା'ନ୍ତି । ଖେଳୁଆଡ଼ ଭଙ୍ଗୀରେ ଏପାଖ ସେପାଖକୁ ଢଳି ପଡୁଥା'ନ୍ତି, ଲେଉଟି ପଡୁଥା'ନ୍ତି । ପୁଣି ସମତୁଲ ହୋଇ ଯାଉଥାନ୍ତି । କି ବିଚିତ୍ର ସେମାନଙ୍କର ସମବେତ ଭାବେ ଉଡ଼ିବାର ଦୃଶ୍ୟ !

ଏ ଦୃଶ୍ୟ ଦେଖି ପୁରୁଣା ପାରାଦଳର କିଚିରିମିଚିରି, ଗାଉଁ ଗାଉଁ ଶବ୍ଦସବୁ ନୀରବ ହୋଇଗଲା । ଆଶ୍ଚର୍ଯ୍ୟ ହୋଇ ସେମାନେ ଚାହିଁ ରହିଲେ ଆଠଟି ସମୁଦ୍ରପାରା କିପରି ଗୋଟିଏ ହୋଇ ବିଚିତ୍ର ଛନ୍ଦଣି କାଟି ବାଲି ଉପରେ ଓହ୍ଲାଇ ଗଲେ । ପ୍ରତିଦିନ ଭଳି ଜନାଥନ ସେଇଠି ତାଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କରିଦେଲା । ସେମାନଙ୍କର କ'ଣ କ'ଣ ଭୁଲ୍ ହୋଇଥିଲା, ସେମାନଙ୍କୁ କ'ଣ କ'ଣ କରିବାକୁ ହେବ ବୁଝାଉଥାଏ ।

ଏଣେ ପୁରୁଣା ପାରାଦଳରେ ଖବର ବ୍ୟାପିଗଲା ଯେ ଏମାନେ ହେଉଛନ୍ତି ନିର୍ବାସିତ ପକ୍ଷୀ । ସେମାନେ ଆଉ ସମାଜକୁ ଫେରିଆସିବା କଥା ନୁହଁ; କେମିତି ଆସିଛନ୍ତି ? କିନ୍ତୁ ସେଇମାନଙ୍କ ଭିତରୁ କେତେକ ତରୁଣ ପାରା କହିଲେ, 'ନିର୍ବାସିତ ହେଲେ କ'ଣ ହେଲା ? ଦେଖନା, ସେମାନେ କେମିତି ଉଡୁଛନ୍ତି ! ଏମିତି ଉଡ଼ା ତୁମେ କେବେ ଦେଖିଥିଲ ? କୋଉଠୁ ଶିଖିଲେ ସେମାନେ ଏମିତି ଉଡ଼ା ?'

କିନ୍ତୁ ସଙ୍ଗେ ସଙ୍ଗେ ମୁଖିଆପକ୍ଷୀ ଆଦେଶ ଦେଲା, 'କେହି ସେମାନଙ୍କୁ ଚାହଁନା କି ସେମାନଙ୍କ ସହ କଥାବାର୍ତ୍ତା ହୁଅନା । ଯିଏ ସେମାନଙ୍କ ଆଡ଼କୁ ଚାହିଁବ ତାକୁ ସମାଜବିରୋଧୀ ବୋଲି ଧରାଯାଇ ସମାଜରୁ ବାହାର କରି ଦିଆଯିବ । ଏକଥା ଶୁଣି ପାକଲାମୁଣ୍ଡିଆ ବୁଢ଼ା ପକ୍ଷୀଗୁଡ଼ାକ ଆଗେ ମୁହଁ ବୁଲାଇ ଦେଇ ବସିଲେ । ଜନାଥନ ଏସବୁ ପ୍ରତି ଭ୍ରୂକ୍ଷେପ ନ କରି ଅବିଚଳିତ ଭାବରେ ତା'ର ଶିକ୍ଷା ଦେବାରେ ଲାଗିଥାଏ । ଫ୍ଲେଚର, ମାର୍ଟିନ ଓ ଅନ୍ୟ ସମୁଦ୍ରପାରାସବୁ ଅଦ୍ଭୁତ ଢଙ୍ଗରେ ଉଡ଼ିବା ଶିଖୁଥା'ନ୍ତି । ଝଡ଼ବର୍ଷାପୂର୍ଣ୍ଣ ଅନ୍ଧାର ରାତ୍ରିରେ ଯେତେବେଳେ ଅନ୍ୟ ସମୁଦ୍ରପାରାମାନେ କୁଙ୍କୁରି କାଙ୍କୁରି ହୋଇ ତଳେ ପଡ଼ିଥାଆନ୍ତି ସେତେବେଳେ ଏମାନେ ଜନାଥନ ସହ ଆକାଶରେ ଉଡ଼ିବା ଶିଖୁଥାଆନ୍ତି – ଶୂନଚିତ୍ ମାରୁ ଥାଆନ୍ତି । ଉଡ଼ିବା ସରିଗଲେ ସମସ୍ତେ ଜନାଥନକୁ ଘେରି ବସନ୍ତି ଓ ତା'ଠାରୁ ବିଭିନ୍ନ କଥା ଓ ଉପଦେଶ ଶୁଣନ୍ତି । ପୁରୁଣା ପକ୍ଷୀଦଳର

ଥରେ ଗୋଟିଏ ତରୁଣ ପାରା କୌତୂହଳୀ ହୋଇ ଏମାନେ ସବୁ କ'ଣ କଥାବାର୍ତ୍ତା ହଉଛନ୍ତି ଶୁଣିବା ଲାଗି ତାଙ୍କ ପାଖକୁ ଚାଲି ଆସିଲା । ସଙ୍ଗେ ସଙ୍ଗେ ସେ ପାରାକୁ ସମାଜରୁ ବାହାର କରି ଦିଆଗଲା । ତା'ର ନାମ ଟେରେନସ୍ । ସେ ଜନାଥନର ଶରଣ ପଶିଲା । ଜନାଥନ ଆନନ୍ଦରେ ତାକୁ ତା'ର ଅଷ୍ଟମ ଛାତ୍ର କରିନେଲା ।

ତା' ଆରଦିନ ରାତି । ପୁରୁଣା ଦଳରୁ ଆଉ ଗୋଟିଏ ପାରା ବାଲି ଉପରେ ଡେଣା ଘୋଷାରି ଘୋଷାରି ଆସି ଜନାଥନର ପାଦତଳେ କୁଢ଼େଇ ହୋଇ ପଡ଼ିଲା । ତା' ଡେଣା ଦୁଇଟି ଭାଙ୍ଗି ଯାଇଥାଏ । ସେ ଉଡ଼ିପାରୁ ନ ଥାଏ । ସବୁବେଳେ ବାଲି ଉପରେ ଘୁଷୁରି ଘୁଷୁରି ଚାଲେ । ତା'ର ନାମ ମୈନାଡ଼ । ସେ କହିଲା, 'ଜନାଥନ, ମୁଁ ବି ଉଡ଼ିବାକୁ ଚାହେଁ ।'

ଜନାଥନ କହିଲା, 'ବେଶ୍, ଏଥର ଉଡ଼ିବା ଶିକ୍ଷା ଆରମ୍ଭ କରିଦିଅ ।' 'କିନ୍ତୁ ଜନାଥନ, ତୁମେ କ'ଣ ଦେଖିପାରୁନା ମୋ ଡେଣା ଦୁଇଟି ଭାଙ୍ଗି ଯାଇଛି ? ଏଇ ଭଙ୍ଗା ଡେଣା ନେଇ ମୁଁ କିପରି ଉଡ଼ିବି ?' କହିଲା ମୈନାଡ୍ । ଜନାଥନ ଟିକିଏ ହସି କହିଲା, 'ମୈନାଡ୍, ତୁମେ କାହିଁକି ନିଜକୁ ଖାଲି ଏଇ ରକ୍ତ ମାଂସ, ଅସ୍ଥି ଓ ପରଯୁକ୍ତ ଏକ କ୍ଷୁଦ୍ର ସମୁଦ୍ରପାରା ବୋଲି ଭାବୁଛ ? ତୁମର ସିନା ଏଇ ରକ୍ତ ମାଂସ ଶରୀରର ଡେଣା ଭାଙ୍ଗି ଯାଇଛି, କିନ୍ତୁ ତୁମ ସତ୍ୟ ସ୍ୱରୂପରେ କିଛି ଆଞ୍ଚ ଆସି ନାହିଁ । ତୁମ ସତ୍ୟ ସ୍ୱରୂପରେ ତୁମେ ନିଖୁଣ, ନିଟୋଳ, ସର୍ବଶକ୍ତିମାନ୍ ଏକ ସତ୍ତା । ସେଠି ତୁମେ ଯାହା ଇଚ୍ଛା କରିବ ତା' କରିପାରିବ । ତୁମେ ବର୍ତ୍ତମାନ ଉଡ଼ିବାକୁ ଚାହିଁଲେ ସଙ୍ଗେ ସଙ୍ଗେ ଉଡ଼ିପାରିବ । ସମୁଦ୍ରପାରାମାନଙ୍କର ସେ ପ୍ରାଚୀନ ଧାରଣାକୁ ଭାଙ୍ଗିଦିଅ । ନୂତନ ସତ୍ୟର ବିଧାନକୁ ଗ୍ରହଣ କରିନିଅ ଓ ତା' ଉପରେ ଦୃଢ଼ ବିଶ୍ୱାସ ରଖ ।'

'ତା'ହେଲେ, ସତରେ କ'ଣ ମୁଁ ଉଡ଼ିପାରିବି ତୁମେ କହୁଛ ?' କାବା ହୋଇ ପଚାରିଲା ମୈନାଡ୍ । 'ସେ ବିଷୟରେ ତୁମେ ସ୍ୱାଧୀନ । ଏଇ ମୁହୂର୍ତ୍ତରେ ଯଦି ତୁମେ ଇଚ୍ଛା କର, ତେବେ ଉଡ଼ିପାରିବ ।'

ଜନାଥନ ପାଟିରୁ କଥା ସରିଛି କି ନାହିଁ ମୈନାଡ୍, ଡେଣା ଖୋଲି ଦେଇ ସେଇ ଅନ୍ଧାର ରାତିରେ ଆକାଶରେ ପାଞ୍ଚଶ ଫୁଟ ଉପରକୁ ଉଡ଼ିଗଲା । ତା'ର ଆନନ୍ଦ କହିଲେ ନ ସରେ । ସେଇ ଉପରେ ଥାଇ ସେ ଚିତ୍କାର କରୁଥାଏ – ଦେଖ, ମୁଁ ପଙ୍ଗୁ ମୈନାଡ୍ ସମୁଦ୍ରପାରା କିପରି ଉଡ଼ି ପାରୁଛି !

ତା' ଆରଦିନ ସକାଳୁ ପୁରୁଣା ଦଳରୁ ପ୍ରାୟ ହଜାରେ ଖଣ୍ଡେ ସମୁଦ୍ରପାରା ଆସି ଜନାଥନର ଛାତ୍ରମଣ୍ଡଳୀକୁ ଘେରି ବସିଲେ । ସେମାନେ ଆଉ ଖାତିର କଲେ ନାହିଁ ଯେ ମୁଖିଆ ପାରାମାନେ ତାଙ୍କୁ ଦେଖୁଛନ୍ତି କି ନାହିଁ । ସେମାନେ କାବା ହୋଇ

ପଙ୍ଗୁ ମୈନାଡ୍ ସମୁଦ୍ରପାରାର ଉଡ଼ିବା ଦେଖୁଥାନ୍ତି । ଜନାଥନର ଉପଦେଶସବୁ ଶୁଣୁଥାନ୍ତି ଓ ବୁଝିବାକୁ ଚେଷ୍ଟା କରୁଥାନ୍ତି । ଜନାଥନ ଖୁବ୍ ସରଳ ଭାବେ ସବୁ କଥା ବୁଝାଉଥାଏ । କହୁଥାଏ, 'ଭାଇମାନେ, ଉଡ଼ିବା ଆମର ଧର୍ମ । ମୁକ୍ତି ଆମର ଜନ୍ମଗତ ଅଧିକାର । ଆମକୁ ଖାଲି ପୂର୍ଣ୍ଣତା ଲାଗି ଅଗ୍ରଗତି କରିବାକୁ ହେବ । ଏଇ ଅଗ୍ରଗତି ପଥରେ କୌଣସି ନୀତି ନିୟମ, ବିଧି ବିଧାନ, ପରମ୍ପରା କିଂବା ଧର୍ମକର୍ମ ବାଧାଦେଲେ ତାକୁ ଭାଙ୍ଗି ଦେଇ ଆମକୁ ଆଗେଇ ଯିବାକୁ ହେବ ।'

ନୂଆକରି ଜମା ହୋଇଥିବା ପାରାଙ୍କ ମଧ୍ୟରୁ ଜଣେ କେହି କହି ପକାଇଲା, 'କ'ଣ ଆମ ସମାଜର ଯେଉଁ ବିଧିବିଧାନ ଅଛି ତାକୁ ବି ଭାଙ୍ଗି ଦେଇ ହେବ ?'

''ଜନାଥନ କହିଲା, 'ବିଧିବିଧାନ ଆମେ ଗଢ଼ିଛୁ ଆମରି ପ୍ରଗତି ପାଇଁ । ଯାହା ଆମ ପ୍ରଗତିରେ ସାହାଯ୍ୟ କରେ ସେଇଟିହିଁ ଆମର ବିଧିବିଧାନ । ଯାହା ଆମର ପ୍ରଗତିରେ ବାଧା ଦିଏ ତାହା ଆମ ଲାଗି ବିଧିବିଧାନ ନୁହେଁ । ପୂର୍ବରୁ ଯଦି ସେ ବିଧି ଥାଏ ସେଥିରେ ବାନ୍ଧି ହୋଇ ରହି ନିଜର ଅଗ୍ରଗତିକୁ ବାଧା ନ ଦେଇ ତାକୁ ଭାଙ୍ଗି ଦେଇ ନୂଆ ବିଧିବିଧାନ ସୃଷ୍ଟି କରିବାକୁ ହେବ । ଉଡ଼ିବାରେ ପୂର୍ଣ୍ଣତା ଲାଭହିଁ ଆମର ଏକମାତ୍ର ବିଧି ।'

ଆଉ ଗୋଟିଏ ସମୁଦ୍ରପାରା ପଚାରିଲା, 'ଆମେ ସବୁ କ'ଣ ତୁମ ଭଳିଆ ଉଡ଼ିପାରିବୁ ? ତୁମେ ଯେପରି ଏକ ଅସାଧାରଣ ଶକ୍ତି ନେଇ ଜନ୍ମ ହେଲାପରି ଜଣାଯାଉଛ ।'

ଜନାଥନ କହିଲା, 'ଏଇଠି ଆମେ ଭୁଲ କରୁ । ଯିଏ କିଛି ଅସମ୍ଭବ କଥା କଲା, ଆମେ ଭାବୁ ସିଏ ସେଇଭଳି ଶକ୍ତି ନେଇ ଜନ୍ମ ହୋଇଛି, ତେଣୁ କଲା । ଆମେ କ'ଣ କରିପାରିବା ? ଆମେ ତାକୁ ଦେବତାର କିଂବା ଅସୁରର ଆସନରେ ବସାଇ ଦେଇ ଆମ ପୁରୁଣା କଥାରେ ପଡ଼ି ରହୁ । ସମସ୍ତଙ୍କ ଭିତରେ ଆଲୌକିକ ଶକ୍ତି ରହିଛି, ଯାହାର ସନ୍ଧାନ ପାଇଲେ ଆମେ ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରିବା । ତେଣୁ ପାର୍ଥକ୍ୟ ହେଉଛି ନିଜେ ଚାହିଁବା ଓ ନ ଚାହିଁବା ଭିତରେ । ଯିଏ ଚାହିଁଲା ଓ ସେଥିପାଇଁ ଆନ୍ତରିକ ଉଦ୍ୟମ କଲା, ସେ ଅସମ୍ଭବକୁ ସମ୍ଭବ କରିପାରିବ । ଯିଏ ନ ଚାହିଁଲା, ପୁରୁଣା କଥାକୁ ଧରି ପଡ଼ିରହିଲା, ସେ ପଡ଼ି ରହିଥିବ । ଅସମ୍ଭବକୁ ସମ୍ଭବ କରିବାର ଶକ୍ତି କିନ୍ତୁ ସମସ୍ତଙ୍କ ଭିତରେ ଅଛି । ଏଇ ଦେଖ, ମୋତେ ସିନା କହୁଛ ମୁଁ ଅଲୌକିକ ଶକ୍ତି ନେଇ ଜନ୍ମ ହୋଇଛି, କିନ୍ତୁ ଏଇ ଫ୍ଲେଚର, ଟେରେନସ, ରୋଲାଣ୍ଡ, ମୈନାଡ୍ – ଏମାନେ ବି ତ ଅସମ୍ଭବ ଭାବେ ଉଡ଼ିପାରୁଛନ୍ତି । ମୋ ଭଳି ସେମାନଙ୍କ ଭିତରେ ଅଲୌକିକ ଶକ୍ତି ନ ଥିଲେ ସେମାନେ କିପରି ଏଭଳି ଉଡ଼ି ପାରନ୍ତେ ! ସେମିତିଆ ଶକ୍ତି ତୁମ ସମସ୍ତଙ୍କ ଭିତରେ ଅଛି । ଖାଲି ତୁମେମାନେ ତାଙ୍କ ଭଳି ନୂଆ କଥାକୁ ଆନ୍ତରିକ

ଭାବେ ଚାହୁଁନ । ନିଜ ଭିତରେ ଥିବା ସେଇ ଅଲୌକିକ ସତ୍ୟ ସ୍ୱରୂପକୁ ଜାଣିବାକୁ ଚେଷ୍ଟା କରୁନ ।'

ଜନାଥନର କଥା ଓ କାର୍ଯ୍ୟ ଅନେକଙ୍କୁ ଆକର୍ଷଣ କଲା । ଧୀରେ ଧୀରେ ନୂଆ ପାରାମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା । ଥରେ ଗୋଟିଏ ଅଦ୍ଭୁତ ଘଟନା ଘଟିଲା । ନୂଆ ଛାତ୍ରମାନଙ୍କୁ ଫ୍ଲେଚର ଉଡ଼ିବା ଶିଖାଉଥାଏ । ସେ ସାତହଜାର ଫୁଟ ଉପରକୁ ଉଠିଯାଇ ସାଇଁ କିନା ତଳକୁ ଖସୁଥାଏ । ଏତେ ଜୋର୍‌ରେ ଖସୁଥାଏ ଯେ ତା' ଖସିବା ବାଟରେ ରେଖାଟିଏ ଛଡ଼ା ଆଉ କିଛି ଦେଖାଯାଉ ନ ଥାଏ । ହଠାତ୍ ଗୋଟିଏ ଛୁଆପାରା ତା' ମା'କୁ ଡାକି ଡାକିକା ଫ୍ଲେଚର ସାମନାକୁ ଚାଲି ଆସିଲା । ପ୍ରଚଣ୍ଡ ବେଗରେ ଖସୁଥିବା ଫ୍ଲେଚର ଯଦି ତା' ଦେହରେ ପିଟି ହୋଇ ଯାଇଥା'ନ୍ତା ତେବେ ଛୁଆଟି ମରି ଯାଇଥା'ନ୍ତା । ଛୁଆଟିକୁ ବଞ୍ଚାଇବା ପାଇଁ ଫ୍ଲେଚର ଆଖି ପିଛୁଳାକେ ସଟ୍‌କିନା ନିଜର ବାଁ ଆଡ଼କୁ ଗତିପଥ ପରିବର୍ତ୍ତନ କରିଦେଲା । କିନ୍ତୁ ବାଁ ପାଖରେ ଥିଲା ଏକ କଳା ମୁଗୁନି ପଥରର ପାହାଡ଼ । ଘଣ୍ଟାରେ ଦୁଇଶହ ମାଇଲ ବେଗରେ ଯାଇ ସେଥିରେ ସେ ପିଟି ହୋଇଗଲା । ଶରୀରଟା ତା'ର ସେଇଠି ସେମିତି ପଡ଼ିରହିଲା । ସେ ଯେପରି ଆଉ ଏକ ସୂକ୍ଷ୍ମ ଲୋକକୁ ଚାଲିଗଲା । ପ୍ରଥମେ ଜନାଥନ ସହ ସାକ୍ଷାତ୍ ହେଲାବେଳେ ତା'ର ଯେଉଁ ସ୍ୱର ଶୁଣିଥିଲା ସେଇ ସ୍ୱର ପୁଣି ଶୁଣିଲା – 'ଫ୍ଲେଚର, ଗୋଟିଏ ପରେ ଗୋଟିଏ ସୂକ୍ଷ୍ମ କାଇଦା ଆମକୁ ଶିଖିବାକୁ ହେବ । ପାହାଡ଼କୁ ଭେଦ କରି ଉଡ଼ିଯିବା ବି ଆମକୁ ଶିଖିବାକୁ ହେବ । କିନ୍ତୁ ଆମେ ଏ ପର୍ଯ୍ୟନ୍ତ ତାହା ଶିଖିନେ ।''

ଆନନ୍ଦରେ ଟିକିଏ ଶରୀରକୁ ନଚାଇ ଦେଇ ଅନୁରକ୍ତା କହିଲା, ''ମା ବି ତ ସେଇ କଥା କହନ୍ତି । ମଣିଷ ଶରୀର ରୂପାନ୍ତରିତ ହୋଇଗଲେ ତାହା ବି ଅଭେଦ୍ୟ କାନ୍ଥ ଭିତର ଦେଇ ଚାଲିଯିବ । ତା' ଦେହରେ ବନ୍ଧୁକ ଗୁଳି ବାଜିଲେ ବି ତା'ର କିଛି ହେବ ନାହିଁ । ବନ୍ଧୁକ ଗୁଳିକୁ ଭେଦକରି ଯିବା ଲାଗି ବାଟ ଛାଡ଼ିଦେଇ ଶରୀର ପୁଣି ସ୍ୱାଭାବିକ ହୋଇଯିବ ।''

''ହଁ, ତୁ ଠିକ୍ ମନେ ରଖିଛୁ ।''

'ଆଚ୍ଛା, ହେଉ, ଏଥର କୁହ, ଫ୍ଲେଚର କ'ଣ କହିଲା ?'

''ଫ୍ଲେଚର ତ ସେ ସ୍ୱର ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । କହିଲା, 'କିଏ, ଜନାଥନ ତୁମେ ? ମୁଁ କ'ଣ ତା'ହେଲେ ପାହାଡ଼ରେ ଏତେ ଜୋର୍‌ରେ ପିଟି ହୋଇ ମରି ନାହିଁ, ବଞ୍ଚିଛି ?'

ଜନାଥନ ଟିକିଏ ହସି କହିଲା, 'ଫ୍ଲେଚ୍, ତୁ ଯଦି ମରିଥା'ନ୍ତୁ, ଏପରି ମୋ ସଙ୍ଗରେ କଥାବାର୍ତ୍ତା ହୋଇ ପାରୁଥା'ନ୍ତୁ ? ତୁ ଖାଲି ଚେତନାର ଗୋଟିଏ ଭୂମିରୁ ଆଉ

ଗୋଟିଏ ଭୂମିକୁ ଚାଲି ଆସିଛୁ । ଏ ଭୂମି ତୋର ପୂର୍ବ ଭୂମିଠାରୁ ଟିକିଏ ଉଚ୍ଚରେ । ତୁ ଯଦି ଚାହୁଁ ତୋର ପୂର୍ବ ଭୂମିକୁ ଫେରି ଯାଇପାରୁ । ନଚେତ୍ ଏଇଠି ରହି ଉଡ଼ିବା ଶିଖିପାରୁ ।'

'ଜନାଥନ, ମୁଁ ପୁଣି ସେଇ ଗୋଠ ଭିତରକୁ ଫେରି ଯିବାକୁ ଚାହେଁ । ନୂଆ ପାରାମାନଙ୍କୁ ନେଇ ଉଡ଼ିବା ଶିଖାଇବା ମାତ୍ର ଆରମ୍ଭ କରିଥିଲି । ଆଉ ଅନେକ କଥା କରିବାକୁ ବାକି ଅଛି ।'

'ଖୁବ୍ ଭଲ କଥା ଫ୍ଲେଚର ! ତୁ ପୁଣି ତୋ ଶରୀରକୁ ଫେରିଯାଇପାରୁ । ସବୁବେଳେ ମନେ ରଖିଥିବୁ – ଆମେ କେବଳ ଏଇ ରକ୍ତମାଂସର ଶରୀରଟି ନୋହୁଁ । ଏ ଶରୀରଟି ଆମର କେବଳ ଏକ ଯନ୍ତ୍ର, ଏକ ବାହନ ।'

ଧୀରେ ଧୀରେ ପାହାଡ଼ କଡ଼ରେ ମଲାଭଳି ପଡ଼ିଥିବା ଫ୍ଲେଚରର ମୁଣ୍ଡ ହଲିଲା, ଡେଣା ହଲିଲା । ସେ ଆଖି ମଳିମଳି ଉଠି କିଛି ନ ହେଲା ପରି ସମସ୍ତଙ୍କୁ ଚାହିଁଲା ।

ପୁରୁଣା ପାରାଦଳ ଭିତରେ ଭୟ, ସନ୍ଦେହ ଦେଖାଦେଲା । ସେମାନେ ଭାବିଲେ ମଲା ପାରାଟା ବଞ୍ଚିଲା କିପରି ? ଏଇଟା ନିଶ୍ଚୟ ଗୋଟାଏ ସଇତାନ । ତେଣୁ ସମସ୍ତେ ତାକୁ ଖୁମ୍ପି ଟିକି ଟିକି କରିଦେବାକୁ ମାଡ଼ି ଆସିଲେ ।

ଏତିକିବେଳେ ଫ୍ଲେଚର କାନ ପାଖରେ ଜନାଥନର ସ୍ୱର ଶୁଭିଲା, 'ଫ୍ଲେଚ୍, ଏଠାରୁ ଆଉ କିଛି ଘୁଞ୍ଚିଗଲେ ବୋଧେ ତୋତେ ଟିକିଏ ସୁସ୍ଥ ଲାଗିବ, ନୁହେଁ ? ଫ୍ଲେଚର ମୁଣ୍ଡ ହଲାଇ ସମ୍ମତି ଜଣାଇଲା । କହିଲା, 'ସେପରି ହୋଇପାରିଲେ ଭଲ ।'

ଏତିକି କହୁ କହୁ ସେମାନେ ଆଖି ପିଛୁଳାକେ ଯାଇ ଅଧମାଇଲ ଦୂରରେ ଠିଆ ହୋଇଥିବାର ଦେଖାଗଲେ । ହଜାର ହଜାର କ୍ରୁଦ୍ଧ ସମୁଦ୍ର ପାରାଙ୍କ ଚକ୍ମକିଆ ଥଣ୍ଟ ଖାଲି ପବନକୁ କାଟିଦେଇ ଯାଉଥାଏ । ସେମାନେ ଥଣ୍ଟରେ ଆଘାତ କରୁ କରୁ ଯେ ଫ୍ଲେଚର ଖସିଯାଇଛି ଏହା ସେମାନଙ୍କୁ ହଠାତ୍ ଜଣା ପଡ଼ିଲା ନାହିଁ ।

ଅଧମାଇଲ ଦୂରରେ ଜନାଥନ ଫ୍ଲେଚରକୁ କହୁଥାଏ, 'କି ବୋକା ଏ ପକ୍ଷୀମାନେ ! ଏତିକି ସେମାନେ ବୁଝିପାରୁ ନାହାନ୍ତି ଯେ ପକ୍ଷୀଟିଏ ଚାହିଁଲେ ପୂରା ମୁକ୍ତ ହୋଇପାରିବ; କୌଣସି ପୁରାତନ ଧାରଣା, ପୁରାତନ ବିଧିବିଧାନ, ସ୍ଥୂଳ ଶରୀରର ସୀମିତତା ତାକୁ ଅଟକାଇ ରଖିପାରିବ ନାହିଁ ।'

ଫ୍ଲେଚର କିନ୍ତୁ ଆଖି ପିଛୁଳାକେ ଯାହା ଘଟିଗଲା ସେଥିରେ କାବା ହୋଇ ଜନାଥନକୁ ଚାହିଁଥାଏ । 'କ'ଣ ତୁମେ ଏମିତି କରିଦେଲ ଯାହା ଫଳରେ ଆମେ ସେମାନଙ୍କ ଆକ୍ରମଣ କବଳରୁ ମୁହୂର୍ତ୍ତକ ମଧ୍ୟରେ ଏପରି ଖସିଆସିଲେ ?'

'ତୁ ତ ନିଜେ କହିଲୁ ଯେ ସେମାନଙ୍କ ଭିଡ଼ ଭିତରୁ ଟିକିଏ ବାହାରି ଆସିବାକୁ । କହିଲୁ ନା ନାହିଁ ?'

'ହଁ, କହିଲି ଯେ; କିନ୍ତୁ ବାହାରି ଆସିଲେ କିପରି ?'

'ସେସବୁ କଥା ସାଧନାର ଅଭ୍ୟାସ । ଆମ ଭିତରେ ସେସବୁ ସମ୍ଭାବନା ରହିଛି । ଖାଲି ସେଥିଲାଗି ବିଶ୍ୱାସର ସହ ଆନ୍ତରିକ କ୍ରମାଗତ ସାଧନା ଦରକାର ।'

ପାରାଦଳ ଧୀରେ ଧୀରେ ସେମାନଙ୍କ ରାଗ ଭୁଲିଗଲେ । କିନ୍ତୁ ଫ୍ଲେଚର ସେମାନଙ୍କ ପ୍ରଚଣ୍ଡ ଆକ୍ରମଣର କଥା ଭୁଲିପାରିଲା ନାହିଁ । ଜନାଥନକୁ କହିଲା, 'ଜନ୍, ଯେଉଁ ପାରାମାନେ ଆମକୁ ମାରି ଟିକି ଟିକି କରିଦେବାକୁ ବସିଥିଲେ ସେମାନଙ୍କୁ ଭଲ ପାଇବାକୁ କିପରି କହୁଛ ?'

'ସେଇ ତ ବିଚିତ୍ର ଫ୍ଲେଚ୍ ! ତୁ କାହିଁକି ସେମାନଙ୍କ ବାହାର ଖୋଳଟାକୁ ଦେଖୁଛୁ ? ସେମାନଙ୍କ ଭିତରେ ଯେଉଁ ସତ୍ୟ ସ୍ୱରୂପ ଅଛି ସେଇଆକୁ ଦେଖିବାକୁ ଚେଷ୍ଟା କର । ସେଇ ସ୍ୱରୂପରେ ଦେଖିବୁ ସେମାନେ ତୋର ଶତ୍ରୁ ନୁହନ୍ତି । ଆମେ ସମସ୍ତେ ସମାନ, ବାହାରେ ଯେତେ ଶତ୍ରୁତା ଥିଲେ ବି । ସେଇ ପ୍ରେମର ସାଧନା ତୋତେ କରିବାକୁ ହେବ । ଏ ସମସ୍ତ ପକ୍ଷିସମାଜର ଦାୟିତ୍ୱ ଏଣିକି ତୋତେ ନେବାକୁ ହେବ ।'

'ନା, ନା, ଜନ୍, ସେପରି କୁହନା ! ତୁମେ ଆମକୁ ଛାଡ଼ି ଯାଅନା । ମୁଁ ଗୋଟାଏ ହୀନ, ଅକିଞ୍ଚନ ସମୁଦ୍ରପାରା ! ମୁଁ ବା କ'ଣ କରିପାରେ ? ତୁମେ ଆମର ଗୁରୁ, ପଥପ୍ରଦର୍ଶକ, ଆମର ନେତା । ତୁମେ ଆମକୁ ଛାଡ଼ି ଚାଲିଗଲେ ଆମେ ଚଳିପାରିବୁ ନାହିଁ ।'

'ଫ୍ଲେଚ୍, ଭାବି ଦେଖ୍, ତୁ ଯେପରି ଦିନେ ପକ୍ଷିସମାଜରୁ ତଡ଼ାଖାଇ ଉଡ଼ିବାର କୌଶଳ ଶିଖିବା ପାଇଁ ବ୍ୟାକୁଳ ହେଉଥିଲୁ, ସେମିତି ତୋରି ଭଳି ଆଉ କେତେ ଫ୍ଲେଚର ସମୁଦ୍ରପାରା ହୁଏତ ନୂଆ କଥା ଶିଖିବାକୁ ଚାହୁଁଥିବେ, କିନ୍ତୁ ଉପଯୁକ୍ତ ପଥପ୍ରଦର୍ଶକ ପାଇ ନ ଥିବେ । ମୋତେ ସେମାନଙ୍କ ପାଖକୁ ଯିବାକୁ ହେବ । ସେମାନଙ୍କୁ ନୂତନ ମାର୍ଗ ଦେଖାଇବାକୁ ହେବ । ଏଠାରେ ତ ପକ୍ଷିସମାଜ ନୂଆ କଥା ଶିଖିବାକୁ ଆରମ୍ଭ କଲେଣି । ତେଣୁ ତୋତେ ଆଉ ବେଶୀ କିଛି କରିବାକୁ ହେବ ନାହିଁ ।

'ତା'ଛଡ଼ା ତୁ ନିଜକୁ ଯେପରି ହୀନ, ଅକିଞ୍ଚନ ମନେ କରୁଛୁ, ତୁ ସେପରି ନୁହଁ । ତୋରି ମଧ୍ୟରେ ଏକ ସର୍ବଶକ୍ତିମାନ୍, ସର୍ବଜ୍ଞାନଯୁକ୍ତ ସତ୍ୟ ଚେତନା ଲୁଚି ରହିଛି । ତାହାର ସନ୍ଧାନ କର । ସେଇ ହେବେ ତୋର ଗୁରୁ, ପଥପ୍ରଦର୍ଶକ । ଆଉ ବାହାର ଗୁରୁର ଆବଶ୍ୟକ ପଡ଼ିବ ନାହିଁ । ମୁଁ ଜାଣେ ତୁ ସେଥିପାଇଁ ପ୍ରସ୍ତୁତ ହୋଇଛୁ ଓ ଖୁବ୍ ଶୀଘ୍ର ସେ ଉପଲବ୍ଧି ପାଇବୁ । ମୋତେ ଗୋଟାଏ ଅସାଧାରଣ, ଅଲୌକିକ ଦେବତା ବୋଲି ଭାବିବୁ ନାହିଁ କି କାହାକୁ ଭାବିବାକୁ ଦେବୁ ନାହିଁ । ମୁଁ ତୁମରି ଭଳି

ସମୁଦ୍ରପାରାଟିଏ । ମୁଁ ଖାଲି ଉଡ଼ିବାକୁ ଭଲପାଏ ଓ ଆମ ଉଡ଼ିବାର କୌଣସି ସୀମା ନାହିଁ ବୋଲି ବିଶ୍ୱାସ କରେ । ଆନ୍ତରିକ ଭାବେ ସାଧନା କରି, ସଂକଳ୍ପ କରି, ଦୁଃଖ କଷ୍ଟକୁ ଖାତିର ନ କରି, ନିଜ ଉଦ୍ୟମରେ ଲାଗି ରହି ଭଗବାନଙ୍କ ଦୟାରୁ ଏପରି ହୋଇଛି । ସମସ୍ତେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଆନ୍ତରିକ ଚେଷ୍ଟା କଲେ ଏପରି ହୋଇପାରିବେ । ବିଦାୟ ଫ୍ଲେଚ୍ ! ପୁଣି କେବେ ଦେଖା ହୋଇପାରେ ?'

ଏତିକି କହୁ କହୁ ଜନାଥନର ଶରୀର ଟିକିଏ କମ୍ପି ଉଠିଲା । ଦେହ ତା'ର ଝଲମଲ ହୋଇଉଠିଲା । ସେ କୁଆଡ଼େ ଶୂନ୍ୟ ଆକାଶରେ ଉଭେଇଗଲା ।

ଫ୍ଲେଚର ତା'ରି ଆଡ଼କୁ ଚାହିଁ ତା'ର ଶେଷ ନମସ୍କାର ଜଣାଇଲା ହୃଦୟରେ ତା'ର ଖାଲି ଜନାଥନ ଶେଷ କଥା ଝଙ୍କୃତ ହେବାକୁ ଲାଗିଲା । ତାକୁ ଅଉ ଏକୁଟିଆ ଚାଳକହୀନ ଭଳି ବୋଧହେଲା ନାହିଁ ।''

''ତୁମେ ତା'ହେଲେ ଏଇକଥା ବୋଉକୁ ବୁଝାଇ ଦିଅ ଯେ ଜୀବନରେ କୌଣସି କଥାର ସୀମା ନାହିଁ । ଜୀବନ ଚାହେଁ ସବୁବେଳେ ନିଜକୁ ନୂଆ ନୂଆ ଭାବରେ ପ୍ରକାଶ କରିବାକୁ । ତେଣୁ ସାଇକେଲଟାକୁ ହାତ ଛାଡ଼ି ଚଳାଇବାକୁ ଶିଖିବାଟା ମୋର ଭୁଲ୍ ନୁହେଁ । ତା'ହେଲେ ସିଏ ଆଉ ମୋ ଉପରେ ରାଗିବ ନାହିଁ ।''

''ହଁ, ମୁଁ ତାକୁ ବୁଝାଇ ଦେବି, ସେ ତୋ ଉପରେ ଆଉ ରାଗିବ ନାହିଁ । ସେ ନିଜେ ତୁମ ନୂଆ ବର୍ଷର ଉତ୍ସବ ଦିନ ତୋର ସାଇକେଲ ଚାଳନା ଦେଖିବାକୁ ଯିବ । କିନ୍ତୁ ତୋତେ ଏସବୁ ସହ ମନେ ରଖିବାକୁ ହେବ ଯେ, ଯେକୌଣସି କାମର ପ୍ରେରଣା ଯେ ଆମର ବିକାଶରେ ସାହାଯ୍ୟ କରିଥାଏ ତା' ନୁହେଁ, କେତେକ କାର୍ଯ୍ୟର ପ୍ରେରଣା ଆମକୁ ପତନ ଦିଗରେ ମଧ୍ୟ ନେଇ ଯାଇଥାଏ । ସେଇ ସାଇକେଲ ଚାଳନାରେ ବାହାଦୁରି ଦେଖାଇବାକୁ ଯାଇ କେତେକେ ବସ୍, ଟ୍ରକ୍ ଆଦି ରାସ୍ତାର ଅନ୍ୟ ପାର୍ଶ୍ୱରୁ ଆସୁଥିବା ସମୟରେ ଟିକିଏ ଅପେକ୍ଷା ନ କରି ସାଏଁ କିନା ସେମାନଙ୍କ ସାମନାରେ କଟେଇ ଚାଲିଯିବା ପାଇଁ ଚେଷ୍ଟା କରନ୍ତି ଓ ବେଳେବେଳେ ଧକ୍କା ଖାଇ ସାଇକେଲ ସହ ପ୍ରାଣ ବି ହରାନ୍ତି । ଆଉ କେତେକେ, କେହି ଲୋକ ଆଗରେ ଯାଉଥିଲେ ତା' ପଛରେ ସାଇକେଲ ଲଗାଇ ହଠାତ୍ ଖୁବ୍ ଜୋର୍‌ରେ ବେଲ୍ ଟିପନ୍ତି । ଉଦ୍ଦେଶ୍ୟ ଥାଏ ସେ ଚମକି ପଡ଼ି ହଡ଼ବଡ଼େଇ ଗଲେ ମଜା କରିବା । ଆଉ କେତେକେ ରାସ୍ତାରେ ଯାଉଥିବା ଅନ୍ୟ ସାଇକେଲ ଚଢ଼ାଳିଙ୍କ ସାମନାକୁ ଆସି ନିଜ ହ୍ୟାଣ୍ଡେଲ୍‌ଟିକୁ ହଠାତ୍ ଏପରି ଏପାଖ ସେପାଖ କରିଦିଅନ୍ତି ଯେ ସେ ବିଚରା କେଉଁ ପାଖକୁ କଟାଇବ ଜାଣି ନ ପାରି ପଡ଼ିଯାଏ । ବିଶେଷ କରି ଲଫଙ୍ଗା ଟୋକାମାନେ ଝିଅପିଲାଙ୍କୁ ଏହିପରି ହଇରାଣ କରିଥା'ନ୍ତି । ଅଯଥା ବାହାଦୁରି ଦେଖାଇବା ଓ ଅନ୍ୟକୁ ହଇରାଣ କରିବାର ଯେଉଁ

ଚେଷ୍ଟା ତାହା ଯଥାର୍ଥ ଦକ୍ଷତାର ପରିଚାୟକ ନୁହେଁ । ଏସବୁ ପ୍ରେରଣା ଅନ୍ତରର ଯଥାର୍ଥ ସତ୍ୟ ଚେତନାରୁ ଆସେ ନାହିଁ । ଏସବୁ ପ୍ରେରଣା ଆସେ ବିକୃତ ନିମ୍ନ ପ୍ରାଣର ଚେତନାରୁ ।''

ତେବେ ଜାଣିବ କିପରି କୌଣସି ନୂଆ କାମ କରିବାକୁ ଭିତରୁ ଯେଉଁ ପ୍ରେରଣା ଆସୁଛି ତାହା ଭଲ କି ମନ୍ଦ ?'' ପଚାରିଲା ଅନୁରକ୍ତା ।

''ଅନ୍ୟ କାହାରି ସାହାଯ୍ୟ ନ ନେଇ ନିଜେ ଜାଣିବାର ଏକମାତ୍ର ଉପାୟ ହେଉଛି ଆନ୍ତରିକ ହେବା । ଯିଏ ଆନ୍ତରିକ, ଯିଏ ନିଷ୍କାପଟ, ଯିଏ ଅନ୍ତରସ୍ଥ ସତ୍ୟକୁ ଆବିଷ୍କାର କରିବା ଲାଗି, ତାହାରି ଅନୁସାରେ ଚଳିବା ଲାଗି ଓ ତାକୁହିଁ ଜୀବନ ଓ କର୍ମରେ ପ୍ରକାଶ କରିବା ଲାଗି ସଂକଳ୍ପବଦ୍ଧ ସେ ପ୍ରତି ମୁହୂର୍ତ୍ତରେ, ପ୍ରତି ପଦକ୍ଷେପରେ ଜାଣିପାରେ ଓ ତା' ଭିତରୁ ଗୋଟିଏ ଚେତନା ନୀରବରେ ତାକୁ ଜଣାଇ ଦିଏ ଯେ କ'ଣ ଭଲ, କ'ଣ ମନ୍ଦ ।

ଯେପରି ଜନାଥନ କହୁଥିଲା ଯେ ସମୁଦ୍ରପାରାଙ୍କର ଉଡ଼ିବାର କୌଣସି ସୀମା ନାହିଁ, ସେମିତି ଏଇ ଆନ୍ତରିକତାର କୌଣସି ସୀମା ନାହିଁ । ଯେତେ ଯେତେ ଆମେ ଆନ୍ତରିକ ହେଉଥିବା ତା'ର ମୂଳ ଆହୁରି ଗଭୀରକୁ, ଆହୁରି ଉଚ୍ଚକୁ ଚାଲିଯାଉଥିବ । ପୂର୍ଣ୍ଣ ଆନ୍ତରିକତାହିଁ ପୂର୍ଣ୍ଣ ସିଦ୍ଧି । ଆମେ ବହୁତ ଆନ୍ତରିକ ହୋଇଗଲୁଣି ବୋଲି ଆତ୍ମସନ୍ତୋଷ ଲାଭ କରି ବସିପଡ଼ିଲେ ଚଳିବ ନାହିଁ । ମା' କହିଛନ୍ତି :

'One ought never to be satisfied with the sincerity one has : one should always wish to have more.'

'ତୁମର ଯେତିକି ଆନ୍ତରିକତା ଅଛି ସେଇଆକୁ ନେଇ କେବେ ବି ସନ୍ତୁଷ୍ଟ ହୋଇ ରହିବା ଉଚିତ ନୁହେଁ : ସବୁବେଳେ ତୁମେ ଅଧିକରୁ ଅଧିକ ଆନ୍ତରିକ ହେବାକୁ ଇଚ୍ଛା କରିବା ଉଚିତ ।'

ତେଣୁ :

ଅସୀମ ଆମ ଯାତ୍ରାପଥ
ଅସୀମ ଆମ ଲକ୍ଷ୍ୟ
ଆନ୍ତରିକତା ଧରୁ ଆମର
ନିତ୍ୟ ନବ ରୂପ ।

# ଆନ୍ତରିକତା ଆମର ରକ୍ଷାକବଚ

ତୁମେ କହୁଥିଲ, ''ମା' କହିଛନ୍ତି – 'Sincerity is our safeguard'– ଆନ୍ତରିକତା ଆମର ରକ୍ଷାକବଚ ।' ଆନ୍ତରିକତା କିପରି ଆମକୁ ବିପଦ ଆପଦରୁ ରକ୍ଷା କରିଥାଏ ସେଇ କଥା ଆଜି କୁହ ।''

ଅନୁରକ୍ତାର ଆନ୍ତରିକତା ସମ୍ବନ୍ଧେ ଆହୁରି ଅଧିକ ଶୁଣିବାର ଆଗ୍ରହ ଦେଖି ତା' ଭାଇ ଚିନ୍ମୟ କହିଲା, ''ଶୁଣିବୁ, ସରଳ ଆନ୍ତରିକତା କିପରି ଆମ ଅଜାଣତରେ ବି ଆମକୁ ସବୁ ବିପଦ ଆପଦରୁ ରକ୍ଷା କରିଥାଏ ?''

''ହଁ, କୁହ ।''

''ତେବେ ଶୁଣ୍ । ଏ ସମ୍ବନ୍ଧେ ମା' ନିଜେ ଗୋଟିଏ ଗପ କହିଥିଲେ । ସେଇଟି ହେଉଛି – 'ଗୋଟିଏ ଗରିବ ଲୋକ ଥିଲା । ସେ ଜାତିରେ ନୀଚ । ଥରେ ତା'ର ପରିବାର ପାଇଁ ଖାଦ୍ୟ ଯୋଗାଡ଼ କରିବା ନିମନ୍ତେ ସେ ଶିକାର କରିବାକୁ ଗଲା । ଦିନସାରା ଜଙ୍ଗଲରେ ଘୂରିଲା । ହେଲେ କିଛି ବି ପାଇପାରିଲା ନାହିଁ । ଦିନ ଯାଇ ରାତି ମାଡ଼ି ଆସିଲା । ଚାରିଆଡ଼େ ଅନ୍ଧାର ଘୋଟିଗଲା । ଗୁଡ଼ାଏ ନିରର୍ଥକ ଚେଷ୍ଟା କରି ସେ କ୍ଲାନ୍ତ ହୋଇପଡ଼ିଥିଲା । ଭାରି ଭୋକ ବି କରୁଥିଲା । ତଥାପି ଘରକୁ ନ ଫେରି ସେଇ ଜଙ୍ଗଲରେ ଏକୁଟିଆ ପଡ଼ି ରହିଲା । ଶେଷରେ ପାଖରେ ଥିବା ଗୋଟିଏ ବେଲଗଛ ଉପରେ ଚଢ଼ିଲା । କାଳେ ପକ୍ଷିବସାଟିଏ କେଉଁଠୁ ପାଇଯିବ ! ବେଲଗଛର ଗୋଟିଏ ପତ୍ରରେ ତିନୋଟି ଫଳକ ଥାଏ । ଶିବଭକ୍ତମାନେ ଏଇ ପତ୍ର ଅର୍ପଣ କରି ମହାଦେବ ଶିବଙ୍କୁ ପୂଜା କରିଥା'ନ୍ତି । ସେ ଲୋକଟି ସିନା ସେ ବେଲଗଛରେ ଚଢ଼ିଲା, କିନ୍ତୁ ବିଚରା କୌଣସି ପକ୍ଷିବସାର ସନ୍ଧାନ ପାଇଲା ନାହିଁ । ଘରେ ଥିବା ତା'ର ସ୍ତ୍ରୀ ଛୋଟ ଛୋଟ ପିଲାଙ୍କ କଥା ମନେ ପଡ଼ିଲା । ସେମାନେ ଖାଦ୍ୟ ଆଶାରେ ତାକୁ ଅପେକ୍ଷା କରିଥିବେ ଭାବି କାନ୍ଦିବାକୁ ଆରମ୍ଭ କଲା ।

କୁହାଯାଏ ଯେ ଅନ୍ୟ ପ୍ରତି କରୁଣାର ଅଶ୍ରୁ ଖୁବ୍ ଓଜନିଆ । ନିଜ ପାଇଁ ଯେଉଁ ଅଶ୍ରୁପାତ କରାଯାଏ ତାହା ଅପେକ୍ଷା ଏହାର ମୂଲ୍ୟ ଯଥେଷ୍ଟ ଅଧିକ ।

ଶିକାରୀଟିର ଅଶ୍ରୁବିନ୍ଦୁ ବେଲପତ୍ର ଉପରେ ପଡ଼ିବାକୁ ଲାଗିଲା । ଅଶ୍ରୁଭାରରେ ବେଲପତ୍ରଟି ଓଜନିଆ ହୋଇଉଠିଲା । ସେଇ ବେଲଗଛ ତଳେ ଶିବଙ୍କ ପାଇଁ ତିଆରି ହୋଇଥିବା ଏକ ପୂଜାବେଦୀ ଥିଲା । ଅଶ୍ରୁଭାରରେ ଓଜନିଆ ବେଲପତ୍ରଟି ସେଇ ପୂଜା

ବେଦୀ ଉପରେ ଝଡ଼ିପଡ଼ିଲା । ଠିକ୍ ସେଇ ସମୟରେ ଗୋଟିଏ ସାପ ସେ ଶିକାରୀଟିକୁ କାମୁଡ଼ି ଦେଲା । ଶିକାରୀଟି ସେଇ ସାପ କାମୁଡ଼ାରେ ମରିଗଲା । ସଙ୍ଗେ ସଙ୍ଗେ ସ୍ୱର୍ଗରୁ ଦେବଦୂତମାନେ ପହଞ୍ଚି ତା'ର ଆତ୍ମାକୁ ଦେବଲୋକକୁ ନେଇ ଶିବଙ୍କ ସମ୍ମୁଖରେ ପହଞ୍ଚାଇ ଦେଲେ ।

ତାକୁ ଦେଖି ସ୍ୱର୍ଗର ଅଧିବାସୀମାନେ ସମସ୍ତେ ଏକସଙ୍ଗରେ କହିଉଠିଲେ – ଏ ଲୋକର ଆତ୍ମା ପାଇଁ ଏଠାରେ ସ୍ଥାନ ନାହିଁ । ଏ ଲୋକ ବହୁତ ନୀଚ କୁଳରେ ଜନ୍ମ ହୋଇଛି । ଧର୍ମ କର୍ମ କିଛି ଜାଣେ ନାହିଁ । ଅପବିତ୍ର ଖାଦ୍ୟ ସବୁ ଖାଇଛି । ଦେବତାମାନଙ୍କୁ ଯେଉଁ ଅର୍ଘ୍ୟ ଆଦି ଅର୍ପଣ କରାଯାଏ ତାହା କେବେବି ସେ ଅର୍ପଣ କରି ନାହିଁ ।

କିନ୍ତୁ ଶିବ କହିଲେ – ସେ ମୋତେ କିଛି ବେଲପତ୍ର ଅର୍ପଣ କରିଛି । ଆଉ ସେ ଅଧିକ କ'ଣ ଦେଇଥା'ନ୍ତା, ସେ ଯେ ବେଲପତ୍ର ସହ ତା'ର ଆନ୍ତରିକ ଅଶ୍ରୁ ନିବେଦନ କରିଛି ! ଯେଉଁମାନେ ସରଳ ହୃଦୟ ବ୍ୟକ୍ତି ସେମାନଙ୍କ ଲାଗି ନୀଚଜାତି ବୋଲି କିଛି ନାହିଁ ।

ଏହା କହି ସେ ତା'ର ଆତ୍ମାକୁ ସ୍ୱର୍ଗରେ ସ୍ଥାନ ଦେଲେ ।

ଏଠାରେ ସେ ଲୋକଟି ସଚେତନ ଭାବରେ ଶିବଙ୍କୁ ବେଲପତ୍ର ପ୍ରଦାନ କରି ପୂଜା ନ କରିଥିଲେ ବି ପରିବାର ଲାଗି ତା'ର ଆନ୍ତରିକ ଅଶ୍ରୁ ବେଲପତ୍ର ସହ ମିଶି ଶିବଙ୍କ ବେଦୀ ଉପରେ ପଡ଼ିବାରୁ ଶିବଙ୍କୁ ସେହି ଆନ୍ତରିକତା ସ୍ପର୍ଶ କଲା । ଯଥାର୍ଥ ପୂଜା ଆନ୍ତରିକତା, ବାହ୍ୟ ଆଡ଼ମ୍ବର ନୁହେଁ । ମୃତ୍ୟୁପୂର୍ବର ତା'ର ଏଇ ସାମାନ୍ୟ ଆନ୍ତରିକତା ତାକୁ ସାରାଜୀବନର ପାପ ଓ ମନ୍ଦକର୍ମରୁ ମୁକ୍ତ କଲା ଓ ମୃତ୍ୟୁ ପରେ ସେ ଆଉ ଦୁଃଖକଷ୍ଟ ଭୋଗ ନ କରି ସିଧା ଦେବଲୋକକୁ ଯାଇପାରିଲା ।

ଆଉ ଗୋଟିଏ କଥା କହୁଛି ଶୁଣ୍ । ଥରେ ଜଣେ ସାଧିକା ଏକ ସ୍ୱପ୍ନ ଦେଖିଲେ । ସେ ଏ ସ୍ୱପ୍ନଟି ଉପରବେଳା ଶୋଇଥିବା ସମୟରେ ଦେଖିଥିଲେ । ସ୍ୱପ୍ନରେ ସେ ନିଜକୁ ଏକ କୋଠାର ଶିଡ଼ି ପାହାଚରେ ଥିବାର ଦେଖିଲେ । ଆମ ଆଶ୍ରମର ମେଡ଼ିଟେସନ ହଲ୍‌ରୁ ଶ୍ରୀଅରବିନ୍ଦ ଓ ମା'ଙ୍କ ରୁମ୍ ଆଡ଼କୁ ଯେଉଁ ପାହାଚ ସବୁ ଉଠିଯାଇଛି, ଠିକ୍ ସେହିଭଳି ପାହାଚ । ସେଠାରେ ଆଉ ଦୁଇଜଣ ଆଶ୍ରମ ଝିଅ ମଧ୍ୟ ଥିଲେ । ସେମାନଙ୍କ ବୟସ ଅନ୍ଦାଜ ୧୬ କିଂବା ୧୭ ହେବ । ସେମାନେ ସେଠାରେ ଅପେକ୍ଷା କରିଥିଲେ । ପାହାଚ ଶେଷରେ ଥିବା ଦରଜା ଖୋଲିଗଲା । ମା' ସେମାନଙ୍କୁ ଦେଖାଦେଲେ । ସାଧିକା ଜଣକ ତାଙ୍କ ରୂପକୁ ଟିକିଏ ଦେଖିନେଲେ । ସେ ଦେଖିଲେ ସେ ମା'ଙ୍କଠାରୁ ଛୋଟ ଦେଖାଯାଉଛନ୍ତି । ମା'ଙ୍କ ଚେହେରା ଭଳି ଠିକ୍ ତାଙ୍କର ଚେହେରା; କିନ୍ତୁ ତାଙ୍କର ଚାହାଣି ମା'ଙ୍କ ଚାହାଣି ଭଳି ସ୍ୱତନ୍ତ୍ର ନ ଥିଲା । ତାଙ୍କ ଦେହସାରା ଗୋଲ୍ ଗୋଲ୍ କଳା ଦାଗସବୁ

ଥିଲା । ଅତି କଳା ନୁହେଁ, ଟିକିଏ ମାଟିଆମିଶା କଳା । କେବଳ ଏତିକି ଛଡ଼ା ତାଙ୍କ ଦେହ ପୂରାପୂରି ଗୋରା ଥିଲା ।

ସେ ଚେହେରାକୁ ଦେଖିବାମାତ୍ରେ ସାଧିକା ଜଣକ ପଛକୁ ବୁଲିପଡ଼ିଲେ । କାରଣ ସେ ଅନୁଭବ କଲେ ଯେ ସେ ପ୍ରକୃତରେ ମା' ନୁହଁନ୍ତି; ଆଉ ସେ 'ମିଛ ମା' ହାତରେ ଥରେ ଯଦି ସେ ପଡ଼ିବେ ଆଉ ଜୀବନରେ ଫେରି ଆସିବା ସମ୍ଭବ ହେବ ନାହିଁ । ଯଦି ସେ ସେସ୍ଥାନରୁ ମୁକୁଳି ଆସିପାରନ୍ତି ତେବେ ସେ ଦୁଇଜଣ ଝିଅଙ୍କ ମଧ୍ୟରୁ ଅନ୍ତତଃ ଜଣଙ୍କର ଜୀବନ ରକ୍ଷା କରିପାରିବେ । ତେଣୁ ସେମାନେ ତାକୁ ସେଠାରେ ନାହିଁ ବୋଲି ଦେଖିବା ପୂର୍ବରୁ ସେ ତଳକୁ ଓହ୍ଲାଇବାକୁ ଆରମ୍ଭ କଲେ । ଶିଡ଼ିର ପାହାଚ ଧୀରେ ଧୀରେ ଅଣଓସାରିଆ ହୋଇଗଲା ଓ ଶେଷକୁ ବନ୍ଦ ହୋଇଗଲା । ସେହି ସ୍ଥାନରେ ଜଣେ ଦୁଷ୍ଟ ପ୍ରକୃତିର ଜଗୁଆଳି ଥିଲା । ସେ ତାଙ୍କୁ ଫେରି ଆସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଓ ତାଙ୍କୁ ଆଗକୁ ଯିବାକୁ ଛାଡ଼ିଲା ନାହିଁ । ସେ ସେହି ସାଧିକାଜଣଙ୍କୁ ପଚାରିଲା ସେ ମା'ଙ୍କୁ ଦର୍ଶନ କରିଛନ୍ତି ନା ନାହିଁ । ସେ ସାଧିକା ଜଣକ ହଁ ଭରିଲେ । ସେ କିନ୍ତୁ ଏଥିରେ ସନ୍ଦେହ କଲା । ଶେଷକୁ ସାଧିକା ଜଣକ କହିଲେ ଯେ ମା'ଙ୍କ ଦେହସାରା କଳାଦାଗ ସବୁ ପୂରି ରହିଛି । ତା'ପରେ ସେ ଜଗୁଆଳି ଜଣକ ତାଙ୍କୁ ବାଟ ଛାଡ଼ି ଦେଲା । କିନ୍ତୁ ସେ ଭାବିଲେ ଦ୍ୱିତୀୟ ଜଗୁଆଳି ତାଙ୍କୁ ଅଟକାଇପାରେ । ସେ ଆହୁରି ତଳକୁ ଓହ୍ଲାଇ ଦ୍ୱିତୀୟ ଜଗୁଆଳିକୁ ଦେଖିଲେ । ସେ ଅନ୍ୟ ବାଟରେ ଚାଲିଯିବାକୁ ବସିଲେ; କିନ୍ତୁ ଦେଖିଲେ ସବୁ ଦରଜା ବନ୍ଦ । ଯେଉଁସବୁ ଦରଜାକୁ ପୂର୍ବରୁ ସେ ଖୋଲି ପାରୁ ନ ଥିଲେ ସେସବୁ ଦରଜାକୁ ଏବେ ସେ ଖୋଲି ଦେଲେ । ସେ ନିଜକୁ ଗୋଟିଏ ଅଗଣାକୁ ଆସିଥିବାର ଦେଖିଲେ ଓ ତାଙ୍କ ପଛରେ ଶେଷ ଦରଜାଟି ବନ୍ଦ ହୋଇଗଲା । ତାଙ୍କୁ ସେ ଅଗଣାଟିକୁ ଟପି ଘର ଚାରିପଟେ ଘେରି ରହିଥିବା ଉଚ୍ଚ କାନ୍ଥ ସବୁକୁ ପାରି ହୋଇ ଆସିବାକୁ ଥିଲା ।

ଏଇ ସମୟରେ ତାଙ୍କ ଘରର ଚାକରାଣୀ ତାଙ୍କୁ ନିଦରୁ ଉଠାଇ ଦେଲା । ତେଣୁ ସେ ଜାଣିପାରିଲେ ନାହିଁ କି ସେ ସ୍ଥାନରୁ ବାହାରି ଆସିପାରିଲେ ନାହିଁ ।

ସାଧିକାଜଣଙ୍କର ଏହି ସ୍ୱପ୍ନ ସମ୍ପର୍କରେ ମା'ଙ୍କୁ କୁହାଯିବାରେ ୧୯-୬-୬୩ ତାରିଖରେ ମା' ଯାହା କହିଛନ୍ତି ତାହା ଟେପ୍ ରେକର୍ଡ଼ ହୋଇ ରହିଛି । ମା' କହିଛନ୍ତି :

ଏହା ପ୍ରାଣଜଗତରେ ଏକ ଭ୍ରମଣ । ତୁମେ ତାକୁ କହିଦେଇପାର ଯେ ସେ (ସାଧିକା) ସେ ସ୍ଥାନରୁ ଭଲ ଭାବରେ ବାହାରି ଆସିଥିଲା ।

ଗୁହ୍ୟ ବିଦ୍ୟାର ଦୃଷ୍ଟିକୋଣରୁ ସେ ଯଦି ସେହିସବୁ ଦ୍ୱାରରେ ଥିବା ଜଗୁଆଳିମାନଙ୍କୁ କହିଥା'ନ୍ତା, 'ମା'ଙ୍କ ନାମ ଧରି ମୁଁ କହୁଛି ମୋତେ ବାଟ ଛାଡ଼ି ଦିଅ,'

ତେବେ ବୋଧହୁଏ ସେ ଦରଜାସବୁ ଓ ଜଗୁଆଳିମାନେ କୁଆଡ଼େ ଉଭେଇ ଯାଇଥା'ନ୍ତେ ।

ସ୍ୱପ୍ନ ଦେଖୁଥିବା ସମୟରେ ଏଇସବୁ କଥା ମନେ ପକାଇବା କଷ୍ଟ । ତା'ର ଏକ ଅନ୍ତରର ଦୃଢ଼ବିଶ୍ୱାସ ଥିଲା ଯାହାକି ତାକୁ ଏଥିରୁ ପୂରାପୂରି ବାହାରି ଆସିବା ଲାଗି ସକ୍ଷମ କଲା । ଦୈବାତ୍ ଖାଲିଟାରେ ଯେ ତାକୁ ନିଦରୁ ଉଠାଇ ଦିଆଗଲା ତାହା ନୁହେଁ – ଏହା କେବେ ଖାଲି ଖାଲି ଘଟି ନ ଥିଲା । ତା'ପ୍ରତି ଏହା ଥିଲା ଏକ ଦିବ୍ୟ ସାହାଯ୍ୟ । ହୋଇପାରେ ଯେ ଅନ୍ୟ ଲୋକମାନେ ହୁଏତ ତା'ପରି ସେ ଚେହେରାରେ କଳା ଦାଗଗୁଡ଼ିକ ଦେଖିପାରି ନ ଥା'ନ୍ତେ ।

ତା'ର ଆନ୍ତରିକତାହିଁ ସେ କଳା ଦାଗଗୁଡ଼ିକ ତାକୁ ଦେଖିବାରେ ସାହାଯ୍ୟ କରିଥିଲା । ଯେହେତୁ ସେ କଳାଦାଗଗୁଡ଼ିକ ଦେଖିପାରିଥିବା କଥା ଜଗୁଆଳି ଆଗରେ ପ୍ରକାଶ କଲା, ତା'ପରେ ଜଗୁଆଳିଟିର କଥା ଜଗୁଆଳି ଆଗରେ ପ୍ରକାଶ କଲା, ତା'ପରେ ଜଗୁଆଳିଟିର ତାକୁ ଆଉ ବାଟ ନ ଛାଡ଼ି ଉପାୟ ନ ଥିଲା । କାରଣ ଏକଥା ଜାଣିପାରିବା ହେଉଛି ନିଜ ଭିତରର ଆନ୍ତରିକତାର ଏକ ଶକ୍ତି । ଏହା ମୋତେ ଚିନ୍ତାରେ ପକାଇଲା... ଏହି ଅର୍ଥରେ ଯେ ଏଇ ମିଛ ମା' ଭଳି ଲୋକ ଅଛନ୍ତି ଯେଉଁମାନେ ଏଇଭଳି କାର୍ଯ୍ୟ କରି ଆମୋଦ ଅନୁଭବ କରୁଛନ୍ତି । ଏକଥା ମୁଁ ବିଶେଷରୂପେ ଗ୍ରହଣ କରିପାରୁ ନାହିଁ । କିନ୍ତୁ ମୁଁ ଜାଣେ ଏଭଳି କାଣ୍ଡ ଘଟେ ଓ ମୁଁ ଜାଣେ ଏଭଳି ଲୋକ ଅଛନ୍ତି ।

କିନ୍ତୁ ମୁଁ ଭାବୁଛି ବାତାବରଣକୁ ଟିକିଏ ପରିଷ୍କାର କରି ଦେବାରେ ଏହା ସାହାଯ୍ୟ କଲା ।

ତା'ପରେ ମା'ଙ୍କୁ ପୁଣି କୁହାଗଲା ଯେ ସେହି ସାଧିକାଙ୍କୁ ତାଙ୍କର ଏଇ ସ୍ୱପ୍ନ ବିଷୟ ନେଇ ତୁମକୁ ଲେଖିବାକୁ କୁହାଗଲା, କାରଣ କେବଳ ସେ ନୁହେଁ ଆଶ୍ରମର ଆଉ ଦୁଇଜଣ ଝିଅ ମଧ୍ୟ ବିପଦରେ ପଡ଼ିଥିଲେ ।

ଏହାର ଉତ୍ତରରେ ମା' କହିଥିଲେ, ''ହଁ, କିନ୍ତୁ ଅନେକେ ଅଛନ୍ତି ଯେଉଁମାନେ କି ବିପଦରେ ପଡ଼ିଛନ୍ତି, କାରଣ ସେମାନେ ଆନ୍ତରିକ ନୁହନ୍ତି । ଯେ କେହି ସେମାନଙ୍କୁ ପ୍ରତାରିତ କରିପାରେ । ଆନ୍ତର ଜଗତର ଏହିସବୁ ବିପଦ କ୍ଷେତ୍ରରେ ଗୋଟିଏ କଥା ଏକେବାରେ ଅନିବାର୍ଯ୍ୟ – ତାହା ହେଉଛି ଆନ୍ତରିକତା । ଏହା ହେଉଛି ରକ୍ଷାକବଚ, ନିରାପତ୍ତା । ଆନ୍ତରିକତାରେହିଁ ରହିଛି ନିରାପତ୍ତା, ଏହାର ଅର୍ଥ ହେଉଛି ଯଦି ସେହି ଲୋକମାନେ ଅନାନ୍ତରିକ ହୋଇଥା'ନ୍ତେ, ତେବେ ସେମାନେ ସେହି ସତ୍ତାଟି ଯିଏ ମିଛ ମା'ର ରୂପଧରି ଆସିଥିଲା ତା'ର ଉପସ୍ଥିତିରେ କହିଥା'ନ୍ତେ : 'ଆଃ ! ଇଏତ ସ୍ୱୟଂ

ମା'।' ସେମାନେ ଆଦୌ ଯଥାର୍ଥ କଥାଟି ଦେଖିପାରି ନ ଥା'ନ୍ତେ। କିନ୍ତୁ ସେ ସାଧିକାଜଣକ ଦେଖିଲା; ଏହା ତା'ର ଆନ୍ତରିକତା ଯେ କି ଦେଖିଲା।

ବାସ୍ତବରେ ଏସବୁ ଘଟନା କିଛି ନୁହେଁ, ଏସବୁ ଘଟିବ। କିନ୍ତୁ ଯେଉଁ ଏକମାତ୍ର କଥା ଆବଶ୍ୟକ ତାହା ହେଉଛି ଦଉଡ଼ି ପଳାଇ ଆସିବାକୁ ଚେଷ୍ଟା କରିବା ପରିବର୍ତ୍ତେ ସେ (ସାଧିକା) ଯଦି ଦୃଢ଼ ମନୋଭାବ ପୋଷଣ କରିଥା'ନ୍ତା ଓ କହିଥା'ନ୍ତା : 'ମା'ଙ୍କ ନାମ ସ୍ମରଣ ସହ କହୁଛି, ଖୋଲି ଯା !' ତେବେ ସେ ଦେଖିବାକୁ ପାଇଥା'ନ୍ତା ଯେ ସବୁକିଛି ଉଭେଇ ଯାଇଛି। କିନ୍ତୁ ସେପରି ଘଟନା – ମୁଁ ଭାବୁ ନାହିଁ ଯେ ସେପରି ଘଟନା ଆଉଥରେ ଘଟିବ ବୋଲି। କିନ୍ତୁ ଯଦି ଏପରି ଘଟେ, ତେବେ ସେ (ସାଧିକା) ଜାଣିପାରିବ ଯେ ପରବର୍ତ୍ତୀ ଥରକୁ କ'ଣ କରିବାକୁ ହେବ। ଏହା ଏକପ୍ରକାର ସଂଗ୍ରାମର ଭାବ।

ତୁ ତାକୁ ଏ ଘଟନା ମୋତେ ଲେଖିବାକୁ କହି ଭଲ କରିଛୁ। ମୋ ପାଇଁ ଏହା ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ, କାରଣ ମୋତେ କୋଣଟିକୁ ଟିକିଏ ସଫା କରି ଦେବାକୁ ହେବ। କିନ୍ତୁ ମୁଁ ତୋତେ କହିରଖୁଛି, ବହୁତ, ବହୁତ ଅନାନ୍ତରିକତା ରହିଛି। ଏହା ଠିକ୍ ଦ୍ୱାରପାଳ ଭଳି ଦରଜା ଖୋଲି ଦେଉଛି। ଏହା ତା'ଛଡ଼ା ଆଉ କିଛି ନୁହେଁ। ଦୁର୍ଭାଗ୍ୟବଶତଃ ଏଥିରୁ ବହୁ ପରିମାଣରେ ରହିଛି।''

ଏଇଥିରୁ ଆମେ ଦେଖିଲୁ ଯେ ଆମେ ଯଦି ଭଗବାନଙ୍କ ପ୍ରତି ଆମର ସେବା, ଭକ୍ତି, ଶ୍ରଦ୍ଧା, ସମର୍ପଣ, କର୍ମ ଉନ୍ମୀଳନ, ଅଭୀପ୍ସା ଆଦିରେ ସାମାନ୍ୟ ପରିମାଣରେ ଆନ୍ତରିକ ଥାଉ ତେବେ ଆମେ ଜାଣୁ ବା ନ ଜାଣୁ ତାହା ଆମକୁ ସକଳ ବିପଦ ଆପଦରୁ ରକ୍ଷା କରିଥାଏ ଓ କ'ଣ ଭଲ, କ'ଣ ମନ୍ଦ, କ'ଣ ସତ୍ୟ, କ'ଣ ମିଥ୍ୟା ତାହା ଜଣାଇ ଦେଇଥାଏ। ଆମେ ସମ୍ପୂର୍ଣ୍ଣ ଆନ୍ତରିକ ହୋଇପାରିଲେ ତ ପୂର୍ଣ୍ଣ ସିଦ୍ଧି ହୋଇଯିବ। କିନ୍ତୁ ତାହା ବହୁତ ଦୂର। ଦିନେ ନା ଦିନେ ଆମ ସମସ୍ତଙ୍କୁ ସେଠି ପହଞ୍ଚିବାକୁ ହେବ। ତାହାହିଁ ଆମର ସାଧନାର ଚାବି ଓ ପଥର ରକ୍ଷାକବଚ।

ଆନ୍ତରିକତାର ରକ୍ଷାକବଚ
ଯଦି ତୋ ହାତରେ ବନ୍ଧା,
ଛୁଇଁ ପାରିବନି କିଛି ହେଲେ ତୋତେ
ଯେତେ ବାଧା ଅସୁବିଧା।''

# ଆନ୍ତରିକତାର ଅଗ୍ନିରେ ଅଶୁଭ ହୋଇଯାଏ ଶୁଭ

''ତୁମେ ତ କୁହ ଆନ୍ତରିକତା ରକ୍ଷାକବଚ ପରି କାମ କରେ । ଯିଏ ଆନ୍ତରିକ, ଭଗବାନ୍ ସବୁବେଳେ ତା' ପାଖେ ପାଖେ ଥାଆନ୍ତି । ବିପଦ ଆପଦ, ଦୁଃଖଯନ୍ତ୍ରଣା ଆଦିରୁ ତାକୁ ରକ୍ଷା କରନ୍ତି । କିନ୍ତୁ କାଲି ଆମ ସ୍କୁଲରେ ମହାଭାରତ ସମ୍ବନ୍ଧେ ଗୋଟିଏ ନାଟକ ହେଉଥିଲା । ସେଥିରେ ଦେଖିଲି ପାଣ୍ଡବମାନଙ୍କର ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ଏତେ ଆନ୍ତରିକ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଥିଲେ ବି ସେମାନେ କାହିଁକି ଏତେ ବିପଦରେ ପଡ଼ିଲେ ? କୌରବମାନେ ଭୀମକୁ ବିଷଲଡୁ ଖୁଆଇଲେ, ପାଣ୍ଡବମାନଙ୍କୁ ଜଉଘରେ ପୂରାଇ ନିଆଁ ଲଗାଇ ଦେଲେ, ଦ୍ରୌପଦୀଙ୍କୁ ସଭା ଭିତରେ ଅପମାନିତ କଲେ, ଶେଷକୁ ପାଣ୍ଡବମାନଙ୍କୁ ପଶାଖେଳରେ ଜିଣି ରାଜ୍ୟରୁ ବଣକୁ ତଡ଼ି ଦେଲେ । ବଣରେ ସେମାନେ କେତେ କଷ୍ଟ ପାଇଲେ । ସେମାନେ ତ ଆନ୍ତରିକ; ଏତେ କଷ୍ଟ ଭୋଗିଲେ କାହିଁକି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''କେଉଁଥିରେ ସେମାନେ ଆନ୍ତରିକ ?'' ପଚାରିଲା ଚିନ୍ମୟ ।

''ଶ୍ରୀକୃଷ୍ଣଙ୍କ ପ୍ରତି ସେମାନଙ୍କ ଭକ୍ତି, ଶ୍ରଦ୍ଧାରେ ସେମାନେ କେତେ ଆନ୍ତରିକ ଥିଲେ !'' କହିଲା ଅନୁରକ୍ତା ।

''ସେମାନେ ଯେପରି ଶ୍ରୀକୃଷ୍ଣଙ୍କ ପ୍ରତି ସେମାନଙ୍କ ଭକ୍ତି ଶ୍ରଦ୍ଧାରେ ଆନ୍ତରିକ ଥିଲେ ଶ୍ରୀକୃଷ୍ଣ ବି ସେହିପରି ତାଙ୍କୁ କେବେ ଛାଡ଼ି ଯାଇ ନାହାନ୍ତି । ସୁଖ ଦୁଃଖ, ସଂପଦ-ବିପଦ ସବୁଥିରେ ସେମାନଙ୍କ ସହ ସଖା ଭଳି ରହିଛନ୍ତି । ଅନ୍ୟ ପକ୍ଷରେ କୌରବମାନେ ପାଣ୍ଡବମାନଙ୍କୁ ଯେତେ ହଇରାଣ, ଯେତେ ବିପଦରେ ପକାଇ ରାଜ୍ୟ, ସୁଖ, ସଂପଦ ଆଦି ଲାଭ କଲେ ବି ଶ୍ରୀକୃଷ୍ଣଙ୍କୁ କିନ୍ତୁ ପାଇପାରି ନ ଥିଲେ । ପାଣ୍ଡବମାନଙ୍କର ଦୁଃଖ କଷ୍ଟ ସେମାନଙ୍କ ଆନ୍ତରିକତା ପାଇଁ ଥିଲା ଏକ ପରୀକ୍ଷା । ଅନେକ ସମୟରେ ଦୁଃଖ କଷ୍ଟର ତାଡ଼ନାରେ ପଡ଼ି ବ୍ୟକ୍ତି ତା'ର ଆନ୍ତରିକତାକୁ ବଳି ଦେଇଥାଏ । କିନ୍ତୁ ପାଣ୍ଡବମାନେ କେବେ ସେପରି କରି ନାହାନ୍ତି । ବରଂ ଦୁଃଖ କଷ୍ଟ ସେମାନଙ୍କ ଆନ୍ତରିକତାକୁ ଆହୁରି ଶୁଦ୍ଧ, ଆହୁରି ତୀବ୍ର କରିଛି । ଦୁଃଖକଷ୍ଟ ସେମାନଙ୍କ ଜୀବନରେ ଆସିଛି; କିନ୍ତୁ ସେସବୁଥିରୁ ସେମାନେ ଶ୍ରୀକୃଷ୍ଣଙ୍କ କୃପାରୁ ଉଦ୍ଧାର ପାଇ ପୂର୍ବ ଅପେକ୍ଷା ଅନ୍ତରରେ ଓ ବାହାରେ ଆହୁରି ଉନ୍ନତ ଅବସ୍ଥା ଲାଭ କରିଛନ୍ତି । ପରିଶେଷରେ ସେମାନଙ୍କର ଆନ୍ତରିକତାର, ନିଷ୍ଠାର ବିଜୟ ଘଟିଛି । ସେଇଥିପାଇଁ ମା' କହିଛନ୍ତି :

'For those who are sincere and straight, out of the worst emerges always the best.'

'ଯେଉଁମାନେ ଆନ୍ତରିକ ଓ ସିଧାସଳଖ ସେମାନଙ୍କ କ୍ଷେତ୍ରରେ ସବୁବେଳେ ସବୁଠାରୁ ମନ୍ଦକଥାରୁ ସବୁଠାରୁ ଭଲ କଥାହିଁ ଜନ୍ମ ନେଇଥାଏ ।'

ଏଇ ସମ୍ବନ୍ଧେ ଗୋଟିଏ କଥା ଶୁଣିବୁ ?''

''ହଁ, କୁହ ।'' କହିଲା ଅନୁରକ୍ତା ।

''ହଉ ତେବେ ଶୁଣ୍ । ତୁମେମାନେ ସବୁ ଆଜିକାଲି ଯେମିତି ସ୍କୁଲରେ ପଢୁଛ, ଆଗେ ପିଲାମାନେ ଯାଇ ସେମିତି ଋଷି ଆଶ୍ରମରେ ପଢୁଥିଲେ । ଛୋଟ ବେଳୁ ସେଇଠି ରହୁଥିଲେ । ପଢ଼ା ଶେଷକରି ଯାଇ ଘରକୁ ଫେରୁଥିଲେ । ଋଷିମାନେ ସେମାନଙ୍କୁ ଶାରୀରିକ, ମାନସିକ, ପ୍ରାଣିକ, ଆଧ୍ୟାତ୍ମିକ – ସମସ୍ତ ପ୍ରକାର ଶିକ୍ଷା ଦେଉଥିଲେ । ପାଠପଢ଼ା ସହ କୃଷି, ଗୋପାଳନ, ଯୁଦ୍ଧବିଦ୍ୟା ଓ ଜୀବନର ଅନ୍ୟାନ୍ୟ ଅନେକ କର୍ମ ସମ୍ବନ୍ଧେ ପିଲାମାନେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରୁଥିଲେ । ଋଷିଙ୍କ ନିଜ ଜୀବନ ସେମାନଙ୍କ ଆଗରେ ଥିଲା ଏକ ମହାନ୍ ଆଦର୍ଶ । ତାଙ୍କର ଶିକ୍ଷା ଦୀକ୍ଷାରୁ ନୁହେଁ, ତାଙ୍କ ନିଜ ଜୀବନକୁ ଦେଖି, ତାଙ୍କ ସଂସ୍ପର୍ଶରେ ଆସି ପିଲାମାନେ ବହୁତ କିଛି ଶିଖୁଥିଲେ, ବହୁତ କିଛି ଗ୍ରହଣ କରୁଥିଲେ । ଏଇ ସମୟଟାକୁ ପିଲାମାନଙ୍କର ବ୍ରହ୍ମଚର୍ଯ୍ୟାଶ୍ରମ ବୋଲି କୁହାଯାଉଥିଲା । ଋଷିଙ୍କ ପାଖରୁ ଶିକ୍ଷା ଶେଷକରି କେତେକେ ଆଜୀବନ ବ୍ରହ୍ମଚାରୀ ହୋଇ ତାଙ୍କରି ଆଶ୍ରମରେ ରହୁଥିଲେ । ଆଉ ଯେଉଁମାନେ ଚାହୁଁଥିଲେ, ଘରକୁ ଫେରି ବିବାହ ଆଦି କରି ସାଧାରଣ ସଂସାର ଜୀବନ ଯାପନ କରୁଥିଲେ । ଏହାକୁ କୁହାଯାଉଥିଲା ଗୃହସ୍ଥାଶ୍ରମ । ପଢ଼ା ଶେଷକରି ଗୁରୁ-ଗୃହରୁ ଯେତେବେଳେ ପିଲାମାନେ ନିଜ ଘରକୁ ଫେରି ଆସୁଥିଲେ ସେତେବେଳେ ସେମାନେ ନିଜ ନିଜ ରୁଚି ଅନୁଯାୟୀ ବିଭିନ୍ନ କର୍ମ ଗ୍ରହଣ କରି ଜୀବିକା ନିର୍ବାହ କରୁଥିଲେ । ଆଜିକାଲି ସ୍କୁଲ୍ କଲେଜ ପିଲାଙ୍କ ଭଳି ପଢ଼ାଶେଷ କରି ଖାଲି ଅଫିସ ଚାକିରି ଖୋଜି ବୁଲୁ ନ ଥିଲେ । ଆଉ ଚାକିରି ନ ମିଳିଲେ ବେକାର ହୋଇ ସରକାରଙ୍କ ଉପରେ ଦୋଷ ଲଦୁ ନ ଥିଲେ ।

ଥରେ ଏହିପରି ଏକ ଗୁରୁ-ଆଶ୍ରମରେ କେତେକ ପିଲା ପଢୁଥିଲେ । ସେହି ପିଲାମାନଙ୍କ ମଧ୍ୟରେ ଦୁଇଟି ପିଲା ପରସ୍ପରର ବେଶ୍ ବନ୍ଧୁ ଥିଲେ । ଜଣକ ନାମ ସୁଧୀର, ଆଉ ଜଣକ ନାମ କିଶୋର । ସୁଧୀର ଜଣେ ରାଜାପୁଅ । କିଶୋର ଜଣେ ସାଧାରଣ ପରିବାରର ପୁଅ । କିନ୍ତୁ ପରିବାରଟି ବେଶ୍ ଧନୀ, ସୁଧୀର ରାଜା ପୁଅ ହେଲେବି ଋଷି-ଆଶ୍ରମର ପ୍ରଭାବରେ ନିଜକୁ ବଡ଼ ବୋଲି ମନେ କରେ ନାହିଁ । ସେ ସବୁବେଳେ ବିନୟୀ, ଶାନ୍ତ, ସରଳ ଓ ଅମାୟିକ । ସବୁ କଥାରେ ସେ ଆନ୍ତରିକ ।

ଛଳନା ସେ କରିପାରେ ନାହିଁ କି ବୁଝିପାରେ ନାହିଁ । କିନ୍ତୁ କିଶୋର ତା' ଭଳି ନୁହେଁ । ସୁଧୀର ରାଜାପୁଅ, ଭଲ ପଢୁଥାଏ ଓ ସମସ୍ତେ ତାକୁ ଭଲ ପାଉଥିବାରୁ କିଶୋରର ଅନ୍ତରରେ ତା' ପ୍ରତି ଈର୍ଷାଭାବ ଥାଏ ।

ଦୁହିଁଙ୍କର ଋଷି ଆଶ୍ରମରୁ ପାଠ ସରିଲା । ଋଷିଙ୍କ ଆଶୀର୍ବାଦ ଓ ଅନୁମତି ଗ୍ରହଣ କରି ଅନ୍ୟମାନଙ୍କ ସହ ସେମାନେ ଘରକୁ ଫେରିଲେ । ଘରକୁ ଫେରିବା ବାଟରେ କିଶୋର ସୁଧୀରକୁ କହିଲା, 'ସାଙ୍ଗହୋଇ ଆମ ଘରକୁ ଯିବା । ସେଠାରେ କିଛି ଦିନ ଖୁସିରେ କଟାଇବା ପରେ ତୁ ତୁମ ଘରକୁ ଚାଲିଯିବୁ ।' କିଶୋରର ଅନୁରୋଧରେ ସୁଧୀର ଖୁସୀ ହେଲା ଓ କହିଲା, 'ତୋତେ ବି ମୋ ସାଙ୍ଗରେ ଆମ ଘରକୁ କିଛି ଦିନ ଲାଗି ଯିବାକୁ ହେବ ।' କିଶୋର ରାଜି ହେଲା । ଦୁହେଁ କିଶୋରର ଘର ଆଡ଼କୁ ଚାଲିଲେ । କିଶୋରର ଘର ଆଉ ଅଳ୍ପ ବାଟ ଅଛି ଗୋଟିଏ ବରଗଛ ପଡ଼ିଲା । ସେଇଠି କିଶୋର କ'ଣ ଭାବିଲା କେଜାଣି, ସୁଧୀରକୁ ଟିକିଏ ସେଇ ଗଛମୂଳେ ଅପେକ୍ଷା କରିବାକୁ କହି ନିଜେ ଘରକୁ ଗଲା । କହିଗଲା ଯେ ସୁଧୀର ଆସିଛି ବୋଲି ସେ ଘରେ ଖବର ଦେବ ଓ ଘୋଡ଼ା ଆଣି ଆସି ସୁଧୀରକୁ ନେଇଯିବ । ସୁଧୀର ସେଇ ଗଛମୂଳେ ବହୁତ ସମୟ ଯାଏ ଅପେକ୍ଷା କଲା, କିନ୍ତୁ କିଶୋର ଆଉ ଫେରିଲା ନାହିଁ । ଅନେକ ସମୟ ପରେ ଜଣେ ଲୋକ ଆସି କହିଲେ, 'ଆରେ, ତୁ ଏଇଠି ଛିଡ଼ା ହୋଇଛୁ; ଆ, ଆ, ମୋ ସାଙ୍ଗରେ ଆ । ସୁଧୀର ପଚାରି ବୁଝିଲା ଯେ ସେ ହେଉଛନ୍ତି କିଶୋରର ବାପା । ସୁଧୀର ଭାବିଲା କିଶୋର କହିଥିଲା ଘୋଡ଼ା ଆଣି ଆସିବାକୁ । ସିଏ ନ ଆସି ତା' ବାପାଙ୍କୁ କାହିଁକି ଖାଲି ପଠାଇଛି । ଯାହାହେଉ କିଶୋର ବାପାର ପଛେ ପଛେ ଯାଇ ସେ ତାଙ୍କ ଘରେ ପହଞ୍ଚିଲା । ତାକୁ ପାଛୋଟି ନେବା ପାଇଁ କିଶୋର କିଂବା ଆଉ କେହି ନ ଥିଲେ । ତାଙ୍କୁ ତାଙ୍କ ବାହାର ବାଟ ଘରର ଗୋଟିଏ କୋଣରେ ଜିନିଷପତ୍ର ରଖି ସେଇଠି ରହିବାକୁ କିଶୋରର ବାପା କହିଲେ । ପ୍ରତିଦିନ କ'ଣ କ'ଣ କାମ କରିବାକୁ ହେବ ତାହା ମଧ୍ୟ କହିଗଲେ ।

ସୁଧୀର କିଶୋର ଘରର ଏପରି ବ୍ୟବହାରରେ କାବା ହୋଇଗଲା । ତାକୁ ଏପରି ଚାକର ଭଳି କାହିଁକି ବ୍ୟବହାର କରୁଛନ୍ତି ବୁଝିପାରିଲା ନାହିଁ । ତଥାପି କିଛି ପ୍ରତିବାଦ ନ କରି ନୀରବ ରହିଲା ।''

''କାହିଁକି କିଶୋର ଘରେ ତାକୁ ଏପରି ବ୍ୟବହାର କଲେ ?'' ପଚାରିଲା ଅନୁରକ୍ତା ।

''କାହିଁକି ସେପରି ବ୍ୟବହାର କଲେ ? ତୁ ଜାଣୁ କିଶୋରର ସୁଧୀର ପ୍ରତି ମନରେ ଈର୍ଷା ଥିଲା । ତା' ଛଡ଼ା ତା' ସ୍ୱଭାବ ସେପରି ଭଲ ନୁହେଁ । କ'ଣ ତା'ର

ମନକୁ ଆସିଲା କେଜାଣି, ଭାବିଲା, ସୁଧୀରକୁ ତାଙ୍କ ଘରେ ଚାକର ଭଳି ରଖିବ । ସେଇଥିଲାଗି ତାକୁ ବରଗଛ ମୂଳେ ଠିଆକରି ଘରେ ଆସି ବାପାଙ୍କୁ ଖବର ଦେଲା ଯେ ସେ ଗୋଟିଏ ନୂଆ ଚାକର ପିଲା ଘରକୁ ଆଣିଛି । ତେଣୁ ତା'ର ରହିବା ଓ କାମର ବ୍ୟବସ୍ଥା କରିଦେବା ଲାଗି । ପୁଣି କହିଲା ଯେ ସେ କିଛି ପଇସା ନେବ ନାହିଁ; ଖାଲି ଖାଇପିଇ ରହିବ । ଏଥିରେ କିଶୋରର ବାପା ବହୁତ ଖୁସୀ ହୋଇଯାଇ ତାକୁ ଡାକିଆଣି ତା'ର ରହିବା, ଖାଇବା ଓ କାମର ବ୍ୟବସ୍ଥା କରିଦେଲେ ।''

''ସୁଧୀର ରାଜାପୁଅ । ତାକୁ ଏପରି ଭାବରେ ରହି କାମ କରିବାରେ କଷ୍ଟ ହେଲା ନାହିଁ ? ସେ କାହିଁକି କହିଦେଲା ନାହିଁ ଯେ ସେ ରାଜାପୁଅ ଓ କିଶୋରର ସାଙ୍ଗ ବୋଲି ?'' ପଚାରିଲା ଅନୁରକ୍ତା ।

''ସୁଧୀର ରାଜାପୁଅ ହେଲେ ବି ଋଷି-ଆଶ୍ରମରେ ରହି ସବୁ ପ୍ରକାର କଷ୍ଟ ସହିବା ଲାଗି ସେ ନିଜକୁ ପ୍ରସ୍ତୁତ କରିପାରିଥିଲା । କାମ ତାକୁ କଷ୍ଟ ଦେଉ ନ ଥିଲା । କଷ୍ଟ ଦେଉଥିଲା ସେମାନଙ୍କର ତା' ପ୍ରତି ଚାକର ଭଳି ଆଚରଣ । କିନ୍ତୁ ତଥାପି ସେ ତା'ର ସାଙ୍ଗକୁ ବହୁତ ଭଲ ପାଉଥିବାରୁ କିଛି କହୁ ନ ଥିଲା । ନୀରବରେ ଅପେକ୍ଷା କରୁଥିଲା କ'ଣ ଘଟୁଛି ଦେଖିବା ଲାଗି ।

ତାକୁ ଅଲଗା ବାସନ ଖଣ୍ଡେ ଦୁଇଖଣ୍ଡ ଦେଇଥା'ନ୍ତି । ସେଇଥିରେ ସେମାନେ ଯାହା ଯାଡୁ ସାଡୁ ଗଣ୍ଡାଏ ଦିଅନ୍ତି ଖାଇଦେଇ ସେ ତା' କାମରେ ଲାଗେ । ତା'ର ସବୁଠାରୁ ବଡ଼ କାମ ହେଉଛି ଗାଇଗୋରୁଙ୍କ ଖବର ବୁଝିବା, ସେମାନଙ୍କୁ ଚରାଇ ନେବା, ସେମାନଙ୍କ ଲାଗି ଘାସ କାଟି ଆଣିବା । ତା'ଛଡ଼ା ସମୟ ବଳିଲେ ଚାଷକାମ କିଂବା ଘରକାମରେ ସାହାଯ୍ୟ କରିବା ।

ଥରେ ଯାଇ ସେ ଏକ ଜଙ୍ଗଲ କଡ଼ରୁ ଘାସ କାଟୁଛି । ଘାସ କାଟୁ କାଟୁ ତା'ର ଘର କଥା ମନେପଡ଼ିଲା । ଏହିପରି ଅନ୍ୟମନସ୍କ ହୋଇ କାଟୁ କାଟୁ ହଠାତ୍ ତା'ର ବାମ ହାତର ଗୋଟିଏ ଆଙ୍ଗୁଳି ଦାଆରେ କଟିଗଲା । ରକ୍ତ ପିଚ୍ ପିଚ୍ ହୋଇ ବହିଲା । ତାକୁ ବହୁତ କାନ୍ଦ ମାଡ଼ିଲା, ଏକୁଟିଆ ସେ ନିର୍ଜନ ବଣ ପାଖରେ କାନ୍ଦିବାକୁ ଲାଗିଲା । ସେଇ ବାଟେ ଶିବପାର୍ବତୀ ଆକାଶମାର୍ଗରେ ଯାଉଥିଲେ । ପାର୍ବତୀ ସୁଧୀରର କାନ୍ଦଣା ଶୁଣି ଶିବଙ୍କୁ କହିଲେ 'କିଏ ଜଣେ ପିଲା କାନ୍ଦୁଛି ଚାଲ ଦେଖିବା ।' ପାର୍ବତୀଙ୍କ ଅନୁରୋଧରେ ଶିବ ତାଙ୍କ ସହ ତଳକୁ ଆସିଲେ । ସୁଧୀରକୁ ଦେଖି ପାର୍ବତୀ ସେ କାହିଁକି କାନ୍ଦୁଛି ବୋଲି ତା'ର ହାଲଚାଲ ସବୁ ପଚାରି ବୁଝିଲେ । କିପରି ଘାସ କାଟୁ କାଟୁ ତା' ହାତ କଟିଗଲା ସୁଧୀର ଖାଲି ସେଇକଥା କହିଲା । ତା' ସାଙ୍ଗ ମିଛ କହି ତାକୁ ଚାକର ଭଳି ଖଟାଇ ଏତେ ହଇରାଣ କରୁଥିଲେ ବି ତା' ବିରୋଧରେ କିଛି

କହିଲା ନାହିଁ । କିନ୍ତୁ ଶିବପାର୍ବତୀ ସବୁ ବୁଝିପାରିଲେ । ତା'ର ବନ୍ଧୁକୁ ଭଲ ପାଇବାର ଆନ୍ତରିକତାରେ ମୁଗ୍ଧ ହୋଇ ତାକୁ ଗୋଟିଏ ମନ୍ତ୍ର ଶିଖାଇଦେଲେ । ସେ ମନ୍ତ୍ର ମନେ ମନେ ଉଚ୍ଚାରଣ କଲେ ଯେଉଁ ଦୁଇଟି ଜିନିଷକୁ ବ୍ୟକ୍ତି ଯୋଡ଼ିବାକୁ ଚାହୁଁଥିବ ତାହା ଯୋଡ଼ି ହୋଇଯିବ । ସୁଧୀରକୁ ମନ୍ତ୍ରଟି ଶିଖାଇ ଦେଇ ଶିବପାର୍ବତୀ ଅଦୃଶ୍ୟ ହୋଇଗଲେ ।

ସୁଧୀରକୁ ଶିବପାର୍ବତୀଙ୍କ ଉପସ୍ଥିତି ବହୁତ ଭଲ ଲାଗିଲା । ସେ ଚାଲିଯିବା ପରେ କାଟି ହୋଇଯାଇଥିବା ଆଙ୍ଗୁଠି ଯୋଡ଼ି ହୋଇଯିବା ଲାଗି ଇଚ୍ଛା କରି ସେ ମନ୍ତ୍ରଟି ଉଚ୍ଚାରଣ କଲା । ସଙ୍ଗେ ସଙ୍ଗେ ତା'ର ଆଙ୍ଗୁଠି ଯୋଡ଼ି ହୋଇ ପୂର୍ବଭଳି ହୋଇଗଲା । କଟା ଦାଗ କି ଯନ୍ତ୍ରଣା କିଛି ରହିଲା ନାହିଁ ।

ମନ ଖୁସିରେ ଘାସ ବୋଝ ଧରି ସେ ଘରକୁ ଫେରିଲା । ସୁଧୀର କେବେ କିଶୋରର କିଛି ଅନିଷ୍ଟ ଚିନ୍ତା କରୁ ନ ଥାଏ । ଶିବପାର୍ବତୀ ସୁଧୀରକୁ ଦେଖିଲା ଦିନଠାରୁ ତା' ପ୍ରତି ସଦୟ ହୋଇଥା'ନ୍ତି । ସେ କିପରି ସେଠୁ ମୁକ୍ତି ପାଇ ତା' ଘରକୁ ଯିବ ସେହି ଉପାୟ ଚିନ୍ତା କରୁଥା'ନ୍ତି ।

ଦିନକର କଥା । ଖରାଦିନ । କିଶୋରର ଘର ବାଡ଼ିରେ ଗୋଟିଏ ବେଲଗଛରେ ସୁନ୍ଦର ସୁନ୍ଦର ବେଲ ପାଚିଥାଏ । ଗୋଟିଏ ପାଚିଲା ବେଲ ଆଣି କିଶୋର ଓ ତା'ର ଭଉଣୀ ପଣାକଲେ । କିଶୋର ଭାରି ଲୋଭୀ, ସେ ଦୁଇଟି ପାତ୍ର ଆଣି ପଣା ଭାଗ ଭାଗ ନ କରି ସେଇ ଗୋଟିଏ ପାତ୍ରରେ ପଣାକୁ ଧରି କହିଲା ମୁଁ ଆଗେ କିଛି ପିଇସାରେ, ତା'ପରେ ତୋତେ ଦେବି । ଏହା କହି ପାତ୍ରରୁ ପଣା ପିଇବାକୁ ଲାଗିଲା । ଏତିକିବେଳେ ଶିବପାର୍ବତୀ ସୁଧୀରଠାରେ କି ପ୍ରେରଣା ଦେଲେ କେଜାଣି, ସେ ସେଠାରେ ବସି ପଖାଳ ଖାଉଥିଲା; ହଠାତ୍ ତା'ର ସେଇ ମନ୍ତ୍ରଟି ମନେପଡ଼ିଗଲା । ସେ ମନେ ମନେ ମନ୍ତ୍ରଟି ଉଚ୍ଚାରଣ କରିବା ମାତ୍ରେ ପାତ୍ରଟି କିଶୋରର ଓଠରେ ଲାଗିଗଲା । କିଶୋର ଅଧାକରୁ ବେଶୀ ପିଇସାରି ଯେତେବେଳେ ପାତ୍ରଟିକୁ ମୁହଁରୁ କାଢ଼ିଲା, ଆଉ ତାହା ବାହାରିଲା ନାହିଁ । ଏଣେ ଭଉଣୀ ତା'ର ଚାହିଁଛି ସେ ପିଇବା ଶେଷକଲେ ନିଜେ ପିଇବ । ବହୁ ସମୟ ଯାକେ ପାତ୍ରଟିକୁ କିଶୋର ମୁହଁରୁ କାଢୁ ନ ଥିବାର ଦେଖି ସେ ଭାବିଲା ବୋଧେ କିଶୋର ସବୁଯାକ ପିଇଦେବ । ତେଣୁ ସେ ଚିଡ଼ିଯାଇ 'କ'ଣ ସବୁଯାକ ପିଇବୁ ନା କ'ଣ' କହି ପାତ୍ରଟିକୁ ଧରି ଟିକିଏ ଝିଙ୍କି ଆଣିଲା । କିଶୋରକୁ ବଡ଼ କଷ୍ଟ ହେଲା । ସେ ଓହୋ, ଓହୋ ବୋଲି ଚିତ୍କାର କଲା । ଏତିକି ବେଳେ ସୁଧୀର ପୁଣିଥରେ ମନ୍ତ୍ରଟି ଆବୃତ୍ତି କରିଦେଲା । ଫଳରେ କିଶୋର ଭଉଣୀର ହାତ ବି ସେଇ ପାତ୍ରରେ ଲାଗି ରହିଲା । ଦୁଇଜଣଯାକ ବହୁତ ସମୟ ଧରି ଟଣାଓଟରା ହେଲେ । ହେଲେ କିଛି ଫଳ ହେଲା ନାହିଁ । କିଛି ସମୟ ପରେ ସେମାନଙ୍କ ବୋଉ ଆସି ଦେଖିଲା ଯେ ଝିଅ

ପୁଅର ମୁହଁରୁ ପାତ୍ରଟି ଟାଣୁଛି । ସେ ଝିଅ ଉପରେ ରାଗି ତାକୁ ଟିକିଏ ଝିଙ୍କି ଆଣି କହିଲା, 'ଛାଡ଼ିଦେ, ସେ ପିଇସାରୁ ।' ଏତିକି କହିଛି, ସୁଧୀରର ମନ୍ତ୍ରବଳରେ ବୋଉର ହାତ ବି ଝିଅ ହାତରେ ଲାଗିରହିଲା । ବହୁତ ସମୟ ପରେ ବାପା ଆସି ଏ କାଣ୍ଡ ଦେଖି 'କାହିଁକି ଝିଅଟାକୁ ମାରୁଛୁ' କହି ବୋଉର ହାତ ଧରି ଟାଣି ଆଣିବାରୁ ତା' ହାତ ବି ବୋଉର ହାତରେ ଲାଗି ରହିଲା । ଏହିପରି ଚାରିଜଣ ଯାକ ଟାଣି ଓଟାରି ହୋଇ ହୋଇ ସନ୍ଧ୍ୟା ହେଲା । ଶେଷରେ କିଶୋରର ବାପା ଭାବିଲେ ବୋଧହୁଏ କୌଣସି ଅପଶକ୍ତି ପ୍ରଭାବରେ ଏପରି ହେଉଛି, ପୁରୋହିତକୁ ଡାକି କିଛି ପୂଜାପାଠ କଲେ ସବୁ ଠିକ୍ ହୋଇଯିବ । ତେଣୁ ସେ ସୁଧୀରକୁ ଡାକି ତାଙ୍କ ପୁରୋହିତଙ୍କୁ ଡାକି ଆଣିବା ଲାଗି ପଠାଇଲେ ।

ସୁଧୀର ଯାଇ ପୁରୋହିତଙ୍କ ଘରେ ପହଞ୍ଚୁ ପହଞ୍ଚୁ ରାତି ଟିକିଏ ବେଶୀ ହୋଇଗଲା । ତା'ଛଡ଼ା ଯିବା ସମୟରେ ଖୁବ୍ ଅସରାଏ ଭଲକରି ବର୍ଷା ବି ହୋଇଗଲା । ପୁରୋହିତ ଶୋଇ ପଡ଼ିଥିଲେ । ତାଙ୍କୁ ବହୁତ କଷ୍ଟରେ ଡାକି ଉଠାଇଲା । ପୁରୋହିତ ଏତେ ବଡ଼ ଜରୁରୀ ଡାକରା ପାଇ ବେଶ୍ କିଛି ରୋଜଗାର ହୋଇଯିବ ଭାବି ସୁଧୀର ସଙ୍ଗେ ବାହାରିଲେ । ତାଙ୍କ ସ୍ତ୍ରୀର ଏତିକିବେଳକୁ ନିଦ ଭାଙ୍ଗିଗଲା । ସେ କହିଲା, 'ମୁଁ ବି ଯିବି ।' ଭାବିଲା ତା' ସ୍ୱାମୀ ସବୁବେଳେ ବିଭାଘର ଇତ୍ୟାଦିକୁ ନିମନ୍ତ୍ରିତ ହୋଇ ଯାଇ ବେଶ୍ ଦିବ୍ୟଭୋଜନ ପକାଉଛି; ତାକୁ ଜମା କେବେ ବି ସାଙ୍ଗରେ ନେଉ ନାହିଁ । ଆଜି କିନ୍ତୁ ଯେପରି ହେଉ ତା' ସଙ୍ଗରେ ଯିବ । ପୁରୋହିତ ଯେତେ ମନାକଲେ ବି ଏକା ଜିଦ୍ ଧରିଲା । ଶେଷକୁ ପୁରୋହିତ ନାଚାର ହୋଇ ତାକୁ ସଙ୍ଗରେ ନେଲେ । ବାଟରେ ଯାଉ ଯାଉ ଗୋଟିଏ ଖାଲୁଆ ସ୍ଥାନ ପଡ଼ିଲା । ପୂର୍ବରୁ ସେଥିରେ ଅଳ୍ପ ପାଣି ଥିଲା । ଟିକିଏ ଆଗରୁ ଖୁବ୍ ବର୍ଷା ହୋଇ ଯାଇଥିବାରୁ ସେଥିରେ ଜଙ୍ଘେ ଖଣ୍ଡେ ପାଣି ହୋଇଯାଇଛି । ପୁରୋହିତ ସ୍ତ୍ରୀ ତା' ଭିତରେ ପଶିଯିବାକୁ ଭୟ କଲା । ଶେଷକୁ ପୁରୋହିତ ତାକୁ କାନ୍ଧରେ ବସାଇ ସେ ପାଣିବାଟତକ ପାର କରାଇ ଦେଇ ପୁଣି କାନ୍ଧରୁ ଓହ୍ଲାଇଲା ବେଳକୁ ଆଉ ସେ ଓହ୍ଲାଇ ପାରିଲା ନାହିଁ । କାନ୍ଧରେ ଯେପରି ସେ ଲାଗିଯାଇଛି । ଦୁହେଁ ଯେତେ ଛଟପଟ ହୋଇ ଛଡ଼ାଛଡ଼ି ହେଲେ କିଛି ଫଳ ହେଲା ନାହିଁ । କାହିଁକି ଏପରି ହେଲା ବୁଝି ପାରୁଛୁ ତ ?''

''ହଁ, ବୋଧହୁଏ ସୁଧୀର ମନ୍ତ୍ରଟି ବୋଲି ଦେଇଥିଲା ।'' ହସି ହସି ବହୁତ ଖୁସୀ ହୋଇ ଅନୁରକ୍ତା କହିଲା ।

''ହଁ, ଠିକ୍ କହିଛୁ । ଶେଷକୁ ସ୍ତ୍ରୀକୁ କାନ୍ଧରୁ ଓହ୍ଲାଇ ନ ପାରି ପୁରୋହିତ ବିଚାରା ତାକୁ ସେମିତି କାନ୍ଧରେ ଧରି ଚାଲିବାକୁ ଲାଗିଲା । ବହୁତ ଲାଜ ମାଡୁଥାଏ । ହେଲେ

ଚାରା କ'ଣ ? ଯୋଗକୁ ଗାଁ ଲୋକମାନେ ଶୋଇ ପଡ଼ିଥିଲେ । କେହି ତାଙ୍କୁ ଦେଖି ନାହାନ୍ତି । ଶେଷକୁ ସେମାନେ ଯାଇ କିଶୋର ଘରେ ପହଞ୍ଚିଲେ । ପୁରୋହିତ ତାଙ୍କ ସ୍ତ୍ରୀକୁ କାନ୍ଧରେ ବସାଇ ଆଣିଥିବାର ଦେଖି ଓ କାନ୍ଧରୁ ଓହ୍ଲାଇ ପାରୁ ନ ଥିବାର ଦେଖି ଏତେ ଦୁଃଖରେ ବି କିଶୋରର ବାପା ବୋଉ ହେରିକା ହସି ଉଠିଲେ । ଭାବିଲେ ପୁରୋହିତ ଆମକୁ କ'ଣ ଉଦ୍ଧାର କରିବେ, ନିଜେ ତ ଅଠାକାଠିରେ ପଡ଼ିଛନ୍ତି ।

ପୁରୋହିତ ବିଚାରା କରିବେ କ'ଣ ? ଲାଜ ମାଡୁଛି ଯେ କହିଲେ ନ ସରେ । ତା'ପରେ ପୁଣି ସକାଳ ହେବାକୁ ଯାଉଛି । କେତେ ଲୋକ ଆସି ଦେଖିବେ । ତାଙ୍କ ଯଜମାନଙ୍କ ଆଗରେ ସେ ଆଉ ମୁହଁ ଦେଖାଇ ପାରିବେ ନାହିଁ । ତାଙ୍କ ସ୍ତ୍ରୀ ବି କାନ ମୋଡ଼ି ହୋଇ ଚଟକଣା ମାରି ହେଲାଣି ଯେ ଆଉ ଦିନେ ବାହାଘର ଭୋଜି ଖାଇବା ଲୋଭରେ ସ୍ୱାମୀ ସହ ଆସିବାକୁ ଜିଦ୍ କରିବ ନାହିଁ । ଶେଷକୁ ପୁରୋହିତଙ୍କ ମନକୁ କ'ଣ ବିଚାର ଆସିଲା ଯେ, ସେ କହିଲେ, 'ତୁମେମାନେ ଯଦି କେହି କିଛି ଗୁରୁତର ଅପରାଧ କରିଥାଅ, ମାନିଯାଅ । ବୋଧହୁଏ କୌଣସି ଦେବତାଙ୍କ କୋପରୁ ଏପରି ଘଟିଛି ।'

କିଶୋରର ମନେପଡ଼ିଗଲା ତା'ର ବନ୍ଧୁ ସୁଧୀର ପ୍ରତି ସେ କରିଥିବା ଅବିଚାର । କାନ୍ଦ କାନ୍ଦ ହୋଇ ସେ ସବୁ ମାନିଗଲା । ତା'ର ବାପା ବୋଉ ତାକୁ ବହୁତ ଗାଳିଦେଲେ । ସୁଧୀର ପାଖରେ ସମସ୍ତେ କ୍ଷମା ଭିକ୍ଷା କଲେ ।

ସୁଧୀର ବି ବର୍ତ୍ତମାନ ମହା ଅଡୁଆରେ ପଡ଼ିଲା । କାରଣ ସେ ଯୋଡ଼ି ଦେବା ମନ୍ତ୍ରଟି ଜାଣେ । ଛଡ଼ାଇବା ମନ୍ତ୍ର ଜାଣେ ନାହିଁ । ଏପରି ସେ କାହିଁକି କଲା ବୋଲି ନିଜକୁ ଅନେକ ଧିକ୍କାର କଲା । ସମସ୍ତେ ତା'ରି ଆଡ଼କୁ ଆକୁଳ ହୋଇ ଚାହିଁଥିବାର ଦେଖି ସେ ବି ଆକୁଳ ହୋଇ ଶିବପାର୍ବତୀଙ୍କୁ ମନେ ମନେ ପ୍ରାର୍ଥନା କଲା । ତା'ର ଆନ୍ତରିକ ଡାକରେ ଶିବପାର୍ବତୀ ତାକୁ ସୂକ୍ଷ୍ମରେ ଦର୍ଶନ ଦେଇ କହିଲେ, 'ଏଥିରେ ତୋର ଦୋଷ ନାହିଁ । ଆମେହିଁ ତୋ' ଭିତରେ ପ୍ରେରଣା ଦେଇଥିଲୁ ଏପରି କରିବାକୁ । ଆମର ନାମ ଉଚ୍ଚାରଣ କରି ତୁ ସେମାନଙ୍କୁ ଛୁଇଁଦେଲେ ସେମାନେ ପରସ୍ପରଠାରୁ ମୁକ୍ତ ହେବେ ।' ସୁଧୀର ସେଇଆ କଲା, ସମସ୍ତେ ମୁକ୍ତ ହୋଇ ସୁଧୀରର ପାଦତଳେ ପଡ଼ିଗଲେ । ସୁଧୀର କିନ୍ତୁ ଏଥିରେ ବହୁତ ଲଜ୍ଜିତ ହେଲା । କିଶୋର ସୁଧୀରକୁ କୁଣ୍ଢାଇପକାଇ କାନ୍ଦି ପକାଇଲା । ସୁଧୀର ତାକୁ ସାନ୍ତ୍ୱନା ଦେଇ କହିଲା, 'ଭାଇ, ଦୁଃଖ କର ନାହିଁ । ଯାହା ଘଟିବାର ଘଟିଯାଇଛି । କିନ୍ତୁ ଆମେ ଯଦି ଆନ୍ତରିକ ଥିବା ତେବେ ଆମ ଖରାପ ପାଇଁ କିଛି ଘଟିଲେ ବି ଭଗବାନ୍ ତାକୁ ଆମ କଲ୍ୟାଣରେ ପରିଣତ କରିଦିଅନ୍ତି । ଏଇ ଦେଖ, ତୁ ମୋ ପ୍ରତି ଅବିଚାର କଲେ ବି ମୋର ଯଥାର୍ଥରେ ଖରାପ ନ ହୋଇ ଉପକାର

ହେଲା । ମୁଁ ଶିବପାର୍ବତୀଙ୍କ କୃପା ଲାଭ କରିପାରିଲି । ସବୁଦିନ ଲାଗି ମୁଁ ତାଙ୍କ ଆଶ୍ରିତ ହୋଇଗଲି ଓ ସେମାନେ ବି ମୋତେ ଆଶ୍ରା ଦେଲେ । ତାଙ୍କ ଉପରେ ମୋର ବିଶ୍ୱାସ ଜୀବନ୍ତ ହୋଇ ଉଠିଲା । ଭଗବାନଙ୍କର ଆଶ୍ରା ଲାଭ କରିବା, ଆଉ ତାଙ୍କ କୃପା ଉପରେ ଏକ ଜୀବନ୍ତ ବିଶ୍ୱାସ ଗଢ଼ିଉଠିବା – ଏହାଠାରୁ ଜୀବନରେ ଆଉ ବଡ଼ ସୌଭାଗ୍ୟର କଥା କ'ଣ ଥାଇପାରେ । ମୁଁ ପ୍ରକୃତରେ ଆନ୍ତରିକ କି ନା ତା' ସେହି ଭଗବାନ୍ ଜାଣନ୍ତି, କିନ୍ତୁ ମୁଁ ପ୍ରାର୍ଥନା କରୁଛି ସବୁ କଥାରେ ଆହୁରି ଅଧିକରୁ ଅଧିକ ଆନ୍ତରିକ ହେବା ଲାଗି ।'

''ସୁଧୀର ଏଥର ତା' ନିଜ ଘରକୁ ବାହାରିଲା । ପୂର୍ବ ଜବାବ ଅନୁଯାୟୀ କିଶୋରକୁ ମଧ ତା' ଘରକୁ ନିମନ୍ତ୍ରଣ କଲା । କିଶୋର ଓ ସେ ସାଥିହୋଇ ତାଙ୍କ ଘରେ ପହଞ୍ଚିଲେ । ଘରେ ସୁଧୀର ତା'ର ବାପାବୋଉଙ୍କୁ କହିଲା ଯେ କିଶୋର ତା'ର ସବୁଠାରୁ ଅନ୍ତରଙ୍ଗ ବନ୍ଧୁ ଓ ଆଶ୍ରମରୁ ଫେରି ତାଙ୍କ ଘରେ ବି ସେ କିଛିଦିନ ଆନନ୍ଦରେ କଟାଇ ଆସିଲା । ସୁଧୀରଠାରୁ କିଶୋର ତା'ର ଅନ୍ତରଙ୍ଗ ବନ୍ଧୁ ବୋଲି ଜାଣି ଓ ତାଙ୍କ ଘରେ ସୁଧୀର କିଛି ଦିନ କଟାଇ ଆସିଥିବାର ଜାଣି କିଶୋରକୁ ସୁଧୀରର ବାପାବୋଉ ଆହୁରି ଆଦର ଯତ୍ନ କଲେ । ରାଜାଘର, ଅଭାବ ବା କ'ଣ ଅଛି ? କିଶୋର ସୁଧୀର ସହ ଆନନ୍ଦରେ ସେଠାରେ ଅନେକ ଦିନ କଟାଇଲା । ମୁଁ ଗଲାକୁ ମୋତେ କେହି କଥା କହିଲେ ନାହିଁ । ମୋ ମନକୁ ଆସିଲା –

ଜୀବନ-ପଥରେ ହୋଇପାରେ ଯିଏ
ସରଳ-ଆନ୍ତରିକ,
ଅଶୁଭ ସକଳ ତାହା ଲାଗି ଧରେ
ଶୁଭ-ପୁଷ୍ପର ରୂପ ।''

# ଆନ୍ତରିକ ଅଭୀପ୍ସାର ଉତ୍ତର ସବୁବେଳେ ମିଳିଥାଏ

''ଭଗବାନଙ୍କୁ ଯିଏ ପ୍ରାର୍ଥନା କରେ ଭଗବାନ୍ ତା' ଡାକ ଶୁଣିଥାଆନ୍ତି । କିନ୍ତୁ ମୋର ସାଙ୍ଗ ତନ୍ମୟୀ କହୁଥିଲା, 'ତା' ବାପା ଜଣେ ବହୁତ ବଡ଼ ଅଫିସର । ବୋଉ ବି ତା'ର କଲେଜରେ ପଢ଼ିଛି । ତା' ବାପାର ଗୋଟିଏ ବଦ ଅଭ୍ୟାସ ଅଛି । ସେ ମଦ ଖାଏ । ଅନେକ ରାତିରେ ଘରକୁ ଫେରେ । ଅଯଥାରେ ତା' ବୋଉ ଉପରେ ରାଗେ, ବେଳେ ବେଳେ ତାକୁ ପିଟେ । ପୁଣି ସକାଳକୁ ଭଲ ଲୋକ ଭଳି ବ୍ୟବହାର କରେ । ତା' ବୋଉ ଶିକ୍ଷିତା ଓ ଭଦ୍ର ଘରର ଝିଅ ହୋଇଥିବାରୁ କର୍ମକୁ ଆଦରି ସବୁ ସହେ । ଲାଜରେ କାହାକୁ ଏକଥା କହିପାରେ ନାହିଁ । ବାପା ଭଲ ମିଜାଜରେ ଥିବା ସମୟରେ ତାଙ୍କୁ ଅନେକ ବୁଝାଏ । ସେ ବୁଝନ୍ତି । ଭଗବାନଙ୍କୁ ପ୍ରାର୍ଥନା କରନ୍ତି ମଦ ଖାଇବା ଛାଡ଼ି ଦେବା ଲାଗି; କିନ୍ତୁ ଜମା ଛାଡ଼ିପାରୁ ନାହାନ୍ତି । ଫଳରେ ବୋଉ ଓ ତା' ପରିବାରର ସମସ୍ତେ ଏତେ ଧନ ସଂପଦ, ମାନ ସମ୍ମାନ ସତ୍ତ୍ୱେ ଦୁଃଖ ଭୋଗ କରୁଛନ୍ତି । ଭଗବାନ୍ ଯଦି ସମସ୍ତଙ୍କ ଡାକ ଶୁଣନ୍ତି ତେବେ ତନ୍ମୟୀର ବାପାକୁ ମଦ ଖାଇବା ଛାଡ଼ିଦେବାରେ କାହିଁକି ସାହାଯ୍ୟ କରୁ ନାହାନ୍ତି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଆଚ୍ଛା, ତୁ କହ ତ ! ତୋର ସେଦିନ ପାଇଲଟ୍ ଫାଉଣ୍ଟେନ୍ ପେନ୍‌ଟା ହଜିଯିବାରୁ ତୁ କେତେ ବ୍ୟସ୍ତ ହେଉଥିଲୁ । କାରଣ ସେ କଲମଟା ତୋର ଖୁବ୍ ସୁନ୍ଦର ଚାଲେ ଓ ତୁ ସେଥିରେ ବହୁଦିନ ଧରି ଲେଖି ଆସିଥିଲୁ । ଖୋଜି ଖୋଜି ନ ପାଇ ଶେଷକୁ ତୁ ମା'ଙ୍କୁ ପ୍ରାର୍ଥନା କରି ଶୋଇଗଲୁ । ତା' ପରଦିନ ସ୍କୁଲରୁ ଫେରି ଘରେ ଦେଖିଲାବେଳକୁ ତୋ ବ୍ୟାଗ୍‌ରେ ତୋ ପେନ୍ ରହିଛି । ପେନ୍‌କୁ ଦେଖି, 'ମା' ମୋ ପେନ୍ ଫେରାଇ ଆଣିଛନ୍ତି' ବୋଲି କହି କିପରି ଆନନ୍ଦରେ ନାଚିଗଲୁ । ବୋଧହୁଏ ତୋ'ର କେହି ସାଙ୍ଗ ଲୋଭରେ ପଡ଼ି ନେଇଯାଇଥିଲା । ତୁ ମା'ଙ୍କୁ ପ୍ରାର୍ଥନା କରିବାରୁ ମା'ଙ୍କ ଦୟାରୁ ତୋ' ସାଙ୍ଗର ମନ ପରିବର୍ତ୍ତନ ହୋଇଗଲା ଓ ପରଦିନ ସେ ଲୁଚାଇ କରି ପେନ୍‌ଟିକୁ ତୋ ବ୍ୟାଗ୍‌ରେ ରଖି ଦେଇଥିଲା । ଏକଥା ମନେଅଛି ତ ?'' ପଚାରିଲା ଚିନ୍ମୟ ।

ଅନୁରକ୍ତା କହିଲା, ''ବାଃ, ସେକଥା ମନେ ରହିବ ନାହିଁ ! ମୁଁ କେତେ ସେ ପେନ୍ ପାଇଁ କାନ୍ଦିଥିଲି । ଆଚ୍ଛା, ମୋ ବେଳକୁ ମା କାହିଁକି ମୋ ଡାକ ଶୁଣିଲେ ? ଆଉ

ତନ୍ମୟୀର ବାପା ଏତେ ଭଗବାନଙ୍କୁ ଡାକୁଛନ୍ତି, ସେ କାହିଁକି ତାଙ୍କ ଡାକ ଶୁଣୁ ନାହାନ୍ତି ?''

''ଶୁଣୁ ନାହାନ୍ତି ? କାରଣ ତୋ ଡାକଭଳି ତାଙ୍କ ଡାକ ସରଳ ଆନ୍ତରିକ ନୁହଁ । ସେ ମଦ ଛାଡ଼ିବା ଲାଗି ଭଗବାନଙ୍କୁ ଏଣେ ପ୍ରାର୍ଥନା କରୁଛନ୍ତି, ତେଣେ ଭିତରେ ବହୁ ଅଂଶରେ ମଦ ଖାଇବା ଲାଗି ଚାହୁଁଛନ୍ତି । ସେଇଥିଲାଗି ଭଗବାନଙ୍କ ସାହାଯ୍ୟ ତାଙ୍କ ଭିତରେ ପୂର୍ଣ୍ଣରୂପେ କାମ କରିପାରୁ ନାହିଁ । ତୋ'ରି ଭଳି ସରଳ, ନିଷ୍କପଟ ଓ ଆନ୍ତିକଭାବେ ଭଗବାନଙ୍କୁ ଡାକିଲେ ଓ ମଦ ଛାଡ଼ିବା ଲାଗି ଯଥାର୍ଥରେ ସଂକଳ୍ପ କଲେ ସେ ମଦ ଛାଡ଼ିଦେଇ ପାରିବେ । ଏଥିରେ ଟିକିଏ ବି ସନ୍ଦେହ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଛାଡ଼ିପାରୁ ନାହାନ୍ତି, ଜାଣିବାକୁ ହେବ ମଦ ଛାଡ଼ିବା ନିମନ୍ତେ ତାଙ୍କ ପ୍ରାର୍ଥନାରେ ସେ ସଂପୂର୍ଣ୍ଣ ଆନ୍ତରିକ ନୁହନ୍ତି ।

''ଆନ୍ତରିକ ଡାକ, ଆନ୍ତରିକ ପ୍ରାର୍ଥନା ସବୁବେଳେ ଭଗବାନ୍ ଶୁଣନ୍ତି, ଆନ୍ତରିକ ଇଚ୍ଛା ପୂରଣ କରନ୍ତି, ଆନ୍ତରିକ ନିବେଦନ, ଆନ୍ତରିକ ନିମନ୍ତ୍ରଣ ରକ୍ଷା କରନ୍ତି । ଏ ସମ୍ବନ୍ଧରେ ମା' ରାମାୟଣ ଓ ମହାଭାରତରୁ ଦୁଇଟି କଥାର ଉଦାହରଣ ଦେଇ ତାଙ୍କ 'ଗଳ୍ପଶ୍ରୀ' (Tales of All Times) ବହିରେ ଲେଖିଛନ୍ତି ।''

''କ'ଣ କହିଛନ୍ତି କୁହ ।''

''ତୁ ଯେତେବେଳେ ଆଉଟିକେ ଭଲଭାବେ ଇଂରାଜୀ ଓ ଓଡ଼ିଆ ବହି ପଢ଼ିପାରିବୁ ସେତେବେଳେ ସେ ବହିଟି ନିଜେ ପଢ଼ିବୁ । ସେଥିରୁ ଅନେକ କଥା ଶିଖିପାରିବୁ । ତେବେ ବର୍ତ୍ତମାନ ମୁଁ କହୁଛି ଶୁଣ ।

''ମହାଭାରତରୁ ଯେଉଁ ଗପଟିର ମା' ଉଦାହରଣ ଦେଇଛନ୍ତି ସେଇଟି ହଉଛି :

'ଥରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ରାତ୍ରିଭୋଜନ ନିମନ୍ତେ କୁରୁପତି ଦୁର୍ଯ୍ୟୋଧନ ଓ ଜଣେ ଗରିବ ଶୂଦ୍ର ନିମନ୍ତ୍ରଣ କରିଥିଲେ । ସେଇ ଏକା ଦିନରେ ଦୁହେଁ ନିମନ୍ତ୍ରଣ କରିଥିଲେ । ଦୁର୍ଯ୍ୟୋଧନଙ୍କ ରାଜପ୍ରାସାଦରେ ରାଜକୀୟ ଭୋଜନ ପରିବେଷଣର ଖୁବ୍ ଆଡ଼ମ୍ବରପୂର୍ଣ୍ଣ ବ୍ୟବସ୍ଥା ହୋଇଥିଲା । ଖାଇବା ପାଇଁ ଯେଉଁ ପାତ୍ରସବୁର ବ୍ୟବସ୍ଥା ହୋଇଥିଲା ସେସବୁ ସୁନା ଓ ରୁପାର ଥିଲା । ସେହି ସୁନା ଓ ରୁପାର ପାତ୍ରରେ ମଣି, ମୁକ୍ତା ଓ ଅତି ଉଜ୍ଜ୍ୱଳ ହୀରାରେ ସୁନ୍ଦର ସୁନ୍ଦର କାରୁକାର୍ଯ୍ୟମାନ ହୋଇଥିଲା । ଏତେ ବ୍ୟବସ୍ଥା ସତ୍ତ୍ୱେ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନର ନିମନ୍ତ୍ରଣ ରକ୍ଷା ନ କରି ସେହି ଗରିବ ଶୂଦ୍ରର ନିମନ୍ତ୍ରଣ ରକ୍ଷାକରି ତା' ଘରକୁ ଯାଇଥିଲେ । ଶୂଦ୍ର ଘରର ଖାଇବା ଜିନିଷ ଖୁବ୍ ସାଦାସିଧା ଥିଲା । ପରିବେଷଣର ପାତ୍ର ଓ ଖାଇବା ସ୍ଥାନ ମଧ୍ୟ ଠିକ୍ ସେହିପରି ସାଦାସିଧା ଥିଲା । ତଥାପି ଶ୍ରୀକୃଷ୍ଣ ଜାଣିଶୁଣି ସେହି ଗରିବ ଶୂଦ୍ରର ନିମନ୍ତ୍ରଣକୁ ମହାରାଜ ଦୁର୍ଯ୍ୟୋଧନଙ୍କ

ନିମନ୍ତ୍ରଣ ଅପେକ୍ଷା ଅଧିକ ମୂଲ୍ୟ ଦେଇଥିଲେ । କାରଣ ଶୂଦ୍ରର ନିମନ୍ତ୍ରଣରେ ଥିଲା ଆନ୍ତରିକ ପ୍ରେମ କିନ୍ତୁ ଦୁର୍ଯ୍ୟୋଧନ ଆନ୍ତରିକ ପ୍ରେମର ସହ ଶ୍ରୀକୃଷ୍ଣଙ୍କୁ ନିମନ୍ତ୍ରଣ କରି ନ ଥିଲେ । ସେ ସେହି ମହାଡ଼ମ୍ବର ପୂର୍ଣ୍ଣ ଭୋଜିର ବ୍ୟବସ୍ଥା କେବଳ ବାହାଦୁରି ଦେଖାଇବା ପାଇଁହିଁ କରିଥିଲେ ।'

''ଶୂଦ୍ର' ଅର୍ଥ କ'ଣ ?'' ପଚାରିଲା ଅନୁରକ୍ତା ।

''ଆମ ସମାଜରେ ଚାରି ଶ୍ରେଣୀର ଲୋକ ଦେଖା ଯାଆନ୍ତି : (୧) ବ୍ରାହ୍ମଣ – ଏମାନେ ପୂଜାହୋମ, ଯାଗଯଜ୍ଞ, ମନ୍ତ୍ରପାଠ ଆଦି କରନ୍ତି । ବିବାହ, ଶ୍ରାଦ୍ଧ ଉତ୍ସବମାନଙ୍କରେ ଏମାନଙ୍କୁ ସବୁ ଦେଖିନୁ ? (୨) କ୍ଷତ୍ରିୟ – ଏମାନେ ଯୁଦ୍ଧ କରି ସମାଜର ଅନ୍ୟମାନଙ୍କୁ ଶତ୍ରୁ କବଳରୁ ରକ୍ଷା କରନ୍ତି । ଯେତେବେଳେ ରାଜାମାନେ ଶାସନ କରୁଥିଲେ ସେତେବେଳେ ଏମାନଙ୍କର ଖାଲି କାମ ଥିଲା ରାଜାଙ୍କ ସୈନ୍ୟ-ବିଭାଗରେ କାମ କରିବା । କିନ୍ତୁ ଏବେ ଯେ କେହି ବ୍ୟକ୍ତି ସୈନ୍ୟ ବିଭାଗରେ କାମ କରିପାରୁଛନ୍ତି । ଏମାନଙ୍କର ଆଉ ସ୍ୱତନ୍ତ୍ର କାମ କିଛି ନାହିଁ । (୩) ବୈଶ୍ୟ – ଏମାନେ ସବୁ ଦେଶ ଭିତରେ କିଂବା ବିଦେଶରେ ବ୍ୟବସାୟ ବାଣିଜ୍ୟ କରନ୍ତି, ଚାଷବାସ ବି କରନ୍ତି । ସମାଜର ଅନ୍ୟମାନଙ୍କୁ ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଯୋଗାଇ ଦେବାରେ ସାହାଯ୍ୟ କରନ୍ତି । (୪) ଶୂଦ୍ର – ଏମାନେ ସମାଜରେ ଅନ୍ୟ ତିନି ଜାତିର ସେବା କରନ୍ତି । ଯେପରି ଧୋବା, ଭଣ୍ଡାରି ଆଦି ଗାଁରେ କାମ କରନ୍ତି ।

ସମାଜରେ ଭିନ୍ନ ଭିନ୍ନ କାମ ଭିନ୍ନ ଭିନ୍ନ ଲୋକ କରିବା ପାଇଁ ଏ ଜାତି ବିଭାଗ ସୃଷ୍ଟି ହୋଇଥିଲା । କିନ୍ତୁ କାଳକ୍ରମେ ଲୋକମାନେ ଶୂଦ୍ରମାନଙ୍କୁ ଛୋଟ ଜାତି ଭାବି ଘୃଣା କଲେ । ଏବେ କିନ୍ତୁ ସେ ଭାବ କ୍ରମେ ଦୂର ହୋଇଯାଉଛି । ନିର୍ଦ୍ଦିଷ୍ଟ ଜାତିର ଲୋକ ବି ଆଉ ନିର୍ଦ୍ଦିଷ୍ଟ କାମ କରୁ ନାହାନ୍ତି । ଯାହାକୁ ଯେଉଁ କାମ ସୁବିଧା ମନେ ହେଉଛି ସେ କାମ ସେ କରୁଛି ।''

''ଆଚ୍ଛା ହେଉ, ଏଥର ତୁମେ ରାମାୟଣରୁ ମା' ଯେଉଁ ଗପଟିଏ ଉଦାହରଣ ଦେଇଛନ୍ତି ସେଇଟି କୁହ ।'' କହିଲା ଅନୁରକ୍ତା ।

''ରାମାୟଣରେ ମଧ୍ୟ ଥରେ ଏହିପରି ଘଟିଥିଲା –

ଥରେ ଗୋଟିଏ ଗରିବ ଶବରୁଣୀ ମହାମହିମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ତା' କୁଡ଼ିଆରେ ଭୋଜନ ନିମିତ୍ତ ନିମନ୍ତ୍ରଣ କରିଥିଲା । ସେହି ବିନୟୀ ଭକ୍ତିପ୍ରାଣା ଶବରୁଣୀଟି ମହାବୀର ଶ୍ରୀରାମଚନ୍ଦ୍ରଙ୍କୁ ବିଶେଷ କିଛି ଖାଇବାକୁ ଦେଇପାରି ନ ଥିଲା, ଦେଇଥିଲା ସାମାନ୍ୟ କେତେକ ଫଳ । କାରଣ ତା'ଛଡ଼ା ତା' ଘରେ ଆଉ କିଛି ନ ଥିଲା । ମାତ୍ର ତା' ପାଖରେ ଯାହାକିଛି ଭଲ ଥିଲା ତାକୁ ସେ ଏତେ ଭକ୍ତି ଓ ଶ୍ରଦ୍ଧାରେ ଅର୍ପଣ କରିଥିଲା,

ଯାହାଫଳରେ ପ୍ରଭୁ ରାମଚନ୍ଦ୍ର ଅତିଶୟ ମୁଗ୍ଧ ହୋଇଯାଇଥିଲେ ଏବଂ ଏଭଳି ଏକ ଆନ୍ତରିକ ସରଳ ହୃଦୟର ଉପହାର-ସ୍ମୃତିକୁ ସେ ହରାଇବାକୁ ଚାହିଁ ନ ଥିଲେ । ଶବରୁଣୀର ଏଇ ସରଳ ଆନ୍ତରିକତାକୁ ପ୍ରଭୁ ରାମଚନ୍ଦ୍ରଙ୍କ ସମ୍ମାନ ପ୍ରଦର୍ଶନ ଯୋଗୁଁ ଶହ ଶହ ବର୍ଷ ପରେ ବି ଲୋକେ ଆଜି ସେହି ଘଟନାକୁ ବାରଂବାର ମନେ ପକାଇ ଥାଆନ୍ତି ।

ଏ ତ ଭଗବାନ୍ ଶ୍ରୀକୃଷ୍ଣ ଓ ଭଗବାନ୍ ଶ୍ରୀରାମଚନ୍ଦ୍ର କିପରି ସରଳ ଆନ୍ତରିକ ପ୍ରାର୍ଥନା ଓ ଅଭୀପ୍ସାର ଉତ୍ତର ଦେଉଥିଲେ ତା'ର ଏକ ଜ୍ୱଳନ୍ତ ଉଦାହରଣ । ଭଗବାନ୍ ବୁଦ୍ଧଦେବ ବି ସରଳ ଆନ୍ତରିକତା ନିକଟରେ ନିଜକୁ ବିକି ଦେଇଛନ୍ତି । ରାଜକୀୟ ଆଡ଼ମ୍ବରପୂର୍ଣ୍ଣ ନିମନ୍ତ୍ରଣକୁ ସେ ଖାତିର ନ କରି ସମାଜରେ ଯେଉଁଭଳି ସ୍ତ୍ରୀଲୋକଙ୍କୁ ସାଧାରଣତଃ ଘୃଣା କରନ୍ତି, ପତିତା ବୋଲି କହନ୍ତି ସେହିପରି ଜଣେ ବେଶ୍ୟା ବା ଗଣିକାର ସରଳ ଆନ୍ତରିକ ହୃଦୟର ନିମନ୍ତ୍ରଣକୁ ରକ୍ଷା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି ।''

''ବୁଦ୍ଧଦେବଙ୍କ ହୃଦୟକୁ ଯେଉଁ ବେଶ୍ୟାର ସରଳ ଆନ୍ତରିକ ନିମନ୍ତ୍ରଣ ଜୟ କରିଥିଲା ତା'ରି କଥା କୁହ ।'' ଆଗ୍ରହଭରା କଣ୍ଠରେ କହିଲା ଅନୁରକ୍ତା ।

''ରାଜକୁମାର ଗୌତମଙ୍କ କଥା ତ ତୁ ଜାଣୁ । ସେ ବର୍ତ୍ତମାନ ଆଉ ରାଜକୁମାର ନାହାନ୍ତି । କଠୋର ସାଧନା ଓ ତପସ୍ୟା ଫଳରେ ସେ ବର୍ତ୍ତମାନ ଭଗବାନ୍ ବୁଦ୍ଧ । ଶ୍ରମଣଭାବେ ପାଦରେ ଚାଲି ଚାଲି ସେ ତାଙ୍କର ଧର୍ମ ପ୍ରଚାର କରୁଛନ୍ତି । ଶ୍ରମଣ ବୁଦ୍ଧଙ୍କ ମୁଖମଣ୍ଡଳରୁ ଏବେ ବି ରାଜକୁଳର ସୌନ୍ଦର୍ଯ୍ୟ ଓ ଦୀପ୍ତି ବିଚ୍ଛୁରିତ ହେଉଛି । ତାଙ୍କ ମୁଖର ଏହି ସୌନ୍ଦର୍ଯ୍ୟ ସହ ଯୁକ୍ତ ହୋଇଛି ଦିବ୍ୟଜ୍ଞାନର ଜ୍ୟୋତିଃ ଓ ପ୍ରଶାନ୍ତି ।

ଭାରତର ଚାରିଆଡ଼େ ବୁଲି ବୁଲି, ସତ୍ୟ ପ୍ରଚାର କରି କରି ଏହା ମଧ୍ୟରେ ଚୌରାଳିଶ ବର୍ଷ ବିତିଲାଣି । ବୁଦ୍ଧଙ୍କୁ ବର୍ତ୍ତମାନ ଅଶୀ ବର୍ଷରୁ ଅଧିକ ବୟସ ହୋଇଗଲାଣି । ଜୀବନରେ ତାଙ୍କର କେତେ ଝଡ଼ଝଞ୍ଜା ବହିଯାଇଚି । କେତେ ଲୋକ ତାଙ୍କର ପ୍ରାଣନାଶ ପାଇଁ ଉଦ୍ୟମ କରିଛନ୍ତି, ଅସଂଖ୍ୟ ଲୋକ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । ସବୁଥିରେ ଅଟଳ ରହି ବୁଦ୍ଧ ତାଙ୍କର ସତ୍ୟ ପ୍ରଚାର କରିଚାଲିଛନ୍ତି । ବର୍ତ୍ତମାନର ବିହାରସ୍ଥ ପାଟନା ସହରକୁ ଆଗେ ପାଟଳୀପୁତ୍ର କୁହାଯାଉଥିଲା । ସେହି ପାଟଳୀପୁତ୍ର ନିକଟରେ ଗଙ୍ଗାନଦୀ ପାର ହୋଇ ବୁଦ୍ଧ ମଗଧ ରାଜ୍ୟରେ ପ୍ରବେଶ କଲେ । ସେତେବେଳେ ମଗଧର ସମ୍ରାଟ୍ ଥିଲେ ଅଜାତଶତ୍ରୁ । ଏଇ ଅଜାତଶତ୍ରୁ ଯୁବରାଜ ଥିବା ସମୟରେ ବୁଦ୍ଧଙ୍କର ପ୍ରାଣନାଶ କରିବା ପାଇଁ ଦେବଦତ୍ତଙ୍କୁ ସାହାଯ୍ୟ କରିଥିଲେ । ନିଜ ପିତାଙ୍କୁ ମଧ୍ୟ ସେ ହତ୍ୟା କରି ସିଂହାସନରେ ବସିଥିଲେ । କିନ୍ତୁ ବୁଦ୍ଧଙ୍କ ଦିବ୍ୟପ୍ରଭାବ

ଶେଷରେ ତାଙ୍କ ଅନ୍ତରକୁ ସ୍ପର୍ଶ କରିଛି । ସେ ରାଜବୈଦ୍ୟ ଜୀବକଙ୍କ ଜରିଆରେ ବୁଦ୍ଧଙ୍କୁ ସାକ୍ଷାତ୍ କରି ତାଙ୍କ ପାଦତଳେ କ୍ଷମା ପ୍ରାର୍ଥନା କରିଛନ୍ତି ଓ ନିଜର ପୂର୍ବ କର୍ମ ଲାଗି ଅନୁତାପ କରିଛନ୍ତି । ଶେଷରେ ବୁଦ୍ଧ ତାଙ୍କୁ ନିଜର ଅଭୟ ଚରଣ ତଳେ ଶରଣ ଦେଇଛନ୍ତି ।

ମଗଧରେ କିଛିକାଳ କଟାଇ ବୁଦ୍ଧ ବୈଶାଳୀରେ ପହଞ୍ଚିଲେ । ବୈଶାଳୀରେ ଏକପ୍ରକାର ରାଜବଂଶଜ ଖୁବ୍ ଧନିକ ଶ୍ରେଣୀର ଲୋକ ବାସ କରନ୍ତି । ସେମାନଙ୍କୁ ଲିଚ୍ଛବୀ ବୋଲି କୁହାଯାଏ । ବୈଶାଳୀରେ ବୁଦ୍ଧଦେବ ଯେଉଁଠି ବିଶ୍ରାମ ନେଲେ ସେ ଜାଗାଟି ହେଉଛି ଗୋଟିଏ ବେଶ୍ୟାର ଆମ୍ବତୋଟା । ସେ ବେଶ୍ୟାର ନାମ ଅମ୍ବପାଳୀ । ଅମ୍ବପାଳୀ ଦେଖିବାକୁ ଖୁବ୍ ସୁନ୍ଦର । ସମଗ୍ର ବୈଶାଳୀରେ ତା'ଭଳି ସୁନ୍ଦରୀ କେହି ନ ଥିଲେ । ତା'ର ରୂପକାନ୍ତିରେ ମୁଗ୍ଧ ହୋଇ ଅନେକ ଯୁବକ ତା' ପ୍ରତି ଆକୃଷ୍ଟ ହୁଅନ୍ତି । ସେ କିନ୍ତୁ ଏତେ ରୂପବତୀ ହେଲେବି ବେଶଭୂଷାରେ ତା'ର ସେପରି ଆଡ଼ମ୍ବର ନ ଥାଏ । ସରଳ ବେଶଭୂଷା ମଧ୍ୟରେ ତା'ର ଅପରୂପ ରୂପକାନ୍ତି ପତ୍ରହୀନ ଥୁଣ୍ଟା ଗଛର ଫୁଲ ଭଳି ଶୋଭା ପାଉଥାଏ ।

ଅମ୍ବପାଳୀ ଶୁଣିବାକୁ ପାଇଲା ଯେ ଶ୍ରମଣ ବୁଦ୍ଧ ଆସି ତା' ଆମ୍ବତୋଟାରେ ବିଶ୍ରାମ କରୁଛନ୍ତି । ସେହି ପରମପୁରୁଷଙ୍କୁ ଥରେ ଦର୍ଶନ କରିବା ପାଇଁ ତା' ହୃଦୟରେ ପ୍ରବଳ ଆଗ୍ରହ ଜାତ ହେଲା । ତେଣୁ ସେ ସମ୍ଭାଳି ହୋଇ ନ ପାରି ଆସି ବୁଦ୍ଧଙ୍କୁ ପ୍ରଣାମ କଲା । ଅମ୍ବପାଳୀକୁ ଦେଖି ବୁଦ୍ଧଙ୍କ ଆଖି କ୍ଷଣକ ଲାଗି ତା'ଠାରେ ଲାଖିରହିଲା । ସେ ଦେଖିଲେ ଅମ୍ବପାଳୀ ଖୁବ୍ କମ୍ ବୟସର, ତା'ସହ ଅପରୂପ ସୌନ୍ଦର୍ଯ୍ୟରେ ଭରା, ଯାହାକୁ ଦେଖିଲେ ରାଜପୁରୁଷମାନେ ଆକୃଷ୍ଟ ହେଉଛନ୍ତି । କିନ୍ତୁ ତା'ର ବେଶଭୂଷା କି ସରଳ ନିରାଡ଼ମ୍ବର, ଆଉ ତା'ର ମୁଖମଣ୍ଡଳରେ କି ଅପୂର୍ବ ପ୍ରଶାନ୍ତି ଓ ସରଳତା ! ବେଶ୍ୟାଟିଏ ହେଲେ ବି ଏଭଳି ନାରୀ ଜଗତରେ ବିରଳ ବୋଲି ବୁଦ୍ଧ ଭାବିଲେ । ନୀରବରେ ସେ ବୁଦ୍ଧଙ୍କର ପାର୍ଶ୍ୱରେ ବସିଲା । ବୁଦ୍ଧଙ୍କଠାରୁ ଅମୃତମୟ ବାଣୀ ଶ୍ରବଣ କଲା । ବୁଦ୍ଧଙ୍କର ବାଣୀ ଶୁଣି ତା'ର ହୃଦୟ ଦିବ୍ୟରସ ଓ ଆନନ୍ଦରେ ପୂରି ଉଠିଲା । ଛଳଛଳ ନେତ୍ରରେ ଗଭୀର ନମ୍ରତା ସହ ବୁଦ୍ଧଙ୍କ ପାଦତଳେ ପଡ଼ି ସେ ଭିକ୍ଷାକଲା – ପ୍ରଭୁ, କାଲି ଆପଣ ଆପଣଙ୍କର ସମସ୍ତ ବୌଦ୍ଧ ଭିକ୍ଷୁଙ୍କ ସହ ମୋ ଘରକୁ ଯାଇ ଭୋଜନ କରିବା ଲାଗି ମୋର ନିମନ୍ତ୍ରଣ ରହିଲା । ଏ ଅଭାଗିନୀକୁ ଯେପରି ଏ ସୌଭାଗ୍ୟରୁ ବଞ୍ଚିତ ନ କରନ୍ତି । ଶାନ୍ତ ସୌମ୍ୟ ବୁଦ୍ଧ ଅମ୍ବପାଳୀର ଏଇ ସରଳ ନିମନ୍ତ୍ରଣକୁ ହୃଦୟର ସହ ଗ୍ରହଣ କଲେ ।

ଅମ୍ବପାଳୀ ବୁଦ୍ଧଙ୍କଠାରୁ ବିଦାୟ ନେଲା । ତା'ର କିଛିକ୍ଷଣ ପରେ ଲିଚ୍ଛବୀର କେତେକ ଯୁବକ ରଥରେ ବସି ମହାଆଡ଼ମ୍ବରରେ ଆସି ସେଠାରେ ପହଞ୍ଚିଲେ । ବିଭିନ୍ନ

ରଙ୍ଗର ବେଶଭୂଷା ଓ ମୂଲ୍ୟବାନ୍ ଅଳଙ୍କାର ମଣ୍ଡିତ ହୋଇ ସେହି ଧନୀ ଯୁବକମାନେ ବହୁତ ସୁନ୍ଦର ଦେଖାଯାଉଥା'ନ୍ତି । ବୁଦ୍ଧ ସେମାନଙ୍କୁ ଦେଖି ଅନ୍ୟ ଭିକ୍ଷୁକମାନଙ୍କୁ କହିଲେ : ଦେଖ, କି ସୁନ୍ଦର ସାଜସଜ୍ଜା ସହ ଏଇ ଯୁବକମାନେ ଆସିଛନ୍ତି ! ସତେ ଯେପରି ମର୍ତ୍ତ୍ୟରେ କ୍ରୀଡ଼ା କରିବା ପାଇଁ ଦେବତାମାନେ ଓହ୍ଲାଇ ଆସିଛନ୍ତି !

ଲିଚ୍ଛବୀ ଯୁବକଗଣ ବୁଦ୍ଧଙ୍କ ନିକଟକୁ ଆସି ପ୍ରଣାମ କଲେ ଓ ପରଦିନ ଭୋଜନ ପାଇଁ ନିମନ୍ତ୍ରଣ କଲେ । କିନ୍ତୁ ବୁଦ୍ଧ କହିଲେ, 'ମୁଁ ଅମ୍ବପାଳୀକୁ କଥା ଦେଇଛି କାଲି ତା' ଘରକୁ ଭୋଜନ ନିମନ୍ତେ ଯିବା ଲାଗି । ତେଣୁ ତୁମମାନଙ୍କ ଅନୁରୋଧ ରକ୍ଷା କରିପାରିବି ନାହିଁ ।' ଲିଚ୍ଛବୀମାନେ ଏଥିରେ ଅପମାନିତ ବୋଧ କଲେ । ସେମାନେ ଧନୀ, ପରାକ୍ରମଶାଳୀ ଓ ଉଚ୍ଚବଂଶଜ । ସେମାନଙ୍କ ନିମନ୍ତ୍ରଣର ମୂଲ୍ୟଠାରୁ ଗୋଟାଏ ବେଶ୍ୟାର ନିମନ୍ତ୍ରଣର ମୂଲ୍ୟ କ'ଣ ବେଶୀ ହେବ ? ସେମାନେ ଅମ୍ବପାଳୀକୁ ବହୁତ ପ୍ରକାରେ ବୁଝାବୁଝି କଲେ ତା'ର ନିମନ୍ତ୍ରଣ ଫେରାଇ ନେବାକୁ । ଅମ୍ବପାଳୀ କେଉଁଥିରେ ରାଜି ହେଲା ନାହିଁ । ଶେଷକୁ ସେମାନେ କେତେ ଖୋସାମତ କରି ଯଦି ଅମ୍ବପାଳୀ ରାଜିହୁଏ ତେବେ ତାକୁ ବହୁତ ଧନରତ୍ନ ଦେବେ ବୋଲି କହିଲେ । କିନ୍ତୁ ଭଗବାନ୍ ବୁଦ୍ଧଙ୍କୁ ନିମନ୍ତ୍ରଣ କରିବାର ଯେଉଁ ପରମ ସୌଭାଗ୍ୟ ସେ ପାଇଛି ତାକୁ ହରାଇବାକୁ ସେ କୌଣସିଥିରେ ବି ରାଜି ହେଲା ନାହିଁ । ତୁଚ୍ଛ ଧନରତ୍ନର ଲୋଭରେ ସେ ସୌଭାଗ୍ୟକୁ କ'ଣ ବଳି ଦିଆଯାଇ ପାରେ ! ଅମ୍ବପାଳୀ ଦୃଢ଼ କଣ୍ଠରେ କହିଲା, 'ତୁମେମାନେ ଯଦି ମୋତେ ସମସ୍ତ ବୈଶାଳୀ ନଗରଟି ଉପହାରରୂପେ ଦାନ କର ତେବେ ବି ମୁଁ ବୁଦ୍ଧଙ୍କୁ କାଲି ମୋ ଘରକୁ ଆସିବା ଲାଗି ମନା କରିପାରିବି ନାହିଁ ।' ଲିଚ୍ଛବୀ ଯୁବକମାନେ ଅମ୍ବପାଳୀ ଉପରେ ବିରକ୍ତ ହୋଇ ତାକୁ ଅନେକ ଗାଳିଗୁଲଜ କରି ନିରାଶ ହୋଇ ଫେରିଗଲେ ।

ପରଦିନ ପ୍ରଭାତରେ ବୁଦ୍ଧଦେବ ତାଙ୍କର ନିତ୍ୟକର୍ମ ଶେଷ କରି ଶିଷ୍ୟମାନଙ୍କ ସହ ଅମ୍ବପାଳୀ ଘରେ ଆସି ପହଞ୍ଚିଗଲେ । ଅମ୍ବପାଳୀ ବହୁ ଆଗ୍ରହରେ ନାନା ପ୍ରକାର ଅନ୍ନ ବ୍ୟଞ୍ଜନ ଓ ମିଷ୍ଟାନ୍ନ ପ୍ରସ୍ତୁତ କରି ରଖିଥିଲା । ବୁଦ୍ଧ ଓ ତାଙ୍କ ଶିଷ୍ୟମାନେ ଆସିବାମାତ୍ରେ ସେମାନଙ୍କୁ ପାଛୋଟି ନେଇ ନିଜେ ସବୁ ପରିବେଷଣ କଲା । ବୁଦ୍ଧ ସନ୍ତୋଷ ସହକାରେ ଭୋଜନ ସମାପ୍ତ କରି ଅମ୍ବପାଳୀକୁ ନାନା ପ୍ରକାର ଧର୍ମ ଉପଦେଶ ଦେଇ ଫେରିବାକୁ ଉଦ୍ୟତ ହେଲେ । ଅମ୍ବପାଳୀ ଆନନ୍ଦରେ କୃତକୃତ୍ୟ ହୋଇ ବୁଦ୍ଧଙ୍କ ପାଦତଳେ ପଡ଼ି ବିନୟ ସହକାରେ କହିଲା, 'ମୋର ଏହି ଉଦ୍ୟାନ ଓ ଗୃହ ମୁଁ ଆଜି ଭଗବାନ୍ ବୁଦ୍ଧଙ୍କୁ ଓ ତାଙ୍କ ସଂଘକୁ ସମର୍ପଣ କରୁଛି । କୃପା କରି ମୋର ଏହି ସାମାନ୍ୟ ଉପହାର ଗ୍ରହଣ କରି ମୋର ଜୀବନ ଧନ୍ୟ କରନ୍ତୁ ।'

ବେଶ୍ୟାଟିଏ ହେଲେବି ଅମ୍ବପାଳୀର ଏହି ସରଳ, ଶ୍ରଦ୍ଧାଯୁକ୍ତ ଆନ୍ତରିକ ନିବେଦନକୁ ବୁଦ୍ଧ ପ୍ରତ୍ୟାଖ୍ୟାନ କରିପାରିଲେ ନାହିଁ । ପରମ ସନ୍ତୋଷର ସହ ସେ ତା'ର ଉପହାର ଗ୍ରହଣ କଲେ ଏବଂ ଯଦିଓ ବୌଦ୍ଧସଂଘ ମଧ୍ୟକୁ ନାରୀମାନଙ୍କର ପ୍ରବେଶ ନିଷେଧ ଥିଲା ତଥାପି ଅମ୍ବପାଳୀକୁ ନିଜର ଶିଷ୍ୟା କରିନେଲେ ।

ତେଣୁ ଆନ୍ତରିକ ଭାବେ ଯିଏ ଭଗବାନଙ୍କୁ ଡାକେ ଭଗବାନ୍ ତା'ର ଡାକ ନିଶ୍ଚୟ ଶୁଣନ୍ତି । ତା'ର ଅଭୀପ୍ସାର ଉତ୍ତର ଦିଅନ୍ତି । କିନ୍ତୁ ଡାକ ଯଥାର୍ଥରେ ଆନ୍ତରିକ ହେବା ଉଚିତ ।

ମା' କହନ୍ତି :

*"The Divine always answers every sincere aspiration and never refuses what is offered to him whole heartedly."*

''ଭଗବାନ୍ ପ୍ରତ୍ୟେକ ଆନ୍ତରିକ ଅଭୀପ୍ସାର ଉତ୍ତର ସବୁବେଳେ ଦେଇଥା'ନ୍ତି ଓ ଯାହା ତାଙ୍କୁ ପୂର୍ଣ୍ଣ ଆନ୍ତରିକତାର ସହ ଅର୍ପଣ କରାଯାଇଥାଏ, ତାହା ସେ କେବେ ବି ପ୍ରତ୍ୟାଖ୍ୟାନ କରନ୍ତି ନାହିଁ ।''

ଆନ୍ତରିକ ଭରା ଡାକ ସକଳ
ପାଇଥାଏ ପ୍ରଭୁଙ୍କର ଉତ୍ତର,
ପୂର୍ଣ୍ଣ ହୃଦୟରେ ଯିଏ ଯାହା ଦିଏ
ଆନନ୍ଦେ ସେ ପାଇଥା'ନ୍ତି
ମନା କେବେ ନ କରନ୍ତି ।

# ଆନ୍ତରିକତାହିଁ ନିଶ୍ଚିତ ବିଜୟର ପ୍ରତିଶ୍ରୁତି

''ଆଚ୍ଛା ଚିନୁଭାଇ, ଆମ ସାଇ ନରିଦାଦାଙ୍କ ପୁଅ ପ୍ରବୀର ଏତେ ପଢ଼େ, ଯେତେବେଳେ ଦେଖିବ ବହି ଖଣ୍ଡେ ଧରି ବସିଥିବ । ରାତିଯାକ ଆଲୁଅ ଜାଳି ବହିକୁ ଚାହିଁ ବସିଥିବ । କୁଆଡ଼େ କାହା ସାଙ୍ଗରେ ଖେଳବୁଲ କରିବାକୁ ଯିବ ନାହିଁ । ତା' ବୋଉ ଖାଇବା ବେଳ ହେଲେ ବାରଂବାର ଡାକୁଥିଲେ ବି ସେ ବହି ପାଖରୁ ଉଠୁ ନ ଥିବ । କିନ୍ତୁ ସେ ଚାରିଥର ମାଟ୍ରିକ୍ ପରୀକ୍ଷା ଦେଲାଣି, ସବୁଥରକ କାହିଁକି ଫେଲ୍ ହଉଛି ? ଏଇ ଶେଷ ଥରକ ଫେଲ୍ ହୋଇ ଘର ଭିତରେ ଦଉଡ଼ା ଦେଇ ମରିବା ଲାଗି ବସିଥିଲା । କିନ୍ତୁ ତା' ବାପା ଦେଖିପକାଇ ଦଉଡ଼ା କାଟି ତାକୁ ରକ୍ଷା କଲା । ଏତେ ପରିଶ୍ରମୀ ପିଲା, ପଢ଼ାରେ ଏତେ ସମୟ ଦେଇ ବି ସିଏ କାହିଁକି ଏତେଥର ଫେଲ୍ ହଉଚି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ପ୍ରବୀର ଏତେଥର ଫେଲ୍ ହେବାର କାରଣ ହେଉଛି ତା'ର ପଢ଼ାରେ ଆଗ୍ରହ, ଶ୍ରଦ୍ଧା କିଂବା ଆନ୍ତରିକତା ନାହିଁ । ଖାଲି ଗଧପେଲା ପରି ପଢ଼ିବାକୁ ହେବ ବୋଲି ପଢୁଛି । ବାପା ତା'ର କହୁଛି ଯେକୌଣସି ପ୍ରକାରେ ମାଟ୍ରିକ୍‌ଟା ପାସ୍ କରିଗଲେ ଗୋଟିଏ ସାର୍ଟିଫିକେଟ୍ ମିଳିବ ଓ ଜୀବନରେ କିଛି ଗୋଟାଏ ସଫଳତା ହେଲା ବୋଲି ଆତ୍ମସନ୍ତୋଷ ଲାଭର ଆଶାରେ ସେ ନିଜ ଇଚ୍ଛା ବିରୋଧରେ ବାଧ ହୋଇ ପଢୁଛି । ତଳ କ୍ଲାସ୍‌ଗୁଡ଼ିକରେ ଅନେକ ବିଷୟରେ ସେ ବହୁତ ଦୁର୍ବଳ ରହିଚି । କିନ୍ତୁ ଶିକ୍ଷକମାନଙ୍କୁ ଧରାଧରି କରି ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉଠି ଆସିଚି । ଯେଉଁ ବିଷୟଗୁଡ଼ିକରେ ସେ ଦୁର୍ବଳ ଥିଲା ବର୍ତ୍ତମାନ ସେ ବିଷୟଗୁଡ଼ିକ ତାକୁ ବହୁତ କଠିନ ଲାଗୁଚି । ସେ ତାକୁ କିଛି ବୁଝିପାରୁ ନାହିଁ । ବୁଝି ନ ପାରି ବାରଂବାର ଖାଲି ଅଭ୍ୟାସବଶତଃ ପଢୁଥିବାରୁ କିଛି ମନେ ରଖିପାରୁ ନାହିଁ । ତେଣୁ ପରୀକ୍ଷାରେ ଫେଲ୍ ହଉଛି ।

ଥରେ ପରୀକ୍ଷାରେ ଫେଲ୍ ହେବା ପରେ ସେ ଯଦି ଟିକିଏ ଫେଲ୍ ହେବାର କାରଣକୁ ଗଭୀରଭାବେ ବିଚାର କରି ଦେଖନ୍ତା ଓ ତା'ର ପ୍ରତିକାର ସ୍ୱରୂପ ପଢ଼ିବାର ପୂର୍ବଧାରାରେ କିଛି ପରିବର୍ତ୍ତନ ଆଣନ୍ତା ତେବେ ପରବର୍ତ୍ତୀ ପରୀକ୍ଷାରେ ସେ ଅକ୍ଳେଶରେ ପାସ୍ କରିଯାଆନ୍ତା । କିନ୍ତୁ ପାଠ ପ୍ରତି ସେ ଏତେ ଅନାଗ୍ରହୀ ଓ ଅନାନ୍ତରିକ ଯେ ଯେଉଁ ବିଷୟରେ ଫେଲ୍ ହେଉଛି ସେ ବିଷୟ ପ୍ରତି ଯେ ତାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ ଏହା ସେ ଭାବିପାରୁନି । ଯେମିତି ପୂର୍ବରୁ ପଢୁଥିଲା ସେମିତି ପଢ଼ା ଆରମ୍ଭ କରୁଛି ।

ବରଂ ଭାବୁଚି ଯେମିତି ହେଲେ କପିକରି ପାସ୍ କରିଯିବ । କପିର ଧାରଣା ମନ ଭିତରେ ରଖିଥିବାରୁ ପାଠ ପଢ଼ାରେ ସେ ଆନ୍ତରିକ ହୋଇପାରୁ ନାହିଁ, କିଂବା ଯାହା ପଢୁଛି ତାହା ଭଲଭାବେ ମନେ ରଖିପାରୁ ନାହିଁ । ପରୀକ୍ଷାରେ ବୋଧେ କପି କରିବାରେ ସଫଳ ହୋଇପାରୁ ନାହିଁ । ତେଣୁ ବାରଂବାର ଫେଲ୍ ହେଉଛି ।

ଏ କ୍ଷେତ୍ରରେ ମୁରବିମାନେ ତା' ଯତ୍ନନେବା ଆବଶ୍ୟକ । କିନ୍ତୁ ତା' ବାପା ତ ମୂର୍ଖ । ସେ ଖାଲି ଚାହେଁ ପୁଅ କିପରି ମାଟ୍ରିକ୍ ଖଣ୍ଡକ ପାସ୍ କରିଯାଉ । କିନ୍ତୁ ପୁଅର ପଢ଼ାର ଯତ୍ନନେବା ବିଷୟରେ କିଛି ଜାଣେ ନାହିଁ । ପରୀକ୍ଷା ଫିସ୍ ଗଣ୍ଡାକ ଦେଇଦିଏ । ପରୀକ୍ଷାରେ ପୁଅ ଫେଲ୍ ହେଲେ ବହେ ଶୋଧେ । ତାଙ୍କର ତ ଜମିବାଡ଼ି ଗୁଡ଼ାଏ ଅଛି । ପୁଅକୁ ଏପରି ନକଲି ବାବୁ କରିବାକୁ ଚେଷ୍ଟା ନ କରି ଚାଷବାସରେ ତାଲିମ ଦେଇପାରନ୍ତା । ତେବେ ଛାଡ଼ ଏକଥା । ଯଥାର୍ଥରେ ନିଜ କାର୍ଯ୍ୟରେ ଆନ୍ତରିକ ହେଲେ ଯେକୌଣସି କାମ ଆମେ କରିବା ସେଥିରେ ସଫଳ ହେବା । ସେ କାର୍ଯ୍ୟରେ ଭାଗବତ ଶକ୍ତିର ସାହାଯ୍ୟ ସବୁବେଳେ ରହିବ । ସେଇଥିଲାଗି ମା' କହିଛନ୍ତି, 'In sincerity is the certitude of victory.' ଅର୍ଥାତ୍ 'ଆନ୍ତରିକତା ମଧ୍ୟରେ ରହିଚି ବିଜୟର ନିଶ୍ଚୟତା ।''

''ଏଇ ବିଷୟରେ ଗୋଟିଏ ଗପ କୁହ । କିପରି ଆନ୍ତରିକତା ଥିଲେ ବ୍ୟକ୍ତି ଯେତେ ବାଧା ବିପଦ ଆସୁପଛେ ଶେଷରେ ବିଜୟ ଲାଭ କରିଥାଏ ।'' ଅନୁରୋଧ ଭରା କଣ୍ଠରେ କହିଲା ଅନୁରକ୍ତା ।

''ତେବେ ଶୁଣ୍ । ବହୁତ ପୂର୍ବକାଳର କଥା । ଜଣେ ପ୍ରସିଦ୍ଧ ଋଷି ଥିଲେ ତାଙ୍କର ନାମ ଗୌତମ । ତାଙ୍କ ଆଶ୍ରମକୁ ଅନେକ ପିଲା ଶିକ୍ଷାଲାଭ କରିବାକୁ ଆସନ୍ତି । ସେଠାରେ ରହି ଆଶ୍ରମର ସବୁ ପ୍ରକାର କାମ କରନ୍ତି । ଋଷିଙ୍କଠାରୁ ବିଭିନ୍ନ ପୁରାଣ, ବେଦ, ବେଦାନ୍ତ ଓ ଯାଗଯଜ୍ଞ ଆଦି ଶିକ୍ଷା କରନ୍ତି । ଋଷିଙ୍କ ସହ ଭାଗବତ ଉପାସନା ଓ ସାଧନା ଆଦି କରନ୍ତି । ଋଷି ଯେତେବେଳେ ଭାବନ୍ତି ଯେ ସେମାନଙ୍କର ଶିକ୍ଷା ସମାପ୍ତ ହୋଇଗଲାଣି ବୋଲି ସେତେବେଳେ ସେମାନଙ୍କୁ ଆଶ୍ରମରୁ ବିଦାୟ ନେବା ଲାଗି କହନ୍ତି । ସେମାନଙ୍କ ମଧ୍ୟରୁ ଯେଉଁମାନେ ଚାହାନ୍ତି ଯାଇ ସାଧାରଣ ସଂସାରରେ ରହନ୍ତି, ଆଉ କେତେକେ ନିଜର ଆଶ୍ରମ ତିଆରି କରି ଭଗବତ୍ ଉପାସନା ଓ ଭଗବତ୍ ସାଧନାରେ ଜୀବନ ଅତିବାହିତ କରନ୍ତି ।

ମୁଁ ଯେଉଁ ସମୟର କଥା କହୁଛି ସେ ସମୟରେ ଋଷି ଗୌତମଙ୍କର ଅନ୍ୟାନ୍ୟ ଶିଷ୍ୟମାନଙ୍କ ମଧ୍ୟରେ ଜଣେ ଶିଷ୍ୟ ଥିଲେ, ତାଙ୍କ ନାମ ଉତଙ୍କ । ଉତଙ୍କ ତାଙ୍କର ନିଷ୍ଠା ଓ ଆନ୍ତରିକତା ବଳରେ ଗୌତମଙ୍କର ବିଶେଷ ପ୍ରିୟଭାଜନ ହୋଇଥାଆନ୍ତି । ଗୌତମ

ଯେତେବେଳେ ଅଗ୍ନିଦେବତା ଆଦିଙ୍କର ପୂଜା କରନ୍ତି ସେତେବେଳେ ତାଙ୍କୁ ସାହାଯ୍ୟ କରିବା ଲାଗି ସେ ଉତଙ୍କଙ୍କୁହିଁ ଲୋଡ଼ି ଥାଆନ୍ତି । ଯଜ୍ଞ ଅଗ୍ନି ପ୍ରଜ୍ୱଳିତ କରିବା ସମୟରେ ଉତଙ୍କ ମନେ ମନେ କହୁଥା'ନ୍ତି : 'ହେ ଅଗ୍ନି ଦେବତା, ମୁଁ ତୁମକୁ ମୋର ଗୁରୁଙ୍କ ଲାଗି ପୂଜା କରୁଛି । ଏକମାତ୍ର ଗୁରୁହିଁ ମୋର ଆରାଧ, ପୂଜ୍ୟ, ନମସ୍ୟ ଓ ମୋର ଭଗବାନ୍ ।'

ଦିବ୍ୟଦ୍ରଷ୍ଟା ଗୌତମ ଉତଙ୍କଙ୍କ ମନୋଭାବ ଜାଣିପାରନ୍ତି ଓ ସେ ବି ମନେ ମନେ କହନ୍ତି : 'ଉତଙ୍କ, ତୁମର ଗୁରୁଭକ୍ତି ଓ ଗୁରୁନିଷ୍ଠା ମୁଁ ଜାଣିପାରୁଛି । ଅଗ୍ନି ଦେବତା ତୁମକୁ ତୁମ ବିପଦ ସମୟରେ ସବୁବେଳେ ସାହାଯ୍ୟ କରନ୍ତୁ ।'

ଏହା ମଧ୍ୟରେ ଅନେକ ଦିନ ବିତି ଯାଇଛି । ସମସ୍ତ ଶିଷ୍ୟ ସେମାନଙ୍କର ଶିକ୍ଷା ସମାପ୍ତ କରିଛନ୍ତି । ଗୌତମ ଦିନେ ସମସ୍ତଙ୍କୁ ଡାକି କହିଲେ, 'ବତ୍ସ, ତୁମମାନଙ୍କର ଶିକ୍ଷା ସମାପ୍ତ ହୋଇଛି । ଏଣିକି ତୁମେମାନେ ଆଶ୍ରମରୁ ବିଦାୟ ନେଇ ନିଜ ନିଜ ଇଚ୍ଛା ଅନୁସାରେ ସ୍ୱାଧୀନ ଭାବରେ ଯାହା କରିବାକୁ ଚାହଁ କର ।' ଗୋଟି ଗୋଟି ହୋଇ ସମସ୍ତ ଶିଷ୍ୟ ଗୁରୁଙ୍କୁ ପ୍ରଣାମ କରି ବିଦାୟ ନେଲେ । ଶେଷକୁ ଉତଙ୍କଙ୍କ ପାଳି ପଡ଼ିଲା । ସେ ମନେ ମନେ ଭାବିଲେ – ଗୁରୁଙ୍କଠାରୁ ବିଦାୟ ନେବା ସମୟରେ ତାଙ୍କୁ କି ଦକ୍ଷିଣା ମୁଁ ଦେବି ? ଆଚ୍ଛା, ଗୁରୁଙ୍କୁ ପଚାରିବି; ତାଙ୍କର ଇଚ୍ଛା ଯାହା ହେବ ମୁଁ ସେଇଆ ଦେବାକୁ ଚେଷ୍ଟା କରିବି ।

ଏଇଆ ଭାବି ସେ ଗୁରୁଙ୍କୁ ପ୍ରାଣାମ କରି ତାଙ୍କଠାରୁ ବିଦାୟ ନେବା ନିମନ୍ତେ ଯାଆନ୍ତେ ଗୌତମ କହିଲେ, 'ନା, ନା, ଉତଙ୍କ, ତୁମକୁ ଯିବାକୁ ହେବ ନାହିଁ । ମୁଁ ତୁମକୁ ଏଠାରେ ଚାହେଁ । ତୁମର ଏଠାରୁ ଯିବାର ସମୟ ଆସି ନାହିଁ ।'

ଗୁରୁଙ୍କ ଆଦେଶ ପାଳନ କରି ଉତଙ୍କ ଆଶ୍ରମରେ ରହିଲେ । ପ୍ରିୟ ଶିଷ୍ୟ ଉପରେ ଗୌତମ ଦିନକୁ ଦିନ ସବୁ କଥାରେ ବେଶୀ ବେଶୀ ନିର୍ଭରଶୀଳ ହୋଇଉଠିଲେ । ଶହ ଶହ ଶିଷ୍ୟ ଆସି ସେମାନଙ୍କ ପଢ଼ା ଶେଷକରି ଗଲେ, କିନ୍ତୁ ଉତଙ୍କ ସେହିପରି ରହିଥାଆନ୍ତି । ଉତଙ୍କ ରହିଥିବାରୁ ଗୌତମ ଆଶ୍ରମର ହାନିଲାଭ ଦାୟିତ୍ୱ କଥା କିଛି ବି ମୁଣ୍ଡରେ ପୂରାନ୍ତି ନାହିଁ ।

ସମୟ କାହାକୁ ଅପେକ୍ଷା କରେ ନାହିଁ । ଏହା ମଧ୍ୟରେ ଉତଙ୍କ ବୁଢ଼ା ହୋଇଗଲେଣି । ତାଙ୍କ ମୁଣ୍ଡର କେତେକ ବାଳ ପାଚିଗଲାଣି । କର୍ମ ଓ ସାଧନାରେ ରତ ରହି ଏକଥା ସେ ନିଜେ ଲକ୍ଷ୍ୟ କରି ନାହାନ୍ତି କି ଗୌତମ ବି ଲକ୍ଷ୍ୟ କରି ନାହାନ୍ତି ।

ଦିନକର କଥା ଉତଙ୍କ ଆଶ୍ରମ ପାଇଁ ଜଳ ବୋହି ବୋହି ହାଲିଆ ହୋଇଗଲେ । ତାଙ୍କୁ ବହୁତ ଭୋକ କଲା, ଭାବିଲେ ଏଇ ଜଳପାତ୍ରଟି ଥୋଇଦେଇ କିଛି ଖାଇନେବେ ।

କିନ୍ତୁ ଜଳପାତ୍ରଟି ରଖିବା ସମୟରେ ଗୌତମଙ୍କ ସ୍ତ୍ରୀ କହିଲେ, 'ଉତଙ୍କ, ଆଉ ଖଣ୍ଡେ ବୋଲି ଜାଳ ନାହିଁ, କିପରି ରୋଷେଇ ହେବ ?' ଉତଙ୍କ ସଙ୍ଗେ ସଙ୍ଗେ ନିଜର ଭୋକ ଭୁଲିଯାଇ ବଣକୁ ଚାଲିଲେ ଜାଳ ପାଇଁ । ବଣରୁ କିଛି ଶୁଖିଲା କାଠ ସଂଗ୍ରହ କରି, ତାକୁ ବିଡ଼ାବାନ୍ଧି, ମୁଣ୍ଡରେ ଧରି ଆଶ୍ରମକୁ ଫେରିଲେ । ଭୋକରେ ପେଟ ଜଳୁଚି । ବଳ ପାଉ ନାହିଁ । କାଠଗୋଛାଟିକୁ ଆଣି ଧୀରକରି ରଖିବା ପରିବର୍ତ୍ତେ ଦୁମ୍‌କରି ତଳେ କଚାଡ଼ି ଦେଲେ । କ'ଣଟା ପଡ଼ିଲା ବୋଲି ଚାହିଁଦେବାରୁ ଗୌତମ ଦେଖିଲେ କାଠଗୋଛା ଦେହରେ କିଛି ପାଚିଲା କେଶ ଲାଗିଛି । ଚମକିପଡ଼ି ସେ ପଚାରିଲେ, 'ଏ କେଶ କାହାର ?' ଉତଙ୍କ ନିଜ ମୁଣ୍ଡକୁ ଦେଖାଇ ଦେଇ କହିଲେ, 'ସେ କେଶ ମୋର ଗୁରୁଦେବ । ମୁଁ ଏହା ଭିତରେ ବୁଢ଼ା ହୋଇଗଲିଣି । ଆପଣଙ୍କ ନିକଟରେ ସେବା କରି କରି ମୋର ସବୁ ସମୟ କଟିଗଲାଣି । ସଂସାରର ସୁଖଦୁଃଖ ସମ୍ବନ୍ଧରେ ମୋର କିଛି ବି ଅଭିଜ୍ଞତା ହେଲା ନାହିଁ ।'

ଉତଙ୍କ ଯେ ଏହା ଭିତରେ ବୁଢ଼ା ହୋଇଗଲେଣି ଏ ସମ୍ବନ୍ଧେ ଗୌତମ ସଚେତନ ନ ଥିଲେ । ନିଜକୁ ଅପରାଧୀ ମନେ କରି ସେ କହିଲେ, 'ବତ୍ସ, ମୁଁ ତୁମକୁ ବହୁତ ସ୍ନେହ କରୁଥିବାରୁ ଏଠାରୁ ଛାଡ଼ିପାରୁ ନ ଥିଲି । କିନ୍ତୁ ତୁମେ ଯଦି ଚାହଁ ତେବେ ମୁଁ ଆନନ୍ଦରେ ସେଥିଲାଗି ଅନୁମତି ଦେଉଛି ଓ ଆଶୀର୍ବାଦ କରୁଛି ।' ତା'ପରେ ଋଷି କ'ଣ ଭାବିଲେ ପୁଣି କହିଲେ, 'ଉତଙ୍କ, ଯଦି ତୁମେ ସାଧନାର ନିଷ୍ଠା ବଳରେ ପୁଣି ଯୁବକ ହୋଇପାରିବ ତେବେ ମୁଁ ତୁମ ସହ ମୋର କନ୍ୟାର ବିବାହ ଦେବାକୁ ଚାହେଁ ।'

ଦୀର୍ଘଦିନର ଆନ୍ତରିକ ସାଧନା ଯୋଗୁଁ ଉତଙ୍କ ଇଚ୍ଛା କରିବା ମାତ୍ରେ ପୁଣି ସୁନ୍ଦର ଯୁବକରେ ପରିଣତ ହୋଇଗଲେ । ଗୌତମ ତାଙ୍କ କନ୍ୟାକୁ ଉତଙ୍କଙ୍କ ହାତରେ ସମର୍ପଣ କରି କହିଲେ, 'ବତ୍ସ, ଏଥର ତୁମେ ଯାଇ ସ୍ୱାଧୀନ ଭାବରେ ଯାହା ଇଚ୍ଛା ତାହା କର ।'

କିନ୍ତୁ ଉତଙ୍କ ଗୁରୁଦକ୍ଷିଣା କିଛି ନ ଦେଇ ଯିବାକୁ ଚାହିଁଲେ ନାହିଁ । ବିନମ୍ର ଭାବରେ ଗୁରୁଙ୍କୁ ପଚାରିଲେ, 'ଆପଣ ଦକ୍ଷିଣାସ୍ୱରୂପ କ'ଣ ମୋଠାରୁ ଚାହାନ୍ତି ?' ଗୌତମ କହିଲେ, 'ଏତେଦିନ ଧରି ତୁମର ଯେଉଁ ଆନ୍ତରିକ ସେବା ଓ ବ୍ୟବହାର ତାହାହିଁ ଯଥେଷ୍ଟ ଗୁରୁଦକ୍ଷିଣା । ମୁଁ ଆଉ ଅଧିକ ଗୁରୁଦକ୍ଷିଣା ତୁମଠାରୁ କିଛି ଚାହେଁ ନାହିଁ ।

କିନ୍ତୁ ଉତଙ୍କ ଗୌତମଙ୍କ ପତ୍ନୀଙ୍କୁ ଲକ୍ଷ୍ୟ କରି କହିଲେ, 'ଗୁରୁଦେବ, ମୁଁ କିନ୍ତୁ ମାଆଙ୍କୁ କିଛି ଦେବାକୁ ଚାହେଁ । ମୋତେ ସେଥିଲାଗି ଅନୁମତି ଦିଅନ୍ତୁ ।' ଗୌତମ କହିଲେ, 'ତୁମେ ଯଦି ଚାହୁଁଛ ତା'କରିପାର ।'

ଏହା କହି ଗୌତମ ଚାଲିଯିବା ପରେ ଗୁରୁପତ୍ନୀଙ୍କୁ ଚାହିଁ ହାତଯୋଡ଼ି ବିନମ୍ର ଭାବରେ ଉତଙ୍କ ପଚାରିଲେ, 'ମାଆ, ତୁମ ଲାଗି ମୁଁ କ'ଣ ଦେଇପାରେ ?' ଗୁରୁପତ୍ନୀ କହିଲେ, 'ଉତଙ୍କ, ଯଦି ତୁମେ ଏତେ ଆଗ୍ରହରେ ମୋତେ କିଛି ଦେବାକୁ ଚାହୁଁଛ ତେବେ ମୋତେ ସୌଦାସଙ୍କ ପତ୍ନୀ ବ୍ୟବହାର କରୁଥିବା ସେଇ ସ୍ୱର୍ଗୀୟ କର୍ଣ୍ଣକୁଣ୍ଡଳ ଦୁଇଟି ଆଣିଦିଅ । ଆଉ ମୋର କିଛି ଦରକାର ନାହିଁ ।' ଗୁରୁପତ୍ନୀଙ୍କୁ ପ୍ରଣାମ କରି ଓ ନିଜର ନବବିବାହିତା ପତ୍ନୀକୁ ଅଳ୍ପ ଦିନ ମଧ୍ୟରେ ଫେରି ଆସିବାର ପ୍ରବୋଧନା ଦେଇ ଉତଙ୍କ ସେହି ସ୍ୱର୍ଗୀୟ କର୍ଣ୍ଣକୁଣ୍ଡଳର ଅନୁସନ୍ଧାନରେ ଚାଲିଲେ ।

ଗୌତମ ଆଶ୍ରମକୁ ଫେରି ଯେତେବେଳେ ଜାଣିଲେ ତାଙ୍କ ପତ୍ନୀ ଉତଙ୍କଙ୍କୁ ରାଜା ସୌଦାସଙ୍କ ପତ୍ନୀଙ୍କ ସ୍ୱର୍ଗୀୟ କର୍ଣ୍ଣକୁଣ୍ଡଳ ଆଣିବା ନିମନ୍ତେ ପଠାଇଛନ୍ତି ସେତେବେଳେ ସେ ବହୁତ ମନସ୍ତାପ କଲେ । କହିଲେ, 'ତୁମେ ତାକୁ ଏଭଳି ଗୋଟିଏ କଥା ମାଗି ଭୁଲ୍ କରିଛ । ଜାଣ, ସୌଦାସ ବର୍ତ୍ତମାନ ବଶିଷ୍ଠଙ୍କ ଅଭିଶାପରେ ଏକ ମଣିଷଖିଆ ରାକ୍ଷସରେ ପରିଣତ ହୋଇଛି । ସେ ଯଦି ଉତଙ୍କକୁ ଦେଖେ ଆଉ କ'ଣ ଜୀବନରେ ରଖିବ ?'

ଗୌତମଙ୍କ ପତ୍ନୀ ଓ କନ୍ୟା ଏକଥା ଶୁଣି ବହୁତ ବ୍ୟସ୍ତ ହେବାରେ ଲାଗିଲେ ଓ ଗୌତମଙ୍କୁ କହିଲେ, 'ଆମେ ପ୍ରାର୍ଥନା କରୁଛୁ, ଯେପରି ହେଲେ ତାକୁ ସମସ୍ତ ବିପଦରୁ ରକ୍ଷା କର ।' ଗୌତମ ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ, 'ତାହା ହେବ । ତା'ର ସାଧନାରେ ନିଷ୍ଠା ଓ ଆନ୍ତରିକତା ବଳରେ ସେ ସବୁ ବିପଦରୁ ରକ୍ଷା ପାଇବ ଓ ଶେଷରେ ତା' କାର୍ଯ୍ୟରେ ଜୟଯୁକ୍ତ ହେବ ।'

ଏଣେ ଦିନ ପରେ ଦିନ ବହୁ ପଥ ଅତିକ୍ରମ କରି ଉତଙ୍କ ଯାଇ ନିବିଡ଼ ଜଙ୍ଗଲରେ ପହଞ୍ଚିଲେ । ଜଙ୍ଗଲ ମଧ୍ୟରେ କିଛି ଦୂର ଯାଆନ୍ତେ ଏକ ଛୋଟ ପାହାଡ଼ ଉପରେ ଦେଖିଲେ ଜଣେ ଭୀଷଣାକୃତି ମଣିଷ ବସିଛି । ସେ ଉତଙ୍କଙ୍କୁ ଦେଖି ତାଙ୍କ ଆଡ଼କୁ ମାଡ଼ି ଆସିଲା । ଉତଙ୍କ ତାକୁ କହିଲେ, 'ଦେଖ, ମୁଁ ରାଜା ସୌଦାସଙ୍କୁ ଖୋଜିବାକୁ ଆସିଛି । ତାଙ୍କ ନିକଟରେ ମୋର କାମ ଅଛି ।' ସେ ଭୀଷଣାକୃତି ମଣିଷଟି କହିଲା, 'ମୁଁ ତ ସେଇ ରାଜା ସୌଦାସ । ଯାହାହେଉ ମୁଁ ଏଇ ସମୟରେ ପ୍ରତିଦିନ ଆହାର କରେ । ଯୋଗକୁ ତୁ ମିଳିଗଲୁଣି । ଆଜି ମୋର ବଡ଼ ସୌଭାଗ୍ୟ ।' ଏହା କହି ସୌଦାସ ଉତଙ୍କଙ୍କୁ ମାଡ଼ିବସି ଖାଇବାକୁ ଯିବାମାତ୍ରେ ଉତଙ୍କ ତାକୁ ବିନୟ ସହକାରେ କହିଲେ, 'ରାଜା, ମୁଁ ମୋର ଗୁରୁପତ୍ନୀଙ୍କ ନିମନ୍ତେ ଏକ କାର୍ଯ୍ୟ ଉପଲକ୍ଷରେ ଆସିଛି । ତେଣୁ ମୋତେ ବର୍ତ୍ତମାନ ଆପଣ ଖାଇଦେଲେ ମୋର ଅଭୀଷ୍ଟ ପୂର୍ଣ୍ଣ ହୋଇପାରିବ ନାହିଁ ।'

ରାଜା ସୌଦାସ କହିଲେ, 'କିନ୍ତୁ ମୋତେ ତ ଦିବସରେ ଏଇ ସମୟରେ କେବଳ ଖାଇବାର ଅନୁମତି ମିଳିଛି । ଅନ୍ୟ ସମୟରେ ମୁଁ କିଛି ଖାଇପାରିବି ନାହିଁ । ତା'ଛଡ଼ା ମୋତେ ବର୍ତ୍ତମାନ ପ୍ରବଳ କ୍ଷୁଧା ଲାଗୁଛି ।'

ଉତଙ୍କ କହିଲେ, 'ଠିକ୍ ଅଛି । ମୁଁ କଥା ଦେଉଛି । ମୋର କାର୍ଯ୍ୟ ଶେଷ କରି ମୁଁ ପୁଣି ଆପଣଙ୍କ ପାଖକୁ ଫେରି ଆସିବି ।' ଏଥିରେ ସୌଦାସ ରାଜି ହୋଇ କହିଲେ, 'କ'ଣ ତୁମର କାର୍ଯ୍ୟ ? କୁହ, ମୁଁ ତାହା ପୂରଣ କରିବି ।'

ଉତଙ୍କ କହିଲେ, 'ମୁଁ ଆସିଛି ଆପଣଙ୍କ ପତ୍ନୀ ବ୍ୟବହାର କରୁଥିବା କର୍ଣ୍ଣ କୁଣ୍ଡଳ ମୋ ଗୁରୁପତ୍ନୀଙ୍କ ଲାଗି ନେବାକୁ । ସେ ଏହାକୁ ବହୁତ ଆଗ୍ରହର ସହ ଚାହାନ୍ତି ।'

ରାଜା ସୌଦାସ ଏଥିରେ ଚକିତ ଓ ବ୍ୟସ୍ତ ହେଲେ । କହିଲେ, 'ସେ ସ୍ୱର୍ଗୀୟ କର୍ଣ୍ଣକୁଣ୍ଡଳ ମୋ ପତ୍ନୀଙ୍କର ବହୁତ ପ୍ରିୟ । ତା'ଛଡ଼ା ତୁମେ ଆଉ କିଛି ମାଗ, ମୁଁ ଦେବି ।'

ଉତଙ୍କ କହିଲେ, 'ତା'ଛଡ଼ା ମୋର ଆଉ କିଛି ଦରକାର ନାହିଁ । ତା'ଛଡ଼ା ଆପଣ କଥା ଦେଇ ସାରିଛନ୍ତି ମୋର ଇଚ୍ଛା ପୂରଣ କରିବେ ବୋଲି ।'

ସୌଦାସ ବାଧ ହୋଇ କହିଲେ, 'ଠିକ୍ ଅଛି । ତୁମେ ଯାଇ ମୋର ରାଣୀଙ୍କୁ କୁହ ଯେ ମୁଁ ଆଦେଶ ଦେଇଛି ସେଇ କୁଣ୍ଡଳ ଦୁଇଟି ତୁମକୁ ଅର୍ପଣ କରିବା ଲାଗି ।' ଉତଙ୍କ ରାଣୀଙ୍କୁ ଯାଇ ସେଇଆ କୁହନ୍ତେ ରାଣୀ କହିଲେ, 'ଏହା ମୋର ଅତିପ୍ରିୟ । କିନ୍ତୁ ଯଦି ମୋର ସ୍ୱାମୀ ଆଦେଶ ଦେଇଛନ୍ତି ଏହା ତୁମକୁ ଦେଇଦେବା ଲାଗି, ତେବେ ମୁଁ ଏହା ତୁମକୁ ଅର୍ପଣ କରୁଛି ।' ଏହା କହି ସେ ତାଙ୍କ କର୍ଣ୍ଣରୁ କୁଣ୍ଡଳ ଦୁଇଟି ଖୋଲି ଉତଙ୍କଙ୍କୁ ଦେଲେ ।

'ଉତଙ୍କ ମନେ ମନେ ଖୁସୀ ହୋଇ ତାଙ୍କୁ ପଚାରିଲେ, 'ଏ କୁଣ୍ଡଳ ଦୁଇଟିର କ'ଣ ବିଶେଷ ଗୁଣ ରହିଛି ?'

'ରାଣୀ କହିଲେ, 'ଏହି କୁଣ୍ଡଳକୁ ଯିଏ ପରିଧାନ କରିବ, ସେ ଭୋକଶୋଷରୁ ମୁକ୍ତ ହେବ । ଅଗ୍ନି, ବିଷ ଅଥବା ଅନ୍ୟ କୌଣସି ବିପଦ ଦ୍ୱାରା ତା'ର କିଛି କ୍ଷତି ହେବ ନାହିଁ । କିନ୍ତୁ ପାତାଳର ନାଗମାନେ ଏହାକୁ ଚୋରି କରି ନେବା ଲାଗି ସବୁବେଳେ ସୁଯୋଗ ଖୋଜୁଛନ୍ତି । ତେଣୁ ଏହାକୁ ତୁମ ମୃଗଛାଲ ଭିତରେ ପୂରାଇ ଖୁବ୍ ସତର୍କ ହୋଇ ନିଅ ।' ଏହା କହି ରାଣୀ ତାଙ୍କର କୁଣ୍ଡଳ ଦୁଇଟି ଉତଙ୍କଙ୍କୁ ବଢ଼ାଇ ଦେଲେ ।

ଉତଙ୍କ ଖୁବ୍ ଯତ୍ନର ସହ ତାଙ୍କ ମୃଗଛାଲ ଭିତରେ କୁଣ୍ଡଳ ଦୁଇଟିକୁ ରଖି ତାକୁ ଗୁଡ଼ାଇ କାଖରେ ଜାକି ସୌଦାସଙ୍କ ପାଖକୁ ଚାଲିଲେ । ସୌଦାସଙ୍କ ପାଖରେ ପହଞ୍ଚିବା ମାତ୍ରେ ସୌଦାସ ତାଙ୍କୁ ଦେଖି ଖୁସୀ ହୋଇ କହିଲେ, 'ଆଚ୍ଛା, ବନ୍ଧୁ ତୁମେ ସତରେ ଫେରିଆସିଲ !' ଉତଙ୍କ କହିଲେ, 'ହଁ, ମୁଁ ଫେରି ଆସିଲି, କିନ୍ତୁ କୁଣ୍ଡଳ ଦୁଇଟି ମୋତେ

ନେଇ ଗୁରୁପତ୍ନୀଙ୍କ ପାଖରେ ପହଞ୍ଚାଇ ଦେବାକୁ ହେବ । ତା'ପରେ ମୁଁ ଫେରି ଆସିଲେ ତୁମେ ମୋତେ ଖାଇବ । କିନ୍ତୁ ଯିବା ପୂର୍ବରୁ ମୁଁ ଗୋଟିଏ ପ୍ରଶ୍ନ ପଚାରୁଛି ।' ସୌଦାସ ଟିକିଏ କୌତୂହଳ ପ୍ରକାଶ କରି କହିଲେ, 'କ'ଣ ତୁମର ସେ ପ୍ରଶ୍ନ, ବନ୍ଧୁ ?'

ଉତଙ୍କ କହିଲେ, 'ଶାସ୍ତ୍ର କହେ, ଯିଏ ବନ୍ଧୁର ପରାମର୍ଶ ନ ନିଏ ସେ ନିର୍ବୋଧ ଲୋକ । ଆଉ ଯିଏ ବନ୍ଧୁର କ୍ଷତି କରେ ସେ ଏକ ଖଳ ବ୍ୟକ୍ତି । ରାଜା, ଆପଣ ଏବେ ମୋତେ ବନ୍ଧୁ ବୋଲି ସମ୍ବୋଧନ କରୁଛନ୍ତି । ସେଇ ହିସାବରେ ମୁଁ ଆପଣଙ୍କ ପରାମର୍ଶ ଲୋଡୁଛି । ଆଚ୍ଛା, କୁହନ୍ତୁ ତ, ଜଣେ ମଣିଷଖିଆ ଲୋକ ପାଖକୁ ମୁଁ ଫେରିଆସିବା କ'ଣ ଉଚିତ ?'

ସୌଦାସ କହିଲେ, 'ଜଣେ ବନ୍ଧୁ ହିସାବରେ ମୁଁ ତୁମକୁ ଏଇ ପରାମର୍ଶ ଦେବି ଯେ ଜଣେ ମଣିଷଖିଆ ଲୋକ ପାଖକୁ ପୁଣି ଫେରିଆସିବା ତୁମ ପକ୍ଷରେ ବୋକାମି ହେବ । ଆଉ ମଧ୍ୟ ଥରେ ଜଣେ ବନ୍ଧୁ ହୋଇଯିବା ପରେ ବନ୍ଧୁର କ୍ଷତି ଘଟାଇବା ମଧ୍ୟ ଅନ୍ୟାୟ ।'

ଉତଙ୍କ ସୌଦାସଙ୍କଠାରୁ ଏତକ ଶୁଣି ବହୁତ ଖୁସୀ ହୋଇ କହିଲେ, 'ଆପଣ ଋଷି ଅଭିଶାପ ଯୋଗୁଁ ରାକ୍ଷସ ପାଲଟି ଯାଇଥିଲେ ବି ଆପଣଙ୍କ ମଧ୍ୟରେ ରାଜାର ନ୍ୟାୟୋଚିତ ଗୁଣ ଏବେ ବି ବିଦ୍ୟମାନ ରହିଛି ।' ଏହା କହି ସୌଦାସଙ୍କୁ ଧନ୍ୟବାଦ ଜଣାଇ, ତାଙ୍କଠାରୁ ବିଦାୟ ନେଇ ଶୀଘ୍ର ଉତଙ୍କ ଫେରି ଆସିଲେ । କାରଣ ବେଶୀ ସମୟ ସୌଦାସଙ୍କ ପାଖରେ ରହିଲେ ପୁଣି ଯଦି ତାଙ୍କର ଆସୁରୀ ପ୍ରକୃତି ମନେ ପଡ଼େ, ସେ ଆଉ ଛାଡ଼ିବେ ନାହିଁ ।

ବାସ୍ତବରେ ମଧ୍ୟ ଉତଙ୍କ ଚାଲିଯିବା ପରେ ହାତରୁ ଶିକାର ଖସିଗଲା ବୋଲି ଭାବି ସୌଦାସ ମନସ୍ତାପ କରିଥିଲେ । ଯାହାହେଉ ଉତଙ୍କଙ୍କୁ ଭଗବାନଙ୍କ କୃପା ବଞ୍ଚାଇଦେଲା ।

କିଛି ବାଟ ଜଙ୍ଗଲ-ପଥରେ ଆସିବା ପରେ ଉତଙ୍କ କ୍ଷୁଧା ଅନୁଭବ କଲେ । କିଛି ନ ଖାଇଲେ ଆଉ ବାଟ ଚାଲି ନ ପାରିବା ଭଳି ବୋଧ କଲେ । ଚାରିଆଡ଼କୁ ଚାହିଁ ଦେଖିଲେ ଗୋଟିଏ ବେଲଗଛରେ ବହୁତ ବେଲ ପାଚିଛି । ସେଇ ଗଛରେ ଚଢ଼ି କିଛି ବେଲ ଖାଇବାକୁ ସ୍ଥିର କଲେ । କିନ୍ତୁ କୁଣ୍ଡଳକୁ ରଖିବେ କେଉଁଠି ? ତଳେ ରଖିଲେ କାଳେ କୌଣସି ନାଗ ନେଇ ଚାଲିଯିବ ବୋଲି ଗଛର ଗୋଟିଏ ଡାଳ ସନ୍ଧିରେ ମୃଗଛାଲ ସହ ରଖି ସେ ଗଛରେ ଚଢ଼ିଲେ । ଗଛରୁ ବେଲ ତୋଳୁ ଥିବା ସମୟରେ ଗୋଟିଏ ପାଚିଲା ବେଲ ସେ ମୃଗଛାଲ ଉପରେ ପଡ଼ିଲା । ଫଳରେ କୁଣ୍ଡଳ ସହ ମୃଗଛାଲଟି ତଳେ ପଡ଼ିଗଲା । କୁଣ୍ଡଳ ଦୁଇଟି ମୃଗଛାଲ ଭିତରୁ ଛିଟିକି ଆସିଲା । କେଉଁଠି ଗୋଟିଏ

ନାଗ ଥିଲା ସଙ୍ଗେ ସଙ୍ଗେ ଆସି କୁଣ୍ଡଳ ଦୁଇଟି ଧରି ଚାଲିଗଲା । ଉତଙ୍କ ଗଛ ଉପରୁ ଏସବୁ କାଣ୍ଡ ଦେଖି ତାଙ୍କ ହଲକ ଶୁଖିଗଲା । ସେ ତରବର ହୋଇ ଓହ୍ଲାଇ ପଡ଼ି ସେ ସାପ ପଛରେ ଗୋଡ଼ାଇଲେ । କିନ୍ତୁ ହଠାତ୍ ସେ ସାପ ଗୋଟିଏ ଉଇହୁଙ୍କା ନିକଟରେ ଥିବା ଏକ ଗାଡ଼ରେ ପଶି କୁଆଡ଼େ ଉଭାନ ହୋଇଗଲା ।

ଉତଙ୍କ ଦୁଃଖ ଓ କ୍ରୋଧରେ ତାଙ୍କ ବାଡ଼ି ସାହାଯ୍ୟରେ ସେ ଗାଡ଼କୁ ଖୋଳିବାରେ ଲାଗିଲେ । ବାଡ଼ିରେ କେତେ ବା ଖୋଳିବେ ! କିନ୍ତୁ ଯେକୌଣସି ପ୍ରକାରେ ପାତାଳପୁରରେ ପହଞ୍ଚି ନାଗଠାରୁ କୁଣ୍ଡଳ ଦୁଇଟିକୁ ଉଦ୍ଧାର କରିବା ପାଇଁ ସେ ସଂକଳ୍ପବଦ୍ଧ । ଏହିପରି ଖୋଳୁ ଖୋଳୁ ୩୫ ଦିନ ବିତିଗଲା । ତା'ପର ଦିନ ଜଣେ ବୃଦ୍ଧ ଆସି ପଚାରିଲେ, 'ଆରେ ବାବା, ଏ କ'ଣ କରୁଛୁ ?' ଉତଙ୍କ ସବୁକଥା କହନ୍ତେ ସେ କହିଲେ, 'ଅସମ୍ଭବ କଥା । ଏ ସାମାନ୍ୟ ବାଡ଼ିରେ ମାଟି ଖୋଳି ତୁ କ'ଣ ପାତାଳପୁରୀରେ ପହଞ୍ଚିପାରିବୁ ? ଏ ଆଶା ଛାଡ଼ିଦେ । ଘରକୁ ଯା' ।' ଉତଙ୍କ କହିଲେ, 'ନାଇଁ ଆଜ୍ଞା, ମୁଁ କୁଣ୍ଡଳ ଦୁଇଟିକୁ ନ ପାଇବା ପର୍ଯ୍ୟନ୍ତ ଫେରିବି ନାହିଁ । ବରଂ ଏଇଠି ମାଟି ଖୋଳି ଖୋଳି ମରିବି, ଆଉ କୁଆଡ଼େ ଯିବି ନାହିଁ ।'

ଉତଙ୍କଙ୍କର ଆନ୍ତରିକତା ଓ ଦୃଢ଼ସଂକଳ୍ପ ଦେଖି ବୃଦ୍ଧ ଜଣକ ଖୁସୀ ହୋଇ ନିଜ ରୂପ ଧାରଣ କଲେ । ସେ ଥିଲେ ସ୍ୱର୍ଗର ଦେବରାଜ ଇନ୍ଦ୍ର । ଉତଙ୍କ ତାଙ୍କୁ ଦେଖି କାବା ହୋଇଗଲେ । ଇନ୍ଦ୍ର ଉତଙ୍କଙ୍କୁ କହିଲେ ତାଙ୍କ ବାଡ଼ିଟି ଉପରକୁ ଟେକି ଧରିବା ଲାଗି । ଉତଙ୍କ ତାଙ୍କ ବାଡ଼ିଟି ଉପରକୁ ଯେମିତି ଟେକି ଧରିଛନ୍ତି ଇନ୍ଦ୍ର ସେଥିରେ ତାଙ୍କ ବଜ୍ରକୁ ଛୁଆଁଇ ଦେଲେ । ତା' ଫଳରେ ଉତଙ୍କଙ୍କ ବାଡ଼ି ବଜ୍ରପରି ଶକ୍ତିଶାଳୀ ହୋଇଗଲା । ତା'ପରେ ଇନ୍ଦ୍ର କହିଲେ, 'ଏଣିକି ଏ ବାଡ଼ି ସାହାଯ୍ୟରେ ମାଟି ଖୋଳି ତୁମେ ପାତାଳପୁରୀ ପର୍ଯ୍ୟନ୍ତ ଅକ୍ଳେଶରେ ଯାଇପାରିବ ।' ଏହା କହି ଇନ୍ଦ୍ର କୁଆଡ଼େ ଉଭାନ ହୋଇଗଲେ ।''

''ବଜ୍ର କ'ଣ ?'' ପଚାରିଲା ଅନୁରକ୍ତା ।

''ଇନ୍ଦ୍ର ଯେଉଁ ଅସ୍ତ୍ର ସାହାଯ୍ୟରେ ଯୁଦ୍ଧ କରନ୍ତି ତା'ର ନାମ ବଜ୍ର । ତାକୁ ଇନ୍ଦ୍ରଙ୍କ ଆୟୁଧ କହନ୍ତି । ସବୁ ଦେବାଦେବୀଙ୍କର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଆୟୁଧ ଥାଏ । ଯେପରି ବିଷ୍ଣୁଙ୍କର ଚକ୍ର, ଶିବଙ୍କର ତ୍ରିଶୂଳ, କାଳୀଙ୍କର ଖଡ୍‌ଗ, ଇତ୍ୟାଦି ।''

''ହଉ, ଏଥର କୁହ ଉତଙ୍କ କ'ଣ କଲେ ?''

''ଉତଙ୍କ ସେହି ବଜ୍ର ଦ୍ୱାରା ଶକ୍ତିପୂତ ବାଡ଼ି ସାହାଯ୍ୟରେ ଖୁବ୍ ଅଳ୍ପ ପରିଶ୍ରମରେ ମାଟି ଖୋଳି ଖୋଳି ଯାଇ ପାତାଳପୁରୀରେ ପହଞ୍ଚିଲେ । ପାତାଳପୁରୀରେ ସିନା ପହଞ୍ଚିଗଲେ, କିନ୍ତୁ ଦେଖିଲା ବେଳକୁ ପାତାଳପୁରୀକୁ ପ୍ରବେଶପଥ ବନ୍ଦ ଅଛି । ବିଶାଳ ପ୍ରବେଶପଥ । ଉତଙ୍କଙ୍କ ପକ୍ଷରେ ତାକୁ ଖୋଲିବା ସମ୍ଭବ ନୁହେଁ । ଉତଙ୍କ କ'ଣ କରିବେ

କିଛି ଠିକ୍ କରିପାରିଲେ ନାହିଁ । ଏତେ ବାଟ ଆସିବା ତେବେ କ'ଣ ବୃଥା ହେଲା ? ଯଦି ବା ସେ କୌଣସି ଉପାୟରେ ସାପମାନଙ୍କ ରାଜ୍ୟ ଭିତରକୁ ପ୍ରବେଶ କରନ୍ତି ତେବେ କେଉଁ ସାପ ତାଙ୍କ କୁଣ୍ଡଳ ଚୋରି କରିଛି ତାହା ଜାଣିବେ କିପରି ? ଏହିପରି ସେ ଯେତେବେଳେ ନିଜକୁ ନିରୁପାୟ ଭାବୁଛନ୍ତି ସେତିକିବେଳେ ଦେଖିଲେ ଗୋଟିଏ ଜ୍ୟୋତିର୍ମୟ ଅଶ୍ୱ ଆସି ତାଙ୍କ ପାଖରେ ଛିଡ଼ା ହୋଇଛି । ଉତଙ୍କ ତା' ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁବା ମାତ୍ରେ, ସେ ଉତଙ୍କଙ୍କୁ ଆହୁରି ଆଶ୍ଚର୍ଯ୍ୟ କରି କହିଲା, 'ଉତଙ୍କ, ମୋତେ ତୁମ ମୁହଁରେ ଫୁଙ୍କ ।' ଉତଙ୍କ ଚକିତ ହୋଇ ଚାହିଁ ରହିବାରୁ ଅଶ୍ୱଟି ପୁଣି କହିଲା, 'ଉତଙ୍କ, ମୋତେ ତୁମେ ଚିହ୍ନିପାରିବ ନାହିଁ । କିନ୍ତୁ ମୁଁ ତୁମକୁ ଭଲ ଭାବରେ ଜାଣେ । ତୁମ ଗୁରୁଙ୍କ ଆଶ୍ରମରେ, ତୁମେ ତୁମ ଗୁରୁଙ୍କ ସହ କେତେ ଆନ୍ତରିକତା ସହ ମୋର ପୂଜା କରିଛ ! ସେଇଥି ଯୋଗୁଁ ବିପଦ ସମୟରେ ମୁଁ ତୁମକୁ ସାହାଯ୍ୟ କରିବାକୁ ଆସିଛି । ମୋର ନାମ ଅଗ୍ନି । ଆଉ ବିଳମ୍ବ କରନା । ଆଶ୍ରମରେ ମୋତେ ଜଳାଇବା ଲାଗି ଯେମିତି ଫୁଙ୍କ, ଏଠିବି ସେମିତି ଫୁଙ୍କ । ତା'ପରେ ଦେଖିବ ମୁଁ କ'ଣ କରିବି ।'

ଉତଙ୍କ ଏକଥା ଶୁଣି ମନେ ମନେ ବହୁତ ଖୁସୀ ହୋଇ ଅଗ୍ନିଙ୍କୁ ପ୍ରଣାମ କରି ଖୁବ୍ ଜୋରରେ ଫୁଙ୍କିବାକୁ ଲାଗିଲେ । ସେହି ଜ୍ୟୋତିର୍ମୟ ଅଶ୍ୱ ମଧ୍ୟରୁ ପ୍ରବଳ ବେଗରେ ନିଆଁ ଓ ଧୂଆଁ ବାହାରି ପାଚେରି ଡେଇଁ ନାଗପୁରୀ ମଧ୍ୟରେ ପ୍ରବେଶ କଲା । ସେହି ପ୍ରଚଣ୍ଡ ଉତ୍ତପ୍ତ ଧୂଆଁରେ ନାଗରାଜାଙ୍କଠାରୁ ଆରମ୍ଭ କରି ସମସ୍ତ ନାଗ ଅନ୍ଧପ୍ରାୟ ହୋଇଗଲେ । ଗରମ ଯୋଗୁଁ ଛଟପଟ ହେବାକୁ ଲାଗିଲେ । ନାଗରାଜ ଭାବିଲେ ବୋଧହୁଏ କୌଣସି ଋଷିଙ୍କ ଅଭିଶାପ ଯୋଗୁଁ ଏପରି ହେଉଛି । ସେ ଧୂଆଁ ଯେଉଁ ଦିଗରୁ ଆସୁଥିଲା ସେଇ ଦିଗକୁ ଲକ୍ଷ୍ୟ କରି ପ୍ରହରୀମାନଙ୍କୁ ଗେଟ୍‌ଖୋଲି ଦେବା ଲାଗି କହିଲେ । ଗେଟ୍ ଖୋଲା ହେବା ପରେ ନାଗମାନଙ୍କ ସହ ବାହାରକୁ ଆସି ସେ ଉତଙ୍କଙ୍କୁ ଦେଖିଲେ । ଦେଖିବାମାତ୍ରେ ତାଙ୍କ ପାଦତଳେ ପ୍ରଣାମ କରି ସେମାନଙ୍କୁ ନିଆଁ ଧୂଆଁରୁ ବଞ୍ଚାଇବା ଲାଗି ପ୍ରାର୍ଥନା କଲେ । ଉତଙ୍କ କହିଲେ, 'ତୁମମାନଙ୍କ ମଧ୍ୟରୁ କେହି ଜଣେ ମୁଁ ମୋର ଗୁରୁପତ୍ନୀଙ୍କ ପାଇଁ ନେଉଥିବା କୁଣ୍ଡଳ ଦୁଇଟି ଚୋରି କରି ଆଣିଛି । ସେଇଆକୁ ଖୋଜି ମୁଁ ଏଠାରେ ପହଞ୍ଚିବା ପରେ ଅଗ୍ନିଦେବ ମୋତେ ସାହାଯ୍ୟ କରିବା ପାଇଁ ଏ ନିଆଁ ଓ ଧୂଆଁ ସୃଷ୍ଟି କରିଛନ୍ତି ।'

ଏକଥା ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ଗୋଟିଏ ନାଗ କୁଣ୍ଡଳ ଦୁଇଟି ଧରି ବାହାରି ଆସି ଉତଙ୍କଙ୍କ ହାତରେ ଅର୍ପଣ କଲା ଓ ଅନୁନୟ ହୋଇ ଶୀଘ୍ର ସେମାନଙ୍କୁ ଅଗ୍ନିଙ୍କ କବଳରୁ ରକ୍ଷା କରିବାକୁ କହିଲା । ଉତଙ୍କ କୁଣ୍ଡଳ ଦୁଇଟି ଫେରି ପାଇବା ପରେ

ଅଗ୍ନିଦେବତାଙ୍କୁ ପ୍ରାର୍ଥନା କରି କହିଲେ ଶାନ୍ତ ହେବା ଲାଗି । ଅଗ୍ନି ଶାନ୍ତ ହେଲେ ଓ କୁଆଡ଼େ ଉଭେଇ ଗଲେ ।

ଉତଙ୍କ କୁଣ୍ଡଳ ଦୁଇଟି ପାଇ କେତେ ଯେ ଖୁସୀ ହେଲେ କହିହେବ ନାହିଁ । ତାକୁ ବହୁତ ଯତ୍ନରେ ରଖି ଆଶ୍ରମ ଆଡ଼କୁ ଚାଲିଲେ । ଭାବି ପାରି ନ ଥିଲେ ଯେ, ସେ ଏତେବଡ଼ ଦୁଃସାଧ କାର୍ଯ୍ୟରେ ଜୟ ଲାଭ କରିବେ ବୋଲି । କିନ୍ତୁ ତାଙ୍କୁ ତାଙ୍କ ଅଜଣାରେ ପ୍ରତି ପଦକ୍ଷେପରେ, ବିପଦ ସମୟରେ ତାଙ୍କର ଆନ୍ତରିକତା ସବୁବେଳେ ସାହାଯ୍ୟ କରିଛି । ତେଣୁ ଆମେ କହିପାରିବା –

ନିଜର କାମରେ ଆନ୍ତରିକ ଯେଉଁ ଜନ
ସବୁ ବାଧାବିଘ୍ନ ବିପଦ ଭିତରେ
ଅକ୍ଷତ ରହି
ଲଭେ ଶେଷେ ସିଏ ବିଜୟର ଆସ୍ୱାଦନ ।''

# ଆନ୍ତରିକତା ଯେଉଁଠି, ଭଗବାନ୍ ସେଇଠି

''ଆଚ୍ଛା ଚିନୁ ଭାଇ, ତୁମେ କହୁଥିଲ ଯିଏ ଆନ୍ତରିକ ତା' ପାଖେ ପାଖେ ଭଗବାନ୍ ସବୁବେଳେ ଥାଆନ୍ତି । ଧର, ମରୁଭୂମିରେ ଜଣେ ଯାଉଚି, ତାକୁ ବହୁତ ଶୋଷ କଲା, ତାକୁ କ'ଣ ଭଗବାନ୍ ପାଣି ଦେଇପାରିବେ ? ଜଣକୁ ବହୁତ ଭୋକ କଲା, ପାଖରେ କିଛି ଖାଇବାକୁ ନାହିଁ, ତାକୁ କ'ଣ ଭଗବାନ୍ ଖାଇବାକୁ ଦେଇପାରିବେ ? ବାଟରେ ଯାଉ ଯାଉ ଧର ଅନ୍ଧାର ହୋଇଗଲା କି ବଣ ଜଙ୍ଗଲିଆ ରାସ୍ତା ପଡ଼ିଲା କି କେହି ଚୋର ଡକାୟତଙ୍କ ହାବୁଡ଼େ ପଡ଼ିଲା, ସେଠି କ'ଣ ଭଗବାନ୍ ତାକୁ ସାହାଯ୍ୟ କରିପାରିବେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ ସେଇ ଲୋକ ଯଦି ସରଳ ଆନ୍ତରିକଭାବେ ଭଗବାନଙ୍କ ଉପରେ ବିଶ୍ୱାସ ରଖିଥିବ ଓ ତାଙ୍କୁ ଅନ୍ତରରୁ ପ୍ରାର୍ଥନା କରିବ ତେବେ ଯେକୌଣସି ସମୟରେ, ଯେ କୌଣସି ଜାଗାରେ ସେ ତାଙ୍କ ସାହାଯ୍ୟ ପାଇପାରିବ । ସେ ନିଜେ ଆସିପାରନ୍ତି, କିଂବା ଅନ୍ୟ କୌଣସି ଲୋକ ଦ୍ୱାରା ସାହାଯ୍ୟର ବ୍ୟବସ୍ଥା କରାଇ ଦେଇ ପାରନ୍ତି । ତୁ କ'ଣ 'ଗୋପାଳ କହ୍ନେଇ' କଥା ଜାଣିନୁ ? ଛୋଟପିଲା ଗୋପାଳକୁ ନିଜେ ଶ୍ରୀକୃଷ୍ଣ କହ୍ନେଇ ରୂପରେ କିପରି ସାହାଯ୍ୟ କରନ୍ତି । ଗୋପାଳ ସ୍କୁଲରୁ ଫେରିଲା ବେଳେ ଜଙ୍ଗଲବାଟରେ ସଞ୍ଜ ହୋଇଗଲେ ତାକୁ ଯଦି ଡର ମାଡ଼େ ସେ କିପରି କହ୍ନେଇକୁ ଡାକେ ଓ କହ୍ନେଇ ଆସି ତାକୁ ଜଙ୍ଗଲ ପାରି କରିଦିଏ, ବେଳେ ବେଳେ ତା' ସଙ୍ଗରେ ଖେଳେ, ଏକଥା ଶୁଣିନୁ ?''

''ହଁ, ଶୁଣିଚି । ହେଲେ ସେ ତ ଗପ । ସିଏ କ'ଣ ସତ କଥା ?'' କହିଲା ଅନୁରକ୍ତା ।

''ସବୁ ଗପ ସତ । ବାହାର ଦୃଷ୍ଟିରୁ, ସ୍ଥୂଳ ଭାବରେ ସତ ନ ହେଲେ ବି ତା' ଭିତରେ ଯେଉଁ ଭାବ ଥାଏ ସେ ଦୃଷ୍ଟିରୁ ତାହା ସତ । ଗପରେ ଯେଉଁ କଥାଟି କୁହାଯାଇଥାଏ, ଠିକ୍ ସେଇ କଥାଟି ଘଟି ନ ଥାଇପାରେ; କିନ୍ତୁ ସେହିଭଳି ଅସଂଖ୍ୟ କଥା ଏ ଦୁନିଆରେ ଘଟୁଥିବାରୁ କିଂବା ଘଟିବାକୁ ଯାଉଥିବାରୁ ସେଇଆକୁ ଅବଲମ୍ବନ କରି ଗପ ଲେଖା ଯାଇଥାଏ । ସ୍ଥୂଳରେ ହେଉ ବା ସୂକ୍ଷ୍ମରେ ହେଉ, ବାସ୍ତବରେ ହେଉ ବା ଭାବ ଦୃଷ୍ଟିରେ ହେଉ ଗପଟି ସତ ନ ହେଲେ ତାହା ଲେଖିହେବ କିପରି ? ଆମେ ଯାହାକୁ କଳ୍ପନା ବୋଲି କହୁ ତାହା ବି ସତ ଓ ସମ୍ଭବ । ଗୋଟିଏ କଥା ଆଦୌ ନ

ଥିଲେ ସେବିଷୟରେ କେବେ ବି କୌଣସି କଳ୍ପନା ଆମ ମନକୁ ଆସି ପାରିବ ନାହିଁ । ହୁଏତ ତାହା ବର୍ତ୍ତମାନ ଏ ଜଗତରେ ଘଟି ନ ଥାଇପାରେ, ପରେ ଘଟିପାରେ କିଂବା ଅନ୍ୟ କୌଣସି ଜଗତରେ ବର୍ତ୍ତମାନ ଘଟୁଥାଇପାରେ । ଯାହାସବୁ ଏ ଜଗତରେ ଘଟିଛି, ତାହା ପ୍ରଥମେ କଳ୍ପନାରେ ଆସିଛି, ତା'ପରେ ବାସ୍ତବରେ ଘଟିଛି । ଆମ ଦେଶ ସ୍ୱାଧୀନ ହେବା ପୂର୍ବରୁ ଆମ ଦେଶର ନେତାଙ୍କ କଳ୍ପନାରେ ଆମ ଦେଶର ସ୍ୱାଧୀନତା ଆସିଥିଲା । ଉଡ଼ାଜାହାଜ ତିଆରି ପୂର୍ବରୁ ତା'ର ମଡ଼େଲ ପ୍ରଥମେ ବୈଜ୍ଞାନିକର କଳ୍ପନାରେହିଁ ଆସିଥିଲା । ଅନେକ କଳ୍ପନା କାର୍ଯ୍ୟକାରୀ ନ ହୋଇ ପାରିଲେ ବି ତାହା ମିଥ୍ୟା ନୁହେଁ । କାରଣ ତାହା କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଥିଲା ଓ ରହିଛି ବି ।

ଆମେ ଯେଉଁ ପରୀରାଇଜର ଗପ ଶୁଣୁ, ଅସୁର ଅସୁରୁଣୀଙ୍କ ଗପ ଶୁଣୁ, ସେସବୁ ବି ମିଥ୍ୟା ନୁହେଁ । ପରୀମାନଙ୍କର ବି ରାଇଜ ରହିଛି । ଅସୁର ଅସୁରୁଣୀଙ୍କର ବି ରାଇଜ ରହିଛି । ଆମେ କେବଳ ତାଙ୍କୁ ଖାଲି ଆଖିରେ ଦେଖି ପାରୁ ନ ଥିବାରୁ କଳ୍ପନା ଓ ମିଛ ବୋଲି କହିଛେ । ସେମାନେ ନ ଥିଲେ ଆମ ମନରେ ସେମାନଙ୍କ କଳ୍ପନା ଆସନ୍ତା ନାଇଁ । ଗୋପାଳ କହ୍ନେଇ ଗପଟିକୁ ତୁ କଳ୍ପନା ବୋଲି କହିପାରୁ, କାରଣ ତା'ର କୌଣସି ଐତିହାସିକ ପ୍ରମାଣ ନାହିଁ । କିନ୍ତୁ କଳ୍ପନା ଯଦି ବି ହୁଏ ତଥାପି ଭାବ ଦୃଷ୍ଟିରୁ ତାହା ସତ । ଏଇଭଳି ବହୁତ ବାସ୍ତବ ଘଟନା ଏ ଦୁନିଆରେ ଘଟୁଛି । ଶୁଣିବୁ ଜଣେ ସାଧକ ଭକ୍ତଙ୍କର ନିଜ ଜୀବନର ସେ ନିଜେ କହିଥିବା ଗୋଟିଏ କାହାଣୀ ?''

''ହଁ କୁହ ।'' ଆଗ୍ରହରେ କହିଲା ଅନୁରକ୍ତା ।

''ଆଚ୍ଛା, ହଉ ଶୁଣ । ଯେଉଁ ଭକ୍ତ ସାଧକଙ୍କ କଥା ମୁଁ ବର୍ତ୍ତମାନ କହିବି ତାଙ୍କ ନାମ ହେଉଛି ଶ୍ରୀ ଶ୍ରୀ ଅନ୍ନଦା ଠାକୁର । ସେ ଶ୍ରୀକୃଷ୍ଣଙ୍କ ଜଣେ ପରମଭକ୍ତ । ଥରେ ସେ ଶ୍ରୀକୃଷ୍ଣଙ୍କ ଲୀଳାର ଭୂମି ବୃନ୍ଦାବନ ଯାଉଥିଲେ । ଚାଲି ଚାଲି ଯାଉଥିଲେ । କିଛି ବାଟ ଯାଇଛନ୍ତି ତାଙ୍କୁ ଭାରି ଶୋଷକଲା । ଶୋଷରେ ତଣ୍ଟି ଶୁଖିଗଲା । କିନ୍ତୁ କେଉଁଠୁ ହେଲେ ଟୋପାଏ ପାଣି ମିଳିଲା ନାଇଁ । ସେଇ ବାଟ ଦେଇ ମଥୁରାରୁ ଅନେକ ସାଧୁସନ୍ନ୍ୟାସୀ ଫେରୁଥିଲେ । ସମସ୍ତଙ୍କ କମଣ୍ଡଳୁରେ ପାଣି ଥାଏ, କିନ୍ତୁ ମାଗିଲେ ବି କେହି ଟୋପାଏ ପାଣି ଦେଲେ ନାଇଁ । କହିଲେ 'ତୁମର ତ କମଣ୍ଡଳୁ ଅଛି । ପାଣି ନେଇ ଆସିଲ ନାଇଁ ? ଆମକୁ ବର୍ତ୍ତମାନ ଅନେକ ବାଟ ଯିବାକୁ ଅଛି । ତୁମକୁ ପାଣି ଦେଇ ଆମେ ମରିବୁ ନା କ'ଣ ?'

ଅନ୍ନଦା ଠାକୁର କହିଲେ, 'ମୋର କମଣ୍ଡଳୁ ଅଛି ଯେ, ହେଲେ ସେଥିରେ ଅନେକ ଫୁଟା । ପାଣି ରଖିଲେ ବହି ଯାଉଚି ।'

ଏକଥା ଶୁଣି ସେମାନଙ୍କ ଭିତରୁ ଜଣେ କହିଲେ, 'କିଛି ବାଟ ଯାଅ । ଆଗରେ ଗୋଟିଏ ଫାଣ୍ଡି ଅଛି । ସେଠି କେତେକ ଚୌକିଦାର ଅଛନ୍ତି । ସେମାନଙ୍କ ପାଖରୁ ପାଣି ମିଳିବ ।'

ପ୍ରଚଣ୍ଡ ଖରା । ବାଲି ସବୁ ତାତି ଟକମକ ଫୁଟୁଛି । ସେଥିରେ ପାଦ ଦେଲାବେଳକୁ ପାଦ ପୋଡ଼ିଯାଉଛି । ଏଣେ ଶୋଷରେ ପ୍ରାଣ ବାହାରିଯିବା ଉପରେ । ଜୀବନରେ ଏଭଳି କଷ୍ଟ, ଏଭଳି ଯନ୍ତ୍ରଣା ସେ କେବେ ଅନୁଭବ କରି ନ ଥିଲେ । ସେହିପରି ଜୀବନବିକଳରେ ଛଟପଟ ହୋଇ ଆଉ କିଛିଦୂର ଯାଇ ରାସ୍ତାର ପଶ୍ଚିମ ପାଖରେ ଗୋଟିଏ ଫାଣ୍ଡି ଦେଖିଲେ । ମନରେ ତାଙ୍କର ଆଶା ସଞ୍ଚାର ହେଲା । ଭାବିଲେ ଏଇଠୁ ଟୋପାଏ ପାଣି ପିଇ ଜୀବନ ବଞ୍ଚାଇ ଦେବି । ସେଠାରେ ଦୁଇତିନି ଜଣ ଚୌକିଦାର ଥିଲେ । ସେ ସେମାନଙ୍କୁ ଟୋପାଏ ପାଣି ମାଗନ୍ତେ ସେମାନେ ପରସ୍ପରକୁ ଅନାଅନି ହେଲେ । କିଛି କହିଲେ ନାହିଁ । ସେମାନଙ୍କର ଏପରି ହାବଭାବ ଦେଖି ସେ ବିକଳ ହୋଇ କହିଲେ, 'ଶୋଷରେ ମୋ ତଣ୍ଟି ଅଠାଅଠା ହୋଇଗଲାଣି, ଛାତି ଫାଟିଗଲା ଭଳି ଲାଗୁଛି । ଶୀଘ୍ର ମୋତେ ଟୋପାଏ ପାଣି ଦିଅ, ନଇଲେ ମୋ ଜୀବନ ବାହାରିଯିବ ।'

ତାଙ୍କର ଏ କାତର ଅନୁରୋଧ ଶୁଣି ସେମାନଙ୍କ ଭିତରୁ ଜଣେ ନିଷ୍ଠୁର ମୂର୍ଖ ଉତ୍ତର ଦେଲା, 'ତୁମେ ମରିଗଲେ ଆମର କ'ଣ ଗଲା ? ଯା, ଏଠି ପାଣି ଫାଣି କିଛି ମିଳିବ ନାହିଁ ।'

ତାଙ୍କର ଏକଥା ଶୁଣି ଅନ୍ନଦା ଠାକୁରଙ୍କୁ ଯେପରି ଆକାଶରୁ ଖସି ପଡ଼ିଲା ପରି ଲାଗିଲା । ଭାବିଲେ ଯେଉଁମାନେ ଲୋକମାନଙ୍କ ଧନ-ଜୀବନ ରକ୍ଷା କରିବା ପାଇଁ ନିଯୁକ୍ତ ହୋଇଛନ୍ତି ସେମାନେ ପୁଣି ଏପରି ବ୍ୟବହାର କରିପାରନ୍ତି ! ସେ ଟିକିଏ ରାଗିଯାଇ କହିଲେ, 'ପାଣି ତ ସେଇ ହାଣ୍ଡିରେ ଅଛି । ମୋତେ କାହିଁକି ଦେବ ନାଇଁ ? ସେମାନେ ଠିକ୍ ସେଇ ସାଧୁମାନଙ୍କ ଭଳି କହିଲେ, 'ତମକୁ ପାଣି ଦେଇ ଆମେ କ'ଣ ମରିବୁ, ଏଠାରେ ଆମକୁ କିଏ ପାଣି ଦେବ ?'

ଏକଥା ଶୁଣି ଅନ୍ନଦା ଠାକୁରଙ୍କ ଆଖିରୁ ଲୁହ ଝରି ଆସିଲା । ସେ ତାଙ୍କ ଅବଶ ପାଦକୁ ଘୋଷାରି ଘୋଷାରି ଆଗକୁ ଚାଲିଲେ । ବୃନ୍ଦାବନ ଆଉ ଅଳ୍ପବାଟ ଅଛି । ହେଲେ ତାଙ୍କ ଗୋଡ଼ ଆଉ ଚଳୁ ନାହିଁ । ଘଣ୍ଟାକର ବାଟ ଚାରିଘଣ୍ଟା ଲାଗୁଛି । ମନରେ ଭାବିଲେ ବୃନ୍ଦାବନଚନ୍ଦ୍ର ଶ୍ରୀକୃଷ୍ଣଙ୍କର ଏ କି ମାୟା ? ସେ କ'ଣ ମୋତେ ପରୀକ୍ଷା କରୁଛନ୍ତି ? ମୋର ଭକ୍ତି, ବୈରାଗ୍ୟକୁ ଆହୁରି ଦୃଢ଼ କରିବା ଲାଗି ମୋ ଭିତରେ ଥିବା ମଳିନତା ଓ ବାଧାକୁ ସେ କ'ଣ ପ୍ରବଳ ତୃଷାର ଅନଳରେ ଜାଳିପୋଡ଼ି ଦେଉଛନ୍ତି ? ହଉ ପ୍ରଭୁ !

ମୋର ଜୀବନର ଜୀବନ ହେ କୃଷ୍ଣ ! ମୋ ଉପରେ ଟିକିଏ କୃପା କର । ଆଉ ମୁଁ ସହିପାରିବି ନାହିଁ । ମୋର ତୃଷା-ନିବାରଣ କରି ତୁମ ନିକଟରେ ମୋତେ ପହଞ୍ଚାଇ ଦିଅ !

ଏଇପରି ମନେ ମନେ ପ୍ରାର୍ଥନା କରି କିଛି ବାଟ ଯିବାପରେ ସେ ଦେଖିଲେ ବୃନ୍ଦାବନର ଜଣେ ଲୋକ ଗୋଟିଏ କୂଅ ପାଖରେ ବସି ହାତ ଧୋଉଛି । ତାକୁ ଦେଖି ତାଙ୍କର ଯେପରି ଜୀବନ ଫେରି ଆସିଲା । 'ଜୟ ବୃନ୍ଦାବନବିହାରି, ଜୟ ରାମକୃଷ୍ଣ' କହି ସେ ତା' ପାଖରେ ପହଞ୍ଚିଗଲେ । ଲୋକଟି ତାଙ୍କୁ ପଚାରିଲେ, 'କ'ଣ ଦରକାର ? ସେ କହିଲେ, 'ପାଣି, ଶୀଘ୍ର ଟୋପାଏ ପାଣି ଦିଅ । ଶୋଷରେ ମୋର ଛାତି ଫାଟି ଯାଉଛି ।' ସେତେବେଳକୁ ସୂର୍ଯ୍ୟ ଅସ୍ତ ହେବା ଉପରେ । ଟିକିଏ ଗଲେ ସନ୍ଧ୍ୟା ଆସିଯିବ । ତାଙ୍କ କଥା ଶୁଣି ସେ ଲୋକଟି କହିଲା, 'ଇଏ ବହୁତ ଖାରିଆ ପାଣି, ପିଇ ପାରିବ ନାହିଁ ।'

ଏଥର ଅନ୍ନଦା ଠାକୁର ସତରେ କାନ୍ଦି ପକାଇଲେ । କାନ୍ଦି କାନ୍ଦି ସେ ଲୋକକୁ କହିଲେ, 'ଭାଇ, ଶୋଷରେ ଆଉ ବଞ୍ଚି ପାରିବି ନାହିଁ । ମୋ ଜୀବନ ରକ୍ଷା କର, ଲୁଣିଆ ହେଉ, ପଙ୍କୁଆ ହେଉ ବା ଖାରିଆ ହେଉ ମୋତେ ଶୀଘ୍ର ଟୋପେ ପାଣି ଦିଅ । ଜୀବନ ଗଲାବେଳେ ପାଣି ସୁଆଦିଆ କି ନାହିଁ କିଏ ବିଚାର କରୁଚି ?'

କିନ୍ତୁ ବୃନ୍ଦାବନବାସୀ ବି ଏଡ଼େ ନିଷ୍ଠୁର ହୋଇପାରେ ବୋଲି ସେ ଭାବିପାରିଲେ ନାହିଁ । ସେ ତା' ନିଜ ଭାଷାରେ 'କ୍ଷରା ପାନି, ପିନେ ନହି ଶକୋଗେ' କହି ଚାଲିଗଲା । ଅନ୍ନଦା ଠାକୁର ଆଉ ଚାଲିପାରିବା ଅବସ୍ଥାରେ ନ ଥିଲେ । ପାଣି ପଛେ ନ ପାଇଲେ ନାହିଁ, କୂଅ ପାଖରେ ଟିକିଏ ଶୀତଳତା ଅନୁଭବ କରିବେ ବୋଲି କୂଅର ଫନ୍ଦକୁ ଧରି ତା' ଭିତରକୁ ଝୁଙ୍କି ପାଣିକୁ ଚାହିଁବାକୁ ଲାଗିଲେ । ଏଇପରି ଅବସ୍ଥାରେ କିଛି ସମୟ କଟିଯିବା ପରେ ଦୁଇଜଣ ବାଳକବାଳିକାଙ୍କର ମଧୁର କଥାବାର୍ତ୍ତା ସେ ଶୁଣିବାକୁ ପାଇଲେ ।

ଦେଖିଲେ ସୁନ୍ଦର ବେଶଭୂଷା ହୋଇ ଦୁଇଟି ବାଳକବାଳିକା ନିଜ ନିଜ ଭିତରେ ଥଟ୍ଟା ତାମସା ହୋଇ ହୋଇ ସେଠାରେ ଆସି ପହଞ୍ଚିଲେ । କି ଅପୂର୍ବ ସେମାନଙ୍କର ବେଶ ! କି କମନୀୟ ସେମାନଙ୍କର ରୂପ ! କି ମଧୁର ସେମାନଙ୍କର କଥା ! ଭାଷାରେ ସେସବୁ ବର୍ଣ୍ଣନା କରିହେବ ନାହିଁ । ସେମାନଙ୍କ ଭିତରୁ ଜଣକ ହାତରେ ଥିଲା ଗୋଟିଏ କଳସୀ ଓ ଦଉଡ଼ି । କୂଅରୁ ପାଣି କାଢ଼ି ସେମାନେ ପରସ୍ପର ଉପରକୁ ଫିଙ୍ଗାଫିଙ୍ଗି ହେଉଥା'ନ୍ତି । ତାଙ୍କୁ ଦେଖି ଅନ୍ନଦା ଠାକୁରଙ୍କର ପେଟ ପୂରି ଉଠିଲା । ମଥୁରାରେ ସେ ଦେଖିଥିବା ଛୋଟ ଛୋଟ ପିଲାମାନେ ଯେପରି ରାଧାକୃଷ୍ଣଙ୍କର ଅଭିନୟ କରନ୍ତି, ଏମାନେ

ସେହିପରି ଦେଖାଯାଉଥିଲେ । ଯାଙ୍କ ଉପରେ ତାଙ୍କର ନଜର ପଡ଼ିଯିବା ମାତ୍ରେ ସେମାନଙ୍କ ମଧ୍ୟରୁ ଜଣେ କହିଲା – 'କ'ଣ ଦରକାର ?'

ଅନ୍ନଦା ଠାକୁର ବ୍ୟାକୁଳ ହୋଇ କହିଲେ – 'ପାଣି ଦରକାର । ଟୋପାଏ ପାଣି । ଶୋଷରେ ମୋ ତଣ୍ଟି ଶୁଖିଗଲାଣି ।' ଏହା କହିଲା ମାତ୍ରେ ସେମାନେ କୂଅରୁ ପାଣି କାଢ଼ି ତାଙ୍କ ହାତରେ ଢାଳିଲେ । ପ୍ରାଣ ବିକଳରେ ସେ ଦୁଇ କଳସୀ ପାଣି ପିଇଗଲେ । କେଡ଼େ ସୁନ୍ଦର ମିଠା ପାଣି । ଅଥଚ ସେ ଲୋକଟି ଖାରିଆ ପାଣି ବୋଲି କହି ଚାଲିଗଲେ । କି ତୃପ୍ତି କି ଶାନ୍ତି ! ଏପରି କେବେ ଅନ୍ନଦା ଠାକୁର ଜୀବନରେ ଅନୁଭବ କରି ନ ଥିଲେ । ସେ ପିଲା ଦୁଇଟିଙ୍କ ଚାହାଣି କି ସୁନ୍ଦର, କରୁଣାଭରା ଓ ଅମୃତଭରା ! ଅନ୍ନଦା ଠାକୁର କହିଛନ୍ତି : 'ଜୀବନରେ କେତେ କେତେ ସୁନ୍ଦର କଥାସବୁ ଦେଖିଛି । କିନ୍ତୁ ଏଭଳି ସୁନ୍ଦର, ମଧୁର ଆଖି ଓ ଚାହାଣି ଆଉ କେଉଁଠି ଦେଖି ନାହିଁ ।' ସେ ସେମାନଙ୍କ ରୂପ ଓ ମାଧୁର୍ଯ୍ୟରେ ଏତେ ମୋହିତ ହୋଇଯାଇ ଥାଆନ୍ତି ଯେ ସେମାନଙ୍କୁ ଟିକିଏ ସ୍ନେହ, ଆଦର ବି କରିପାରିଲେ ନାହିଁ । ଖାଲି ଏତିକି ପଚାରିଲେ – 'ଭାଇ, ତୁମେ କେଉଁଠି ରୁହ ?' ସେମାନେ କହିଲେ, 'ଆମେ ରଙ୍ଗନାଥଙ୍କ ମନ୍ଦିରରେ ରହୁ ।' ଏତିକି ଶୁଣି ଅନ୍ନଦା ଠାକୁର ଭାବିଲେ ଯେ ବୃନ୍ଦାବନର ରଙ୍ଗନାଥଙ୍କ ମନ୍ଦିରରେ ବୋଧହୁଏ ଏମାନେ ରାଧାକୃଷ୍ଣ ହୋଇ ନାଚନ୍ତି । ସେଇଠି ପୁଣି ଏମାନଙ୍କ ସହ ଦେଖା ହେବ ।

ଦୀର୍ଘକାଳର କଷ୍ଟକର ଯାତ୍ରା ପରେ ଶେଷରେ ସେ ଆସି ବୃନ୍ଦାବନରେ ପହଞ୍ଚିଲେ । ବୃନ୍ଦାବନରେ ପାଦ ଦେବା ମାତ୍ରେ ଅନ୍ତର ତାଙ୍କର ଆନନ୍ଦରେ ନାଚି ଉଠିଲା । ସେତେବେଳେ ଝୁଲଣ ମେଳା ବସିଥାଏ । ଚାରିଆଡ଼େ ଖୋଳ, କରତାଳ ସହ ସଂକୀର୍ତ୍ତନ ଚାଲିଥାଏ । ସେଇ କୀର୍ତ୍ତନ ଶୁଣୁ ଶୁଣୁ କ'ଣ ତାଙ୍କର ହେଲା, ଆଉ ସେ ଚାଲିବାକୁ ବଳ ପାଇଲେ ନାହିଁ । ଅବଶ ହୋଇ ସେଇଠି ପଡ଼ିଗଲେ । କିଛି ସମୟ ପରେ ତାଙ୍କର ଚେତା ଆସିବାରୁ ସେ ଦେଖିଲେ ଦେହସାରା ତାଙ୍କର ଧୂଳି ଧୂସରିତ ହୋଇଯାଇଛି । ତାଙ୍କର କମଣ୍ଡଳୁ ଓ ପୂଜା ଆସନ ଦୂରରେ ପଡ଼ିଛି । ସେତେବେଳକୁ ଆକାଶରେ ଜହ୍ନ ଦେଖାଦେଲେଣି । ଚାରିଆଡ଼େ ସୁନ୍ଦର ଜହ୍ନକିରଣ । ଜହ୍ନ ଆଲୁଅରେ ନିକଟରେ ସେ ଦେଖିପାରିଲେ ଏକ ବିରାଟ ମନ୍ଦିର । ପାଖକୁ ଗଲେ । ପଚାରି ବୁଝିଲେ ସେଇଟି ରଙ୍ଗନାଥଙ୍କ ମନ୍ଦିର । ସେଠାରେ କୀର୍ତ୍ତନ ଚାଲିଛି । ଦୁଇଟି ପିଲା ରାଧାକୃଷ୍ଣ ବେଶ ହୋଇ ନାଚୁଛନ୍ତି । ଅନ୍ନଦା ଠାକୁର ଭାବିଲେ ଯେଉଁ ପିଲା ଦୁଇଟି ତାଙ୍କୁ ପାଣି ଦେଇ ତାଙ୍କ ଦେହର ଓ ତାଙ୍କ ଆତ୍ମାର ଶୋଷ ମେଣ୍ଟାଇ ଥିଲେ ବୋଧହୁଏ ସେମାନେ ଏଇଠି ନାଚୁଥିବେ । କିନ୍ତୁ ଦେଖିଲେ ଏ ରାଧାକୃଷ୍ଣ ସେମାନଙ୍କ ପରି ଲଳିତ ମଧୁର ନୁହନ୍ତି ।

ତା'ପରେ ରଙ୍ଗନାଥଙ୍କ ମୂର୍ତ୍ତି ଦର୍ଶନ କଲେ । ନୟନ ମନ ତାଙ୍କର ପବିତ୍ର ହେଲା । ହେଲେ ଅନ୍ତରରେ ସେ ସବୁବେଳେ ସେଇ ପିଲା ଦୁଇଟିଙ୍କୁ ଖୋଜୁଥାଆନ୍ତି । ସେଠାରେ ଅନେକ ଲୋକଙ୍କୁ ସେମାନଙ୍କ କଥା ପଚାରିଲେ । ପାଖରେ ଥିବା ଲାଲାବାବାଙ୍କ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ବୁଲି ତାଙ୍କୁ ଖୋଜିଲେ । ହେଲେ କେଉଁଠି ପାଇଲେ ନାହିଁ ।

ଏଇ ଖୋଜିବାରେ ସେ ନିଜର କ୍ଷୁଧା ବି ଭୁଲିଯାଇଥାଆନ୍ତି । ପିଲା ଦୁଇଟିଙ୍କୁ ନ ପାଇ ନିରାଶ ହେବାରୁ ପ୍ରବଳ କ୍ଷୁଧା ଲାଗୁଥିବାର ସେ ଅନୁଭବ କଲେ । ମୁହଁହାତ ଅପରିଷ୍କାର ହୋଇଥିବାରୁ ଭାବିଲେ ଯମୁନା ନଈକୁ ଯାଇ ସେଠାରୁ ଭଲକରି ଟିକିଏ ଧୁଆଧୋଇ ହୋଇ ଆସି ଦୋକାନରୁ କିଛି କିଣି ଖାଇବେ । କିନ୍ତୁ ଯମୁନା ଭିତରକୁ ଯାଉ ଯାଉ ତା'ର ବିସ୍ତୀର୍ଣ୍ଣ ବେଳାଭୂମିର ଶାନ୍ତି ଓ ସୌନ୍ଦର୍ଯ୍ୟ ତାଙ୍କୁ ଏତେ ମୁଗ୍ଧ କଲା ଯେ ସେ ଧୋଇଧାଇ ହୋଇସାରି ଆଉ ବଜାରକୁ ଆସିବା ଲାଗି ମନେ କଲେ ନାହିଁ । ତାଙ୍କ ସମଗ୍ର ଶରୀରରେ ଯେପରି ଏକ ଶାନ୍ତି ଅବତରଣ କଲା । ସେ ଯମୁନା ପାଣିରୁ କିଛି ପିଇ ଦେଇ ତା'ରି ବାଲି ଉପରେ ଶୋଇବା ଲାଗି ଆସନ ବିଛାଇ ଦେଲେ । କିନ୍ତୁ ଅଳ୍ପ ଦୂରରେ ଦେଖିଲେ ନାଗା ସନ୍ନ୍ୟାସୀମାନେ ଧୁନିଜାଳି ଧ୍ୟାନ କରିବାରେ ଲାଗିଛନ୍ତି । ତାଙ୍କର ବି ଧ୍ୟାନ କରିବାକୁ ଇଚ୍ଛା ହେଲା । ସେ ନ ଶୋଇ ଆସନ ଉପରେ ବସି ଧ୍ୟାନ କରିବାକୁ ଲାଗିଲେ । କିଛି ସମୟ ଧ୍ୟାନ କରିଛନ୍ତି କାହାର ମଧୁର ସୁଲଳିତ କଣ୍ଠ ସ୍ୱରରେ ତାଙ୍କ ଧ୍ୟାନ ଭାଙ୍ଗିଗଲା । ସେ ଦେଖିଲେ ଅଳ୍ପ ଦୂରରେ ଦୁଇଜଣ ଅଳ୍ପବୟସ୍କ ବୈଷ୍ଣବ-ବୈଷ୍ଣବୀ ବସି ଅପୂର୍ବ ଭାବ ଓ କଣ୍ଠରେ ଭଜନ ଗାଉଛନ୍ତି । ସେଇ ଭଜନରେ ଦୁହେଁ ଦୁହିଁଙ୍କୁ ଥଟ୍ଟା କରୁଛନ୍ତି । ଜଣେ ଗୋଟିଏ ଭଜନ ଗାଇସାରିବା ପରେ ଆଉ ଜଣେ ତା'ର ଉତ୍ତର ସ୍ୱରୂପ ଆଉ ଗୋଟିଏ ଭଜନ ଗାଉଛି । ଦୁହେଁ ଦୁହିଁଙ୍କୁ ଗାଳି ବି ଦେଉଥା'ନ୍ତି । ସେମାନଙ୍କ ମଧୁର ପ୍ରେମଭକ୍ତିପୂର୍ଣ୍ଣ ଅଭିନୟ ଅନନ୍ଦା ଠାକୁରଙ୍କୁ ବହୁତ ଭଲ ଲାଗୁଥାଏ । ସେ ଚଦର ଘୋଡ଼ି ହୋଇ ଶୋଇ ତାଙ୍କର ସମସ୍ତ କାର୍ଯ୍ୟକଳାପ ଦେଖୁଥାଆନ୍ତି । ତାଙ୍କୁ ଅବଶ୍ୟ ଭୋକ କରୁଥାଏ, କିନ୍ତୁ ସେ ଖାଇବା କଥା ଭୁଲି ଯାଇଥା'ନ୍ତି ।

କିଛି ସମୟ ଭଜନ ଓ ଥଟ୍ଟା ତାମସା ପରେ ବୈଷ୍ଣବୀ ମା' ଜଣକ ବୈଷ୍ଣବଙ୍କୁ କହିଲେ କିଛି ଖାଦ୍ୟ ଯାଇ ବଜାରରୁ ଆଣିବା ଲାଗି । ବୈଷ୍ଣବ ବାବାଜି ଜଣକ ବଜାରକୁ ଯାଇ ଗୁଡ଼ାଏ ଖାଦ୍ୟ ଠୁଙ୍ଗାରେ ଧରି ଚାଲିଆସିଲେ । ଏତେଗୁଡ଼ାଏ ଖାଦ୍ୟ ଦେଖି ବୈଷ୍ଣବୀ ମା' ରାଗିବାର ଛଳନା କରି ତାଙ୍କୁ ଗାଳି ଦେଲେ । ବାବାଜି କହିଲେ, 'କାଇଁକି, କ'ଣ ଆମେ ଖାଲି ଖାଇବା ? ସାଧୁମାନଙ୍କୁ ଖୁଆଇବା ନାଇଁ ?' ଏହା କହି ସେ ଠୁଙ୍ଗା ଧରି ନାଗା ସନ୍ନ୍ୟାସୀମାନଙ୍କ ପାଖକୁ ଯାଇ ଗୋଟି ଗୋଟି କରି ସମସ୍ତଙ୍କୁ ପଚାରିଲେ । କିନ୍ତୁ ସେତେବେଳକୁ ସେମାନେ ସମସ୍ତେ ଖାଇସାରିଥିଲେ । ତେଣୁ ମନା କଲେ ।

ନାଗା ସନ୍ୟାସୀମାନଙ୍କ ପାଖରୁ ନିରାଶ ହୋଇ ଫେରିଆସି ବାବାଜିଙ୍କ ଦୃଷ୍ଟି ଘୋଡ଼ିହୋଇ ଶୋଇଥିବା ଅନ୍ନଦା ଠାକୁରଙ୍କ ଉପରେ ପଡ଼ିଲା । କହିଲେ, 'ବୋଧହୁଏ ପ୍ରଭୁ ଆଜି ୟାରି ଲାଗି ଏତେ ଖାଦ୍ୟ ଅଣାଇଛନ୍ତି ।

ବୈଷ୍ଣବୀ ମା'ଙ୍କର ଅନ୍ନଦା ଠାକୁରଙ୍କ ଉପରେ ନଜର ପଡ଼ିବା ମାତ୍ରେ ସେ ତାଙ୍କ ପାଖକୁ ଦଉଡ଼ି ଆସିଲେ । କୋମଳ ସ୍ନେହପୂର୍ଣ୍ଣ କଣ୍ଠରେ କହିଲେ, 'ବାବା, କିଛି ଖାଇବ କି ?' ଅନ୍ନଦା ଠାକୁର ମନେ ମନେ ଏପରି ଖୁସି ହୋଇଗଲେ ଯେ, ଯେପରି ହାତରେ ସ୍ୱର୍ଗ ପାଇଗଲେ । କିନ୍ତୁ କିଛି ନ ଜାଣିଲା ପରି ଛଳନା କରି ଉଠିବସିଲେ । କିଏ, କାହିଁକି ଡାକୁଚ ବୋଲି ପଚାରିଲେ । ତାଙ୍କଠାରୁ ବଙ୍ଗଳା କଥା ଶୁଣି ବୈଷ୍ଣବୀ ମା' ଜଣକ ଆହୁରି ଖୁସି ହୋଇଗଲେ, କାରଣ ସେ ବି ବଙ୍ଗାଳୀ । ଏତିକିବେଳେ ବାବାଜି ଜଣକ ଖାଦ୍ୟଠୁଙ୍ଗା ଧରି ସେଠି ଆସି ପହଞ୍ଚିଯାଇ ବୈଷ୍ଣବୀ ମା'ଙ୍କୁ ଦେଇ କହିଲେ, 'ନେ ତୋ ପୁଅକୁ ଖାଇବାକୁ ଦେ ।'

'ବାବା କିଛି ଖାଇବ ?' ବୋଲି କହି ବୈଷ୍ଣବୀ ମା' ଜଣକ ଅନ୍ନଦା ଠାକୁରଙ୍କ ଆଡ଼କୁ ସ୍ନେହ ଓ କରୁଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ । ସେଇ କରୁଣାଭରା ଆଖିରୁ ଦୁଇଟୋପା ଲୁହ ଯେତେବେଳେ ଖାଦ୍ୟ ଠୁଙ୍ଗା ଉପରେ ପଡ଼ିଗଲା ସେତେବେଳେ ସେ ଲଜ୍ଜିତ ହୋଇ ଜିଭ କାମୁଡ଼ି ପକାଇଲେ । ଅନ୍ନଦା ଠାକୁର ଅନୁଭବ କଲେ ସତେ ଯେପରି ସ୍ୱୟଂ ଆଦ୍ୟାଶକ୍ତି, କରୁଣାମୟୀ ଦିବ୍ୟଜନନୀ ତାଙ୍କ ପାଖରେ ଉଭା ହୋଇଛନ୍ତି । ସେ ଆଉ କୌଣସି କପଟ ନ ରଖି କହିଲେ, 'ହଁ ମା, ଭାରି ଭୋକ ଲାଗୁଛି । ଖାଇବାକୁ ଦିଅ ।'

ବୈଷ୍ଣବୀ ମା' ଅନ୍ନଦା ଠାକୁରଙ୍କୁ ଖୁଆଇଲେ । ପ୍ରଥମେ ତରକାରି ସହ ବଡ଼ ବଡ଼ କଚୁଡ଼ି । ତା'ପରେ ମିଠାଇ । ଏତିକିବେଳେ ବାବାଜି ଜଣକ ଦଉଡ଼ି ଯାଇ ଗୁଡ଼ାଏ ରାବିଡ଼ି କିଣି ଆଣି ତାଙ୍କ ପତ୍ରରେ ବି ଅଜାଡ଼ି ଦେଲେ । କହିଲେ, 'ସାଧୁ, ସବୁ ଖାଇବାକୁ ହେବ । କିଛି ବି ଛାଡ଼ିପାରିବ ନାଇଁ ।' ଅନ୍ନଦା ଠାକୁର ପେଟ ଭରି ଖାଇ ତୃପ୍ତ ହୋଇ ଯମୁନାରେ ମୁହଁହାତ ଧୋଇ ଫେରିଲା ବେଳକୁ ଦେଖିଲେ ସେ ଦୁହେଁ ଟିକିଏ ଦୂରକୁ ଯାଇ ଥଟ୍ଟାତାମସା ହୋଇ ଖାଇବାରେ ଲାଗିଚନ୍ତି । ସେ 'ଜୟଗୁରୁ' ବୋଲି କହି ଟିକିଏ ଆସନରେ ପଡୁ ପଡୁ ନିଦ ହୋଇଗଲା । ଏତେ ଶାନ୍ତିପୂର୍ଣ୍ଣ ନିଦରେ ଆଉ ସେ କେବେ ଶୋଇ ନ ଥିଲେ । ଶୋଇ ସ୍ୱପ୍ନରେ ଦେଖିଲେ ସେ କୂଅ ପାଖରେ ଯେଉଁମାନେ ତାଙ୍କୁ ପାଣି ପିଆଇ ତୃପ୍ତ କରିଥିଲେ ବର୍ତ୍ତମାନ ବୈଷ୍ଣବ-ବୈଷ୍ଣବୀ ବେଶରେ ସେଇମାନେ ତାଙ୍କୁ ଖାଦ୍ୟ ଦେଇ ତୃପ୍ତ କଲେ । ସ୍ୱପ୍ନରେ ଏତିକି ଦେଖିବା ମାତ୍ରେ ସେ ଧଡ଼ପଡ଼ ହୋଇ ଉଠି ସେ ବୈଷ୍ଣବ-ବୈଷ୍ଣବୀଙ୍କୁ ଖୋଜିଲେ । କିନ୍ତୁ ତାଙ୍କର ଆଉ କିଛି ଚିହ୍ନବର୍ଣ୍ଣ ନାଇଁ । ମନଟା ତାଙ୍କର ଖରାପ ହୋଇଗଲା । ତା'ପରେ ସେ ବୃନ୍ଦାବନ ବଜାରରୁ କିଛି

ଦଉଡ଼ା ସଂଗ୍ରହ କରି ସେହି କୂଅ ପାଖକୁ ଗଲେ । ତାଙ୍କର କଣା କମଣ୍ଡଳୁରେ ସେ କୂଅରୁ କିଛି ପାଣି କାଢ଼ି ମୁହଁରେ ମାରିବା ମାତ୍ରେ ବାନ୍ତି ଉଠିଲା । କି ପଚା, ଲୁଣିଆ, ଦୁର୍ଗନ୍ଧ ପାଣି ! ତାକୁ ଚୋର ଚଣ୍ଡାଳ ବି ମୁହଁରେ ଦେବ ନାଇଁ । ସବୁକଥା ସେ ବୁଝିପାରିଲେ । ଦୁଇ ଦୁଇଥର କିଏ ଆସି ତାଙ୍କୁ ସାହାଯ୍ୟ କରିଗଲେ ? ଅଥଚ ସିଏ ତାଙ୍କୁ ଚିହ୍ନିପାରିଲେ ନାଇଁ । ଦୁଃଖରେ ହୃଦୟ ତାଙ୍କର ହାହାକାର କରି ଉଠିଲା । ସେ ସେଇ କୂଅ ପାଖରେ ଚେତା ହରାଇ ପଡ଼ିଗଲେ । ଚେତା ହେବା ପରେ ବିକଳରେ କାନ୍ଦିବାକୁ ଲାଗିଲେ । 'କହିଲେ, ହେ ମୋର ପ୍ରାଣପ୍ରିୟ ପ୍ରଭୁ ! ଯଦି ଦେଖାଦେଲ, ଏମିତି ଫାଙ୍କି ଦେଇ ଚାଲିଗଲ କାଇଁକି ?' ଏହିପରି କାନ୍ଦୁ କାନ୍ଦୁ କେତେବେଳେ ତାଙ୍କୁ ନିଦ ହୋଇଯାଇଛି । ନିଦରେ ଦେଖିଲେ ତାଙ୍କର ପ୍ରାଣବଲ୍ଲଭ ଶ୍ରୀକୃଷ୍ଣ ଭୁବନମୋହନ ରୂପ ନେଇ ତାଙ୍କ ଆଗରେ ଉଭା ହୋଇଛନ୍ତି । ସେ କି ଆନନ୍ଦମୟ ମୂର୍ତ୍ତି ! କି ଶାନ୍ତ ମଧୁର ପରିବେଶ ! ସେ ତାଙ୍କୁ ଆଶ୍ୱାସନା ଦେଇ କହୁଛନ୍ତି, 'ଅନ୍ନଦା' କାନ୍ଦୁଚୁ କାଇଁକି ? ମୋର ସ୍ୱରୂପ ଯଦି ତୁ ବୁଝିପାରିବୁ ତେବେ ତୋର ଶରୀର ଆଉ ରହିବ ନାଇଁ । ତୋର ଶରୀର ଦ୍ୱାରା ମୋର ଅନେକ କାର୍ଯ୍ୟ କରାଇବାକୁ ଅଛି । ତେଣୁ ତୋତେ କିଛି ଜାଣିବାକୁ ଦେଇନି । ତୁ କିଛି ଦୁଃଖ କରନା ।'

ସେଇ ଆଶା ଆଶ୍ୱାସନାଭରା ମଧୁଝରା ବାଣୀ ଶୁଣି ଅନ୍ନଦା ଠାକୁରଙ୍କର ସବୁ ଦୁଃଖବେଦନା କୁଆଡ଼େ ଉଭେଇଗଲା । ସେ ଉଠିବସିଲେ । ଶରୀର, ମନ ପ୍ରାଣରେ କି ଅପୂର୍ବ ଆନନ୍ଦ ଭରି ଯାଇଛି ତାହା ସେ ବର୍ଣ୍ଣନା କରିପାରିଲେ ନାଇଁ ।

ଅନ୍ନଦା ଠାକୁର ନିଜେ ଏକଥା ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି । ଏହା ଗପ ନୁହେଁ । ପୂରାପୂରି ସତ କଥା । ଯିଏ ଆନ୍ତରିକ, ନିଷ୍ଠାପର, ଭଗବାନ୍ ସବୁବେଳେ ତା' ସହ ରହିଥାଆନ୍ତି । ସେ ଜାଣୁ ବା ନ ଜାଣୁ ।''

''ଅନ୍ନଦା ଠାକୁରଙ୍କ କଥା ଶୁଣି ମୋତେ ବି ବହୁତ ଖୁସି ଲାଗିଲା ଆଉ ଶାନ୍ତି ଲାଗିଲା । ଭଗବାନ୍ ତାଙ୍କ ଭକ୍ତ ପଛରେ କିପରି ସବୁବେଳେ ଛାଇ ଭଳି ଥାଆନ୍ତି !'' କହିଲା ଅନୁରକ୍ତା ।

''ସେଇଥିଲାଗି ମା' କହିଚନ୍ତି :

*'Be sincere and the Divine will be always with you.'*
'ଆନ୍ତରିକ ହୁଅ, ଭଗବାନ୍ ସବୁବେଳେ ତୁମ ସହିତ ରହିବେ ।'

''ଏଇ ସମ୍ବନ୍ଧେ ଛୋଟିଆ ଗୀତଟିଏ କୁହ । ମୁଁ ତାକୁ ସବୁବେଳେ ମନେ ରଖିବି ।'' କହିଲା ଅନୁରକ୍ତା ।

''ତେବେ ଟିପିରଖ :

ଆନ୍ତରିକ ଯେଉଁ ଜନ
ଛାଇପରି ସଦା ପାଖେ ପାଖେ ତା'ର
ରହିଥା'ନ୍ତି ସେଇ
ଭକ୍ତର ଭଗବାନ ।''

# ଆନ୍ତରିକତାର ପ୍ରଧାନ ଶତ୍ରୁ

''ଆଚ୍ଛା, ଚିନୁ ଭାଇ, ସମସ୍ତେ କହନ୍ତି ହନୁମାନ୍ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କର ସବୁଠାରୁ ବଡ଼ ଭକ୍ତ ଓ ସେବକ ଆଉ ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କର ସବୁଠାରୁ ବଡ଼ ଭକ୍ତ ଓ ସଖା । ଭଗବାନଙ୍କର ଯେଉଁମାନେ ଭକ୍ତ, ସେବକ ଓ ସଖା ସେମାନଙ୍କ ହୃଦୟରେ ସବୁବେଳେ ଦୟା, କ୍ଷମା, ପ୍ରେମ, ଭକ୍ତି ଆଦି ପୂରିରହିବା କଥା । କିନ୍ତୁ ହନୁମାନ୍ ଓ ଅର୍ଜୁନ ଏତେ ନିଷ୍ଠୁର, ନିର୍ଦୟ ହୋଇ ଯୁଦ୍ଧକରି ଏତେ ଜୀବଙ୍କୁ ହତ୍ୟା କଲେ କିପରି ? ହନୁମାନ୍ ତ ହେଲେ ଦୁଷ୍ଟ ରାକ୍ଷସମାନଙ୍କୁ ମାରୁଥିଲେ, ସେମାନଙ୍କ ଘରଦ୍ୱାର ପୋଡ଼ି ଛାରଖାର କରୁଥିଲେ; କିନ୍ତୁ ଅର୍ଜୁନ ନିଜର ଅଜା, ଭାଇ, ବନ୍ଧୁ, ଗୁରୁ ପ୍ରଭୃତିଙ୍କୁ କିପରି କଳେବଳେ ମାରିପାରିଲେ ? ଏଥିରେ କ'ଣ ସେମାନଙ୍କର ଭଗବାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା, ସେବା ଆଦିରେ ଆନ୍ତରିକତା ପ୍ରକାଶ ପାଉଛି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ସାଧାରଣ ଆନ୍ତରିକତା ନୁହେଁ, ଅସାଧାରଣ ଯଥାର୍ଥ ଆନ୍ତରିକତା ପ୍ରକାଶ ପାଇଛି । ଆମ ଭଳି ସାଧାରଣ ଲୋକଙ୍କ ବିଚାର ନୀତିଶାସ୍ତ୍ରର ନିୟମ ଅନୁସାରେ, କିନ୍ତୁ ଭଗବାନଙ୍କ ବିଚାର ଦିବ୍ୟନିୟମ ଅନୁସାରେ । ନୀତିଶାସ୍ତ୍ରର ନିୟମ ଅନୁସାରେ କେଉଁ କେଉଁ କାମ ଖରାପ, କେଉଁ କେଉଁ କାମ ଭଲ, କେଉଁ କେଉଁ କାମ କଲେ ପାପ ହୁଏ, କେଉଁ କେଉଁ କାମ କଲେ ପୁଣ୍ୟ ହୁଏ, କେଉଁ କେଉଁ କାମ କଲେ ଲୋକ ନର୍କକୁ ଯାଆନ୍ତି ଓ କେଉଁ କେଉଁ କାମ କଲେ ଲୋକ ସ୍ୱର୍ଗକୁ ଯାଆନ୍ତି ସେସବୁ ଲେଖା ହୋଇଛି । ଏସବୁ ନିୟମ ସାଧାରଣ ଲୋକଙ୍କ ପାଇଁ ଭଲ । କାରଣ ଭଲମନ୍ଦ ଜାଣିପାରିବାର ଶକ୍ତି କି ଜ୍ଞାନ ସେମାନଙ୍କର ନ ଥାଏ । କିନ୍ତୁ ଯେଉଁମାନେ ଭଗବାନଙ୍କ ଯନ୍ତ୍ର, ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି ସେମାନେ ଏହି ସାଧାରଣ ବିଚାର ବା ନୀତିଶାସ୍ତ୍ରର ନିୟମ ଅନୁସାରେ ପରିଚାଳିତ ହୁଅନ୍ତି ନାହିଁ । ସେମାନେ ଅନ୍ତରରୁ ଅଥବା ବାହାରୁ ଯେପରି ଭଗବାନଙ୍କ ନିର୍ଦ୍ଦେଶ ପାଆନ୍ତି ସେଇ ଅନୁସାରେ କାର୍ଯ୍ୟ କରନ୍ତି । ସେ କାମ ସାଧାରଣ ଦୃଷ୍ଟିରେ ପାପ ହେଉ ବା ପୁଣ୍ୟ ହେଉ ।

ମନେକର ନୀତିଶାସ୍ତ୍ରର ନିୟମ ଅନୁଯାୟୀ ଜୀବମାନଙ୍କୁ ଦୟା କରିବା ଧର୍ମ ଓ ଜୀବମାନଙ୍କ ହତ୍ୟା କରିବା କଷ୍ଟଦେବା ପାପ । କିନ୍ତୁ ଏ ନିୟମଗୁଡ଼ିକ ସବୁ କ୍ଷେତ୍ରରେ ଲାଗେ ନାହିଁ । ବିଭିନ୍ନ ପ୍ରକାର ଅନିଷ୍ଟକାରୀ ଜୀବ, କୀଟପତଙ୍ଗ ଅଛନ୍ତି ଯଥା : ମୂଷା,

ମଶା, ମାଛି, ପୋକ, ରୋଗର ଜୀବାଣୁ ଆଦି – ସେମାନଙ୍କୁ ମାରିବା ଉଚିତ । ବାଘ, ହାତୀ, କୁକୁର, ବିଲୁଆ ଆଦି ପାଗଳ ହୋଇ ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ଯେତେବେଳେ ଆକ୍ରମଣ କରନ୍ତି ସେତେବେଳେ ସେମାନଙ୍କୁ ମାରିବାକୁ ହେବ । ଯୁଦ୍ଧକ୍ଷେତ୍ରରେ ଆକ୍ରମଣକାରୀ ଶତ୍ରୁସୈନ୍ୟମାନଙ୍କୁ ନିପାତ କରିବାକୁ ହେବ । ଏସବୁ କ୍ଷେତ୍ରରେ ଜୀବହତ୍ୟା ପାପ – ଏ ବିଚାର ଭୁଲ୍ ।

ଏ ତ ଗଲା ସାଧାରଣ କଥା । କିନ୍ତୁ ହନୁମାନ୍ ଓ ଅର୍ଜୁନଙ୍କ କ୍ଷେତ୍ରରେ ଯାହା ଘଟିଛି ତାହା ଅସାଧାରଣ କଥା । ଅସୁରମାନେ ବହୁତ ଦୁଷ୍ଟ ପ୍ରକୃତିର । ସେମାନେ ମନୁଷ୍ୟ ଓ ଦେବତାମାନଙ୍କୁ ସବୁବେଳେ ମାରନ୍ତି, ହଇରାଣ କରନ୍ତି । ଅନ୍ୟାୟ, ଅତ୍ୟାଚାର, ମିଥ୍ୟା, ମାୟା ଦ୍ୱାରା ସଂସାରକୁ ବୁଡ଼ାଇ ଦେବାକୁ ଚହାନ୍ତି । ସେମାନଙ୍କ ଅତ୍ୟାଚାର ପ୍ରବଳ ହେଲେ, ପୃଥିବୀ ଆଉ ସହି ନ ପାରିଲେ, ସତ୍ୟଧର୍ମୀ ଲୋପ ପାଇବାକୁ ବସିଲେ ଭଗବାନ୍ ନିଜେ ଅବତାର ରୂପେ ପୃଥିବୀରେ ଜନ୍ମ ହୁଅନ୍ତି ଓ ନିଜର ସୈନ୍ୟବଳ ନେଇ ଅସୁରମାନଙ୍କୁ ନିପାତକରି ପୃଥିବୀରେ ପୁଣି ସତ୍ୟଧର୍ମ ଓ ନ୍ୟାୟ ପ୍ରତିଷ୍ଠା କରନ୍ତି । ଲଙ୍କାର ରାଜା ରାବଣ ଓ ଅନ୍ୟାନ୍ୟ ଅସୁରମାନଙ୍କୁ ମାରିବା ଲାଗି ଭଗବାନ୍ ରାମଚନ୍ଦ୍ର ରୂପରେ ଅଯୋଧାରେ ଜନ୍ମଗ୍ରହଣ କରିଥିଲେ । ହନୁମାନ୍ ଥିଲେ ତାଙ୍କର ପ୍ରଧାନ ସେନାପତି । ସେ ଥିଲେ ଭଗବାନ୍ ରାମଚନ୍ଦ୍ରଙ୍କର ଅସାଧାରଣ ଭକ୍ତ ଓ ସେବକ । ନିଜ ହୃଦୟରୁ ସେ ଯାହା ପ୍ରେରଣା ପାଉଥିଲେ ବିନା ବିଚାରରେ ସେ ତାହା କରୁଥିଲେ । ଅସୁରମାନଙ୍କୁ ମାରିବା ଲାଗି ସେ ଯେତେବେଳେ ନିଜ ହୃଦୟରୁ ଭଗବାନଙ୍କ ପ୍ରେରଣା ଲାଭ କରୁଥିଲେ ସେତେବେଳେ ନିଷ୍ଠୁର ନିର୍ମମ ଭାବରେ ସେମାନଙ୍କୁ ସେ ନିପାତ କରୁଥିଲେ । କିନ୍ତୁ ଧାର୍ମିକ, ନ୍ୟାୟପରାୟଣ, ସତ୍ୟନିଷ୍ଠ ବ୍ୟକ୍ତି ପ୍ରତି ସେ କେବେ ବି ନିଷ୍ଠୁର, ନିର୍ଦୟ ହୋଇ ନାହାନ୍ତି । ଚୋର ଡକାୟତ କିଂବା ଗୁଣ୍ଡାମାନେ ଯେପରି ନିଜର ସ୍ୱାର୍ଥ ଲାଗି ଲୋକମାନଙ୍କୁ ମାରନ୍ତି ସେ ସେପରି କରି ନାହାନ୍ତି । କେବଳ ଭଗବାନଙ୍କ ଇଚ୍ଛାପୂରଣ ପାଇଁ ସଂସାରର କଲ୍ୟାଣ ନିମନ୍ତେ ଯାହା ଦରକାର ପଡ଼ିଛି ସେଇ ଭଗବାନଙ୍କ ପ୍ରେରଣାରେ ସେ ନିଜ ଜୀବନ, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲିଯାଇ ଅକୁଣ୍ଠିତ ଚିତ୍ତରେ ତାହା କରିଛନ୍ତି । ତାଙ୍କର ନିଜର ଇଚ୍ଛା କିଛି ନ ଥିଲା, ଯାହା ଥିଲା ତାହା ଭଗବାନଙ୍କ ଇଚ୍ଛା । ସେଥିପାଇଁ ହନୁମାନ୍ ପାପୀ ନୁହନ୍ତି, ଅଧର୍ମୀ ନୁହନ୍ତି, ନିଷ୍ଠୁର ନୁହନ୍ତି । ସେ ଆମର ଚିରନମସ୍ୟ, ଚିରପୂଜ୍ୟ ।

ହନୁମାନଙ୍କ କ୍ଷେତ୍ରରେ ଭଗବାନଙ୍କ ଇଚ୍ଛା ପୂରଣ କରିବାରେ କୌଣସି ବିଚାର ଆସି ନାହିଁ, କିନ୍ତୁ ଅର୍ଜୁନଙ୍କ କ୍ଷେତ୍ରରେ ବିଚାର ଆସିଛି । କାରଣ କୁରୁକ୍ଷେତ୍ର ଯୁଦ୍ଧରେ ଯେତେବେଳେ ଶ୍ରୀକୃଷ୍ଣ ତାଙ୍କ ରଥକୁ ନେଇ କୌରବ ଓ ପାଣ୍ଡବ ସୈନ୍ୟମାନଙ୍କ ମଧ୍ୟରେ

ରଖିଦେଲେ ସେତେବେଳେ ଅର୍ଜୁନ କୌରବ ସୈନ୍ୟମାନଙ୍କ ମଧ୍ୟରେ ନିଜର ଗୁରୁ ଦ୍ରୋଣ, ନିଜର ଅଜା ଭୀଷ୍ମ, ଦୁର୍ଯ୍ୟୋଧନ ପ୍ରଭୃତି ନିଜର ଭାଇ ଓ ଅନ୍ୟାନ୍ୟ ବନ୍ଧୁ ତଥା ଗୁରୁଜନମାନଙ୍କୁ ଦେଖି ସେମାନଙ୍କ ସହ ଯୁଦ୍ଧ କରି ସେମାନଙ୍କୁ ମାରିବା ଲାଗି ଇଚ୍ଛା କଲେ ନାହିଁ । ଯେଉଁମାନଙ୍କ ସହ ସ୍ନେହ, ଶ୍ରଦ୍ଧା, ଭକ୍ତିର ସଂପର୍କ ଅଛି ସେମାନଙ୍କୁ ସିଏ ମାରିବେ କିପରି ? ନିଜର କୁଳ, ଆତ୍ମୀୟ, ବନ୍ଧୁ, ଗୁରୁଜନ ଆଦିଙ୍କୁ ହତ୍ୟାକରି ସେ କିପରି ସୁଖରେ ରାଜ୍ୟ ଶାସନ କରିପାରିବେ ? ତା'ଛଡ଼ା ପ୍ରିୟ ଲୋକଙ୍କୁ ହତ୍ୟା କରିବା ପାପ । ଧାର୍ମିକ ଲୋକ କେବେ ନିଜର ପ୍ରିୟ, ଆତ୍ମୀୟ ଲୋକଙ୍କୁ ହତ୍ୟା କରେ ନାହିଁ । ଆଉ ଗୋଟିଏ କଥା ହେଉଛି ନିଜର ସ୍ୱାର୍ଥ ଲାଗି, ନିଜେ ନିଷ୍କଣ୍ଟକ ହୋଇ ରାଜ୍ୟ ଭୋଗ କରିବା ଲାଗି ନିଜର ଲୋକଙ୍କୁ କିପରି ମାରିବେ ? ମାରିଲେ ନିଜର ଭାଇମାନେ ସବୁ ମରିଯାଇ ବଂଶ ଲୋପ ପାଇଯିବ, କୁଳ ଓ ଜାତି ଲୋପ ପାଇବ । କ୍ଷତ୍ରିୟ ହୋଇ କିପରି ନିଜର ବଂଶ, କୁଳ ନଷ୍ଟ କରିବେ ?''

''ଅର୍ଜୁନ ତ ଯାହା ଭାବିଲେ ଠିକ୍ କଥା । ନିଜର ଭାଇମାନଙ୍କୁ ମାରି ରାଜା ହେବା କ'ଣ ପାପ ନୁହେଁ ?'' ପଚାରିଲା ଅନୁରକ୍ତା ।

''ହଁ, ନିଜ ସ୍ୱାର୍ଥ ଲାଗି ନିଜ ଭାଇମାନଙ୍କୁ ମାରିବା ବହୁତ ଖରାପ କାମ । କିନ୍ତୁ ଅର୍ଜୁନଙ୍କ କ୍ଷେତ୍ରରେ ଭିନ୍ନ କଥା । କୌରବମାନେ ତାଙ୍କର ଭାଇ ଥିଲେ ସତ; କିନ୍ତୁ ସେମାନେ ଥିଲେ ଅସୁର ପ୍ରକୃତିର । ସେମାନେ ରାଜତ୍ୱ କରିଥିଲେ ଭାରତବର୍ଷ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଅସତ୍ୟ, ଅନ୍ଧକାରରେ ବୁଡ଼ି ଯାଇଥା'ନ୍ତା । ତେଣୁ ସମଗ୍ର ଦେଶର କଲ୍ୟାଣ ଲାଗି ଯଦି ନିଜର ଭାଇଙ୍କୁ ମାରିବାକୁ ପଡୁଥାଏ ଓ ତାହା ଯଦି ଭଗବାନଙ୍କ ଇଚ୍ଛା ହୋଇଥାଏ, ତେବେ ସେଥିରେ କିଛି ପାପ କିଂବା ଅଧର୍ମ ନାହିଁ ।

ଯେତେ ବୁଝାଇଲେ ବି ଅର୍ଜୁନଙ୍କର ନିଜର ଭାଇ, ବନ୍ଧୁ, ଗୁରୁଜନମାନଙ୍କ ପ୍ରତି ମୋହ କଟୁ ନ ଥାଏ । ସେ ମନରେ ବୁଝୁଥିଲେ ଯେ ସେମାନଙ୍କୁ ମାରିବା ଉଚିତ ତଥାପି ମାରିବା ଲାଗି ତାଙ୍କ ହାତ ଚଳୁ ନ ଥାଏ । ଶେଷରେ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କୁ ନିଜର ବିଶ୍ୱରୂପ ଦେଖାଇଲେ ସେଥିରେ ଅର୍ଜୁନ ଦେଖିଲେ ଯେ କାରଣ-ଜଗତରେ ଶ୍ରୀକୃଷ୍ଣ କୌରବ ପକ୍ଷଙ୍କୁ ମାରି ସାରିଛନ୍ତି । ଖାଲି ଏଇ ସ୍ଥୂଳ ଜଗତରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କର ଯନ୍ତ୍ର ହୋଇ କୌରବମାନଙ୍କୁ ମାରିବାକୁ ହେବ । ଅର୍ଜୁନଙ୍କର ମୋହ, ମାୟା ଓ ଅହଂକାର ତୁଟିଗଲା । ସେ ଦେଖିପାରିଲେ ଯେ ଭଗବାନ୍ ସବୁ କରୁଛନ୍ତି ଓ କରାଉଛନ୍ତି । ସେ ଯେଉଁମାନଙ୍କୁ ମାରିବାକୁ ଦୁଃଖ ଅନୁଭବ କରୁଛନ୍ତି ସେମାନେ ଅନ୍ୟ ଜଗତରେ ମରି ସାରିଲେଣି । ଶେଷରେ ଶ୍ରୀକୃଷ୍ଣ ତାଙ୍କୁ କହିଛନ୍ତି, 'ସବୁ ଧର୍ମ, କର୍ମ, ନୀତିନିୟମ ପରିତ୍ୟାଗ କରି ମୋ'ରି ଶରଣ ନେ । ମୁଁ ତୋତେ ସବୁ ପାପରୁ ମୁକ୍ତ

କରିବି, ସେଥିଲାଗି ଚିନ୍ତା କରନା ।' ଏହି ସମର୍ପଣ ଭାବ ଅର୍ଜୁନଙ୍କ ମଧ୍ୟରୁ ସମସ୍ତ ସଂଶୟ ଓ ଦ୍ୱନ୍ଦ୍ୱ ଦୂର କରିଦେଇଛି । ସେ ଏକ ଯନ୍ତ୍ରରୂପେ କୌରବ କୁଳକୁ ନିପାତ କରି ଭାରତରେ ଧର୍ମରାଜ୍ୟ ସ୍ଥାପନ କରିବାରେ ଶ୍ରୀକୃଷ୍ଣଙ୍କୁ ସାହାଯ୍ୟ କରିଛନ୍ତି ।

ଅର୍ଜୁନ ଏକାର୍ଯ୍ୟ ନ କରିଥିଲେ ଭଗବାନ୍ ଯେପରି ହେଲେ ତାଙ୍କ କାର୍ଯ୍ୟ କରାଇ ନେଇଥା'ନ୍ତେ । କିନ୍ତୁ ଅର୍ଜୁନ ଏହା କରିବା ଫଳରେ ଧର୍ମ ଅଧର୍ମର ବନ୍ଧନ କାଟି ଭଗବାନଙ୍କର ଏକ ନିଖୁଣ ଯନ୍ତ୍ର ଭାବରେ କାର୍ଯ୍ୟ କରିବାର ଗୌରବ ଅର୍ଜନ କଲେ ଓ ଆମମାନଙ୍କ ଆଗରେ ଏକ ଆଦର୍ଶ ହୋଇ ରହିଲେ । ଅର୍ଜୁନଙ୍କ ମାଧ୍ୟମରେ କାମ କରାଇ ତାହାହିଁ ଭଗବାନଙ୍କର ଆମମାନଙ୍କୁ ଶିକ୍ଷା ଦେବାର ଉଦ୍ଦେଶ୍ୟ ଥିଲା ।

ତେଣୁ ଭଗବାନଙ୍କର ଯେତେବେଳେ ପ୍ରେରଣା ମିଳିବ, ଆଦେଶ ମିଳିବ, ସେତେବେଳେ ଧର୍ମ କର୍ମ, ପାପ ପୁଣ୍ୟ, ଭଲମନ୍ଦ, ପସନ୍ଦ ଅପସନ୍ଦ, ବାଛବିଚାରର ଆଉ ସ୍ଥାନ ନାହିଁ । ସେତେବେଳେ ସିଏ ଯାହା ଚାହାନ୍ତି ତାହାହିଁ ସଂସାର ପକ୍ଷରେ ମଙ୍ଗଳକର । ବାହାରକୁ ଭଲ ଜଣାପଡୁ କି ଖରାପ ଜଣାପଡୁ ସେଥିରେ କିଛି ଯାଏ ଆସେ ନାହିଁ । ତା'ପରେ ଆମ ବିଚାରର ଆଉକିଛି ମୂଲ୍ୟ ନାହିଁ । ଆମକୁ କେବଳ ତାଙ୍କରି ବିଚାର ନିକଟରେ ସମର୍ପଣ କରିବାକୁ ହେବ । ସେଥିପାଇଁ ମା' କହିଛନ୍ତି :

*'The greatest enemies of a perfect sincerity are preferences and preconceived ideas'.*

'ଏକ ପୂର୍ଣ୍ଣ ଆନ୍ତରିକତାର ପ୍ରଧାନ ଶତ୍ରୁ ହେଉଛନ୍ତି ନିଜର ରୁଚି ଓ ପୂର୍ବନିର୍ଦ୍ଧାରିତ ବିଚାର ।'

''ଆଚ୍ଛା, ଅର୍ଜୁନ ଓ ହନୁମାନଙ୍କର କଥା ଛାଡ଼ି ଆଉ ଜଣକ କଥା କୁହ ଯିଏକି ଭଗବାନଙ୍କ ଇଚ୍ଛା ପୂରଣ ଲାଗି ନିଜର ଇଚ୍ଛା, ରୁଚି ଓ ବିଚାରକୁ ଭୁଲି ଯାଇଥିବେ କି ତ୍ୟାଗ କରିଥିବେ ।'' କହିଲା ଅନୁରକ୍ତା ।

''ସେପରି ଅନେକ ଗୁରୁଭକ୍ତ ଶିଷ୍ୟ ଅଛନ୍ତି, ଯେଉଁମାନେ ଗୁରୁଙ୍କ ଆଜ୍ଞାରେ ଯାହାକିଛି କରିବାକୁ ପ୍ରସ୍ତୁତ । ତେବେ ଜଣକ କଥା ମନେ ପଡୁଛି, ଶୁଣ୍ ।'' କହିଲା ଚିନ୍ମୟ ।

''ପବିତ୍ର ଗଙ୍ଗା ନଦୀକୂଳରେ ଗୋଟିଏ ଗୁରୁ ଆଶ୍ରମରେ ଜଣେ ଶିଷ୍ୟ ରହୁଥାଆନ୍ତି । ଥରେ ଗୁରୁ ତାଙ୍କ ଆଶ୍ରମରୁ କୌଣସି କାର୍ଯ୍ୟ ହେତୁ ବାହାରକୁ ଗଲେ । ସେ ଶିଷ୍ୟ ଜଣକ ବି ତାଙ୍କ ସହିତ ଯିବାକୁ ବାହାରିଲେ । କିନ୍ତୁ ଗୁରୁ କହିଲେ : 'ତୁମର ମୋ ସହ ଯିବା ଆବଶ୍ୟକ ନାହିଁ । ତୁମେ ଏଇଠି ଥାଅ । କିଛିଦିନ ପରେ ମୁଁ ଫେରି ଆସିବି ।' ଏହା ଶୁଣି ଶିଷ୍ୟଜଣକ କହିଲେ, 'ଆପଣଙ୍କ ସେବାହିଁ ଏଠାରେ ତ ମୋର ଏକମାତ୍ର କାର୍ଯ୍ୟ । ଆପଣ ତ ବାହାରକୁ ଯାଉଛନ୍ତି । ଆପଣଙ୍କ ସେବା ଛାଡ଼ି ଖାଲିଟାରେ ମୁଁ

ଏଠାରେ କିପରି ରହିପାରିବି ?' ଗୁରୁ କହିଲେ, 'ମୁଁ ଖୁବ୍ କମ୍ ଦିନ ଭିତରେ ଫେରି ଆସିବି । ତୁମର ଯିବା ଦରକାର ନାହିଁ । ଯଦି ତୁମେ ଗୁରୁସେବା ବିନା ରହିପାରିବ ନାହିଁ କହୁଚ ତେବେ ମୁଁ ଫେରିବା ପର୍ଯ୍ୟନ୍ତ ଗଙ୍ଗାଙ୍କୁ ତୁମ ଗୁରୁ ରୂପରେ ସେବା କର । ତାଙ୍କୁ ସେବା କଲେ ସେ ସେବା ମୁଁ ପାଇପାରିବି ।'

ଗୁରୁଙ୍କ କଥାରେ ଶିଷ୍ୟଜଣକ ଟିକିଏ ବି ଚିନ୍ତା ନ କରି ଗଙ୍ଗାଙ୍କ ସେବାରେ ଲାଗିପଡ଼ିଲେ । ସେ ଗଙ୍ଗାଜଳରେ ପଶନ୍ତି ନାହିଁ, କାରଣ ସେ ଜଳରେ ତାଙ୍କ ପାଦ କାଳେ ଲାଗିବ ବୋଲି । କେବଳ ଗଙ୍ଗାଜଳ ସେ ପିଅନ୍ତି । ତା'ଛଡ଼ା ସ୍ନାନ, ଶୌଚ ଆଦି କୂଅରୁ ପାଣିକାଢ଼ି କରନ୍ତି । ତାଙ୍କର ଏକଥା ଦେଖି ଅନ୍ୟ ଶିଷ୍ୟ, ସାଧୁ ଓ ବୈଷ୍ଣବମାନେ ତାଙ୍କୁ ପାଗଳ ବୋଲି ଭାବି ଥଟ୍ଟା କଲେ । ସେ କିନ୍ତୁ ସେମାନଙ୍କର ଥଟ୍ଟା ଉପହାସ ପ୍ରତି ଭ୍ରୂକ୍ଷେପ କଲେ ନାହିଁ । ଗୁରୁଙ୍କ ଆଜ୍ଞା ଅନୁସାରେ ଗଙ୍ଗାଙ୍କୁ ସେ ଅନ୍ତରରେ ଭକ୍ତି କରିଚାଲିଲେ ।

କିଛିଦିନ ଗଲା । ଗୁରୁ ଫେରିଲେ । ଶିଷ୍ୟଟିଠାରୁ ସବୁକଥା ଶୁଣିଲେ । ଶିଷ୍ୟଟି ତା'ର ନିଜର କିଛି ବିଚାର ନ ଖଟେଇ ବିନା ସଂକୋଚ ଓ ବିନା ଦ୍ୱିଧାରେ ତାଙ୍କ ଆଜ୍ଞା ଆନ୍ତରିକତାର ସହ ପାଳନ କରିଥିବାରୁ ସେ ଖୁସୀ ହେଲେ ଓ ଅନ୍ୟମାନଙ୍କର ତା' ପ୍ରତି ଆଚରଣ କଥା ଶୁଣି ମନେ ମନେ ହସିଲେ । ଦିନେ ସେ ଅନ୍ୟ ଶିଷ୍ୟମାନଙ୍କ ଭୁଲ ଦର୍ଶେଇ ଦେଇ ସେମାନଙ୍କୁ ଏକ ଶିକ୍ଷା ଦେବା ନିମନ୍ତେ ସବୁ ଶିଷ୍ୟମାନଙ୍କୁ ଧରି ସ୍ନାନ କରିବାକୁ ବାହାରିଲେ । ସମସ୍ତେ ଗଙ୍ଗାକୂଳରେ ରହିଲେ, ଗୁରୁଦେବ ସ୍ନାନ କରିବା ଲାଗି ଗଙ୍ଗାଜଳ ମଧ୍ୟରେ ପ୍ରବେଶ କଲେ । ସେହି ଜଳ ଭିତରେ ରହି ସ୍ନାନ କରୁଥିବା ସମୟରେ ସେ ସେହି ଗୁରୁଭକ୍ତ ନିଷ୍ପାପର ଶିଷ୍ୟଟିକୁ ଡାକି କହିଲେ, 'ବତ୍ସ ! ମୋ ଗାମୁଛାଟି ଟିକିଏ ଦେଇଯାଅ ତ ।' ଶିଷ୍ୟଟି ଟିକିଏ ଅଡୁଆରେ ପଡ଼ିଲେ । କାରଣ ସେଇ ଗୁରୁଙ୍କ କଥାରେ ଗଙ୍ଗାଙ୍କୁ ସେ ଗୁରୁ ରୂପରେ ପୂଜା କରୁଛନ୍ତି । ପୁଣି ସେଇ ଗୁରୁ କହୁଛନ୍ତି ଗଙ୍ଗାପାଣିରେ ପଶି ତାଙ୍କୁ ଗାମୁଛାଟି ଦେବା ଲାଗି । ବର୍ତ୍ତମାନ ସେ ଗଙ୍ଗାଜଳରେ କିପରି ପାଦ ସ୍ପର୍ଶ କରିବେ ? କିନ୍ତୁ ଗୁରୁଙ୍କ ଆଜ୍ଞା ପାଳନୀୟ । ତାଙ୍କୁ କେବେ ବି ଅବଜ୍ଞା କରିହେବ ନାହିଁ । ତେଣୁ ଶିଷ୍ୟ ଜଣକ ନିଜର ସମସ୍ତ ଚିନ୍ତା ଫିଙ୍ଗି ଦେଇ ଗାମୁଛାଟି ଧରି ଗଙ୍ଗାଜଳରେ ପ୍ରବେଶ କଲେ । କିନ୍ତୁ କି ଆଶ୍ଚର୍ଯ୍ୟ ! ଶିଷ୍ୟ ଜଣକ ଗଙ୍ଗାଜଳରେ ପାଦ ଦେବା ମାତ୍ରେ ପ୍ରତିଟି ପଦକ୍ଷେପରେ ଗୋଟିଏ ଗୋଟିଏ ପଦ୍ମଫୁଲ ଫୁଟି ଉଠିଲା । ପ୍ରତିଟି ପାଦକୁ ଫୁଟି ଉଠୁଥିବା ପ୍ରତିଟି ପଦ୍ମଫୁଲ ଉପରେ ରଖି ରଖି ଯାଇ ଗୁରୁଙ୍କୁ ଗାମୁଛାଟି ଦେଇ ପୁଣି ସେଇ ପଦ୍ମଫୁଲଗୁଡ଼ିକ ଉପରେ ପାଦ ରଖି ରଖି ସେ କୂଳକୁ ଚାଲି ଆସିଲେ । ତାଙ୍କ ପାଦ ଆଦୌ ଗଙ୍ଗାଜଳ ସ୍ପର୍ଶ କଲା ନାହିଁ ।

ସେଠାରେ ଉପସ୍ଥିତ ଥିବା ସମସ୍ତ ଶିଷ୍ୟ ଏ ଘଟନା ଦେଖି ଆଶ୍ଚର୍ଯ୍ୟ ହେଲେ । ଏପରି ଗୁରୁଭକ୍ତିପରାୟଣ, ଆନ୍ତରିକ ଶିଷ୍ୟକୁ ନିନ୍ଦା ଓ ଥଟ୍ଟାଟାପରା କରିଥିବାରୁ ଲଜ୍ଜିତ ହେଲେ ଓ ତାଙ୍କ ନିକଟରେ ହାତଯୋଡ଼ି କ୍ଷମା ଭିକ୍ଷା କଲେ । ଭଗବାନଙ୍କ ପ୍ରେରଣା ବା ଗୁରୁ-ଆଜ୍ଞା ନିକଟରେ ନିଜର ରୁଚି, ନିଜର ପୂର୍ବ ଧାରଣା ବା ବିଚାରର କିଛି ମୂଲ୍ୟ ନାହିଁ, ବରଂ ଏସବୁ ଆନ୍ତରିକତା ପଥରେ ପ୍ରଧାନ ଶତ୍ରୁ ବୋଲି ବୁଝିପାରିଲେ । ଆଉ ଜାଣି ପାରିଲେ ଯେ –

ଭଗବାନଙ୍କର ଇଚ୍ଛା ପୂରଣରେ
ବାଧାଦିଏ ଯାହା ନିରନ୍ତର
ସେସବୁ ହେଉଛି ନିଜ ଅଭିରୁଚି
ପୂର୍ବ ନିର୍ଦ୍ଧାରିତ ସ୍ୱବିଚାର ।''

# ଆନ୍ତରିକ ହେବା ପଥରେ ଅହଂକାର

‘‘ମଣିଷ ଜାଣେ ଆନ୍ତରିକତା ଭଗବାନଙ୍କ ପାଇଁ ସାଧନା ଲାଗି ଓ ସବୁକାମ ଲାଗି ଏତେ ଗୁରୁତ୍ୱପୂର୍ଣ୍ଣ; ତଥାପି ସେ କାହିଁକି ସବୁ କଥାରେ ପୂର୍ଣ୍ଣ ଆନ୍ତରିକ ହୋଇପାରେ ନାହିଁ ?’’ ପଚାରିଲା ଅନୁରକ୍ତା ତା’ ଭାଇ ଚିନ୍ମୟକୁ ।

ଚିନ୍ମୟ କହିଲା, ‘‘ଖୁବ୍ ସୁନ୍ଦର ପ୍ରଶ୍ନଟିଏ ପଚାରିଛୁ । ସେଇ ପ୍ରଶ୍ନର ଉତ୍ତର ମା’ ତାଙ୍କର ଏଇ ବାଣୀଟିରେ ଦେଇଚନ୍ତି :

*‘So long as the ego is there, you cannot be perfectly sincere.’*

‘ଯେପର୍ଯ୍ୟନ୍ତ ଅହଂକାର ରହିଛି, ସେପର୍ଯ୍ୟନ୍ତ ତୁମେ ପୂର୍ଣ୍ଣ ଆନ୍ତରିକ ହୋଇପାରିବ ନାହିଁ ।’

ପୂର୍ଣ୍ଣ ଆନ୍ତରିକତା ହେଉଛି ପୂର୍ଣ୍ଣ ସମର୍ପଣ । ଭଗବାନଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ସେତିକିବେଳେ ସମ୍ଭବ ହୁଏ ଯେତେବେଳେ ଆମେ ଆମର ଅନ୍ତରସ୍ଥ ସତ୍ୟ ସେହି ଚୈତ୍ୟପୁରୁଷଙ୍କ ସହ ଏକ ହେଉ । ମନ-ପ୍ରାଣ-ଶରୀରରେ କେବଳ ତାଙ୍କରି ପ୍ରଭାବକୁ ଗ୍ରହଣ କରୁ, ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ହେଉ । ଯେପର୍ଯ୍ୟନ୍ତ ଆମେ ତାଙ୍କ ପ୍ରଭାବକୁ ପୂର୍ଣ୍ଣ ରୂପେ ଗ୍ରହଣ ନ କରିଛୁ ଓ ପୂର୍ଣ୍ଣରୂପେ ତାଙ୍କ ନିର୍ଦ୍ଦେଶ ଅନୁସାରେ ନ ଚାଲିଛୁ ସେ ପର୍ଯ୍ୟନ୍ତ ଆମ ମଧ୍ୟରେ କିଛି ନା କିଛି ଅହଂକାର ଥାଏ । ଏହି ଅହଙ୍କାରହିଁ ଆମକୁ ପୂର୍ଣ୍ଣ ଆନ୍ତରିକ ହେବାରେ ବାଧା ଦେଇଥାଏ । ଅହଂକାର ଅଜ୍ଞାନତାର ଏକ ରୂପ । ଏହାରି ମଧ୍ୟରୁ ନାନାପ୍ରକାର କାମନା ବାସନା ଜାତ ହୋଇ ଆମକୁ ଭୁଲ୍ ବାଟରେ ନେଇଥାଏ ।

ଏହା ସତ୍ତ୍ୱେ ବି, ଆମେ ଆନ୍ତରିକତା ପଥରେ ଆଗେଇ ପାରିବା ଯଦି ଆମେ ଅହଂକାରରୁ ଆସୁଥିବା କାମନା ବାସନା, ଗର୍ବ ଦମ୍ଭ ଆଦିକୁ ଆମ ଭିତରେ କାର୍ଯ୍ୟ କରିବାକୁ ନ ଦେଇ ବିନମ୍ରଭାବେ ଭଗବାନଙ୍କୁ ସମର୍ପଣ କରିଚାଲିପାରିବା । କିନ୍ତୁ ଅନେକ ସମୟରେ ଆମେ ଅହଂକାରର ଛଦ୍ମବେଶ ଚିହ୍ନି ନ ପାରି, ତା’ରି ପ୍ରରୋଚନାରେ ପଡ଼ି ଭୁଲ ବାଟରେ ଯାଇଥାଉ, ଏପରିକି ବେଳେବେଳେ ଯବକ୍ରୀତ ପରି ସମୂଳେ ଲୋପ ପାଇଥାଉ ।’’

‘‘ସେଇ ଯବକ୍ରୀତ କଥା କୁହ, ଯିଏ ଅହଂକାର ଯୋଗୁଁ ଆନ୍ତରିକ ହୋଇପାରି ନ ଥିଲା ଓ ସମୂଳେ ଲୋପ ପାଇଥିଲା ।’’ ଖୁବ୍ ଆଗ୍ରହରେ ଅନୁରୋଧ କଲା ଅନୁରକ୍ତା ।

''ଯବକ୍ରୀତ କଥା ଶୁଣିବୁ ? ତେବେ ଶୁଣ୍ – ବହୁତ ପୁରାକାଳରେ ଗଙ୍ଗାନଦୀ କୂଳର ଏକ ସ୍ଥାନରେ ଦୁଇଜଣ ଋଷି ଥିଲେ । ଜଣକ ନାମ ରୈଭ୍ୟ, ଆଉ ଜଣକ ନାମ ଭରଦ୍ୱାଜ । ଭରଦ୍ୱାଜଙ୍କର ଗୋଟିଏ ପୁଅ, ତା'ର ନାମ ଥିଲା ଯବକ୍ରୀତ । ରୈଭ୍ୟଙ୍କର ଦୁଇ ପୁଅ; ଜଣକ ନାମ ପରାବସୁ, ଅନ୍ୟ ଜଣକ ନାମ ଅର୍ବାବସୁ । ରୈଭ୍ୟ ଏବଂ ତାଙ୍କର ଦୁଇପୁଅ ବେଦ, ଉପନିଷଦ୍ ଓ ଶାସ୍ତ୍ର, ପୁରାଣ ଆଦି ପାଠରେ ବହୁତ ମନୋନିବେଶ କଲେ । ଭରଦ୍ୱାଜ ଖାଲି ଭଗବାନଙ୍କ ସେବା ପୂଜାରେ ବେଶୀ ମନଧ୍ୟାନ ଦେଲେ । ତେଣୁ ବ୍ରାହ୍ମଣମାନେ ସେମାନଙ୍କର ଯାହାକିଛି ବୁଝିବାର ଥାଏ ସେମାନେ ରୈଭ୍ୟଙ୍କ ପାଖକୁ ଆସନ୍ତି, ତାଙ୍କୁ ବେଶୀ ସମ୍ମାନ କରନ୍ତି । ଯବକ୍ରୀତ ଏସବୁ ଦେଖି ତା' ମନରେ ବହୁତ ଈର୍ଷା ଆସିଲା । ସେ ଭାବିଲା, ତା' ବାପାଙ୍କ ପାଖକୁ କେହି ଆସୁ ନାହାନ୍ତି, ତାଙ୍କୁ ବେଶୀ କେହି ସମ୍ମାନ କରୁ ନାହାନ୍ତି । ଅଥଚ ରୈଭ୍ୟଙ୍କର ଟିକିଏ ବେଦ ଓ ଶାସ୍ତ୍ର ଜ୍ଞାନ ଥିବାରୁ ସମସ୍ତେ ତାଙ୍କ ପାଖକୁ ଦୌଡ଼ୁଛନ୍ତି ଓ ତାଙ୍କୁ ସମ୍ମାନ କରୁଛନ୍ତି । ରୈଭ୍ୟଙ୍କର ଏ ସମ୍ମାନ ଓ ମର୍ଯ୍ୟାଦା ସେ ସହି ପାରିଲା ନାହିଁ । ବେଦ ଓ ଶାସ୍ତ୍ରରେ ତାଙ୍କଠାରୁ ବଡ଼ ଜ୍ଞାନୀ ହେବା ପାଇଁ ସେ ସ୍ଥିର କଲା ।

କିନ୍ତୁ କୌଣସି ଗୁରୁଙ୍କ ନିକଟରେ ରହି ତାଙ୍କଠାରୁ ବେଦ ଓ ଶାସ୍ତ୍ର ଅଧ୍ୟୟନ କରିବାକୁ ସେ ଚାହିଁଲା ନାହିଁ କିଂବା ସେଥିଲାଗି ତା'ର ଧୈର୍ଯ୍ୟ ନ ଥିଲା । କାରଣ ସେଥିରେ ତାକୁ ବହୁତ ଦିନ ଧରି ପଢ଼ିବାକୁ, ବୁଝିବାକୁ, ମନେ ରଖିବାକୁ ଓ ଗୁରୁସେବା ଆଦି କଷ୍ଟକର କାମ କରିବାକୁ ହେବ । ସେ ଚାହିଁଲା ଏତେ ପରିଶ୍ରମ ଭିତରକୁ ନ ଯାଇ ସହଜ ଓ ସିଧାସଳଖ ଭାବରେ ବେଦଜ୍ଞାନ ଲାଭ କରିବାକୁ । ସେଥିଲାଗି ସେ ଇନ୍ଦ୍ରଙ୍କୁ ତପସ୍ୟା କରିବାରେ ଲାଗିଲା । ଶରୀରକୁ ନାନା ପ୍ରକାର କଷ୍ଟ ଦେଇ ସେ କଠୋର ତପସ୍ୟା ଆଚରଣ କଲା । କିଛିଦିନ ପରେ ଇନ୍ଦ୍ର ଦୟାପରବଶ ହୋଇ ତାଙ୍କୁ ଆସି ଦେଖା ଦେଲେ ଓ କାହିଁକି ସେ ଏପରି କଠୋର ତପସ୍ୟା କରୁଛି ବୋଲି ପଚାରିଲେ । ଯବକ୍ରୀତ କହିଲା, 'ମୁଁ ଚାହେଁ ବେଦ ଓ ଶାସ୍ତ୍ରରେ ଜଗତରେ ସମସ୍ତଙ୍କଠାରୁ ଯେପରି ବେଶୀ ଜ୍ଞାନୀ ହେବି । ମୋତେ କେହି ଶାସ୍ତ୍ରଜ୍ଞାନରେ ପାରିବେ ନାହିଁ । କିନ୍ତୁ କୌଣସି ଗୁରୁଙ୍କ ପାଖରେ ବହୁ ଦିନ ରହି କଷ୍ଟ କରି ଏହାକୁ ଶିକ୍ଷା ନ କରି ମୁଁ ଯେପରି ଏକାଥରକେ ସିଧାସଳଖ ଏ ଜ୍ଞାନ ପାଏ ମୋତେ ଏଇ ଆଶୀର୍ବାଦ କରନ୍ତୁ ।'

ଇନ୍ଦ୍ର ଟିକିଏ ହସିଲେ । କହିଲେ, 'ଯବକ୍ରୀତ, ଶରୀରକୁ ନାନାପ୍ରକାର କଷ୍ଟ ଦେଇ, ତପସ୍ୟା କରି ଶାସ୍ତ୍ରଜ୍ଞାନ ଲାଭ କରାଯାଏ ନାହିଁ । ତୁମେ ଯାଇ କୌଣସି ଗୁରୁଙ୍କ ଆଶ୍ରୟ ନେଇ ଶାସ୍ତ୍ରଶିକ୍ଷା କର । ବିଦ୍ୟାଶିକ୍ଷା କରିବାକୁ ହେବ । ସିଧାସଳଖ ଏପରି ଏକାଥରକେ ତାହା ମିଳିଯାଇ ପାରିବ ନାହିଁ ।' ଏହା କହି ଇନ୍ଦ୍ର ଅଦୃଶ୍ୟ ହୋଇଗଲେ ।

କିନ୍ତୁ ଯବକ୍ରୀତ ତା'ର କୃଚ୍ଛ୍ରସାଧନା ଛାଡ଼ିଲା ନାହିଁ । ଶରୀରକୁ ଆହୁରି ଅଧିକ କଷ୍ଟ ଦେଇ ସେ ତପସ୍ୟା କଲା । ଏଥର ଇନ୍ଦ୍ର ଆସି କହିଲେ, 'ଯବକ୍ରୀତ, ତୁମେ ଭୁଲ ମାର୍ଗରେ ସାଧନା କରୁଛ । ଏ ପ୍ରକାର ମନ୍ଦ ଉଚ୍ଚାଭିଳାଷ ଛାଡ଼ । ତୁମ ବାପା ପ୍ରଭୃତି ଯେପରି ଅଭ୍ୟାସ ବଳରେ ବେଦଶିକ୍ଷା କରିଛନ୍ତି ସେହିପରି କର । ଧୈର୍ଯ୍ୟଶୀଳ ହୁଅ । ଅନ୍ୟଠାରୁ ବିଦ୍ୟାରେ ହଠାତ୍ ବଡ଼ ହୋଇଉଠିବ ବୋଲି ଶରୀରକୁ ଆଉ ଏପରି କଷ୍ଟ ଦିଅନା ।'

ତଥାପି ଯବକ୍ରୀତ ତା'ର ତପସ୍ୟା ଛାଡ଼ିଲା ନାହିଁ । କହିଲା, 'ମୋର ଇଚ୍ଛା ଯଦି ପୂରଣ ନ ହୁଏ ତେବେ ଏ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଯଜ୍ଞରେ ଆହୁତି ଦେବି ।' ଏଇ ମନୋଭାବ ନେଇ ତପସ୍ୟା କରୁଥିବା ସମୟରେ ଦିନେ ସକାଳୁ ସେ ଗଙ୍ଗାକୁ ଗାଧୋଇବା ଲାଗି ଯାଇଛି । ଏତିକିବେଳେ ଦେଖିଲା ଜଣେ ବ୍ରାହ୍ମଣ ଗଙ୍ଗାକୂଳେ ବସି ମୁଠାଏ ମୁଠାଏ ବାଲି ଗଙ୍ଗାଜଳକୁ ଫିଙ୍ଗୁଛି ।

ଯବକ୍ରୀତ ତାକୁ ଦେଖି ପଚାରିଲା, 'କି ଗୋସେଇଁ, ଏସବୁ କ'ଣ ହେଉଛି ?' ବୁଢ଼ା ବ୍ରାହ୍ମଣ ଉତ୍ତର ଦେଲା, 'ପୁଅ, ଲୋକମାନେ ଗଙ୍ଗାପାର ହେବାକୁ ହଇରାଣ ହେଉଛନ୍ତି । ମୁଁ ଭାବୁଛି ମୁଠାଏ ମୁଠାଏ ବାଲି ଫିଙ୍ଗି ଗଙ୍ଗାନଦୀ ଜଳକୁ ଅଟକାଇ ଗୋଟିଏ ବନ୍ଧ କରିବି । ସେଇ ବନ୍ଧ ଉପରେ ସମସ୍ତେ ସୁବିଧାରେ ଯିବା ଆସିବା କରିବେ । କେଡ଼େ ସୁନ୍ଦର ଦରକାରୀ କାମଟିଏ ! ନୁହଁ ?'

ଯବକ୍ରୀତ ହୋ ହୋ ହୋଇ ହସି ଉଠିଲା । କହିଲା, 'କି ନିର୍ବୋଧ ବୋକା ତୁମେ ! ମୁଠାଏ ମୁଠାଏ ବାଲି ପକାଇ ବିଶାଳ ଗଙ୍ଗାନଦୀର ଜଳକୁ କିଏ କେବେ ବନ୍ଧାଇ ପାରେ ? ଏ ନିରର୍ଥକ କାମ ଛାଡ଼ି କିଛି ଦରକାରୀ କାମରେ ଲାଗିଲେ ହେଲେ ତୁମର ଅନେକ ଉପକାର ହୁଅନ୍ତା ।'

ବୁଢ଼ା ବ୍ରାହ୍ମଣଟି କହିଲା, 'ସତେ, ମୋ କାମ ନିର୍ବୋଧ ନିରର୍ଥକ ଆଉ ତୁମେ ଯେଉଁ କାମ କରୁଚ ତାହା ସାର୍ଥକ ଓ ବୁଦ୍ଧିମାନର କାର୍ଯ୍ୟ, ନା ? ପାଠ ନ ପଢ଼ି, ଉପଯୁକ୍ତ ଗୁରୁଙ୍କ ପାଖରୁ ଶିକ୍ଷା ନ କରି ତୁମେ ଯେ ଭାବୁଚ ଖାଲି ତପସ୍ୟା ବଳରେ ବେଦଜ୍ଞାନ ଲାଭ କରିଯିବ – ଏଇଟା ମୋ କାର୍ଯ୍ୟଠାରୁ କୋଉ ଗୁଣରେ ବୁଦ୍ଧିମାନର କାର୍ଯ୍ୟ ?'

ଯବକ୍ରୀତ ବୁଝିପାରିଲା ସେହି ବୁଢ଼ା ବ୍ରାହ୍ମଣର ଛଦ୍ମବେଶରେ ସେ କିଏ ?''

''ସେ କିଏ ?'' ପଚାରିଲା ଅନୁରକ୍ତା ।

''ତୁ କହିଲୁ ସେ କିଏ ?''

''ସିଏ ବୋଧହୁଏ ଇନ୍ଦ୍ର ।''

''ଠିକ୍ କହିଚୁ । ସେ ହେଉଚନ୍ତି ଇନ୍ଦ୍ର । ଯବକ୍ରୀତ ତାଙ୍କ କଥାରୁ ଜାଣିପାରିଲା ଯେ ସେ ଇନ୍ଦ୍ର । ସେଇଠୁ ସେ ତାଙ୍କ ପାଦତଳେ ପଡ଼ିଯାଇ ବହୁତ ଅନୁନୟ ବିନୟ ହୋଇ କହିଲା, 'ଦେବରାଜ, ମୋତେ ବେଦଜ୍ଞାନ ଲାଭ କରିବା ଲାଗି ବର ପ୍ରଦାନ କରନ୍ତୁ ।'

ଇନ୍ଦ୍ର ଦୟାପରବଶ ହୋଇ ତାକୁ ଆଶୀର୍ବାଦ କଲେ ଓ କହିଲେ, 'ଯା, ଆଜିଠାରୁ ବେଦଶିକ୍ଷା କର । ଅଳ୍ପଦିନ ମଧ୍ୟରେ ତୁ ବେଦ ସମ୍ବନ୍ଧେ ପ୍ରଚୁର ଜ୍ଞାନ ଲାଭ କରିବୁ । କିନ୍ତୁ ତୋତେ ମନୋଯୋଗ ସହକାରେ ପଢ଼ିବାକୁ ହେବ ଓ ବୁଝିବାକୁ ହେବ ।'

ଯବକ୍ରୀତ ଏଥର ଇନ୍ଦ୍ରଙ୍କ ପରାମର୍ଶ ଗ୍ରହଣ କରି ଖୁବ୍ ଆଗ୍ରହର ସହ ବେଦଶିକ୍ଷା କରିବାକୁ ଲାଗିଲା ଓ ଖୁବ୍ କମ୍ ଦିନରେ କଠିନ ବେଦ ଶାସ୍ତ୍ରକୁ ଆୟତ୍ତ କରିନେଲା । ଏହାପରେ ତା' ମନରେ ବହୁତ ଗର୍ବ ଆସିଲା । ସେ ନିଜକୁ ରୈଭ୍ୟଙ୍କଠାରୁ ବେଶୀ ଜ୍ଞାନୀ ବୋଲି ଭାବିଲା ଓ ଭାବିଲା ଯେ ସେ ଇନ୍ଦ୍ରଙ୍କ ବରଲାଭ କରି ବେଦଜ୍ଞାନ ଲାଭ କରିଛି, ଅନ୍ୟମାନଙ୍କ ଭଳି କଷ୍ଟର ସହ ପଢ଼ି ବା ଅଧ୍ୟୟନ କରି ନୁହେଁ । ପୁଅ ଭିତରର ଏ ଅହଂକାରକୁ ଭରଦ୍ୱାଜ ଅନୁଭବ କରିପାରିଲେ । ତାଙ୍କର ଭୟ ହେଲା ଯେ ରୈଭ୍ୟଙ୍କୁ ଈର୍ଷା କରୁଥିବାରୁ ଯବକ୍ରୀତ ଦିନେ ତାଙ୍କ କୋପଦୃଷ୍ଟିରେ ପଡ଼ିପାରେ ।

ତେଣୁ ସେ ପୁଅକୁ ବହୁତ ବୁଝାଇଲେ । କହିଲେ, 'ଦେଖ ବାବୁ, ଦେବତାମାନେ କେବଳ ବୋକାମାନଙ୍କୁହିଁ ବର ଦେଇଥା'ନ୍ତି ଯେପରି ନିଶାଖିଆ ଲୋକ ପଇସା ଦେଇ ନିଶା ଜିନିଷ ବଜାରରୁ କିଣିଥାଆନ୍ତି । ପଇସା ଦେଇ କିଣିଲେ ବି ନିଶା ଯେପରି ନିଶାଖିଆ ଲୋକଙ୍କର ସର୍ବନାଶ କରିଥାଏ, ସେହିପରି ଶରୀରକୁ ନାନାପ୍ରକାର କଷ୍ଟଦେଇ କଠୋର ତପସ୍ୟା କରି ଦେବତାମାନଙ୍କଠାରୁ ଯେଉଁ ବର ମିଳିଥାଏ, ସେଇ ବରହିଁ ବର ପାଇଥିବା ବ୍ୟକ୍ତିର ସର୍ବନାଶ କରିଥାଏ । ତେଣୁ ତୁ କେବେ ବି ନିଜକୁ ଏଥିରେ ବଡ଼ ଭାବନା, ଗର୍ବ କରନା । ଦେବତାମାନଙ୍କର ଏଇ ବର କିପରି ଅହଂକାରୀ ବ୍ୟକ୍ତିର ଖରାପ କରିଥାଏ ସେଇଭଳି ଗୋଟିଏ କଥା କହୁଚି ଶୁଣ –

ଥରେ ଜଣେ ଋଷି ଥିଲେ । ତାଙ୍କ ନାମ ବାଲାଧି । ତାଙ୍କର ଗୋଟିଏ ମାତ୍ର ପୁଅ ଥିଲା । ସେ ସେହି ପୁଅକୁ ବହୁତ ଭଲ ପାଉଥିଲେ । ଦିନେ ଅକସ୍ମାତ୍ କୌଣସି କାରଣରୁ ପୁଅଟି ତାଙ୍କର ଅଳ୍ପ ବୟସରେ ମରିଗଲା । ଋଷିଙ୍କୁ ଚାରିଆଡ଼େ ଅନ୍ଧାର ଦିଶିଲା । ପୁତ୍ରଶୋକରେ ଅଧୀର ହୋଇପଡ଼ି ସେ କଠୋର ତପ ଆଚରଣ କଲେ । ଏଇ ଦୃଢ଼ ଇଚ୍ଛା ପୋଷଣ କଲେ ଯେ ଏପରି ଏକ ପୁଅ ସେ ପାଇବେ ଯେ କି ଆଦୌ ମରିବ ନାହିଁ । ତାଙ୍କ କଠୋର ତପସ୍ୟାରେ ଦେବତାମାନଙ୍କ ଆସନ ଟଳମଳ ହେଲା । ସେମାନେ ଆସି ଋଷିଙ୍କ ଆଗରେ ଉପସ୍ଥିତ ହେଲେ ଓ ସେ କାହିଁକି ତପସ୍ୟା କରୁଛନ୍ତି ତାହା

ଜାଣିସାରି ତାଙ୍କୁ କହିଲେ, 'ଏହା କ'ଣ କେବେ ସମ୍ଭବ ? ଏ ପୃଥିବୀରେ ଯିଏ ଜନ୍ମ ହୁଅନ୍ତି ତାଙ୍କୁ ଦିନେ ନା ଦିନେ ମରିବାକୁ ପଡ଼େ । ଆପଣଙ୍କ ପୁଅ କିପରି ଅମର ହେବ ?'

କିନ୍ତୁ ଋଷି ତାଙ୍କର ଜିଦ୍‌ରେ ଅଟଳ ରହିବାରୁ ଦେବତାମାନେ କହିଲେ, 'ଆପଣଙ୍କ ପୁଅର ଜୀବନକୁ କେବେ ବି ଅସୀମ କରାଯାଇ ପାରିବ ନାହିଁ । ତେବେ କିଛି ଗୋଟାଏ ସୀମା ରଖି ବର ମାଗନ୍ତୁ ।' ଋଷି ପାଖରେ ଥିବା ପର୍ବତକୁ ଦେଖାଇ କହିଲେ, 'ତେବେ ଏଇ ଯେଉଁ ପର୍ବତ ଦେଖୁଛନ୍ତି ତାହା ଯେତେଦିନ ପର୍ଯ୍ୟନ୍ତ ଥିବ ମୋ ପୁଅ ସେତେଦିନ ପର୍ଯ୍ୟନ୍ତ ବଞ୍ଚିବ ବୋଲି ବର ଦିଅନ୍ତୁ ।' ଦେବତାମାନେ 'ତାହାହିଁ ହେଉ' ବୋଲି କହି ଚାଲିଗଲେ । ଋଷି ଭାବିଥିଲେ ପର୍ବତ ତ କେବେ କ୍ଷୟ ହେବ ନାହିଁ । ତେଣୁ ତାଙ୍କ ପୁଅ ସବୁଦିନେ ବଞ୍ଚିଥିବ ।

ଯଥାସମୟରେ ଋଷିଙ୍କର ଗୋଟିଏ ପୁଅ ହେଲା । ତା'ର ନାମ ସେ ମେଧାବୀ ରଖିଲେ । ମେଧାବୀ ବଡ଼ ହେଲା ଓ ବାପାଙ୍କଠାରୁ ଜାଣିଲା ଯେ ତା'ର ଜୀବନ ସହଜରେ ଯିବ ନାହିଁ । ସେ ପର୍ବତଟି ଯେତେଦିନ ରହିବ ସେ ସେତେଦିନ ବଞ୍ଚିବ । ଏକଥା ଜାଣିବା ପରେ ସେ ବହୁତ ଗର୍ବୀ ଅହଂକାରୀ ହୋଇ ଉଠିଲା । କାହାକୁ ଖାତିର କଲା ନାହିଁ । ସେ ବଣରେ ଧନୁପାକ୍ଷ ନାମରେ ଜଣେ ଋଷି ଥିଲେ । ଥରେ କୌଣସି ଘଟନା ଯୋଗୁଁ ସେ ଋଷିଙ୍କୁ ସେ ବହୁତ ଅପମାନିତ କଲା; ଯାହା ଫଳରେ ଋଷି ବହୁତ ରାଗିଗଲେ । ରାଗିଯାଇ ସେ ଅଭିଶାପ ଦେଲେ ଯେ ସେହି ମୁହୂର୍ତ୍ତରେ ସେ ପୋଡ଼ି ଭସ୍ମୀଭୂତ ହୋଇଯାଉ । କିନ୍ତୁ ଆଶ୍ଚର୍ଯ୍ୟର କଥା ତାଙ୍କ ଅଭିଶାପରେ ମେଧାବୀର କିଛି ହେଲା ନାହିଁ । ବ୍ରହ୍ମ ଅଭିଶାପ କେବେ ନିଷ୍ଫଳ ହେବା କଥା ନୁହେଁ । ଏପରି କାହିଁକି ହେଲା ବୋଲି ଋଷି ଧ୍ୟାନ କରି ଜାଣିଲେ ଯେ ଜନ୍ମ ପୂର୍ବରୁ ମେଧାବୀ ବର ପାଇଛି, ନିକଟସ୍ଥ ପର୍ବତ ଯେତେଦିନ ପର୍ଯ୍ୟନ୍ତ ଥିବ ସେ ସେତେଦିନ ପର୍ଯ୍ୟନ୍ତ ବଞ୍ଚିବ । ସଙ୍ଗେ ସଙ୍ଗେ ଋଷି ଗୋଟିଏ ବଣୁଆ ମଇଁଷି ରୂପ ଧରି ତାଙ୍କ ତପସ୍ୟାର ବଳ ଖଟେଇ ସେ ପର୍ବତକୁ ଭୁସି ଭୁସି ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଲେ । ପର୍ବତ ଭାଙ୍ଗିଯିବାରୁ ମେଧାବୀ ସଙ୍ଗେ ସଙ୍ଗେ ମରିଗଲା ।

ଏହି କଥାଟି କହି ଭରଦ୍ୱାଜ ଯବକ୍ରୀତକୁ ସାବଧାନ କରାଇ ଦେଲେ ସେ ଯେପରି ଇନ୍ଦ୍ରଙ୍କଠାରୁ ବର ପାଇଛି ବୋଲି ଗର୍ବ ଅହଂକାରରେ ଭାଙ୍ଗି ନ ପଡ଼େ, ରୈଭ୍ୟଙ୍କୁ ବେଖାତିର ନ କରେ କିଂବା ତାଙ୍କ ପରିବାର ପ୍ରତି କିଛି ଅସମ୍ମାନଜନକ କାମ ନ କରେ ।

ଏହା ମଧ୍ୟରେ କିଛିଦିନ ବିତିଯାଇଛି । ବସନ୍ତ ଋତୁ ଆସିଛି । ବଣଭୂଇଁ ପତ୍ର, ଫୁଲ, ଫଳରେ ସୁଶୋଭିତ ହୋଇ ଉଠିଛି । ଦକ୍ଷିଣ ଦିଗରୁ ବହି ଆସୁଥିବା ସୁଲୁ ସୁଲୁ

ମଳୟ ପବନରେ ଫୁଲସବୁ ଦୋଳି ଖେଳୁଛନ୍ତି । ମୁଣ୍ଡ ହଲାଇ ସତେ ଯେପରି ସେମାନଙ୍କୁ ଚାହିଁବାକୁ ନିମନ୍ତ୍ରଣ କରୁଛନ୍ତି । କୋଇଲିର ମଧୁର କୁହୁତାନ ଏଇ ରଙ୍ଗରସଭରା ପରିବେଶକୁ ସଙ୍ଗୀତମୟ କରିଦେଉଛି । ଏଇ ସମୟରେ ରୈଭ୍ୟଙ୍କ ବଡ଼ ବୋହୂ ପରାବସୁଙ୍କ ସ୍ତ୍ରୀ ତାଙ୍କ କୁଟୀର ପାଖ ବଗିଚାରେ ବୁଲୁଛନ୍ତି । ସେ ତ ଦେଖିବାକୁ ବହୁତ ସୁନ୍ଦରୀ । ତା'ଛଡ଼ା ସୁନ୍ଦର ପରିବେଶ ଭିତରେ ସେ ଆହୁରି ସୁନ୍ଦର ଦେଖାଯାଉଛନ୍ତି । ଏଇ ଅବସ୍ଥାରେ ଯବକ୍ରୀତ ତାଙ୍କୁ ଦେଖି ତାଙ୍କ ପ୍ରତି ଆସକ୍ତ ହୋଇପଡ଼ିଲା । ସେ ନିଜର ତପସ୍ୟା, ଆତ୍ମସଂଯମ, ବିଦ୍ୟା, ବୁଦ୍ଧିସବୁ ଭୁଲିଗଲା । ଭୁଲିଗଲା ବି ପିତା ଭରଦ୍ୱାଜଙ୍କର ସତର୍କ ବାଣୀ – ରୈଭ୍ୟଙ୍କ ପ୍ରତି କିଂବା ତାଙ୍କ ପରିବାର ପ୍ରତି କେବେ ବି ଅସଦ୍ ବ୍ୟବହାର କରିବୁ ନାହିଁ । ସେ ପରାବସୁଙ୍କ ସ୍ତ୍ରୀଙ୍କୁ ଜୋର ପୂର୍ବକ ଟାଣିଆଣି ତାଙ୍କ ପ୍ରତି ଖରାପ ଆଚରଣ କଲା । ବିବାହିତା ନାରୀ ପ୍ରତି ବଳପୂର୍ବକ ଏପରି ଆଚରଣ କରିବା ବହୁତ ଅନ୍ୟାୟ । ତା'ଛଡ଼ା ଜଣେ ତପସ୍ୱୀ ପକ୍ଷରେ ଆହୁରି ଅନ୍ୟାୟ । କିନ୍ତୁ ଯବକ୍ରୀତ ନିଜ ଅହଂକାରରୁ ଜାତ କାମନାବାସନାର ବଶବର୍ତ୍ତୀ ହୋଇ ସେତେବେଳେ ତାହା ବିଚାର କରିପାରିଲା ନାହିଁ ।

ରୈଭ୍ୟ କୁଟୀରକୁ ଫେରି ଦେଖିଲେ ବୋହୂ ତାଙ୍କର ବିକଳ ହୋଇ କାନ୍ଦୁଛି । ବୋହୂଠାରୁ ସମସ୍ତ କଥା ଶୁଣି ସେ ଯବକ୍ରୀତ ଉପରେ ଅଗ୍ନିଶର୍ମା ହୋଇଗଲେ । ସଙ୍ଗେ ସଙ୍ଗେ ତାଙ୍କ ଜଟାରୁ ଗୋଟିଏ କେଶ ଛିଣ୍ଡାଇ ମନ୍ତ୍ର ପଢ଼ି ତାକୁ ଅଗ୍ନି ମଧ୍ୟରେ ନିକ୍ଷେପ କଲେ । ଅଗ୍ନି ମଧ୍ୟରୁ ବାହାରି ଆସିଲା ପରାବସୁଙ୍କ ସ୍ତ୍ରୀ ଭଳି ଏକ ସୁନ୍ଦରୀ ସ୍ତ୍ରୀ । ତା'ପରେ ଆଉ ଗୋଟିଏ କେଶ ଛିଣ୍ଡାଇ ନିକ୍ଷେପ କରନ୍ତେ ଏକ ଭୟଙ୍କର ବିଶାଳ ଭୂତ ଅଗ୍ନିରୁ ବାହାରି ଆସିଲା । ରୈଭ୍ୟ ସେ ଦୁହିଁଙ୍କୁ ଶୀଘ୍ର ଯାଇ ଯବକ୍ରୀତକୁ ବଧ କରିବା ନିମନ୍ତେ ଆଦେଶ ଦେଲେ ।

ଆଦେଶ ପାଇ ସେ ଦୁହେଁ ଯବକ୍ରୀତ ନିକଟକୁ ଚାଲିଲେ । ସକାଳ ସମୟ । ଯବକ୍ରୀତ ସ୍ନାନ ପରେ କମଣ୍ଡଳୁ ପାଖରେ ରଖି କ'ଣ ମନ୍ତ୍ରପାଠ କରୁଥିଲା । ଏହି ସମୟରେ ପରାବସୁର ସ୍ତ୍ରୀ ପରି ସେହି ସୁନ୍ଦରୀ ସ୍ତ୍ରୀ ସ୍ମିତ ହାସ୍ୟର ସହ ତା' ପାଖକୁ ଯିବାରୁ ସେ ନିଜର ମନ୍ତ୍ରପାଠ ଭୁଲିଯାଇ ତାକୁ କୁଣ୍ଢାଇ ପକାଇବା ନିମନ୍ତେ ତା' ପାଖକୁ ଉଠି ଆସିଲା । ଏଇ ସମୟରେ ସେ ସ୍ତ୍ରୀ ଲୋକଟି ଯବକ୍ରୀତର କମଣ୍ଡଳୁଟି ନେଇ ଚାଲିଗଲା । ସେ ଉଭେଇ ଯିବା ପରେ ପ୍ରଚଣ୍ଡ ନାଦ କରି ବର୍ଚ୍ଛା ଧରି ସେହି ଭୂତଟି ଆସିଲା । ଯବକ୍ରୀତ ଯେତେ ମନ୍ତ୍ରପାଠ କଲା ତାହା ଆଉ କିଛି କାମ ଦେଲା ନାହିଁ । ସେ ଭୂତ ବିକଟ ରୂପ ଧରି ପାଖକୁ ପାଖକୁ ମାଡ଼ି ଆସିବାକୁ ଲାଗିଲା । ଯବକ୍ରୀତ ବୁଝିପାରିଲା ଯେ ମନ୍ତ୍ରପାଠ ସମୟରେ ସେ ଆନ୍ତରିକ ନ ରହି ଜଣେ ନାରୀ ପ୍ରତି

ଆକୃଷ୍ଟ ହୋଇ ନିଜର କାମନା ପୂରଣ କରିବାକୁ ଯାଇଥିବାରୁ ତା' ମଧ୍ୟରେ ଅଶୁଦ୍ଧି, ଅପବିତ୍ରତା ପ୍ରବେଶ କରିଛି । ତା' ଚାରିପଟେ ଯେଉଁ ଶକ୍ତି ତାକୁ ସୁରକ୍ଷା କରିଥିଲା, ତାହା ଆଉ ନାହିଁ । ସେ ନିଜକୁ ମନ୍ତ୍ରଜଳ ଦ୍ୱାରା ପୁଣି ଶୁଦ୍ଧ ନ କଲେ ତା'ର ମନ୍ତ୍ର କିଛି କାଟୁ କରିବ ନାହିଁ । ତେଣୁ ସେ ତରବର ହୋଇ ତା'ର କମଣ୍ଡଳୁର ଜଳ ନେଇ ନିଜ ଉପରେ ସିଞ୍ଚିହେବା ଲାଗି ଆସିଲା । କିନ୍ତୁ ଦେଖିଲା କମଣ୍ଡଳୁଟି ନାହିଁ । ଭୟରେ ସେ ନିକଟସ୍ଥ ପୁଷ୍କରିଣୀ ମଧ୍ୟକୁ ଧାଇଁଲା, କିନ୍ତୁ ପୁଷ୍କରିଣୀ ଶୁଷ୍କ ହୋଇଗଲା । ପାଖରେ ଗୋଟିଏ ଝରଣା ବହି ଯାଉଥିଲା । ପ୍ରାଣ ଆକୁଳରେ ସେ ସେଠାକୁ ଯିବାମାତ୍ରେ ଝରଣା ବି ଶୁଖିଗଲା ।

ପଛେ ପଛେ ସେ ଭୟଙ୍କର ଭୂତ ବର୍ଚ୍ଛା ଧରି ଗୋଡ଼ାଉଛି । ଯବକ୍ରୀତ ଭୟରେ କ'ଣ କରିବ ତାକୁ କିଛି ବୁଦ୍ଧି ଦେଖାଗଲା ନାହିଁ । ଭୟ ହେତୁ ନିଜକୁ ରକ୍ଷା କରିବାର ଆଉ କୌଣସି ଶକ୍ତି ତା'ର ରହିଲା ନାହିଁ । କିଛି ଉପାୟ ନ ପାଇ ସେ ତା' ବାପାଙ୍କ ଯଜ୍ଞଶାଳା ମଧ୍ୟକୁ ପଶିଯାଉଥିଲା । ପଶିଯାଇଥିଲେ ତା' ବାପାଙ୍କ ତପଃ ପ୍ରଭାବରେ ରକ୍ଷା ପାଇ ଯାଇଥା'ନ୍ତା । ସେ ଯଜ୍ଞଶାଳା ମଧ୍ୟକୁ ଭୂତ ପ୍ରବେଶ କରିପାରି ନ ଥା'ନ୍ତା । କିନ୍ତୁ ଯଜ୍ଞଶାଳାର ଦ୍ୱାରରେ ଆଖିକୁ ଭଲ ଦେଖାଯାଉ ନ ଥିବା ଜଣେ ଲୋକ ଜଗି ରହିଥିଲା । ସେ ହଠାତ୍ ଯବକ୍ରୀତକୁ ଚିହ୍ନିପାରିଲା ନାହିଁ । ତେଣୁ ତାକୁ ଭିତରକୁ ନ ଛାଡ଼ି ସେଠାରେ ଅଟକାଇ ଦେଲା । ଯବକ୍ରୀତ ନିଜର ପରିଚୟ ଦେଉ ଦେଉ ହଠାତ୍ ତା' ପଛରୁ ସେ ଭୂତର ବର୍ଚ୍ଛା ଆସି ତାକୁ ବିଦ୍ଧ କଲା ଓ ସଙ୍ଗେ ସଙ୍ଗେ ତା'ର ପ୍ରାଣବାୟୁ ଉଡ଼ିଗଲା ।

କିଛି ସମୟ ପରେ ଭରଦ୍ୱାଜ ଫେରି ଆସି ତାଙ୍କର ଏକମାତ୍ର ପ୍ରିୟ ପୁତ୍ରର ଏ ଦଶା ଦେଖି ଦୁଃଖରେ ଅଧୀର ହୋଇ ପଡ଼ିଲେ । ସେ ଜାଣିପାରିଲେ ଯେ ନିଜର ଅହଂକାର ହେତୁ ଯବକ୍ରୀତର ସମସ୍ତ ବେଦଜ୍ଞାନ କିଛି କାମ ଦେଲା ନାହିଁ । ରୈଭ୍ୟଙ୍କ ପ୍ରତି ତା'ର ଈର୍ଷା ଓ ବେଖାତିର ଭାବ ଶେଷରେ ତା'ର ସର୍ବନାଶ କଲା । ଅହଂକାର ଯୋଗୁଁ ତା'ର ବେଦ ଅଧ୍ୟୟନ ଓ ସାଧନାରେ ଆନ୍ତରିକତା ରହିଲା ନାହିଁ । ଆନ୍ତରିକତା ନ ଥିବାରୁ ବିରୋଧୀ ଶକ୍ତିର ସୁନ୍ଦରୀ ନାରୀ ରୂପରେ ଛଦ୍ମବେଶକୁ ସିଏ ଚିହ୍ନିପାରିଲା ନାହିଁ ଓ କାମନା ବାସନାର ଶିକାର ହୋଇ ନିଜ ମନ୍ତ୍ରର ସମସ୍ତ ରକ୍ଷାକାରିଣୀ ଶକ୍ତି ହରାଇ ବସିଲା । ଶେଷରେ ବିରୋଧୀ ଶକ୍ତିଙ୍କ ହାତରେ ପ୍ରାଣ ଦେଲା ।''

''ଯବକ୍ରୀତ ଯଦି ଆନ୍ତରିକ ଥାଆନ୍ତା ତେବେ କ'ଣ ସେ ଛଦ୍ମବେଶୀ ସ୍ତ୍ରୀଲୋକକୁ ଚିହ୍ନି ପାରିଥା'ନ୍ତା ?'' ପଚାରିଲା ଅନୁରକ୍ତା ।

''ଯବକ୍ରୀତ ଆନ୍ତରିକ ଥିଲେ ତ ଆଦୌ ପର ସ୍ତ୍ରୀ ପ୍ରତି ଅତ୍ୟାଚାର କରି ନ ଥା'ନ୍ତା । ଛଦ୍ମବେଶୀ ସ୍ତ୍ରୀଲୋକକୁ ମଧ୍ୟ ଜାଣିପାରିଥା'ନ୍ତା । ମା' କହନ୍ତି ଯେଉଁମାନେ

ଆନ୍ତରିକ ସେମାନେ ସେମାନଙ୍କ ପାଇଁ କ'ଣ ଭଲ, କ'ଣ ମନ୍ଦ, କ'ଣ ଦିବ୍ୟ, କ'ଣ ଅଦିବ୍ୟ ତାହା ଆପେ ଆପେ ଅନୁଭବ କରିପାରନ୍ତି ।''

''ଅହଂକାର ଯଦି ଆନ୍ତରିକ ହେବା ପଥରେ ବାଧା ଦିଏ, ଭଗବାନଙ୍କୁ ପାଇବା ପାଇଁ ବାଟ ନ ଛାଡ଼େ, ତେବେ କ'ଣ ବ୍ୟକ୍ତି ଆଉ ପୂର୍ଣ୍ଣ ଆନ୍ତରିକ ହୋଇପାରିବ ନାହିଁ ?'' ପଚାରିଲା ଅନୁରକ୍ତା ।

''ହଁ, ପୂର୍ଣ୍ଣ ଆନ୍ତରିକ ହୋଇପାରିବ । ଭଗବାନଙ୍କୁ ପୂର୍ଣ୍ଣ ରୂପେ ବ୍ୟକ୍ତି ମନ, ପ୍ରାଣ ଓ ଶରୀରରେ ଲାଭ କରିବ । ମନ ତା'ର ଅହଂକାର ଛାଡ଼ିବ, ପ୍ରାଣ ତା'ର ଅହଂକାର ଛାଡ଼ିବ, ଶେଷରେ ଶରୀର ଚେତନା ଓ ଶରୀରର ସ୍ଥୂଳକୋଷଗୁଡ଼ିକ ବି ସେମାନଙ୍କର ଅହଂକାର ଛାଡ଼ିବେ । ଭଗବାନଙ୍କୁ ଆମଠାରୁ ଅଲଗା କରି ଆମର ଅହଂକାର ଯେଉଁ କାନ୍ଥ ଠିଆ କରିଛି ତାହା ଭୁଶୁଡ଼ି ପଡ଼ିବ । ଆମର ଏହି ଶ୍ରୀଅରବିନ୍ଦଙ୍କ ଯୋଗରେ ଏସବୁ ହେବାର ବାଟ ହେଉଛି ମା'ଙ୍କୁ ସମର୍ପଣ କରିବା । ଆମ ଭିତରେ ଯେତେ ଯାହା ଅହଂକାର, ଦୋଷ ଦୁର୍ବଳତା ଥାଉ ନା କାହିଁକି ଆମେ ଆନ୍ତରିକ ଭାବେ ସମର୍ପଣରେ ଲାଗି ରହିବା ଫଳରେ ମା'ଙ୍କ ଶକ୍ତି, ଆଲୋକ ଓ ଚେତନା ସେସବୁକୁ ଦିନେ ରୂପାନ୍ତରିତ କରି ଆମକୁ ପୂର୍ଣ୍ଣ ଆନ୍ତରିକ, ପୂର୍ଣ୍ଣ ସିଦ୍ଧି ଲାଭ କରାଇ ଦେବ, ସେଥିପାଇଁ ଯେତେ ବି ସମୟ ଲାଗୁ । ସେତେବେଳେ ଭଗବାନଙ୍କୁ କେବଳ ଆମେ ଅନ୍ତରରେ ନୁହେଁ, ଆମ ବାହାର ସ୍ଥୂଳ ଶରୀରରେ ମଧ୍ୟ ସ୍ଥୂଳ ଆଖିରେ ଦେଖିପାରିଲା ଭଳି ପାଇପାରିବା । କିନ୍ତୁ ଏଇଭଳି ଏକ ପୂର୍ଣ୍ଣ ସମର୍ପିତ ଅବସ୍ଥା ଆସିବା ପର୍ଯ୍ୟନ୍ତ –

''ଆମରି ଭିତର ଅହଂକାର
ପୂର୍ଣ୍ଣ ଆନ୍ତରିକ ହେବା ଲାଗି କେବେ
ଦିଏନି ଆମକୁ ଅଧିକାର ।''

# ସତତ ସଚେତ ଆନ୍ତରିକତା

''ଆଚ୍ଛା ଚିନୁ ଭାଇ, ଥରେ ତୁମେ କହୁଥିଲ ଯେ ମା' କହୁଥିଲେ – ଆକାଶରୁ ଯେତେବେଳେ ନକ୍ଷତ୍ର ବା ତାରକା ଖସେ, ସେଇ ଖସୁଥିବା ସମୟରେ ଆମେ ଯାହା କିଛି ଅଭୀପ୍ସା କରିବୁ ତାହା ଲାଭ ହେବା ଯେତେ କଷ୍ଟକର ହେଉ ପଛେ ବର୍ଷକ ଭିତରେ ନିଶ୍ଚୟ ଲାଭ ହେବ । ଏକଥା ତୁମର ମନେ ଅଛି ନା ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ମନେ ଅଛି । କିନ୍ତୁ ମା' ତାକୁ କେଉଁ ଅର୍ଥରେ କହିଥିଲେ ଜାଣୁ ?'' କହିଲା ଚିନ୍ମୟ ।

''କେଉଁ ଅର୍ଥରେ ?''

''ମା' ତାକୁ ବିଶେଷ କରି ଆଧ୍ୟାତ୍ମିକ ଅର୍ଥରେ କହିଥିଲେ । ସାଂସାରିକ କୌଣସି ସ୍ଥୂଳ ଜିନିଷ ପାଇବା ଅର୍ଥରେ ନୁହେଁ । ମନେକର ଆମେ ଚାହୁଁଛୁ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ ହେବାକୁ । ନକ୍ଷତ୍ର ଖସିବା ସମୟରେ ସେଇ କଥାକୁ ଇଚ୍ଛା କରିଦେଲେ ଯେ ବର୍ଷକ ଭିତରେ ସେତିକି ସଂପତ୍ତିର ମାଲିକ ଆମେ ହୋଇଯିବୁ, ତାହା ନୁହେଁ । ମା' ତାହା ଭିନ୍ନ ଅର୍ଥରେ କହିଛନ୍ତି । ମନେକର ଆମେ ଅଭୀପ୍ସା କରୁଛୁ ବା ଖୁବ୍ ତୀବ୍ର ଭାବରେ ଚାହୁଁଛୁ ଯେ ଆମେ ଅନ୍ତରସ୍ଥ ଆତ୍ମା ବା ଚୈତ୍ୟପୁରୁଷଙ୍କୁ କିପରି ଉପଲବ୍ଧି କରିବୁ, ତାଙ୍କୁ କିପରି ଦର୍ଶନ କରିବୁ । ଏଇ ଅଭୀପ୍ସା ଯଦି ଆମେ ନକ୍ଷତ୍ର ଖସିବା ମୁହୂର୍ତ୍ତରେ କରିପାରୁ ତେବେ ବର୍ଷକ ଭିତରେ ଆମର ଅନ୍ତରାତ୍ମାର ଉପଲବ୍ଧି ବା ଚୈତ୍ୟ ଉପଲବ୍ଧି ହୋଇପାରିବ ।''

''ନକ୍ଷତ୍ର ତ ଖସିବା ସମୟରେ ଚଟ୍ କରି ଖସି ଆଖି ପିଛୁଳାକେ କୁଆଡ଼େ ଅଦୃଶ୍ୟ ହୋଇଯାଏ । ସେଇ ମୁହୂର୍ତ୍ତକ ଭିତରେ କ'ଣ ଏଇ ଅଭୀପ୍ସା ମନେ ପଡ଼ିବ ?'' ପଚାରିଲା ଅନୁରକ୍ତା ।

''ସେଇ ତ ହେଉଛି ବିଶେଷତ୍ୱ । ଏତେ ଶୀଘ୍ର ଚଟ୍ କରି ମନେ ପକାଇ ପାରିବା ତ କଷ୍ଟ । କିନ୍ତୁ ସିଏ ମନେ ପକାଇପାରିବ, ଯିଏ ସବୁବେଳେ ତା'ର ଅଭୀପ୍ସାକୁ ସାମନାରେ ରଖିଥିବ, ସବୁବେଳେ ତାକୁ ସ୍ମରଣ କରୁଥିବ ଓ ନିରନ୍ତର ସେଥିରେ ଲାଗି ରହିଥିବ; ତା'ର ଖାଇବା, ଶୋଇବା, କଥା କହିବା, ଚିନ୍ତା କରିବା, କାମ କରିବା, ବଞ୍ଚିବା, ସବୁ ସେଇଥିପାଇଁ କରୁଥିବ ।

ମା' କହିଛନ୍ତି ତାଙ୍କ ଜୀବନରେ ଥରେ ଏଇଭଳି ଘଟଣା ଘଟିଥିଲା । ଥରେ ଗୋଟିଏ ନକ୍ଷତ୍ର ଖସିବାବେଳେ ତାଙ୍କ ଭିତରୁ ସ୍ୱତଃସ୍ଫୂର୍ତ୍ତ ରୂପେ ଏକ ଅଭୀପ୍ସା ଉଠିଆସିଲା । ସେଇଟି ହେଉଛି : 'ମୋର ଶରୀର ଯେପରି ଭଗବାନଙ୍କୁ ଉପଲବ୍ଧି କରେ ।' ବର୍ଷଟି ଶେଷ ହେବା ପୂର୍ବରୁ ମା'ଙ୍କର ତାହା ଘଟିଥିଲା ।

ମା' କହନ୍ତି, ଏହା ଯେ ନକ୍ଷତ୍ର ଯୋଗୁଁ ଘଟିଲା ତାହା ନୁହେଁ । ଏହା ଘଟିଲା, କାରଣ ତାଙ୍କର ସମଗ୍ର ଚେତନାକୁ କେବଳ ସେଇ ଗୋଟିଏ କଥା ଆବୋରି କରି ରହିଥିଲା । ସ୍ଥୂଳ ଶରୀରରେ କିପରି ସେ ଭଗବାନଙ୍କୁ ଉପଲବ୍ଧି କରିବେ ଏଇଥିଲା ତାଙ୍କର ନିରନ୍ତର ଏକମାତ୍ର ଚିନ୍ତା, ଏକମାତ୍ର ଇଚ୍ଛା, ଏକମାତ୍ର କର୍ମ । ଏହାଛଡ଼ା ସେ ଆଉକିଛି ଭାବୁ ନ ଥିଲେ, କିଛି ଇଚ୍ଛା କରୁ ନ ଥିଲେ । ତେଣୁ ଯେଉଁ ଉପଲବ୍ଧି ଲାଭ କରିବା ଲାଗି ସାଧାରଣତଃ ସମଗ୍ର ଜୀବନ କାଳ ଲାଗିଥା'ନ୍ତା, ଅତି କମ୍‌ରେ କୁହାଯାଏ ୩୫ ବର୍ଷ ଲାଗିଥା'ନ୍ତା ତାହା ୧୨ ମାସ ବି ଲାଗିଲା ନାହିଁ । ତେଣୁ ଯଥାର୍ଥରେ ନକ୍ଷତ୍ର ଖସିବାଟା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆମେ କୌଣସି କଥା ଶୀଘ୍ର ଲାଭ କରିବା ଲାଗି ଯେ ନକ୍ଷତ୍ର ଖସିବା ଓ ଆମେ ତାକୁ ଦେଖି ସେଇ ସମୟରେ ଇଚ୍ଛା କରିବା ଦରକାର ତା' ନୁହେଁ । ଯାହା ଦରକାର ତା' ହେଉଛି ଆମର ଯାହା ଅଭୀପ୍ସା ସେଥିରେ ନିରନ୍ତର ଲାଗି ରହିବା । ଏଇଆକୁ କୁହାଯାଏ ଆନ୍ତରିକତା । ମା' କହିଛନ୍ତି :

*Sincerity exacts from each one that in his thoughts, his feelings, his sensations and his actions he should express nothing but the central truth of his being.*

*

*By perfect sincerity we mean that all our thoughts, feelings, sensations and actions should express nothing but the central Truth of our being.*

'ଆନ୍ତରିକତା ଆମ ପ୍ରତ୍ୟେକଙ୍କଠାରୁ ଏଇ ଦାବି କରେ ଯେ ଆମର ଚିନ୍ତାରେ, ଭାବରେ, ଇନ୍ଦ୍ରିୟାନୁଭୂତିରେ ଓ କର୍ମରେ ଆମେ କେବଳ ଆମ ସତ୍ତାର କେନ୍ଦ୍ରୀୟ ସତ୍ୟ ବ୍ୟତୀତ ଆଉ କିଛିକୁ ପ୍ରକାଶ କରିବୁ ନାହିଁ ।'

*

'ପୂର୍ଣ୍ଣ ଆନ୍ତରିକତା କହିଲେ ଆମେ ଏଇଆ ବୁଝୁ ଯେ ଆମର ସକଳ ଚିନ୍ତା, ସକଳ ଭାବ, ସକଳ ଇନ୍ଦ୍ରିୟାନୁଭୂତି ଓ ସକଳ କର୍ମ ଆମ ସତ୍ତାର କେବଳ କେନ୍ଦ୍ରୀୟ ସତ୍ୟ ଛଡ଼ା ଆଉ କିଛିକୁ ପ୍ରକାଶ କରୁ ନ ଥିବ ।'

ଏଇ ନିଜର ଅଭୀପ୍ସାରେ ନିରନ୍ତର ଲାଗି ରହିବା ବା ଆନ୍ତରିକ ହେବା ଅଧ୍ୟାତ୍ମ ସାଧନା କ୍ଷେତ୍ରରେ ଯେପରି ଦରକାର, ଜୀବନର ଅନ୍ୟାନ୍ୟ ସାଧନା କ୍ଷେତ୍ରରେ ମଧ୍ୟ ସେଇପରି ଦରକାର । ଯେଉଁମାନେ ସଫଳ ଖେଳାଳି, ସଫଳ ବୈଜ୍ଞାନିକ, ସଫଳ କାରିଗର, ସଫଳ ଶିଳ୍ପୀ, ସଫଳ ସଙ୍ଗୀତଜ୍ଞ, ସଫଳ ଲେଖକ ବା ଏଇପରି ଆଉ କିଛି ସେମାନଙ୍କ ଜୀବନ ପ୍ରତି ଆମେ ଯଦି ଦୃଷ୍ଟି ଦେବା ତେବେ ଦେଖିବା ଯେ ଦିନରାତି ସବୁ ସମୟରେ ତାଙ୍କର ନିଜେ ଯାହା କରିବାକୁ ବା ହେବାକୁ ଚାହାନ୍ତି ସେଇ ଗୋଟିଏ ଚିନ୍ତା, ଗୋଟିଏ କାମ ଛଡ଼ା ଆଉ କିଛି ନ ଥାଏ । ଏପରିକି ଶୋଇବା ସମୟରେ ବି ସେଇ ସ୍ୱପ୍ନ ଦେଖନ୍ତି । ଯିଏ ଯେତେଦୂର ନିଜ କ୍ଷେତ୍ରରେ ସଫଳ ହୋଇଛି ସିଏ ନିଜ କାମରେ ସେତିକି ଆନ୍ତରିକ ବୋଲି ବୁଝିବାକୁ ହେବ ।''

''ସବୁ ସମୟରେ କ'ଣ ଗୋଟାଏ କଥା ଚିନ୍ତା କରିହବ ? ଜୀବନରେ ପ୍ରତିଦିନ କେତେ କଥା କରିବାକୁ ହୁଏ । ତେଣୁ ବିଭିନ୍ନ କାମ କରୁଥିବା ସମୟରେ ନିଜ ଲକ୍ଷ୍ୟକୁ କ'ଣ ମନେ ରଖି ହୁଏ ? ମନେକର ଜଣେ ଖୁବ୍ ଦକ୍ଷ ଖେଳୁଆଡ଼ । ସେ ଗୋଟିଏ ଭୋଜିକୁ ନିମନ୍ତ୍ରଣ ପାଇ ଯାଇଚି । ସେଠାରେ ସେ ତା'ର ସାଙ୍ଗସାଥୀ ମେଳରେ ହସଖୁସି ହୋଇ ଭୋଜିରେ ଯୋଗ ଦେଉଥିବା ସମୟରେ ତା' ଖେଳ କଥା କ'ଣ ମନେ ରଖିପାରିବ ?'' ପଚାରିଲା ଅନୁରକ୍ତା ।

''ହଁ, ମନେ ରଖିପାରିବ । ଅନ୍ୟ କଥାବାର୍ତ୍ତା, ହସଖୁସି, ଖିଆପିଆ ହେଉଥିଲେ ବି ସେମାନେ ଯଦି ନିଜ ଖେଳରେ ଆଗ୍ରହୀ ଓ ଆନ୍ତରିକ ଥିବେ ତେବେ ତାହା ସବୁବେଳେ ସେମାନଙ୍କ ଅଲକ୍ଷ୍ୟରେ ସେମାନଙ୍କ ଚେତନାରେ ଥାଏ । ଦରକାର ପଡ଼ିଲେ ସଙ୍ଗେ ସଙ୍ଗେ ତାହା ସାମନାକୁ ଆସିଯାଏ । ଥରେ ଜଣେ ଖୁବ୍ ବିଶିଷ୍ଟ ଖେଳାଳି ଗୋଟିଏ ଭୋଜିରେ ଯୋଗ ଦେଇଥିଲେ । ସମସ୍ତେ ଭାବୁଥିଲେ ସେ ଜଣେ ଖେଳୁଆଡ଼, ତାଙ୍କର ହଜମ କରିବାର ଶକ୍ତି ପ୍ରବଳ । ତେଣୁ ସେ ବହୁତ ଖାଇଯିବେ । କିନ୍ତୁ ଦେଖାଗଲା ସାଙ୍ଗସାଥୀମାନଙ୍କ ସହ ହସଖୁସି ଭିତରେ ବି ସେ ନିଜର ଲକ୍ଷ୍ୟ ଭୁଲି ନ ଥିଲେ । ତାଙ୍କୁ ଯାହା ଖାଇବାକୁ ଦିଆଗଲା ସେଥିରୁ ସେ ତାଙ୍କ ଶରୀର ପାଇଁ ଯେଉଁଗୁଡ଼ିକ କ୍ଷତିକାରକ ବୋଲି ଜାଣନ୍ତି ତାକୁ ଛୁଇଁଲେ ନାହିଁ ଓ ନିଜର ଆବଶ୍ୟକତାଠାରୁ ଟିକିଏ ବି ବେଶୀ ଖାଇଲେ ନାହିଁ । ଖାଇବା ପରେ ସମସ୍ତେ ସିଗାରେଟ୍ ପିଇ ମଜାଗପରେ ମାତି ରହିଲେ । ସେ କିନ୍ତୁ ଶତ ଅନୁରୋଧ ସତ୍ତ୍ୱେ ବି ସିଗାରେଟ୍‌ଟିଏ ସ୍ପର୍ଶ କଲେ ନାହିଁ । ଅଳ୍ପ ସମୟ ଗପସପ କରି ତାଙ୍କ ଶୋଇବା ସମୟ ବିଳମ୍ବ ହୋଇଯାଉଥିବାର ଅନୁଭବ କରି ବିଦାୟ ନେଇ ଚାଲିଗଲେ । ଜଣେ ଯଥାର୍ଥ ଖେଳୁଆଡ଼ ଓ ବ୍ୟାୟାମବିତର ଜୀବନ ଯେ କେତେ ଶୃଙ୍ଖଳିତ, କେତେ ସଂଯମପୂର୍ଣ୍ଣ ତାହା କଳ୍ପନା କରି ହେବ ନାହିଁ । ତେଣୁ ଆମେ ଦେଖିଲେ

ଭୋଜି ସମୟରେ ଖେଳୁଆଡ଼ ଜଣକ ଯାହା କଲେ ତାହା ତାଙ୍କ ଅଲକ୍ଷ୍ୟରେ ନିଜ ଲକ୍ଷ୍ୟ ସମ୍ବନ୍ଧରେ ସଦା ସଚେତନତା ଯୋଗୁଁ କଲେ । ସେ ଜାଣିଛନ୍ତି ତାଙ୍କ ଶରୀରଟି ଯେତେ ଉପଯୁକ୍ତ ଅବସ୍ଥାରେ ରହିବ ତାଙ୍କର ଖେଳ ସେତେ ଉନ୍ନତ ହେବ । ତେଣୁ ଶରୀରକୁ ସେ ଉପଯୁକ୍ତ ଖାଦ୍ୟ ଓ ବିଶ୍ରାମ ଯୋଗାଇ ଦେବା ପାଇଁ ସବୁ ସମୟରେ ସଚେତନ । ବନ୍ଧୁମାନଙ୍କର ପ୍ରଭାବ କି ସୁସ୍ୱାଦୁ ଖାଦ୍ୟର ଲାଳସା ତାଙ୍କର ଭଲ ଖେଳାଳି ହେବାର ଲାଳସାକୁ ବଳିଯାଇ ପାରି ନାହିଁ ।

ତୋର ମନେଅଛି, ଥରେ ତୋର ସ୍କୁଲରେ ଆଉ ଗୋଟିଏ ପିଲା ସାଙ୍ଗରେ ଗୋଟିଏ ନାଚ ପ୍ରୋଗ୍ରାମ ଥିଲା । ନାଚ ୪-୫ ଦିନ ଅଛି, ତୁ କିପରି ବାଟଘାଟ ଚାରିଆଡ଼େ ଚାଲିବା, ବୁଲିବା, ଖେଳିବା ସମୟରେ ବିଭିନ୍ନ ଅଙ୍ଗଭଙ୍ଗୀ କରିବାରେ ଲାଗିଲୁ । ଥରେ ଖାଇ ବସିଥିଲୁ । କିପରି ପାଟିରେ ଭାତ ପୂରାଇ ମୁଣ୍ଡ ହଲାଇ ହାତ ଦୁଇଟିରେ ବିଭିନ୍ନ ଭଙ୍ଗୀ କରୁଥିଲୁ । ମୁଁ ତୋତେ ଦେଖି ହସିବାରେ ତୁ ଲାଜରା ହୋଇ ପୁଣି ଖାଇବାରେ ଲାଗିଲୁ । ଶୋଇକରି ବି ତୁ କିପରି ନାଚ କରୁଚୁ ସେକଥା ସ୍ୱପ୍ନରେ ଦେଖୁଥିଲୁ । ଆଉ ତୁମର ଯେଉଁ ଦିନ ନାଚ ହେଲା ତୁମେ ଦୁହେଁ ଏକ ସଙ୍ଗରେ ଏକା ନାଚ ନାଚିଲେ ବି ତୋର ନାଚ କିପରି ଚମତ୍କାର ହେଲା ବୋଲି ସମସ୍ତେ କହିଲେ — ଏକଥା ମନେ ଅଛି ତ ?''

''ହଁ, ମନେ ଅଛି'', ଟିକିଏ ଲାଜେଇ ଯାଇ କହିଲା ଅନୁରକ୍ତା ।

''ତୋ ନାଚ ଭଲ ହେବାର କାରଣ ଦିନରାତି ଚବିଶ ଘଣ୍ଟା ତୋ ଆଖିରେ ଖାଲି ତୋ ନାଚର ଦୃଶ୍ୟ ଭାସୁଥିଲା, ତୋ ମନରେ ଖାଲି ନାଚର ଚିନ୍ତା ଭରିଥିଲା, ତୋ ଶରୀର ଖାଲି ନାଚର ବିଭିନ୍ନ ଭଙ୍ଗୀ କରିବାରେ ତୋ ଜାଣତରେ ଓ ତୋ ଅଜାଣତରେ ଲାଗି ରହିଥିଲା । ଏଇଆକୁ କହନ୍ତି ଆନ୍ତରିକତା । ଅନ୍ୟ ପିଲାଟିର ଏଇ ପ୍ରକାର ଆନ୍ତରିକତା ନ ଥିବାରୁ ଓ ନାଚ ସମୟରେ ସେ ଠିକ୍ ଭାବରେ କରିଦେବ ବୋଲି ମନରେ ତା'ର ଦମ୍ଭ ଭାବ ଥିବାରୁ ଠିକଣା ସମୟରେ ସେ ଠିକ୍ ଭାବରେ କରିପାରିଲା ନାହିଁ । ଥରେ ଦୁଇଜଣ ବନ୍ଧୁଙ୍କ ମଧ୍ୟରୁ ଜଣକ କ୍ଷେତ୍ରରେ ଏଇପରି ଘଟିଥିଲା ।''

''ସେଇ ଦୁଇଜଣ ବନ୍ଧୁଙ୍କ କଥା କୁହ, ଯେଉଁମାନଙ୍କ ଜୀବନରେ ଏଇପରି ଘଟନା ଘଟିଥିଲା ।'' ଆଗ୍ରହର ସହ ଅନୁରୋଧ କଲା ଅନୁରକ୍ତା ।

''ଶୁଣିବୁ ? ତେବେ ଶୁଣ । ଆମରି ଗାଁ ଭଳି ଗାଁଟିଏ । ଗାଁରେ ଥା'ନ୍ତି ଦୁଇଟି ପିଲା । ଜଣକ ନାମ ଅନାମ, ଆଉ ଜଣକ ନାମ ସୁନାମ । ଦୁହେଁ ଯାକ ଏକା ସ୍କୁଲରେ ଏକା କ୍ଲାସରେ ପଢ଼ନ୍ତି । ଦୁହିଁଙ୍କର ଭାରି ସାଙ୍ଗ । ସେ ଗାଁଠାରୁ ଅଳ୍ପ ଦୂରରେ ଥାଏ ଗୋଟିଏ ସାଧୁଙ୍କର ଆଶ୍ରମ । ଛୋଟ ଆଶ୍ରମଟିଏ । ଲୋକମାନେ ତାକୁ ମଠ କହନ୍ତି ।

ମଠର ଚାରି ପାଖକୁ ଘେରି ଗୋଟିଏ ଛୋଟ ବଗିଚା ଥାଏ । ବଗିଚାଟି ଫୁଲ, ଫଳ, ପନିପରିବାରେ ସବୁବେଳେ ହସୁଥାଏ ।

ସାଧୁ ଜଣକ ଖୁବ୍ ଭଲ । ବହୁତ ପରିଶ୍ରମୀ ବି । ଜପତପ, ଧ୍ୟାନ ଧାରଣା ଛଡ଼ା ବଗିଚାରେ ଅନେକ ସମୟରେ ନିଜେ କାମ କରନ୍ତି । ହାତରେ ରୋଷେଇ କରନ୍ତି । ନିଜେ ଖାଆନ୍ତି ଓ ଅନ୍ୟ ଦୁଇତିନି ଜଣ ଅତିଥି ଅଭ୍ୟାଗତଙ୍କୁ ବି ଖୁଆନ୍ତି । ଅନେକ ଲୋକ ଅନେକ ସମୟରେ ଦୁଃଖ ଅସୁବିଧାରେ ପଡ଼ି ତାଙ୍କ ପାଖକୁ ଯାଆନ୍ତି । ସେ ସେମାନଙ୍କୁ ଉତ୍ତମ ପରାମର୍ଶ ଦେଇ ବିଦା କରନ୍ତି । ତାଙ୍କଠାରୁ ଦୀକ୍ଷା ନେଇଥିବା କେତେକ ଶିଷ୍ୟ ମଧ୍ୟ ତାଙ୍କର ଥାଆନ୍ତି । ସମସ୍ତେ ସାଧୁଙ୍କୁ ବହୁତ ଭଲ ପାଆନ୍ତି, ସମ୍ମାନ କରନ୍ତି, ଅନେକ କଥା ତାଙ୍କୁ ଭେଟିସ୍ୱରୂପ ଯାଚନ୍ତି । ତାଙ୍କର ବେଶୀ କିଛି ଆବଶ୍ୟକତା ନ ଥାଏ । ତେଣୁ ମଠରେ ବେଶୀ ଜିନିଷ ଜମିଗଲେ ସେ ଉତ୍ସବ କରି ଲୋକମାନଙ୍କୁ ଖୁଆନ୍ତି ଓ ସେ ଦିନଟି ସମସ୍ତେ ଭଗବାନଙ୍କ ଧ୍ୟାନ, ଭଜନ, ନାମକୀର୍ତ୍ତନରେ ମାତି ରହନ୍ତି ।

ଥରେ ଅନାମ ଓ ସୁନାମ ସେ ସାଧୁଙ୍କୁ ଭେଟିବାକୁ ଇଚ୍ଛାକଲେ । ସାଧୁଙ୍କର କି ଗୋଟିଏ ଆକର୍ଷଣୀ ଶକ୍ତି ସେ ଦୁହିଁଙ୍କୁ ଆକର୍ଷଣ କରିନେଲା । ଅବଶ୍ୟ ସାଧୁଙ୍କୁ ଭେଟିବାକୁ ସୁନାମର ଇଚ୍ଛା ବେଶୀ ଥିଲା । ଯାହାହେଉ ଦିନେ ସ୍କୁଲ ଛୁଟି ରବିବାରରେ ଦୁହେଁ ଯାଇ ସାଧୁଙ୍କ ମଠରେ ପହଞ୍ଚିଲେ । ସାଧୁ ଏ ତରୁଣ ଅଭୀପ୍ସୁ ଦୁଇଜଣଙ୍କୁ ଦେଖି ବହୁତ ଖୁସୀ ହୋଇଗଲେ । ବଗିଚାରୁ ବିଭିନ୍ନ ଫଳ ଆଣି ଖାଇବାକୁ ଦେଲେ । ଆଦର ଯତ୍ନର ସହ ପାଖରେ ବସାଇଲେ ଓ ଆସିବାର କାରଣ ପଚାରିଲେ । ଦୁହେଁ କହିଲେ — ଆମେ ଭଗବାନଙ୍କ ସାଧନା କରିବାକୁ ଚାହୁଁ । ଆମକୁ ସେଥିଲାଗି ବାଟ ବତାଇ ଦିଅନ୍ତୁ ।

ସାଧୁ ବହୁତ ଆନନ୍ଦ ଅନୁଭବ କଲେ । ଦୁଇଜଣଙ୍କୁ ଗୋଟିଏ ମନ୍ତ୍ର ଦେଇ କହିଲେ — ଭଗବାନଙ୍କ ଉଦ୍ଦେଶ୍ୟରେ ଏହି ମନ୍ତ୍ରଟିକୁ ସବୁବେଳେ ସ୍ମରଣ କରୁଥିବ । ସୁଖ, ଦୁଃଖ, ଆପଦ ବିପଦ, ସବୁ ସମୟରେ ତାଙ୍କ ସାହାଯ୍ୟ ପାଇପାରିବ । ଦୁହେଁ ବହୁତ ଖୁସୀ ହୋଇ ସାଧୁଙ୍କୁ ପ୍ରଣାମ କରି, ମନ୍ତ୍ରଟିକୁ ମନେ ରଖି ଘରକୁ ଫେରିଲେ ।

ସୁନାମ ସବୁବେଳେ ମନ୍ତ୍ରଟିକୁ ସ୍ମରଣ କରେ, ଜପ କରେ — ବେଳେବେଳେ ବଡ଼ ପାଟିରେ, ବେଳେ ବେଳେ ମନେ ମନେ । ଯେତେବେଳେ କୌଣସି କାରଣବଶତଃ ଭୁଲିଯାଇଥାଏ, ପୁଣି ମନେ ପଡ଼ିଲେ ସଙ୍ଗେ ସଙ୍ଗେ ସ୍ମରଣ କରେ । ମନ୍ତ୍ରଟିର ଗୁଣ ବା ମହତ୍ତ୍ୱ ସମ୍ପର୍କରେ ସାଧୁ ଯାହା କହିଥିଲେ ତାହା ସେ ମନେ ରଖିଥାଏ । ଅନାମ କିନ୍ତୁ ଯେତେବେଳେ ଖାଲି ଅସୁବିଧାରେ ପଡ଼େ ସେତିକିବେଳେ ମନ୍ତ୍ରଟିକୁ ସ୍ମରଣ କରେ ।

ଅସୁବିଧାଟି ଚାଲିଗଲେ ମନ୍ତ୍ର କଥା ଭୁଲିଯାଏ । ଭାବେ ଦରକାର ସମୟରେ ସ୍ମରଣ କରିବା, ସବୁବେଳେ ସ୍ମରଣ କରିବା ଆବଶ୍ୟକ କ'ଣ ?

ଥରେ ଦୁହେଁ ଗୋଟିଏ ସାଇକେଲରେ ବଜାର ଯାଇଥିଲେ । ବଜାରରୁ ଫେରୁଛନ୍ତି, ଅନାମ ସାଇକେଲ ଚଳାଉଛି, ସୁନାମ ତା' ପଛରେ ବସିଛି । ଘର ଆଉ ଅଳ୍ପବାଟ ଅଛି । ବାଟରେ ଗୋଟାଏ ଆମ୍ବତୋଟା ପଡ଼ିଲା । ସେଇ ଆମ୍ବତୋଟା ଭିତର ଦେଇ ଯାଇଥିବା ବାଟରେ ଏମାନେ ଯାଉ ଯାଉ ଆଗରୁ ଗୋଟାଏ ମୋଟର ସାଇକେଲ ଆସୁଥିଲା । ଅନାମର ଅନ୍ୟମନସ୍କତା ହେତୁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ତା'ର ସାଇକେଲର ହ୍ୟାଣ୍ଡେଲ ଟିକିଏ ଏପାଖ ସେପାଖ ହୋଇଗଲା । ମୋଟର ସାଇକେଲର ଆବାଜ ଓ ଅନାମ ସାଇକେଲର ଏପଟ ସେପଟ ଗତିରୁ ସୁନାମ ପଛରେ ବସିଥିଲେ ବି ହଠାତ୍ ଆସନ୍ନ ବିପଦର ସୂଚନା ପାଇଲା ଓ ସ୍ୱତଃସ୍ଫୂର୍ତ୍ତ ରୂପେ ତା' ମଧ୍ୟରୁ ସେଇ ମନ୍ତ୍ରଟି ଉଚ୍ଚାରିତ ହେବାକୁ ଲାଗିଲା । ଆଖି ପିଛୁଳାକେ ମୋଟର ସାଇକେଲ ସହ ସାଇକେଲର ଧକ୍କା ଲାଗିଲା । ସୁନାମ ଛିଟିକି ଯାଇ ପତର ଗୋଟାଳିମାନେ ଜମା କରିଥିବା ଗୋଟିଏ ଶୁଖିଲା ପତର ଗଦା ଉପରେ ପଡ଼ିଲା । ଅନାମ କିନ୍ତୁ ଯାଇ ଗୋଟିଏ ଆମ୍ବଗଛ ଦେହରେ ପିଟି ହୋଇଗଲା । ତା'ର କାନ୍ଧ ଓ ମୁଣ୍ଡରେ ଆଘାତ ଲାଗିଲା । ରକ୍ତ ଝରିଲା । ସେ ବେହୋସ ହୋଇ ପଡ଼ିଗଲା । ସାଇକେଲଟି ବଙ୍କାହୋଇ ଆଉ ଗୋଟିଏ ଜାଗାରେ ପଡ଼ିଥାଏ । ସୁନାମର କିନ୍ତୁ କିଛି ହୋଇ ନ ଥାଏ । ସେ ପତର ଗଦା ଉପରେ ଝାଡ଼ିଝୁଡ଼ି ହୋଇ ଉଠି ଅନାମକୁ ଉଠାଇ ମୁହଁରେ ପାଣିଦେଲା ଓ ତା'ର ଚେତା ଆସିବା ପରେ ତାକୁ ଧରି ଘରକୁ ଆସିଲା ।

ଏଇ ଘଟନାର କିଛିଦିନ ପରେ ସେମାନେ ସେହି ସାଧୁଙ୍କ ନିକଟକୁ ଗଲେ, ତାଙ୍କୁ ସମସ୍ତ କଥା କହିଲେ । ସାଧୁ କହିଲେ, ''ଦୁଇଜଣଙ୍କର ଏକ ବଡ଼ ଦୁର୍ଯୋଗ ଘଟିବାର ଥିଲା । କିନ୍ତୁ ସୁନାମ ସବୁ ସମୟରେ ମନ୍ତ୍ରଟିକୁ ସ୍ମରଣ କରୁଥିବାରୁ ଦୁର୍ଘଟନା ଘଟିବା ମୁହୂର୍ତ୍ତରେ ଆପେ ତା'ର ମନ୍ତ୍ରଟି ମନେ ପଡ଼ିଗଲା । ସେ ନ ଜାଣିଲେ ବି ମନ୍ତ୍ରଟି ସବୁବେଳେ ତା' ଚେତନାରେ ରହିଛି । ଫଳରେ ସେ ବିପଦରୁ ରକ୍ଷା ପାଇଗଲା । କିନ୍ତୁ ଅନାମ ସବୁ ସମୟରେ ମନ୍ତ୍ରଟିକୁ ସ୍ମରଣ କରୁ ନ ଥିବାରୁ ହଠାତ୍ ବିପଦ ସମୟରେ ତାହା ସ୍ମରଣ କରିପାରିଲା ନାହିଁ । ଫଳରେ ଗଛରେ ପିଟି ହୋଇଗଲା । ଦୁଇଜଣଯାକ ଯଦି ସ୍ମରଣ କରିପାରିଥା'ନ୍ତେ, ତେବେ ଦୁର୍ଘଟନା ଆଦୌ ଘଟି ନ ଥା'ନ୍ତା । ସୁନାମର ମନ୍ତ୍ରଜପ ଫଳରେ ଅନାମ ବି ବହୁତ ପରିମାଣରେ ରକ୍ଷା ପାଇଗଲା । ନଚେତ୍ ଆହୁରି ଗୁରୁତର ଭାବରେ ସେ ଆଘାତ ପାଇଥା'ନ୍ତା, ଯେଉଁଥିରୁ ତା'ର ବଞ୍ଚିବା ମୁସ୍କିଲ ହୋଇ ପଡ଼ିଥା'ନ୍ତା । ଯେଉଁ ମନ୍ତ୍ରକୁ ମୁଁ ତୁମମାନଙ୍କୁ ଦେଇଛି ତାହା ମହାନ୍ ଶକ୍ତିଶାଳୀ । ଏପରିକି

ମୃତ୍ୟୁ ସମୟରେ ଥରଟିଏ ସେ ମନ୍ତ୍ରକୁ ଉଚ୍ଚାରଣ କରିପାରିଲେ ବ୍ୟକ୍ତି ସମସ୍ତ ପାପତାପରୁ ମୁକ୍ତ ହୋଇ ମୃତ୍ୟୁ ପରେ ଆନନ୍ଦ ଓ ଶାନ୍ତି ଲାଭ କରିବ ।''

''ଆଚ୍ଛା, ସାଧୁ ଯେଉଁ ମନ୍ତ୍ରଟି ଅନାମ ଓ ସୁନାମଙ୍କୁ ଦେଇଥିଲେ ସେ ମନ୍ତ୍ରଟି କ'ଣ ?'' ଉତ୍ସୁକ ହୋଇ ପଚାରିଲା ଅନୁରକ୍ତା ।

ଟିକିଏ ହସି ଚିନ୍ମୟ କହିଲା, ''କାହିଁକି, ତୁ ସେ ମନ୍ତ୍ର ଜପ କରିବୁ ନା କ'ଣ ?''

''କାଇଁ, ଜପ କଲେ କ'ଣ ଖରାପ କି ?''

''ନା, ନା, ଖରାପ କାଇଁକି ହେବ । ଯେକୌଣସି ମନ୍ତ୍ର କିଂବା ଭଗବାନଙ୍କ ନାମ ନିଷ୍ଠାର ସହ ଜପ କଲେ ତା'ର ସୁଫଳ ମିଳେ । କିନ୍ତୁ ମନ୍ତ୍ର ଆମ ଜୀବନରେ ବିଶେଷରୂପେ ପ୍ରଭାବଶାଳୀ ହେବାକୁ ହେଲେ ବା ବିଶେଷ କାର୍ଯ୍ୟ କରିବାକୁ ହେଲେ ତାହା ନିଜେ ଗୁରୁ ଆମକୁ ଦେଇଥିବା ଦରକାର, କିଂବା ସ୍ୱତଃସ୍ଫୂର୍ତ୍ତରୂପେ ତାହା ଆମ ପାଖକୁ ଆମ ଅନ୍ତରରୁ କିଂବା ଊର୍ଦ୍ଧ୍ୱରୁ ଆସିଥିବା ଦରକାର । ଆମେ ଆନ୍ତରିକ ଭାବେ ଚାହିଁଲେ ଯେକୌଣସି ଭାବେ ହେଉ ଆମର ଆବଶ୍ୟକ ମନ୍ତ୍ର ବା ନାମ ଆମେ ଆବଶ୍ୟକ ସମୟରେ ପାଇବୁ । ସେପରି ନ ହେଲେ ବାହାରୁ ବେଳେବେଳେ କାହାଠାରୁ ଶୁଣି କିଂବା କେଉଁଠୁ ପଢ଼ି କୌଣସି କୌଣସି ମନ୍ତ୍ର ଆମ ଚେତନାକୁ ସ୍ପର୍ଶ କରିଥାଏ ଓ ସ୍ୱତଃସ୍ଫୂର୍ତ୍ତରୂପେ ଆମ ଭିତରେ ଆବୃତ୍ତ ହେବାକୁ ଲାଗେ । ଆମ ଭିତରେ ମନ୍ତ୍ରର ପ୍ରଭାବ ଓ ଆମର ମନ୍ତ୍ର ପ୍ରତି ଆକର୍ଷଣରୁ ଜାଣି ହୁଏ ଯେ ମନ୍ତ୍ରଟି ଆମରି ପାଇଁ ପ୍ରେରିତ ହୋଇ ଆସିଛି କି ନାହିଁ । ଯଦି ଏପରି ଅବସ୍ଥା ଆମର ଆସି ନ ଥିବ ତେବେ ଯେକୌଣସି ମନ୍ତ୍ର ବା ଭଗବାନଙ୍କର ନାମ ଆମେ ଇଚ୍ଛା କରି ଜପ କରିପାରୁ । ବିଶ୍ୱାସ ଓ ନିଷ୍ଠାର ସହ ଯଦି ଆମେ ତାହା କରୁ, ତେବେ ତାହା ଆମକୁ ଆଗକୁ ନେଇ ଯିବାରେ ବହୁତ ସାହାଯ୍ୟ କରିଥାଏ । ତେବେ ସେ ସାଧୁ ସେଇ ପିଲାଦୁଇଟିଙ୍କୁ ଯେଉଁ ମନ୍ତ୍ର ଦେଲେ ତାହା ଥିଲା – 'ଓଁ ନମୋ ନାରାୟଣାୟ ।' କ'ଣ ତୁ ବି ୟାକୁ ଜପ କରିବୁ ?''

''ନାଇଁ, ମୋର ଇଚ୍ଛା ହେଉଛି 'ଓଁ ନମଃ ଶ୍ରୀଅରବିନ୍ଦାୟ' ଜପ କରିବାକୁ'', କହିଲା ଅନୁରକ୍ତା ।

''ତୁ ଶ୍ରୀଅରବିନ୍ଦଙ୍କୁ ବେଶୀ ଭଲ ପାଉ, ନା ? ଖୁବ୍ ଭଲ, ତୋ'ର ଯଦି ଏଇ ମନ୍ତ୍ର ଜପ କରିବାରେ ଆଗ୍ରହ ଆସୁଛି ତେବେ ସେଇଆକୁ ଜପ କର । ଅନ୍ୟ କୌଣସି ମନ୍ତ୍ର ସ୍ୱତଃସ୍ଫୂର୍ତ୍ତ ରୂପରେ ତୋ ମଧ୍ୟକୁ ନ ଆସିବା ପର୍ଯ୍ୟନ୍ତ ତାହାହିଁ ତୋତେ ଜୀବନପଥରେ ସୁରକ୍ଷା କରିବ, ବାଟ ଦେଖାଇବ ଓ ସିଦ୍ଧି ଆଣିଦେବ ।''

''ହଉ, ଏଥର ସେ ପିଲାଦୁଇଟି ସାଧୁଙ୍କ ପାଖରୁ ଫେରି କ'ଣ କଲେ କୁହ ।'' କହିଲା ଅନୁରକ୍ତା ।

''ହଁ, ସେ ଦୁହେଁ ସାଧୁଙ୍କ ପାଖରୁ ଫେରିଲେ । ଅନାମ ଯେତେ ଚେଷ୍ଟା କଲା ସବୁ ସମୟରେ ମନ୍ତ୍ରଟିକୁ ସ୍ମରଣ କରିବାକୁ କରିପାରିଲା ନାହିଁ । ତା'ଭିତରୁ ସବୁବେଳେ ଗୋଟାଏ ଓଲଟା ବିଚାର ଆସିଲା ଯେ ସାଧୁ ତ କହିଛନ୍ତି ମଲା ବେଳକୁ ଥରଟିଏ ସେ ମନ୍ତ୍ର ଉଚ୍ଚାରଣ କରିଦେଲେ ମୁକ୍ତି ମିଳିଯିବ । ମୁଁ କ'ଣ ସେତକ କରିପାରିବି ନାଇଁ ଯେ ଏବଠଉଁ କାମଧନ୍ଦା ଚିନ୍ତା ଛାଡ଼ି ସବୁବେଳେ ସ୍ମରଣ କରିବି । ସୁନାମ କିନ୍ତୁ ସବୁ ସମୟରେ ସ୍ମରଣ କରୁଥାଏ । ତା'ର ଏପରି ଅଭ୍ୟାସ ହୋଇଯାଇଥାଏ ଯେକୌଣସି କାର୍ଯ୍ୟରେ ବିଶେଷ ମନୋନିବେଶ ହେତୁ ତା'ର ସକ୍ରିୟ ମନରେ ମନ୍ତ୍ରର ସ୍ମରଣ ନ ଥିଲେ ବି ପ୍ରଚ୍ଛନ୍ନ ଭାବରେ ତା' ଚେତନାରେ ରହିଥାଏ । ଯେମିତି ତା'ର ମନ ଟିକିଏ ମୁକ୍ତ ହୋଇଯାଏ ପୁଣି ଆପେ ଆପେ ତା' ଭିତରେ ମନ୍ତ୍ରଜପ ସକ୍ରିୟ ହୋଇଉଠେ ।

ଏହା ଭିତରେ ବହୁତ ଦିନ ବିତିଯାଇଛି । ଦୁହେଁ ଘର ସଂସାର କରି ବୁଢ଼ା ହୋଇଗଲେଣି । ହଠାତ୍ ସୁନାମ ଥରେ ବେମାର ପଡ଼ିଲା କିଛିଦିନ ବେମାର ଭୋଗିବା ପରେ ତାକୁ ମର ଶରୀର ଛାଡ଼ିବାକୁ ପଡ଼ିଲା । ମୃତ୍ୟୁ ସମୟରେ ସେ ଖାଲି ସାଧୁ ଦେଇଥିବା ମନ୍ତ୍ରଟିକୁ ସ୍ମରଣ କରୁଥାଏ । ଏକ ସ୍ଥିର, ଶାନ୍ତ ଓ ପ୍ରସନ୍ନ ଅବସ୍ଥାରେ ତା'ର ଜୀବନ ଛାଡ଼ିଗଲା । ଅନାମ ମୃତ୍ୟୁ ସମୟରେ ସୁନାମ ପାଖରେ ସବୁବେଳେ ଥାଏ । ତା'ର ମୃତ୍ୟୁ ସମୟର ଅବସ୍ଥା ଦେଖି ସେ ଖୁବ୍ ଖୁସି ହେଲା । ଭାବିଲା ସେ ବି ତା'ର ନିଜର ମୃତ୍ୟୁ ସମୟରେ ସେହିପରି ମନ୍ତ୍ରଜପ କରି ସବୁ ପାପତାପରୁ ମୁକ୍ତ ହୋଇ ଶାନ୍ତି ଆଉ ଆନନ୍ଦରେ ଦେହତ୍ୟାଗ କରିବ ।

ବେଶୀ ଦିନ ଗଲା ନାହିଁ । ତା' ବେଳ ବି ଆସିଲା । ସେ ବି ଥରେ ସେମିତି ଅସୁସ୍ଥ ହୋଇ ପଡ଼ିଲା । ସେ ଜାଣିପାରିଲା, ତା'ର ମୃତ୍ୟୁ ସମୟ ନିକଟ ହୋଇ ଆସୁଛି । ଘରେ ତା'ର ଗୋଟିଏ ଝିଅ, ଗୋଟିଏ ପୁଅ । ବଡ଼ ଝିଅଟି ବିଭା ହୋଇ ଯାଇଥାଏ ଓ ବଡ଼ ପୁଅଟି ବିଦେଶରେ ଚାକିରି କରୁଥାଏ । ମୃତ୍ୟୁ ସମୟରେ ବଡ଼ ଝିଅ ଓ ବଡ଼ ପୁଅକୁ ଟିକିଏ ଦେଖିବ ବୋଲି ଖବର ପଠାଇଲା । ସ୍ତ୍ରୀ ସାନ ଝିଅ ଓ ସାନ ପୁଅ ତ ସବୁବେଳେ ପାଖେ ପାଖେ ଥାଆନ୍ତି । ସାନ ପୁଅର ସ୍କୁଲ ପଢ଼ା ଶେଷ ହୋଇଛି, କଲେଜରେ ପଢ଼ିବା କଥା । ସାନ ଝିଅଟି ବିବାହଯୋଗ୍ୟା ହୋଇଗଲାଣି, କିନ୍ତୁ ଏପର୍ଯ୍ୟନ୍ତ ବିବାହ ହୋଇପାରି ନାହିଁ, ବୁଢ଼ା ଅନାମର ଏଥିଲାଗି ବହୁତ ମନସ୍ତାପ । ଜୀବନରେ ବହୁତ କାମ ବାକି ରହିଗଲା । କରିପାରିଲା ନାହିଁ । ଏଇ ଚିନ୍ତା ଭିତରେ ଦିନୁଦିନ ସେ ଦଗ୍ଧ ହେବାରେ ଲାଗିଲା । ଶେଷରେ ତା'ର ଶେଷ ସମୟ ଆସି ଉପସ୍ଥିତ ହେଲା । ବଡ଼ ଝିଅ ଶାଶୂଘରୁ ଆସି ପହଞ୍ଚି ଯାଇଛି; କିନ୍ତୁ ବଡ଼ ପୁଅ ଏପର୍ଯ୍ୟନ୍ତ ଆସି ନାହିଁ । କାରଣ ତା'ର ଛୁଟି ମିଳିବାରେ ଟିକେ ଅସୁବିଧା ହୋଇଛି ଓ ତା'ଛଡ଼ା ତା'ର ପିଲାମାନଙ୍କ

ଦେହ ବି ଭଲ ନ ଥାଏ । ବୁଢ଼ାର ବହୁତ ଅବଶୋଷ । ଶେଷ ସମୟକୁ ବଡ଼ ପୁଅ ସହିତ ଟିକିଏ ଦେଖା ହୋଇପାରିଲା ନାହିଁ । ସବୁବେଳେ ଅସ୍ପଷ୍ଟ ସ୍ୱରରେ ପଚାରୁଥାଏ ସୁନା ଆସିଲାଣି ? ତା' ବଡ଼ ପୁଅ ନାମ ସୁନାକର । ବୁଢ଼ା ମୁହଁରେ ଅତୃପ୍ତି, ଅଶାନ୍ତି, ଦୁଃଖ, ଅବଶୋଷର ଚିହ୍ନ । ଏଇ ଅବସ୍ଥାରେ ତା' ଜୀବନଦୀପ କେତେବେଳେ ଲିଭି ଯାଇଛି ।''

''ଆଚ୍ଛା ଅନାମ କହୁଥିଲା ମରିବା ସମୟରେ ସାଧୁ ଦେଇଥିବା ସେ ମନ୍ତ୍ରକୁ ଜପ କରିବ ବୋଲି, କ'ଣ କଲା ନାହିଁ, ଉତ୍କଣ୍ଠିତା ହୋଇ ପଚାରିଲା ଅନୁରକ୍ତା ।

''ମନ୍ତ୍ର ତ ସ୍ମରଣରେ ଆସିଲା ନାଇଁ, ଆଉ ଜପ କରିବ କିପରି ? ଜୀବନସାରା ଖାଲି ପରିବାର, ଅର୍ଥ, ସ୍ୱାର୍ଥ ଚିନ୍ତାରେ କଟିଲା । ତା'ରି ଭିତରେ ମନ୍ତ୍ର ଜପ ଅଭ୍ୟାସ ଥିଲେ ସିନା ମୃତ୍ୟୁ ସମୟକୁ ମନେ ପଡ଼ିଥା'ନ୍ତା ! ସେ ଯେଉଁସବୁ ଚିନ୍ତାରେ ଅଭ୍ୟସ୍ତ ଥିଲା ସେଇସବୁ ମନେ ପଡ଼ିଲା । କେଡ଼େ ସହଜ କଥା ! ମଲାବେଳେ ମାତ୍ର ଥରଟିଏ ମନ୍ତ୍ର ଜପ କରି ଦେଇଥିଲେ ସମସ୍ତ ଦୁଃଖ, ପାପ ତାପରୁ ମୁକ୍ତି ପାଇ ଯାଇଥାଆନ୍ତା । କିନ୍ତୁ ତାହା ହୋଇପାରିଲା ନାହିଁ । ଦୁର୍ଲଭ ବସ୍ତୁ ଯେତେ ସହଜ ଜଣାପଡୁଥାଏ, ସେତେ ସହଜ ନୁହେଁ । ସେଥିପାଇଁ ଆନ୍ତରିକ ହେବାକୁ ପଡ଼ିବ । ଆନ୍ତରିକ ହେବାକୁ ହେଲେ ଆମର ଲକ୍ଷ୍ୟ ବସ୍ତୁକୁ ଶୟନେ, ସ୍ୱପନେ, ଜାଗରଣେ, ସବୁ ସମୟରେ ସ୍ମରଣ ରଖିବାକୁ ହେବ ଓ ଚିନ୍ତା, ବାକ୍ୟ, କର୍ମ ତଥା ଅନୁଭୂତିରେ ନିରନ୍ତର ପ୍ରକାଶ କରିବାକୁ ହେବ । ଆମକୁ ମନେ ରଖିବାକୁ ହେବ –

ମନ ଦେଉ ତା' ସକଳ ଚିନ୍ତା
ଶରୀର ଦେଉ କର୍ମ
ପ୍ରାଣ ଦେଉ ତା' ସକଳ ଶକ୍ତି
ହୃଦୟ ଦେଉ ପ୍ରେମ
ତୁମରି ଲାଗି ପ୍ରଭୁ ହେ ଖାଲି
ବଞ୍ଚୁ ଏ ଜୀବନ ।

# ଥରେ ଯଦି ଆନ୍ତରିକ ଭାବେ ଭଗବାନଙ୍କୁ ଚାହିଁଛ

''ଆମ ସ୍କୁଲ ପାଖରୁ ଅଳ୍ପ ଦୂରରେ ଗୋଟିଏ ହାଇସ୍କୁଲ ଅଛି । ସେଥିରେ ମାଇନର ସ୍କୁଲ ବି ମିଶି କରି ଅଛି । ଚତୁର୍ଥ ଶ୍ରେଣୀଠାରୁ ପିଲାମାନେ ସେଠାରେ ପଢ଼ନ୍ତି । ସେଠାରେ ଆମ ସ୍କୁଲ ପରି ମା' ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଶିକ୍ଷା ଦିଆଯାଏ ନାହିଁ । ସେ ଗୋଟିଏ ପୁରୁଣା ସ୍କୁଲ । ସେଇ ସ୍କୁଲରେ ମୋର ଜଣେ ସାଙ୍ଗ ପଢ଼େ । ସେ ମା' ଶ୍ରୀଅରବିନ୍ଦଙ୍କୁ ଭଲପାଏ ଓ ତାଙ୍କର ଜଣେ ଶିକ୍ଷକ ଏକଥା ଜାଣି ତାକୁ ପଚାରିଲେ, 'ତୁ କାହିଁକି ମା' ଶ୍ରୀଅରବିନ୍ଦଙ୍କୁ ପୂଜା କରୁଛୁ ?' ସେ କହିଲା, 'ମା' ଶ୍ରୀଅରବିନ୍ଦ ହେଉଛନ୍ତି ଏ ଯୁଗରେ ଭଗବାନଙ୍କର ଅବତାର । ସେମାନେ ଆସିଥିଲେ ଏଇ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାରପୂର୍ଣ୍ଣ ସଂସାରକୁ ପରିବର୍ତ୍ତନ କରି ଏଠାରେ ଏକ ନୂତନ ଅତିମାନସ ସତ୍ୟଯୁଗ ପ୍ରତିଷ୍ଠା କରିବା ପାଇଁ । ସେଇଥିପାଇଁ ସେମାନେ କାମ କରୁଥିଲେ ଓ ଏବେ ଶରୀର ତ୍ୟାଗ କରି ବି ସେଇ କାର୍ଯ୍ୟ କରୁଛନ୍ତି । ମୁଁ ସେମାନଙ୍କଠାରେ ମନେ ମନେ ନିଜକୁ ସମର୍ପଣ କରିଛି ମୋର ସବୁ ପୁରୁଣା ଅଦିବ୍ୟ ପ୍ରକୃତିକୁ ପରିବର୍ତ୍ତନ କରି ମୋତେ ସେଇ ନୂତନ ଯୁଗ ନିମନ୍ତେ ପ୍ରସ୍ତୁତ କରିବା ଲାଗି ।' ଏକଥା ଶୁଣି ତାଙ୍କ ଶିକ୍ଷକ କହିଲେ, 'ମା' ଶ୍ରୀଅରବିନ୍ଦ ଯଦି ଭଗବାନ୍ ତେବେ ତାଙ୍କ ଲାଗି ସାଧନା କ'ଣ ଏଡ଼େ ସହଜ କଥା ! ସାଧନା କରିବା ଲାଗି ସନ୍ନ୍ୟାସ ଗ୍ରହଣ କରିବାକୁ ହେବ । ସଂସାର, ପରିବାରର ମୋହମାୟା ତୁଟାଇ ବଣଜଙ୍ଗଲକୁ ଯିବାକୁ ହେବ । ଆଉ ଏଇଠି ଘର ସଂସାର ଭିତରେ ରହି, ପଢ଼ାପଢ଼ି ଓ ଯାବତୀୟ କାମ କରି ତୁମେ ଭଗବାନଙ୍କ ସାଧନା ଲାଗି ସୁଯୋଗ ପାଇବ କିପରି ? ତାଙ୍କୁ ଉପଲବ୍ଧି କରିବ କିପରି ? ପୁଣି ତାଙ୍କରି ଶକ୍ତି ଲାଭ କରି ନିଜକୁ ପରିବର୍ତ୍ତନ କରିବ କିପରି ?' ପୁଣି ତାଙ୍କରି ଶକ୍ତି ଲାଭ କରି ନିଜକୁ ପରିବର୍ତ୍ତନ କରିବ କିପରି ?' ତାଙ୍କ କଥା ଶୁଣି ମୋ ସାଙ୍ଗର ମନ ଟିକିଏ ଦବିଗଲା । ସେ ଭାବିଲା, 'ଭଗବାନ୍, ଯିଏ ସବୁକିଛି ସୃଷ୍ଟିକର୍ତ୍ତା ତାଙ୍କୁ କ'ଣ ଏଇପରି ପରିବେଶ ଭିତରେ ରହି ସାଧନା କରି ଏତେ ସହଜରେ ପାଇହେବ ?' କୁହ ତ ଚିନୁ ଭାଇ – ଇଏ କ'ଣ ଠିକ୍ କଥା ? ମୁଁ ମୋ ସାଙ୍ଗକୁ କ'ଣ କହିଲେ ତା' ମନରେ ପୁଣି ଆଶା ଭରସା ଫେରି ଆସିବ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ତୋ ସାଙ୍ଗର ଶିକ୍ଷକ ଯାହା ତାକୁ କହିଲେ ତାହା ତାଙ୍କର ପୁରୁଣା ଢଙ୍ଗର ବିଚାର ଦୃଷ୍ଟିରୁ ଠିକ୍ । ଆଗେ ଏଇସବୁ ଧାରଣା ଥିଲା ଯେ ଭଗବାନଙ୍କୁ ପାଇବାକୁ ହେଲେ ଘର ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରି ବଣଜଙ୍ଗଲରେ ସାଧନା କରିବାକୁ ହୁଏ । କିନ୍ତୁ ମା' ଶ୍ରୀଅରବିନ୍ଦଙ୍କ ଯୋଗରେ ଏସବୁ ଆବଶ୍ୟକ ନାହିଁ । ଯାହା ଆବଶ୍ୟକ ତାହା ହେଉଛି ତୁମେ ଯେଉଁଠି ଥାଅ ପଛେ ତୁମ ଭିତର ମନୋଭାବକୁ ବଦଳାଇ ଦେଲେ ସାଧନା ପଥରେ ଅଗ୍ରସର ହୋଇପାରିବ । ଯାହାକୁ ବର୍ତ୍ତମାନ ତୁମେ ନିଜ ଲାଗି, ପରିବାର ଲାଗି କରୁଛ ତାକୁ ଭଗବାନଙ୍କ ଲାଗି କରିବ । ନିଜ ଲାଗି, ପରିବାର ଲାଗି ବଞ୍ଚି ନ ରହି ଭଗବାନଙ୍କ ଲାଗି ବଞ୍ଚି ରହିବ । ନିଜକୁ ଓ ନିଜର ସବୁକିଛିକୁ ଭଗବାନଙ୍କର ବୋଲି ଭାବି ତାଙ୍କୁ ସମର୍ପଣ କରିବ । ଖାଇବା, ପିଇବା, ଶୋଇବା, ପଢ଼ିବା, କାମ କରିବା ସବୁକିଛି ସେଇ ଭଗବାନଙ୍କ ଲାଗି କରିବ, ଜୀବନରେ ତାଙ୍କୁ ପାଇବା ଓ ନିଜ ମଧ୍ୟରେ ତଥା ନିଜ କର୍ମ ମଧ୍ୟରେ ତାଙ୍କୁ ପ୍ରକାଶ କରିବା ଏଇ ଲକ୍ଷ୍ୟ ରଖିବ । ତୁମେ ଯଦି ଯଥାର୍ଥରେ ଭଗବାନଙ୍କୁ ଚାହୁଁଥାଅ ତେବେ ତୁମେ ଯେଉଁଠି ଥାଅନା କାହିଁକି ତାଙ୍କୁ ପାଇବା ଲାଗି ତୁମ ପାଇଁ ଯାହା ଭଲ ସେଇ ପ୍ରକାର ପରିବେଶ ସେ ତୁମ ଚାରିପାଖରେ ସୃଷ୍ଟି କରିଦେବେ । ଅନେକ ସମୟରେ ଆମ ନିଜ ବିଚାର ଦୃଷ୍ଟିରୁ ତାହା ଆମ ପ୍ରତି ଦୁଃଖଦାୟକ ବୋଧ ହୋଇପାରେ; କିନ୍ତୁ ଯଥାର୍ଥରେ ଆମ ଅଧ୍ୟାତ୍ମ ବିକାଶ ଲାଗି ଭଗବାନ୍ ସେ ପରିସ୍ଥିତି ଆମକୁ ଦେଇଥା'ନ୍ତି । ମା' କହିଛନ୍ତି –

*'If earnestly you say to the Divine, 'I want only Thee', the Divine will arrange the circumstances in such a way that you are compelled to be sincere.'*

'ଯଦି ତୁମେ ଯଥାର୍ଥ ଆଗ୍ରହଭରା ହୃଦୟରେ ଭଗବାନଙ୍କୁ କୁହ, 'ମୁଁ ଖାଲି ତୁମକୁ ଚାହେଁ' ତେବେ ଭଗବାନ୍ ତୁମ ପରିବେଶକୁ ଏପରି ଭାବରେ ସଜାଡ଼ି ଦେବେ ଯେଉଁଥିରେ ତୁମେ ଆନ୍ତରିକ ହୋଇଉଠିବାକୁ ବାଧ୍ୟ ହେବ ।'

''ତେଣୁ ଭଗବାନଙ୍କୁ ଚାହିଁବାଟାହିଁ ଆମର ଯଥାର୍ଥ ଆନ୍ତରିକତା ହେବା ଉଚିତ । ତା'ପରେ ଆମେ ପରିବାର ଭିତରେ ଅଛୁ, କି ସମାଜ ବାହାରେ ଜଙ୍ଗଲରେ ଅଛୁ ସେଥିରେ କିଛି ଯାଏ ଆସେ ନାହିଁ । ଆମେ ଯେଉଁଠି ଥିବୁ ସେଇଠି ଭଗବାନ୍ ଆମ ପାଇଁ ଯାହା ଦରକାର ତାହା କରିବେ । ଏ ଖାଲି ମା' ଶ୍ରୀଅରବିନ୍ଦଙ୍କ ଯୋଗରେ ନୁହେଁ, ପୁରୁଣା ଯୋଗରେ ମଧ୍ୟ – ଯେଉଁଥିରେ କୁହାଯାଏ ସାଧନା କରିବାକୁ ହେଲେ ଘର ସଂସାର ତ୍ୟାଗ କରିବାକୁ ହୁଏ – କେତେକ ବ୍ୟକ୍ତି ପରିବାର ଭିତରେ ରହି ବି ସଫଳତା ଲାଭ କରିଛନ୍ତି ।''

''ଘର, ସଂସାର ଓ ପରିବାର ଭିତରେ ରହି ଯିଏ ପୁରୁଣା ଯୋଗରେ ସଫଳତା ଲାଭ କରିଛନ୍ତି ସେଇପରି ଜଣେ ସାଧକଙ୍କ କଥା କୁହ,'' ଆଗ୍ରହର ସହ ଅନୁରୋଧ କଲା ଅନୁରକ୍ତା ।

''ହଉ କହୁଛି ଶୁଣ । ଆଜକୁ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବୋଧହୁଏ ୧୭୭୦ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ବର୍ଦ୍ଧମାନ ଜିଲ୍ଲାର ଅମ୍ବିକାକାଲନା ନାମକ ଏକ ଗ୍ରାମରେ ଏଇପରି ଜଣେ ସାଧକଙ୍କର ଜନ୍ମ ହୋଇଥିଲା । ତାଙ୍କ ନାମ ଥିଲା କମଳାକାନ୍ତ । ତାଙ୍କୁ ଅଳ୍ପ ବୟସ ହୋଇଥିବା ସମୟରେ ତାଙ୍କ ବାପା ମହେଶ୍ୱର ଭଟ୍ଟାଚାର୍ଯ୍ୟ ମରିଗଲେ । ସେମାନଙ୍କ ଅବସ୍ଥା ବିଶେଷ ଭଲ ନ ଥିବାରୁ ତାଙ୍କ ମାଆ ମାୟାଦେବୀ ତାଙ୍କୁ ନେଇ ତାଙ୍କ ବାପଘର ଚାନ୍ନା ଗ୍ରାମକୁ ଚାଲିଗଲେ ।

ବ୍ରାହ୍ମଣ ଘରର ପିଲା । ଯେକୌଣସି ପ୍ରକାରେ କିଛି ଶାସ୍ତ୍ର ଅଧ୍ୟୟନ କରିବାକୁ ହେବ । ଏଣେ କିନ୍ତୁ ଅଭାବର ସୀମା ନାହିଁ । ଯାହାହେଉ ଶେଷକୁ ଗାଁର ଜଣେ ଲୋକଙ୍କ ଘରେ ରହି କମଳାକାନ୍ତ ସଂସ୍କୃତ ଟୋଲ୍‌ରେ ବ୍ୟାକରଣ ଓ ସାହିତ୍ୟ ପାଠ ଆରମ୍ଭ କଲେ । ସେ ବହୁତ ବିଚକ୍ଷଣ ଆଉ ମେଧାବୀ ଥିଲେ, କିନ୍ତୁ ପାଠପଢ଼ାରେ ତାଙ୍କର ଜମା ମନ ନ ଥିଲା । ତଥାପି ପରୀକ୍ଷାରେ ଦେଖାଯାଏ ସବୁ ପାଠ ତାଙ୍କ ଜିଭ ଅଗରେ ଥୁଆ । ପଣ୍ଡିତମାନେ ଆଶ୍ଚର୍ଯ୍ୟ ହୁଅନ୍ତି ତାଙ୍କର ଏଇ ଅଦ୍ଭୁତ ଶକ୍ତି ଦେଖି ।

ଏହା ମଧ୍ୟରେ କମଳାକାନ୍ତଙ୍କର ବ୍ରତୋପନୟନ ହୋଇଛି । ତା'ପରଠାରୁ ତାଙ୍କର ଚାଲିଚଳନ ଭିନ୍ନ ପ୍ରକାର ଦେଖାଗଲା । ଚାନ୍ନା ଗ୍ରାମରେ କାଳୀଙ୍କର ଥିଲା ଏକ ମନ୍ଦିର । ତାଙ୍କୁ ବିଶାଳାକ୍ଷୀ ବୋଲି କୁହାଯାଉଥିଲା । କମଳାକାନ୍ତ ଟିକିଏ ସମୟ ପାଇଲେ ଯାଇ ସେଇଠି କାଳୀଙ୍କ ଆଗରେ ଆଖି ବୁଜି ଧ୍ୟାନସ୍ଥ ହୋଇ ଘଣ୍ଟା ଘଣ୍ଟା ସମୟ କଟାଇ ଦେଉଥିଲେ । ଅନ୍ତରରେ କାଳୀଙ୍କର ସାକ୍ଷାତ୍ ଦର୍ଶନ ପାଇବା ପାଇଁ ପ୍ରବଳ ଅଭୀପ୍ସା ।

ଚାନ୍ନା ଗ୍ରାମ ନିକଟରେ ଗୋଟିଏ ମଠ ଥିଲା । ସେ ମଠର ଅଧିକାରୀ ହେଉଛନ୍ତି ପ୍ରଭୁପାଦ ଚନ୍ଦ୍ରଶେଖର ଗୋସ୍ୱାମୀ । କମଳାକାନ୍ତ ତାଙ୍କର ଶିଷ୍ୟ ରୂପରେ ଦୀକ୍ଷା ନେଲେ । ମାଆ ତାଙ୍କର ପୁଅର ଏସବୁ ମତିଗତି ଦେଖି ବ୍ୟସ୍ତ ହୋଇପଡ଼ିଲେ । ଏକମାତ୍ର ପୁଅ । ସଂସାର ଛାଡ଼ି ଯଦି ସନ୍ନ୍ୟାସୀ ହୋଇଯାଏ, ପୁଣି ସଂସାର ଦାୟିତ୍ୱ ନେବ କିଏ ? ନିଜ ଭାଇ, କମଳାକାନ୍ତଙ୍କ ମାମୁଙ୍କ ସହ ପରାମର୍ଶ କରି ତାଙ୍କୁ ଜଣେ ସୁନ୍ଦରୀ ଝିଅ ସହ ବିବାହ କରିଦେଲେ । କିନ୍ତୁ ତାଙ୍କ ସ୍ତ୍ରୀ ବେଶୀ ଦିନ ବଞ୍ଚିଲେ ନାହିଁ । ବିବାହର ଅଳ୍ପଦିନ ପରେ ପ୍ରାଣତ୍ୟାଗ କଲେ । ତା'ପରେ ତାଙ୍କ ମାଆ ବର୍ଦ୍ଧମାନ ଜିଲ୍ଲାସ୍ଥ କାଞ୍ଚନପୁର ଗ୍ରାମର ଆଉ ଜଣେ କନ୍ୟାଙ୍କ ସହ ତାଙ୍କର ଦ୍ୱିତୀୟବାର ବିବାହ କରିଦେଲେ ।

କିନ୍ତୁ ଏସବୁ ପରିବାରର ବନ୍ଧନ କମଳାକାନ୍ତଙ୍କ ମନକୁ ବାନ୍ଧି ରଖିପାରିଲା ନାହିଁ ।

ସାଧନାର ନିଶା ଆହୁରି ପ୍ରବଳ ହୋଇଉଠିଲା । ଏଇ ସମୟରେ କିଣାରାମ ଚଟ୍ଟୋପାଧ୍ୟାୟ ନାମରେ ଜଣେ ଶାକ୍ତଙ୍କ ସହ ତାଙ୍କ ଦେଖାହେଲା । ଯେଉଁମାନେ କାଳୀ ଅଥବା ମାତୃଶକ୍ତିଙ୍କ ଲାଗି ସାଧନା ଉପାସନା କରନ୍ତି ତାଙ୍କୁ ଶାକ୍ତ କୁହାଯାଏ । କିଣାରାମଙ୍କ ଭାବବିହ୍ୱଳ କଣ୍ଠରେ ଶ୍ୟାମା ସଙ୍ଗୀତ ଶୁଣି କମଳାକାନ୍ତ ମୁଗ୍ଧ ହୋଇଗଲେ ।

''ଶ୍ୟାମା କିଏ ?'' ପଚାରିଲା ଅନୁରକ୍ତା ।

''ସେଇ କାଳୀଙ୍କୁ ଶ୍ୟାମା କୁହାଯାଏ ।''

''ଆଚ୍ଛା, କାଳୀ ଯଦି ମାଆ ତେବେ ସେ ଦେଖିବାକୁ ଏପରି କଳା ଓ ଭୟଙ୍କର କାହିଁକି ?''

''କାଳୀ ହେଉଛନ୍ତି ଦିବ୍ୟ ଭଗବତୀ ଶକ୍ତି, ସେ ସମଗ୍ର ଜଗତର ମାଆ । ମାଆ ହେବା ସଙ୍ଗେ ସଙ୍ଗେ ସେ ସମଗ୍ର ଜଗତର ଧ୍ୱଂସକର୍ତ୍ତ୍ରୀ ମଧ୍ୟ । ତାଙ୍କର ସେଇ ଯେଉଁ କଳା ବୀଭତ୍ସ ରୂପ ତାହା ହେଉଛି ସଂହାରର ରୂପ । ଅସୁରମାନଙ୍କୁ ଯାହାକିଛି ଭଗବାନଙ୍କ ବିରୋଧୀ ସେ ସବୁକୁ ଧ୍ୱଂସ କରିବାର ରୂପ । ସନ୍ତାନ ପାଇଁ ତାଙ୍କର ରୂପ ବହୁତ କାନ୍ତ, କୋମଳ । କିନ୍ତୁ ସନ୍ତାନମଧ୍ୟସ୍ଥ ଅଦିବ୍ୟ ଅସୁର ପ୍ରକୃତିକୁ ଧ୍ୱଂସ କରିବାରେ ସେ ଭୟଙ୍କରୀ, ପ୍ରଚଣ୍ଡା ହୋଇ ଉଠନ୍ତି । ଏ କଳା ବୀଭତ୍ସ ରୂପ ହେଉଛି ତାଙ୍କର ନିମ୍ନତର ଜଗତର ରୂପ । ଉଚ୍ଚତର ଜଗତରେ ସେ କଳା କିଂବା ବୀଭତ୍ସ ନୁହନ୍ତି । ସେଠାରେ ସେ ସୁନ୍ଦର, ଜ୍ୟୋତିର୍ମୟ, ସୁବର୍ଣ୍ଣବର୍ଣ୍ଣା । ସେଠାରେ ସେ କାଳୀ ନୁହନ୍ତି ମହାକାଳୀ । ଶ୍ରୀଅରବିନ୍ଦ ଲେଖିଥିବା ମା' ବହିରେ ପଢ଼ିନୁ ପୃଥିବୀପୃଷ୍ଠରେ ପ୍ରକାଶିତ ମା'ଙ୍କର ଚାରୋଟି ରୂପ ମଧ୍ୟରୁ ମହାକାଳୀ ଗୋଟିଏ ରୂପ ବୋଲି ?''

''ହଁ, ପଢ଼ିଛି । ଆଚ୍ଛା ହେଉ ଏଥର କୁହ, କିଣାରାମଙ୍କ ସହ ସାକ୍ଷାତ୍ ପରେ କମଳାକାନ୍ତଙ୍କର କ'ଣ ହେଲା ?''

''କିଣାରାମଙ୍କୁ ଦେଖି ଓ ତାଙ୍କ କଣ୍ଠରୁ ଭାବବିଭୋର ଶ୍ୟାମା-ସଙ୍ଗୀତ ଶୁଣି କମଳାକାନ୍ତ ନିଜକୁ ଆଉ ସମ୍ଭାଳି ରଖିପାରିଲେ ନାହିଁ । ତାଙ୍କ ନିକଟରେ ନିଜକୁ ସମର୍ପଣ କରିଦେଲେ । କିଣାରାମ ତାଙ୍କୁ ଶାକ୍ତ ମତରେ ଦୀକ୍ଷା ଦେଲେ ଓ କହିଲେ – ସାଧନା ନିମିତ୍ତ ତୁମକୁ ସଂସାର ତ୍ୟାଗ କରିବାକୁ ପଡ଼ିବ ନାହିଁ । ଏଇ ସଂସାରରେ ରହି ସାଧନା କର । ଯେତେବେଳେ ତୁମ ପାଇଁ ଯାହା ଦରକାର ତାହା ମା' କାଳୀଙ୍କ ଦୟାରୁ ହେବ ।

କିଣାରାମଙ୍କଠାରୁ ନୂତନ ପ୍ରେରଣା ପାଇ କମଳାକାନ୍ତ ଗ୍ରାମକୁ ଫେରି ଆସି ନୂତନ ଆଗ୍ରହର ସହ ତନ୍ତ୍ରମତରେ ସାଧନା ଆରମ୍ଭ କରିଦେଲେ । ଏଇ ସାଧନାରେ ସେ ଅନ୍ତରରୁ ବହୁତ ଆନନ୍ଦ ପାଇଲେ । ବେଳେବେଳେ ଆନନ୍ଦରେ ଅଧୀର ହୋଇ ନିଜେ ବି ଅନେକ ଶ୍ୟାମା-ସଙ୍ଗୀତ ରଚନା କଲେ ।

ଖାଲି ସାଧନ-ଭଜନରେ ମାତି ରହିଲେ ତ ଚଳିବ ନାହିଁ । ଏଣେ ସଂସାର ଖବର ବି ବୁଝିବାକୁ ହେବ । ଏହା ଭିତରେ ମାଆ ଇହଧାମ ତ୍ୟାଗ କଲେଣି । ଘରେ ସ୍ତ୍ରୀ ଓ ଗୋଟିଏ ଛୋଟ ଝିଅ ଅଛନ୍ତି । ତେଣୁ ସଂସାର ଖର୍ଚ୍ଚ ତୁଲାଇବା ପାଇଁ ଗାଁର ଏକ ଚଉପାଢ଼ିରେ ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କଲେ । ପ୍ରଥମେ ପ୍ରଥମେ ଏହି କାମ ବହୁତ ମନଧ୍ୟାନ ଦେଇ କରୁଥିଲେ । କିନ୍ତୁ ବେଳକୁ ବେଳ ଅନ୍ତର ତାଙ୍କର ମା'ଙ୍କ ଦର୍ଶନ ଲାଗି ବ୍ୟାକୁଳ ହୋଇଉଠିଲା । ବହୁତ ସମୟ ସାଧନ-ଭଜନରେ ମାତି ରହିବାକୁ ଇଚ୍ଛା ହେଲା । ତେଣୁ ଅନେକ ସମୟରେ ସେ ଗାଁ ଶେଷମୁଣ୍ଡର ଜଙ୍ଗଲ ମଧ୍ୟକୁ ଯାଇ ସେଠାରେ ଥିବା ବିଶାଳାକ୍ଷୀଙ୍କ ମନ୍ଦିରରେ ଦିନ ପରେ ଦିନ, ରାତି ପରେ ରାତି କଟାଇବାରେ ଲାଗିଲେ । କେତେବେଳେ ନିଜ ରଚିତ ଶ୍ୟାମା-ସଙ୍ଗୀତ, କେତେବେଳେ ବା ତାଙ୍କର ପୂର୍ବ ସାଧକ ରାମପ୍ରସାଦଙ୍କ ରଚିତ ଶ୍ୟାମା-ସଙ୍ଗୀତ, କେତେବେଳେ ବା ତାଙ୍କର ପୂର୍ବ ସାଧକ ରାମପ୍ରସାଦଙ୍କ ରଚିତ ଶ୍ୟାମା-ସଙ୍ଗୀତ ଦେବୀଙ୍କ ଆଗରେ ଭକ୍ତିଗଦ୍‌ଗଦ୍ ଚିତ୍ତରେ ଗାଇ ତାଙ୍କରି ସେବାପୂଜାରେ ମାତି ରହିଲେ । ଏଣେ ଶିକ୍ଷକଙ୍କର ବାରଂବାର ଅନୁପସ୍ଥିତି ହେତୁ ପିଲାମାନେ ଆଉ ଚଉପାଢ଼ିକୁ ଆସିଲେ ନାହିଁ ।

ବର୍ତ୍ତମାନ ସଂସାର ଚଳିବ କିପରି ? ପୁଣି କାଳୀଙ୍କର ସେବାପୂଜା ବା ହେବ କିପରି ? କାରଣ କାଳୀଙ୍କର ସେବାପୂଜାର ସମସ୍ତ ଭାର ସେ ବହନ କରିଛନ୍ତି । ଏଇପରି ଗୋଟିଏ ଦିନ, ଯେତେବେଳେ ଘରେ ତାଙ୍କର କିଛି ଖାଇବାକୁ ନାହିଁ । ସେ ଏଣେ ବିଶାଳାକ୍ଷୀଙ୍କ ମନ୍ଦିରରେ ତାଙ୍କ ନିଜସ୍ୱ ଧାରାରେ ସେବାପୂଜା, ଧ୍ୟାନ ଭଜନରେ ମସ୍‌ଗୁଲ । ତେଣେ ଦାଣ୍ଡଦୁଆରେ ଶୁଭିଲା ଜଣେ ନାରୀକଣ୍ଠର ଡାକ – ଭଟ୍ଟାଚାର୍ଯ୍ୟ ମହାଶୟ କ'ଣ ଘରେ ଅଛନ୍ତି ? ଟିକିଏ କବାଟ ଖୋଲନ୍ତୁ ତ ! ତା'ପରେ କବାଟରେ ଶୁଭିଲା କାହାର ମୃଦୁ କରାଘାତ । କମଳାକାନ୍ତଙ୍କ ସ୍ତ୍ରୀ କବାଟ ଖୋଲି ଦେଖନ୍ତି ତ ଶ୍ୟାମଳ ବର୍ଣ୍ଣର ଜଣେ ଅପୂର୍ବ ସୁନ୍ଦରୀ ଝିଅ ଦରଜା ନିକଟରେ ଛିଡ଼ା ହୋଇଛି । ତା' ସଙ୍ଗରେ ଦୁଇଜଣ ଲୋକ । ସେମାନଙ୍କ ମୁଣ୍ଡରେ ଖାଦ୍ୟବସ୍ତୁପୂର୍ଣ୍ଣ ଦୁଇଟି ବଡ଼ ବୋଝ ।

ଝିଅଟି କହିଲା, 'ମା', ଏଗୁଡ଼ିକୁ ଦେଖ । ତୁମ ପାଇଁ ମା' ଏସବୁ ଜିନିଷ ପଠାଇଛନ୍ତି ।' କମଳାକାନ୍ତଙ୍କ ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ଖାଦ୍ୟପଦାର୍ଥଗୁଡ଼ିକ ଦେଖୁଛନ୍ତି ଏ ମଧ୍ୟରେ ସେ ଲୋକ ଦୁଇଜଣ ଓ ଝିଅଟି କୁଆଡ଼େ ଅଦୃଶ୍ୟ ହୋଇଗଲେଣି । ସେ ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ । କିଏ ତାଙ୍କର ଏଇ ଅଭାବ ଅବସ୍ଥାରେ ଏତେ ଖାଦ୍ୟପଦାର୍ଥ ପଠାଇଲା ? ସେ କିଛି ଠିକ୍ କରିପାରୁ ନାହାନ୍ତି । ଧୀରେ ଧୀରେ ରାତି ହେଲା । ଅନେକ ରାତିରେ କମଳାକାନ୍ତ ଭାବାବିଷ୍ଟ ଅବସ୍ଥାରେ ଘରକୁ ଫେରିଲେ । ଘରେ ଏତେ ଖାଦ୍ୟର ଆୟୋଜନ ଦେଖି ଚମକି ପଡ଼ିଲେ । ସ୍ତ୍ରୀ ତାଙ୍କର ସବୁଘଟନା

ତାଙ୍କୁ କହିଲେ ଓ ଶେଷରେ କହିଲେ, 'ମୁଁ କିନ୍ତୁ ସେ ଝିଅଟି କିଏ ଜାଣିପାରିଲି ନାହିଁ । ଖାଲି କହିଲା ଏସବୁ ମା' ପଠାଇଛନ୍ତି । କିଏ ସେଇ ମା ?'

କମଳାକାନ୍ତ ସବୁ ବୁଝିପାରିଲେ ଏସବୁ କାଣ୍ଡ କିଏ କରିଛି । ଆଖିରୁ ତାଙ୍କର ଆନନ୍ଦପୁଲକରେ ଧାର ଧାର ଅଶ୍ରୁ ବହିବାକୁ ଲାଗିଲା । ସେହି ମା' ଯେ ତାଙ୍କ ନିଜ ମା', ମା' କାଳୀ, ସାରା ଜଗତର ମା' – ଏକଥା ସେ ଜାଣିପାରିଲେ । ସନ୍ତାନ ପ୍ରତି ସ୍ନେହବଶତଃ ତା'ର ଅଭାବ ସମୟରେ ତା' ଦରିଦ୍ର କୁଡ଼ିଆକୁ ଆସି ତାକୁ ସାହାଯ୍ୟ କରିଗଲେ । ତାଙ୍କ ସ୍ତ୍ରୀ ତାଙ୍କର ଦର୍ଶନ ପାଇଲେ, କିନ୍ତୁ ସେ ପାଇପାରିଲେ ନାହିଁ ବୋଲି ତାଙ୍କ ମନରେ ଅବଶୋଷ ରହିଗଲା ।

ଆଉ ଦିନକର କଥା । କାଳୀଙ୍କ ମନ୍ଦିରରେ ପ୍ରତିଦିନ ରାତିରେ ମାଛ ରନ୍ଧାଯାଇ ଭୋଗ ଦିଆଯାଏ ।''

ମାଛ ରନ୍ଧାଯାଇ ଭୋଗ ଦିଆଯାଏ ଶୁଣି ଚମକି ପଡ଼ିଲା ଅନୁରକ୍ତା । କହିଲା ''ଛି, ଛି, ମାଛଗୁଡ଼ିକୁ ରାନ୍ଧି କ'ଣ ଠାକୁରାଣୀଙ୍କ ମନ୍ଦିରରେ ଭୋଗ ଦିଆଯାଏ ?''

''ହଁ, କାଳୀଙ୍କ ମନ୍ଦିରରେ ସେସବୁ ଭୋଗ ଦେବାର ପଦ୍ଧତି ଅଛି । ଖାଲି ମାଛ କ'ଣ ! ଛେଳି, କୁକୁଡ଼ା, ମଇଁଷି ପ୍ରଭୃତି ବଳି ଦେଇ ସେମାନଙ୍କର ରକ୍ତ ଭୋଗରୂପେ କାଳୀଙ୍କୁ ଦିଅନ୍ତି ।''

''ଇସ୍, କି ଭୟଙ୍କର ! କାଳୀ କ'ଣ ମା' ହୋଇ ଏସବୁ ରକ୍ତ ଖାଇବାକୁ ଭଲପାଆନ୍ତି ? ଆଉ ଯିଏ ସେମାନଙ୍କୁ ମାରି କାଳୀଙ୍କୁ ଦିଏ ତା'ର କ'ଣ ଏଥିରେ ମଙ୍ଗଳ ହୁଏ ?'' ପଚାରିଲା ଅନୁରକ୍ତା ।

''ନା, ନା, ଯଥାର୍ଥରେ ଯିଏ କାଳୀ ଯେ କି ମହାକାଳୀଙ୍କର ପ୍ରକୃତ ଅଂଶ ସେ କେବେ ଏସବୁ ବୀଭତ୍ସ କାଣ୍ଡ ଚାହାନ୍ତି ନାହିଁ । କିନ୍ତୁ ସାଧାରଣତଃ ଲୋକମାନେ ଯେଉଁ କାଳୀଙ୍କୁ ପୂଜା କରିଥା'ନ୍ତି ତାହା ଅନେକ ସମୟରେ ଯଥାର୍ଥ କାଳୀଙ୍କର ବିକୃତ ରୂପ । କୌଣସି ପ୍ରାଣଜଗତର ସତ୍ତା ସେହି କାଳୀମନ୍ଦିରରେ ଆଶ୍ରୟ ନେଇ ଲୋକମାନଙ୍କର ସବୁ ସେବାପୂଜା ଗ୍ରହଣ କରେ ଓ ତା'ର ଯେମିତି ଶକ୍ତି ସେଇ ଅନୁସାରେ ଲୋକମାନଙ୍କର କାମନା ବାସନା ମଧ୍ୟ ପୂରଣ କରିଥାଏ ।

ଶ୍ରୀମା କହିଛନ୍ତି ଯଥାର୍ଥରେ କଲ୍ୟାଣ ହୁଏ ଯେଉଁ ଜୀବ ବଳି ପାଏ ତା'ର, ଯିଏ ବଳି ଦିଏ ତା'ର ନୁହେଁ । ଯେଉଁ ଜୀବନ ବଳି ପାଏ ତା'ର ଆତ୍ମସତ୍ତା ସିଧାସଳଖ ଭଗବାନଙ୍କ ପାଖକୁ ଯାଏ ଓ ପରବର୍ତ୍ତୀ ଜନ୍ମରେ ଉନ୍ନତ ଚେତନା ନେଇ ଜନ୍ମ ହୁଏ । ଶ୍ରୀମା କହନ୍ତି ଯଦି ବଳି ଦେବ ନିଜକୁ କାହିଁକି ବଳି ଦେଉନା ? ଅନ୍ୟ ଜୀବକୁ ତ ବଳି ଦେବା ସହଜ । ତା'ଛଡ଼ା ନିଜର ଅଭୀଷ୍ଟ ପୂରଣ ପାଇଁ ଅନ୍ୟ ନିରୀହ ଜୀବକୁ ବଳି

ଦେବାରେ ତୁମର କି ଅଧିକାର ଅଛି ? ତୁମ ପାଇଁ ସିଏ ବା କାହିଁକି ବଳି ପଡ଼ିବ ? ମା' ଯେଉଁ ଅର୍ଥରେ ନିଜକୁ ବଳି ଦେବା କଥା କହନ୍ତି ତାହା ହେଉଛି ଆତ୍ମ-ଉତ୍ସର୍ଗ । ନିଜକୁ ଭଗବାନଙ୍କ ଚରଣରେ ଉତ୍ସର୍ଗ କରି ଦେବା । ନିଜର କାମନାବାସନା, ସ୍ୱାର୍ଥ, ଅହଂକାର, ଅଦିବ୍ୟ ପ୍ରକୃତିକୁ ଭଗବାନଙ୍କ ଯଜ୍ଞବେଦୀରେ ବଳି ଦେବା । ସେ ଯେଉଁ ଅର୍ଥରେ ବଳି ଦେବା କହନ୍ତି ତାହାର ଅର୍ଥ ନୁହେଁ ନିଜର ବେକ କାଟି କିଂବା ଅଙ୍ଗ କାଟି ତାଙ୍କ ଆଗରେ ଥୋଇବା । ମା' ଶ୍ରୀଅରବିନ୍ଦ ବି ଏସବୁ ବାହାରର ଭୋଗ ରାଗ, ପୂଜା ଆଳତି ଆଦିକୁ ପସନ୍ଦ କରନ୍ତି ନାହିଁ । ତାଙ୍କ ଯୋଗରେ ମଣିଷର ସମଗ୍ର ଜୀବନହିଁ ଭଗବାନଙ୍କ ଚରଣରେ ଭୋଗ ସଦୃଶ । ତା'ର ସମସ୍ତ କାର୍ଯ୍ୟହିଁ ଭଗବାନଙ୍କ ପୂଜା । ତା'ର ନିଜ ଶରୀରହିଁ ତାଙ୍କର ମନ୍ଦିର । ବାହାରର ଭୋଗ ଦେଇ ଭଗବାନଙ୍କୁ ଠକିବାର ବେଳ ଚାଲିଯାଇଛି । ସମୟ ଆସିଛି ନିଜକୁ ଓ ଅନ୍ତରେ ବାହାରେ ନିଜର ସବୁକିଛିକୁ ଭଗବାନଙ୍କ ନିକଟରେ ନୈବେଦ୍ୟରୂପେ ଅର୍ପଣ କରିବାକୁ ହେବ । ତାଙ୍କଠାରୁ ପୃଥକ୍ ରହି ତାଙ୍କ ପାଖରୁ କିଛି ଦାବି ନ କରି ସଂପୂର୍ଣ୍ଣ ରୂପେ ତାଙ୍କ ସହ ଏକାକାର ହୋଇଯିବାକୁ ହେବ ।''

''ଆଚ୍ଛା, ଏସବୁ ଜୀବଜନ୍ତୁଙ୍କୁ କାଳୀଙ୍କ ନିକଟରେ ବଳି ଦେବା ଯଦି ଭଲ କଥା ନୁହେଁ, ତେବେ କମଳାକାନ୍ତ ଏତେ ବଡ଼ କାଳୀଭକ୍ତ ହୋଇ ତାହା କିପରି କରୁଥିଲେ ?'' ପଚାରିଲା ଅନୁରକ୍ତା ।

''ହୋଇପାରେ ସେ ସମୟରେ କାଳୀଙ୍କୁ ଭୋଗ ଦେବାର ଏ ପ୍ରକାର ପ୍ରଥା ଥିବାରୁ କମଳାକାନ୍ତ ତାହାକୁ ସରଳ ବିଶ୍ୱାସ ଓ ଭକ୍ତିର ସହ ଗ୍ରହଣ କରିଥିଲେ । କିନ୍ତୁ ସେ କାଳୀଙ୍କୁ ପୂଜା କରୁ ନ ଥିଲେ ନିଜର କୌଣସି କାମନାବାସନା ପୂରଣ ନିମନ୍ତେ – ଧନସମ୍ପଦ ଲାଭ, ପୁତ୍ର ସନ୍ତାନ ଲାଭ, କ୍ଷମତା ପଦପଦବୀ ଲାଭ କି କାହାର କିଛି ଅମଙ୍ଗଳ ସାଧନା ନିମନ୍ତେ । ସେ କାଳୀଙ୍କୁ ପୂଜା କରୁଥିଲେ ସ୍ୱୟଂ ମା'ଙ୍କୁ ଉପଲବ୍ଧି କରିବା ନିମନ୍ତେ, ସନ୍ତାନ ହିସାବରେ ତାଙ୍କରି ସ୍ନେହ, କୃପା ଲାଭ କରିବା ନିମନ୍ତେ ଓ ତାଙ୍କରି ଆନନ୍ଦ ମଧ୍ୟରେ ବୁଡ଼ିରହି ତାଙ୍କରି ଗୁଣ, ତାଙ୍କରି ମହିମା ଗାନ ନିମନ୍ତେ । ତାଙ୍କର ଭୋଗର ପଶ୍ଚାତରେ ଯେଉଁ ସରଳ ବିଶ୍ୱାସ, ଆନ୍ତରିକତା ଓ ହୀନ କାମନାବାସନାଶୂନ୍ୟତା ଥିଲା ତାହା ସିଧା ଶୁଦ୍ଧସ୍ୱରୂପା ଜଗନ୍ମାତା କାଳୀଙ୍କ ନିକଟରେ ପହଞ୍ଚୁଥିଲା । ମଝିରେ ପ୍ରାଣଜଗତର କୌଣସି ଅପଦେବତା ତାହା ଗ୍ରହଣ କରୁ ନ ଥିଲେ ।''

''ଆଚ୍ଛା ହଉ, ଏଥର କୁହ କାଳୀଙ୍କ ମନ୍ଦିରରେ ରାତିରେ ମାଛ ରାନ୍ଧି କମଳାକାନ୍ତ ପ୍ରତିଦିନ ଭୋଗ ଦେଉଥିଲେ । ସେଇଠୁ କ'ଣ ହେଲା ?''

''ହଁ, ସେଇଠୁ କ'ଣ ହେଇଚି ନା ଦିନେ ବହୁତ ଚେଷ୍ଟା କରି କମଳାକାନ୍ତ ମାଛ ପାଇଲେ ନାହିଁ । ସନ୍ଧ୍ୟାବେଳଠାରୁ କାଳୀଙ୍କ ପାଖରେ ବସି ଧ୍ୟାନରେ ବୁଡ଼ି ଯାଇଛନ୍ତି ।

ରାତି ଅଧ ହେଲାଣି । ଧ୍ୟାନ ଭାଙ୍ଗିଲା । ମନେ ପଡ଼ିଲା ଆଜି ମା'ଙ୍କୁ କିଛି ଭୋଗ ଦିଆଯାଇ ନାହିଁ । ଯେତେ ଚେଷ୍ଟା କଲେ ବି ମାଛଟିଏ କେଉଁଠୁ ଯୋଗାଡ଼ କରିପାରିଲେ ନାହିଁ । ମନ ଦୁଃଖରେ ଶିମୁଳି ଗଛମୂଳେ ତାଙ୍କ ସାଧନ ଆସନରେ ବସି ଗୁଣୁ ଗୁଣୁ ହୋଇ କାଳୀଙ୍କ ନାମ ଗାନ କରୁଛନ୍ତି । ସେଇ କାଳୀମନ୍ଦିର ପଛଆଡ଼େ ଗୋଟିଏ ପୋଖରୀ ଥିଲା । ହଠାତ୍ ସେଥିରେ ପାଣି ଚବ୍ ଚବ୍ ଶବ୍ଦ ଶୁଭିଲା । କମଳାକାନ୍ତ ପାଟିକରି ଡାକିଲେ, 'କିଏ ! ଏତେ ଶୀତ ରାତିରେ ପୋଖରୀରେ କିଏ ପଶିଛି ।'

ଉତ୍ତର ଆସିଲା, 'ମୁଁ ଜଣେ ବାଉରି ଘର ଝିଅ, ମାଛ ଧରୁଛି ।'

କମଳାକାନ୍ତ ବଡ଼ ପାଟିରେ କହିଲେ, 'ଯଦି ପାଅ, ମୋତେ ଦି'ଟା ଦେଇଯିବ । ମା'ଙ୍କର ଭୋଗ ଏତେବେଳ ଯାଏ ରନ୍ଧା ହୋଇ ନାହିଁ ।' କିଛି ସମୟ ପରେ ସେ ସ୍ତ୍ରୀ ଲୋକଟି ଓଦା ସରସର ହୋଇ ଆସି କମଳାକାନ୍ତଙ୍କ ଆଗରେ ଦୁଇଟି ମାଗୁର ମାଛ ରଖିଦେଇ କହିଲା, 'ନିଅ ବାବା, ଏଥର ମା'ଙ୍କ ପାଇଁ ଭୋଗ ରାନ୍ଧ ।'

ଦୀପ ଆଲୁଅରେ ସେଇ ନାରୀକୁ ଦେଖି କମଳାକାନ୍ତ ଚମକି ଉଠିଲେ । ଭାବିଲେ ଏ କି ଅପୂର୍ବ ସୁନ୍ଦର ଚେହେରା ! ଇନ୍ଦ୍ରନୀଳମଣି ପରି ଦେହର ରଙ୍ଗ, ସୁଢ଼ଳ ଆଖି, ହସ ହସ ମୁହଁରୁ ଯେପରି ଆନନ୍ଦର ଜ୍ୟୋତିଃ ଝରି ପଡୁଛି ! କମଳାକାନ୍ତ ନିର୍ବାକ୍ ହୋଇ ଚାହିଁ ରହିଲେ । ଭାବିଲେ କାହିଁ କେବେ ତ ଏ ସ୍ତ୍ରୀଲୋକକୁ ମୁଁ ଏ ଅଞ୍ଚଳରେ ଦେଖିନି । ଇଏ କ'ଣ କେବେ ବାଉରି ଘର ଝିଅ ହୋଇପାରେ ?

ବିସ୍ମୟଭରା କୋମଳ କଣ୍ଠରେ ପଚାରିଲେ, 'ଝିଅ, ତୁମେ କିଏ ? ତୁମକୁ ତ ମୁଁ ଚିହ୍ନିପାରୁ ନାହିଁ ।'

ମୁଖରେ ଅପୂର୍ବ ହସର ଆଭା ଫୁଟାଇ ସେ ତରୁଣୀଟି କହିଲା, 'ବାବା, ତୁମେ ମୋତେ ଚିହ୍ନି ପାରୁନା ? ମୁଁ କିନ୍ତୁ ତୁମକୁ ବେଶ୍ ଚିହ୍ନେ । ତୁମର ଶ୍ୟାମାସଙ୍ଗୀତ ଶୁଣି ମୋ ହୃଦୟ ଆନନ୍ଦରେ ପୂରିଯାଏ । ସେଇଥିପାଇଁ ତ ବାରଂବାର ଏଠାକୁ ମୁଁ ଛୁଟିଆସେ ।'

'ଏତେ ରାତିରେ ଏକୁଟିଆ ଆସିଚ, ତୁମକୁ କ'ଣ ଡର ମାଡ଼େ ନାହିଁ ?'

'ବାବା, ମୁଁ ତ ସବୁଦିନେ ଏମିତି ଏକଲା ଆସେ, ଏକଲା ଯାଏ, ଆଉ ଆଜି କାହିଁକି ଡର ମାଡ଼ିବ ? ଆଚ୍ଛା ହଉ, ଛାଡ଼ ସେକଥା । ଏ ମାଛ ରଖ, ମା'ଙ୍କ ପାଇଁ ଭୋଗ ଯୋଗାଡ଼ କର । ମୁଁ ଯାଉଛି ।' ଏହା କହି ଧୀରେ ଧୀରେ ସେ ସ୍ତ୍ରୀଲୋକଟି ଅନ୍ଧାରରେ କୁଆଡ଼େ ମିଳାଇଗଲା । କମଳାକାନ୍ତ ତନ୍ମୟ ହୋଇ ସିଆଡ଼କୁ ସେମିତି ଚାହିଁ ରହିଛନ୍ତି – କେତେବେଳ ଚାଲିଗଲାଣି ଜାଣନ୍ତି ନାହିଁ । ଟିକିଏ ହୋସ୍ ଆସିବାରୁ ବ୍ୟସ୍ତ ହୋଇ ଭାବିଲେ – ଆରେ ମାଛ ଦୁଇଟାର ଦାମ୍ ତ ତାକୁ ଦେଲି ନାହିଁ । ସେ ବି ତ କାହିଁ ମାଗିଲା ନାହିଁ ।

ଅନ୍ତରରେ ତାଙ୍କର ବିଜୁଳି ଭଳି ଗୋଟିଏ ତରଙ୍ଗ ଖେଳିଗଲା । ସେ ଜାଣିପାରିଲେ ଏ ଜଣେ ସାମାନ୍ୟା ନାରୀ ନୁହନ୍ତି । ସାମାନ୍ୟା ନାରୀଟିଏ ନିର୍ଜନ ଶୀତ ରାତିରେ ଏପରି ଜଙ୍ଗଲ ମଧ୍ୟରେ ଏକୁଟିଆ ଆସିବାକୁ କେବେ ସାହସ କରିବ ନାହିଁ । ପୁଣି ମା'ଙ୍କ ଭୋଗ ପାଇଁ ମାଛ ମିଳି ନାହିଁ ବୋଲି ତା'ର ଏତେ ବ୍ୟାକୁଳତା କାହିଁକି ? ତା'ର ରୂପକୁ ଦେଖି ତାଙ୍କ ଅନ୍ତରରେ ଏପରି ସ୍ୱର୍ଗୀୟ ପୁଲକ କାହିଁକି ? ବ୍ୟାକୁଳ ହୃଦୟରେ କମଳାକାନ୍ତ କିଛି ବାଟ ଦଉଡ଼ିଯାଇ ଡାକିବାକୁ ଲାଗିଲେ – ମା, ଥରେ ଶୁଣିଯାଅ, ଫେରିଆସ ମା, ଥରେ ଶୁଣିଯାଅ ! ଫେରିଆସ ମା, ଥରେ ଶୁଣିଯାଅ ! କିନ୍ତୁ ସେଇ କଳା କିଟି କିଟି ନିର୍ଜନ ରାତିରେ ଖାଲି ଭାସି ଆସିଲା ତାଙ୍କ ନିଜ କଣ୍ଠର ପ୍ରତିଧ୍ୱନି, ଆଉ ପେଚା ଓ ବାଦୁଡ଼ିମାନଙ୍କର ଶବ୍ଦ ! ସେଦିନର ସେଇ ଅପରୂପ କାନ୍ତିକୁ ଧ୍ୟାନ କରି କମଳାକାନ୍ତ ତା'ପରେ ଲେଖିଚାଲିଲେ ଶ୍ୟାମା-ସଙ୍ଗୀତ ।

ଆଉ ଦିନକର କଥା । ଅନେକ ରାତି ହେଲାଣି । ସାଧନ କ୍ରିୟା ଶେଷ କରି କମଳାକାନ୍ତ ବସି ବିଶାଳାକ୍ଷୀଙ୍କ ପାଇଁ ରକ୍ତଜବାର ମାଳ ଗୁନ୍ଥୁଛନ୍ତି । ତା' ସଙ୍ଗରେ ମା'ଙ୍କ ଉପରେ ଅଭିମାନ କଲାଭଳି ସ୍ୱରରେ ଗୁଣୁ ଗୁଣୁ ହୋଇ ଗୀତ ବୋଲି ଚାଲିଛନ୍ତି । ଦୁଇ ଆଖିରୁ ତାଙ୍କର ଧାର ଧାର ଲୁହ ବହି ପଡୁଛି । ହଠାତ୍ ତାଙ୍କର ଗୀତ ବନ୍ଦ ହୋଇଗଲା । ସଙ୍ଗେ ସଙ୍ଗେ ଜଣେ କିଏ କହି ଉଠିଲା, 'ବାବା, ଚୁପ୍ ହେଲ କାହିଁକି, ଗାଅ ଗାଅ ।' କମଳାକାନ୍ତ ଆଶ୍ଚର୍ଯ୍ୟ ହୋଇ ମନ୍ଦିର ଦ୍ୱାର ଆଡ଼କୁ ଚାହିଁ ଦେଖିଲେ ଜଣେ ବୟସ୍କା ମହିଳା ହସ ହସ ମୁହଁରେ ବସିଛନ୍ତି । ସେ ମହିଳା ପୁଣି କହିଲେ – 'ବାବା, ବଡ଼ ମଧୁର ତୁମର ଏହି ସଙ୍ଗୀତ । ମୋତେ ଆଉ କିଛି ସଙ୍ଗୀତ ଶୁଣାଇବ ?'

କମଳାକାନ୍ତ ଭାବିଲେ କିଏ ଏଇ ମହିଳା ? ୟାଙ୍କୁ ତ ମୁଁ କେବେ ଚିହ୍ନି ନାହିଁ । ଏ ଅନ୍ଧାର ରାତିରେ ଏ ପୁଣି କେଉଁଠୁ ଆସିଲେ ? ତେଣୁ ସେ ପଚାରିଲେ, 'ମା', ମୁଁ ତୁମକୁ ନିଶ୍ଚୟ ସଙ୍ଗୀତ ଶୁଣାଇବି । କିନ୍ତୁ ତୁମେ ଆଗେ କୁହ ତ ତୁମେ କିଏ, ଆଉ କେଉଁଠୁ ଆସିଛ ?'

ମହିଳା ଜଣକ ହସି ହସି କହିଲେ, 'ଇଏ କି କଥା ବାବା । ମୁଁ ପରା ତୁମ ଧର୍ମନାରାୟଣର ମା' । ମୋତେ ଚିହ୍ନିପାରୁନା ?'

'ଓଃ, ତୁମେ ଧର୍ମନାରାୟଣର ମା' ! ମୁଁ ତ ତୁମକୁ କେବେ ଆଗରୁ ଦେଖି ନାହିଁ ନା; ସେଇଥିପାଇଁ ଚିହ୍ନିପାରିଲି ନାହିଁ । କିଛି ଭାବିବ ନାହିଁ । ମୁଁ ଗୀତ ଗାଉଛି ଶୁଣ ।'

''ଧର୍ମନାରାୟଣ କିଏ ?'' ପଚାରିଲା ଅନୁରକ୍ତା ।

''ଧର୍ମନାରାୟଣ ହେଉଛି କମଳାକାନ୍ତଙ୍କ ଗାଁର ଜଣେ ଗଉଡ଼ । ବିଶାଳାକ୍ଷୀଙ୍କର ସିଏ ଜଣେ ଖୁବ୍ ଭକ୍ତ । ପ୍ରତିଦିନ ଦେବୀଙ୍କ ମନ୍ଦିରରେ ଦୁଧ, ଖୁଆ ଆଦି ଆଣି ଦିଏ । ଏ ବୁଢ଼ୀ ତା'ରି ମାଆ ଜାଣି କମଳାକାନ୍ତ ଖୁସୀ ହୋଇ ଶ୍ୟାମା-ସଙ୍ଗୀତ ଗାଇ ଚାଲିଥା'ନ୍ତି । କିଛି ସମୟ ପରେ ହଠାତ୍ ଚାହିଁଲା ବେଳକୁ ବୁଢ଼ୀ ଆଉ ନାହିଁ । ପରଦିନ ଧର୍ମନାରାୟଣ ଦୁଧ ଧରି ମନ୍ଦିରକୁ ଆସିଲାବେଳେ କମଳାକାନ୍ତ ତାକୁ ସବୁକଥା କହିଲେ । ସେ କହିଲା, ''ବାବା, ତୁମେ କ'ଣ ପାଗଳ ହେଲ ? ମୋର ମା' କୋଉଠୁ ଆସିବ । ସିଏ ତ ଅନେକ ଦିନରୁ ମଲାଣି । ମୋର ମା' ଏଇ ବିଶାଳାକ୍ଷୀ । ତାଙ୍କ ଛଡ଼ା ମୋର ଆଉ କେହି ମା' ନାହାନ୍ତି ।'

ଏକଥା ଶୁଣି କମଳାକାନ୍ତ ବୁଝିପାରିଲେ ସେ ବୃଦ୍ଧା କିଏ । ହୃଦୟରେ ପୁଣି ତାଙ୍କର ଏକ ବିଦ୍ୟୁତ୍‌ର ଝଲକ ଭଳି ଦିବ୍ୟ ଉନ୍ମାଦନା ଖେଳିଗଲା । ଆଖିରୁ କୃତଜ୍ଞତାର ଲୁହ ଝରି ପଡ଼ିଲା । ମା' ମା' ବୋଲି କାନ୍ଦି କାନ୍ଦି ସେ ମୂର୍ଚ୍ଛିତ ହୋଇଗଲେ ।

ଏଇପରି ଅନେକ ଘଟନା କମଳାକାନ୍ତଙ୍କ ଜୀବନରେ ଅଛି ଯାହା ଆଜି କହିବାକୁ ସମୟ ନାହିଁ । ତାଙ୍କ ସାଧନା-ଜୀବନରେ ଯେତେବେଳେ ଯାହା ତାଙ୍କ ପାଇଁ ଦରକାର ହୋଇଛି ତାହା ମା' କାଳୀ କରିଛନ୍ତି । କଠୋର ସାଧନାର ଭିତର ଦେଇ ଦିନ ପରେ ଦିନ ସେ କାଳୀଙ୍କ କୃପାରୁ ଆଗେଇ ଚାଲିଲେ । ଶେଷରେ ଦିନେ ସେ ତାଙ୍କ ସାଧନାରେ ସିଦ୍ଧିଲାଭ କଲେ ଓ ମା' କାଳୀଙ୍କ ଦିବ୍ୟମୂର୍ତ୍ତି ଦର୍ଶନ କଲେ । ରାମପ୍ରସାଦଙ୍କ ପରେ ସିଦ୍ଧ ସାଧକ ହିସାବରେ କମଳାକାନ୍ତ ସେ ସମୟରେ ବହୁତ ସୁପରିଚିତ ଥିଲେ । ସେ ଏକାଧାରରେ ଥିଲେ ସାଧକ, କବି, ସୁଗାୟକ ଓ ଜନହିତକାରୀ ଲୋକ । ସେ ଶିବ ଓ ଶକ୍ତି, ଶ୍ୟାମ ଓ ଶ୍ୟାମାଙ୍କୁ ଏକ ଭାବୁଥିଲେ । ତାଙ୍କର ଶ୍ୟାମାସଙ୍ଗୀତ ବଙ୍ଗଳାର ପୁରପଲ୍ଲୀରେ ବହୁତ ଆଦର ଲାଭ କରିଛି । ସ୍ୱୟଂ ରାମକୃଷ୍ଣ ପରମହଂସ ମଧ୍ୟ ରାମପ୍ରସାଦ ଓ କମଳାକାନ୍ତଙ୍କ ରଚିତ ଶ୍ୟାମାସଙ୍ଗୀତକୁ ଭାରି ଆଦର କରୁଥିଲେ । କେତେବେଳେ ସେ ନିଜେ ଗାଉଥିଲେ ତ କେତେବେଳେ ଅନ୍ୟକୁ ଗାଇ ଶୁଣାଇବାକୁ ଅନୁରୋଧ କରୁଥିଲେ ।

ତେଣୁ ଭଗବାନଙ୍କୁ ପାଇବାକୁ ହେଲେ ଘରଦ୍ୱାର ଛାଡ଼ି ବଣଜଙ୍ଗଲରେ ସନ୍ନ୍ୟାସୀ ହେବା ଯେ ସବୁ ସମୟରେ ଦରକାର ତା' ନୁହେଁ । ଯାହା ଦରକାର ତାହା ହେଉଛି ଯେଉଁଠି ଥାଅ ପଛେ ଆମକୁ ଆନ୍ତରିକ ହେବାକୁ ହେବ । ତା'ହେଲେ କୌଣସି ସଫଳତା ଆମ ପାଇଁ ଆଉ ଅସମ୍ଭବ ହୋଇ ରହିବ ନାହିଁ । ସେଇଥିପାଇଁ ମା' କହିଛନ୍ତି :

*'Be perfectly sincere and no victory will be denied to you.'*

'ପୂର୍ଣ୍ଣରୂପେ ଆନ୍ତରିକ ହୁଅ, କୌଣସି ବିଜୟ ଆଉ ଦୁଷ୍ପ୍ରାପ୍ୟ ହୋଇ ରହିବ ନାହିଁ।'

''ଅନ୍ତର ଯଦି ଚାହିଁଛି ଥରେ
ପାଇବା ଲାଗି
ଭଗବାନଙ୍କୁ ଖାଲି,
ଆନ୍ତରିକ ଯେମିତି ହେଲେ
କରିବେ ସିଏ
ସିଞ୍ଚ୍ କୃପା-ବାରି।''

# ଯାହା ଆନ୍ତରିକ ଓ ସତ୍ୟ

''ଚିନୁଭାଇ, ତୁମେ କୁହ ମା' କହନ୍ତି ଯେ ଅସୁସ୍ଥତା ଗୋଟାଏ ମିଥ୍ୟା । କ୍ରୋଧ ଗୋଟାଏ ମିଥ୍ୟା । ଏସବୁ ବାହାରର ଶତ୍ରୁ ଭଳି ଆମ ଭିତରେ ପ୍ରବେଶ କରି ନାନା ପ୍ରକାର ବିଶୃଙ୍ଖଳା, ଦୁଃଖ-ଯନ୍ତ୍ରଣା ସୃଷ୍ଟି କରିଥାଆନ୍ତି । କିନ୍ତୁ ମୁଁ ତ ବାରଂବାର ଅସୁସ୍ଥ ହଉଚି, ଟିକିଏ କିଛି ମୋର ମନଲାଖି ନ ହେଲା ବେଳକୁ କିଂବା ମୋତେ କେହି ଟାଣକରି କିଛି କହିଲାବେଳକୁ ମୁଁ ରାଗି ଯାଉଚି, ନ ହେଲେ କାନ୍ଦି ପକାଉଚି । ଏସବୁ ଯେବେ ବାହାରର ଶତ୍ରୁ, ତେବେ ମୁଁ ତ ସେମାନଙ୍କୁ ଚାହୁଁ ନାଇଁ, ସେମାନେ ମୋ ଭିତରକୁ କିପରି ଆସୁଚନ୍ତି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ସେମାନେ ବାହାରର ଶତ୍ରୁ ସତ, କିନ୍ତୁ ଦେଖିଚୁ, ଦିନରେ ଘର ଭିତରେ ଯେଉଁ ଅଂଶ ଅନ୍ଧାରୁଆ କଳା ଓ ପବନ ଚଳାଚଳ ବେଶୀ ନ ଥାଏ ସେଇ ଅଂଶରେ କିପରି ମଶାମାନେ ଆଶ୍ରୟ ନେଇଥା'ନ୍ତି ? ସେପରି ଅନ୍ଧାରୁଆ ସନ୍ଧିଜାଗା ନ ଥିଲେ ସେମାନେ ଦିନରେ ରହିବାକୁ ସୁଯୋଗ ପାଆନ୍ତେ ନାହିଁ । ସେହିପରି ଆମ ଭିତରେ ଯଦି ଅସୁସ୍ଥତା ଓ କ୍ରୋଧଭଳି ବାହାରର ଶତ୍ରୁଙ୍କୁ ଆଶ୍ରୟ ଦେବାକୁ ଅନ୍ଧାରୁଆ କଳାସ୍ଥାନ ନ ରହିବ, ସେମାନେ ଆମ ଭିତରକୁ ପ୍ରବେଶ କରିପାରିବେ ନାହିଁ କିଂବା ପ୍ରବେଶ କଲେ ଆଶ୍ରୟ ନେବାକୁ ସ୍ଥାନ ପାଇପାରିବେ ନାହିଁ । ଘରଟି ମଶାଶୂନ୍ୟ ହେବାକୁ ହେଲେ ଯେପରି ପୂରାପୂରି ମୁକ୍ତ ଆଲୋକ ଓ ମୁକ୍ତ ବାୟୁ ପ୍ରତି ଉନ୍ମୁକ୍ତ ରହିବା ଦରକାର ସେହିପରି ଆମ ଆତ୍ମାର ଘର ସଦୃଶ ଆମର ମନ-ପ୍ରାଣ-ଶରୀର ଅସୁସ୍ଥତା, କ୍ରୋଧ ଆଦି ବାହାରର ଶତ୍ରୁ ତଥା ମିଥ୍ୟା ପ୍ରଭୃତି ଅଦିବ୍ୟ ଶକ୍ତିଙ୍କ ଦାଉରୁ ମୁକ୍ତ ହେବାକୁ ହେଲେ ସଂପୂର୍ଣ୍ଣରୂପେ ସତ୍ୟର ଦିବ୍ୟ ଆଲୋକ ଓ ଦିବ୍ୟଚେତନା ପ୍ରତି ଉନ୍ମୁକ୍ତ ହେବା ଦରକାର । ତେଣୁ ଯେତିକି ପରିମାଣରେ ଆମେ ସତ୍ୟ ପ୍ରତି ଆନ୍ତରିକ ଭାବରେ ଉନ୍ମୁକ୍ତ ହୋଇପାରିବା ସେତିକି ପରିମାଣରେ ମିଥ୍ୟାଠାରୁ ମୁକ୍ତ ହୋଇପାରିବା । ତା' ନ ହେଲେ ଅସୁସ୍ଥତା, କ୍ରୋଧ ଭଳି ମିଥ୍ୟାର ଚରମାନେ ଆସି ବାରଂବାର ଆମକୁ ପରୀକ୍ଷା କରି ଯାଉଥିବେ ଓ ଆମ ଭିତରେ ସଂଶୋଧନ କରିବା ଲାଗି ଆହୁରି ତ୍ରୁଟି ରହିଛି ବୋଲି ଦେଖାଇ ଦେଇ ଯାଉଥିବେ । ମା' କହିଛନ୍ତି :

*'One thing you must know and never forget – it is all*

*that is true and sincere will always be kept – only what is false and insincere will disappear'.*

*'So – in the measure in which your need for me is sincere and genuine, it will be fulfilled.'*

'ଗୋଟିଏ କଥା ତୁମକୁ ଜାଣି ରଖିବାକୁ ହେବ ଓ କେବେ ବି ଭୁଲି ଯିବାକୁ ହେବ ନାହିଁ – ତାହା ହେଉଛି : ଯାହାକିଛି ସତ୍ୟ ଏବଂ **ଆନ୍ତରିକ** ତାହା ସବୁବେଳେ ରହିବ – କେବଳ ଯାହା କିଛି ମିଥ୍ୟା ଓ ଅନାନ୍ତରିକ ତାହା ନିଶ୍ଚିହ୍ନ ହେବ ।

ତେଣୁ – ଯେତିକି ପରିମାଣରେ ମୋ ପାଇଁ ତୋ'ର ଇଚ୍ଛା ଯଥାର୍ଥ ଓ ଆନ୍ତରିକ, ସେତିକି ପରିମାଣରେ ତୋ'ର ଇଚ୍ଛା ପୂରଣ ହେବ ।'

ବାସ୍ତବରେ ସତ୍ୟ ପ୍ରତି ଆନ୍ତରିକତା ଶକ୍ତି ନିକଟରେ ଯାହା ମିଥ୍ୟା ତାହା କେବେ ବି ତିଷ୍ଠିପାରେ ନାହିଁ । ତାହା ପରିବର୍ତ୍ତନ ହୁଏ ନଚେତ୍ ଧ୍ୱଂସପାଏ । ଏକଥା ବାହ୍ୟ ଜଗତରେ ଯେପରି ସତ୍ୟ, ଆନ୍ତର ଜଗତରେ ମଧ୍ୟ ସେଇପରି ସତ୍ୟ । ଶୁଣିବୁ ବାହ୍ୟ ଜଗତର ଏଇଭଳି ଗୋଟିଏ କାହାଣୀ ?''

''ହଁ, କୁହ ।''

''ଗତ ଥରକ କାଳୀଭକ୍ତ କମଳାକାନ୍ତଙ୍କ କଥା ଯେଉଁ ଶୁଣିଥିଲୁ ମନେ ଅଛି ?''

''ହଁ, ମନେ ଅଛି । ତାଙ୍କ ଘରେ କିପରି ଦିନେ କିଛି ଖାଇବାକୁ ନ ଥିଲା; କାଳୀ ଜଣେ ଝିଅ ବେଶରେ କେତେ ଖାଦ୍ୟ ପଦାର୍ଥ ଆଣି ଦେଇଗଲେ । ଆଉ ଥରେ ଭୋଗ କରିବା ଲାଗି ମାଛ ନ ଥିଲା, ଶୀତ ରାତିରେ ବାଉରାଣୀ ବେଶରେ ପୋଖରୀରୁ ମାଗୁର ମାଛ ଧରି ତାଙ୍କୁ ଦେଇଗଲେ । ସେ ଶ୍ୟାମା-ସଙ୍ଗୀତ ବୋଲୁଥିବାବେଳେ ସେ କିପରି ବୁଢ଼ୀ ବେଶରେ ବସି ଶୁଣୁଥିଲେ ।''

''ହଁ, ହଁ, ଠିକ୍ ମନେ ରଖିଚୁ । ସେଇ କମଳାକାନ୍ତଙ୍କ ଜୀବନର ଆଉ ଏକ ଘଟନା । ତୁ ତ ଜାଣୁ କମଳାକାନ୍ତଙ୍କ ଗାଁର ନାମ ଚାନ୍ନା । ତାଙ୍କ ଗାଁଠାରୁ ତିନିଚାରି ମାଇଲ ଦୂରରେ ଆଉ ଗୋଟିଏ ଗାଁ ଥିଲା । ତା'ର ନାମ ଓଡ଼ଗାଁ । ଥରେ କମଳାକାନ୍ତ ସେଇ ଗାଁକୁ ତାଙ୍କର ଜଣେ ଶିଷ୍ୟ ଘରକୁ ଯାଇଥିଲେ । ସେଠାରୁ ଫେରିଲାବେଳକୁ ସୂର୍ଯ୍ୟ ବୁଡ଼ିବା ଉପରେ । ବାଟରେ ଗୋଟାଏ ବଡ଼ ନିର୍ଜନ ପାଟ ।''

''ପାଟ କ'ଣ ?''

''ପାଟ ଭିତରେ ଖାଲି ଜମି ଓ ପଡ଼ିଆଗୁଡ଼ାଏ ଥାଏ, ମଝିରେ ଆଉ କିଛି ଘରଦ୍ୱାର ନ ଥାଏ ।''

''ହଉ କୁହ ।''

''ସେଇ ପାଟରେ କମଳାକାନ୍ତ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ଆସିଲା । ସେ ପାଟ ବଡ଼ ଭୟଙ୍କର ସ୍ଥାନ । ସେଠାରେ ଡକାୟତମାନଙ୍କ ଉପଦ୍ରବ ବହୁତ । ସେମାନଙ୍କ ଭୟରେ ସେ ବାଟରେ ଏକା କେହି ଯାଆନ୍ତି ନାହିଁ । ଏଣେ ପୁଣି ଅନ୍ଧାର ହୋଇ ଆସିଲାଣି । ବହୁତ ଦୂରରେ କେତୋଟି ତାଳଗଛ ଛଡ଼ା ଆଉ କିଛି ଦେଖାଯାଉ ନାହିଁ । ଚାରିଆଡ଼େ ଖାଲି ଅନ୍ଧକାରମୟ ନିର୍ଜନତା ।

କମଳାକାନ୍ତ ମା' କାଳୀଙ୍କ ଚିନ୍ତାରେ ନିମଗ୍ନ ରହି ତାଙ୍କୁହିଁ ସ୍ମରଣ କରି କରି ନିର୍ଭୟରେ ଚାଲିଥା'ନ୍ତି । ହଠାତ୍ ତାଙ୍କ ପଛରୁ – ଆରେ-ରେ ଧର-ଧର – ବୋଲି ଚିତ୍କାର ଶୁଣି ବିସ୍ମିତ ହୋଇ ଠିଆ ହୋଇଗଲେ । ଚାହୁଁ ଚାହୁଁ ଲାଠିବଲମ୍‌ଧାରୀ ଦଳେ ଡାକୁ ତାଙ୍କୁ ଘେରିଗଲେ । ରୁକ୍ଷ ଗଳାରେ ଭୟ ଦେଖାଇ ସେଇ ଡାକୁ ଦଳର ସର୍ଦାର ତାଙ୍କୁ କହିଲା, 'ଏ ଠାକୁର, ପାଖରେ ଯାହା ଅଛି ଶୀଘ୍ର ବାହାର କର ।'

ହାତରେ ଶିଷ୍ୟ ଘରୁ ଆଣିଥିବା ଜିନିଷର ପୁଟୁଳିଟିଏ । ଅଣ୍ଟାରେ ସାମାନ୍ୟ କିଛି ଟଙ୍କା ଖୋସା ହୋଇଥିଲା । ସଙ୍ଗେ ସଙ୍ଗେ ସେତକ କାଢ଼ି ଥୋଇ ଦେଇ କମଳାକାନ୍ତ କହିଲେ – 'ନେ ବାବା । ଗରିବ ବ୍ରାହ୍ମଣ ମୁଁ । ମୋର ଆଉ କ'ଣ ଅଛି ?'

ଜନିଷତକ ଉଠାଇ ନେଉ ନେଉ ସର୍ଦାର କହିଲା – 'ଆଚ୍ଛା, ତୁ ଯାଉଚୁ କୁଆଡ଼େ ? ତୋ ନାମ କ'ଣ ?

'ମୁଁ ଚାନ୍ନା ଗ୍ରାମକୁ ଯାଉଚି । ସେଇଠି ମୋ ଘର । ମୋ ନାଁ କମଳାକାନ୍ତ ଦେବଶର୍ମା ।'

'ଆରେ ଇଏତ ବଡ଼ ମୁସ୍କିଲ କଥା, ଚାନ୍ନା ତ ଖୁବ୍ ପାଖରେ । ତୁ ଯଦି ଗାଁକୁ ଯାଇ ଆମମାନଙ୍କ ବିଷୟରେ କହି ଆମ୍ଭମାନଙ୍କୁ ଧରାଇଦେବୁ ତା'ହେଲେ ତ ବଡ଼ ଅଡୁଆ ହେବ ! ନା, ନା, ତତେ ଜିଅନ୍ତା ଛାଡ଼ିଲେ ବିପଦ ଅଛି । ମାରିଦେବା ଛଡ଼ା ଅନ୍ୟ ଉପାୟ ନାହିଁ ।'

କମଳାକାନ୍ତ ନିର୍ଭୀକ ସ୍ୱରରେ ଉତ୍ତର ଦେଲେ, 'ଠିକ୍ ଅଛି, ତୁମର ଯାହା ଇଚ୍ଛା ତାହା କର । କିନ୍ତୁ ମରିବା ପୂର୍ବରୁ ମୋତେ ଥରେ ମୋ ମା'ର ନାମ ଭଜନ କରିବାକୁ ସମୟ ଦିଅ । ଏଥିରେ କ'ଣ କିଛି ଆପତ୍ତି ଅଛି ?'

ଡାକୁମାନେ ଏଥିରେ ରାଜିହେଲେ । ହାତ ହତିଆର ଧରି ସମସ୍ତେ ତାଙ୍କ ଚାରିପଟେ ବସିଲେ । ମଝିରେ ବସି କମଳାକାନ୍ତ ନିଜେ ରଚନା କରିଥିବା ମାତୃସଙ୍ଗୀତ ହୃଦୟର ଗଭୀର ଶ୍ରଦ୍ଧା ଓ ଆବେଗରେ ଗାଇବାକୁ ଲାଗିଲେ :

ଆଉ କିଛି ନାଇଁ ଶ୍ୟାମା-ମା ତୋର
କେବଳ ଦୁଇ ଚରଣ ରଙ୍ଗା ।
(ଶୁଣେ), ତା'ବି ନେଇଛି ତ୍ରିପୁରାରି
ଦେଖି ହେଲି ସାହସ-ଭଙ୍ଗା !
ନିଜ ଗୁଣେ ରଖ,
କରୁଣା-ନୟନେ ଦେଖ
ନ ହେଲେ ଜପ କରି ତୋତେ ପାଇବା
ସେସବୁ କଥା ଭୂତର ସଙ୍ଗା ।
କମଳାକାନ୍ତର କଥା,
ମା'କୁ କହେ ମନର ବ୍ୟଥା
ମୋର ଜପ-ମାଳା ଝୁଲି କନ୍ଥା
ଜପ ଘରେ ରହିଲା ଟଙ୍ଗା ।

ଏ ସଙ୍ଗୀତ ଶୁଣୁ ଶୁଣୁ ଡାକୁମାନେ ଭୁଲି ଗଲେଣି ଯେ କମଳାକାନ୍ତଙ୍କୁ ମାରିବାକୁ ହେବ । ନୀରବ, ମନ୍ତ୍ର-ମୁଗ୍ଧ ହୋଇ ସମସ୍ତେ ଅପଲକ ନେତ୍ରରେ କମଳାକାନ୍ତଙ୍କୁ ଚାହିଁଛନ୍ତି ଓ ସେଇ ହୃଦୟସ୍ପର୍ଶୀ ଅପରୂପ ସଙ୍ଗୀତ ଶୁଣିବାରେ ଲାଗିଚନ୍ତି । କମଳାକାନ୍ତ ଭାବବିଭୋର ହୋଇ ଆଖିବୁଜି ଯୋଡ଼ ହସ୍ତରେ ଗୀତଗାଇ ଚାଲିଛନ୍ତି । ଆଖିରୁ ତାଙ୍କର ଧାର ଧାର ପ୍ରେମାଶ୍ରୁ ବହିଯାଉଛି ।

ସଙ୍ଗୀତ ଶେଷ ହେଲା । କିନ୍ତୁ ଇଏ କ'ଣ ? ପାଷାଣହୃଦୟ ଡାକୁମାନେ ବି ଭାବବିଭୋର ! ଭାବାବେଗରେ ସେମାନେ କମଳାକାନ୍ତଙ୍କ ପାଦତଳେ ଲୋଟିଗଲେ । ମହାପାତକରୁ ଉଦ୍ଧାର କରି ସେମାନଙ୍କୁ ଆଶୀର୍ବାଦ କରି ଚରଣତଳେ ଆଶ୍ରୟ ଦେବା ଲାଗି ପ୍ରାର୍ଥନା କଲେ । କମଳାକାନ୍ତ ସେମାନଙ୍କୁ ଶିଷ୍ୟରୂପେ ଗ୍ରହଣ କଲେ । 'ଜୟକାଳୀ' ରାବରେ ନିର୍ଜନ ପାଟଟି ମୁଖରିତ ହୋଇଉଠିଲା । ପରେ ସେଇ ଡାକୁମାନେ ଉତ୍ତମ ଭକ୍ତସାଧକରେ ପରିଣତ ହେଲେ ।

ତେଣୁ ଆନ୍ତରିକତାର ଅସ୍ତ୍ର ବଳରେ ଯାହା ସତ୍ୟ, ଯାହା ଶାଶ୍ୱତ ତା'ରହିଁ ବିଜୟ ହେଲା । ଯାହା ମିଥ୍ୟା, ଯାହା ଅଳୀକ ତାହା ଖସି ପଡ଼ିଲା । କମଳାକାନ୍ତଙ୍କର ମା କାଳୀଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧା ଭକ୍ତି ଯୋଗୁଁ ବାହାରର ଶତ୍ରୁମାନଙ୍କ କବଳରୁ ସେ ଖାଲି ଯେ ରକ୍ଷା ପାଇଲେ ତାହା ନୁହେଁ, ସେମାନଙ୍କ ହୃଦୟ ଉପରେ ବିଜୟଲାଭ କରି ସେମାନଙ୍କ ପରିବର୍ତ୍ତନର କାରଣ ହେଲେ । କମଳାକାନ୍ତଙ୍କ ଆନ୍ତରିକ ଭକ୍ତିର ପ୍ରଭାବରେ

ସେମାନଙ୍କ ହୃଦୟରେ ଯାହା କିଛି ମିଥ୍ୟା ଓ କ୍ଷଣିକ ଭଗବତ୍ ବିରୋଧୀ ଉପାଦାନ ଥିଲା ତାହା ଦୂରେଇ ଗଲା ।

କମଳାକାନ୍ତଙ୍କ ଲାଗି ଏହା ଥିଲା ଏକ ପରୀକ୍ଷା ସଦୃଶ । ସିଏ ଯଦି ଯଥାର୍ଥରେ ଆନ୍ତରିକ ହୋଇ ନ ଥା'ନ୍ତେ, ସେଦିନ ତାଙ୍କୁ ପ୍ରାଣ ହରାଇବାକୁ ପଡ଼ିଥା'ନ୍ତା । କିନ୍ତୁ ସେଇ ପରୀକ୍ଷା ତାଙ୍କର ପ୍ରାଣ ନେବା ପରିବର୍ତ୍ତେ ତାଙ୍କୁ ଆହୁରି କାଳୀଙ୍କର ନିକଟବର୍ତ୍ତୀ କରିଦେଲା ।

ତେଣୁ ଅସୁସ୍ଥତା, କ୍ରୋଧ ଓ ଅନ୍ୟାନ୍ୟ ଅଦିବ୍ୟ, ଅସତ୍ୟ ଶକ୍ତିମାନଙ୍କର ଆକ୍ରମଣ ଭିତରୁ ଓ ବାହାରୁ ସବୁବେଳେ ଆସିବ, ଆମର ଆନ୍ତରିକତାର ପରୀକ୍ଷା ଲାଗି । ଆମେ ଯେତେ ଯେତେ ଆମ ଭିତରେ ଓ ବାହାରେ ଦିବ୍ୟ ଓ ସତ୍ୟ ବସ୍ତୁର ନିକଟତର ହେଉଥିବା ସେତେସେତେ ସେମାନେ ଗଛରେ ପାଚିଲା ପତ୍ର ପରି ଖସି ପଡୁଥିବେ । ଯେତେବେଳେ ପରିପୂର୍ଣ୍ଣ ଆନ୍ତରିକତାରେ ଆମ ସତ୍ତା ଭରିଉଠିବ ସେତେବେଳେ ସେମାନେ ଥିଲେ ବି ଆମକୁ ଆଉ ମୋଟେ ସ୍ପର୍ଶ କରିପାରିବେ ନାହିଁ । ସେମାନେ ଆମକୁ ସବୁବେଳେ କହୁଛନ୍ତି – ଯଦି ସତ୍ୟବସ୍ତୁ ପ୍ରତି ଆନ୍ତରିକ ହେବ ତ ହୁଅ, ତଦ୍ୱାରା ତୁମେ ଅଧିକରୁ ଅଧିକ ଆଲୋକ, ଚେତନା ଓ ଆନନ୍ଦ ଦିଗରେ ଆଗେଇ ଚାଲିବ । ଯଦି ସତ୍ୟବସ୍ତୁ ପ୍ରତି ଆନ୍ତରିକ ନୁହଁ ତେବେ ଛଳନା କଲେ ଚଳିବ ନାହିଁ । ଆମମାନଙ୍କ ଚାପରେ ତୁମମାନଙ୍କୁ ବାଧ୍ୟ ହୋଇ ଆନ୍ତରିକ ହେବାକୁ ହେବ, ନଚେତ୍ ତିଳ ତିଳ କରି ବିନଷ୍ଟ ହେବାକୁ ପଡ଼ିବ । ଦୁଇ ପାଖରୁ ଗୋଟିଏ ପାଖକୁ ଯିବାକୁ ହେବ । ମଝି ମଝିକିଆ ଅବସ୍ଥାରେ ରହିପାରିବ ନାହିଁ । ମନରେ ଯଦି ଆନ୍ତରିକ ହୁଅ ତେବେ ସବୁପ୍ରକାର ମାନସିକ ଅଶାନ୍ତି, ଦୁଶ୍ଚିନ୍ତା ଓ ଅସ୍ଥିରତାରୁ ମୁକ୍ତ ହୋଇ ସ୍ଥିର ଶାନ୍ତ ଭାବେ ଉଚ୍ଚତର ଜ୍ଞାନ ଲାଭ କରିପାରିବ । ପ୍ରାଣରେ ଯଦି ଆନ୍ତରିକ ହୁଅ ତେବେ ସମସ୍ତ ପ୍ରକାର କାମନା-ବାସନା, କ୍ରୋଧ, ଲୋଭ, ମୋହ, ଈର୍ଷା, ଉତ୍ତେଜନା, ହତାଶା, ନୈରାଶ୍ୟରୁ ମୁକ୍ତ ହୋଇ ଲାଭ କରିବ ସ୍ଥିର, ଶାନ୍ତ, ସଂଯତ, ସୁପରିଚାଳିତ ଦିବ୍ୟଶକ୍ତି ଓ ସାମର୍ଥ୍ୟ । ଆଉ ଶରୀରରେ ଯଦି ତୁମେ ଆନ୍ତରିକ ହୁଅ ତେବେ ଯେଉଁ ଅସୁସ୍ଥତା, ବିକୃତି, ଜରା ଓ ମୃତ୍ୟୁ ତୁମକୁ ପୀଡ଼ା ଦେଉଛି ସେଥିରୁ ମୁକ୍ତ ହୋଇ ଲାଭ କରିବ ଏକ ନୀରୋଗ, ଅକ୍ଷୟ, ଅମର, ଦିବ୍ୟ ସୌନ୍ଦର୍ଯ୍ୟଭରା ମହିମମୟ ଶରୀର ।

ବାସ୍ତବରେ ଆନ୍ତରିକ ସାଧକମାନଙ୍କର ଏଇ ଅଦିବ୍ୟ, ବିରୋଧୀ ଶକ୍ତିମାନେ ଶତ୍ରୁ ନୁହନ୍ତି, ପଥମଧ୍ୟସ୍ଥ ବନ୍ଧୁ । ନିର୍ମମ, ନିଷ୍ଠୁର ବନ୍ଧୁ । ସେମାନେ ସେମାନଙ୍କ କର୍ମସମ୍ପାଦନରେ ବହୁତ ଆନ୍ତରିକ, ବହୁତ ସଙ୍ଗଠିତ, ଶୃଙ୍ଖଳିତ ଓ କର୍ତ୍ତବ୍ୟପରାୟଣ । ସେମାନେ ଆମକୁ ଆମ ପଥରେ ଏକ ନିର୍ଦ୍ଦିଷ୍ଟ ଦୂର ପର୍ଯ୍ୟନ୍ତ ନେଇଯିବା ଲାଗି ରହିବେ ।

ତା'ପରେ ନିର୍ମାୟା, ନିରାସକ୍ତ ଭାବେ ଚିରଦିନ ଲାଗି ବନ୍ଧୁତାର ବନ୍ଧନ କାଟିଦେବେ । ଆଉ ଆମଠାରୁ କିଛି ବି ଦାବି କରିବେ ନାହିଁ । ତେଣୁ ଆମେ ବିଚଳିତ ନ ହୋଇ ଏଇ ଆଶା ଓ ବିଶ୍ୱାସ ରଖିବାକୁ ହେବ ଯେ ଆମ ଭିତରେ ଓ ଜଗତରେ ଯାହା କିଛି ମିଥ୍ୟା, ଅଦିବ୍ୟ, ସେସବୁ କ୍ଷଣସ୍ଥାୟୀ । ଦିନେ ସତ୍ୟର ପ୍ରଭାବରେ ସେସବୁ ଲୋପ ପାଇବେ । ଆମର ଖାଲି କର୍ତ୍ତବ୍ୟ ହେଉଛି ଯେତେଦୂର ସମ୍ଭବ ଆମ ଭିତରେ ଆମେ ସତ୍ୟକୁ ଜାବୁଡ଼ି ଧରିବୁ, କେବଳ ସେଇଥିଲାଗି ଅଭୀପ୍ସା କରିବୁ, ତାକୁହିଁ ଆମ ଭିତରେ କାର୍ଯ୍ୟ କରିବାକୁ ସୁଯୋଗ ଦେବୁ । ତା'ହେଲେ ଆମର ବର୍ତ୍ତମାନ ମୁଣ୍ଡଟେକି ଉଠୁଥିବା ଅଭିଯୋଗ-ବୃକ୍ଷରେ ଦେଖାଦେବ ଭବିଷ୍ୟତ୍ ଆଶା ଓ ଉଜ୍ଜ୍ୱଳତାରେ ଭରା ଆନନ୍ଦମୟ ନୂତନ କଳିକା ।''

''ଯାହା ସତ୍ୟ ଯାହା ଆନ୍ତରିକ
ରହିବ ଶେଷରେ ତାହା, ଲୋପ ହେବ
ଯାହାକିଛି ଅସତ୍ୟ ଅଳୀକ ।
ଆନ୍ତରିକ ଯେତେ ଆମେ ହେବା
ସେତେସେତେ ମିଥ୍ୟା ନାଶି ବାଧା ଧ୍ୱଂସୀ
ସତ୍ୟ ଆଉ ଆଲୋକ ଲଭିବା ।''

# ଆଡ଼ମ୍ବର ଓ ଆନ୍ତରିକତା

''ଆଚ୍ଛା ଚିନୁ ଭାଇ, ମୁଁ ଆରବର୍ଷ ଯେତେବେଳେ କଟକ ଯାଇଥିଲି ତୁମର ମନେ ଅଛି ? ସେତେବେଳେ କେଉଁ ସମୟ ଥିଲା କହିଲ ?'' ପଚାରିଲା ଅନୁରକ୍ତା ।

''ମୋର ମନେ ପଡୁ ନାହିଁ ।'' କହିଲା ଚିନ୍ମୟ ।

''ମନେ ପଡୁ ନାହିଁ ? ସେତେବେଳେ ଦୁର୍ଗାପୂଜା ସମୟ ହୋଇ ନ ଥିଲା ? ତୁମେ ତ ମୋ ସଙ୍ଗରେ ନ ଥିଲ ନା, ସେଇ ସକାଶେ ତୁମର ମନେ ନାହିଁ । କିନ୍ତୁ ସେ ସମୟର ଘଟନା ମୋର ଏବେ ବି ମନେ ଅଛି । ଦିନେ ରାତିରେ ଦୁଇଟି ବଜାରର ଦୁର୍ଗାମେଢ଼ ଖୁବ୍ ଜାକଜମକରେ ଗୋଟାଏ ବଡ଼ ରାସ୍ତାରେ ଆସୁଥିଲା । ଦୁଇ ମେଢ଼ର ଆଗରେ ଓ ପଛରେ ଅସଂଖ୍ୟ ଲୋକ ଚାଲି ଥାଆନ୍ତି । ଏତେ ସୁନ୍ଦର ସଜାସଜି ଓ ଏମିତି ବିଜୁଳି ଆଲୁଅ ଖଞ୍ଜା ଚମତ୍କାର ମେଢ଼ ମୁଁ କେବେ ଦେଖି ନ ଥିଲି । ମୁଁ ଭାବିଲି ଏ ଲୋକମାନଙ୍କର ଦୁର୍ଗାଙ୍କ ପ୍ରତି କେତେ ଭକ୍ତି ! କେତେ ହଜାର ଟଙ୍କା ଖର୍ଚ୍ଚ କରି ସେମାନେ ଦୁର୍ଗାଙ୍କ ମୂର୍ତ୍ତି ସହ ଏ ମେଢ଼ ତିଆରି କରିଛନ୍ତି ! କିନ୍ତୁ ଦୁଇଟି ଯାକ ମେଢ଼ ଯେମିତି ପରସ୍ପରର ନିକଟ ହୋଇଯାଇଛି କୁଆଡୁ ଗୋଟାଏ ଟେକା ଆସି ଗୋଟାଏ ମେଢ଼ର କିଛି ଅଂଶ କଣା କରିଦେଲା । ତା'ପରେ ଯାହା ହେଲା ନା, ସେକଥା ଏବେ ବି ମୋର ମନେ ପଡ଼ିଲା ବେଳକୁ ମୋତେ ଡର ଲାଗୁଛି ।''

''ତା'ପରେ କ'ଣ ହେଲା ?''

''ଆରେ ବାବା ! ତା'ପରେ ଯେମିତି ଦୁଇଦଳ ପ୍ରସ୍ତୁତ ହୋଇ ଆସିଥିଲେ ଝଗଡ଼ା କରିବା ପାଇଁ ! ଚାଲିଲା ପରସ୍ପର ଆଡ଼କୁ ଟେକା ପଥର ବୃଷ୍ଟି, ପାଟିଗୋଳ, ପିଟାପିଟି, ଛୁରୀ ମରାମରି, ଦୁଇ ଦଳର ସୁନ୍ଦର ମେଢ଼ ସହ ଦୁର୍ଗା ମୂର୍ତ୍ତି ବି ଖଣ୍ଡିଆ ଖାବରା ହୋଇଗଲେ । ତା'ପରେ ପୋଲିସ ଆସି ଘଟଣାକୁ ଆୟତ୍ତ କଲେ ।

ଏପରି କାହିଁକି ହେଲା ? ସେମାନେ ଏତେ ଟଙ୍କା ଖର୍ଚ୍ଚ କରି, ଏତେ ଯତ୍ନର ସହ ଯେଉଁ ଦୁର୍ଗା ମୂର୍ତ୍ତି ଓ ମେଢ଼ ତିଆରି କରିଥିଲେ ଶେଷକୁ ତାକୁ ବି ଖଣ୍ଡିଆ ଖାବରା କରିପକାଇଲେ । ଯିଏ ଦୁର୍ଗାଙ୍କୁ ଦିବ୍ୟଜନନୀଙ୍କ ଅଂଶ ବୋଲି ଭକ୍ତି କରେ, ପୂଜା କରେ, ଏତେ ଟଙ୍କା ପଇସା ତାଙ୍କ ଲାଗି ଖର୍ଚ୍ଚ କରିପାରେ, ସିଏ କ'ଣ ଶେଷକୁ ତାଙ୍କୁ ଟେକା ମାରିପାରେ ? ଅନ୍ୟ ମେଢ଼ ଉପରେ ବସିଥିବା ଦୁର୍ଗା ଆଉ ନିଜ ମେଢ଼ ଉପରେ ବସିଥିବା ଦୁର୍ଗା କ'ଣ ଭିନ୍ନ ଭିନ୍ନ ?''

''ତୁ କ'ଣ ଭାବୁଛୁ ଠାକୁରଙ୍କ ଲାଗି ଖାଲି ଯିଏ ଗୁଡ଼ାଏ ଟଙ୍କା ପଇସା ଖର୍ଚ୍ଚ କରେ, ଆଉ ଜାକଜମକରେ ତାଙ୍କର ପୂଜା କରେ, ତା'ର ଏହିସବୁ କାର୍ଯ୍ୟରେ ସବୁବେଳେ ଯଥାର୍ଥ ଆନ୍ତରିକତା, ଭକ୍ତି ଓ ଶ୍ରଦ୍ଧା ଥାଏ ? ତୁ ଯେଉଁ ଦୁଇ ଦଳର ସଂଘର୍ଷ କଥା କହିଲୁ ସେମାନେ ଯଥାର୍ଥ ଭକ୍ତିର ସହ ଦୁର୍ଗା ମେଢ଼ ତିଆରି କରି ନ ଥା'ନ୍ତି । ଖାଲି ନିଜର ବାହାଦୁରି, ନିଜର ବଡ଼ପଣିଆ ଦେଖାଇ ହେବା ଲାଗି ସେପରି କରିଥା'ନ୍ତି । ଯଥାର୍ଥ ଭକ୍ତି ଥିଲେ କେହି କେବେ ନିଜର ଆରାଧ୍ୟ ଦେବୀଙ୍କ ଉପରକୁ, ସେ ଅନ୍ୟ ଯାହା ମେଢ଼ରେ ବସି ଥାଆନ୍ତୁ ପଛେ ଟେକା ମାରିପାରେ ? ଏପରିକି ନିଜେ ପୂଜା କରୁଥିବା ଦେବୀଙ୍କୁ ଅନ୍ୟ ଯିଏ ପୂଜା କରୁଥାଏ ତା' ପ୍ରତି ଭ୍ରାତୃଭାବ ପରିବର୍ତ୍ତେ ଶତ୍ରୁତା ଆଚରଣ କରିପାରେ ?

ଯଥାର୍ଥ ଆନ୍ତରିକତା ବାହାରର କୌଣସି ଦେଖାଇ ହେବା ଉପରେ ନିର୍ଭର କରେ ନାହିଁ । ଏସବୁ ଜାକଜମକ ଓ ଆଡ଼ମ୍ବର ଭିତରେ ଯେ ଆନ୍ତରିକତା ରହିପାରିବ ନାହିଁ, ତା' ନୁହେଁ । କିନ୍ତୁ ଖାଲି ଏସବୁ ଆନ୍ତରିକତାର ଚିହ୍ନ ନୁହେଁ, ଅନ୍ୟ ପକ୍ଷରେ ସରଳ, ନିରାଡ଼ମ୍ବରତା ଭିତରେ ଯଦି ଯଥାର୍ଥ ଆନ୍ତରିକତା ଫୁଟି ଉଠିଲା ତେବେ ତାହା ଏସବୁ ବାହ୍ୟ ଆଡ଼ମ୍ବର ଓ ଜାକଜମକ ଅପେକ୍ଷା ଶହେଗୁଣ ଭଲ । ଠାକୁର ତାହାହିଁ ଚାହାନ୍ତି – ଛଳନା, କପଟତା, ପ୍ରତାରଣା, ବାହାଦୁରି ପ୍ରଦର୍ଶନ ନୁହେଁ । ଆନ୍ତରିକତାହୀନ ରାଜାର ରାଜକୀୟ ଆଡ଼ମ୍ବରପୂର୍ଣ୍ଣ ପୂଜା ଅପେକ୍ଷା ସରଳ, ନିରାଡ଼ମ୍ବର, ଆନ୍ତରିକ ଗରିବର ଖୁଦକଣାକୁ ସେ ଭଲପାଆନ୍ତି । ତେଣୁ ଆମେ ସବୁବେଳେ ବାହାର କ୍ରିୟାକଳାପରୁ ଯଥାର୍ଥ ଆନ୍ତରିକତା ସମ୍ବନ୍ଧେ କେବେ ବି ବିଚାର କରିପାରିବା ନାହିଁ । ସେଇଥିପାଇଁ ମା' କହିଛନ୍ତି :

*'It is obvious that the greatness of an action does not depend on its scope, and its perfection does not depend on circumstances, or on external conditions, but on the sincerity of the consecration with which it is done.'*

'କୌଣସି କାର୍ଯ୍ୟର ମହାନତା ନିର୍ଭର କରେ ନାହିଁ ଏହାର ପରିସର ଉପରେ, କିଂବା ତା'ର ପୂର୍ଣ୍ଣତା ନିର୍ଭର କରେ ନାହିଁ ପରିବେଶ କିଂବା ବାହ୍ୟ ଅବସ୍ଥା ଉପରେ । ଏହା ନିର୍ଭର କରେ ନିଜକୁ ଉତ୍ସର୍ଗ କରିବାର ଯେଉଁ ଆନ୍ତରିକତା ନେଇ ଏହା କରାଯାଉଥାଏ ତାହାରି ଉପରେ ।'

''ଶୁଣିବୁ ମହାଭାରତର ଗୋଟିଏ ନେଉଳର କାହାଣୀ ?''

''ହଁ, କୁହ ।''

''ମହାଭାରତ ଯୁଦ୍ଧ ସରିଯାଇଛି । କୌରବ କୁଳ ନିପାତ ହୋଇଛନ୍ତି । ପାଣ୍ଡବମାନେ ଜୟଲାଭ କରିଛନ୍ତି । ଯୁଧିଷ୍ଠିର ହୋଇଛନ୍ତି ରାଜା । ରାଜା ହେବା ପରେ ସେ ଏକ ଅଶ୍ୱମେଧ ଯଜ୍ଞ କରିଛନ୍ତି ।''

''ଅଶ୍ୱମେଧ ଯଜ୍ଞ କ'ଣ ?''

''ସେ ସମୟରେ ଯେଉଁ ରାଜା ନିଜକୁ ସବୁଠାରୁ ବଡ଼ ଆଉ ଶକ୍ତିଶାଳୀ ରାଜାରୂପେ ପ୍ରତିଷ୍ଠିତ କରିବାକୁ ଚାହୁଁଥିଲେ ସେ ଗୋଟାଏ ଭଲ ଗୁଣଯୁକ୍ତ ଘୋଡ଼ାକୁ ସୁନ୍ଦର ଭାବରେ ସଜାସଜି କରି ଛାଡ଼ିଦେଉଥିଲେ । ସେ ଘୋଡ଼ା ପଛରେ ସୈନ୍ୟ ସାମନ୍ତ ମଧ୍ୟ ଯାଉଥିଲେ । ସେ ଘୋଡ଼ା ବିଭିନ୍ନ ରାଜ୍ୟ ବୁଲୁଥିଲା । ସେ ଘୋଡ଼ାକୁ ଯେଉଁ ରାଜ୍ୟରେ କେହି ନ ଅଟକାଉ ଥିଲେ ସେଥିରୁ ଜଣାଯାଉଥିଲା ଯେ ସେ ରାଜ୍ୟର ରାଜା ଘୋଡ଼ା ଛାଡ଼ିଥିବା ରାଜାଙ୍କର ଅଧୀନତା ସ୍ୱୀକାର କଲେ ବା ବଡ଼ପଣିଆକୁ ମାନିନେଲେ । କିନ୍ତୁ ଯେଉଁ ରାଜ୍ୟର ରାଜା ଘୋଡ଼ାକୁ ଅଟକାଉ ଥିଲେ ତା'ସହ ଯୁଦ୍ଧ ହେଉଥିଲା । ଯୁଦ୍ଧରେ ସେ ହାରିଲେ ଅଧୀନତା ସ୍ୱୀକାର କରୁଥିଲେ, ନଚେତ୍ ସ୍ୱାଧୀନ ହୋଇ ରହୁଥିଲେ । ଘୋଡ଼ାଟି ସବୁ ରାଜ୍ୟ ବୁଲି ଫେରି ଆସିବା ପରେ ଏକ ଯଜ୍ଞରେ ତାକୁ ବଳି ଦିଆଯାଉଥିଲା । ତା'ପରେ ସେ ରାଜା ସବୁଠାରୁ ବଡ଼ ଏକଚ୍ଛତ୍ରପତି ରାଜାରୂପେ ବିବେଚିତ ହେଉଥିଲେ ।''

''ହଉ, ଏଥର କୁହ ଯୁଧିଷ୍ଠିରଙ୍କ ଅଶ୍ୱମେଧ ଯଜ୍ଞ ପରେ କ'ଣ ହେଲା ।''

''ମହା ଆଡ଼ମ୍ବରରେ ଅଶ୍ୱମେଧ ଯଜ୍ଞ ସରିଲା । ବ୍ରାହ୍ମଣ, ଦୁଃଖୀ, ରଙ୍କି ଯିଏ ଯେତେ ଆସିଲେ, ଯାହା ଚାହିଁଲେ, ତାଙ୍କୁ ରାଜଦରବାରରୁ ସବୁ ଦିଆଗଲା । ଦିନରାତି ଖାଲି ସୁଅ ପରି ଲୋକ ଛୁଟିଥା'ନ୍ତି । ସବୁ ରାଜାଙ୍କ ଭିତରେ ଯିଏ ମଉଡ଼ମଣି ତାଙ୍କର କ'ଣ ଅଭାବ ? ଆନନ୍ଦରେ ଖାଇପିଇ ଦାନ ଗ୍ରହଣ କରି ଲୋକମାନେ ଫେରୁଥା'ନ୍ତି । ସବୁକିଛି ମହାସମାରୋହରେ ଶେଷ ହୋଇଗଲା । ଯୁଧିଷ୍ଠିରଙ୍କ ମହା ଆଡ଼ମ୍ବର ଓ ଦାନଶୀଳତାକୁ ଲୋକମାନେ ଶତମୁଖରେ ପ୍ରଶଂସା କରିବାରେ ଲାଗିଥା'ନ୍ତି । ଯଜ୍ଞବେଦୀ ନିକଟରେ ବଡ଼ ବଡ଼ ଅତିଥି, ରାଜା, ମହାରାଜା ଓ ପୁରୋହିତମାନେ ବସିଥା'ନ୍ତି । ଏତିକିବେଳେ କୁଆଡୁ ଗୋଟିଏ ଅଦ୍ଭୁତ ନେଉଳ ଆସି ଯଜ୍ଞବେଦୀ ନିକଟରେ ଟିକିଏ ଗଡ଼ିଯାଇ ଝାଡ଼ିଝୁଡ଼ି ହୋଇ, ଜୋରରେ ହସି ଉଠିଲା ।

ସମସ୍ତେ ଗୋଟିଏ ନେଉଳର ଏପରି ଅଦ୍ଭୁତ ଆଚରଣ ଦେଖି ଆଶ୍ଚର୍ଯ୍ୟ ହେଲେ । ଭାବିଲେ କ'ଣ ଆମର ପବିତ୍ର ଅଶ୍ୱମେଧ ଯଜ୍ଞକୁ ଭଣ୍ଡୁର କରିବା ପାଇଁ କୌଣସି ଅପଶକ୍ତି ନେଉଳ ବେଶରେ ଆସିଛି ? ପୁଣି ଦେଖିଲାବେଳକୁ ସେ ନେଉଳର ଶରୀରର ଗୋଟାଏ ପାଖ ପୂରାପୂରି ସୁନା ହୋଇଯାଇଛି, ଆଉ ଗୋଟିଏ ପାଖ କିନ୍ତୁ ନେଉଳ

ଶରୀର ପରି ରହିଛି । ସେ ନେଉଳଟି ଝାଡ଼ିଝୁଡ଼ି ହୋଇଉଠି ଉପସ୍ଥିତ ରାଜନ୍ୟବୃନ୍ଦ, ପୁରୋହିତ ଓ ବିଶିଷ୍ଟ ଅତିଥିମାନଙ୍କୁ ଚାହିଁ କହିଲା, 'ଆପଣମାନେ ବୋଧେ ଏକ ବିରାଟ ଅଶ୍ୱମେଧ ଯଜ୍ଞ ମହା ଆଡ଼ମ୍ବରରେ ସମାପ୍ତ କରିଛନ୍ତି ବୋଲି ମନେ ମନେ ବହୁତ ସନ୍ତୋଷ ଓ ଗର୍ବ ଅନୁଭବ କରୁଛନ୍ତି । କିନ୍ତୁ ଆପଣମାନଙ୍କର ଏ ବିରାଟ ଯଜ୍ଞର ଆୟୋଜନ ଓ ବିପୁଳ ଦାନଧର୍ମ କରୁକ୍ଷେତ୍ରର ଜଣେ ବ୍ରାହ୍ମଣର ଅଧସେରେ ଯଅ ଛତୁଆ ଦାନ ସଙ୍ଗରେ ଏତେ ଟିକିଏ ବି ସରି ନୁହେଁ । ତେଣୁ ଆପଣମାନେ ଗର୍ବ କରିବାର କୌଣସି କାରଣ ମୁଁ ଦେଖୁ ନାହିଁ ।'

ଯାହା ତ ଆଶ୍ଚର୍ଯ୍ୟ ହୋଇଥିଲେ, କିନ୍ତୁ ଏବେ ସଭାସଦ୍‌ବର୍ଗ ଆହୁରି ଆଶ୍ଚର୍ଯ୍ୟ ହେଲେ । କେତେକ ପୁରୋହିତ ନେଉଳଟି ପାଖକୁ ଆସି କହିଲେ, 'ତୁମେ କିଏ ? କୁଆଡୁ ଆସିଛ ? କାହିଁକି ଆସିଛ ? ଆମର ଅଶ୍ୱମେଧ ଯଜ୍ଞ ଶାସ୍ତ୍ର ଅନୁସାରେ ନିର୍ଭୁଲ ଭାବରେ ସମାପ୍ତ ହୋଇଛି । ଦାନ, ଧର୍ମ, ମନ୍ତ୍ରପାଠ, ଯଜ୍ଞ କର୍ମ କୌଣସିଥିରେ ତ୍ରୁଟି ହୋଇ ନାହିଁ, ହଜାର ହଜାର ଲୋକ ଶାନ୍ତି ସନ୍ତୋଷ ଲାଭ କରି ଫେରିଛନ୍ତି । କିନ୍ତୁ ତୁମେ କିପରି ଏଇ ମହାନ୍ ସଫଳ ଯଜ୍ଞର ଅବମାନନା କରୁଛ ?'

ନେଉଳଟି ପୁଣିଥରେ ହସି ଉଠିଲା ଏବଂ କହିଲା, 'ହେ ରାଜପୁରୋହିତଗଣ ! ମୁଁ ଯୁଧିଷ୍ଠିରଙ୍କ ଯଶଖ୍ୟାତି ପ୍ରତି ଈର୍ଷାପରାୟଣ ହୋଇ ଏପରି କହୁ ନାହିଁ । ବାସ୍ତବରେ ଆପଣମାନଙ୍କ ଯଜ୍ଞ, ବାହାରୁ ଯେତେ ଆଡ଼ମ୍ବରପୂର୍ଣ୍ଣ ଓ ସଫଳ ଜଣା ପଡୁଥିଲେ ବି ଭିତରେ ସେତିକି ଆନ୍ତରିକତାପୂର୍ଣ୍ଣ ଓ ସଫଳ ନୁହେଁ ଯାହାକି ସେ ଗରିବ ବ୍ରାହ୍ମଣର ଦାନରେ ଦେଖା ଯାଇଥିଲା । ସଙ୍ଗେ ସଙ୍ଗେ ତା'ର କର୍ମର ଫଳସ୍ୱରୂପ ସିଏ ନିଜେ, ତା'ର ସ୍ତ୍ରୀ, ପୁଅ, ବୋହୂ ସମସ୍ତେ ସ୍ୱର୍ଗପ୍ରାପ୍ତ ହୋଇଥିଲେ । ଯାହା ଯାହା ଘଟିଲା ମୁଁ ନିଜ ଆଖିରେ ଦେଖିଛି । ସେଇ କଥା କହୁଛି ଶୁଣନ୍ତୁ :

କୁରୁକ୍ଷେତ୍ରରେ କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ମହାଭାରତ ଯୁଦ୍ଧର ବହୁ ପୂର୍ବରୁ ସେଠାରେ ଜଣେ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କ ସହିତ ତାଙ୍କର ସ୍ତ୍ରୀ, ପୁଅ ଏବଂ ବୋହୂ ରହୁଥିଲେ । ସେମାନେ ପ୍ରତିଦିନ ଶସ୍ୟକ୍ଷେତ୍ରକୁ ଯାଇ ତଳେ ପଡ଼ିଥିବା ଶସ୍ୟସବୁ ଗୋଟାଇ ଆଣି ଉପରବେଳା ଥରେ ମାତ୍ର ଖାଇ ଜୀବନ ବଞ୍ଚାଉଥିଲେ । ଦିନଟି ପାଇଁ ଯାହା ଦରକାର ତା'ଠାରୁ ଅଧିକ ଆଣି ସଞ୍ଚୟ କରୁ ନ ଥିଲେ । ତେଣୁ ଯେଉଁ ଦିନ କିଛି ମିଳୁ ନ ଥିଲା, ସେଦିନ ସେମାନେ ଉପବାସ ରହୁଥିଲେ । ଏହା ଏକ କଠୋର ବ୍ରତ ଥିଲା । ଏହାକୁ 'ଉଞ୍ଛ ବୃତ୍ତି' ବୋଲି କୁହାଯାଉଥିଲା । ସେ ବ୍ରାହ୍ମଣ ପରିବାର ଏହି ଉଞ୍ଛ ବୃତ୍ତିକୁ ଖୁବ୍ ନିଷ୍ଠାର ସହ ପାଳନ କରି ଚଳୁଥିଲେ ।

ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ଏମିତି କେତେ ବର୍ଷ

କଟିଗଲା । କିନ୍ତୁ ସବୁଦିନ ସମାନ ଯାଏ ନାହିଁ । ବର୍ଷେ ସେ ଅଞ୍ଚଳରେ ମରୁଡ଼ି ହେଲା । ଆଦୌ ବର୍ଷା ହେଲା ନାହିଁ । ଚାଷୀମାନେ ଫସଲ ଅମଳ କରିବା ତ ଦୂରର କଥା, ଆଦୌ ବୁଣି ବି ପାରିଲେ ନାହିଁ । ଚାରିଆଡ଼େ ଦୁର୍ଭିକ୍ଷ ଦେଖାଦେଲା । ବିଲରେ ତ ଫସଲ ନାହିଁ ଆଉ ବ୍ରାହ୍ମଣ ପରିବାର ଶସ୍ୟ କୋଉଠୁ ଗୋଟାଇ ଆଣି ଖାଇବେ ? ଅନେକ ଦିନ ଧରି ସେମାନେ ଉପବାସରେ ରହିଲେ । ଦିନେ କୌଣସିମତେ ସେମାନେ ଅଧସେରେ ଖଣ୍ଡେ ଯଅ ସଂଗ୍ରହ କଲେ । ଘରକୁ ଆସି ତାକୁ ଛତୁଆକରି ସମାନ ସମାନ ଚାରିଭାଗ କରି ଖାଇବାକୁ ବସିଛନ୍ତି, ଏତିକିବେଳେ ତାଙ୍କ ଦ୍ୱାରଦେଶରେ ଜଣେ ଅତିଥି ବ୍ରାହ୍ମଣ ଆସି ପହଞ୍ଚିଲେ । ସେ ବହୁତ ଭୋକିଲା ଜଣା ପଡୁଥିଲେ । ଖାଇବାକୁ ଯିବା ସମୟରେ ଜଣେ ଭୋକିଲା ଅତିଥିଙ୍କୁ ଦେଖି ବ୍ରାହ୍ମଣ ପରିବାରର ସମସ୍ତେ ବହୁତ ଖୁସି ହୋଇଗଲେ ଓ ଅତିଥିଙ୍କୁ ଘର ଭିତରକୁ ପାଛୋଟି ଆଣିଲେ । ପ୍ରଥମେ ବ୍ରାହ୍ମଣ ସେ ଅତିଥି ବ୍ରାହ୍ମଣଙ୍କୁ କହିଲେ – ମହାଶୟ, ଆପଣ ବହୁତ ଭୋକିଲା ଦେଖାଯାଉଛନ୍ତି । ମୁଁ ତ ଜଣେ ଗରିବ ବ୍ରାହ୍ମଣ । ଘରେ ମୋର ଆଉ କିଛି ଖାଇବାକୁ ଦେବାକୁ ନାହିଁ । ଏଇ ଛତୁଆ କିଛି ନେଇ ଖାଇ ଭୋକ ଦୂର କରନ୍ତୁ । ଏହା କହି ତା' ଭାଗ ଛତୁଆତକ ଅତିଥିଙ୍କୁ ଦେଇଦେଲେ । ଅତିଥି ସେତକ ଛତୁଆ ଏକାଥରେ ପେଟକୁ ଦେଇ ବସିଲେ । କିନ୍ତୁ ସେଥିରେ ତାଙ୍କର ଭୋକ ମେଣ୍ଟିଲା ନାହିଁ ।

ଅତିଥିଙ୍କୁ ଅସନ୍ତୁଷ୍ଟ ଦେଖି ବ୍ରାହ୍ମଣ ଚିନ୍ତିତ ହୋଇ ପଡ଼ିଲେ । ଏତିକିବେଳେ ବ୍ରାହ୍ମଣୀ ତାଙ୍କ ଭାଗତକ ବ୍ରାହ୍ମଣଙ୍କୁ ଦେଇ କହିଲେ – ସ୍ୱାମି, ମୋ ଭାଗତକ ନେଇ ଅତିଥିଙ୍କୁ ଦିଅ । ଏକଥାରେ ବ୍ରାହ୍ମଣ ରାଜି ହେଲେ ନାହିଁ । କହିଲେ – ପ୍ରିୟେ, ପଶୁପକ୍ଷୀମାନେ ତାଙ୍କ ପତ୍ନୀମାନଙ୍କୁ ପାଳନପୋଷଣ କରୁଛନ୍ତି । ଆଉ ମୁଁ ମଣିଷ ହୋଇ ତୁମର ଏ ଅବସ୍ଥାରେ ତୁମଠାରୁ ଖାଦ୍ୟ ନେଇ ଅନ୍ୟକୁ ଦେବି ? ତୁମେ ଅତିଶୟ ସ୍ନେହରେ ମୋର ସେବା କରିଆସିଛ । ମୋର ଧର୍ମ ପାଳନରେ ମୋତେ ସାହାଯ୍ୟ କରିଛ । କେବେ ବି ମୋ'ଠାରୁ ଅଯଥା କିଛି ଦାବି କରି ନାହଁ । ବର୍ତ୍ତମାନ ଖାଇବା ବିନା ତୁମ ଦେହରେ ହାଡ଼ କେଇଖଣ୍ଡ ମାତ୍ର ଅଛି । ତୁମର ଏ ଅବସ୍ଥାରେ ତୁମ ଖାଦ୍ୟ ନେଇ ମୁଁ ଅନ୍ୟକୁ ଦେଇପାରିବି ନାହିଁ ।

ଏକଥାରେ ବ୍ରାହ୍ମଣର ପତ୍ନୀ ବହୁତ ଦୁଃଖ କଲେ । କହିଲେ – ସ୍ୱାମି, ତୁମକୁ ଅବା କେଉଁ ଶାସ୍ତ୍ର ଅଜଣା । ଦୁଃଖସୁଖ, ପାପପୁଣ୍ୟ ସବୁଥିରେ କ'ଣ ସ୍ୱାମୀ-ସ୍ତ୍ରୀଙ୍କର ସମାନ ଭାଗ ନ ଥାଏ ? ତୁମେ ନିଜେ ଭୋକିଲା ରହି ଅତିଥିଙ୍କୁ ଖାଇବାକୁ ଦେଲ, ଆଉ ମୋତେ ତାହା କରିବାକୁ କିପରି ବାରଣ କରୁଛ ? ଦୟାକରି ମୋ ଭାଗତକ ନିଅ । ନଚେତ୍ ମୁଁ ୟାକୁ ଆଦୌ ଖାଇପାରିବି ନାହିଁ ।

ବ୍ରାହ୍ମଣୀର ଯୁକ୍ତି ଓ ଆନ୍ତରିକତା ନିକଟରେ ବ୍ରାହ୍ମଣ ପରାସ୍ତ ହେଲେ । ଶେଷକୁ ତାଙ୍କ ଭାଗତକ ନେଇ ଅତିଥିଙ୍କୁ ଦେଲେ । କିନ୍ତୁ ସେତକ ଖାଇ ଦେଇ ବି ଅତିଥିଙ୍କ କ୍ଷୁଧା ମେଣ୍ଟିଲା ଭଳି ଜଣାପଡ଼ିଲା ନାହିଁ । ବ୍ରାହ୍ମଣ ବା ଆଉ କରିବେ କ'ଣ ? ଏତିକିବେଳେ ତାଙ୍କ ପୁଅ ତା' ଭାଗତକ ବ୍ରାହ୍ମଣଙ୍କୁ ଦେଇ କହିଲା – ବାପା, ଏଇ ମୋ ଭାଗତକ ନେଇ ଅତିଥିଙ୍କୁ ଦିଅନ୍ତୁ ।

ବ୍ରାହ୍ମଣ କିନ୍ତୁ ଏଥିରେ ରାଜି ହୋଇପାରିଲେ ନାହିଁ । କହିଲେ – ପୁଅ, ମୁଁ ବୁଢ଼ାଲୋକ । ଭୋକ ସମ୍ଭାଳି ପାରିବି । ତୁ କିନ୍ତୁ ଯୁବକ । ଭୋକ ସମ୍ଭାଳିବା ତୋ ପକ୍ଷରେ କଷ୍ଟ ହେବ । ତୁ ଏତେ ଦିନ ଧରି କିଛି ଖାଇନୁ । ସେତକ ଖାଇଦେ । ମୁଁ ତୋ'ଠାରୁ ଏହା ନେଇପାରିବି ନାହିଁ ।

ଏ କଥାରେ ପୁଅ ତା'ର ବହୁତ ଦୁଃଖ କରି କହିଲା – ବାପା, ପୁଅର କର୍ତ୍ତବ୍ୟ ବୁଢ଼ା ବୟସରେ ବାପାମାଆଙ୍କୁ ଲାଳନ ପାଳନ କରିବା । ତା'ଛଡ଼ା ପୁଅ ତ ବାପଠାରୁ ଭିନ୍ନ ନୁହେଁ । କୁହାଯାଏ ପୁଅ ମଧ୍ୟରେ ବାପା ନବଜନ୍ମ ପାଇଥାଏ । ମୋର ଭାଗ କ'ଣ ଆପଣଙ୍କର ନୁହେଁ ? ଆପଣ ଉପବାସ ରହି ଆପଣଙ୍କ ଭାଗ ଦେଇପାରିଲେ, ଆଉ ମୋତେ ତାହା ଦେବାକୁ କିପରି ବାରଣ କରୁଛନ୍ତି ?

ବ୍ରାହ୍ମଣ ଏକଥାରେ ହାର ମାନିଲେ । କହିଲେ – ପୁଅ, ତୋର ପିତାମାତାଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧା ଓ ଇନ୍ଦ୍ରିୟମାନଙ୍କ ଉପରେ ସଂଯମ ଦେଖି ମୁଁ ଗର୍ବ ଅନୁଭବ କରୁଛି । ଏହା କହି ପୁଅର ଭାଗତକ ନେଇ ଅତିଥିଙ୍କୁ ଦେଲେ । ଅତିଥି ସେତକ ଖାଇ ଦେଇ ବି ପୁଣି ଯେପରି ଭୋକିଲା ଥିବାର ଜଣାପଡ଼ିଲେ । ବିଚରା ବ୍ରାହ୍ମଣ ଆଉ କରିବେ କ'ଣ ? କିଛି ବୁଦ୍ଧିବାଟ ପାଇଲେ ନାହିଁ ।

ଏତିକିବେଳେ ତାଙ୍କ ବୋହୂ ତା' ଭାଗତକ ଆଣି କହିଲା – ବାପା, ଏଇ ମୋ ଭାଗତକ ନେଇ ଅତିଥିଙ୍କୁ ଦେଇ ସନ୍ତୁଷ୍ଟ କରାନ୍ତୁ । ଭୋକିଲା ଅତିଥିଙ୍କ ପ୍ରତି ଆମମାନଙ୍କର ସମସ୍ତଙ୍କର କର୍ତ୍ତବ୍ୟ ପୂର୍ଣ୍ଣ ହେଉ । ମୁଁ କାହିଁକି ଏଇ ପୁଣ୍ୟ କାମରୁ ବାଦ୍ ପଡ଼ିବି ?

ବିବ୍ରତ ବ୍ରାହ୍ମଣ ଆହୁରି ବିବ୍ରତ ହୋଇପଡ଼ିଲେ । କହିଲେ – ବୋହୂ, ଖାଇବା ବିନା ଏ ବୟସରେ କିପରି ତୋର ସୁନ୍ଦର ମୁହଁ ଝାଉଁଳି ପଡ଼ିଲାଣି । ବୋହୂ ହିସାବରେ ଦିନେ ବି ତୁ କିଛି ଦାବି କି ଅଭିଯୋଗ କରିନୁ । ଅକୁଣ୍ଠିତ ଚିତ୍ତରେ ଆମ ସେବା କରି ଆସିଛୁ । ତୋର ଏ କଅଁଳ ବୟସରେ ଏତେ ଦିନର ଉପବାସରେ ପୁଣି ତୋତେ ଉପବାସ ରଖି ଏ ଖାଦ୍ୟ ମୁଁ ସେଇ ଅତିଥିଙ୍କୁ ଦେଇ ସୁନାମ ଅର୍ଜନ କରିପାରିବି ନାହିଁ ।

ବୋହୂ କିନ୍ତୁ ଶ୍ୱଶୁରଙ୍କର କୌଣସି କଥା ଶୁଣିଲା ନାହିଁ । କହିଲା – ବାପା, ଆପଣ ମୋର ସ୍ୱାମୀର ସ୍ୱାମୀ, ମୋ ପ୍ରଭୁର ପ୍ରଭୁ, ମୋ ଗୁରୁର ଗୁରୁ । ମୁଁ ଆପଣଙ୍କୁ

ମୋ ପ୍ରଭୁ ରୂପରେ ଜ୍ଞାନ କରେ । ପ୍ରଭୁଙ୍କ ସେବାରେ ଭକ୍ତର ଶରୀର ଯଦି ସମର୍ପିତ ହୁଏ, ସେଥିରେ କ'ଣ କ୍ଷତି ଅଛି ? ଦୟାକରି ମୋ କର୍ତ୍ତବ୍ୟ କରିବାରୁ ମୋତେ ବଞ୍ଚିତ କରନ୍ତୁ ନାହିଁ । ଆମ ସମଗ୍ର ପରିବାରଟି କ'ଣ ଏକ ନୁହେଁ ? ସେଥିରୁ ମୁଁ ଏକା ଖାଇ କ'ଣ ସନ୍ତୋଷ ଲାଭ କରିପାରିବି ବୋଲି ଆପଣ ଭାବୁଛନ୍ତି ?

ବ୍ରାହ୍ମଣ ବୋହୂ କଥାକୁ ଆଉ କାଟିପାରିଲେ ନାହିଁ । ତା' ଭଗତକ ମଧ ନେଇ ଅତିଥିଙ୍କୁ ଦେଲେ । ଅତିଥି ସେତକ ଖାଇ ଦେଇ ସନ୍ତୁଷ୍ଟ ହେଲା ପରି ଜଣାପଡ଼ିଲେ ।

ଯଥାର୍ଥରେ ସେ ଅତିଥି ଜଣେ ଛଦ୍ମବେଶୀ ଦେବତା ଥିଲେ । ବ୍ରାହ୍ମଣପରିବାରର ଅତିଥିଚର୍ଚ୍ଚାରେ ମୁଗ୍ଧ ହୋଇ କହିଲେ – ଧନ୍ୟ ବ୍ରାହ୍ମଣ ! ଧନ୍ୟ ତୁମର ପରିବାର । ଆଉ ଧନ୍ୟ ତୁମର ଅତିଥିଚର୍ଚ୍ଚା ! ଭୋକ ଦାଉରେ ମଣିଷ କେତେ ଅନ୍ୟାୟ ନ କରେ ! ଭୋକରେ ତା'ର ବୁଦ୍ଧି ବିଚାର ରହେ ନାହିଁ । କିନ୍ତୁ ତୁମ୍ଭେମାନେ ଏତେ ଦିନ ଭୋକରେ ରହି ବି ଅତିଥିଙ୍କ ଲାଗି ନିଜର ଖାଦ୍ୟ ଓ ଜୀବନ ଦେବାକୁ ମଧ କୁଣ୍ଠାବୋଧ କଲ ନାହିଁ । ଧର୍ମପାଳନ ଲାଗି ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ହେଲ । ତୁମ୍ଭମାନଙ୍କର ଆଜିର ଏ ଦାନ ଯଥାର୍ଥ ଆନ୍ତରିକତାର ସ୍ପର୍ଶରେ ଯେପରି ମହନୀୟ, ଉଦାର ଆଉ ଅସାଧାରଣ ହୋଇ ଉଠିଛି ତା' ତୁଳନାରେ ମହାନ୍ ରାଜସୂୟ ଯଜ୍ଞ କି ଅଶ୍ୱମେଧ ଯଜ୍ଞ ବି କିଛି ନୁହେଁ । ଏଇ ଦେଖ, ସ୍ୱର୍ଗରୁ ତୁମମାନଙ୍କ ଉପରେ ପୁଷ୍ପ ବୃଷ୍ଟି ହେଉଛି । ଦେବତା ଓ ଗନ୍ଧର୍ବମାନେ ସୁନ୍ଦର ରଥ ଧରି ତୁମମାନଙ୍କୁ ସ୍ୱର୍ଗକୁ ନେବା ଲାଗି ଆସୁଛନ୍ତି । ଆଉ ବିଳମ୍ବ କରନା । ଯାଇ ରଥରେ ବସି ସ୍ୱର୍ଗକୁ ଗମନ କର । ମୁଁ ବିଦାୟ ନେଉଛି ।– ଏହା କହି ସେ ଅତିଥି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ ।

ଏହି କଥାଟି କହିସାରି ନେଉଳ କହିଲା, 'ମୁଁ ପାଖରେ ଥାଇ ବ୍ରାହ୍ମଣ ପରିବାରର ଏସବୁ କାମ ଦେଖୁଥିଲି । ସେ ଛତୁଆ ମୋତେ ବହୁତ ବାସୁଥିଲା । ସେମାନେ ସବୁ ସେ ସ୍ଥାନ ତ୍ୟାଗ କରିବା ପରେ ସେ ସ୍ଥାନରେ କିଛି ଛତୁଆଚୂନା ପଡ଼ିଥିଲା । ମୁଁ ଯାଇ ତା'ଉପରେ ଗଡ଼ିଗଲି । ମୋର ଗୋଟିଏ ପାଖ ଦେହ ରଙ୍ଗ ସଙ୍ଗେ ସଙ୍ଗେ ସୁନା ହୋଇଗଲା । ପାଖ ଲେଉଟିଲାବେଳକୁ ଭୂମିରେ ଗଡ଼ିଗଲି, କିନ୍ତୁ ଆଉ ଚୂନା ନ ଥିବାରୁ ସେ ପାଖଟି ସୁନା ହୋଇପାରିଲା ନାହିଁ । ସେଇ ଦିନଠାରୁ ମୁଁ ବିଭିନ୍ନ ସ୍ଥାନ ବୁଲି ଯେଉଁଠିସବୁ ବଡ଼ ବଡ଼ ଦାନ ଧର୍ମ ହେଉଛି ସେଠାରେ ଗଡୁଛି । କିନ୍ତୁ ମୋ ଶରୀରର ସେଇ ବାକୀ ଅଂଶଟି ସୁନା ହେଉ ନାହିଁ । ମହାରାଜ ଯୁଧିଷ୍ଠିରଙ୍କର ବିରାଟ ଅଶ୍ୱମେଧ ଯଜ୍ଞର ନାଁ ଶୁଣି ଏଠାକୁ ସେଇ ଉଦ୍ଦେଶ୍ୟରେ ଆସିଥିଲି; କିନ୍ତୁ ଏଠାରେ ଗଡ଼ି ଦେଖିଲି ଏଇ ବିରାଟ ଅଶ୍ୱମେଧ ଯଜ୍ଞ ବ୍ରାହ୍ମଣର ସେଇ ଅଧସେରେ ଛତୁଆ ଦାନର ତୁଳନାରେ କିଛି ନୁହେଁ । ଖାଲି ଫମ୍ପା, ଲୋକ ଦେଖାଣିଆ, ବାହାର ଆଡ଼ମ୍ବରରେ ପୂର୍ଣ୍ଣ ।'

ତେଣୁ ଦେଖିଲୁ ତ ବିରାଟ ଜାକଜମକରେ ଖାଲି ଠାକୁର ମେଢ଼ ସଜେଇ ଦେଲେ ଯେ ତାହା ଯଥାର୍ଥ ଭକ୍ତିର ଚିହ୍ନ ତା' ନୁହେଁ । ସଙ୍ଗେ ସଙ୍ଗେ ତ ତା'ର ପ୍ରମାଣ ମିଳିଗଲା ଉଭୟ ଦଳ ପରସ୍ପରର ମେଢ଼ ଉପରକୁ ଟେକା ପଥର ଫୋପାଡ଼ିବାରୁ । ଏସବୁ ବାହାର ଜିନିଷରେ ବହୁତ ଖର୍ଚ୍ଚ କରିହେବ, କିନ୍ତୁ ଯଥାର୍ଥରେ କୌଣସି କଥାରେ ଆନ୍ତରିକ ହେବା ବହୁତ କଷ୍ଟ । ସେଥିପାଇଁ –

ଧନୀର ସମ୍ପତ୍ତି କିଂବା ଦରିଦ୍ରର
ଦରିଦ୍ରତା ନୁହେଁ,
ପ୍ରଭୁଙ୍କୁ ସେ ତୁଷ୍ଟ କରେ, ଯିଏ ଖାଲି
ଆନ୍ତରିକ ହୁଏ ।'

# କଥାଠାରୁ ଆଚରଣ ବେଶୀକିଛି କୁହେ

''ଆମ କ୍ଲାସରେ ଗୋଟିଏ ପିଲା ଅଛି, ସିଏ ସବୁ କାମ ଖାଲି ଦେଖେଇ ହେବା ଲାଗି କରେ ।'' କହିଲା ଅନୁରକ୍ତା ।

ଚିନ୍ମୟ ପଚାରିଲା, ''କ'ଣ ସବୁ ସିଏ କରେ ?''

''ସିଏ କ'ଣ କରେ ନା, ଆମର ଯିଏ ଆଗରୁ ଶ୍ରେଣୀଶିକ୍ଷକ ଥିଲେ, ପ୍ରଥମ ପିରିଅଡ଼ରେ ପ୍ରତିଦିନ ଆସୁଥିଲେ । ତାଙ୍କ ପ୍ରତି ଆନୁଗତ୍ୟ ଦେଖେଇ ତାଙ୍କ ସୁପାରିସରେ ଆମ କ୍ଲାସର ମନିଟର ହୋଇଥିଲା । ଯେମିତି ସିଏ କ୍ଲାସକୁ ଆସୁଥିବା କଥା ଜାଣିବ ସେମିତି ଯାଇ ବ୍ଲାକ୍‌ବୋର୍ଡକୁ ସଫା କରି ପକାଇବ । ସେ କ୍ଲାସ ଭିତରେ ପଶିବା ପର୍ଯ୍ୟନ୍ତ ସଫା କରିବାରେ ଲାଗିଥିବ । ଏପରିକି ଦିନେ ଦିନେ ବ୍ଲାକ୍‌ବୋର୍ଡ ଆଗରୁ ସଫା ଥିଲେ ବି ସେ ଆଉ ଥରେ ଯାଇ ସେଥିରେ ଡଷ୍ଟର ଘଷି ପକାଇବ । କିନ୍ତୁ ସେ ଶିକ୍ଷକ ଯେମିତି କ୍ଲାସରୁ ଯିବେ ବ୍ଲାକ୍‌ବୋର୍ଡରେ ତାଙ୍କ ଲେଖାସବୁ ସେମିତି ରହିଥିବ, ସିଏ ଜମା ଲିଭାଇବ ନାହିଁ । ଅନ୍ୟ ପିରିଅଡର ଶିକ୍ଷକ ଆସି ନିଜେ ଲିଭାଇବେ ।

ଆଉ ଗୋଟିଏ ପିଲା ଅଛି ସିଏ ବ୍ଲାକ୍‌ବୋର୍ଡ ମଇଳା ହୋଇଥିବାର ଦେଖିଲେ ଚୁପ୍ କରି ଯାଇ ଶିକ୍ଷକ ଆସିବା ଆଗରୁ ସଫା କରିଦେଇ ଆସି ତା' ସିଟ୍‌ରେ ବସିଥିବ । କାହାକୁ କିଛି କହିବ ନାହିଁ । କେହି ଶିକ୍ଷକ ବି ଜାଣନ୍ତି ନାହିଁ ସେ ଏପରି କରେ ବୋଲି ।

ଏବେ ଆମର ସେ ପୂର୍ବ ଶ୍ରେଣୀ ଶିକ୍ଷକ ବଦଳି ଯାଇ ଆଉ ଜଣେ ଶ୍ରେଣୀଶିକ୍ଷକ ହୋଇଛନ୍ତି । ସିଏ ଯେତେବେଳେ ଶ୍ରେଣୀଶିକ୍ଷକ ନ ଥିଲେ ଆମର ଯିଏ ମନିଟର ତାଙ୍କୁ ଜମା ଖାତିର କରୁ ନ ଥିଲା । କିନ୍ତୁ ଏବେ ସେ ଆସିଲା ବେଳକୁ ଯାଇ ବ୍ଲାକ୍‌ବୋର୍ଡ ସଫା କରି ପକାଇବ, ଟେବୁଲ୍ ଚେୟାର ଝାଡ଼ି ପକାଇବ, କେହି ପାଟି କରୁଥିଲେ ତାଙ୍କୁ (ଶିକ୍ଷକଙ୍କୁ) ଶୁଭିଲା ଭଳି ସ୍ୱରରେ କହିବ, 'କ'ଣ ସାର୍ ଆସିଲେଣି, ଜଣାପଡୁ ନାହିଁ କି ?' କିନ୍ତୁ ଯେଉଁ ଶିକ୍ଷକ ଆଗରୁ ଆମର ଶ୍ରେଣୀଶିକ୍ଷକ ଥିଲେ ସେ ଏବେ ଚତୁର୍ଥ ପିରିୟଡରେ ଆସନ୍ତି । ସିଏ ଆସିଲେ ସେ ପିଲାଟି ଆଉ ପୂର୍ବଭଳି ଆନୁଗତ୍ୟ ଦେଖାଏ ନାହିଁ କି ତାଙ୍କ ଆଗରେ ଟେବୁଲ୍ ଚେୟାର, ବ୍ଲାକ୍‌ବୋର୍ଡ ଆଦି ସଫା କରିବାର ଅଭିନୟ କରେ ନାହିଁ । କିନ୍ତୁ ଅନ୍ୟ ପିଲାଟି ମନିଟର ନ ହେଲେ ବି ତା' ନଜରରେ ପଡ଼ିଲେ ସେ ଚୁପ୍ କରି ଶିକ୍ଷକ ଆସିବା ଆଗରୁ ବ୍ଲାକ୍‌ବୋର୍ଡ ପ୍ରଭୃତି ସଫାକରି ଦେଇଥାଏ । ଆଚ୍ଛା, ସେ ପିଲାଟି ଯିଏ ଆମର ମନିଟର ହୋଇଛି ସିଏ ଏମିତି ଦେଖେଇ ହୁଏ କାହିଁକି ?''

‘‘ସେ ସେମିତି ଦେଖେଇ ହେବାର ଗୋଟିଏ ପ୍ରଧାନ କାରଣ ରହିଛି । ତା’ ହେଉଛି ସେ ଛୋଟ ପିଲାଟିଏ ହେଲେ କ’ଣ ହେଲା, ତା’ ଭିତରେ କ୍ଷମତାଲୋଭ ରହିଛି । ସିଏ ଜାଣେ ଶ୍ରେଣୀଶିକ୍ଷକଙ୍କୁ ସନ୍ତୁଷ୍ଟ କରି ରଖିପାରିଲେ ସିଏ ମନିଟର ହୋଇ ରହିପାରିବ । ତେଣୁ ତା’ର ଯଥାର୍ଥରେ ବ୍ଲାକ୍‌ବୋର୍ଡ ପ୍ରଭୃତି ସଫା କରିବାର ଇଚ୍ଛା ନ ଥିଲେ ବି ଶିକ୍ଷକଙ୍କୁ ଦେଖେଇ ହେବା ଲାଗି ସେ ଆସିବା ସମୟରେ ଯାଇ ସେସବୁ କରେ । ସେ ଶିକ୍ଷକ ଶ୍ରେଣୀଶିକ୍ଷକ ପଦବୀରୁ ବଦଳି ଯିବା ପରେ ଯିଏ ନୂଆ ହେଲେ ତାଙ୍କୁ ବି ସିଏ ସେମିତି ସନ୍ତୁଷ୍ଟ କରିବାକୁ ଚାହିଁଲା । କିନ୍ତୁ ପୂର୍ବ ଶିକ୍ଷକଙ୍କର ଆଉ ତାକୁ ମନିଟରେ ପଦବୀରେ ରଖିବା ପାଇଁ କ୍ଷମତା ନ ଥିବାରୁ ତାଙ୍କୁ ଆଉ ସେ ଖାତିର କଲା ନାହିଁ । ଏଥିରୁ ଜଣାପଡ଼ିଲା ସେ ଯଥାର୍ଥରେ ସେହି ପୂର୍ବ ଶ୍ରେଣୀଶିକ୍ଷକଙ୍କ ପ୍ରତି ଭକ୍ତିର ସହ ସେପରି ଆଚରଣ ଦେଖାଉ ନ ଥିଲା । ତା’ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ସେପରି ଛଳନା କରୁଥିଲା । ଏଭଳି ଲୋକଙ୍କୁ ଖୋସାମତିଆ କୁହାଯାଏ । ଏମାନେ ବାହାରେ ଯାହା ଦେଖାଇ ହୁଅନ୍ତି ଭିତରେ ତାହା ନୁହନ୍ତି । କ୍ଷମତାରେ ଥିବା ବ୍ୟକ୍ତିକୁ ସନ୍ତୁଷ୍ଟ କରି ନିଜର କାର୍ଯ୍ୟ ହାସଲ କରିଥା’ନ୍ତି । କ୍ଷମତାରୁ ଚାଲିଯିବା ପରେ ଆଉ ସେହି ବ୍ୟକ୍ତିକୁ ପଚାରନ୍ତି ନାହିଁ । କ୍ଷମତାରେ ଥିବା ବ୍ୟକ୍ତି ବି ଅନେକ ସମୟରେ ଏପରି ଖୋସାମତି କରୁଥିବା ବ୍ୟକ୍ତିର ଆଚରଣରେ ମୁଗ୍ଧ ହୋଇ ତାକୁ ଗୁରୁତ୍ୱ ଦେଇ ଅନ୍ୟ ନିଷ୍ଠାପର ବ୍ୟକ୍ତିଙ୍କୁ ଅବହେଳା କରିଥା’ନ୍ତି । ତା’ର ଫଳ ସେମାନେ ଉଭୟେ ଭୋଗ କରନ୍ତି । ଏସବୁ ଛଳନା ଓ ଦେଖେଇ ହେବାରେ ଯେଉଁ ଲାଭ ହୁଏ ବୋଲି ଲୋକମାନେ ଭାବନ୍ତି ତାହା ବାସ୍ତବରେ ଲାଭ ନୁହେଁ । ଏହା କେବଳ ନିଜ ଆତ୍ମାକୁ ନିଜେ ଠକିବା । ଯଥାର୍ଥ ଆନ୍ତରିକ ବ୍ୟକ୍ତି କେବେ ବି ଦେଖେଇ ହୁଏ ନାହିଁ । ସେ ଭିତରେ ଯାହା, ବାହାରେ ତାହା । ବରଂ ଭିତରେ ବେଶୀ । ସେ ଜାଣେ ଭଗବାନ୍ ତା’ର ସମସ୍ତ କର୍ମ ଦେଖୁଛନ୍ତି । ତେଣୁ ସେ ତାଙ୍କୁହିଁ ସନ୍ତୁଷ୍ଟ କରିବାକୁ ଚାହେଁ, ମଣିଷ ଆଗରେ ଦେଖେଇ ହୋଇ କ୍ଷଣିକ ସ୍ୱାର୍ଥ ସିଦ୍ଧି କରିବାକୁ ସେ ଚାହେଁ ନାହିଁ । ନୀରବ ଆନ୍ତରିକତାହିଁ ତାକୁ ଆନନ୍ଦ ଦିଏ । ଛଳନା, ପ୍ରତାରଣା ତାକୁ ଆଘାତ ତୁଲ୍ୟ ଅସ୍ୱସ୍ତିକର ବୋଧ ହୁଏ । ସେଥିପାଇଁ ମା’ କହନ୍ତି :

It is better to be than to seem. We need not appear to be good if our sincerity is perfect. And by perfect sincerity we mean that all our thoughts, feelings, sensations and actions should express nothing but the central Truth of our being.

ବାହାରକୁ ଦେଖାଯିବା ଅପେକ୍ଷା ଯଥାର୍ଥରେ ହୋଇ ଉଠିବାହିଁ ଶ୍ରେୟସ୍କର । ଆମର ଆନ୍ତରିକତା ଯଦି ପୂର୍ଣ୍ଣ ତେବେ ଆମର ବାହାରକୁ ଭଲ ବୋଲି ଦେଖାଇ ହେବାର କିଛି ଆବଶ୍ୟକତା ନାହିଁ । ଆଉ ପୂର୍ଣ୍ଣ ଆନ୍ତରିକତା କହିଲେ ଆମେ ବୁଝୁ ଯେ ଆମର ସକଳ ଚିନ୍ତା, ସକଳ ବୋଧ, ସକଳ ଇନ୍ଦ୍ରିୟାନୁଭୂତି ଓ ସକଳ କ୍ରିୟା କେବଳ ଆମ ସତ୍ତାର କେନ୍ଦ୍ରୀୟ ସତ୍ୟ ଛଡ଼ା ଆଉ କିଛିକୁ ପ୍ରକାଶ କରୁ ନ ଥିବ ।

ବାସ୍ତବରେ ଯେଉଁମାନେ ନିଜ ଚିନ୍ତା, ନିଜ କର୍ମ, ନିଜ ଆଚରଣରେ ଆନ୍ତରିକ ସେମାନେ କେବେ ବି ବାହାରକୁ ଦେଖାଇ ହୁଅନ୍ତି ନାହିଁ । ଦେଖାଇ ହେବାକୁ ଭଲ ପାଆନ୍ତି ନାହିଁ କି ତା'ର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ବରଂ ଦେଖାଇ ହେଲେ ସେମାନେ ଅନୁଭବ କରନ୍ତି ଯେପରି ସେମାନଙ୍କର ଯଥାର୍ଥ ଆନ୍ତରିକତାର ମୂଲ୍ୟ କମିଯାଉଛି ।

ଚୀନ ଦେଶର ଗୋଟିଏ ସୁନ୍ଦର କାହାଣୀ । ଶୁଣିଲେ ବୁଝି ହୁଏ କିପରି ଯିଏ ଯଥାର୍ଥରେ ଆନ୍ତରିକ ସିଏ କେବେ ବି ଦେଖେଇ ହେବାକୁ ଚାହେଁ ନାହିଁ କି ସେଥିଲାଗି କାହାରିଠାରୁ କିଛି ମୂଲ୍ୟ ଚାହେଁ ନାହିଁ ।

ବହୁତ ଆଗେ ଚୀନ ଦେଶରେ ଜଣେ ଖୁବ୍ ବଡ଼ ସମ୍ରାଟ୍ ଥିଲେ । ତାଙ୍କର ନାମ 'ଉ' । ସେ ଯେମିତି ବୀର ସେମିତି ସୁଶାସକ ଥିଲେ । ତାଙ୍କର ରାଜ୍ୟ ବହୁଦୂର ପର୍ଯ୍ୟନ୍ତ ବ୍ୟାପି ଥିଲା । ସବୁ ରାଜା ତାଙ୍କୁ ମାନି ଚଳୁଥିଲେ । ତାଙ୍କ ରାଜସଭାରେ ଅନେକ ସରଳ ଓ ଜ୍ଞାନୀ ଲୋକ ଥିଲେ । ସମ୍ରାଟ୍ 'ଉ' ସେହିମାନଙ୍କ ପରାମର୍ଶରେ ରାଜ୍ୟ ଶାସନ କରୁଥିଲେ । ରାଜାମାନେ ସମସ୍ତେ ଖୁସିରେ ଥିଲେ ।

କିନ୍ତୁ ସବୁଦିନ ସମାନ ଯାଏ ନାହିଁ । ବେଳେବେଳେ ଦୁଃସମୟ ବି ଆସେ । ଏଇପରି ଏକ ସମୟ ଆସିଲା । 'ଉ'ଙ୍କ ସାମ୍ରାଜ୍ୟର ଉତ୍ତରକୁ ଜଣେ ଛୋଟ କରଦ ରାଜ୍ୟର ରାଜା ବିଦ୍ରୋହ କରିଉଠିଲେ । 'ଉ'ଙ୍କ ଆଦେଶ ମାନି ତାଙ୍କ ସହ ସହଯୋଗ ରଖି ଚଳିଲେ ନାହିଁ । ପ୍ରଜାମାନଙ୍କ ଉପରେ ଅତ୍ୟାଚାର କଲେ । ତେଣୁ 'ଉ'ଙ୍କୁ ଏଇ ବିଦ୍ରୋହ ଦମନ କରି ସେଠାରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବା ନିମନ୍ତେ ସୈନ୍ୟସାମନ୍ତ ଧରି ସେଠାକୁ ଯିବାକୁ ପଡ଼ିଲା । ତିନି ସପ୍ତାହ କାଳ ସେହି ରାଜାଙ୍କ ସହ ଯୁଦ୍ଧ ଲାଗିଲା । ଯୁଦ୍ଧରେ 'ଉ' ବିଜୟୀ ହେଲେ ଓ ସେହି ବିଦ୍ରୋହୀ ରାଜାଙ୍କୁ ଉପଯୁକ୍ତ ଶାସ୍ତି ଦେଇ ସେଠାରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା କରି ନିଜ ରାଜଧାନୀକୁ ଫେରି ଆସିଲେ ।

ସମ୍ରାଟ ସିନା ବିଜୟୀ ହେଲେ, କିନ୍ତୁ ଯୁଦ୍ଧରେ ବହୁତ କ୍ଲାନ୍ତଶ୍ରାନ୍ତ ହୋଇ ପଡ଼ିଥିଲେ । ଫଳରେ ସେ ଏକ ଶକ୍ତ ବେମାରରେ ପଡ଼ିଲେ । ତାଙ୍କ ବେମାରି ଆଉ ଭଲ ହେଲା ନାହିଁ । ଯେତେ ଯୁଆଡ଼େ ଚେଷ୍ଟା କଲେ ବି ସବୁ ବିଫଳ ହେଲା । ତାଙ୍କ

ମନକୁ ଖୁସୀ କରିବା ପାଇଁ ରାଜ୍ୟର ଭଲ ଭଲ କବି, ଗାୟକ, ସଙ୍ଗୀତଜ୍ଞ, ନର୍ତ୍ତକୀମାନଙ୍କୁ ଅଣାଗଲା । କିନ୍ତୁ ସେଥିରେ ସେ ଖୁସୀ ହେବେ କ'ଣ ଓଲଟି ବିରକ୍ତ ହେଲେ । ଶେଷକୁ ଏପରି ହେଲା ଯେ ତାଙ୍କର ଆଉ ବଞ୍ଚିବା ଆଶା ରହିଲା ନାହିଁ ।

ପରିଶେଷରେ ପଚ୍ଚାୟତମାନେ ବସି ବିଚାର କଲେ ଯେ ସବୁ ବ୍ୟବସ୍ଥା ତ ବିଫଳ ହେଲା, ଏଣିକି ପୁରୁଖା ପୁରୁଖା ଲୋକଙ୍କୁ ପଚାରି କିଛି ପୂଜାପୂଜିର ଆୟୋଜନ କରିବା ।''

''ପଚ୍ଚାୟତ କିଏ ?'' ପଚାରିଲା ଅନୁରକ୍ତା ।

''ରାଜାଙ୍କ ସାନଭାଇମାନଙ୍କୁ ପଚ୍ଚାୟତ କୁହାଯାଏ ।''

''ଆଚ୍ଛା କୁହ, ସେଇଠୁ କ'ଣ ହେଲା ।''

''ସମ୍ରାଟ୍ 'ଉ'ଙ୍କର ତିନିଜଣ ସାନ ଭାଇ ଥିଲେ । ବଡ଼ ଦୁଇଜଣ ସ୍ଥିର କଲେ ରାଜପୁରୋହିତଙ୍କ ଜରିଆରେ ଇଷ୍ଟ ଦେବତାଙ୍କୁ ପୂଜା କରି ସମ୍ରାଟଙ୍କ ସମ୍ବନ୍ଧେ ଦୈବବାଣୀ କ'ଣ ହେବ ଜାଣିବା ଲାଗି ।''

''ଦୈବବାଣୀ କ'ଣ ? ତାକୁ ପୁଣି ଜାଣନ୍ତି କିପରି ?'' ପଚାରିଲା ଅନୁରକ୍ତା ।

''ଚୀନ ଦେଶରେ ସେତେବେଳେ ବିଶ୍ୱାସ ଥିଲା ଯେକୌଣସି ଦେବତା କିଂବା ମରିଯାଇଥିବା ପୂର୍ବ ପୁରୁଷମାନଙ୍କୁ ପୂଜାକରି କୌଣସି କଥା ପଚାରିଲେ ସେମାନେ ଯାହା ଘଟିବ କିଂବା ଯାହା କରିବା ଦରକାର ତାହା ଜଣାଇ ଦିଅନ୍ତି ।''

''କିପରି ଜଣାଇ ଦିଅନ୍ତି ? କ'ଣ ପଥର ମୂର୍ତ୍ତିରୁ ନା ଶୂନ୍ୟରୁ କଥା ଶୁଣାଯାଏ ?''

''ନାଇଁ, ନାଇଁ ସେପରି ହୁଏ ନାହିଁ, ରାଜପୁରୋହିତ ଗୋଟିଏ ସୁନାସିନ୍ଦୁକ ଭିତରେ ଶଙ୍ଖମର୍ମର ପଥରଟିଏ ରଖିଥା'ନ୍ତି । ସେଇ ପଥର ଦେହରେ ଦୈବବାଣୀ ଲେଖିହୋଇ ଯାଇଥାଏ । ସେହି ସିନ୍ଦୁକ ଖୋଲି ତାକୁ ପଢ଼ି ସମସ୍ତେ ଜାଣନ୍ତି ।''

''ଆଚ୍ଛା, ସେଇଠୁ ସମ୍ରାଟଙ୍କ ସାନଭାଇମାନେ କ'ଣ କଲେ ?''

''ସମ୍ରାଟଙ୍କ ସାନଭାଇ ମଧ୍ୟରୁ ବଡ଼ ଦୁଇଜଣ ଏପରି ବିଚାର କରନ୍ତେ ସାନଜଣକ କିନ୍ତୁ ଅନ୍ୟ ପ୍ରକାର ବିଚାର କଲେ । ତାଙ୍କ ନାମ ଥିଲା 'ଚାଉ' । ସେ ସମ୍ରାଟଙ୍କୁ ବହୁତ ଭଲ ପାଉଥିଲେ । ସେ ଜାଣିଥିଲେ ତାଙ୍କ ବଡ଼ ଭାଇ ଜଣେ ଉତ୍ତମ ଶାସକ । ତାଙ୍କ ବିନା ରାଜ୍ୟ ଛାରଖାର ହୋଇଯିବ । ତେଣୁ ସମ୍ରାଟଙ୍କ ଭାଗ୍ୟରେ କ'ଣ ଅଛି ତାହା ଜାଣିବା ପାଇଁ ଚେଷ୍ଟା ନ କରି ତାଙ୍କ ଭାଗ୍ୟ ବଦଳାଇ ଦେବାକୁ ଚାହିଁଲେ ।

ଏ ବିଷୟରେ ସେ କାହାକୁ କିଛି କହିଲେ ନାହିଁ । ରାଜ୍ୟର ସବୁ ବଡ଼ ବଡ଼ କର୍ମଚାରୀଙ୍କୁ ଗୋଟିଏ ବଡ଼ ପଡ଼ିଆକୁ ଡକାଇ ଗୋପନରେ ଶପଥବଦ୍ଧ କରାଇନେଲେ

ଯେ ଯାହାସବୁ କରାଯିବ ସେମାନେ କାହାକୁ କିଛି କହିବେ ନାହିଁ । ତା'ପରେ ସେହି ପଡ଼ିଆର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଦିଗରେ ଚାରିଟି ବେଦି ପ୍ରସ୍ତୁତ କରାଗଲା । ସମ୍ରାଟଙ୍କ ସବା ସାନଭାଇ ଦକ୍ଷିଣ ପାଖ ବେଦିରେ ଉତ୍ତର ଆଡ଼କୁ ମୁହଁ କରି ବସି ପୂର୍ବରୁ ଯେଉଁ ତିନିଜଣ ସମ୍ରାଟ ତାଙ୍କ ରାଜ୍ୟ ଶାସନ କରି ମରି ଯାଇଛନ୍ତି ସେମାନଙ୍କ ସୂକ୍ଷ୍ମ ସତ୍ତାକୁ ପ୍ରାର୍ଥନା କଲେ । ସେ ଯାହାସବୁ ପ୍ରାର୍ଥନା କରୁଥା'ନ୍ତି ରାଜ୍ୟର ଜଣେ ଭଲ ଛାମୁକରଣ ଲୁଚାଇ ସେ ସବୁ ଟିପି ନେଉଥାଆନ୍ତି ।''

''ଛାମୁକରଣ ମାନେ କ'ଣ ?'' ପଚାରିଲା ଅନୁରକ୍ତା ।

''ଛାମୁକରଣ ଅର୍ଥ ହେଉଛି ଯିଏ ରାଜାଙ୍କର ହିସାବ କିତାବ ଆଦି ରଖନ୍ତି । ଅନ୍ୟାନ୍ୟ ଲେଖା ଲେଖି କାମ ସବୁ କରନ୍ତି ।''

''ଆଚ୍ଛା, ମରିଯାଇଥିବା ପୂର୍ବପୁରୁଷମାନେ କ'ଣ ପ୍ରାର୍ଥନା ଶୁଣି ସାହାଯ୍ୟ କରିପାରୁଥିଲେ ?''

''ହଁ, ପ୍ରତ୍ୟେକ ଲୋକର ବିଶ୍ୱାସ ଅନୁଯାୟୀ ଫଳ ଫଳେ । ଚୀନ ଲୋକମାନଙ୍କର ସେ ସମୟରେ ସେଇ ବିଶ୍ୱାସ ଥିଲା । ତେବେ ଆନ୍ତରିକ ଭାବେ ଯାହାକୁ ପ୍ରାର୍ଥନା କଲେ ବି ସେ ପ୍ରାର୍ଥନା ଭଗବାନଙ୍କ ନିକଟରେ ପହଞ୍ଚେ । ସେମାନେ ସେଇ ପୂର୍ବ ପୁରୁଷମାନଙ୍କର ସତ୍ତାକୁ ଦିବ୍ୟଭାଗବତ ସତ୍ତା ଭାବି ପ୍ରାର୍ଥନା କରୁଥିଲେ ।''

''ଆଚ୍ଛା, ସମ୍ରାଟଙ୍କ ସାନଭାଇ କ'ଣ ପ୍ରାର୍ଥନା କଲେ ଏବେ କୁହ ।''

''ସେ ପ୍ରାର୍ଥନା କଲେ, 'ହେ ଆମର ତିନି ପୁରୁଷର ଯଶସ୍ୱୀ ସମ୍ରାଟଗଣ ! ଆପଣମାନଙ୍କର ଉତ୍ତରାଧିକାରୀ ସମ୍ରାଟ 'ଉ' ବର୍ତ୍ତମାନ ଭୀଷଣ ରୋଗଗ୍ରସ୍ତ । ତାଙ୍କର ଆଉ ବଞ୍ଚିବାର ଆଶା ନାହିଁ । କିନ୍ତୁ ସେ ଜଣେ ଖୁବ୍ ଉତ୍ତମ ସମ୍ରାଟ । ପ୍ରଜାମାନେ ତାଙ୍କ ଉପରେ ବହୁତ ସନ୍ତୁଷ୍ଟ ଓ ତାଙ୍କୁ ବହୁତ ଭଲ ପାଆନ୍ତି । ତାଙ୍କର ଏପରି ଅକାଳ ବିୟୋଗ ହେବା ମୁଁ ଉଚିତ ମନେ କରୁ ନାହିଁ । ଆପଣମାନେ ଦୟାକରି ତାଙ୍କୁ ବଞ୍ଚାଇ ଦିଅନ୍ତୁ । ତାଙ୍କ ବଦଳରେ ଯଦି ଗୋଟିଏ ଜୀବନ ନେବାକୁ ଦରକାର ହେଉଛି ତେବେ ମୋ' ଜୀବନ ନିଅନ୍ତୁ । ମୁଁ ଆପଣମାନଙ୍କ ସହ ଆନନ୍ଦରେ ସ୍ୱର୍ଗବାସ ହୋଇପାରିବି । ମୋର ଏଠାରେ ବିଶେଷ କିଛି କାର୍ଯ୍ୟ ନାହିଁ । ଆପଣମାନଙ୍କର ପ୍ରକୃତ ଉତ୍ତରାଧିକାରୀ ହେଉଛନ୍ତି ସମ୍ରାଟ 'ଉ' ।

ମୋର ପ୍ରାର୍ଥନା ରକ୍ଷା କରନ୍ତୁ । ମୋ ଜୀବନ ବିନିମୟରେ ମୋ ଭାଇଙ୍କ ଆୟୁଷ ବଢ଼ାଇ ଦିଅନ୍ତୁ । ମୁଁ ଆପଣମାନଙ୍କ ଦୈବୀ ବାଣୀକୁ ଅପେକ୍ଷା କରୁଛି ।'

ତା'ପରେ ରାଜପୁରୋହିତ ତାଙ୍କର ସୁନା ସିନ୍ଦୁକ ଫିଟାଇ ଦେଖିଲେ ଯେ ସେଥିରେ ଥିବା ଶଙ୍ଖମର୍ମର ପ୍ରସ୍ତରରେ ଲେଖା ହୋଇଛି, 'ଆମେ ଏ ରାଜ୍ୟର ପୂର୍ବତନ ତିନିପୁରୁଷର ସମ୍ରାଟଗଣ ଚାଉଙ୍କ ପ୍ରାର୍ଥନାର ଆନ୍ତରିକତାରେ ମୁଗ୍ଧ ହୋଇଛୁ । ତାଙ୍କର

ମରିବା ଆବଶ୍ୟକ ନାହିଁ । ତାଙ୍କ ପ୍ରାର୍ଥନା ପୂରଣ ହୋଇଛି । 'ଉ' ପୁଣି କିଛି କାଳ ବଞ୍ଚିବେ – ଏହି ହେଲା ଆମର ରାୟ ।'

ଚାଉ ତାଙ୍କ ପ୍ରାର୍ଥନା ପୂରଣ ହୋଇଥିବା ଜାଣି ଆନନ୍ଦରେ ଗଦ୍‌ଗଦ ହୋଇ ପଡ଼ିଲେ । କିନ୍ତୁ ପୁରୋହିତଙ୍କୁ ମନାକଲେ ଏକଥା ଅନ୍ୟ କାହାକୁ କହିବା ଲାଗି । ପ୍ରସ୍ତରଟିକୁ ସିନ୍ଦୁକରେ ରଖି, ତାଲା ପକାଇ, ଚାବି ପୁରୋହିତଙ୍କୁ ଦେଇ ଦେଲେ ।

ତା' ପରଦିନ ରାଜା ଖୁବ୍ ସୁସ୍ଥ ହୋଇ ରୋଗଶଯ୍ୟାରୁ ଉଠି ଆସିଲେ । ପୂର୍ବ ଅପେକ୍ଷା ସେ ବହୁତ ସତେଜ ଓ ପ୍ରଫୁଲ୍ଲ ଦେଖା ଯାଉଥା'ନ୍ତି । ପୁଣି ତାଙ୍କ ରାଜକାର୍ଯ୍ୟରେ ସେ ଲାଗି ପଡ଼ିଲେ ।

ଭଲରେ ଭଲରେ ଦଶବର୍ଷ ଖଣ୍ଡେ କଟିଗଲା । ମଣିଷ ତ ସବୁଦିନ ଲାଗି ଅମର ହେବାର କ୍ଷମତା ଏପର୍ଯ୍ୟନ୍ତ ହାସଲ କରିପାରି ନାହିଁ । ପୁଣି ଥରେ 'ଉ'ଙ୍କର ମୃତ୍ୟୁର ସମୟ ଉପସ୍ଥିତ ହେଲା । ତାଙ୍କର ଏକମାତ୍ର ଶିଶୁପୁତ୍ର 'ଚାଙ୍ଗ'କୁ ଛାଡ଼ି ସେ ଇହଧାମ ତ୍ୟାଗ କଲେ । ଚାଙ୍ଗ ତ ଖୁବ୍ ଛୋଟ ପିଲା । ସେ ବା କି ରାଜ୍ୟ ଶାସନ କରିବ । ତେଣୁ ଦାଦା ଚାଉ ତାଙ୍କୁ ରାଜକାର୍ଯ୍ୟରେ ସାହାଯ୍ୟ କଲେ । ଚାଉ ଥିଲେ ବହୁତ ବୁଦ୍ଧିମାନ୍ ଓ ସଚ୍ଚୋଟ ଲୋକ । ତାଙ୍କ ପରାମର୍ଶରେ ରାଜକାର୍ଯ୍ୟ ଖୁବ୍ ସୁନ୍ଦର ଭାବେ ଚାଲିଲା । ପ୍ରଜାମାନେ ସମ୍ରାଟ 'ଉ'ଙ୍କର ଅଭାବ ଅନୁଭବ କରିପାରିଲେ ନାହିଁ । କିନ୍ତୁ ଚାଉଙ୍କର ସୁଖ୍ୟାତି ତାଙ୍କ ବଡ଼ ଦୁଇଭାଇ ସହି ପାରିଲେ ନାହିଁ । ଯେକୌଣସି ପ୍ରକାରେ ଚାଉଙ୍କୁ ଖାଲରେ ପକାଇବାକୁ ଓ ତାଙ୍କୁ ବଦନାମ କରାଇବାକୁ ଚେଷ୍ଟା କଲେ । କିନ୍ତୁ ଚାଉ ଏତେ ସରଳ, ନିଷ୍କପଟ ଥିଲେ ଯେ ସେମାନେ କୌଣସିମତେ ବହୁଦିନ ଧରି ସେ ସୁଯୋଗ ପାଇଲେ ନାହିଁ ।

ଚାଙ୍ଗ ଏବେ ଟିକିଏ ବଡ଼ ହୋଇଗଲେଣି । ଏହି ସମୟରେ ରାଜ୍ୟରେ ଏକ ବଡ଼ ବିପଦ ପଡ଼ିଲା । ଚୀନରେ ହୋୟାଂହୋ ନାମରେ ଏକ ବଡ଼ ନଈ ପ୍ରବାହିତ ହୁଏ । ସେଇ ନଈରେ ପ୍ରବଳ ବନ୍ୟା ହେଲା । ଘରଦ୍ୱାର, ଜୀବଜନ୍ତୁ ଭସାଇ ନେଲା । ଫସଲ ସବୁ ନଷ୍ଟ ହୋଇଗଲା । ଲୋକମାନେ ଖାଇବାକୁ ପାଇଲେ ନାହିଁ । ଯାହାକିଛି ସେମାନଙ୍କ ପାଖରେ ସମ୍ବଳ ଥିଲା ତାତାର ନାମକ ମରୁଭୂମିର ଏକପ୍ରକାର ଯାଯାବର ଜାତି ସେମାନଙ୍କ ଉପରେ ଆକ୍ରମଣ କରି ସବୁ ଲୁଣ୍ଠନ କରିନେଲେ । ଲୋକମାନେ ହତାଶ ଓ ନିରାଶ୍ରୟ ବୋଧ କଲେ । ଏତିକିବେଳେ 'ଚାଉ' ଭାବିଲେ ସମ୍ରାଟ ଯେତେ ଛୋଟ ହୁଅନ୍ତୁ ପଛେ, ଟିକିଏ ନିଜେ ଯାଇ ରାଜ୍ୟରେ ବୁଲି ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦେଖି ସେମାନଙ୍କୁ କିଛି ଆଶ୍ୱାସନା ଦେଲେ ଓ ସାହାଯ୍ୟ କଲେ ଲୋକମାନେ ବହୁତ ଆଶ୍ୱସ୍ତ ଅନୁଭବ କରିବେ ଓ ସମ୍ରାଟଙ୍କ ଉପରେ ତାଙ୍କର ଆସ୍ଥା ବଢ଼ିବ ।

ସମ୍ରାଟଙ୍କ ରାଜ୍ୟ ଭ୍ରମଣ ଲାଗି ସମସ୍ତ ଆୟୋଜନ ହେଲା । ଅଶ୍ୱାରୋହୀ ସୈନ୍ୟସାମନ୍ତଙ୍କ ଗହଣରେ ସମ୍ରାଟ ଏକ ସୁନା ପାଲିଙ୍କିରେ ରାଜଧାନୀରୁ ବାହାରିଲେ । ହୋୟାଂହୋ ନଈର ବନ୍ୟା ଫଳରେ ଯେଉଁ ଅଞ୍ଚଳର ଲୋକମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଖାଦ୍ୟବସ୍ତ୍ର ବିତରଣ କଲେ । ସମ୍ରାଟଙ୍କୁ ଦେଖି ଲୋକମାନେ ବହୁତ ଖୁସୀ ହେଲେ ।

ଏହିପରି ବୁଲି ଲୋକମାନଙ୍କ ଅଭାବ ଅସୁବିଧା କଥା ବୁଝୁ ବୁଝୁ ଦିନେ ସମ୍ରାଟ ତାଙ୍କ ପାତ୍ରମନ୍ତ୍ରୀ, ସୈନ୍ୟସାମନ୍ତମାନଙ୍କ ଗହଣ ଛାଡ଼ି ଟିକିଏ ଆଗକୁ ଚାଲିଯାଇଥିଲେ । ଏଇ ସମୟରେ ସେଇ ଯାଯାବର ତାତାରମାନେ ତାଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଟେକି ନେଇଯିବାକୁ ଉଦ୍ୟତ ହୋଇଥିଲେ । କିନ୍ତୁ ସୌଭାଗ୍ୟକ୍ରମେ ସମ୍ରାଟଙ୍କର କିଛି ସୈନ୍ୟସାମନ୍ତ ଆସି ପହଞ୍ଚି ଯିବାରୁ ସେମାନେ ଭୟରେ ତାଙ୍କୁ ଛାଡ଼ି ପ୍ରାଣ ବିକଳରେ ପଳାଇଲେ ।

ଚାଉଙ୍କ ଭାଇମାନେ ସବୁବେଳେ ଚାଉଙ୍କୁ ବିପଦରେ ପକାଇବା ପାଇଁ ସୁଯୋଗ ଉଣ୍ଡୁଥିଲେ । ଏବେ ସେ ସୁଯୋଗ ପାଇଲେ । ସେମାନେ ଗୁପ୍ତରେ ପ୍ରଚାର କଲେ ଯେ ଚାଉ ସମ୍ରାଟଙ୍କୁ ଜମା ଭଲ ପାଆନ୍ତି ନାହିଁ । ସେ ଚାହାନ୍ତି ସମ୍ରାଟଙ୍କୁ ମାରି ନିଜେ ରାଜଗାଦିରେ ବସିବେ । ସେଇଥିପାଇଁ ବନ୍ୟା ଅଞ୍ଚଳ ବୁଲିବା ବାହାନାରେ ତାଙ୍କୁ ନେଇ ତାତାରମାନଙ୍କ ହାତରେ ମରାଇବାର ବ୍ୟବସ୍ଥା କରିଥିଲେ । ଭାଗ୍ୟକ୍ରମେ ସମ୍ରାଟ ଆମର ବଞ୍ଚିଗଲେ, ନ ହେଲେ ତ ସବୁ ଶେଷ ହୋଇଥିଲା ।

ଚାଉ ଏସବୁ କଥା ଶୁଣିଲେ । ମନରେ ବହୁତ ଆଘାତ ପାଇଲେ । ସେ ଇଚ୍ଛା କରିଥିଲେ ଅନ୍ୟ ଦୁଇଭାଇଙ୍କୁ ବନ୍ଦୀ କରିପାରିଥା'ନ୍ତେ କିଂବା ମାରିଦେଇ ପାରିଥା'ନ୍ତେ । କାରଣ ସମଗ୍ର ସୈନ୍ୟବାହିନୀ ତାଙ୍କ ହାତରେ ଥିଲା । କିନ୍ତୁ ସେ ଭାରି ଦୟାଳୁ, ସରଳ ଓ କ୍ଷମାଶୀଳ ବ୍ୟକ୍ତି ଥିଲେ । ସେ ନିଜେ ବି ଯଥାର୍ଥରେ ଦୋଷୀ ନୁହନ୍ତି ବୋଲି ପ୍ରମାଣିତ କରିବାକୁ କିଛି ଚେଷ୍ଟା କଲେ ନାହିଁ । ନୀରବରେ ନିଜେ ନିଜେ ରାଜ୍ୟ ଛାଡ଼ି ଚାଲିଯିବାକୁ ସ୍ଥିର କଲେ । ସମ୍ରାଟଙ୍କୁ ମଧ୍ୟ ଅନୁମତି ମାଗିଲେ । ସମ୍ରାଟ ମିଥ୍ୟା ପ୍ରଚାରରେ ପ୍ରଭାବିତ ହୋଇ ତାଙ୍କୁ ରାଜ୍ୟଛାଡ଼ି ଚାଲିଯିବା ଲାଗି ଅନୁମତି ଦେଲେ । ଅନ୍ୟ ଦୁଇଭାଇଙ୍କ ହାତରେ ରାଜ୍ୟର ସମ୍ପୂର୍ଣ୍ଣ ଭାର ଛାଡ଼ିଦେଇ ଚାଉ ଚାଲିଗଲେ ।

କିଛିଦିନ ସବୁକିଛି ସୁରୁଖୁରୁରେ ଚାଲିଲା । ଫସଲ ଅମଳ ସମୟ ଆସିଲା । କୁଆଡ଼େ କିଛି ନ ଥିଲା, ହଠାତ୍ କୁଆଡୁ ଝଡ଼, ତୋଫାନ, ପ୍ରବଳ ବର୍ଷା ମାଡ଼ି ଆସିଲା । ଏପରି ଛଡ଼ ତୋଫାନ ପୂର୍ବରୁ କେବେ ଦେଖା ନ ଥିଲା । ଫସଲର ଆଉ ଚିହ୍ନବର୍ଣ୍ଣ ରହିଲା ନାହିଁ । ଘର ଦ୍ୱାର ଭାଙ୍ଗି ଉଡ଼ିଆଡ଼ି ଗଲା । ଲୋକମାନେ ଭୟରେ କିଏ କୁଆଡ଼େ ଛିନ୍ଛତର ହୋଇ ପଳେଇଲେ ।

ଏସବୁ ଦୈବୀ ଶକ୍ତିର କାଣ୍ଡ ବୋଲି ସମସ୍ତେ ବିଶ୍ୱାସ କଲେ । ସମ୍ରାଟଙ୍କ ପୁରୁଣା ମନ୍ତ୍ରୀମାନେ କିଛି ଦୈବବାଣୀ ଶୁଣିବା ଲାଗି ତାଙ୍କର ଇଷ୍ଟଦେବଙ୍କ ମନ୍ଦିରକୁ ଗଲେ । ରାଜପୁରୋହିତଙ୍କୁ କୁହାଗଲା ସୁନାସିନ୍ଦୁକ ଫିଟାଇ ସେହି ଶଙ୍ଖମର୍ମର ପ୍ରସ୍ତରକୁ ଦେଖିବା ଲାଗି । ଯଦି ସେଥିରେ କିଛି ଦୈବବାଣୀ ଲେଖି ହୋଇ ଯାଇଥିବ ! ରାଜପୁରୋହିତ ସିନ୍ଦୁକ ଖୋଲି ପ୍ରସ୍ତରଟିକୁ ବାହାର କଲେ । ସମସ୍ତେ ଦେଖିଲେ ପ୍ରସ୍ତରରେ ଚାଉଙ୍କର ସେଇ ପ୍ରାର୍ଥନାର ଉତ୍ତର ଲେଖା ହୋଇ ରହିଛି । ସମସ୍ତେ ଜାଣିଲେ ଚାଉ କିପରି ସମ୍ରାଟ 'ଉ'ଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ଜୀବନ ଦେବାକୁ ପ୍ରସ୍ତୁତ ଥିଲେ ।

ଚାଙ୍ଗ୍ ଏକଥା ପଢ଼ିସାରି ବହୁତ ଦୁଃଖିତ ହେଲେ । ରାଜ ପୁରୋହିତଙ୍କ ଉପରେ ରାଗି କହିଲେ, 'ତୁମେ କାହିଁକି ଏକଥା ମୋତେ ଆଜି ପର୍ଯ୍ୟନ୍ତ କହି ନାହଁ ?' ରାଜପୁରୋହିତ ହାତଯୋଡ଼ି କହିଲେ, 'ମଣିମା, ଏକଥା କାହାରିକୁ ନ ଜଣାଇବା ଲାଗି ଚାଉଙ୍କ ଆଦେଶ ଥିଲା ।'

ସମ୍ରାଟ ଚାଙ୍ଗ୍ ବର୍ତ୍ତମାନ ବୁଝି ପାରିଲେ ଯେ ତାଙ୍କ ଦାଦା ଚାଉ କିପରି ରାଜଭକ୍ତ ଓ କିପରି ଆନ୍ତରିକ ଭାବରେ ତାଙ୍କ ବାପା ଓ ତାଙ୍କୁ ଭଲ ପାଆନ୍ତି । ଏଭଳି ଜଣେ ବିଶ୍ୱସ୍ତ, ଉପକାରୀ, ନିଷ୍ଠାବାନ୍, ସ୍ୱାର୍ଥତ୍ୟାଗୀ ଲୋକକୁ ବାହାରିଯିବା ଲାଗି ଅନୁମତି ଦେଇ ସେ କେତେ ଭୁଲ କରିଛନ୍ତି ତାହା ଅନୁଭବ କଲେ । ଆଉ ଜାଣି ପାରିଲେ ଯେ ତାଙ୍କ ଭଳି ଲୋକ ରାଜ୍ୟ ଛାଡ଼ି ଚାଲିଯିବାରୁ ଏସବୁ ଝଡ଼, ତୋଫାନ ଆଦି ପ୍ରାକୃତିକ ବିପଦ ମାଡ଼ି ଆସିଲା । ସେ ଆଉ କାଳବିଳମ୍ବ ନ କରି ତାଙ୍କର ଯେଉଁ ଦୁଇ ଦାଦା ତାଙ୍କୁ ଚାଉଙ୍କ ବିରୋଧରେ ମତାଇଥିଲେ ତାଙ୍କୁ ରାଜ୍ୟରୁ ବାହାର କରିଦେଲେ ଓ ବହୁତ ଆଡ଼େ ଖୋଜାଖୋଜି କରି ପୁଣି ଚାଉଙ୍କୁ ରାଜ୍ୟକୁ ଫେରାଇ ଆଣିଲେ । ଝଡ଼ ତୋଫାନ ସବୁ କମିଗଲା । ଚାରିଆଡ଼େ ଶାନ୍ତି ଶୃଙ୍ଖଳା ବିରାଜମାନ କଲା । ଶସ୍ୟକ୍ଷେତ୍ର ପୁଣି ଶସ୍ୟଭାରରେ ହସି ଉଠିଲା । ଭଙ୍ଗାଘରଗୁଡ଼ିକ ପୂର୍ବାପେକ୍ଷା ଆହୁରି ସୁନ୍ଦର ହୋଇ ଗଢ଼ିଉଠିଲା । ସେ ବର୍ଷ ଲୋକମାନେ ଯେତେ ଫସଲ ପାଇଲେ ଏପରି କୌଣସି ବର୍ଷ ପାଇ ନ ଥିଲେ । ଲୋକମାନଙ୍କ ଖୁସି କହିଲେ ନ ସରେ । ସମସ୍ତଙ୍କ ମୁଖରେ ଚାଉଙ୍କର ପ୍ରଶଂସା । ଚାଉ କିନ୍ତୁ ପୂର୍ବଭଳି ନୀରବ ନିର୍ବିକାର ।

ଚାଙ୍ଗ ଚାଉଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା କରି କହିଲେ, 'ଦାଦା, ଆପଣ ପୂର୍ବରୁ କାହିଁକି ଏସବୁ କଥା କହୁ ନ ଥିଲେ ?'

ଚାଉ ହସି ହସି ଚାଙ୍ଗଙ୍କୁ କହିଲେ, 'ମୁଁ ତ କାହାକୁ କିଛି କହିବି ବୋଲି କୌଣସି କାମ କରୁ ନ ଥିଲି । ମୋ' ଅନ୍ତରରୁ ଯାହା କରିବା ପାଇଁ ମୁଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଅନୁଭବ କରୁଥିଲି ନୀରବରେ ସେଇଆ କରୁଥିଲି । ଯଦି କେତେବେଳେ କିଛି କହିବା

ଆବଶ୍ୟକ ପଡ଼େ ତେବେ ବ୍ୟକ୍ତିର ଆଚରଣ ଓ କର୍ମହିଁ ତାହା କହିଥାଏ । କର୍ମ ଯାହା କହେ ତାହା ଖାଣ୍ଟିକଥା କହେ । କିନ୍ତୁ ସେଥିଲାଗି ଆମର ଧୈର୍ଯ୍ୟ, ସାହସ ଓ ନିଃସ୍ୱାର୍ଥପରତା ଦରକାର ।' ଚାଉ ଏତିକି କହି, ଚାଙ୍ଗଙ୍କୁ ଉଠାଇ ସ୍ନେହରେ ଆଲିଙ୍ଗନ କଲେ ।

ତେଣୁ –

'ଦେଖାଇ ହେବାଠୁ ହୋଇ ଉଠିବାରେ
କେତେ ଟେକ ।
ଅନ୍ତର ଯଦି ନିଷ୍ଠାରେ ଭରା
ବାହାରର କଥାରେ
ନ ଥାଏ ତ କେବେ
ଆବଶ୍ୟକ

# ଆନ୍ତରିକତା ମଧ୍ୟରେ ଦୁଃଖର ସ୍ଥାନ ନାହିଁ

''ଚିନୁଭାଇ ଜାଣିଛ, ଆମ ଗାଁ ସେ ମୁଣ୍ଡର ନରି ମଉସାଙ୍କ ପୁଅ ସୁଖେନ୍ଦୁ ଯିଏ ଘରଛାଡ଼ି କୁଆଡ଼େ ଚାଲି ଯାଇଥିଲା, ଆଉ ତା' ଲାଗି ସମସ୍ତେ କେତେ ବ୍ୟସ୍ତ ହେଉଥିଲେ, ସିଏ କାଲି ଫେରି ଆସିଛି ?'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଓ, ସେଇ ଯେଉଁ ସୁଖେନ୍ଦୁ, ଯିଏ ଚାରିଥର ମାଟ୍ରିକ୍ ପରୀକ୍ଷାରେ ଫେଲ୍ ହୋଇଯିବାରୁ ଘର ଛାଡ଼ି କୁଆଡ଼େ ଚାଲି ଯାଇଥିଲା, ସେଇ ଫେରି ଆସିଛି ?'' ପଚାରିଲା ଚିନ୍ମୟ ।

''ହଁ ।''

''ସିଏ କୁଆଡ଼େ ଯାଇଥିଲା ?''

''କିଏ କହୁଛି ଘରୁ କିଛି ଟଙ୍କା ପଇସା ନେଇ କୁଆଡ଼େ ପଳେଇଲା । ଏଣେ ତେଣେ ବୁଲି ଶେଷରେ ଯାଇ ଗୋଟିଏ ସାଧୁ ଆଶ୍ରମରେ ପହଞ୍ଚିଲା । ଭାବିଲା ସେଇଠି ସନ୍ନ୍ୟାସୀ ହୋଇ ରହିଯିବ, ଆଉ ଏ ଦୁଃଖଜଞ୍ଜାଳପୂର୍ଣ୍ଣ ସଂସାରରେ ପଶିବ ନାହିଁ । କିନ୍ତୁ ସେଠି କିଛିଦିନ ରହିବା ପରେ ପୁଣି ଛାଟିପିଟି ହେଇ ଘରକୁ ପଳେଇ ଆସିଲା । କହୁଛି ସେଠି କୁଆଡ଼େ ବହୁତ କାମ କରିବାକୁ ପଡ଼ିଲା । ଟିକିଏ ଶାନ୍ତିରେ କି ଆରାମରେ ସମୟ କଟେଇବାକୁ ଫୁରୁସତ ମିଳିଲା ନାହିଁ । ତାକୁ ସେ ଜାଗା ଜମା ଭଲ ନାଗିଲା ନାହିଁ, ତେଣୁ ସେ ପଳେଇ ଆସିଲା ।''

''ଓ, ବେଶୀ କାମ ପଡ଼ିଲା ବୋଲି ସେ ଜାଗା ତାକୁ ଭଲ ନାଗିଲା ନାହିଁ ? ସେଠୁ ପଳେଇ ଆସିଲା ? ଆଉ ଏଠିକି ଆସି କାମ ନ କରି ଆଉ କରିବ କ'ଣ ? ପାଠ ତ ହେଉ ନାହିଁ । ଆଉ କ'ଣ ଖାଲି ଘରେ ବସିବ ? ଏଠିକି ଆସି କ'ଣ ତାକୁ ଭଲ ଲାଗୁଛି ?''

''ଭଲ ଲାଗୁଛି ! ସବୁବେଳେ ଖାଲି ମୁହଁ ଶୁଖେଇ ବସୁଛି । କାହାରି ସାଙ୍ଗରେ ମିଶୁ ନାହିଁ କି ଘରୁ କୁଆଡ଼େ ଯାଉ ନାହିଁ । ନାଁ ଟା ସିନା ସୁଖେନ୍ଦୁ; କିନ୍ତୁ ସିଏ ଯେମିତି ଦୁଃଖର ସିନ୍ଧୁ । କାହିଁକି ତା'ର ଏତେ ଦୁଃଖ ? ସିଏ କ'ଣ ଆଉ ଜୀବନରେ ସୁଖ ପାଇବ ନାହିଁ ?''

''ତା'ର ଦୁଃଖର କାରଣ ହେଉଛି ତା' ମଧ୍ୟରେ ଆନ୍ତରିକତାର ଅଭାବ । ସେ କୌଣସି କଥାରେ ଆନ୍ତରିକ ହୋଇପାରୁ ନାହିଁ । ଆନ୍ତରିକ ହୋଇ ପାରିଲେ ଦୁଃଖ

ରହନ୍ତା ନାହିଁ । ସଫଳ ହେଉ, ବିଫଳ ହେଉ ତା'ର ଆନ୍ତରିକତାହିଁ ତାକୁ ଆନନ୍ଦ ଦିଅନ୍ତା । ମାଆ କହନ୍ତି :

The moment you feel unhappy, you may write beneath it; "I am not sincere !" These two sentences go together :

'I FEEL UNHAPPY
I AM NOT SINCERE.'

ଯେଉଁ ମୁହୂର୍ତ୍ତରେ ତୁମେ ଅସୁଖ ଅନୁଭବ କର, ତା' ତଳେ ତୁମେ ଲେଖିପାର : ''ମୁଁ ଆନ୍ତରିକ ନୁହେଁ !'' ଏହି ଦୁଇଟି ବାକ୍ୟ ଏକସଙ୍ଗେ ରହିଥାଏ :

**'ମୁଁ ଅସୁଖ ଅନୁଭବ କରୁଚି
ମୁଁ ଆନ୍ତରିକ ନୁହେଁ' ।**

ଆନ୍ତରିକ ବ୍ୟକ୍ତି ଯେତେ କଷ୍ଟ ଆସିଲେ ବି ଦୁଃଖ କରେ ନାହିଁ କି ତା'ର ଲକ୍ଷ୍ୟପଥରୁ କେବେ ଓହରି ଆସେ ନାହିଁ । ତା'ର ହୃଦୟ ଯାହାକୁ ଥରେ ତା'ର ଲକ୍ଷ୍ୟ ବୋଲି ମାନି ନେଇଛି ସେଇ ପଥରେ ସେ ଶେଷ ପର୍ଯ୍ୟନ୍ତ ଚାଲେ । ଆମ ଏଇ ଓଡ଼ିଶାର ଜଣେ ସିଦ୍ଧ ସାଧକ ଶ୍ୟାମାନନ୍ଦ ଗୋସ୍ୱାମୀ, ଗୁରୁ ଆଶ୍ରମରେ ତାଙ୍କୁ କେତେ କଷ୍ଟ କରିବାକୁ ନ ପଡ଼ିଛି ! କିନ୍ତୁ ସେଥିଲାଗି ତାଙ୍କୁ କେବେ ବି ଟିକିଏ ଦୁଃଖ ସ୍ପର୍ଶ କରି ନାହିଁ । ତାଙ୍କ ପିଲାଦିନର ନାମ କ'ଣ ଥିଲା ଜାଣୁ ?''

''କ'ଣ ?''

''ଦୁଃଖିରାମ ।''

''ଆଚ୍ଛା, ଦୁଃଖିରାମ ନାମ ଥାଇ ତାଙ୍କୁ ଟିକିଏ ବି ଦୁଃଖ ସ୍ପର୍ଶ କରୁ ନ ଥିଲା । ଅଥଚ ସୁଖେନ୍ଦୁ ନାମ ବହି ଯାର ସବୁବେଳେ ଦୁଃଖ । ସେଇ ଦୁଃଖିରାମ କେମିତି ଶ୍ୟାମାନନ୍ଦ ଗୋସ୍ୱାମୀ ହେଲେ ସେଇ କଥା କୁହ ।''

''ଦୁଃଖିରାମ ଜନ୍ମ ହୋଇଥିଲେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ । ତାଙ୍କ ଗାଁ ନାମ ଥିଲା ଧାରେନ୍ଦା-ବାହାଦଲପୁର । ତାଙ୍କ ବାପାଙ୍କ ନାମ ଥିଲା ଶ୍ରୀକୃଷ୍ଣ ମଣ୍ଡଳ ଓ ମା'ଙ୍କ ନାମ ଦ୍ୱାରିକା । କୁହାଯାଏ ଏହି ମଣ୍ଡଳ ପରିବାରର ପୂର୍ବପୁରୁଷ ବହୁପୂର୍ବରୁ ବଙ୍ଗଳାରୁ ଆସି ଓଡ଼ିଶାର ଏଇ ଗ୍ରାମରେ ବାସ କରୁଥିଲେ । ସିଏ ଯାହାହେଉ ଦୁଃଖିରାମଙ୍କ ବାପା ଓ ମା'ଙ୍କର କେତୋଟି ପିଲା ହୋଇ ମରି ଯାଇଥିବାରୁ ସେମାନେ ବହୁତ ଦୁଃଖରେ ଥିଲେ । ପିଲାଟିଏ ପାଇଁ ବହୁତ ଚିନ୍ତା । ପୁରୀରେ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସମୟ । ତାଙ୍କ ବାପା ମା' ଦୁହେଁଯାକ ଜଗନ୍ନାଥ ଦର୍ଶନ ଲାଗି ଆସିଥା'ନ୍ତି ।

ରଥରେ ଜଗନ୍ନାଥଙ୍କୁ ଦର୍ଶନକରି ଆକୁଳ ହୃଦୟରେ ଦୁହେଁ ସନ୍ତାନଟିଏ ଲାଗି ପ୍ରାର୍ଥନା କଲେ । ଜଗନ୍ନାଥ ତାଙ୍କ ଆନ୍ତରିକ ପ୍ରାର୍ଥନା ଶୁଣିଲେ । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ହେଲା । ପୁଅଟିର ନାମ ଦେଲେ ଦୁଃଖିରାମ । ଗୋଟିଏ ବୋଲି ପୁଅ, କେତେ କଷ୍ଟରେ ପାଇଛନ୍ତି । ତେଣୁ ବହୁତ ଗେଲବସରରେ ତାକୁ ବଢ଼ାଇଲେ । ଇଚ୍ଛା ଥାଏ ପୁଅ ବଡ଼ ହୋଇ ଜଣେ ବିଖ୍ୟାତ ପଣ୍ଡିତ ହୋଇ ବହୁତ ନାମଯଶଃ ଅର୍ଜନ କରୁ । ପାଠ ପଢ଼ିବାର ବୟସ ହେବାରୁ ତାକୁ ନେଇ ପାଠଶାଳାରେ ଛାଡ଼ିଲେ । ତା'ର ବିଚକ୍ଷଣ ବୁଦ୍ଧି ଓ ଅଦ୍ଭୁତ ମନେ ରଖିବା ଶକ୍ତି ଦେଖି ଶିକ୍ଷକ ଓ ଅନ୍ୟ ଗାଁଲୋକ ଆଶ୍ଚର୍ଯ୍ୟ ହୋଇ ଯାଉଥା'ନ୍ତି । ଅତିଶୟ କଷ୍ଟ ଶାସ୍ତ୍ର ପୁରାଣମାନ ସେ ସହଜରେ ବୁଝିପାରୁଥା'ନ୍ତି ଓ ମନେ ରଖି ପାରୁଥା'ନ୍ତି । ଯେତେ ଯେତେ ଶାସ୍ତ୍ର ପୁରାଣ ସେ ପଢୁଥା'ନ୍ତି ସେତେସେତେ ତାଙ୍କ ମନରେ ସଂସାର ପ୍ରତି ବିରାଗ ଆସୁଥାଏ । ହୃଦୟରେ ଭଗବାନଙ୍କ ପ୍ରତି ପ୍ରେମ ଓ ଭକ୍ତିଭାବ ସଞ୍ଚାରିତ ହେଉଥାଏ ।''

''ଆଚ୍ଛା, ଏପରି କାହିଁକି ହୁଏ ?'' ପଚାରିଲା ଅନୁରକ୍ତା ।

''ତାଙ୍କର ପୂର୍ବଜନ୍ମର ସାଧନାର ଫଳ କିଛି ଥିବ । ଯାହାଫଳରେ ଏ ଜନ୍ମରେ ଏତେ କମ୍ ବୟସରେ ସେ ଭଗବାନଙ୍କ ପ୍ରତି ଆକୃଷ୍ଟ ହୋଇପାରିଲେ ।''

''ଆଚ୍ଛା ହେଉ, ତା'ପରେ କୁହ । ହଁ, ଏ ଯେଉଁ ମୃଦଙ୍ଗ, ଗିନି, ଝାଞ୍ଜସବୁ ଧରି କୀର୍ତ୍ତନ କରନ୍ତି ସେମାନେ ତାଙ୍କରି ଭକ୍ତ ତ ? ସେମାନେ ବୋଲୁଥିବା ଗୋଟିଏ ଭଜନ ବି ମୋର ମନେ ଅଛି 'ହରେ କୃଷ୍ଣ ହରେ ରାମ ରାଧେ ଗୋବିନ୍ଦ, ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ' ।''

''ହଁ, ସେଇ ଶ୍ରୀଚୈତନ୍ୟ । ତାଙ୍କର ସମ୍ପ୍ରଦାୟକୁ ବୈଷ୍ଣବ ସମ୍ପ୍ରଦାୟ କହନ୍ତି । ସିଏ ବଙ୍ଗଳାରେ ଜନ୍ମ ହୋଇଥିଲେ ବି ଦୀର୍ଘ ଅଠର ବର୍ଷ କାଳ ଆସି ଓଡ଼ିଶାର ଜଗନ୍ନାଥଧାମ ପୁରୀରେ ରହିଥିଲେ ଓ ଶେଷରେ ସେଇଠିହିଁ ଶରୀର ତ୍ୟାଗ କରିଥିଲେ । ଦୁଃଖିରାମଙ୍କ ଜନ୍ମ ସମୟକୁ ଶ୍ରୀଚୈତନ୍ୟ ଦେହତ୍ୟାଗ କରିସାରିଥିଲେ । ବାଳକ ଦୁଃଖିରାମ ଏବେ ସେଇ ଶ୍ରୀଚୈତନ୍ୟଙ୍କ ପ୍ରତି ହୃଦୟରେ ଆକର୍ଷଣ ଅନୁଭବ କଲେ । ସିଏ ଯେଉଁ ପ୍ରେମଭକ୍ତିର ବାଟ ଦେଖାଇଦେଇ ଯାଇଥିଲେ ସେଇ ବାଟରେ ଚାଲି ଭଗବାନଙ୍କୁ ପାଇବା ପାଇଁ ଇଚ୍ଛା କଲେ । ତାଙ୍କୁ ଆଉ ସାଧାରଣ ସଂସାରରେ ସମସ୍ତଙ୍କ ପରି ଚଳିବାକୁ ଭଲ ଲାଗିଲା ନାହିଁ । ବାଧ୍ୟ ହୋଇ ସେ ତାଙ୍କୁ ଦଣ୍ଡେ ନ ଦେଖିଲେ ପାଗଳ ହୋଇ ଯାଉଥିବା ବାପାବୋଉଙ୍କୁ ତାଙ୍କର ଏ ମନକଥା ଜଣାଇଲେ । ତାଙ୍କ ବାପାବୋଉ ଏକଥା ଶୁଣି ଅନ୍ତରରେ ଯେ କେତେ କଷ୍ଟ ପାଇଲେ ତାହା କହିହେବ ନାହିଁ । କିନ୍ତୁ ହୃଦୟରେ ଥରେ ଯିଏ ସେଇ ଦିବ୍ୟପ୍ରେମର ସ୍ପର୍ଶ ପାଇଛି ତାକୁ ଏ ସଂସାରର

ପ୍ରେମ ଯେତେ ଗାଢ଼ ହେଲେ ବି ଆଉ କ'ଣ ବାନ୍ଧି ରଖିପାରିବ ? ବାପାବୋଉଙ୍କର ସବୁ ଚେଷ୍ଟା ବିଫଳ ହେଲା । ଶେଷକୁ ସେମାନେ ପୁଅର ଇଚ୍ଛା ପାଖରେ ପରାଜୟ ସ୍ୱୀକାର କଲେ । ଅନିଚ୍ଛା ସତ୍ତ୍ୱେ ସେମାନେ ପୁଅର ମଙ୍ଗଳ କାମନା କରି ଘରଛାଡ଼ି ତା'ର ସାଧନାର ମାର୍ଗ ଅନୁସରଣ କରିବା ଲାଗି ତାକୁ ଅନୁମତି ଦେଲେ ।

ଘରୁ ସିନା ବାହାରି ଆସିଲେ । କିନ୍ତୁ ଦୁଃଖିରାମ ଏତେ କମ୍ ବୟସରେ ଯିବେ କୁଆଡ଼େ ? କାହା ଅଧୀନରେ ରହି କାହା ପରାମର୍ଶରେ ସେ ଭଗବାନଙ୍କ ଲାଗି ସାଧନା କରିବେ ? ଶେଷରେ ଲୋକମାନଙ୍କ ମୁଖରୁ ଶୁଣିଥିବା ବୈଷ୍ଣବ ଗୁରୁ ହୃଦୟଚୈତନ୍ୟ ଠାକୁରଙ୍କ କଥା ତାଙ୍କର ମନେ ପଡ଼ିଲା । ସେତେବେଳକୁ ହୃଦୟଚୈତନ୍ୟ ବଙ୍ଗଳାର ବର୍ଦ୍ଧମାନ ଜିଲ୍ଲାର ଅମ୍ବିକା କାଲ୍‌ନାରେ ଥାଆନ୍ତି । ସେଠାରେ ଚୈତନ୍ୟଙ୍କ ପ୍ରେମଧର୍ମର ଏକ ପ୍ରସିଦ୍ଧ କେନ୍ଦ୍ର ଗଢ଼ି ଉଠିଥାଏ । ସେ କେନ୍ଦ୍ରର ଦାୟିତ୍ୱରେ ଥାଆନ୍ତି ହୃଦୟଚୈତନ୍ୟ । ଏଠାରେ ଥିବା ଗୌର ବିଗ୍ରହ ଯେଉଁ ମନ୍ଦିରରେ ଥାଆନ୍ତି ସେହି ମନ୍ଦିର ପ୍ରାଙ୍ଗଣରେ ଦିନରାତି ୨୪ ଘଣ୍ଟା ନାମକୀର୍ତ୍ତନ ଚାଲେ । ସନ୍ଧ୍ୟା ସମୟ । ଆରତି ଶେଷ ହୋଇଯାଇଛି । ଠାକୁର ହୃଦୟଚୈତନ୍ୟ ଭକ୍ତମାନଙ୍କ ସହ ଶ୍ରୀଚୈତନ୍ୟଙ୍କ ବିଷୟ ଆଲୋଚନା କରୁଛନ୍ତି । ଏହି ସମୟରେ ଦୁଃଖିରାମ ଯାଇ ଲମ୍ବ ହୋଇ ତାଙ୍କ ପାଦତଳେ ପଡ଼ିଗଲେ । ଠାକୁର ତାଙ୍କୁ ଆଶୀର୍ବାଦ କରି ଉଠି ବସିବାକୁ କହିଲେ ଓ ଆସିବାର କାରଣ ପଚାରିଲେ ।

ଦୁଃଖିରାମ ଆକୁଳ ହୃଦୟ ଓ ବାଷ୍ପଗଦ୍‌ଗଦ କଣ୍ଠରେ କହିଲେ, 'ପ୍ରଭୁ, ମୁଁ ବହୁଦୂରରୁ ଆସିଛି, ଆପଣଙ୍କ ପାଖରୁ ଦୀକ୍ଷାନେଇ ସାଧନା କରିବି ବୋଲି । ମୋତେ ଶିଷ୍ୟରୂପେ ଗ୍ରହଣ କରି ମୋର ଜୀବନ ସାର୍ଥକ କରନ୍ତୁ । ଆପଣଙ୍କ ଶ୍ରୀଚରଣରେ ମୋତେ ଟିକିଏ ସ୍ଥାନ ଦିଅନ୍ତୁ ।' ଏତେ ଅଳ୍ପ ବୟସରେ ଦୁଃଖିରାମଙ୍କର ଏତେ ବୈରାଗ୍ୟ ଓ ସାଧନା ଲାଗି ଏତେ ଆକୁଳତା ଦେଖି ଠାକୁର ତାଙ୍କୁ କୁଣ୍ଢାଇ ପକାଇ ନେଇ ପାଖରେ ବସାଇଲେ ଓ ତାଙ୍କ ପିତାମାତା ଓ ଘର ସମ୍ବନ୍ଧେ ପଚାରିଲେ । ଦୁଃଖିରାମ ଏଥର ବିନା ସଙ୍କୋଚରେ ନିଜ ପିତାମାତାଙ୍କ ପରିଚୟ ଦେଲେ ଓ ପିଲାଦିନୁ କିପରି ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ସମ୍ବନ୍ଧେ ଓ କୀର୍ତ୍ତନ ଆଦି ଶୁଣି ତାଙ୍କ ପ୍ରତି ସେ ଆକୃଷ୍ଟ ହେଲେ ସେ କଥା କହିଲେ । କହୁ କହୁ ତାଙ୍କ ଆଖିରୁ ଭକ୍ତିର ଅଶ୍ରୁ ଝରି ପଡୁଥାଏ । ହୃଦୟଚୈତନ୍ୟ ଦୁଃଖିରାମଙ୍କ ଚେହେରା ଓ ଭାବଭଙ୍ଗୀ ଲକ୍ଷ୍ୟକରି ଅନୁଭବ କଲେ ଯେ ଦିନେ ସେ ଜଣେ ପ୍ରସିଦ୍ଧ ବୈଷ୍ଣବ ହେବେ । ସ୍ନେହଭରା କଣ୍ଠରେ କହିଲେ, 'ବତ୍ସ, ତୁମେ ତ ଜନ୍ମଜନ୍ମଧରି ଶ୍ରୀକୃଷ୍ଣଙ୍କ ଦାସ ହୋଇଆସିଛ । ସେଇଥିପାଇଁ ଏ ଜନ୍ମରେ ତାଙ୍କ ନାମ ଶୁଣିବା ମାତ୍ରେ ତୁମେ ବିରହ ବ୍ୟଥା ଅନୁଭବ କରୁଛ । ଆଜି ତୁମକୁ ଏହି ଗୌରମୂର୍ତ୍ତି

ସାମନାରେ ଦୀକ୍ଷା ଦେବି । ମୋର ଯେତିକି ଶକ୍ତି ଅଛି ତାହା ତୁମକୁ ପ୍ରଦାନ କରିବି । ତୁମର ନାମ ଆଜିଠାରୁ ଦୁଃଖିକୃଷ୍ଣଦାସ ହେଲା ।'

ଦୁଃଖିରାମ ଦୁଃଖିକୃଷ୍ଣଦାସ ହୋଇଗଲେ । ଦୀକ୍ଷାଲାଭ କରି ସାଧନାର ସୁଯୋଗ ମିଳିଥିବାରୁ ତାଙ୍କର ଆନନ୍ଦର ସୀମା ନାହିଁ । ଗୁରୁ ଯାହା ଯାହା କରିବାକୁ କହିଲେ ତାହା ସେ ଗଭୀର ଆନ୍ତରିକତାର ସହ ଖୁବ୍ ଉତ୍ସାହ ସହକାରେ ନିୟମିତରୂପେ କଲେ । ଏକ କଠୋର ସାଧନା-ଜୀବନ ତାଙ୍କୁ ଫୁଲ ପରି କୋମଳ ଆଉ ଚନ୍ଦନପରି ଶୀତଳ ଲାଗିଲା । ଲକ୍ଷ୍ୟସାଧନ ପାଇଁ କୌଣସି ପଥ ନ ପାଇ ଭିତରେ ସେ ଯେଉଁ ଜ୍ୱାଳା ଅନୁଭବ କରୁଥିଲେ ତାହା ନିର୍ବାପିତ ହେଲା । ତାଙ୍କର ଅନ୍ୟାନ୍ୟ କାମ ସହ ଗୁରୁଙ୍କ ଆଦେଶ ଥିଲା ପ୍ରତିଦିନ ଗଙ୍ଗାରୁ ଜଳଆଣି ଗୌରବିଗ୍ରହଙ୍କୁ ସ୍ନାନ କରାଇବା । ଗଙ୍ଗା ସେଠାରୁ ବେଶ୍ ଦୂର ଥିଲା । ତା'ଛଡ଼ା ଜଳପାତ୍ରଟି ମଧ୍ୟ ଛୋଟ ନ ଥିଲା । ପ୍ରତିଦିନ ଆନନ୍ଦରେ ସେ ଗଙ୍ଗାରୁ ଜଳ ଆଣି ପାତ୍ରଟିକୁ ମୁଣ୍ଡରେ ମୁଣ୍ଡାଇ ଆସନ୍ତି ଓ ଗଭୀର ଭକ୍ତି ଓ ଶ୍ରଦ୍ଧାର ସହ ଠାକୁର ମୂର୍ତ୍ତିକୁ ଗାଧୋଇ ଦିଅନ୍ତି । ଦିନରେ ଥରେ ନୁହେଁ, ବହୁଥର ଗଙ୍ଗାରୁ ଜଳ ଆଣିବାକୁ ପଡ଼େ । ପ୍ରତିଦିନ ବହୁବାର ମୁଣ୍ଡରେ ମୁଣ୍ଡାଇ ଜଳ ଆଣି ଆଣି ତାଙ୍କ ମୁଣ୍ଡରେ ଗୋଟିଏ ଜାଗା ଛିଡ଼ି ଯେ ଘା' ହୋଇଗଲାଣି ସେଥିପ୍ରତି ତାଙ୍କର ନଜର ନାହିଁ । ସେ ଗୌର ବିଗ୍ରହ ସେବାରେ ଏକେବାରେ ଆତ୍ମହରା । ନିଜ ଶରୀରଜ୍ଞାନ ତାଙ୍କର ଆଉ ନାହିଁ । ଏହିପରି ଅନେକ ଦିନ ଚାଲିଗଲା । ହଠାତ୍ ଦିନେ ସେ ଗୁରୁଙ୍କୁ ପ୍ରଣାମ କରିବା ସମୟରେ ଗୁରୁ ତାଙ୍କ ମୁଣ୍ଡରେ ହାତଦେଇ ଆଶୀର୍ବାଦ କଲାବେଳକୁ ସେ କ୍ଷତଟି ତାଙ୍କ ହାତରେ ବାଜିଲା । ଏ କ୍ଷତ କିପରି ହେଲା ବୋଲି ସେ ପଚାରି ବୁଝିଲେ । ତାଙ୍କର ଠାକୁର ସେବାରେ ଏପରି ଆନ୍ତରିକତା ଓ ଆଗ୍ରହ ଦେଖି ସେ ମୁଗ୍ଧ ହେଲେ ଓ ଗଭୀର ସ୍ନେହରେ ତାଙ୍କୁ ଆଲିଙ୍ଗନ କରି ଆଶୀର୍ବାଦ କଲେ ।

ହୃଦୟଚୈତନ୍ୟ ଦେଖିଲେ ଦୁଃଖିକୃଷ୍ଣଦାସଙ୍କର ପ୍ରେମଭକ୍ତିରେ ଗଭୀର ନିଷ୍ଠା । ତା'ସହ ତାଙ୍କର କିଛି ଶାସ୍ତ୍ରଜ୍ଞାନ ଆୟତ୍ତ ହେଲେ ସେ ଅତି ଉତ୍ତମ ରୂପେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମର ପ୍ରସାର ଓ ପ୍ରଚାର କରିପାରିବେ । ତେଣୁ ସେ ତାଙ୍କୁ ଦିନେ ପାଖକୁ ଡାକି ସ୍ନେହଭରା କଣ୍ଠରେ କହିଲେ, 'ବାବା, ମୁଁ ଜାଣି ପାରୁଛି ତୁମ ଜୀବନରେ ପ୍ରେମଭକ୍ତିର ସାଧନାରେ ସଫଳ ହେବାର ବିରାଟ ସମ୍ଭାବନା ଅଛି । ବର୍ତ୍ତମାନ ତୁମର ସେ ସମ୍ବନ୍ଧେ କିଛି ଶାସ୍ତ୍ର ଅଧ୍ୟୟନ ଆବଶ୍ୟକ । ବୃନ୍ଦାବନରେ ଜଣେ ଆଚାର୍ଯ୍ୟ ଅଛନ୍ତି । ତାଙ୍କ ନାମ ଶ୍ରୀ ଜୀବ ଗୋସ୍ୱାମୀ । ସେ ଆମର ବୈଷ୍ଣବ ଶାସ୍ତ୍ରରେ ଖୁବ୍ ପଣ୍ଡିତ । ତୁମେ ତାଙ୍କରି ପାଖକୁ ଯାଇ ଶାସ୍ତ୍ର ଅଧ୍ୟୟନ କର । ତା'ପରେ ତୁମ ଦ୍ୱାରା ଚୈତନ୍ୟ ମହାପ୍ରଭୁଙ୍କର ବହୁତ କାମ ହେବ ।'

କିନ୍ତୁ ଦୁଃଖୀକୃଷ୍ଣଦାସ ଗୁରୁସେବା ଓ ଗୁରୁଙ୍କ ପାଖଛାଡ଼ି ଯିବାକୁ ନାରାଜ । ବୃନ୍ଦାବନ ଯିବାକଥା ଶୁଣି ସେ ଖାଲି କାନ୍ଦିବାରେ ଲାଗିଲେ । ହୃଦୟଚୈତନ୍ୟ ତାଙ୍କୁ ଖୁବ୍ ସ୍ନେହବୋଳା କଣ୍ଠରେ କହିଲେ, 'ଦେଖ ବାବା, ତୁମେ ତ ଚାହଁ ତୁମ ଗୁରୁଙ୍କୁ ସନ୍ତୁଷ୍ଟ କରିବାକୁ ? ତାଙ୍କର ସେବା କରିବାକୁ ? ତେଣୁ ସିଏ ଯେଉଁଥିରେ ସନ୍ତୁଷ୍ଟ ହେବେ ସେ କାମ ତୁମକୁ କରିବାକୁ ହେବ । ତୁମେ ବୃନ୍ଦାବନ ଯାଇ ଶ୍ରୀ ଜୀବ ଗୋସ୍ୱାମୀଙ୍କ ପାଖରେ ଶାସ୍ତ୍ର ଅଧ୍ୟୟନ କଲେ ମୁଁ ବେଶୀ ଖୁସୀ ହେବି । ମୋତେ ଯଦି ଖୁସୀ କରିବାକୁ ଚାହଁ ତେବେ ତୁମକୁ ଆନନ୍ଦ ମନରେ ବୃନ୍ଦାବନ ଯିବାକୁ ହେବ ।' ଗୁରୁଙ୍କ ଏକାନ୍ତ ଇଚ୍ଛା ପାଳନ କରିବା ନିମନ୍ତେ ଦୁଃଖୀକୃଷ୍ଣଦାସ ବୃନ୍ଦାବନ ଯିବାକୁ ଶେଷରେ ରାଜି ହେଲେ । ହୃଦୟଚୈତନ୍ୟ ଶ୍ରୀ ଜୀବ ଗୋସ୍ୱାମୀଙ୍କ ପାଖକୁ ତାଙ୍କ ହାତରେ ଗୋଟିଏ ପତ୍ର ମଧ୍ୟ ଦେଲେ ।

ଗୁରୁଙ୍କଠାରୁ ପତ୍ର ନେଇ ଦୁଃଖୀକୃଷ୍ଣଦାସ ବାଟରେ ଅନେକ ତୀର୍ଥ ଦର୍ଶନ କରି ଶେଷରେ ଯାଇ ବୃନ୍ଦାବନରେ ଉପସ୍ଥିତ ହେଲେ । ଶ୍ରୀ ଜୀବ ଗୋସ୍ୱାମୀ ଦୁଃଖୀକୃଷ୍ଣଦାସଙ୍କୁ ଚାହିଁଦେଇ ତାଙ୍କ ମଧ୍ୟରେ ଅସାଧାରଣ ଭକ୍ତି ଓ ବୈରାଗ୍ୟର ଲକ୍ଷଣମାନ ଦେଖିପାରିଲେ । ହୃଦୟଚୈତନ୍ୟଙ୍କ ପତ୍ର ପାଠ କରି ସେ ତାଙ୍କୁ ଆନନ୍ଦରେ ନିଜ ପାଖରେ ଆଶ୍ରୟ ଦେଲେ । ସେଠାରେ ଶ୍ରୀନିବାସ, ନରୋତ୍ତମ ଓ ଅନ୍ୟାନ୍ୟ ଶିଷ୍ୟମାନଙ୍କ ଗହଣରେ ସେ ଆଗ୍ରହର ସହ ଶାସ୍ତ୍ର ଅଧ୍ୟୟନରେ ଲାଗିଲେ । ଶାସ୍ତ୍ର ଅଧ୍ୟୟନ ସହ ସାଧନ, ଭଜନ ଓ ଠାକୁରସେବା ଆଦି ମଧ୍ୟ ସେ ନିୟମିତ କରନ୍ତି । କାରଣ ଖାଲି ଶାସ୍ତ୍ର ଅଧ୍ୟୟନକୁ ସେ ଭଲ ପାଉ ନ ଥିଲେ । ଶାସ୍ତ୍ର ଅଧ୍ୟୟନ ସହ କିଛି ସେବା କାର୍ଯ୍ୟ ସାଧନାର ପରିପୂରକ ବୋଲି ସେ ଭାବୁଥିଲେ । ତେଣୁ ସେ ପ୍ରତିଦିନ ବୃନ୍ଦାବନ ନିକୁଞ୍ଜ ମନ୍ଦିରରେ ଝାଡୁ ଦେବା କାର୍ଯ୍ୟ ଗ୍ରହଣ କଲେ । ତାଙ୍କର ଅଭୀପ୍ସା ଥିଲା ଏଇ କାର୍ଯ୍ୟ କରୁ କରୁ ଯଦି କେବେ ଶ୍ରୀରାଧାଙ୍କର ଦର୍ଶନ ମିଳିଯାଏ ତେବେ ଜୀବନ ତାଙ୍କର ସାର୍ଥକ ହୋଇଯିବ । ମନ୍ଦିର ଝାଡୁଦେବା ସମୟରେ ସବୁବେଳେ ରାଧାଗୋବିନ୍ଦଙ୍କର ଲୀଳାର ଛବିକୁ ଅନ୍ତରରେ ଦେଖୁଥା'ନ୍ତି । ଧୀରେ ଧୀରେ ରାଧାରାଣୀଙ୍କ ଦର୍ଶନ ଅଭୀପ୍ସା ତାଙ୍କର ତୀବ୍ର ହେଲା । ଦିନେ ସେହି ସୌଭାଗ୍ୟ ତାଙ୍କର ଆସିଲା । ରାତି ଅନ୍ଧାରରୁ ଉଠି ସେ ମନ୍ଦିରରେ ଝାଡୁ ଦେଉଛନ୍ତି । ହଠାତ୍ ଅଗଣାର ଗୋଟିଏ କୋଣରେ ଚକ୍ ଚକ୍ ହୋଇ କ'ଣ ଗୋଟିଏ ଜିନିଷ ତାଙ୍କୁ ଦେଖାଗଲା । ଦଉଡ଼ି ଯାଇ ସେ ତାକୁ ଉଠାଇ ଆଣି ଦେଖିଲେ ଏକ ସୁନ୍ଦର ସୁନାର ନୂପୁର । ନୂପୁରଟିକୁ ହାତରେ ଧରିବା ମାତ୍ରେ ତାଙ୍କ ଶରୀରରେ ଏକ କମ୍ପନ ଖେଳିଗଲା । ଲୋମ ଟାଙ୍କୁରି ଉଠିଲା । ଏକ ଅଜଣା ଆନନ୍ଦର ଶିହରଣରେ ସେ ଥରିବାକୁ ଲାଗିଲେ । ଆଖିରୁ ଝରଝର ହୋଇ ଆନନ୍ଦ ଓ କୃତଜ୍ଞତାର ଅଶ୍ରୁ ଝରି ପଡ଼ିଲା । ସେ କିଛିକ୍ଷଣ ଲାଗି

ବାହ୍ୟଜ୍ଞାନ ଶୂନ୍ୟ ହୋଇଗଲେ । କିଛି ସମୟ ପରେ ତାଙ୍କର ଚେତା ଆସିବାରୁ ସେ ଦେଖିଲେ ସେ ନୂପୁର ମଧ୍ୟରୁ ଏକ ଅପୂର୍ବ ସୁଗନ୍ଧ ବାହାରି ତାଙ୍କ ଦେହମନକୁ ପୁଲକିତ କରି ଦେଉଛି । ସେ ଜାଣିପାରିଲେ ଏ ସାଧାରଣ ନୂପୁର ନୁହେଁ । ତାଙ୍କ ଅନ୍ତରରୁ କେହି ଯେପରି କହିଲା, 'ଇଏ ହେଉଛି ତୋର ସେଇ ଚିର ଆରାଧ୍ୟା ରାଧାରାଣୀଙ୍କ ଚରଣକମଳର ନୂପୁର । ତୁ ବହୁତ ଭାଗ୍ୟବାନ୍ ଦୁଃଖିକୃଷ୍ଣଦାସ ।' ଅଶ୍ରୁପୂର୍ଣ୍ଣ ଭାବଗଦ୍‌ଗଦ ଚିତ୍ତରେ ସେ କହିଲେ, 'ପରମ କୃପାମୟୀ, ଖାଲି ନୂପୁରଟିଏ ଦେଇ ମୋତେ ଭୁଲାଇ ଦେଲେ ଚଳିବ ନାହିଁ, ଯେଉଁ ଚରଣ ଏ ନୂପୁର ପିନ୍ଧେ ସେଇ ଚରଣ ସହ ତୁମର ସମଗ୍ର ସ୍ୱରୂପ ମୁଁ ଦର୍ଶନ କରିବାକୁ ଚାହେଁ ।'

ଏହିପରି କହିବାର କିଛି ସମୟ ପରେ ଏକ ସୁନ୍ଦରୀ ବାଳିକା ଆସି ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ହିନ୍ଦୀରେ କହିଲା, 'ଗୋଟିଏ ସୁନା ନୂପୁର ପାଇଛ କି ?' କୃଷ୍ଣଦାସ ତାଙ୍କୁ ଦେଖିବାମାତ୍ରେ ତାଙ୍କ ଶରୀରରେ ଏକ ଅଜଣା ଆନନ୍ଦ ଓ ରୋମାଞ୍ଚ ଜାତ ହେଲା । ସେ କହିଲେ, 'ହଁ ପାଇଛି । କିନ୍ତୁ ସେ ନୂପୁର କାହାର ?' ବାଳିକାଟି କହିଲା, 'ସେଇଟି ମୋର ସଖୀଙ୍କର । ସେ ଜଣେ ରାଜଜେମା । କାଲି ରାତିରେ ମୋ ସହ ଏଇ ମନ୍ଦିରପ୍ରାଙ୍ଗଣରେ ବୁଲିଲାବେଳେ ତାଙ୍କ ନୂପୁରଟି ହଜିଯାଇଛି । ସେ ତ ଏଠାକୁ ଆସି ପାରିବେ ନାହିଁ । ତାଙ୍କ ନୂପୁରଟି ଦୟାକରି ଦେଲେ ମୁଁ ନେଇ ତାଙ୍କୁ ଦେଇଦେବି ।' ଦୁଃଖିକୃଷ୍ଣଦାସଙ୍କ ଅନ୍ତର ଯେପରି କହିଲା, 'ନା, ଏ ସୁଯୋଗ ଛାଡ଼ ନା । ସୁଯୋଗ ଥରେ ଗଲେ ଆଉ ମିଳେନା । ବର୍ତ୍ତମାନ ରାଧାରାଣୀ ଆପେ ଆପେ ତୋତେ ଧରା ଦେଇଛନ୍ତି । ତାଙ୍କ ସଖୀଙ୍କର ଏ ପରୀକ୍ଷାରେ ଭୁଲି ଯାଅନା ।' ତେଣୁ ସେ ଆପତ୍ତି କରି ସେ ବାଳିକାକୁ କହିଲେ, 'ତୁମେ ସତ କହୁଛ କି ମିଛ କହୁଛ ମୁଁ କିପରି ଜାଣିବି ? ଏ ନୂପୁର ଯାହାର, ତାଙ୍କୁ ମୋ ନିକଟକୁ ନେଇଆସ । ମୁଁ ତାଙ୍କ ପାଦ ସହ ଏ ନୂପୁରକୁ ମାପି ଦେଖିବି । ଯଦି ତାଙ୍କର ହୋଇଥାଏ, ତେବେ ତାଙ୍କ ପାଦରେ ମୁଁ ନିଜେ ନୂପୁର ପିନ୍ଧାଇ ଦେବି । ତା' ନ ହେଲେ ତୁମକୁ ମୁଁ ଜମା ନୂପୁର ଦେବି ନାହିଁ ।' ବାଳିକା ଯେତେ ଅନୁରୋଧ କଲା, ଜିଦ୍ କଲା, କୃଷ୍ଣଦାସ କିଛି ଶୁଣିଲେ ନାହିଁ ।' ଭାବିଲେ ଏସବୁ ଚାଲାଖି କରି ମୋତେ ଭୁଲାଇଲେ ଚଳିବ ନାହିଁ । ଶେଷକୁ ନିରାଶ ହୋଇ ବାଳିକାଟି କୁଆଡ଼େ ଉଭାନ ହୋଇଗଲା । କୃଷ୍ଣଦାସ ଏହା ଦେଖି ଆହୁରି ଆଶ୍ଚର୍ଯ୍ୟ ହେଲେ । କିଛି ସମୟ ପରେ ସେ ବାଳିକା ତାଙ୍କର ସଖୀ ରାଜଜେମାଙ୍କ ସହ ଆସି ପହଞ୍ଚିଲେ । ସେ ରାଜଜେମାଙ୍କ ଶରୀରରୁ ସଦ୍ୟ ପ୍ରସ୍ଫୁଟିତ ଏକ ପଦ୍ମଫୁଲର ସୌନ୍ଦର୍ଯ୍ୟ ଓ ସୁଗନ୍ଧ ଯେପରି ଛୁଟି ଆସୁଥାଏ । ତାଙ୍କୁ ଦେଖି କୃଷ୍ଣଦାସ ଆତ୍ମହରା ହୋଇ ଉଠିଲେ । ଏକ ଦିବ୍ୟ ଆନନ୍ଦରେ ଶରୀର ତାଙ୍କର କମ୍ପିତ ଓ ରୋମାଞ୍ଚିତ ହେବାକୁ

ଲାଗିଲା । ଅପଲକ ନେତ୍ରରେ ସେ ତାଙ୍କୁ ଚାହିଁ ରହିଥିବା ସମୟରେ ତାଙ୍କ ପାଟିରୁ ବାହାରି ପଡ଼ିଲା, 'ତୁମେ ଦୁଇ ସଖୀ କାହିଁକି ଏ ମନ୍ଦିର ଭିତରକୁ କାଲି ରାତିରେ ଆସିଥିଲ ? ସେ କଥା ମୋତେ ଖୋଲି କରି କୁହ ।' ସୁଲଳିତ ବୀଣାଜିଣା କଣ୍ଠରେ ରାଜଜେମା ତାଙ୍କ ଅଧରପଦ୍ମରେ ସ୍ମିତହାସ୍ୟ ଫୁଟାଇ କହିଲେ, 'ଏ ମନ୍ଦିର ଯେ ମୋରି । ଏଇଥିରୁ ତୁମେ ସବୁ ବୁଝିନିଅ । ଆଉ ବେଶୀ ଡେରି କରନା । ସକାଳ ହୋଇ ଆସୁଛି । ମୋ ନୂପୁର ମୋତେ ଫେରାଇ ଦିଅ ।'

କୃଷ୍ଣଦାସଙ୍କ ଅଧ୍ୟାତ୍ମଚକ୍ଷୁ ବର୍ତ୍ତମାନ ଖୋଲିଗଲା । ସେ ଜାଣିପାରିଲେ ଏଇ ରାଜଜେମା ହେଉଛନ୍ତି ସ୍ୱୟଂ ତାଙ୍କର ଆରାଧ୍ୟା ରାଧାରାଣୀ ଯାହାଙ୍କୁ ଦେଖିବା ପାଇଁ ସେ ଏତେ ବ୍ୟାକୁଳ ହୃଦୟରେ ସମସ୍ତ କର୍ମ କରୁଥିଲେ । ଆଉ ସେ ବାଳିକା ହେଉଛନ୍ତି ତାଙ୍କର ସଖୀ ଲଳିତା । ସେମାନେ କୃପାକରି ନୂପୁର ହଜାଇବା ବାହାନାରେ ଏ ଦୀନଭକ୍ତକୁ ଦେଖା ଦେଇଛନ୍ତି । କୃତଜ୍ଞତାରେ ହୃଦୟ ତାଙ୍କ ପୂରିଉଠିଲା । ବାଷ୍ପରୁଦ୍ଧ କଣ୍ଠରେ ସେ ହାତଯୋଡ଼ି କହିଲେ, 'କୃପାମୟି, ଯଦି ଏ ଅଧମକୁ ଏତେ ଦୟାକଲ ତେବେ ତୁମର ନିଜର ଦିବ୍ୟସ୍ୱରୂପରେ ମୋତେ ଦେଖାଦିଅ । ମୋର ମଣିଷ ଜନ୍ମକୁ ସାର୍ଥକ କର ।' ରାଧାରାଣୀ ଅଧରରେ ସେଇ ଅପୂର୍ବ ସ୍ମିତହାସ୍ୟ ଖେଳାଇ କହିଲେ, 'ତୁମେ କ'ଣ ତୁମର ଏଇ ଆଖିରେ ମୋର ପ୍ରକୃତ ରୂପ ଦେଖିପାରିବ ?' ଏହା ଶୁଣି କୃଷ୍ଣଦାସ ଖାଲି କାନ୍ଦିବାକୁ ଲାଗିଲେ । ସଖୀ ଲଳିତାଙ୍କ ମନରେ ବହୁତ ଦୟା ଜାତ ହେଲା । ସେ ରାଧାରାଣୀଙ୍କୁ କହିଲେ, 'ପ୍ରିୟ ସଖି, ଯଦି ଦୟା କରିଛ ତେବେ ତୁମର ସ୍ୱରୂପ ଦେଖିବା ଲାଗି ଏଇ ଭକ୍ତକୁ କିଛି ଶକ୍ତି ପ୍ରଦାନ କର ।' ସେଇଆ ହେଲା । ରାଧାରାଣୀ କୃପା କଲେ । କୃଷ୍ଣଦାସଙ୍କ ସୂକ୍ଷ୍ମ ଦୃଷ୍ଟି ଖୋଲିଗଲା । ସେ ରାଧାରାଣୀଙ୍କୁ ତାଙ୍କର ପ୍ରକୃତ ସ୍ୱରୂପରେ ଦେଖିଲେ । ଦିବ୍ୟ-ଆନନ୍ଦରେ ତାଙ୍କର ସମଗ୍ର ସତ୍ତା ପୂରି ଉଠିଲା । ଶୁଣିଲେ ରାଧାରାଣୀଙ୍କ ଦିବ୍ୟମଧୁର କଣ୍ଠର ବାଣୀ – 'କୃଷ୍ଣଦାସ, ତୁମର ଗଭୀର ଆନ୍ତରିକ ଭକ୍ତି ଓ ସେବାରେ ମୁଁ ସନ୍ତୁଷ୍ଟ । ମୋର କୃପାସ୍ୱରୂପ ମୋର ଏଇ ନୂପୁରର ତିଳକ ଚିହ୍ନ ତୁମ ମଥାରେ ବିରାଜିତ ରହିବ ।' ଏତିକି କହି ନୂପୁରଟିକୁ କୃଷ୍ଣଦାସଙ୍କ ମଥାରେ ସ୍ପର୍ଶ କରାଇ ରାଧାରାଣୀ ଓ ଲଳିତା କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । କୃଷ୍ଣଦାସ ବହୁକ୍ଷଣ ଯାଏ ଅଚେତନ ହୋଇ ପଡ଼ିରହିଲେ । ଚେତା ଆସିବାପରେ ବି ଆଖିରୁ ପ୍ରେମାଶ୍ରୁ ଓ ଶରୀରରୁ ରୋମାଞ୍ଚ ବନ୍ଦ ହୋଇ ନାହିଁ । ସେଇ ଅବସ୍ଥାରେ ସେ ଆସି ଶ୍ରୀଜୀବ ଗୋସ୍ୱାମୀଙ୍କୁ ସମସ୍ତ କଥା କହିଲେ । ଶ୍ରୀଜୀବ ଗୋସ୍ୱାମୀ କୃଷ୍ଣଦାସଙ୍କ ମୁଖରୁ ଏ ଅଲୌକିକ କଥା ଶୁଣି ତାଙ୍କ ମଧ୍ୟରେ ବି ଦିବ୍ୟଭାବ ସଞ୍ଚାରିତ ହେଲା । ତାଙ୍କ ଚକ୍ଷୁରୁ ବି ଆନନ୍ଦାଶ୍ରୁ ନିର୍ଗତ ହେବାକୁ ଲାଗିଲା । ସେ କୃଷ୍ଣଦାସଙ୍କୁ

ସମ୍ମାନର ସହ କହିଲେ, 'ବାବା, ତୁମେ ବହୁତ ଭାଗ୍ୟବାନ୍ । ଜନ୍ମ ଜନ୍ମ ସାଧନା କରି ସାଧକ ଯାହା ପାଇବା କଷ୍ଟ, ତା' ତୁମେ ପାଇଛ । ତୁମେ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆନନ୍ଦମୟୀ ଶକ୍ତିର ଦର୍ଶନ ପାଇଛ । ତୁମର ସମସ୍ତ ଦୁଃଖ କଟିଯାଇଛି । ଏଣିକି ତୁମର ନାମ ଆଉ ଦୁଃଖୀ କୃଷ୍ଣଦାସ ରହିବ ନାହିଁ । ତୁମର ନାମ ଆଜିଠାରୁ ଗୋସ୍ୱାମୀ ଶ୍ୟାମାନନ୍ଦ ହେଲା । ତୁମେ ପୂର୍ବରୁ ମଥାରେ ଯେପରି ତିଳକ ଧାରଣ କରୁଥିଲ ସେପରି ନ କରି ରାଧାରାଣୀଙ୍କ ନୂପୁର ଚିହ୍ନ ତିଳକ ଏଣିକି ଧାରଣ କରିବ ।'

ଏଇ ଘଟନା ପରେ ଶ୍ୟାମାନନ୍ଦଙ୍କ ଖ୍ୟାତି ବୈଷ୍ଣବ ସମ୍ପ୍ରଦାୟ ମଧ୍ୟରେ ବ୍ୟାପିଗଲା । କେତେକେ ତାଙ୍କୁ ଶ୍ରଦ୍ଧା ଭକ୍ତି କଲେ, କେତେକେ ତାଙ୍କ ପ୍ରତି ଈର୍ଷାପରାୟଣ ହୋଇ ଉଠିଲେ । ଯେଉଁମାନେ ଈର୍ଷାପରାୟଣ ହୋଇ ଉଠିଲେ ସେମାନଙ୍କ ମଧ୍ୟରୁ କେତେକେ ଯାଇ ତାଙ୍କର ପ୍ରଥମ ଗୁରୁ ହୃଦୟଚୈତନ୍ୟଙ୍କ ଆଗରେ କହିଦେଲେ ଯେ ଦୁଃଖୀ କୃଷ୍ଣଦାସ ଆଉ ତାଙ୍କୁ ଗୁରୁ ବୋଲି ମାନୁ ନାହିଁ । ସେ ନିଜର ନାମ ବଦଳାଇ ଦେଇଛି ଆଉ ଆମ ସମ୍ପ୍ରଦାୟ ଗୌଡ଼ୀୟ ବୈଷ୍ଣବମାନେ ଯେପରି ତିଳକ ପିନ୍ଧନ୍ତି ସେପରି ତିଳକ ପିନ୍ଧୁ ନାହିଁ । ଏକଥା ଶୁଣି ହୃଦୟଚୈତନ୍ୟ ବହୁତ କ୍ଷୁବ୍ଧ ହେଲେ । ସଙ୍ଗେ ସଙ୍ଗେ ସେ ଶ୍ରୀଜୀବ ଗୋସ୍ୱାମୀଙ୍କ ପାଖକୁ ଚିଠି ଲେଖିଲେ ଯେ ଦୁଃଖୀ କୃଷ୍ଣଦାସଙ୍କୁ ତାଙ୍କ ପାଖକୁ ପଠାଇ ଦେବା ଲାଗି । ଶ୍ରୀଜୀବ ଗୋସ୍ୱାମୀ ମଧ୍ୟ ଶ୍ୟାମାନନ୍ଦଙ୍କୁ ସଙ୍ଗେ ସଙ୍ଗେ କାଲନା ପଠାଇ ଦେଲେ । କାଲନାକୁ ଆସି ଶ୍ୟାମାନନ୍ଦ ଗୁରୁଙ୍କ ଚରଣ ବନ୍ଦନା କରି ହାତଯୋଡ଼ି ବିନମ୍ରଭାବେ ଛିଡ଼ା ହେଲେ । ହୃଦୟଚୈତନ୍ୟ ଦେଖିଲେ ସତକୁ ସତ ସେ ତିଳକ ଚିହ୍ନ ବଦଳାଇ ଦେଇଛି । ଉତ୍ତେଜିତ ହୋଇ ସେ ପଚାରିଲେ, 'ଗୁରୁ ଦେଇଥିବା ନାମ ଓ ଗୌଡ଼ୀୟ ବୈଷ୍ଣବମାନେ ଯେପରି ତିଳକ ଧାରଣ କରନ୍ତି ସେ ତିଳକ କାହିଁକି ତ୍ୟାଗ କଲ ? ଏତେ ସାହସ କିପରି କଲ ?'

'ଶ୍ୟାମାନନ୍ଦ ନିର୍ଭୟ ନମ୍ରତାର ସହ କହିଲେ, 'ପ୍ରଭୁ, ଏସବୁ ଆପଣଙ୍କ କୃପା । ଆପଣଙ୍କ କୃପାରୁ ମୁଁ ଅଧ୍ୟାତ୍ମ ସାଧନା ପଥରେ ଅଗ୍ରସର ହୋଇ ଶ୍ରୀରାଧାଙ୍କ ଦର୍ଶନ କରିଛି । ଯାହାକିଛି ମୋର ପରିବର୍ତ୍ତନ ସେସବୁ ଆପଣଙ୍କ କୃପାରୁ । ଏକଥା ଶୁଣି ହୃଦୟଚୈତନ୍ୟ ଆହୁରି ରାଗିଯାଇ କହିଲେ, 'ଏସବୁ ଛଳନା ମୋ ଆଗରେ କରନା । ତୁମେ ଏକା ମୋର ଶିଷ୍ୟ ନୁହଁ । ଅନେକ ଶିଷ୍ୟ ମୁଁ ଜୀବନରେ ଦେଖି ଆସିଛି । କିନ୍ତୁ ତୁମ ଭଳି ତ କେହି ଆଚରଣ କରି ନାହାନ୍ତି । ତୁମେ ଯଦି କହୁଛ ସବୁ ଗୁରୁଙ୍କ କୃପାରୁ ହୋଇଛି, ତେବେ ସେଇ ଗୁରୁ ହିସାବରେ ମୁଁ ଆଦେଶ ଦେଉଛି ତୁମର ନୂଆ ନାମ ଓ ତିଳକ ଛାଡ଼ି ପୂର୍ବ ନାମ ଓ ତିଳକ ନେଇ ଏଠାରେ ରୁହ ।' ଶ୍ୟାମାନନ୍ଦ ଗୁରୁଙ୍କ କ୍ରୋଧରେ ଆଦୌ ବିଚଳିତ ନ ହୋଇ ଆହୁରି ଧୀର ଓ ବିନମ୍ର ଭାବରେ କହିଲେ, 'ପ୍ରଭୁ, ଆପଣଙ୍କ

କୃପାରୁ ମୁଁ ଏ ନୂଆ ନାମ ଓ ନୂଆ ତିଳକ ପାଇଛି । ଯଦି ଆପଣ ନ ଚାହାନ୍ତି ତେବେ ନିଜେ ମୋ' କପାଳରୁ ଏ ତିଳକ ପୋଛି ଦିଅନ୍ତୁ । ଗୁରୁ କୃପାରୁ ପ୍ରାପ୍ତ ଏଇ ତିଳକକୁ ମୁଁ ନିଜ ହାତରେ ପୋଛି ଅପରାଧ ଅର୍ଜନ କରିପାରିବି ନାହିଁ ।'

ରାଗରେ ଗରଗର ହୋଇ ହୃଦୟଚୈତନ୍ୟ ଛିଡ଼ାହୋଇ ନିଜ ଲୁଗାରେ ଶ୍ୟାମାନନ୍ଦଙ୍କ କପାଳରୁ ତିଳକ ପୋଛିବାରେ ଲାଗିଲେ । ଯେତେ ଜୋର୍‌ରେ ଘଷିଲେ ବି ତିଳକ ଛାଡ଼ିଲା ନାହିଁ । ବରଂ ବେଶୀ ବେଶୀ ଉଜ୍ଜ୍ୱଳ ହେବାକୁ ଲାଗିଲା । ହୃଦୟଚୈତନ୍ୟ ଜାଣି ପାରିଲେ ଏ ରାଧାରାଣୀଙ୍କ ନୂପୁରଚିହ୍ନିତ ତିଳକ, ସାମାନ୍ୟ ତିଳକ ନୁହେଁ । ଏହା ସ୍ୱୟଂ ରାଧାରାଣୀଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି । ମୁଁ ଯେତେ ଚେଷ୍ଟା କଲେ ବି ଯାକୁ ପୋଛି ପାରିବି ନାହିଁ । ତା'ପରେ ଶ୍ୟାମାନନ୍ଦଙ୍କ ସଂସ୍ପର୍ଶରେ ଆସି ସେ ଅନୁଭବ କଲେ ଯେ ସେ ପ୍ରେମ ଭକ୍ତିରେ ସିଦ୍ଧିଲାଭ କରିଛନ୍ତି । ତାଙ୍କ ମଧ୍ୟରୁ ଏକ ଦିବ୍ୟପ୍ରଭାବ ବିଚ୍ଛୁରିତ ହେଉଛି । ନିଜର ଭୁଲ୍ ବୁଝିପାରି ସେ ଲଜ୍ଜିତ ହେଲେ । ବୃନ୍ଦାବନରୁ ଆଣିଥିବା ଗୋଟିଏ ରାଧାଗୋବିନ୍ଦଙ୍କ ମୂର୍ତ୍ତି ଶ୍ୟାମାନନ୍ଦଙ୍କୁ ଦେଇ ତା'ର ସେବାପୂଜାର ଭାର ଅର୍ପଣ କଲେ । ରାଧାଗୋବିନ୍ଦ ମୂର୍ତ୍ତି ପାଇ ଶ୍ୟାମାନନ୍ଦଙ୍କ ଆନନ୍ଦ କହିଲେ ନ ସରେ ।

ତା'ପରେ ଶ୍ରୀଜୀବ ଗୋସ୍ୱାମୀ ଶ୍ୟାମାନନ୍ଦଙ୍କ ଉପରେ ଓଡ଼ିଶାରେ ଶ୍ରୀଚୈତନ୍ୟଙ୍କ ଆଦର୍ଶ ପ୍ରସାର ଓ ପ୍ରଚାର କରିବାର ଭାର ଦେଲେ । ଶ୍ୟାମାନନ୍ଦ ଓଡ଼ିଶା ଆସି ମୟୂରଭଞ୍ଜ ଜିଲ୍ଲାର ଗୋପୀବଲ୍ଲଭପୁରଠାରେ ତାଙ୍କର କେନ୍ଦ୍ର ସ୍ଥାପନ କରି ସେଇଠାରେ ଗୁରୁ ଦେଇଥିବା ରାଧାଗୋବିନ୍ଦ ମୂର୍ତ୍ତିକୁ ପ୍ରତିଷ୍ଠା କଲେ ଓ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କୁ ବୈଷ୍ଣବ ଧର୍ମରେ ଅନୁପ୍ରାଣିତ କରିଥିଲେ ।

ଏଇପରି ଆନ୍ତରିକ ସାଧନା ବଳରେ ଦୁଃଖ୍‌ରାମ ହୋଇ ଉଠିଲେ ଶ୍ୟାମାନନ୍ଦ ଆଉ ସେଇ ଆନ୍ତରିକତାର ଅଭାବ କରିଛି ସୁଖେନ୍ଦୁକୁ ଦୁଃଖର ସିନ୍ଧୁ ।''

'ଦୁଃଖର କଳା ବଉଦେ
ଢଙ୍କା ସଦା
ଯା'ର ମନ ପ୍ରାଣ
ଜାଣିବାକୁ ହେବ କେବେ
ଆନ୍ତରିକ
ନୁହେଁ ସେହି ଜନ ।'

# ଆନ୍ତରିକତା ଫୁଲର ଶେଯ ନୁହେଁ

''ଆଚ୍ଛା ଚିନୁଭାଇ, ଜାଣିଛ ଗୋଟାଏ କଥା ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ଯେପରି ଏକ ବିସ୍ମୟର ମୁଣି ରଖିଛି, ତା' ଆଗରେ ଝାଡ଼ିଦେବ ବର୍ତ୍ତମାନ ।

''କ'ଣ ମୁଁ ତ ଜାଣି ନାହିଁ । କ'ଣ ହୋଇଛି ?'' ଅଜ୍ଞତାଭରା ଜିଜ୍ଞାସୁ ସ୍ୱରରେ କହିଲା ଚିନ୍ମୟ ।

''ଜାଣିନା । ଏତେ ଲୋକ ଜାଣିଲେଣି, ଆଉ ତୁମେ ଜାଣିନା ?''

''ନା, ମୁଁ ଜାଣି ନାହିଁ ।''

''ଆମ ସ୍କୁଲ୍ ପାଖରୁ ମାଇଲିଏ ଦୂର ହେବ ବେଲପଡ଼ା ବୋଲି ଯେଉଁ ଗାଁ ଅଛି ସେ ଗାଁରୁ ଗୋଟିଏ ଝିଅ ଆମ ସାଙ୍ଗରେ ପଢ଼େ । ସିଏ ଆଜି କହୁଥିଲା ତାଙ୍କ ଘରକୁ କୁଆଡ଼େ ଜଣେ ବାବାଜି ଆସନ୍ତି । ସିଏ ଦାଢ଼ି ରଖିଥା'ନ୍ତି, ମାଳା ତିଳକ ଧାରଣ କରିଥା'ନ୍ତି, ମୁହଁରେ ତାଙ୍କର ସବୁବେଳେ ଯେପରି କ'ଣ ମନ୍ତ୍ର ଜପ କଲା ଭଳି ଜଣାପଡ଼େ । କଥା କହିଲା ବେଳେ ଆଖି ଡୋଳା ଲେଉଟାଇ, ସ୍ୱର ଗମ୍ଭୀର କରି ଯେପରି ଅନ୍ୟ କେଉଁ ଲୋକରେ ଥିଲା ଭଳି କଥାବାର୍ତ୍ତା କରନ୍ତି । ତା' ବାପା ଓ ବୋଉ ତାଙ୍କୁ ଗୁରୁଭଳି ପୂଜା କରନ୍ତି, ଆଦର ସମ୍ମାନ ଦେଖାନ୍ତି । କେବେ ଆସିଲେ ସେ ତାଙ୍କ ଘରେ ଦିନେ ଦୁଇ ଦିନ ରହନ୍ତି । ସେ ସମୟରେ ଅନେକ ଲୋକ ବି ତାଙ୍କ ଗାଁରୁ ଓ ପାଖଆଖ ଗାଁରୁ ସେ ବାବାଜିଙ୍କୁ ଦର୍ଶନ କରିବାକୁ ଓ ତାଙ୍କ ପରାମର୍ଶ ନେବାକୁ ଆସନ୍ତି । ସେ ବିଭିନ୍ନ ଲୋକଙ୍କୁ ମନ୍ତୁରା ଚେରମୂଳି, ତେଉଁରିଆ ଆଦି ସେମାନଙ୍କର ବିଭିନ୍ନ ଅଭାବ ଅସୁବିଧା ଓ କାମନା ବାସନା ପୂରଣ ଲାଗି ଦେଇଥା'ନ୍ତି । କାହାକୁ କାହାକୁ ଖାଲି ସେମିତି ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି । ମୋ ସାଙ୍ଗର ବାପା ବୋଉ ବି ସେ ଦେଇଥିବା ତେଉଁରିଆ ପିନ୍ଧନ୍ତି । କହନ୍ତି ସେ ଜଣେ ସିଦ୍ଧ ତପସ୍ୱୀ । ଯାହା ଚାହିଁବେ ତାହା କରିଦେଇ ପାରିବେ ।

ଥରେ କ'ଣ ହୋଇଛି ନା ତା' ବାପା ସେ ବାବାଜିଙ୍କୁ ତାଙ୍କ ଘରର ଅଭାବ ଅସୁବିଧା କଥା କହିଛନ୍ତି । ସେ ବାବାଜି ତା' ବାପାଙ୍କୁ କହିଲେ – କିଛି ଚିନ୍ତା କରିବା ଦରକାର ନାହିଁ ବେଟା । ଆମେ ଏପରି ଶକ୍ତିର ଅଧିକାରୀ ଯାହା ବଳରେ ଏକ ଗୁଣ ସୁନାକୁ ଦଶଗୁଣ କରିଦେଇ ପାରିବୁ । କିନ୍ତୁ ସେଥିଲାଗି ସେ ସୁନା ସହ ଗୋଟିଏ ନିର୍ଜନ ଘରେ ଗୋଟିଏ ରାତି ମୋର ରହିବା ଦରକାର ।

ଏକଥା ଶୁଣି ତା' ବାପା ବହୁତ ଖୁସୀ ହୋଇଗଲେ । ଘରେ ଯେତେ ସୁନା ଜିନିଷ ଥିଲା, ଏପରିକି ତା' ବୋଉ ଯେଉଁ ସୁନା ଗହଣା ପିନ୍ଧିଥିଲେ ସେତକ ବି ତା'ଠାରୁ ଓହ୍ଲାଇ ଆଣି ଏକାଠି କରି ଗୋଟିଏ ବଡ଼ ବାକ୍ସରେ ରଖି ବାବାଜିଙ୍କୁ ଦେଲା । ବାବାଜି ସେ ବାକ୍ସକୁ ସାମନାରେ ରଖି ଗୋଟିଏ ଘରେ ଏକା କ'ଣ ସବୁ ଜପତପ ମନ୍ତ୍ରପାଠ ଆଦି କଲେ । ରାତିସାରା କେହି ସେ ଘରକୁ ଗଲେ ନାହିଁ । ସକାଳୁ ଉଠି ଦେଖିଲାବେଳକୁ ବାବାଜି ନାହାନ୍ତି କି ସୁନା ଗହଣାତକ ନାହିଁ । ଏତେ ବଡ଼ ବାକ୍ସଟା ଦଶଗୁଣ ସୁନା ପରିବର୍ତ୍ତେ ସୁନା ଶୂନ୍ୟ ହୋଇପଡ଼ିଛି । ବାବାଜିଙ୍କୁ ଚାରିଆଡ଼େ ଖୋଜା ପଡ଼ିଲା । କିନ୍ତୁ ତାଙ୍କ ପତ୍ତା ମିଳିଲା ନାହିଁ କି ସେଇଦିନଠାରୁ ସେ ଆଉ ଆସିଲେ ନାହିଁ । ପୋଲିସରେ ଖବର ଦିଆଯାଇଥିଲା । ଏବେ ସେ ବାବାଜି ଧରାପଡ଼ିଛି । ନିଶଦାଢ଼ି କାଟି ନଣ୍ଡା ହୋଇ ଆଉ ଗୋଟିଏ ଗାଁରେ ସେମିତି ସାଧୁଗିରି କରୁଥିଲା ।

ଆଚ୍ଛା, ଗୁରୁବେଶରେ ଯଦି ଏପରିସବୁ ଭଣ୍ଡ ସାଧୁମାନେ ଲୋକଙ୍କୁ ଠକିବେ ତେବେ ଜଣେ ଯଥାର୍ଥ ଗୁରୁ ପାଇବ କିପରି ? ଜାଣିବା କିପରି ଜଣେ ଯଥାର୍ଥରେ ସାଧୁ କି ଠକ ?'' ପଚାରିଲା ଅନୁରକ୍ତା ।

''ସବୁକଥା ପାଇଁ ସେଇ ଗୋଟିଏ ଜିନିଷ ଦରକାର । ମା' କହିଛନ୍ତି, 'For everything one must be absolutely sincere.' 'ସବୁକଥା ପାଇଁ ତୁମକୁ ସମ୍ପୂର୍ଣ୍ଣ ଆନ୍ତରିକ ହେବାକୁ ପଡ଼ିବ ।' ତେବେ ଯାଇ ଆମେ ଆଉ ଠକାମିରେ ପଡ଼ିବା ନାହିଁ । ଯଦି ଆମେ ଯଥାର୍ଥରେ ଆନ୍ତରିକ ଥାଉ ତେବେ ବାହାର ଦୃଷ୍ଟିରୁ କୌଣସି କଥାରେ କେବେ ଆମେ ଠକାମିରେ ପଡ଼ିଲା ଭଳି ଜଣା ପଡ଼ିଲେ ବି ଯଥାର୍ଥରେ ତାହା ଆମ ବିକାଶରେ ସହାୟକ ହୁଏ ।

ଯିଏ ଯଥାର୍ଥରେ ଆଧ୍ୟାତ୍ମିକ ବିକାଶ ପାଇଁ ଗୁରୁ ଚାହେଁ, ତା'ର ଆନ୍ତରିକତା ତାକୁ ନେଇ ଯଥାର୍ଥ ଗୁରୁ ପାଖରେ ପହଞ୍ଚାଇ ଦିଏ । ସେ ସ୍ୱତଃ ତା' ନିକଟକୁ ଟାଣି ହୋଇଯାଏ । ଯିଏ ତୋ' ସାଙ୍ଗର ବାପା ଭଳି ଆନ୍ତରିକ ନୁହେଁ, ଆଧ୍ୟାତ୍ମିକ ବିକାଶ ଲକ୍ଷ୍ୟ ରଖି ନ ଥାଏ, ଖାଲି ସାଂସାରିକ ସ୍ୱାର୍ଥ ସାଧନ ଲକ୍ଷ୍ୟ ରଖିଥାଏ ସିଏ ସେଇଭଳି ଗୁରୁଙ୍କ ହାବୁଡ଼ରେ ପଡ଼େ । ରାମକୃଷ୍ଣ ପରମହଂସ କହନ୍ତି, 'ଗୁରୁ ଲକ୍ଷ ଲକ୍ଷ ମିଳିବେ, କିନ୍ତୁ ଶିଷ୍ୟ ଗୋଟାଏ ମିଳିବା କଷ୍ଟ ।' ଯଥାର୍ଥ ଶିଷ୍ୟ ତା'ର ଯଥାର୍ଥ ଗୁରୁଙ୍କ ସମ୍ବନ୍ଧରେ ଶୁଣିବା ମାତ୍ରେ କିଂବା ତାଙ୍କୁ ଦେଖିବା ମାତ୍ରେ ଅନ୍ତରରେ ତାଙ୍କୁ ଗ୍ରହଣ କରିନେଇଥାଏ । ଲୁହାକୁ ଚୁମ୍ବକ ଟାଣିଲା ଭଳି ସେ ଟାଣି ହୋଇ ଯାଇଥାଏ । ସେଥିରେ ଭୟ ନ ଥାଏ, ସନ୍ଦେହ ନ ଥାଏ, ଦାବି ନ ଥାଏ; ଥାଏ ନିଜକୁ ନିଃଶେଷରେ ତାଙ୍କରି ଚରଣରେ ସମର୍ପଣ କରି ଦେବାର ଭାବ । ଗୁରୁ ବି ଅନ୍ତର୍ଯାମୀ । ସେ ତାଙ୍କର ଯଥାର୍ଥ ଶିଷ୍ୟର

ଅନ୍ତର କଥା ଜାଣିପାରନ୍ତି । ବେଳେବେଳେ ଅନାୟାସରେ ତାଙ୍କୁ ଗ୍ରହଣ କରିନିଅନ୍ତି ତ ବେଳେବେଳେ ପରୀକ୍ଷାର ସମ୍ମୁଖୀନ ହେବାକୁ ଛାଡ଼ି ଦିଅନ୍ତି ।

ମହାପୁରୁଷ ଆଚାର୍ଯ୍ୟ ଶଙ୍କରଙ୍କ ନାମ ଶୁଣିଥିବୁ । ସେ ଯେତେବେଳେ ଖୁବ୍ ଛୋଟ ପିଲା ଥିଲେ, ମାତ୍ର ଆଠବର୍ଷର ବାଳକ, ସେତେବେଳେ ସେ ମହାଯୋଗୀ ଗୋବିନ୍ଦପାଦଙ୍କ ନାମ ଶୁଣିଲେ । ସେ ସମୟରେ ଭାରତର ଦକ୍ଷିଣାଞ୍ଚଳରେ ଗୋବିନ୍ଦପାଦ ମହାନ୍ ସିଦ୍ଧ ତପସ୍ୱୀ ରୂପରେ ଖ୍ୟାତିଲାଭ କରିଥିଲେ । ଶୁଣାଯାଏ ଋଷି ପତଞ୍ଜଳି ଏଇ ଗୋବିନ୍ଦପାଦଙ୍କ ସିଦ୍ଧ ଶରୀରରେ ଆଶ୍ରୟ ନେଇଥିଲେ ।

ବାଳକ ଶଙ୍କର ତାଙ୍କ ନାମ ଶୁଣିବା ମାତ୍ରେ ତାଙ୍କୁ ଦର୍ଶନ କରିବା ଲାଗି ନିଜ ଭିତରେ ଏକ ଦୁର୍ବାର ଇଚ୍ଛା ଅନୁଭବ କଲେ । ଦୁନିଆରେ ତାଙ୍କର ନିଜ ମା'ଙ୍କ ଛଡ଼ା ଆଉ କେହି ନ ଥିଲେ । ତାଙ୍କ ମା'ଙ୍କର ଥିଲେ ସେ ଏକମାତ୍ର ସନ୍ତାନ । ତେଣୁ ତାଙ୍କ ମା' ଚାହୁଁ ନ ଥିଲେ ସେ ସନ୍ନ୍ୟାସ ଗ୍ରହଣ କରନ୍ତୁ ବୋଲି । କିନ୍ତୁ ବହୁ କଷ୍ଟରେ ସେ ମା'ଙ୍କଠାରୁ ସନ୍ନ୍ୟାସୀ ହେବା ପାଇଁ ଅନୁମତି ଲାଭ କଲେ । ସେ ସମ୍ବନ୍ଧରେ ମଧ୍ୟ ଏକ ସୁନ୍ଦର କାହାଣୀ ଅଛି । ପରେ କହିବି ।''

''ନା, ନା ବର୍ତ୍ତମାନ କୁହ ।'' କହିଲା ଅନୁରକ୍ତା ।

''ଆଚ୍ଛା ହଉ ତେବେ, ମୁଁ ସଂକ୍ଷେପରେ କହି ଦେଉଛି, ଶୁଣ । ଶଙ୍କର ତାଙ୍କ ମା'ଙ୍କର ଏକମାତ୍ର ସନ୍ତାନ ଥିବାରୁ ତାଙ୍କ ମା' ତାଙ୍କୁ ସନ୍ନ୍ୟାସୀ ହୋଇ ସାଧନା କରିବାକୁ ଅନୁମତି ଦେଉ ନ ଥିଲେ । ଶଙ୍କର ବି ମା'ଙ୍କୁ ଅବଜ୍ଞା କରି ତାଙ୍କ ମନରେ ଆଘାତ ଦେଇ ସନ୍ନ୍ୟାସୀ ହୋଇପାରୁ ନ ଥିଲେ । ଥରେ ଶଙ୍କର ନଈରେ ଗାଧୋଉଥିବା ସମୟରେ ଗୋଟିଏ କୁମ୍ଭୀର ତାଙ୍କ ପାଦକୁ ଧରିଲା । ତାଙ୍କୁ ଧୀରେ ଧୀରେ ନଈ ଭିତରକୁ ଘୋଷାରି ନେବାକୁ ଲାଗିଲା । ତାଙ୍କ ମା' ଏହା ଦେଖି ବହୁତ ବ୍ୟାକୁଳ ହୋଇ ପଡ଼ିଲେ । ଏହି ଅବସରରେ ଶଙ୍କର କହିଲେ — 'ମା', ମୋର ବୋଧ ହେଉଛି, ତୁ ଯଦି ମୋତେ ସନ୍ନ୍ୟାସୀ ହେବା ପାଇଁ ଅନୁମତି ଦେଇଦେଉ ତେବେ ଏ କୁମ୍ଭୀର ମୋତେ ଛାଡ଼ିଦେବ । ନଚେତ୍ ଛାଡ଼ିବ ନାହିଁ ।' ଏ ପ୍ରକାର ଅସୁବିଧାଜନକ ପରିସ୍ଥିତିରେ ପଡ଼ି ମା' ତାଙ୍କର ଏକମାତ୍ର ଦୁଃଖିଧନ, ଅନ୍ଧର ଲଉଡ଼ି ଶଙ୍କର ସନ୍ନ୍ୟାସୀ ପଛେ ହେଉ କିନ୍ତୁ ବଞ୍ଚି ରହି ତାଙ୍କ ନୟନ ମନକୁ ତୃପ୍ତି ଦେଉ । ତେଣୁ ସେ ସଙ୍ଗେ ସଙ୍ଗେ କହି ପକାଇଲେ — ତାହାହିଁ ହେଉ । ଏହା କହିବା ମାତ୍ରେ କୁମ୍ଭୀରଟି ତାଙ୍କୁ ଛାଡ଼ିଦେଲା । କୁମ୍ଭୀର ବି ସାଧାରଣ କୁମ୍ଭୀର ନ ଥିଲା । ତାହା ଥିଲା ଏକ ଭଗବତ୍-ପ୍ରେରିତ କୁମ୍ଭୀର ।

ବର୍ତ୍ତମାନ ସନ୍ନ୍ୟାସ ପାଇଁ ଅନୁମତି ପାଇଯିବା ପରେ ଶଙ୍କର ଗୋବିନ୍ଦପାଦଙ୍କୁ ମନେ ମନେ ନିଜ ଗୁରୁ ରୂପରେ ବରଣ କରିନେଲେ । କିନ୍ତୁ ତାଙ୍କୁ ପାଇବେ ବା କେଉଁଠୁ ।

ଆଠବର୍ଷର ପିଲା ସେ । ଘର ଛାଡ଼ି ଗୁରୁଙ୍କ ସନ୍ଧାନରେ ବଣ, ଜଙ୍ଗଲ, ପାହାଡ଼, ପର୍ବତ, ମଠ, ମନ୍ଦିର, କେତେ କୁଆଡ଼େ ବୁଲିଲେ । କେଉଁଠି ତାଙ୍କ ସନ୍ଧାନ ପାଇଲେ ନାହିଁ । ଯୋଗକୁ ଦିନେ ନର୍ମଦା ନଦୀ କୂଳରେ ବୁଲୁବୁଲୁ ସେ ଜଣେ ବୃଦ୍ଧ ସନ୍ନ୍ୟାସୀଙ୍କୁ ଭେଟିଲେ । ବାଳକ ଶଙ୍କରଙ୍କର ଗୁରୁ ପାଦପଦ୍ମ ଦର୍ଶନ ଲାଗି ବ୍ୟାକୁଳତା ଦେଖି ସେ ତାଙ୍କୁ ଗୋବିନ୍ଦପାଦଙ୍କ ସନ୍ଧାନ ବତାଇ ଦେଲେ ।

ସେଇ ସନ୍ନ୍ୟାସୀଙ୍କ କହିବା ଅନୁଯାୟୀ ଶଙ୍କର ନର୍ମଦା ନଦୀ କୂଳେ କୂଳେ ଯାଇ ଓଁକାରନାଥ ପାହାଡ଼ରେ ପହଞ୍ଚିଲେ । ସେଇ ପାହାଡ଼ର ଜଙ୍ଗଲ ଭିତରେ ଏଣେତେଣେ ଖୋଜୁ ଖୋଜୁ ଗୋଟିଏ ଛୋଟ ଗୁହା ତାଙ୍କ ନଜରରେ ପଡ଼ିଲା । ତା' ଭିତରକୁ ଯାଇ ଶଙ୍କର ସ୍ତମ୍ଭୀଭୂତ ହୋଇଗଲେ । କି ଶାନ୍ତ ଗମ୍ଭୀର ବାତାବରଣ । ଆଉ ଅଳ୍ପ କେତେଜଣ ଜଟାଜୁଟଧାରୀ ସନ୍ନ୍ୟାସୀ ବସି ଧ୍ୟାନରତ । ଶଙ୍କର ଆଉ ନିଜ ହୃଦୟର ଆବେଗ ସମ୍ଭାଳି ନ ପାରି ସେଇ ଧ୍ୟାନରତ ସନ୍ନ୍ୟାସୀମାନଙ୍କୁ ପ୍ରଣାମ କରି ଆଚାର୍ଯ୍ୟ ଗୋବିନ୍ଦପାଦଙ୍କ ସନ୍ଧାନ ବତାଇ ଦେବା ପାଇଁ ପ୍ରାର୍ଥନା କଲେ । ତାଙ୍କର ବାରଂବାର ଆକୁଳ ପ୍ରାର୍ଥନା ଫଳରେ ଜଣେ ସନ୍ନ୍ୟାସୀ ଆଖି ଖୋଲି ତାଙ୍କୁ ଆଶ୍ୱାସନା ଜଣାଇଲେ ଓ ତାଙ୍କୁ ସଙ୍ଗରେ ଧରି ଆଚାର୍ଯ୍ୟ ଗୋବିନ୍ଦପାଦଙ୍କ ଗୁହା ଆଡ଼କୁ ନେଇଗଲେ । ସେ ଗୁହାର ମୁହଁ ଗୋଟିଏ ଛୋଟ ପଥରଖଣ୍ଡ ଦ୍ୱାରା ବନ୍ଦ ହୋଇଥାଏ । ତାହାରି ମଧ୍ୟରେ ଗୋବିନ୍ଦପାଦ ସମାଧିସ୍ଥ ହୋଇଥା'ନ୍ତି । ସମଗ୍ର ଓଁକାରନାଥ ପାହାଡ଼ ଓ ନର୍ମଦା ତୀର ତାଙ୍କ ତପ ପ୍ରଭାବରେ ପ୍ରଭାବିତ । ବହୁକାଳ ଧରି ତପସ୍ୱୀମାନେ ତାଙ୍କ ଦର୍ଶନ ଓ କୃପା ଆଶାରେ ଏଠାରେ ଆସି ପଡ଼ି ରହିଛନ୍ତି; କିନ୍ତୁ ଏପର୍ଯ୍ୟନ୍ତ ପାଇପାରି ନାହାନ୍ତି । କେବେ ଯେ ତାଙ୍କର ସମାଧି ଭାଙ୍ଗିବ ତାହା କେହି ଜାଣନ୍ତି ନାହିଁ ।

ସେ ସନ୍ନ୍ୟାସୀ ଜଣକ ଶଙ୍କରଙ୍କୁ କହିଲେ, 'ତୁମର ଯାହା କହିବାର ଅଛି ଏଇଠି କହି ଦେଇ ଚାଲିଯାଅ ।' 'ନା, ନା ମୁଁ ଯେ ଯୋଗିରାଜଙ୍କର ଦର୍ଶନ ଅଭିଳାଷରେ କେତେ ଗିରି, ବନ, କାନ୍ତାର, ଦୁର୍ଗମ ପଥ ଅତିକ୍ରମ କରି ଆସିଛି । ଥରଟିଏ ତାଙ୍କର ଦର୍ଶନ ନ ପାଇଲେ ତାଙ୍କର ଅଭୟ ଆଶୀର୍ବାଦ ଲାଭ ନ କଲେ ମୋ' ମନରେ ଶାନ୍ତି ନାହିଁ ।' ଛୋଟ ପିଲାଟିର ଏଇ ଆନ୍ତରିକତାଭରା ଆକୁଳ ଆବେଗ ସନ୍ନ୍ୟାସୀଙ୍କର ହୃଦୟ ତରଳାଇ ଦେଲା । ସେ କହିଲେ, 'ବେଶ୍, ଦ୍ୱାର ଖୋଲି, ଭିତରକୁ ଯାଇ ମହାଯୋଗୀଙ୍କୁ ତୁମର ପ୍ରାର୍ଥନା ଜଣାଅ ।' ଶଙ୍କର ନିର୍ଭୟରେ ଯାଇ ପଥରଟିକୁ ଆଡ଼େଇବାକୁ ଚେଷ୍ଟା କଲେ । ସେତେବେଳକୁ ଅନ୍ୟ ସନ୍ନ୍ୟାସୀମାନେ ସେମାନଙ୍କର ଧ୍ୟାନ ଭାଙ୍ଗି ଆସି ସେଠାରେ ପହଞ୍ଚି ଯାଇଥିଲେ । ସମସ୍ତେ ମିଳି ପଥରଟିକୁ କାଢ଼ିଦେଲେ । ଶଙ୍କର ପ୍ରଦୀପଟିଏ ଧରି ସେଇ ଗୁହା ମଧ୍ୟରେ ପ୍ରବେଶ କଲେ । ପ୍ରଦୀପ ଆଲୋକରେ

ଅନ୍ଧାଲୋକିତ ସେଇ ଗୁହା ମଧ୍ୟରେ ଦେଖିଲେ ମହାଯୋଗୀ ଗୋବିନ୍ଦପାଦଙ୍କର ତପୋଜ୍ଜ୍ୱଳ ମୂର୍ତ୍ତି । ଆଖି ଦୁଇଟି ତାଙ୍କର ଧ୍ୟାନ-ନିମୀଳିତ । ଶରୀରରେ ତାଙ୍କର ଅପୂର୍ବ ଦିବ୍ୟ ଆଭା । ପ୍ରଦୀପଟିକୁ ତଳେ ରଖି ଶଙ୍କର ହାତଯୋଡ଼ି ସେଠାରେ ସ୍ତବଗାନ ଆରମ୍ଭ କରିଦେଲେ । ତାଙ୍କର ଏପରି ସାହସ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଉଥା'ନ୍ତି । ସମାଧିସ୍ଥ ଯୋଗୀଙ୍କ ନିକଟରେ ଠିଆ ହୋଇ ଏତେ ଟିକିଏ ପିଲା ତାଙ୍କ ସମାଧି ଭଙ୍ଗ ପାଇଁ ପ୍ରାର୍ଥନା କରିବ !

ଲୁହାର ଆଗମନୀ ଚୁମ୍ବକ ବାରିପାରେ । ଗୋବିନ୍ଦପାଦଙ୍କ ଧ୍ୟାନ-ନିମୀଳିତ ଆଖି ଧୀରେ ଧୀରେ ଖୋଲିଯାଏ । ସେ ଆଖି ଓ ମୁହଁରୁ ଝରିପଡ଼େ ଦିବ୍ୟକରୁଣାର ଅମୃତ ଧାରା । କୋମଳ ଗମ୍ଭୀର ବାଣୀରେ ଶଙ୍କରଙ୍କୁ ସେ ପରିଚୟ ପଚାରନ୍ତି । ଶଙ୍କରଙ୍କଠାରୁ ତାଙ୍କର ପରିଚୟ ଜାଣି ଆଉ ତାଙ୍କର ବୁଝିବାକୁ କିଛି ବାକୀ ରହେ ନାହିଁ । କୃପା ଓ ଆଶ୍ରୟଦାନର ଚିହ୍ନ ସ୍ୱରୂପ ପାଦ ଦୁଇଟି ତାଙ୍କର ଆପେ ଲମ୍ବି ଆସେ ଶଙ୍କରଙ୍କ ଦିଗରେ । ଅମୂଲ୍ୟ ନିଧି ପାଇଲା ଭଳି ଶଙ୍କର ସେ ପାଦ ଦୁଇଟିକୁ ନିଜ ବକ୍ଷରେ ଜାବୁଡ଼ି ଧରନ୍ତି । ଦିବ୍ୟ-ଆନନ୍ଦର ସ୍ପର୍ଶରେ ଆଖିରୁ ତାଙ୍କର ଧାର ଧାର ଲୁହ ଝରି ସେ ପାଦ ଦୁଇଟିକୁ ଧୋଇଦିଏ । ନିଜର ଅଭୀଷ୍ଟ ଗୁରୁଙ୍କୁ ପାଇ ଜୀବନ ତାଙ୍କର ଧନ୍ୟ ହୁଏ । ଶେଷରେ ତାଙ୍କର ଆନ୍ତରିକତା ବିଜୟ ଲାଭ କରେ ।

ଶଙ୍କରଙ୍କ କ୍ଷେତ୍ରରେ ତାଙ୍କ ଗୁରୁ ତାଙ୍କୁ ଦେଖିବା ମାତ୍ରେ ଗ୍ରହଣ କରିନେଲେ । କିନ୍ତୁ ଆଉ କେତେକଙ୍କ କ୍ଷେତ୍ରରେ ଗୁରୁ ତାଙ୍କୁ ସହଜରେ ଗ୍ରହଣ କରନ୍ତି ନାହିଁ । ଶିଷ୍ୟକୁ ଦୀର୍ଘ ଦିନ ଧରି କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ହୁଏ । ସେ ପରୀକ୍ଷା ଯଥାର୍ଥରେ ତା'ର ଆନ୍ତରିକତାର ପରୀକ୍ଷା ହୁଏ । ପରୀକ୍ଷା ଫଳରେ ଆନ୍ତରିକତା ଆହୁରି ଶୁଦ୍ଧ, ଆହୁରି ସ୍ୱଚ୍ଛ, ଆହୁରି ପୂର୍ଣ୍ଣ ହୁଏ । ଶେଷରେ ନିଜର ଅଭୀଷ୍ଟ ସାଧନରେ ସେ ବିଜୟଶ୍ରୀ ମଣ୍ଡିତ ହୁଏ ।''

''ଆଚ୍ଛା, ସେଇପରି ଜଣେ ଶିଷ୍ୟଙ୍କ କଥା କୁହ, ଯିଏ ତାଙ୍କ ଗୁରୁଙ୍କ କୃପା ପାଇବା ପାଇଁ ଦୀର୍ଘକାଳ କଷ୍ଟ କରି ଅପେକ୍ଷା କରିଛନ୍ତି ।'' କହିଲା ଅନୁରକ୍ତା ।

''ସେଭଳି ଶିଷ୍ୟମାନଙ୍କ ମଧ୍ୟରୁ ବୈଷ୍ଣବ ସାଧକ ନରୋତ୍ତମ ଦାସ ଠାକୁର ହେଉଛନ୍ତି ଅନ୍ୟତମ । ସେ ଗୋଟିଏ ଜମିଦାର ପରିବାରରେ ଜନ୍ମ ହୋଇଥିଲେ । ପିଲାଦିନେ ଜଣେ ବ୍ରାହ୍ମଣଙ୍କଠାରୁ ଗୌରାଙ୍ଗ ମହାପ୍ରଭୁଙ୍କ ନାମ ଓ ତାଙ୍କ ସମ୍ବନ୍ଧେ ଶୁଣିଥିଲେ । କିଛିଦିନ ପରେ ଗୌରାଙ୍ଗ ମହାପ୍ରଭୁ ଶରୀର ତ୍ୟାଗ କରିବାର ସମ୍ବାଦ ପାଇ ତାଙ୍କୁ ଖୁବ୍ ଝୁରି ଝୁରି ସେ ଅତ୍ୟନ୍ତ ଦୁଃଖରେ କାଳ ଯାପନ କଲେ । ଦିନେ ସେ ପଦ୍ମା ନଦୀରେ ସ୍ନାନ କରୁ କରୁ ଜଳ ମଧ୍ୟରେ ଜଣେ ଗୌରବର୍ଣ୍ଣ ବିରାଟ ପୁରୁଷ ତାଙ୍କୁ

ଆଲିଙ୍ଗନ କରିବାର ସେ ଦେଖିଲେ । ଜଳରୁ ଉଠି ସେ ଖାଲି ଗୌରପ୍ରେମରେ ନୃତ୍ୟ କରି କରି ଚେତା ହରାଇ ପଡ଼ିଗଲେ । ସେଇ ଷୋହଳ ବର୍ଷ ବୟସରେ ତାଙ୍କର ସଂସାର ପ୍ରତି ବିରାଗ ଭାବ ଆସିଲା । ସେ ଘର ଛାଡ଼ି ବୃନ୍ଦାବନ ଚାଲିଗଲେ, ବୃନ୍ଦାବନରେ ଜୀବଗୋସ୍ୱାମୀ ନାମକ ଜଣେ ଆଚାର୍ଯ୍ୟଙ୍କ ନିକଟରୁ ଶାସ୍ତ୍ର ଅଧ୍ୟୟନ କଲେ । ତାଙ୍କ ପାଖରେ ଶ୍ରୀନିବାସ ଓ ଶ୍ୟାମାନନ୍ଦ ନାମରେ ଆଉ ଦୁଇଜଣ ସାଧକ ମଧ୍ୟ ଶାସ୍ତ୍ର ଶିକ୍ଷା କରୁଥା'ନ୍ତି ।

ଜୀବ ଗୋସ୍ୱାମୀଙ୍କର ଇଚ୍ଛା ଥିଲା ଏଇ ତିନିଜଣ ତ୍ୟାଗୀ, ପ୍ରତିଭାବାନ୍ ଶିଷ୍ୟ ଶାସ୍ତ୍ର ଅଧ୍ୟୟନ ପରେ ଯାଇ ପ୍ରଭୁ ଶ୍ରୀଚୈତନ୍ୟଙ୍କର ଆଦର୍ଶ ପ୍ରଚାର କରିବେ । କିନ୍ତୁ ନରୋତ୍ତମଙ୍କ ବିଚାର ଭିନ୍ନ । ସେ ଦୀକ୍ଷା ଗ୍ରହଣ ନ କରି ବୃନ୍ଦାବନରୁ ଖାଲି ଶାସ୍ତ୍ର ଅଧ୍ୟୟନ କରି ଫେରିବାକୁ ରାଜି ନୁହନ୍ତି । ମନେ ମନେ ସେ ଶ୍ରୀପାଦ ଲୋକନାଥ ଗୋସ୍ୱାମୀଙ୍କୁ ନିଜର ଗୁରୁ ବୋଲି ଗ୍ରହଣ କରିଥା'ନ୍ତି ଓ ତାଙ୍କରିଠାରୁ କେବଳ ଦୀକ୍ଷା ନେବେ ବୋଲି ସ୍ଥିର କରିଥା'ନ୍ତି । କିନ୍ତୁ ଲୋକନାଥ ଗୋସ୍ୱାମୀ ଏକାନ୍ତରେ ରହି ନିଗୂଢ଼ ଭଜନ ଆନନ୍ଦରେ କାଳ କଟାଉ ଥାଆନ୍ତି । ନିଜର କଠୋର ତପସ୍ୟା ଛଡ଼ା ଜୀବନରେ କୌଣସି ଶିଷ୍ୟ ଗ୍ରହଣ କରିବେ ନାହିଁ ବୋଲି ସେ ଦୃଢ଼ ନିଶ୍ଚିତ ହୋଇଥା'ନ୍ତି । ନରୋତ୍ତମଙ୍କର ଏକାନ୍ତ ବ୍ୟାକୁଳତା ଦେଖି ଅନେକ ବୈଷ୍ଣବ ସାଧୁ ଲୋକନାଥ ଗୋସ୍ୱାମୀଙ୍କୁ ଅନୁରୋଧ କଲେ ତାଙ୍କୁ ଶିଷ୍ୟରୂପେ ଦୀକ୍ଷା ଦେବାକୁ । କିନ୍ତୁ ଗୋସ୍ୱାମୀ ନିଜ ମତରେ ଅଟଳ । ଭକ୍ତ ନରୋତ୍ତମ ବି ତାଙ୍କ ପ୍ରତିଜ୍ଞାରେ ଅଟଳ । ଯଦି ଦୀକ୍ଷା ନେବେ, ତେବେ ତାହା କେବଳ ଏକମାତ୍ର ଲୋକନାଥ ଗୋସ୍ୱାମୀଙ୍କଠାରୁ, ଅନ୍ୟ କାହାଠାରୁ ନୁହେଁ । ସେଇହିଁ ତାଙ୍କ ଜୀବନର ଗୁରୁ । ସେ ତାଙ୍କୁ ଗ୍ରହଣ କରନ୍ତୁ ବା ନ କରନ୍ତୁ ।

ବୃନ୍ଦାବନର ଗୋଟିଏ ପ୍ରାନ୍ତରେ ଥାଏ ଏକ ବଣ । ସେଇ ବଣର ଏକ ନିଭୃତ ସ୍ଥାନରେ ଲୋକନାଥ କୁଟୀର ନିର୍ମାଣ କରି ସାଧନ ଭଜନରେ ମତ୍ତ ଥାଆନ୍ତି । ତାଙ୍କର ଏଇ କୁଞ୍ଜଠାରୁ ଅଳ୍ପ ଦୂରରେ ଗୋଟିଏ ଛୋଟ କୁଡ଼ିଆ ନିର୍ମାଣ କରି ନରୋତ୍ତମ କଠୋର ସାଧନ ଭଜନରେ ବୁଡ଼ି ରହିଲେ । ତାଙ୍କର ଅଭିଳଷିତ ଗୁରୁ କାହା ସଙ୍ଗରେ ବିଶେଷ କଥାବାର୍ତ୍ତା କରିବାକୁ ଭଲପାଆନ୍ତି ନାହିଁ ବୋଲି ସେ କେବେ ବି ତାଙ୍କ ପାଖକୁ ଆସନ୍ତି ନାହିଁ । କିନ୍ତୁ ଖୁବ୍ ମୃଦୁ ସ୍ୱରରେ ପ୍ରଭୁଙ୍କ ନାମ ଭଜନ କରି ତାଙ୍କ କୁଞ୍ଜ ଚାରିପଟେ ବୁଲୁଥାଆନ୍ତି । ସବୁବେଳେ ନଜର ରଖିଥା'ନ୍ତି କେହି ଯେପରି ତାଙ୍କୁ ବିରକ୍ତ ନ କରନ୍ତି କିଂବା ତାଙ୍କର ନିତ୍ୟକର୍ମରେ କିଛି ବ୍ୟାଘାତ ନ ଘଟେ ।

ଏଇପରି କିଛିଦିନ ବିତିଗଲା । ପ୍ରତ୍ୟକ୍ଷ ଭାବରେ ଗୁରୁସେବା କରିବା ପାଇଁ ନରୋତ୍ତମଙ୍କ ହୃଦୟ ବ୍ୟାକୁଳ ହୋଇଉଠିଲା । କିନ୍ତୁ ତାଙ୍କ ସାମନାକୁ ଯାଇ ଏକଥା

କହିଲେ ସେ ରାଜି ହେବେ ନାହିଁ । ତେଣୁ ଗୁରୁସେବାର ଏକ ନୂତନ ଉପାୟ ସେ ଉଦ୍ଭାବନ କଲେ । ନରୋତ୍ତମ ଲକ୍ଷ୍ୟ କଲେ ଯେ ଲୋକନାଥ ପ୍ରତିଦିନ ବଡ଼ିଭୋରରୁ ଉଠି ବଣର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଝାଡ଼ା ଫେରିବା ନିମନ୍ତେ ଯାଉଛନ୍ତି । ଏଇଆକୁ ଗୁରୁସେବାର ପରମ ସୁଯୋଗ ବୋଲି ଧରିନେଇ ନରୋତ୍ତମ ଲୋକନାଥଙ୍କ ବହୁ ପୂର୍ବରୁ ଉଠି ସେସ୍ଥାନକୁ ଯାଇ କଣ୍ଟା, ଅଳିଆ ଆଦି ପଡ଼ିଥିଲେ ଉଠାଇ ଦିଅନ୍ତି । ଗୋଟିଏ କଳସୀରେ ଶୌଚ ନିମନ୍ତେ କିଛି ପାଣି ମଧ୍ୟ ରଖିଆସନ୍ତି । ଲୋକନାଥ ଝାଡ଼ା ଫେରି ଶୌଚ ହୋଇ ଫେରିବା ପରେ ସେ ପୁଣି ସେସ୍ଥାନକୁ ଯାଇ ଭଲଭାବେ ଝାଡ଼ାକୁ ସଫାକରି ଅନ୍ୟତ୍ର ଫିଙ୍ଗିଦିଅନ୍ତି ।  ସେ ସ୍ଥାନଟିକୁ ସବୁବେଳେ ସଫା ରଖିଥାଆନ୍ତି । ଲୋକନାଥ ସବୁଦିନେ ଏ କାଣ୍ଡ ଦେଖି ଭାବନ୍ତି ବୋଧହୁଏ ବଣର ନୀଚଜାତିର କୌଣସି ଲୋକ ବୃଦ୍ଧ ସାଧୁଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିଦିନ ଏପରି କରୁଛି ।

ମାସ ପରେ ମାସ ଏମିତି ବିତିଗଲା । କିଏ ଏପରି କରୁଛି ଲୋକନାଥ ତାକୁ ଦେଖିପାରିଲେ ନାହିଁ । କିନ୍ତୁ ତାଙ୍କ ମନରେ ଟିକିଏ ଖଟ୍‌କା ଲାଗିଲା । ଭାବିଲେ କେହି ଭକ୍ତ ବୋଧହୁଏ ସାଧୁସେବା କରିବା ଉଦ୍ଦେଶ୍ୟରେ ପ୍ରତିଦିନ ଏ ମେହେନ୍ତର କାର୍ଯ୍ୟ କରୁଛି । କିନ୍ତୁ ତାଙ୍କ ପକ୍ଷରେ ଏ ସେବା ଗ୍ରହଣ କରିବା ବହୁତ ଭୁଲ୍ ହୋଇଛି । ତେଣୁ ସେ ଏହାର ସମାଧାନ କରିବାକୁ ଚାହିଁଲେ । ପରଦିନ ବହୁତ ଅନ୍ଧାରିଆରୁ ଉଠି ଗୋଟିଏ ଗଛ ଆଢୁଆଳରେ ଲୁଚି ଛିଡ଼ାହେଲେ । କିଛି ସମୟ ପରେ ଦେଖିଲେ ଏସବୁ କାଣ୍ଡ ନରୋତ୍ତମ କରୁଛନ୍ତି । ନରୋତ୍ତମଙ୍କୁ ପାଖକୁ ଡାକି ତାଙ୍କୁ ଏପରି କାମ ଆଉ କେବେ କରିବା ଲାଗି ବାରଣ କଲେ । ନରୋତ୍ତମ କିନ୍ତୁ ଗୋସ୍ୱାମୀଙ୍କ ପାଦତଳେ ନିଜକୁ ଲୋଟାଇ ଦେଇ କାନ୍ଦ କାନ୍ଦ ହୋଇ କହିଲେ, 'ପ୍ରଭୁ, ମୁଁ ଆପଣଙ୍କୁ ମୋର ଗୁରୁ ରୂପରେ, ଏକମାତ୍ର ଆଶ୍ରୟ ରୂପରେ ବରଣ କରିଛି । ମୋତେ ପଛେ ଆଉ କିଛି ସେବାରେ ଅଧିକାରୀ ନ କଲେ ନାହିଁ, କିନ୍ତୁ ଏଇ ଟିକକ ସେବାରୁ ବଞ୍ଚିତ କରନ୍ତୁ ନାହିଁ ।' ନରୋତ୍ତମଙ୍କର ଆନ୍ତରିକତାଭରା ଅନୁରୋଧ ଏଥର ଗୋସ୍ୱାମୀଙ୍କ ହୃଦୟକୁ ସ୍ପର୍ଶ କଲା । ସେ ଆଉ କିଛି କହିପାରିଲେ ନାହିଁ । ଖାଲି ଗମ୍ଭୀର ନୀରବ ହୋଇଗଲେ । ଟିକିଏ ସାହସ ପାଇ ନରୋତ୍ତମ ପୁଣି କହିଲେ, 'ପ୍ରଭୁ, ମୁଁ ଆପଣଙ୍କର ପାଦପଦ୍ମରେ ନିଜକୁ ସମର୍ପଣ କରିଦେଇଛି । ଆପଣଙ୍କ ବିନା ମୋର ଆଉ କିଛି ଗତି ନାହିଁ । ଆପଣ ଯଦି ମୋତେ ଶିଷ୍ୟରୂପେ ଗ୍ରହଣ ନ କରନ୍ତି ତେବେ ଏମିତି ଏମିତି ଏ ଜୀବନ ଏ ବୃନ୍ଦାବନମାଟିରେ ଶେଷ କରିଦେବି । ଜୀବନରେ ଆଉ ବା ମୁଁ କ'ଣ କରିବି ?

କରୁଣା-ପ୍ରାର୍ଥୀ ଶିଷ୍ୟର ଆର୍ତ୍ତ ଅନୁରୋଧରେ ଗୋସ୍ୱାମୀଙ୍କର ହୃଦୟ ତରଳିଗଲା । ସେ ନୀରବରେ ସେଦିନ ଚାଲିଗଲେ । କିଛିଦିନ ବିତିଗଲା । ଦିନେ ସେ

ନିଜେ ନରୋତ୍ତମଙ୍କୁ ଦୀକ୍ଷା ଦେବାକୁ ଡାକିଲେ । ନରୋତ୍ତମଙ୍କର ଆନନ୍ଦ ଓ କୃତଜ୍ଞତା ଆଉ ବନ୍ଧ ମାନିଲା ନାହିଁ । ଏକ ପବିତ୍ର ଶ୍ରାବଣ ପୂର୍ଣ୍ଣମୀ ତିଥିରେ ସେ ଲୋକନାଥ ଗୋସ୍ୱାମୀଙ୍କଠାରୁ ଦୀକ୍ଷା ଗ୍ରହଣ କଲେ । ଦୀକ୍ଷା ଗ୍ରହଣ ପରେ ସମ୍ପୂର୍ଣ୍ଣ ରୂପେ ସେ ନିଜକୁ ଗୁରୁସେବାରେ ନିୟୋଜିତ କଲେ । ଲୋକନାଥ ଥିଲେ ଜଣେ ସିଦ୍ଧ ମହାତ୍ମା ଓ ନରୋତ୍ତମ ଥିଲେ ଏକ ଶୁଦ୍ଧ ଆଧାର । ଗୁରୁଭକ୍ତି, ଗୁରୁସେବା ଓ ଗୁରୁଙ୍କ ପ୍ରତି ଅନନ୍ୟ ଉନ୍ମୀଳନ ତଥା ଗୁରୁଙ୍କର ପରମ କୃପା ଓ ପ୍ରତ୍ୟକ୍ଷ ପରିଚାଳନା ଦ୍ୱାରା ଅଳ୍ପ ଦିନରେ ନରୋତ୍ତମ ଗୁରୁଙ୍କର ସମସ୍ତ ସିଦ୍ଧିର ଅଧିକାରୀ ହେଲେ । ସେ ସମୟର ଗୌଡ଼ୀୟ ବୈଷ୍ଣବ ସମାଜରେ ସେ ଆଚାର୍ଯ୍ୟ ସ୍ଥାନୀୟ ସାଧକ ରୂପେ ସମ୍ମାନ ପାଇଲେ । ଏହିପରି ଭାବରେ ଦୀର୍ଘ ଦିନର କଠୋର ପରୀକ୍ଷା ପରେ ଆନ୍ତରିକତାର ବିଜୟ ହେଲା । ସେଇଥିପାଇଁ ମା' କହନ୍ତି :

'You must have a kind of sincerity that is very *austere*.'

'ତୁମର ଆନ୍ତରିକତା ବହୁତ କଠୋର ହେବା ଉଚିତ ।'

ଶେଷରେ ଆମେ ଏତିକି କହିପାରିବା –

ଆନ୍ତରିକ ହେବାହିଁ ତ
ସବୁଥିରେ ବିଜୟର ଚାବି
କିନ୍ତୁ ଫୁଲର ଶେଯ ତା' ନୁହେଁ
କଠୋରତା କରିଥାଏ ଦାବି ।''

# ଆନ୍ତରିକତା ଓ ପ୍ରକୃତିର ପରିବର୍ତ୍ତନ

''ମୁସଲମାନ ପିଲାଟିଏ । ନାଁଟି ତା'ର ଜାଫର । ଆମ ସାଙ୍ଗରେ ପଢ଼େ । ଆମର ପ୍ରତି ଶନିବାର ଦିନ ସ୍କୁଲ୍ ଛୁଟି ପରେ ସ୍କୁଲ୍‌ରେ ଘଣ୍ଟାଏ ଖଣ୍ଡେ ପାଠଚକ୍ର ହୁଏ । ସେଥିରେ ଧ୍ୟାନ, ପ୍ରାର୍ଥନା ଓ ମା' ଶ୍ରୀଅରବିନ୍ଦଙ୍କ ବହି କିଂବା ତାଙ୍କରି ସମ୍ବନ୍ଧେ ବହି ପଢ଼ି ଆଲୋଚନା କରାଯାଏ । ତା'ପରେ ଆମେ ସମସ୍ତେ ଘରକୁ ଆସୁ । ଏଥିରେ ସବୁ ପିଲା ଯୋଗ ଦିଅନ୍ତି ନାହିଁ । କେବଳ ଯେଉଁମାନେ ଆଗ୍ରହୀ ସେଇମାନେ ଯୋଗ ଦିଅନ୍ତି । କିନ୍ତୁ ମୁସଲମାନ ପିଲା କେହି ଆଜି ପର୍ଯ୍ୟନ୍ତ ଯୋଗ ଦେଇ ନାହାନ୍ତି । ଆଜି ଜାଫର ମୋତେ କହୁଥିଲା, ତା'ର ଆମ ପାଠଚକ୍ରରେ ଯୋଗ ଦେବାକୁ ଇଚ୍ଛା ହେଉଛି । ଆର ଥରଠାରୁ ସେ ଆମ ପାଠଚକ୍ରକୁ ଆସିବ । କିନ୍ତୁ ତା' କଥା ଶୁଣି ମୋର ଜଣେ ସାଙ୍ଗ ବିସ୍ମିତା ବିସ୍ମୟ ପ୍ରକାଶ କରି କହୁଛି – ଏଁ ଇଏ ପୁଣି ପାଠଚକ୍ରରେ ଯୋଗଦେବ ! ପଠାଣଗୁଡ଼ାକ ଜମା ଠାକୁରଙ୍କୁ ମାନନ୍ତି ନାହିଁ । ଭାରି ନିଷ୍ଠୁର । ଗୋରୁଗୁଡ଼ାକୁ କାଟି ଖାଇଯା'ନ୍ତି । ତାଙ୍କ ହୃଦୟରେ ଜମା ଭକ୍ତି ଶ୍ରଦ୍ଧା ନାହିଁ । ମୋତେ ତାଙ୍କୁ ଦେଖିଲେ ଡରମାଡ଼େ ।

ତେବେ ଜାଫର କ'ଣ ଆମ ପାଠଚକ୍ରରେ ଯୋଗଦେଇ ପାରିବ ନାହିଁ ? ମୁସଲମାନମାନେ କ'ଣ ସତରେ ନିଷ୍ଠୁର, ନିର୍ଦ୍ଦୟ ? ସେମାନଙ୍କ ହୃଦୟରେ କ'ଣ ଶ୍ରଦ୍ଧା ଭକ୍ତି ଆସିପାରିବ ନାହିଁ ?'' ପଚାରିଲା ଅନୁରକ୍ତା ତା'ର ଭାଇ ଚିନ୍ମୟକୁ ।

''କାହିଁକି ଯୋଗଦେଇ ପାରିବ ନାହିଁ ? ମା' ଶ୍ରୀଅରବିନ୍ଦଙ୍କ ଆଦର୍ଶ ତ କୌଣସି ଧର୍ମର ଆଦର୍ଶ ନୁହେଁ, ଏହା ଏକ ନୂଆ ଆଧ୍ୟାତ୍ମିକତାର ଆଦର୍ଶ । ଆଧ୍ୟାତ୍ମିକତାରେ କୌଣସି ସଂକୀର୍ଣ୍ଣ ଧର୍ମଭାବ ନ ଥାଏ । ଏହାର ଏକମାତ୍ର ଧର୍ମ ହେଉଛି ଭଗବାନଙ୍କ ଲାଗି ସାଧନା କରିବା; ତାଙ୍କୁ ନିଜ ଜୀବନ, କର୍ମ ଓ ସବୁକିଛି ସମର୍ପଣ କରିବା; ଜୀବନରେ ତାଙ୍କୁ ଉପଲବ୍ଧି କରିବା ଓ ପ୍ରକାଶ କରିବା । ଏହା ସବୁ ମଣିଷ, ସବୁ ଧର୍ମକୁ ନିଜ ମଧ୍ୟରେ ଧାରଣ କରିଛି । ଇଏ ହିନ୍ଦୁ, ଇଏ ମୁସଲମାନ, ଇଏ ଖ୍ରୀଷ୍ଟିଆନ ବୋଲି ଲୋକମାନଙ୍କୁ ନ ଦେଖି ଏହା ସମସ୍ତଙ୍କୁ ଭଗବାନଙ୍କର ପ୍ରକାଶ ବୋଲି ଓ ସମସ୍ତଙ୍କ ମଧ୍ୟରେ ସେଇ ଏକ ଭଗବାନ୍ ରହିଛନ୍ତି ବୋଲି ଦେଖେ । ତେଣୁ ଯିଏ ଅନ୍ତରରେ ମା' ଶ୍ରୀଅରବିନ୍ଦଙ୍କର ନୂତନ ସତ୍ୟ, ନୂତନ ଚେତନା, ନୂତନ ଆଦର୍ଶ ପ୍ରତି କିଂବା ଅନ୍ୟ ଭାବରେ କହିଲେ ସ୍ୱୟଂ ମା' ଶ୍ରୀଅରବିନ୍ଦଙ୍କ ପ୍ରତି ଏକ ଅଜଣା ଆକର୍ଷଣ ଅନୁଭବ

କରେ ସେ ବିନା ବାଧାରେ ପାଠଚକ୍ରରେ ଯୋଗ ଦେଇପାରେ । ସେ ଯେଉଁ ଧର୍ମର, ଯେଉଁ ଜାତିର, ଯେଉଁ ସମ୍ପ୍ରଦାୟର ଲୋକ ହେଉ ପଛେ ।

ନିଷ୍ଠୁରତା, ଭଗବାନଙ୍କ ପ୍ରତି ଅଶ୍ରଦ୍ଧା ଓ ଭକ୍ତିହୀନତା ଯେ ଖାଲି ମୁସଲମାନଙ୍କର ଥାଏ ତା' ନୁହେଁ, ତାହା ମଣିଷ ପ୍ରକୃତିର ଏକ ଅନ୍ଧକାରମୟ ଦିଗ । ଯେକୌଣସି ଧର୍ମର ଲୋକମାନଙ୍କ ମଧ୍ୟରେ ତାହା ଦେଖାଯାଇଥାଏ । ତଥାପି ମଣିଷ କେଉଁଠି ରହୁଛି, କେଉଁମାନଙ୍କ ସଙ୍ଗରେ ରହୁଛି, କ'ଣ ଖାଉଛି ତା' ଉପରେ ମଧ୍ୟ ଅନେକ ସମୟରେ ତା'ରି ସ୍ୱଭାବ ନିର୍ଭର କରିଥାଏ । ତେବେ ଯେଉଁମାନଙ୍କର ଆତ୍ମା ଜନ୍ମ ଜନ୍ମ ଧରି ବିକାଶ କରିଆସିଛି ଓ ଯେଉଁମାନଙ୍କ ଜୀବନରେ ଭଗବାନଙ୍କ କୃପାଲାଭ କରିବାର ସମ୍ଭାବନା ଅଛି ସେମାନେ ଯେଉଁ ପରିବେଶ ଭିତରେ ଥାଆନ୍ତୁ ନା କାହିଁକି ନିଶ୍ଚୟ ଦିନେ ଭଗବାନଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି । ତୁ ଭକ୍ତ ସାଲବେଗଙ୍କ କଥା ଶୁଣିଛୁ ?'' ପଚାରିଲା ଚିନ୍ମୟ ଅନୁରକ୍ତାକୁ ।

''ସିଏ କ'ଣ ମୁସଲମାନ ?''

''ହଁ, ସିଏ ମୁସଲମାନ ଥିଲେ ।''

''ନା, ମୁଁ ତାଙ୍କ ନାମ ଜାଣି ନାହିଁ ।''

''ଜାଣିନୁ ସେଇ 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ' ପ୍ରାର୍ଥନା ଗୀତଟିକୁ ?''

''ହଁ, ତାକୁ ଜାଣିଛି । ସିଏତ ଆମ ସ୍କୁଲ୍ ପ୍ରାର୍ଥନାସଭାରେ କିଛିଦିନ ବୋଲା ଯାଉଥିଲା । ବହୁତ ଭଲ ଗୀତ । ବୋଲିଲେ କେଡ଼େ ସୁନ୍ଦର ଲାଗେ ! ଆଉ ମନରେ ଆପେ ଆପେ ଭଗବାନଙ୍କ ପ୍ରତି ଭକ୍ତି ଆସେ ।''

''ସେଇ ଗୀତ ଯିଏ ଲେଖିଛନ୍ତି ସିଏ ହେଉଛନ୍ତି ଜଣେ ମୁସଲମାନ । ତାଙ୍କ ନାମ ସାଲବେଗ । ସେଇଥିପାଇଁ ସେ ଗୀତରେ ଶେଷ ଆଡ଼କୁ ନାହିଁ, 'କହେ ସାଲବେଗ ହୀନ ଜାତିରେ ମୁଁ ଯବନ' ବୋଲି ?''

''ହଁ, ହଁ, ଅଛି । ମୋର ସେଥିପ୍ରତି ନଜର ନ ଥିଲା । ଓ ! ସେ ସାଲବେଗ ଜଣେ ମୁସଲମାନ ? ସିଏ କେମିତି ଠାକୁରଙ୍କ ପ୍ରତି ଆକୃଷ୍ଟ ହେଲେ କୁହ ।''

''ସିଏ ବହୁତ ଦିନ ତଳର କଥା । ସେତେବେଳେ ଆମ ଦେଶକୁ ମୋଗଲମାନେ ଶାସନ କରୁଥିଲେ । ତୁ କୌଣସି ମୋଗଲ ସମ୍ରାଟଙ୍କ ନାଁ ଜାଣିଛୁ ?''

''ହଁ, ଜଣକ ନାଁ ସ୍କୁଲ୍‌ରେ ଶୁଣିଥିଲି । ତାଙ୍କ ନାଁ ଶାହାଜାହାନ, ଯିଏ ତାଜମହଲ ତିଆରି କରିଛନ୍ତି ।''

''ତୁମର ଯେତେବେଳେ ଇତିହାସ ପଢ଼ାଯିବ ସେତେବେଳେ ତୁ ଅନ୍ୟମାନଙ୍କ କଥା ଜାଣିବୁ । ସେଇ ମୋଗଲମାନଙ୍କ ସମୟରେ ଆମ ଓଡ଼ିଶାରେ ସେମାନଙ୍କର ଗୋଟିଏ ଘାଟି ଜାଗା ଥିଲା । ସେଇଠି ରହି ସେମାନେ ଓଡ଼ିଶାକୁ ଶାସନ କରୁଥିଲେ । ଲୋକମାନଙ୍କର ଧନରତ୍ନ ଲୁଣ୍ଠନ କରି ନେଉଥିଲେ । ସ୍ତ୍ରୀଲୋକମାନଙ୍କ ପ୍ରତି ନାନା ପ୍ରକାର ଅତ୍ୟାଚାର କରୁଥିଲେ । ସେଇ ଘାଟିଟି ଥିଲା କଟକ ସହରର ଲାଲବାଗରେ । ପୂର୍ବେ ତା'ର ନାମ ଥିଲା ରାଜଭବନ । ଏବେ ତା'ର ନାମ ହୋଇଛି ସର୍ଦ୍ଦାର ପଟେଲ ହଲ । ଏଇଠି ରହି ମୋଗଲ ସୈନ୍ୟମାନେ ଅନେକ ସମୟରେ ପୁରୀ ମନ୍ଦିର ଲୁଣ୍ଠନ କରିବାକୁ ଯାଉଥିଲେ । ପୁରୀର ଶ୍ରୀଜଗନ୍ନାଥଙ୍କୁ ଭକ୍ତମାନେ ଅନେକ ଟଙ୍କା, ସୁନା, ଧନରତ୍ନ ଦାନ କରୁଥିଲେ ବୋଲି ସେମାନେ ଜାଣୁଥିଲେ । ତେଣୁ ବାରଂବାର ସେମାନେ ପୁରୀ ମନ୍ଦିର ଲୁଣ୍ଠନ କରି ବହୁ ଧନରତ୍ନ ନେଇ ଆସୁଥିଲେ । ପୁରୀର ରାଜା ଭୟରେ ମଧ୍ୟ ସେମାନଙ୍କୁ ଅନେକ ଧନରତ୍ନ ଦେଇ ଫେରାଇ ଦେଉଥିଲେ । ପୁରୀ ଗଲାବେଳେ ସେମାନେ ଘୋଡ଼ାରେ ଯାଆନ୍ତି । ବାଟରେ ବିଭିନ୍ନ ଗ୍ରାମମାନଙ୍କରେ ଛାଉଣୀ ପକାଇ ବିଶ୍ରାମ ନେଇ ନେଇ ଯାଆନ୍ତି । ଯେଉଁ ଗ୍ରାମମାନଙ୍କରେ ସେମାନେ ଛାଉଣୀ ପକାନ୍ତି ସେ ଗ୍ରାମରୁ ମଧ୍ୟ ଖାଦ୍ୟ ପଦାର୍ଥ ଓ ଧନରତ୍ନ ଲୁଣ୍ଠନ କରନ୍ତି ଓ ଝିଅବୋହୂମାନଙ୍କ ଉପରେ ଅତ୍ୟାଚାର କରନ୍ତି । ତେଣୁ ସେମାନଙ୍କ ଆସିବାର ଖବର ପାଇଲେ ଗାଁ ଛାଡ଼ି ଲୋକମାନେ ଦୂରକୁ ପଳାଉଥିଲେ ।

ଥରେ ମୋଗଲ ସୈନ୍ୟମାନେ ପୁରୀ ଯାଉଥା'ନ୍ତି । ବାଟରେ ଦାଣ୍ଡମୁକୁନ୍ଦପୁର ବୋଲି ଗୋଟିଏ ଗ୍ରାମରେ ଛାଉଣୀ ପକାଇ ବିଶ୍ରାମ କଲେ । ସେମାନେ ଆସୁଛନ୍ତି ବୋଲି ଆଗରୁ ଖବର ପାଇ ସେ ଗାଁରୁ ସବୁଲୋକ ଗାଁ ଛାଡ଼ି ପଳାଇ ଯାଇଥିଲେ । ଗୋଟିଏ ଅଳ୍ପ ବୟସର ବିଧବା ବ୍ରାହ୍ମଣୀଟିଏ ଘର ଛାଡ଼ି ଯାଇପାରି ନ ଥିଲା । କାରଣ ତା'ର କେହି ନ ଥିଲେ, କି ତାକୁ କେହି ସଙ୍ଗରେ ନେଲେ ନାହିଁ । ଘର ଭିତରେ ଯେତେବେଳ ପର୍ଯ୍ୟନ୍ତ ଥିଲା ସେ କାହାରି ନଜରରେ ପଡ଼ି ନ ଥିଲା । କିନ୍ତୁ ପରଦିନ ସକାଳୁ ଗାଧୋଇବା ଲାଗି ତାକୁ ବାହାରକୁ ବାହାରିବାକୁ ହେଲା ।''

''କାଇଁ, ସେ ଦିନକ ଘର ଭିତରେ କାହିଁକି ରହିଗଲା ନାହିଁ ? ସୈନ୍ୟମାନେ ଚାଲି ଯାଇଥିଲେ ବାହାରକୁ ଆସିଥା'ନ୍ତା ।'' କହିଲା ଅନୁରକ୍ତା ।

''ବିଧବା ବ୍ରାହ୍ମଣୀମାନେ ବହୁତ ନିଷ୍ଠାର ସହ ନୀତି ନିୟମ ସବୁ ମାନି ଚଳନ୍ତି । ସେମାନେ ଖୁବ୍ ସକାଳୁ ଗାଧୋଇବା ପାଇଁ ସମାଜର ନିୟମ । ସେମାନେ ବି ତାକୁ ମାନି ନେଇଥା'ନ୍ତି । ଭାବନ୍ତି ସକାଳୁ ନ ଗାଧୋଇଲେ କିଂବା ଅନ୍ୟ ନୀତି ନିୟମ ସବୁ ନ ମାନିଲେ ପାପ ହେବ, ମଲାପରେ ନର୍କରେ ପଡ଼ିବେ । ଏଇ ଭୟ ଯୋଗୁଁ ସେ

ବିଧବା ବ୍ରାହ୍ମଣୀଟି ଦୁଆର ଖୋଲି ଗାଁ ପୋଖରୀକୁ ଗାଧୋଇବା ଲାଗି ଆସିଲା । ଭୟରେ ଚାରିଆଡ଼କୁ ଚାହିଁ ଚାହିଁ ଆସୁଛି ତାକୁ ଯେପରି କେହି ଦେଖି ପାରିବେ ନାହିଁ । କିନ୍ତୁ ଯେତେହେଲେ କ'ଣ ହେବ ଗୋଟାଏ ଦୁର୍ଦାନ୍ତ ମୋଗଲ ସୈନ୍ୟର ହାବୁଡ଼େ ସେ ପଡ଼ିଗଲା । ସେ ବ୍ରାହ୍ମଣୀଟି ଖୁବ୍ ସୁନ୍ଦର ଦେଖାଯାଉଥିଲା । ତା' ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ମୋଗଲ ସୈନ୍ୟଟି ତାକୁ ଜୋର୍‌କରି ଧରିନେଇ କଟକ ପଳାଇ ଆସିଲା । ବ୍ରାହ୍ମଣୀଟି ବାଧା ଦେଇପାରିଲା ନାହିଁ । ବାଧା ଦେଇଥିଲେ ତାକୁ କିଏ ବା ରକ୍ଷା କରିଥା'ନ୍ତା ?

ଯେଉଁ ମୋଗଲ ସୈନ୍ୟଟି ତାକୁ ଧରି ଆଣିଲା ତା'ର ନାମ ଲାଲବେଗ୍ । ଲାଲବେଗ୍ ସେ ବ୍ରାହ୍ମଣୀଟିକୁ ନିଜର ସ୍ତ୍ରୀ ଭଳି ରଖିଲା । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ହେଲା । ପୁଅଟିର ନାମ ଦେଲେ ସାଲବେଗ । ସାଲବେଗ ତାଙ୍କ ମା'ଙ୍କ ଭଳି ଦେଖିବାକୁ ଖୁବ୍ ସୁନ୍ଦର ଥିଲେ; କିନ୍ତୁ ବାପାଙ୍କର ସୈନିକ କାର୍ଯ୍ୟ ପ୍ରତି ସେ ଆକୃଷ୍ଟ ହେଲେ । ପିଲାଦିନେ ମା' ତାଙ୍କର ତାଙ୍କୁ ଅନେକ ଶାସ୍ତ୍ରପୁରାଣ ଗଳ୍ପମାନ ଶୁଣାଉଥିଲେ । କିନ୍ତୁ ସାଲବେଗଙ୍କ ଉପରେ ସେସବୁର ପ୍ରଭାବ ସେତେବେଳେ ପଡୁଥିବା ପରି ଜଣାଯାଉ ନ ଥିଲା । ସେ ବାପାଙ୍କଠାରୁ ଘୋଡ଼ାଚଢ଼ା, ଅସ୍ତ୍ରଚାଳନା, ଲୁଣ୍ଠନବିଦ୍ୟା ସବୁ ଶିଖି ସେଇଥିରେ ମାତି ରହିଲେ ।

ସବୁଦିନ ସମାନ ଯାଏ ନାହିଁ । ଯିଏ ଯେଉଁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ସେ ସେଇ କାର୍ଯ୍ୟ ନିଜେ ଇଚ୍ଛାକରି ନ କଲେ ବେଳେବେଳେ ଆଘାତ ପାଇ ସେଇ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥାଏ । ସାଲବେଗଙ୍କ ଜୀବନରେ ସେଇପରି ଏକ ଘଟନା ଘଟିଲା । ବାପାଙ୍କ ସଙ୍ଗରେ ସେ ଦିନେ ଘୋଡ଼ାରେ ଚଢ଼ି ଲୁଣ୍ଠନ କରିବାକୁ ଯାଇଥିଲେ । ବାଟରେ ଘୋଡ଼ା ଉପରୁ ହଠାତ୍ ପଡ଼ିଗଲେ । ତାଙ୍କର ହାତ, ଗୋଡ଼ ଓ ମେରୁଦଣ୍ଡର ହାଡ଼ରେ ଭୀଷଣ ଆଘାତ ଲାଗିଲା । ଦେହସାରା ଖଣ୍ଡିଆ ଖାବରା ହୋଇଗଲା । ସେ ଚେତାଶୂନ୍ୟ ହୋଇ ପଡ଼ି ରହିଲେ । ତାଙ୍କ ବାପା ତାଙ୍କୁ ଆଣି ଘରେ ରଖି ଚିକିତ୍ସାର ବ୍ୟବସ୍ଥା କଲେ । କିନ୍ତୁ କୌଣସିଥିରେ ସେ ଆରୋଗ୍ୟ ଲାଭ କଲେ ନାହିଁ । ତାଙ୍କ ଦେହର ଯନ୍ତ୍ରଣା ଦିନକୁ ଦିନ ବଢ଼ିବାକୁ ଲାଗିଲା । ତାଙ୍କ ବାପା ଜାଣିଲେ ଯେ ସାଲବେଗଙ୍କ ମାଆ ଆଉ ପୂର୍ବଭଳି ସୁନ୍ଦର ଦେଖାଯାଉ ନ ଥିଲେ । ତାଙ୍କର ବୟସ ବଢ଼ି ଯାଇଥିଲା । ତେଣୁ ତାଙ୍କ ବାପା ତାଙ୍କୁ ଛାଡ଼ି ଚାଲିଗଲେ । ଆଉ ତାଙ୍କୁ ପଚାରିଲେ ନାହିଁ । ଚୋର, ଡକାୟତ, ନିଷ୍ଠୁର ହୃଦୟ କାମୁକ ଲୋକମାନେ ଏଇପରି ହୋଇଥା'ନ୍ତି ।''

''ସେଇଠୁ ସାଲବେଗ ଓ ତାଙ୍କ ମା' କ'ଣ କଲେ ?''

''କ'ଣ ଆଉ କରିବେ ? ପାଖରେ ତ ତାଙ୍କର ସେପରି ଧନରତ୍ନ ନ ଥିଲା । ରୋଗିଣା ପୁଅକୁ ଛାଡ଼ି ମାଆ ବା କୁଆଡ଼େ କାମ କରିବାକୁ ଯିବେ ? ସେତେବେଳେ ଏଇଭଳି ଅନାଥିନୀ, ନିରାଶ୍ରୟା ଲୋକମାନଙ୍କୁ ପୁରୀର ବିଭିନ୍ନ ମଠବାଡ଼ିମାନଙ୍କରେ ଆଶ୍ରୟ ମିଳୁଥିଲା । ସାଲବେଗଙ୍କ ମା' ପୂର୍ବରୁ ତ ହିନ୍ଦୁନାରୀ ଥିଲେ; ତା' ଛଡ଼ା ଜଗନ୍ନାଥଙ୍କ ପ୍ରତି ଅନ୍ତରରେ ତାଙ୍କର ଅଚଳା ଭକ୍ତି ଥିଲା । ସେ ରୋଗିଣା ପୁଅକୁ ଧରି ପୁରୀ ଚାଲିଗଲେ ଓ ସେଠାରେ କୌଣସି ଏକ ମଠରେ ଆଶ୍ରୟ ନେଲେ ।

ଦିନକୁ ଦିନ ସାଲବେଗଙ୍କର ଯନ୍ତ୍ରଣା ବଢୁଥାଏ । ଦିନେ ସେ ମା'କୁ ପଚାରିଲେ, 'ମା, ମୁଁ କ'ଣ ଆଉ ବଞ୍ଚିବି ନାହିଁ ?' ମା' ଲୁହ ଛଳଛଳ ଆଖିରେ କହିଲେ, 'ଦେଖ୍ ସାଲବେଗ ! ତୁ ନିଶ୍ଚୟ ବଞ୍ଚିବୁ, କିନ୍ତୁ ମୁଁ ଯାହା କହିବି ଯଦି ସେକଥା ତୁ ମାନୁ ।' 'ନିଶ୍ଚୟ ମାନିବି ମା, ତୁମେ ଯାହା କହିବ ତା' ମାନିବି । କ'ଣ କରିବି କୁହ', ସାଲବେଗ ଆକୁଳ ହୋଇ କହିଲେ । ମା' କହିଲେ, 'ତେବେ ଶୁଣ, ତୁ ଯଦି ସବୁଛାଡ଼ି ଭଗବାନ୍ ଶ୍ରୀକୃଷ୍ଣଙ୍କ ଆଶ୍ରୟ ନେଉ, ନିଜକୁ ତାଙ୍କୁ ସମର୍ପଣ କରୁ, ତାଙ୍କୁ ଦିନରାତି ଧ୍ୟାନ, ପ୍ରାର୍ଥନା କରୁ ତେବେ ନିଶ୍ଚୟ ତାଙ୍କ କୃପାରୁ ଭଲ ହୋଇଯିବୁ ।'

ବୁଡ଼ି ଯାଉଥିବା ଲୋକ ଯେପରି ଭାସି ଯାଉଥିବା କୁଟା ଖଣ୍ଡକୁ ବି ଧରି ରକ୍ଷା ପାଇବାକୁ ଚାହେଁ, ସେଇପରି ସାଲବେଗ ମା'ଙ୍କ କଥା ଶୁଣି ବହୁତ ଆଶା ଓ ଆଶ୍ୱାସନା ଲାଭ କଲେ । ଉଦ୍‌ବେଗ ଭରା ହୃଦୟରେ ମା'ଙ୍କୁ କହିଲେ, 'ମା', ଶ୍ରୀକୃଷ୍ଣଙ୍କ ରୂପ ତ କିପରି ମୁଁ ଦେଖି ନାହିଁ, ତାଙ୍କୁ କିପରି ଧ୍ୟାନ, ପ୍ରାର୍ଥନା କରିବି ?' ପୁଅର ଆଗ୍ରହ ଦେଖି ମାଆ ବହୁତ ଖୁସି ହେଲେ । ଗର୍ବୀ, ଉଦ୍ଧତ, ନିଷ୍ଠୁର, ଲୁଣ୍ଠନକାରୀର ପୁତ୍ର ଯେ ଶେଷକୁ ତାଙ୍କ ବାଟକୁ ଆସିଛି ସେଥିଲାଗି ମନେ ମନେ ସେ ଜଗନ୍ନାଥଙ୍କୁ କେତେ କୃତଜ୍ଞତା ଜଣାଇଗଲେ । କେଉଁ କାଳରୁ ତାଙ୍କ ପାଖରେ ଥିବା ଏକ ପେଟି ଭିତରୁ ଲୁଗାପଟା ତଳୁ ଶ୍ରୀକୃଷ୍ଣଙ୍କର ଏକ ଫଟୋ ବାହାର କଲେ । ଫଟୋଟିରେ ଶ୍ରୀକୃଷ୍ଣ ତ୍ରିଭଙ୍ଗୀ ଠାଣିରେ ବଂଶୀ ଧରି ହସ ହସ ବଦନରେ ଠିଆ ହୋଇଥା'ନ୍ତି । ଆଖିରୁ କରୁଣା ଆଉ ଅଭୟର ଜ୍ୟୋତିଃ ବିକୀର୍ଣ୍ଣ ହେଉଥାଏ । ସେ ଛବିକୁ ଦେଖି ସାଲବେଗ ଏକେବାରେ ଅଭିଭୂତ ହୋଇ ପଡ଼ିଲେ । ମା'ଙ୍କୁ କହିଲେ 'ମା', ତୁ କିପରି ଏ ଛବି ପାଇଲୁ ? ମାଆ ତାଙ୍କର ଜୀବନର ପୂର୍ବ ଘଟନାସବୁ ବର୍ଣ୍ଣନା କଲେ – କିପରି ସେ ହିନ୍ଦୁ ବିଧବା ବ୍ରାହ୍ମଣୀ ଥିଲେ, ଲାଲବେଗ ତାଙ୍କୁ ବଳାତ୍କାର କରି ଆଣି ବିବାହ କଲା, ଏବେ ତାଙ୍କର ଆଉ ପୂର୍ବ ରୂପଯୌବନ ନ ଥିବାରୁ ଓ ତା'ର (ସାଲବେଗର) ଆଉ ବଞ୍ଚିବାର ଆଶା ନ ଥିବାରୁ ସେ କିପରି ତାଙ୍କୁ ତ୍ୟାଗ କରି ଚାଲିଗଲା, ସେ କିପରି ଅତି ଯତ୍ନରେ ଏ ଫଟୋଟିକୁ ତା' ବାପାଠାରୁ ଲୁଚାଇ ରଖିଥିଲେ । ସାଲବେଗ ଆଶ୍ଚର୍ଯ୍ୟ ହୋଇ ମା'ଙ୍କଠାରୁ ସବୁକଥା

ଶୁଣିଲେ । ହଠାତ୍ ସେ ଅନୁଭବ କଲେ ଯେପରି ନିଜ ଭିତରୁ ଏକ ଦୀର୍ଘ ଦିନର କଳା ପରଦା ଅପସାରିତ ହୋଇଯାଉଛି । ସେଇଦିନଠାରୁ ସେଇ ଭୁବନମୋହନ କରୁଣାସାଗର ଶ୍ରୀକୃଷ୍ଣହିଁ ହେଲେ ତାଙ୍କର ଏକମାତ୍ର ଧ୍ୟାନର ବସ୍ତୁ । ହୃଦୟରେ ତାଙ୍କରି ଚିନ୍ତା ଛଡ଼ା ଆଉ କିଛି ଚିନ୍ତା ତାଙ୍କର ନ ଥିଲା । ତାଙ୍କ ମାଆ ବି ତାଙ୍କ ସହ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ଏକମାତ୍ର ପୁଅ ଯେତେବେଳେ ଅଧୈର୍ଯ୍ୟ ହୋଇ ପଡ଼େ – କାହିଁ ମାଆ, ଶ୍ରୀକୃଷ୍ଣ ତ ମୋ ପ୍ରାର୍ଥନା ଶୁଣିଲେ ନାହିଁ ? ମୋ ଶରୀରର ଯନ୍ତ୍ରଣା ତ କମିଲା ନାହିଁ ? – ସେତେବେଳେ ମାଆ ତାକୁ ସାନ୍ତ୍ୱନା ଦେଇ କହନ୍ତି – ସେ ନିଶ୍ଚୟ ଶୁଣିବେ । ତାଙ୍କ ପାଇଁ କିଛି କଥା ଅସାଧ୍ୟ ନୁହେଁ । ତୋତେ ଖାଲି ତୋ'ର ସମର୍ପଣ, ଧ୍ୟାନ, ପ୍ରାର୍ଥନାରେ ଲାଗି ରହିବାକୁ ହେବ । ଉପଯୁକ୍ତ ସମୟରେ ତୁ ତାଙ୍କ କୃପା ଲାଭ କରିବୁ । ସେଇଆ ହେଲା । ଦିନେ ରାତିରେ ସାଲବେଗ ସ୍ୱପ୍ନରେ ଦେଖିଲେ ତାଙ୍କର ଆରାଧ୍ୟ ଦେବତା ଶ୍ରୀକୃଷ୍ଣ ତାଙ୍କର ଭୁବନମୋହନ ଜ୍ୟୋତିର୍ମୟ ରୂପ ନେଇ ତାଙ୍କ ମୁଣ୍ଡ ପାଖେ ବସି ତାଙ୍କୁ ଆଶ୍ୱାସନା ଦେଇ କହୁଛନ୍ତି, 'ସାଲବେଗ, ଏଇ ବିଭୂତି ନେ । ୟାକୁ ତୋ' ଶରୀରରେ ବୋଳିଦେଲେ ତୋ' ଶରୀର ଆରୋଗ୍ୟ ହୋଇଯିବ ।' ସାଲବେଗ ସେ ବିଭୂତି ଆଣି ଶରୀରରେ ବୋଳିହେଲେ । ଶ୍ରୀକୃଷ୍ଣଙ୍କ ଦର୍ଶନରେ କି ଗଭୀର ଶାନ୍ତି ! କି ଗଭୀର ଆନନ୍ଦ ! ନିଦ ଭାଙ୍ଗିଲା ବେଳକୁ ତାଙ୍କ ଶରୀର ମନ ପ୍ରାଣରେ ଟିକିଏ ବି ଯନ୍ତ୍ରଣା ନାହିଁ । ଭଙ୍ଗା ହାଡ଼ ତାଙ୍କର ଯୋଡ଼ି ହୋଇଯାଇଛି । ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଓ କୃତଜ୍ଞତାରେ ଆଖିରୁ ଧାର ଧାର ଲୁହ ବୋହିଯାଉଛି । ସେଇ ଅବସ୍ଥାରେ ସେ ମାଆଙ୍କ ପାଖକୁ ଦଉଡ଼ିଗଲେ । ରାତ୍ରିର ସବୁ ଘଟନା ତାଙ୍କୁ କହିଲେ । ଆନନ୍ଦ ଆଉ କୃତଜ୍ଞତାରେ ମାଆଙ୍କ ଆଖିରୁ ବି ଲୁହ ଝରି ପଡ଼ିଲା । କହିଲେ, 'ସାଲବେଗ, ତୋ ଜୀବନ ଧନ୍ୟ ହେଲା । ତୁ ସେଇ ଜଗତ୍ କରତାଙ୍କର ଦର୍ଶନ ପାଇଲୁ, ଯାହାଙ୍କୁ ମୁନିଋଷିମାନେ ତପସ୍ୟା କରି କରି ପାଉ ନାହାନ୍ତି ।' କିନ୍ତୁ ସାଲବେଗ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ । କହିଲେ, 'ମାଆ, ମୁଁ କେଡ଼େ ଅଧମ । ଜୀବନ ସାରା ତାଙ୍କୁ ଚିନ୍ତା ନ କରି ଖାଲି ଅତ୍ୟାଚାର, ଲୁଣ୍ଠନରେ ମାତିଥିଲି । କାଲି ରାତିରେ ସେ ଆସିଲେ, ତାଙ୍କୁ ଟିକିଏ ପ୍ରଣାମ କରିପାରିଲି ନାହିଁ, ତାଙ୍କ ସଙ୍ଗେ ଟିକିଏ କଥାବାର୍ତ୍ତା ହୋଇପାରିଲି ନାହିଁ । ନା ମାଆ, ମୁଁ ଆଉ ଏ ସଂସାରରେ ରହିପାରିବି ନାହିଁ । ମୁଁ ତାଙ୍କୁ ପୁଣି ଦର୍ଶନ କରିବି । ସାରା ଜୀବନ ତାଙ୍କରି ପ୍ରାର୍ଥନା, ତାଙ୍କରି ଧ୍ୟାନରେ କଟାଇବି । ଏହା କହି ସେ ପିନ୍ଧିଥିବା ଲୁଗା ଖଣ୍ଡକୁ ଚିରି ଖଣ୍ଡେ କୌପୀନ କଲେ ଓ ଅନ୍ୟ ଖଣ୍ଡକୁ ଗାମୁଛା ଭଳି ଦେହରେ ପକାଇ ମା'ଙ୍କୁ ପ୍ରଣାମ କରି ସନ୍ନ୍ୟାସୀ ହୋଇ ଘରୁ ବାହାରି ଗଲେ । ମା' ବି ପୁଅର ଏ ଆଚରଣ ଦେଖି ଖୁସି ହୋଇ ତାଙ୍କୁ ଆଶୀର୍ବାଦ କରି ନିଜେ ବି ସନ୍ନ୍ୟାସିନୀ ହୋଇଗଲେ ।

ଏଇରୂପେ ଆନ୍ତରିକ ପ୍ରାର୍ଥନା ମା' ପୁଅଙ୍କର ଜୀବନକୁ ପୂରା ବଦଳାଇ ଦେଲା । ଗୋଟିଏ ଉଦ୍ଧତ, ଗର୍ବୀ, ଅତ୍ୟାଚାରୀ, ଲୁଣ୍ଠନକାରୀ ଯୁବକ ପରମ ଭକ୍ତରେ ପରିଣତ ହେଲା । ସେଥିପାଇଁ ଶ୍ରୀମା କହନ୍ତି :

'Sincerity is safety, protection, guide; ultimately it is the transforming power.'

'ଆନ୍ତରିକତା ହେଉଛି ନିରାପତ୍ତା, ସୁରକ୍ଷା, ପଥପ୍ରଦର୍ଶକ ଓ ପରିଶେଷରେ ଏହାହିଁ ହୋଇଉଠେ ରୂପାନ୍ତରକାରିଣୀ ଶକ୍ତି ।'

ତାହାହିଁ ସାଲବେଗଙ୍କ ଜୀବନରେ ହେଲା । ତାଙ୍କର ଆନ୍ତରିକ ପ୍ରାର୍ଥନା ତାଙ୍କ ଜୀବନ ରକ୍ଷା କଲା, ତାଙ୍କୁ ନୂତନ ଓ ଯଥାର୍ଥ ମାର୍ଗ ଦେଖାଇଲା ଓ ଶେଷରେ ତାଙ୍କ ଜୀବନକୁ ଓ କର୍ମକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ମା'ଙ୍କ ଚରଣ ଧୂଳି ମଥାରେ ମାରି ସେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଚାଲିଲେ । ଅବଶ୍ୟ ସେ ମୁସଲମାନ ଥିବାରୁ ତାଙ୍କୁ ମନ୍ଦିରରେ ପ୍ରବେଶ କରିବାର ଅଧିକାର ମିଳିଲା ନାହିଁ । ମନ୍ଦିର ଦୁଆରେ ରହି ଖଞ୍ଜଣି ବଜାଇ ବିଭୋର ହୋଇ ସେ ଜଗନ୍ନାଥଙ୍କ ଜଣାଣ ଗାଆନ୍ତି । ଅସମ୍ଭବରୂପେ ହୃଦୟରୁ ତାଙ୍କର ଭକ୍ତିରସଭରା ପ୍ରାର୍ଥନାସବୁ ଉଚ୍ଚାରିତ ହୁଏ । ତାଙ୍କର ଖଞ୍ଜଣିମାଡ଼ ସହ ମର୍ମସ୍ପର୍ଶୀ ଭଜନ ଯେଉଁମାନେ ଶୁଣନ୍ତି ସେମାନେ ବି ଭକ୍ତିଭାବରେ ବିଭୋର ହୋଇପଡ଼ନ୍ତି । ନିଷ୍ଠୁର, ଅତ୍ୟାଚାରୀ ମୁସଲମାନ ବି ଏପରି ହରିଭକ୍ତିରେ ପାଗଳ ହୋଇପାରେ ତାହା କେହି କଳ୍ପନା କରିପାରନ୍ତି ନାହିଁ । କିନ୍ତୁ ସବୁ ଶକ୍ତି, ସବୁ ଜ୍ଞାନର ମାଲିକ ଯେଉଁ ଭଗବାନ୍ ସବୁଆଡ଼େ ବ୍ୟାପି ରହିଛନ୍ତି ତାଙ୍କ ପକ୍ଷରେ କିଛି ଅସମ୍ଭବ ନୁହେଁ । ଆମେ ଖାଲି ଆନ୍ତରିକ ହେଲେ ହେଲା ।''

''କିନ୍ତୁ ଗୋଟିଏ କଥା ଲାଗି ମୋ ମନରେ ଦୁଃଖ ହେଉଛି । ସାଲବେଗ ଏତେ ଜଗନ୍ନାଥଙ୍କୁ ଭଲ ପାଉଥିଲେ, ତାଙ୍କୁ ମନ୍ଦିର ଭିତରକୁ କାହିଁକି ଛାଡୁ ନ ଥିଲେ ? ତାଙ୍କ ମନରେ କେତେ ଆଘାତ ଲାଗୁ ନ ଥିବ !''

''ସାଲବେଗ ମୁସଲମାନ ଥିବାରୁ ତାଙ୍କୁ ଜଗନ୍ନାଥ ମନ୍ଦିର ମଧ୍ୟକୁ ପଣ୍ଡାମାନେ ଛାଡୁ ନ ଥିଲେ । କେବଳ ହିନ୍ଦୁ ଧର୍ମର ଲୋକଙ୍କ ଛଡ଼ା ଅନ୍ୟ କୌଣସି ଧର୍ମର ଲୋକଙ୍କୁ ମନ୍ଦିର ଭିତରକୁ ସେମାନେ ଛାଡ଼ନ୍ତି ନାହିଁ । ଏହା ଏକ ସଂକୀର୍ଣ୍ଣ ଧର୍ମାନ୍ଧତା । ଜଗନ୍ନାଥ କ୍ଷେତ୍ର ସବୁ ଧର୍ମର ସମନ୍ୱୟ କ୍ଷେତ୍ର । ନିଜେ ଜଗନ୍ନାଥ ସମସ୍ତ ଜଗତର ନାଥ । ସେ କେବଳ ହିନ୍ଦୁର ନୁହନ୍ତି । ସେ କେବଳ ତାଙ୍କ ଭକ୍ତର, ସେ ଜାତିରେ ଯାହା ବି ହେଉ କିଂବା ଯେଉଁଠି ଥାଉ ।

ଆଧ୍ୟାତ୍ମିକତାରେ ଏସବୁ ସଂକୀର୍ଣ୍ଣ ଭେଦଭାବ ନ ଥାଏ । ଦିନ ଆସିବ, ଦିନେ ଆଧ୍ୟାତ୍ମିକତାର ପ୍ରବଳ ସୁଅରେ ଧର୍ମର ଏସବୁ କ୍ଷୁଦ୍ର ସଂକୀର୍ଣ୍ଣ ଭାବଧାରା, ଆଚାର ବ୍ୟବହାର କୁଆଡ଼େ ଭାସିଯିବ । ମନ୍ଦିର ଭିତରକୁ ଯିବା ନିଷେଧ ଫଳରେ ସାଲବେଗ ମନରେ ନିଶ୍ଚୟ ଆଘାତ ପାଉଥିବେ । କାରଣ ତାଙ୍କ ପ୍ରାର୍ଥନା ଗୀତର ଶେଷଆଡ଼କୁ ନିଜକୁ 'ହୀନ ଯବନ' ବୋଲି କହିଛନ୍ତି । କିନ୍ତୁ ସେଥିଲାଗି ତାଙ୍କର ଦୁଃଖ କି ଅନୁଶୋଚନା ନ ଥିଲା । କାରଣ ମନ୍ଦିରର ମାଲିକ ସ୍ୱୟଂ ଜଗନ୍ନାଥ ତାଙ୍କ ନିଜ ହୃଦୟ-ମନ୍ଦିରକୁ ଚାଲି ଆସିଥିଲେ । ସେଠାରେ ସେ ସାଲବେଗଙ୍କର ଭକ୍ତି ପ୍ରେମର ଭୋଗ ଗ୍ରହଣ କରି ତାଙ୍କୁ ସବୁବେଳେ ଦିବ୍ୟଭାବରେ ବୁଡ଼ାଇ ରଖୁଥିଲେ । ମନ୍ଦିର ଭିତରକୁ ନ ଯାଇ ପାରିଲେ ବି ସେ ମନ୍ଦିରର ପ୍ରଭୁଙ୍କର କୃପା ଓ ପ୍ରେମ ପାଇବାରୁ ଟିକିଏ ହେଲେ ବଞ୍ଚିତ ହେଉ ନ ଥିଲେ । ଭକ୍ତର ନିଜ ମନ-ପ୍ରାଣ-ଶରୀରହିଁ ଭଗବାନଙ୍କର ସବୁଠାରୁ ପ୍ରିୟ ମନ୍ଦିର ।''

''ସାଲବେଗଙ୍କର ସେଇ ''ଆହେ ନୀଳ ଶଇଳ'' ଭଜନଟି ଥରେ ପୂରା କୁହ ତ ! ମୋର ଆଉ ମନେ ନାହିଁ । ମୁଁ ତାକୁ ଟିପି ନେବି ।'' ଆବେଗଭରା ହୃଦୟରେ କହିଉଠିଲା ଅନୁରକ୍ତା ।

''ହଉ ତା' ହେଲେ ମୁଁ କହୁଛି ଟିପି ନେ –

ଆହେ ନୀଳ ଶଇଳ ପ୍ରବଳ ମତ୍ତବାରଣ
ମୋ ଆରତ-ନଳିନୀ-ବନକୁ କଲ ଦଳନ
ଆହେ ନୀଳ ଶଇଳ... ।୧।
ଗଜରାଜ ଚିନ୍ତାକଲା ଥାଇ ଘୋର ଜଳେଣ
ଚକ୍ର ପେଷି ନକ୍ର ନାଶି ରକ୍ଷାକଲ ଆପଣ
ଆହେ ନୀଳ ଶଇଳ... ।୨।
ଘୋରବନେ ମୃଗୁଣୀକୁ ପଡ଼ିଥିଲା କଷଣ
ଏଡ଼େ ବଡ଼ ବିପତ୍ତିରୁ ଉଦ୍ଧରିଲ ଆପଣ
ଆହେ ନୀଳ ଶଇଳ... ।୩।
ପ୍ରହଲ୍ଲାଦ ପିତା ସେ ଯେ ବଡ଼ ଦୁଷ୍ଟ ଦାରୁଣ
ସ୍ତମ୍ଭରୁ ବାହାରି ତାକୁ ବିଦାରିଲ ଆପଣ
ଆହେ ନୀଳ ଶଇଳ... ।୪।
ରାବଣର ଭାଇ ବିଭୀଷଣ ଗଲା ଶରଣ
ଶରଣ ସମ୍ଭାଳି ତାକୁ ଲଙ୍କେ କଲ ରାଜନ
ଆହେ ନୀଳ ଶଇଳ... ।୫।

କୁରୁ ମହାସ୍ଥଳେ ଶୁଣି ଦ୍ରୌପଦୀର ଜଣାଣ
କୋଟି ବସ୍ତ୍ର ଦେଇ ହେଲେ ଲଜ୍ୟା କଲ ବାରଣ
ଆହେ ନୀଳ ଶଇଳ... ।୬।
କହେ ସାଲବେଗ ହୀନ ଜାତିରେ ମୁଁ ଯବନ
ଶ୍ରୀରଙ୍ଗା ଚରଣ ତଳେ କରୁଅଛି ଜଣାଣ
ଆହେ ନୀଳ ଶଇଳ... ।୭।''

''ମୁଁ ବିସ୍ମିତାକୁ ଏକଥା କହିବି ଓ ଜାଫରକୁ ମଧ କହି ଏ ଗୀତଟି ଦେବି ।'' ଖୁସି ହୋଇ କହିଲା ଅନୁରକ୍ତା ।

# ବିନ୍ଦୁଏ ଆନ୍ତରିକତା ଓ ସିନ୍ଧୁଏ ଛଳନା

''ଚିନୁଭାଇ, ସେଦିନ ବାପା ସେଇ ଯୋଉ ମନ୍ଦିରକୁ ଯାଇଥିଲେ ମୋତେ ନେଇ ଯାଇ ନ ଥିଲେ ?''

''ହଁ, ଯାଇଥିଲୁ ତ, କ'ଣ ହେଲା ?'' ସଙ୍ଗେ ସଙ୍ଗେ ପଚାରିଲା ଚିନ୍ମୟ ତା' ଭଉଣୀ ଅନୁରକ୍ତାକୁ ।

''ସେଇ ମନ୍ଦିରରେ ସେ ପଣ୍ଡାମାନଙ୍କ ବ୍ୟବହାର ମୋତେ କାହିଁକି ଭଲ ଲାଗିଲା ନାହିଁ ।''

''କାହିଁକି, କ'ଣ ହେଲା କି; ଭଲ ଲାଗିଲା ନାହିଁ ?''

''ବାପା ଚୁଡ଼ା, ଗୁଡ଼, କଦଳୀ, ନଡ଼ିଆ ଆଉସବୁ କେତେ କ'ଣ ଭୋଗ କରିବା ପାଇଁ ସାଙ୍ଗରେ ନେଇଥିଲେ । ଯେମିତି ଆମେ ଯାଇ ମନ୍ଦିରରେ ପହଞ୍ଚିଛୁ ସେମିତି ପଞ୍ଚାଏ ପଣ୍ଡା କୁଆଡୁ ଆସି ଆମକୁ ଘେରିଗଲେ । 'କୁଆଡୁ ଆସିଛ ? କୁଆଡୁ ଆସିଛ ?' କହି କାଉଳା କରି ପକାଇଲେ । ବାପା ଯେମିତି ଆମ ଗାଁ ନାମ କହିଲେ ସେଇଠୁ ସେମାନେ ସମସ୍ତେ ନିରାଶ ହୋଇ ଫେରିଗଲେ ଓ ଆମ ଅଞ୍ଚଳ ପାଇଁ ଯେଉଁ ପଣ୍ଡା ତାକୁ ଖବର ଦେଲେ । ସେ ଶୁଣିଲା ମାତ୍ରେ ତା' ଘରକୁ ଯେମିତି ବହୁଦିନ ପରେ ଜଣେ ଅନ୍ତରଙ୍ଗ ବନ୍ଧୁ ଆସିଛନ୍ତି ସେମିତି ଛୁଟି ଆସି କହିଲେ, 'ତୋ ପୁଅର ଏତେ ଦିନେ ଠାକୁରାଣୀଙ୍କ କଥା ମନେ ପଡ଼ିଲା ? ଇଏ କିଏ, ଝିଅ ? କେଡୁଟିଏ ହୋଇଗଲାଣି ! ଆ, ଆ, ଭିତରକୁ ଆ ।' ଏହା କହି ମନ୍ଦିର ବେଢ଼ା ଭିତରୁ ମନ୍ଦିର ଭିତର ଆଡ଼କୁ ଆମକୁ ନେଲେ । ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ କଥା ଶୁଣି ମୋତେ ବୋଧହେଲା ସେ ଯେପରି ଆମର ଜଣେ ବହୁତ ପୁରୁଣା ବନ୍ଧୁ, ଆମକୁ ଦେଖି ଆଜି ତା'ଙ୍କ ଗୋଡ଼ ତଳେ ଲାଗୁ ନାହିଁ ।

ମନ୍ଦିର ଭିତର ଆଡ଼କୁ ଆମେ ଚାଲୁଥିଲା ସମୟରେ ପଚାରିଲେ, 'ଭୋଗ କେତେ କିଣା ହେବ ? ଧଣ୍ଡାମାଳ କେତେ କିଣା ହେବ ? ବାପା କହିଲେ, 'ନାହିଁ, ଭୋଗ କିଣା ହେବ ନାହିଁ । ଭୋଗ ପାଇଁ ସବୁଜିନିଷ ମୁଁ ଆଣିଛି । ଖାଲି ଧଣ୍ଡାମାଳ ଦୁଇଟି କିଣି ଠାକୁରାଣୀଙ୍କ ଗଳାରେ ଚଢ଼ାଇ ଦେବ ।'

ତା'ପରେ ଭୋଗ ଜିନିଷସବୁ ନେଇ ସେ ପଣ୍ଡା ଜଣକ ତାକୁ ପ୍ରସ୍ତୁତ କରିବାରେ ଲାଗିପଡ଼ିଲେ । ନଡ଼ିଆ ଭାଙ୍ଗି ତାକୁ କୋରି, ଚୁଡ଼ା ଧୋଇ ତା' ସହ ନଡ଼ିଆ ଗୁଡ଼, ଅନ୍ୟାନ୍ୟ ଜିନିଷ ମିଶାଇ ଚୁଡ଼ାଘଷା ପ୍ରସ୍ତୁତ କଲେ । କଦଳୀଯାକ ଛଡ଼ାଇ ଅଲଗା ଏକ

ପାତ୍ରରେ ରଖିଲେ । ଏହି ସମୟ ଭିତରେ ଆମେ ଯାଇ ମନ୍ଦିର ବେଢ଼ା ଭିତର ପୋଖରୀରୁ ଗୋଡ଼ହାତ ଧୋଇ ଆସି ବସିଲୁ । ମୋତେ ମନ୍ଦିର ଭିତରଟା ବହୁତ ଭଲ ଲାଗୁଥାଏ । ଭିତରେ ମୁଁ ବହୁତ ଶାନ୍ତି ଅନୁଭବ କରୁଥାଏ । କିନ୍ତୁ ସେ ପଣ୍ଡାମାନଙ୍କର ଚିତ୍କାର, ହାଉଯାଉ ମୋତେ ଭଲ ଲାଗୁ ନ ଥାଏ । ସେମାନଙ୍କ ଆଚରଣ ସେଠାରେ ଠାକୁରାଣୀ ଉପସ୍ଥିତ ଅଛନ୍ତି ବୋଲି ଜମା ସୂଚେଇ ଦେଉ ନ ଥାଏ । ଯେମିତି କିଣାବିକା, ଦବା ନବାର ଏକ ହାଟ ବସିଛି; ଠାକୁରାଣୀ ଯେପରି ଏସବୁ କାରବାର ପାଇଁ ଖାଲି ଗୋଟିଏ ଆଳ ମାତ୍ର ।

ଭୋଗ ପ୍ରସ୍ତୁତ ସରିଲା । ଆମେ ପଣ୍ଡାଙ୍କ ସହ ଠାକୁରାଣୀଙ୍କ ଆସ୍ଥାନ ପାଖକୁ ଗଲୁ । ସେ ଭୋଗ ଲଗାଇଲେ, ମାଳ ଚଢ଼ାଇଲେ, ଘିଅ ଦୀପଟିଏ ଧରି ଠାକୁରାଣୀଙ୍କ ସମ୍ମୁଖରେ ବୁଲାଇ ଆମ ଲାଗି ବଡ଼ ପାଟିରେ ପ୍ରାର୍ଥନା କଲେ । କହିଲେ 'ମା, ଭାବଗ୍ରାହୀର ମନସ୍କାମନା ପୂରଣ ହେଉ । ତା'ର ପରିବାର ସୁଖରେ ରହନ୍ତୁ । ଧନ ସମ୍ପଦ ବୃଦ୍ଧି ହେଉ । ତା'ର ଶରୀର ଆରୋଗ୍ୟ ରହୁ । ଅନୁରକ୍ତାର ଶରୀର ବି ଭଲ ରହୁ । ସେ ପରୀକ୍ଷାରେ ଭଲ କରୁ ।' ଅନ୍ୟ ପଣ୍ଡାମାନେ ବି ତାଙ୍କ ଯଜମାନଙ୍କ ଲାଗି ବଡ଼ ପାଟିରେ ପ୍ରାର୍ଥନା ଜଣାଉଥା'ନ୍ତି । ମନ୍ଦିର ଭିତରେ ଏଇ ଲୋକ ଭିଡ଼, ପାଟିତୁଣ୍ଡ, ଧୂପ ଧୂଆଁ ଆଦି ଯୋଗୁଁ ଅଣନିଃଶ୍ୱାସୀ ଲାଗୁଥାଏ । ଆମ ପଣ୍ଡା ଆମ ମୁଣ୍ଡରେ ସିନ୍ଦୂର ଚନ୍ଦନ ଲଗାଇ ଦେଲେ, ଠାକୁରାଣୀଙ୍କ ବେକରୁ ମାଳ ଆଣି ଆମ ବେକରେ ପକାଇ ଦେଲେ । ଆମକୁ ପାଦୁକ ପାଇବାକୁ ଦେଲେ । ତା'ପରେ ଆମେ ବାହାରକୁ ଆସିଲୁ । ବାହାରକୁ ଆସିବା ପରେ ମୋତେ ବହୁତ ଆରାମ ବୋଧହେଲା । ଠାକୁରାଣୀଙ୍କ ପାଖରେ ଥିଲାବେଳେ ମୁଁ ପ୍ରାର୍ଥନା କରିଛି କ'ଣ, ଖାଲି ସବୁବେଳେ ଭାବୁଥାଏ କିପରି ବାହାରକୁ ଆସିବି ।

ପଣ୍ଡା ଜଣକ ଆମ ସହ ଆସି ଆମକୁ ଭୋଗ ଦେଲେ । ଭୋଗରୁ ଅନେକ ଅଂଶ ନିଜ ଲାଗି ରଖିଲେ । ତା'ପରେ ବାପା ତାଙ୍କୁ କ'ଣ ଦକ୍ଷିଣା ସ୍ୱରୂପ କିଛି ଟଙ୍କା ଦେଲେ । କେତେ ଦେଲେ ମୁଁ ଜାଣି ନାହିଁ, କିନ୍ତୁ ସେଥିରେ ସେ ରାଜି ହେଲେ ନାହିଁ । କହିଲେ, 'ତୋ ପୁଅ ଏତେ ଦିନକେ ମନ୍ଦିରକୁ ଆସିଲା । ଏତିକି ଦଉଛି । ତୋର ଠାକୁରାଣୀଙ୍କ ଦୟାରୁ କ'ଣ ଅଭାବ ଅଛି ଯେ !' ବାପା ଆହୁରି କିଛି ଦେଲେ । ସେଥିରେ ବି ସେ ସନ୍ତୁଷ୍ଟ ନ ହୋଇ କହିଲେ, 'ଦଉନୁ, ଦେଲେ କ'ଣ ତୋ'ର ସରିଯାଉଛି ନା କ'ଣ ? ଠାକୁରାଣୀ କୁଆଡୁ ଆଣି ତୋତେ ଦେବେ ।' ଏଥର ବାପା ବାଧ୍ୟ ହୋଇ ଆଉ କିଛି ଦେଲେ । ଏଥର ଆଉ ଜିଗର ନ କରି ପଣ୍ଡା ଜଣକ ଆମକୁ ଆଣି ମନ୍ଦିର ବାହାରେ ଛାଡ଼ିଦେଇ ଗଲେ ।

'ତାଙ୍କର ବ୍ୟବହାର ବହୁତ ସ୍ନେହପୂର୍ଣ୍ଣ ଥିଲା । କିନ୍ତୁ ତାହା ଯେପରି ବାପାଙ୍କଠାରୁ ବେଶୀ କରି କିଛି ପଇସା ଝଡ଼ାଇବା ଲାଗି ଥିଲା ବୋଲି ମୋତେ ବୋଧ ହେଲା ।

ଆଚ୍ଛା ସେ ଯେଉଁ ଭୋଗ ଲଗାଇଲେ ସତରେ କ'ଣ ତାକୁ ଠାକୁରାଣୀ ଗ୍ରହଣ କଲେ ? ନା ଏ ଭୋଗ ବ୍ୟବସ୍ଥା ଖାଲି ସେଇମାନଙ୍କ ପେଟ ପୋଷିବା ଲାଗି ? ଠାକୁରାଣୀ କ'ଣ ସତରେ ଭୋଗ ନେଇ ଖାଇପାରିବେ ନାହିଁ ? ଯଦି ନ ଖାଇ ପାରିବେ ତେବେ ତାଙ୍କ ନାମରେ ଏସବୁ ଭୋଗରାଗର ବ୍ୟବସ୍ଥା କାହିଁକି ରହିଛି ?''

''ଠାକୁର ଠାକୁରାଣୀମାନେ ସ୍ଥୂଳରେ ଭୋଗ ନେଇ ନ ଖାଇଲେ ବି ସୂକ୍ଷ୍ମରେ ଭୋଗ ପଶ୍ଚାତ୍‌ରେ ଥିବା ବ୍ୟକ୍ତିର ଆନ୍ତରିକତାକୁ ଗ୍ରହଣ କରନ୍ତି । ଯେଉଁ ବ୍ୟକ୍ତି ଆନ୍ତରିକତାର ସହିତ ଠାକୁରଙ୍କୁ ଭୋଗ ଦେଇଥାଏ, ସେ ଭୋଗକୁ ମଝିରେ ପଣ୍ଡା କିଂବା ଆଉ ଯିଏ ଖାଆନ୍ତୁ ପଛେ ତା'ର ଭୋଗ ସୂକ୍ଷ୍ମରେ ଠାକୁରଙ୍କ ନିକଟରେ ପହଞ୍ଚିଥାଏ ଓ ତା'ର ଯାହା କଲ୍ୟାଣ ହେବା କଥା ତାହା ହୁଏ । ଏପରିକି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଆନ୍ତରିକ ଭକ୍ତି ଓ ଶ୍ରଦ୍ଧାରେ ଠାକୁର ଏତେ ବଶ ହୋଇଥା'ନ୍ତି ଯେ ସେମାନେ ଯଦି ଚାହାନ୍ତି ତେବେ ଠାକୁର ସ୍ଥୂଳରେ ବି ସେମାନଙ୍କ ଭୋଗ, ନୈବେଦ୍ୟ ଆଦି ଗ୍ରହଣ କରିଥାଆନ୍ତି ।''

''କାଠ ପଥରର ମୂର୍ତ୍ତି ସତରେ ଆସି ଭୋଗ ଖାଆନ୍ତି ?''

''ହଁ, ସେଇ କାଠ ପଥରର ପଛରେ ଯେଉଁ ଯଥାର୍ଥ ବିଗ୍ରହ ଥାଆନ୍ତି ସେଇ ଆସି ଭକ୍ତକୁ ସନ୍ତୁଷ୍ଟ କରିବା ପାଇଁ ଓ ଭକ୍ତକୁ ତା'ର ଯଥାର୍ଥ ସମ୍ମାନ ଦେବା ପାଇଁ ତା' ହାତରୁ ତା' ଭୋଗକୁ ଆନନ୍ଦରେ ଗ୍ରହଣ କରନ୍ତି । ଭକ୍ତ ଗରିବ ହେଉ କି ଧନୀ ହେଉ, ସେ ଉଚ୍ଚ ଜାତିର ହେଉ, କି ନୀଚ ଜାତିର ହେଉ, ତା'ର ଭୋଗ ମୂଲ୍ୟବାନ୍ ହେଉ କି ଅତି ସାମାନ୍ୟ ବସ୍ତୁ ହେଉ ସେସବୁକୁ ଠାକୁର ଦେଖନ୍ତି ନାହିଁ । ଠାକୁରଙ୍କର ସତରେ କିଛି ଅଭାବ ନାହିଁ । ଅଭାବ ଅଛି ଖାଲି ଆନ୍ତରିକତା । ସେତିକି ପାଇଲେ ସେ ନିଜକୁ ଅକ୍ଳେଶରେ ଦେଇପାରନ୍ତି । ସେତକ ଅଭାବରେ ସେ ଯେତେ ଚେଷ୍ଟା କଲେ ବି ଭକ୍ତ, ସାଧକମାନଙ୍କର କିଛି କଲ୍ୟାଣ କରିପାରନ୍ତି ନାହିଁ ।''

''ଆଚ୍ଛା, ଏ ପଣ୍ଡାମାନେ ଜୀବନ ସାରା ଠାକୁରଙ୍କର ସେବା କରୁଛନ୍ତି । ତାଙ୍କ ହାତରୁ କାହିଁ ଠାକୁର ତ କେବେ ସତରେ କିଛି ଗ୍ରହଣ କରିବା ଦେଖାଯାଏ ନାହିଁ ?''

''ସେମାନେ ଯଦି ସେଇ ଆନ୍ତରିକ ଭକ୍ତି ଓ ବିଶ୍ୱାସର ସହ ଠାକୁରଙ୍କୁ ଅର୍ପଣ କରିବେ ତେବେ ଠାକୁର ନିଶ୍ଚୟ ଗ୍ରହଣ କରିବେ । କିନ୍ତୁ ସାଧାରଣତଃ ସେମାନେ ପେଟ ପୋଷିବା ଲାଗି, ଯାତ୍ରୀମାନଙ୍କୁ ଠକି ପଇସା ରୋଜଗାର ଲାଗି ବଂଶ ପରମ୍ପରା ଅନୁସାରେ ଠାକୁର ସେବା କରି ଥାଆନ୍ତି । ଠାକୁର ସେବା କରିବା ଲାଗି ଠାକୁରଙ୍କ ଜମି ବି ଭୋଗ କରୁଥାଆନ୍ତି । ତଥାପି ସେମାନଙ୍କର ଲୋଭର ସୀମା ନଥାଏ । ମନ୍ଦିରରେ ସେମାନଙ୍କ ଉପସ୍ଥିତି ଲୋକମାନଙ୍କର ଭକ୍ତି ଶ୍ରଦ୍ଧା ବଢ଼ାଇବା ପରିବର୍ତ୍ତେ ବରଂ ତାହା

ପ୍ରକାଶ ପାଇବାରେ ବାଧା ଦେଇଥାଏ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଠାକୁର ସେବା, ଠାକୁର ଭକ୍ତି ଖାଲି ଛଳନା ମାତ୍ର । ପଇସା ରୋଜଗାରର ଏକ ଫନ୍ଦି । ତେଣୁ ପୁରୁଷ ପୁରୁଷ ଧରି ସାରା ଜୀବନ ସେମାନେ ଠାକୁର ସେବା କରି ଆସିଲେ ବି ଠାକୁରଙ୍କ ବାସ୍ତବ ଜୀବନ୍ତ ସାନ୍ନିଧ୍ୟ ଟିକିଏ ବି ଉପଲବ୍ଧି କରି ନ ଥା'ନ୍ତି । ସେଇଥିପାଇଁ ମା' କହନ୍ତି : '*Before the Eternal Consciousness, one drop of sincerity has more value than an ocean of pretence and hypocrisy.*'

'ଶାଶ୍ୱତ ଚେତନା ସମ୍ମୁଖରେ ବିନ୍ଦୁଏ ମାତ୍ର ଆନ୍ତରିକତା ମହାସାଗର ତୁଲ୍ୟ ଛଳନା ଓ ପ୍ରତାରଣା ଅପେକ୍ଷା ବେଶୀ ମୂଲ୍ୟବାନ୍ ।'

''ଯେଉଁ ଭକ୍ତଙ୍କ ହାତରୁ କାଠ ପଥରର ଠାକୁର ସତରେ ସ୍ଥୂଳରେ ଆସି ଭୋଗ ଗ୍ରହଣ କରିଛନ୍ତି, ସେଇଭଳି ଜଣେ ଭକ୍ତଙ୍କ କଥା କୁହ ।''

''ସେଇଭଳି ଅନେକ ଭକ୍ତ ଅଛନ୍ତି । ତେବେ ଆମ ଓଡ଼ିଶାର ଜଣେ ନୀଚ ଜାତିର ଭକ୍ତଙ୍କ କଥା ଆଜି କହିବି ଯାହାଙ୍କର ସରଳ, ସଜୀବ, ଅଲୌକିକ, ସ୍ୱତଃସ୍ଫୂର୍ତ୍ତ ଭକ୍ତି ଜୀବନସାରା ଭଗବାନଙ୍କ ଲାଗି ତପସ୍ୟା କରୁଥିବା ସାଧୁ ସନ୍ନ୍ୟାସୀମାନଙ୍କୁ ଚକିତ କରିଦିଏ ।''

''ସେ କିଏ ?'' ବିସ୍ଫାରିତ ନୟନରେ ପଚାରିଲା ଅନୁରକ୍ତା ।

''ସେ ହେଉଛି ପୁରୀଜିଲ୍ଲାର ବାଲିଗାଁର ଜଣେ ଖନ୍ଦାଳ । ନାଁଟି ତା'ର ଦାସ ବାଉରି । ସମସ୍ତେ ତାକୁ ଦାସିଆ ଦାସିଆ ବୋଲି ଡକନ୍ତି । ଖନ୍ଦାଳମାନଙ୍କୁ ଶବରଜାତି ଭଳି ନୀଚଜାତି ରୂପେ ଲୋକମାନେ ବିବେଚନା କରୁଥିଲେ । ଦାସିଆ ବହୁତ ଗରିବ । ଘରେ ତା'ର ପିଲାପିଲି କିଛି ନ ଥା'ନ୍ତି । ଖାଲି ସ୍ତ୍ରୀଟିଏ । ମାମୁ ମାଇଁ ଦୁଇ ପ୍ରାଣୀ ଲୁଗାବୁଣି ପେଟ ପୋଷନ୍ତି ।

ଦାସିଆ ପାଠଶାଠ କିଛି ପଢ଼ି ନାହିଁ । ମୂର୍ଖ । କିନ୍ତୁ ଗାଁରେ କେଉଁଠି କିଛି ପୂଜା ଉତ୍ସବ ହେଉଥିଲେ ଦୂରେଇ କରି ବସି ଭଗବାନଙ୍କ ନାମ କୀର୍ତ୍ତନ ଶୁଣେ । ସେଥିରେ ତା'ର ଭାରି ଆନନ୍ଦ । ତା'ର ବିଶ୍ୱାସ ଭଗବାନଙ୍କ ନାମ କୀର୍ତ୍ତନ ଶୁଣିଲେ ପରଜନ୍ମକୁ ସେ ଉଚ୍ଚ ଜାତିରେ ଜନ୍ମହେବ ଓ ତା'ପରେ ସେ ମଣିଷ ଜନ୍ମରୁ ମୁକ୍ତ ହୋଇଯିବ ।

ବିଶ୍ୱାସ ତା'ର ସରଳ । ତା'ର ସରଳ ବିଶ୍ୱାସକୁ ନେଇ ସେ ଯାହା ବୁଝିଛି ସେଇ ତା'ର ବେଦର ଗାର । କାହାରି ସହ ସେ ଯୁକ୍ତି ତର୍କ କରେ ନାହିଁ । କାହାରିଠାରୁ କିଛି ସେ ଦାବି କିଂବା ଆଶା କରେ ନାହିଁ । ଯେତେବେଳେ ଯାହା ମିଳେ ସେ ଆନନ୍ଦରେ ଖାଏ । ସବୁବେଳେ ଅନ୍ତର ତା'ର ଭଗବାନଙ୍କ ପ୍ରତି ଭକ୍ତି ଆଉ କୃତଜ୍ଞତାରେ ପୂରି କରି ରହିଥାଏ ।

ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀଙ୍କର ଜୀବନ ଏହିପରି ଗଡ଼ି ଚାଲିଥାଏ । ରଥ ଯାତ୍ରା ସମୟ ଆସିଲା । ଆଖପାଖ ଗାଁରୁ ଅନେକ ଲୋକ, ଛୁଆପିଲା ପୁରୀ ଯାଉଥା'ନ୍ତି

ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ । ଜଗନ୍ନାଥ ତାଙ୍କ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରଥରେ ବିଜେ କରିବେ । ହଜାର ହଜାର ଲୋକ ତାଙ୍କୁ ଦର୍ଶନ କରିବେ । ଦାସିଆର ବି ଇଚ୍ଛା ହେଲା ଟିକିଏ ଯାଇ ଚକାଡ଼ୋଳାଙ୍କୁ ଦର୍ଶନ କରିଆସିବ ।''

''ଚକାଡୋଳା କିଏ ?''

''ତୁ ଜଗନ୍ନାଥଙ୍କ ଫଟୋ ଦେଖିନୁ ? ତାଙ୍କ ଆଖି କେମିତି ଗୋଲ ଗୋଲ ହୋଇଛି ! ତାଙ୍କ ଆଖି ଗୋଲ ଗୋଲ ଦେଖା ଯାଉଥିବାରୁ ତାଙ୍କୁ ଚକାଡୋଳା କହନ୍ତି ।''

''ସେଇଠୁ ଦାସିଆ କ'ଣ ଗଲା ଜଗନ୍ନାଥଙ୍କ ଦର୍ଶନ କରିବାକୁ ?''

''ହଁ, ଦାସିଆ ନିଜ ଭିତରର ଜଗନ୍ନାଥ ଦର୍ଶନ ଅଭୀପ୍ସାକୁ ଚାପି ଦେଇପାରିଲା ନାହିଁ । ଅନ୍ୟମାନଙ୍କ ସଙ୍ଗରେ ସେ ବି ଚାଲିଲା ଜଗନ୍ନାଥ ଦର୍ଶନ କରିବାକୁ । କିନ୍ତୁ ଅନ୍ୟମାନଙ୍କ ଦର୍ଶନଠାରୁ ତା' ଦର୍ଶନ ଥିଲା ସ୍ୱତନ୍ତ୍ର । ସେ ରଥରେ ଜଗନ୍ନାଥଙ୍କୁ ଦେଖି ଏକେବାରେ ତନ୍ମୟ ହୋଇ ପଡ଼ିଲା । ଜଗନ୍ନାଥ ତାକୁ କାଠ ପଥରର ମୂର୍ତ୍ତି ନୁହେଁ, ଜୀବନ୍ତ ବିଗ୍ରହ ଭଳି ବୋଧହେଲେ । ଜଗନ୍ନାଥଙ୍କର ସେଇ କଳା ଶ୍ରୀମୁଖ, ରଙ୍ଗ ଅଧର, ଧଳା ଧଳା ଚକ୍ର ମଧ୍ୟରେ ଢଳଢଳ ସୁନ୍ଦର କଳା ଡୋଳା ଦେଖି ସେ ଭାବରେ ଗଦ୍ ଗଦ୍ ହୋଇପଡ଼ିଲା । ଶରୀର ତା'ର ରୋମାଞ୍ଚିତ ହୋଇ ଉଠିଲା । ଆଖିରୁ ଖାଲି ଅଶ୍ରୁ ଝରିବାକୁ ଲାଗିଲା । ଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କରି କହିଲା, 'ପ୍ରଭୁ, 'ମୁଁ ମହାପାପୀ, ଅଜ୍ଞାନ, ମୂର୍ଖ । ଧର୍ମ କର୍ମ କ'ଣ ଜାଣେ ନାହିଁ । ସଦ୍‌ଜ୍ଞାନ ଦିଅ, ମୋତେ ସଦ୍‌ବୁଦ୍ଧି ଦିଅ, ମଣିଷ ଜୀବନରୁ ଉଦ୍ଧାର କର ।'

ଦାସିଆ ଜଗନ୍ନାଥଙ୍କୁ ଦେଖିବା ପରଠାରୁ ନିଜ ଭିତରେ ବହୁତ ପରିବର୍ତ୍ତନ ଅନୁଭବ କଲା । ତାକୁ ବୋଧ ହେଲା କେବଳ ଜଗନ୍ନାଥହିଁ ସତ୍ୟ, ଆଉ ସବୁ ମିଥ୍ୟା । ସବୁବେଳେ ତା' ଅନ୍ତରରେ ଆଉ ବାହାରେ ଜଗନ୍ନାଥଙ୍କ ରୂପ ନାଚିଲା । ସେ ଜଗନ୍ନାଥଙ୍କ ପ୍ରେମରେ ପାଗଳ ହୋଇଗଲା । ସେଇ ଅବସ୍ଥାରେ ଆସି ଘରେ ପହଞ୍ଚିଲା । ସ୍ୱାମୀ ରଥ ଯାତ୍ରାରୁ ଫେରିଛନ୍ତି । ତାଙ୍କୁ ପବିତ୍ର ଭୋଜନ ଦେବାକୁ ହେବ । ତେଣୁ ଦାସିଆର ସ୍ତ୍ରୀ ଆଗରୁ ରାନ୍ଧିରୁନ୍ଧି ରଖିଥିଲା । କ'ଣ ବି ରାନ୍ଧିବ ? ଘରେ କ'ଣଟା ବା ଅଛି ? ନୂଆହାଣ୍ଡିରେ କିଛି ଅରୁଆ ଚାଉଳ ପକାଇ ଯାଉ ପେଯ କରି ରଖିଲା । ତା'ପରେ କିଛି ଶାଗ ଭାଜି ସେ ଶାଗକୁ ସେଇ ହାଣ୍ଡିର ଯାଉ ଉପରେ ରଖିଲା । ଯାଉ ଥଣ୍ଡା ହୋଇ ତା' ଉପରେ ଏକ ସର ପଡ଼ିଯାଇଥାଏ । ସେଇ ସର ଉପରେ ଶାଗ ମେଞ୍ଚାକ ରଖିଦେବାରୁ ସିଏ ଟିକେ ଦବିଗଲା । ଯାଉ ହାଣ୍ଡି ଭିତରେ ଗୋଲାକାର ହୋଇ ଧଳା ଦେଖାଯାଉଛି, ତା' ମଝିରେ ଶାଗ ମେଞ୍ଚାକ କଳା ଦେଖାଯାଉଛି । ଦାସିଆ ଆଗରେ ତା' ସ୍ତ୍ରୀ ଆଣି ଯେମିତି ସେ ଯାଉ ହାଣ୍ଡିଟି ରଖି ଦେଇଛି, ଦାସିଆ ଧଳାଯାଉ ମଝିରେ

କଳା ଶାଗକୁ ଦେଖି ଆଉ ଖାଇବ କ'ଣ, ଉଠିପଡ଼ି ଖାଲି ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରି ଘରସାରା ନାଚିବାକୁ ଲାଗିଲା ।''

''ସେମିତି ନାଚିଲା କାହିଁକି ? କ'ଣ ପାଗଳ ହୋଇଗଲା ?''

''ନା, ନା ପାଗଳ ହୋଇ ନ ଥିଲା । ସେଇ ଧଳାଯାଉ ମଝିରେ କଳା ଶାଗକୁ ଦେଖି ଧଳାବୃତ୍ତ ମଝିରେ ଜଗନ୍ନାଥଙ୍କ କଳାଡୋଳା କଥା ତା'ର ମନେ ପଡ଼ି ଯାଇଥିଲା । ସେ ଯାଉ ଭିତରେ ଜଗନ୍ନାଥଙ୍କ ଚକାଡୋଳାକୁ ଦେଖିବାକୁ ପାଇଲା ଓ ତା'ର ପରମପ୍ରିୟ ପ୍ରଭୁଙ୍କ ଆଖି ଦର୍ଶନ କରିପାରିଥିବାରୁ ଆନନ୍ଦରେ ତାଙ୍କ ନାମ ଉଚ୍ଚାରଣ କରି ନାଚିବାକୁ ଲାଗିଲା । ଖାଲି କହୁଥାଏ, 'ଏତ ମୋ ପ୍ରଭୁଙ୍କ ଶ୍ୱେତପଦ୍ମ ଡୋଳା । ୟାକୁ ଖାଇବି କିପରି ?'

ତା' ସ୍ତ୍ରୀ ଏସବୁ କାଣ୍ଡ ଦେଖି କାଠଭୂତ ପାଲଟି ଗଲାଣି । ଗାଁର ଲୋକଙ୍କୁ ଡାକିଆଣି ଏସବୁ ଦେଖାଇଲା । କହିଲା ତା' ସ୍ୱାମୀ ପୁରୀ ଯାଇଥିଲା ।' ତାକୁ କିଏ ସେଠି ଗୁଣି କରିଦେଇଚି, ତା' ମୁଣ୍ଡ ଖରାପ ହୋଇଗଲାଣି । ଲୋକମାନେ ଆସି ଦାସିଆକୁ ପଚାରିଲେ ସେ କାହିଁକି ସେପରି ତାଳି ବଜେଇ ନାଚୁଛି ବୋଲି । ଦାସିଆ ସବୁକଥା ଆନନ୍ଦରେ ସେମାନଙ୍କ ଆଗରେ କହି ପୁଣି ନାଚିବାରେ ଲାଗିଲା । କେତେକ ଲୋକ ତା'ର ନାଚିବାର କାରଣ ବୁଝି ପାରିଲେ । ତା'ର ସ୍ତ୍ରୀକୁ କହିଲେ ଶାଗକୁ ଓ ଯାଉକୁ ଅଲଗା ଅଲଗା କରି ତା'କୁ ଦେବାକୁ । ତା' ସ୍ତ୍ରୀ ସେଇଆ କରିବାରୁ ଦାସିଆ ଆନନ୍ଦରେ ତାକୁ ଖାଇଲା । ଦାସିଆର ଜଗନ୍ନାଥଙ୍କ ପ୍ରତି ଏଇ ସହଜ ସରଳ ପ୍ରେମ ଓ ଭକ୍ତି ଦେଖି ସମସ୍ତେ ତାକୁ ଧନ୍ୟ ଧନ୍ୟ କଲେ । କହିଲେ ନୀଚ ଜାତି ହେଲେ କ'ଣ ହେଲା, ଜଗନ୍ନାଥଙ୍କ ପ୍ରତି ତା'ର ଭକ୍ତି ଅତୁଳନୀୟ । ସେଇ ଦିନଠାରୁ ତାକୁ ସମସ୍ତେ 'ବାଲିଗାଁ ଦାସ' ବୋଲି ଡାକିଲେ ।

ଦାସିଆ ଜଗନ୍ନାଥଙ୍କୁ ରଥରେ ଦେଖିବା ପରଠାରୁ ଖାଲି ତାଙ୍କରି ଭାବରେ ଭୋଳ ହୋଇ ରହୁଛି । ଖାଇବା, ପିଇବା, ଶୋଇବାରେ ତା'ର ଆଉ ଧ୍ୟାନ ନାହିଁ । ଲୁଗା ବୁଣିବା ସମୟରେ ବି ମୁହଁରେ ଜଗନ୍ନାଥଙ୍କ ନାମ । ସତ ଛଡ଼ା ମିଛ ପଦେ ବି ତା' ପାଟିରୁ ବାହାରି ପାରୁ ନାହିଁ । ଆଖିରେ ତା'ର ଖାଲି ଜଗନ୍ନାଥଙ୍କ ମୂର୍ତ୍ତି, କାନରେ ତା'ର ଖାଲି ରଥଟଣା ସମୟର ଘଣ୍ଟାଧ୍ୱନି, ମନରେ ତା'ର ଖାଲି ଜଗନ୍ନାଥଙ୍କ ଚିନ୍ତା, ହୃଦୟରେ ଖାଲି ତା'ର ଜଗନ୍ନାଥଙ୍କ ପ୍ରତି ଭକ୍ତିର ଆବେଗ ଛଡ଼ା ଆଉ କିଛି ନ ଥାଏ । ଦିନେ ରାତିରେ ଶୋଇବାକୁ ଗଲାବେଳେ ସେ ମନରେ ଭାବିଲା, ମୁଁ ହୀନ ମୂଢ଼ଟା କ'ଣ ଥରେ ଜଗନ୍ନାଥଙ୍କ ଦର୍ଶନ ପାଇବି ନାହିଁ ? ସତେ କ'ଣ ସେଇ ରଥର ଜଗନ୍ନାଥଙ୍କୁ ତାଙ୍କ ସ୍ୱଦେହରେ ଦେଖିବି ? ଏମିତି ଭାବୁ ଭାବୁ ତାକୁ କେତେବେଳେ ନିଦ

ହୋଇଯାଇଛି । ଭାବଗ୍ରାହୀ ପ୍ରଭୁ ଭକ୍ତର ଭାବକୁ ଜାଣିପାରିଲେ । ସ୍ୱପ୍ନରେ ତାକୁ ନିଜ ଶରୀରରେ ଦର୍ଶନ ଦେଲେ । ଜଗନ୍ନାଥଙ୍କୁ ସ୍ୱଦେହରେ ଦେଖି ଦାସିଆର ହୃଦୟ କେତେ ଯେ ଆନନ୍ଦଭରା କୃତଜ୍ଞତାରେ ଭରିଗଲା ତାହା କହି ହେବ ନାହିଁ । ଯାହାଙ୍କ ଦର୍ଶନ ଲାଗି ଯୁଗଯୁଗର ତପସ୍ୟା ବି ଯଥେଷ୍ଟ ହୁଏ ନାହିଁ, ଯାହାଙ୍କୁ ଦେଖିବା ପାଇଁ ବ୍ରହ୍ମା, ଶିବ, ଇନ୍ଦ୍ର ଓ ଅନ୍ୟାନ୍ୟ ଦେବତାମାନେ ବ୍ୟାକୁଳ, ସିଏ ତା' ଭଳି ଜଣେ ଅଧମ, ଧର୍ମକର୍ମହୀନ, ତପସ୍ୟାହୀନ, ଦରିଦ୍ର, ମୂର୍ଖ ବ୍ୟକ୍ତିକୁ ଯେ ଦେଖା ଦେଇଛନ୍ତି ସେଥିଲାଗି ସେ ତାକୁ ଅଶେଷ ଧନ୍ୟବାଦ ଜଣାଇଲା । ଅତି ସ୍ନେହପୂର୍ଣ୍ଣ ସ୍ୱରରେ ପ୍ରଭୁ ତାକୁ କହିଲେ, 'ଦାସ, ନିଜକୁ ନୀଚଜାତି ବୋଲି କେବେବି ଛୋଟ ମନେ କରନା । ମୁଁ ଭକ୍ତର ଭକ୍ତିରେ ବନ୍ଧା । ସେ ଯେଉଁଠି ଥାଏ ମୁଁ ସେଇଠି ବନ୍ଧା ପଡ଼ିଥାଏ । ଭକ୍ତର ଭକ୍ତିଠାରୁ ସ୍ୱର୍ଗ ମୋତେ ବେଶୀ ସୁଖ ଦେଇ ପାରେ ନାହିଁ । ମୁଁ ତୋର ଭକ୍ତିରେ ମୁଗ୍ଧ । ତୁ ଯାହା ଚାହୁଁ ମୋଠାରୁ ମାଗିପାରୁ ।'

ଦାସିଆ କୃତକୃତ୍ୟ ହୋଇ କହିଲା, 'ପ୍ରଭୁ, ମୋର କିଛି ଦରକାର ନାହିଁ । ମୁଁ ଖାଲି ଯେତେବେଳେ ତୁମ ଦର୍ଶନ ଚାହୁଁଥିବି ସେତେବେଳେ ଯେପରି ପାଉଥିବି । ଏଇ ବର ମତେ ଦିଅ ।'

ପ୍ରଭୁ କହିଲେ, 'ତୋର ଇଚ୍ଛା ପୂର୍ଣ୍ଣ ହେବ । ତୁ ଯେତେବେଳେ ପୁରୀ ଯିବୁ ମୁଁ ମନ୍ଦିରର ନୀଳଚକ୍ର ଉପରେ ଥିବି । ତୁ ଯେଉଁ ରୂପରେ ଚିନ୍ତା କରିବୁ, ସେଇ ରୂପରେ ଦେଖି ପାରିବୁ । ଆଉ ଗୋଟିଏ କଥା – ତୁ ମୋତେ ଯେତେବେଳେ ଯାହା ଖାଇବାକୁ ଦେବୁ ମୁଁ ତାହା ଆନନ୍ଦରେ ଗ୍ରହଣ କରିବି ।' ଏତିକି କହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ । ଆନନ୍ଦ ଆଉ କୃତଜ୍ଞତାରେ ଦାସିଆର ସର୍ବାଙ୍ଗ ଶରୀର ରୋମାଞ୍ଚିତ । ଜୀବନ ତା'ର ସାର୍ଥକ ବୋଧ ହେଲା । ନିଜକୁ ସେ ଆଉ ହୀନ ନୀଚ ବୋଲି ବୋଧ କଲା ନାହିଁ । କିନ୍ତୁ ପ୍ରଭୁ ତାକୁ ଦେଖା ଦେଇ ଏତେ ବଡ଼ ବର ଦେଇ ଥିବାରୁ ମନରେ ତା'ର ଗର୍ବ ଭାବ ଆସିଲା ନାହିଁ । ବରଂ ସେ ପୂର୍ବ ଅପେକ୍ଷା ବେଶୀ ସରଳ, ବେଶୀ ବିନମ୍ର ହୋଇ ପଡ଼ିଲା ।

ତା' ପରଦିନ ସକାଳ । ଦାସିଆ ଅଧା ବୁଣା ହୋଇଥିବା ଲୁଗାଖଣ୍ଡକ ବୁଣି ଶେଷ କରିଦେଲା । ଶରୀରଟା ତା'ର କାମରେ ଲାଗିଥାଏ, କିନ୍ତୁ ମୁହଁରେ ସବୁବେଳେ ଜଗନ୍ନାଥଙ୍କ ନାମ । ଲୁଗା ଖଣ୍ଡକ ବୁଣା ଶେଷ ହୋଇଯିବାରୁ ତାକୁ ବିକିବାକୁ ଗାଁକୁ ନେଲା । ଜଣେ ବ୍ରାହ୍ମଣ ଲୁଗାଖଣ୍ଡକ କିଣିବାକୁ ଚାହିଁଲେ । ଏତିକିବେଳେ ସେ ବ୍ରାହ୍ମଣ ବାଡ଼ିରେ ଏକ ଛୋଟ ନଡ଼ିଆ ଗଛରେ ଗୋଟିଏ ନଡ଼ିଆ ଫଳିଥିବାର ଦାସିଆ ଆଖିରେ ପଡ଼ିଲା । ତା'ର କାହିଁକି ଭାରି ମନ ହେଲା ସେଇ ନଡ଼ିଆଟି ନେଇ ଜଗନ୍ନାଥଙ୍କୁ ଅର୍ପଣ କରିବାକୁ । ବ୍ରାହ୍ମଣକୁ ମନ କଥା ଜଣାଇଲା ଓ ନଡ଼ିଆର ଦାମ୍ ଲୁଗା ଦାମ୍‌ରୁ କାଟି

ରଖିବାକୁ କହିଲା । ବ୍ରାହ୍ମଣ ବହୁତ ଧୂର୍ତ୍ତ ଥିଲା । ସେ ଦାସିଆର ଭକ୍ତି ଭାବର ସୁଯୋଗ ନେଇ କହିଲା, ଏ ନଡ଼ିଆଟି ମୋର ନୂଆ ଗଛର ପ୍ରଥମ ନଡ଼ିଆ । ତେଣୁ ଏ ଲୁଗା ଖଣ୍ଡକର ଦାମ୍ ଯେତେ ଏ ନଡ଼ିଆଟିର ଦାମ୍ ମଧ୍ୟ ସେତିକି ହେବ । ସରଳ ଦାସିଆ ଆନନ୍ଦରେ ଏଥିରେ ରାଜି ହୋଇଗଲା । ଭୁଲିଗଲା ଯେ ଘରେ ତା'ର କିଛି ଖାଇବାକୁ ନାହିଁ, ଲୁଗା ବିକି ପଇସା ଆଣିଲେ ଚୁଲିକୁ ହାଣ୍ଡି ଯିବ । ନଡ଼ିଆଟି ଯେତେ ଦାମ୍ ହେଉ ନେବ ବୋଲି କହିଲା । ଠାକୁରଙ୍କ ପାଇଁ ନଡ଼ିଆ ଆଣିବ ତେଣୁ ମନ ସହ ଶରୀର ବି ତା'ର ପବିତ୍ର ହେବା ଦରକାର । ଯା ଭାବି ସେ ଘରକୁ ଆସି ଗାଧୋଇ ପାଧୋଇ ଉତ୍ତମ ରୂପେ ଶୌଚ ହୋଇ ବ୍ରାହ୍ମଣ ଘରକୁ ଗଲା । ବ୍ରାହ୍ମଣ ନଡ଼ିଆଟିକୁ ଛଡ଼ାଇ ରଖିଥିଲା । ତାକୁ ଦେଇ ଦେଲା । ନଡ଼ିଆଟି ଧରି ଆନନ୍ଦ ମନରେ ଦାସିଆ ଘରକୁ ଫେରୁଛି, ବାଟରେ ଆଉ ଜଣେ ବ୍ରାହ୍ମଣ ବିଭିନ୍ନ ଭୋଗ ସାମଗ୍ରୀ ଧରି ପୁରୀ ଜଗନ୍ନାଥ ମନ୍ଦିରକୁ ଯାଉଥିବାର ଦେଖିଲା । ତାକୁ ଡାକି କହିଲା, 'ଗୋସେଇଁ, ତୁମେ ତ ଜଗନ୍ନାଥଙ୍କ ପାଖକୁ ଯାଉଛ, ମୋର ଗୋଟିଏ କାମ କରିଦେବ । ଏ ନଡ଼ିଆଟି ନିଅ । ତୁମର ଭୋଗ ଠାକୁରଙ୍କୁ ଅର୍ପଣ କରିସାରିବା ପରେ ଗରୁଡ଼ଙ୍କ ପଛକୁ ଆସି ନଡ଼ିଆଟି ଧରି ଠାକୁରଙ୍କୁ ଡାକି କହିବ – ଠାକୁର, ବାଲିଗାଁ ଦାସ ଏ ନଡ଼ିଆଟି ତୁମ ଲାଗି ପଠେଇଛି । ଠାକୁର ଯଦି ନିଜ ହାତରେ ମୋ ନଡ଼ିଆଟି ନେବେ, ତେବେ ତାଙ୍କୁ ଦେବ, ନଇଲେ ମୋ ନଡ଼ିଆ ଫେରେଇ ଆଣିବ ।''

''ଗରୁଡ଼ କିଏ ?'' ପଚାରିଲା ଅନୁରକ୍ତା ।

''ଗରୁଡ଼ ହେଉଛନ୍ତି ଠାକୁରଙ୍କ ବାହନ । ମନ୍ଦିର ଆଗରେ ଗୋଟିଏ ସ୍ତମ୍ଭ ଅଛି । ତାକୁ ଗରୁଡ଼ସ୍ତମ୍ଭ କହନ୍ତି । ତା' ଉପରେ ଗରୁଡ଼ଙ୍କ ମୂର୍ତ୍ତି ଅଛି । ସେ ଏକ ବିରାଟ ଚଢ଼େଇ । ପ୍ରଭୁ ଯୁଆଡ଼େ ଯିବାକୁ ଚାହାନ୍ତି ସେ ତାଙ୍କୁ ପିଠିରେ ବସାଇ ଉଡ଼ି ଉଡ଼ି ସେ ଜାଗାକୁ ନେଇ ଯାଆନ୍ତି ।''

''ଆଚ୍ଛା ହଉ, କୁହ ସେ ବ୍ରାହ୍ମଣ ନଡ଼ିଆଟି ନେଇ କ'ଣ କଲା ?''

''ବ୍ରାହ୍ମଣ ମନ୍ଦିରକୁ ଗଲା । ସେବକ ପଣ୍ଡାମାନେ ସେ ଯାହା ଭୋଗ ଦ୍ରବ୍ୟସବୁ ନେଇଥିଲା ତା'ଠାରୁ ସେସବୁ ନେଇ ଠାକୁରଙ୍କ ପାଖରେ ଭୋଗ ଲଗାଇ ଦେଲେ । ଶେଷରେ ସେ ବ୍ରାହ୍ମଣ ମହାପ୍ରସାଦ ସେବନ କରି ଆନନ୍ଦ ମନରେ ଘରକୁ ଫେରିବାକୁ ବସିଛନ୍ତି, ଏତିକିବେଳେ ଦାସିଆ ଦେଇଥିବା ନଡ଼ିଆ କଥା ମନେ ପଡ଼ିଗଲା । ସେ ଗରୁଡ଼ ସ୍ତମ୍ଭ ପଛକୁ ଆସି ହାତରେ ନଡ଼ିଆଟି ଧରି କହିଲେ, 'ପ୍ରଭୁ, ବାଲିଗାଁ ଦାସ ଏ ନଡ଼ିଆଟି ତୁମ ପାଇଁ ପଠେଇଚି । ତୁମେ ଯଦି ଯାକୁ ନିଜ ହାତରେ ନେବ ନିଅ । ନଇଲେ ସେ କହିଛି ତା' ନଡ଼ିଆ ଫେରେଇ ନେବାକୁ ।' ବ୍ରାହ୍ମଣ ଭାବିଥିଲେ ସତରେ

କ'ଣ ଜଗନ୍ନାଥ ହାତ ବଢ଼ାଇ ପାଗଳାଟାର ନଡ଼ିଆ ନେବେ ? କିନ୍ତୁ ବ୍ରାହ୍ମଣର ଅବିଶ୍ୱାସ ଦାସିଆର ଶୁଦ୍ଧ, ସରଳ, ପ୍ରେମପୂର୍ଣ୍ଣ ଦୃଢ଼ ବିଶ୍ୱାସକୁ ବାଧା ଦେଇପାରିଲା ନାହିଁ । ଭାବଗ୍ରାହୀ ପ୍ରଭୁଙ୍କ କୃପାପୂର୍ଣ୍ଣ ଉଜ୍ଜ୍ୱଳ ହସ୍ତ ପ୍ରସାରିତ ହୋଇ ଆସି ନଡ଼ିଆଟିକୁ ନେଇଗଲା ଓ ଆନନ୍ଦରେ ପ୍ରଭୁ ତାକୁ ଭୋଜନ କଲେ । ଏସବୁ କାଣ୍ଡ ଦେଖି ବ୍ରାହ୍ମଣ ସ୍ତମ୍ଭିତ ହୋଇଗଲେ । ଦାସିଆ ଯୋଗୁଁ ନିଜ ଜୀବନକୁ ଧନ୍ୟ ମଣିଲେ । ଭକ୍ତି ଓ ପ୍ରେମରେ ତାଙ୍କ ଅନ୍ତର ପୂରିଯାଇ ଆଖିରୁ ଲୋତକ ଝରିବାକୁ ଲାଗିଲା । ଭାବିଲେ ଧନ୍ୟ ଦାସିଆ ! ଧନ୍ୟ ତୋର ଭକ୍ତି ! କାଠର ମୂର୍ତ୍ତି ବି ତୋଲାଗି ସଜୀବ ହୋଇ ଉଠିଲେ । ଏଇ ଘଟନାରେ ସାରା ମନ୍ଦିରରେ ଚହଳ ପଡ଼ିଗଲା । ଯିଏ ଶୁଣିଲା ସିଏ କାବା ହୋଇଗଲା । କିନ୍ତୁ ଦାସିଆ ଜାତିରେ ନୀଚ, ପାଠଶାଠ ପଢ଼ି ନାହିଁ, ଅତି ଗରିବ, ଲୋକ ଦେଖିଲା ଭଳି ସାଧନ ଭଜନ କିଛି କରି ନାହିଁ । ତେଣୁ ମନ୍ଦିରର ପଣ୍ଡାମାନେ ତାକୁ କିଛି ଗୁରୁତ୍ୱ ଦେଲେ ନାହିଁ । ତା'ର ଭକ୍ତିକୁ ଜଣେ ସାଧୁସନ୍ଥର ଭକ୍ତି ବୋଲି ଗ୍ରହଣ କଲେ ନାହିଁ । ଏକଥା ଆଉ ଦିନକର ଘଟନାରେ ପ୍ରମାଣିତ ହୋଇଗଲା ।

''ଆଉ ଦିନେ କ'ଣ ହେଲା ?''

''ଆଉ ଦିନେ କ'ଣ ହୋଇଛି ନା ଦାସିଆ ପୁଣି କିଛି ଦ୍ରବ୍ୟ ଠାକୁରଙ୍କୁ ଅର୍ପଣ କରିବ ବୋଲି ଇଚ୍ଛା କରିଛି । କ'ଣ ବା ଦବ ? ପାଖରେ ତ କିଛି ନାହିଁ । ଏତିକିବେଳେ ଜଣେ ଆମ୍ବବିକାଳି ସେଇ ବାଟରେ ଯାଉଥିଲା । ସେ ଆମ୍ବ ଦେଖି ଦାସିଆର ଭାରି ମନ ହେଲା ଠାକୁରଙ୍କୁ ଦେବା ଲାଗି । ପାଖରେ ଯାହା ପଇସା ଥିଲା ସେଥିରୁ ଦଶ ପୁଞ୍ଜା ଭଲ ଭଲ ପାଚିଲା ଅକ୍ଷତ ଆମ୍ବ ବାଛି କିଣିଲା ।''

''ଦଶପୁଞ୍ଜା କେତେ ?''

''ପୁଞ୍ଜାକ ହେଉଛି ଚାରିଟା । ଦଶପୁଞ୍ଜା ହେଲେ ଚାଳିଶଟା ।''

''ଆଚ୍ଛା ହଉ, ସେଇଠୁ କ'ଣ ହେଲା ?''

''ସେଇଠୁ ଦାସିଆ ଆମ୍ବତକ କିଣି ତାକୁ ଭଲଭାବେ ଧୋଇ ପୋଛି, ନିଜେ ଗାଧୁଆପାଧୁଆ ସାରି, ଭାର କରି ସେତକ ନେଇ ଜଗନ୍ନାଥଙ୍କ ମନ୍ଦିରକୁ ଗଲା । ଯେମିତି ସେ ମନ୍ଦିରରେ ପହଞ୍ଚିଛି ସେହି ସୁନ୍ଦର ପାଚିଲା ଆମ୍ବତକ ଦେଖି ପଣ୍ଡାସେବକମାନେ ତା'ପାଖକୁ ଛୁଟି ଆସିଲେ । ଚେଷ୍ଟାକଲେ ଆମ୍ବତକ ତା'ଠାରୁ ନେଇ ଠାକୁରଙ୍କ ପାଖରେ ଭୋଗ ଲଗାଇ ତା'ପରେ ନିଜେ ଭୋଗ କରିବେ । ଦାସିଆ କିନ୍ତୁ ଆମ୍ବ ନ ଛାଡ଼େ । କହିଲା, 'ମୁଁ ଆପଣମାନଙ୍କୁ କାହାକୁ ଏ ଦରବ ଦେବି ନାହିଁ । ମୁଁ ନିଜେ ଏ ଆମ୍ବକୁ ମୋ ଠାକୁରଙ୍କୁ ଦେବି । ଠାକୁର ଖାଇବେ ମୁଁ ଦେଖିବି ।'

ପଣ୍ଡାମାନେ ଦାସିଆ କଥା ଶୁଣି ହସିଲେ । ଯଦିଓ ସେମାନେ ପୂର୍ବରୁ ତା'ର ଆନ୍ତରିକ ଭକ୍ତି ଓ ଜଗନ୍ନାଥଙ୍କର ତା' ପ୍ରତି ଅହେତୁକୀ କୃପା ଜାଣିଥିଲେ ତଥାପି ସେମାନେ ତା' କଥାରେ ବିଶ୍ୱାସ କଲେ ନାହିଁ । ପାଗଳ ବୋଲି ଭାବି ଆମ୍ବଲୋଭରେ ପୁଣି ତା' ପଛରେ ଲାଗିଲେ । ଦାସିଆ ଦେଖିଲା ଆମ୍ବତକ ନ ନେଇ ସେମାନେ ଛାଡ଼ିବେ ନାହିଁ । ଜୋକପରି ଲାଗିଗଲେଣି । ସେଇଠୁ ସେ କ'ଣ କଲା ନା ବିକଳ ହୋଇ ମନ୍ଦିର ଉପରେ ଥିବା ନୀଳଚକ୍ରକୁ ଚାହିଁ କହିଲା, 'ପ୍ରଭୁ, ତୁମ ପାଇଁ ଏ ଆମ୍ବତକ ଆଣିଛି । ନିଜେ ଆସି ଯାକୁ ନେଇଯାଅ ।' ଏତିକି କହିବା ପରେ ବିଚିତ୍ର କଥା ଘଟିଲା । ସମସ୍ତେ ଚାହିଁଛନ୍ତି, ଶୂନ୍ୟରୁ ଯେପରି କିଏ ଗୋଟିକ ପରେ ଗୋଟିଏ ଆମ୍ବ ନେଇଗଲା । ଟୋକେଇ ଖାଲି ହୋଇଗଲା । ପଣ୍ଡାମାନେ କାବା ହୋଇ ଆମ୍ବସବୁ କୁଆଡ଼େ ଗଲା ବୋଲି ଏଣେତେଣେ ଅନିଷା କରୁଥା'ନ୍ତି । ଦାସିଆ ହସି ହସି କହିଲା, 'ଏଣେତେଣେ କ'ଣ ଚାହୁଁଛନ୍ତି ଆଜ୍ଞା ? ଠାକୁର ପରା ନିଜେ ଆମ୍ବ ନେଇ ଖାଉଛନ୍ତି ! ପଣ୍ଡାମାନେ କିଛି ଦେଖିପାରୁ ନ ଥା'ନ୍ତି । ଦାସିଆ କଥାକୁ ବିଶ୍ୱାସ କରି ନ ପାରି ଠାକୁରଙ୍କ ରତ୍ନସିଂହାସନ ନିକଟକୁ ଗଲେ । ଦେଖିଲାବେଳକୁ ସେଠି ଆମ୍ବଚୋପା ଓ ଟାକୁଆ ପଡ଼ିଛି । ସେମାନଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଠାକୁରଙ୍କ ପାଖରୁ ଧଣ୍ଡାମାଳ ଆଣି ଦାସିଆ ବେକରେ ପିନ୍ଧାଇ ତାକୁ ଖାଲି ଧନ୍ୟ ଧନ୍ୟ କଲେ । ଏଇ ଘଟନାରେ ସମସ୍ତ ପଣ୍ଡା ଦାସିଆକୁ ଶ୍ରେଷ୍ଠ ଭକ୍ତମାନଙ୍କ ମଧ୍ୟରେ ଜଣେ ବୋଲି ଗଣନା କଲେ । ଦାସିଆ ଏଥିରେ ଗର୍ବରେ ଫୁଲି ନ ଉଠି ପଣ୍ଡାମାନଙ୍କୁ ଓଲଟି ପ୍ରଣାମ କରି ସେମାନଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରିଲା । ଠାକୁରଙ୍କୁ ପ୍ରାର୍ଥନା କଲା ତାଙ୍କର ଦଶ ଅବତାର ଦର୍ଶନ କରିବା ଲାଗି । ଠାକୁର ଭକ୍ତର ମନୋବାଞ୍ଛା ପୂରଣ କଲେ । ମୀନଠାରୁ ଆରମ୍ଭ କରି କଳ୍କି ପର୍ଯ୍ୟନ୍ତ ସବୁରୂପ ନୀଳଚକ୍ରରେ ଥାଇ ଦେଖାଇଲେ । ଦାସିଆ ସେସବୁ ରୂପ ଦର୍ଶନ କରି ବୋଧକଲା ତା'ର ମଣିଷ ଜନ୍ମ ସାର୍ଥକ ହୋଇଗଲା । ପ୍ରଭୁଙ୍କୁ ଅଶେଷ କୃତଜ୍ଞତା ଜଣାଇ ଆନନ୍ଦ ମନରେ ଘରକୁ ଫେରି ଅବଶିଷ୍ଟ ସମୟ ତାଙ୍କରି ଭକ୍ତି, ତାଙ୍କରି ସ୍ତୁତି, ତାଙ୍କରି ଭାବରେ ଭୋଳହୋଇ କଟାଇ ଶେଷରେ ଦେହଛାଡ଼ି ତାଙ୍କରି ଧାମକୁ ଚାଲିଗଲା ।

ତେଣୁ ଆନ୍ତରିକ ଶ୍ରଦ୍ଧାର ସହ ଯିଏ ଯାହା ଠାକୁରଙ୍କୁ ଅର୍ପଣ କରେ ଠାକୁର ସବୁବେଳେ ଦାସିଆ ବାଉରିର ଭୋଗ ଭଳି ସ୍ଥୂଳରେ ଗ୍ରହଣ ନ କଲେ ବି ବ୍ୟକ୍ତିର ଭାବକୁ ଗ୍ରହଣ କରନ୍ତି ।

ତେବେ ଆମର ଏଇ ମା' ଶ୍ରୀଅରବିନ୍ଦଙ୍କ ଯୋଗରେ ଆଗକାଳ ଭଳି ଖାଲି ବାହାରର ଭୋଗ ଦେଇ ସନ୍ତୁଷ୍ଟ ହେଲେ ଚଳିବ ନାହିଁ । ଠାକୁର ଆମଠାରୁ ଖାଲି ବାହାରର ଭୋଗ ଚାହୁଁ ନାହାନ୍ତି । ଦେବତାମାନେ ଚାହିଁ ପାରୁଥା'ନ୍ତି । କିନ୍ତୁ ସ୍ୱୟଂ ଭଗବାନ୍ ଚାହାନ୍ତି

ଆମର ସମଗ୍ର ଜୀବନ ତାଙ୍କ ନିକଟରେ ଭୋଗ ଭଳି ନିବେଦିତ ହେଉ, ଅର୍ପିତ ହେଉ । ତା'ହେଲେ ପୃଥିବୀର ବର୍ତ୍ତମାନ ଦୁଃଖକଷ୍ଟକୁ ଦୂରକରି ସେ ଯେଉଁ ନୂତନ ମଣିଷ ଜାତି ସୃଷ୍ଟି କରିବାକୁ ଚାହୁଁଛନ୍ତି ତା' କରିପାରିବେ । ବାହାରର ଭୋଗରେ ଖାଲି ତାଙ୍କୁ ଠକି ନ ଦେଇ ଆମର ସବୁକିଛି ଓ ସମଗ୍ର ଜୀବନ ତାଙ୍କ ନିକଟରେ ଭୋଗରୂପେ ସମର୍ପିତ ହେବା ଦରକାର । ଏ ଭୋଗ ଯେପରି ବିରାଟ, ତା'ର ଫଳ ବି ସେପରି ବିରାଟ । ଭଗବାନଙ୍କର ଦାବି ଯେପରି ବିରାଟ ହୋଇଯାଇଛି ମଣିଷ ଲାଗି ତାଙ୍କର କୃପା ବି ସେଇପରି ବିରାଟ ହୋଇଯାଇଛି ।

ଆଜିର ଦାସିଆ ସେଦିନର ଭକ୍ତ ଦାସିଆ ଭଳି ବାହାରେ ଭୋଗ ଦେଇ ବାହାରେ ଭଗବାନଙ୍କ ରୂପ ଦର୍ଶନ କରି ଆଉ ସନ୍ତୁଷ୍ଟ ହେବାକୁ ଚାହେଁ ନାହିଁ । ସେ ଚାହେଁ ଭଗବାନଙ୍କୁ ସବୁ ଦେଇ ତାଙ୍କୁ ସଂପୂର୍ଣ୍ଣରୂପେ ପାଇବାକୁ । ନିଜର ମନ, ପ୍ରାଣ, ଶରୀର, ଆତ୍ମାରେ ତାଙ୍କର ପୂର୍ଣ୍ଣ ପ୍ରକାଶ ହେବାକୁ । ଏଫଳ ଯେପରି ମହାନ୍, ଏଥିପାଇଁ ଦେବାକୁ ପଡୁଥିବା ମୂଲ୍ୟ ବି ସେଇପରି ମହାନ୍ !''

''ଏବେ କ'ଣ ଭକ୍ତ ଦାସିଆ ଅଛନ୍ତି ?''

''ନା, ନା, ସେଇ ଭକ୍ତ ଦାସିଆ ଏବେ ନାହାନ୍ତି । ଏବେ ଯେଉଁ ମଣିଷ ଭଗବାନଙ୍କୁ ଚାହୁଁଛନ୍ତି ସେଇମାନଙ୍କୁ ମୁଁ ଆଜିର ଭକ୍ତ ଦାସିଆ ବୋଲି କହୁଛି ।''

''ଓ, ମୁଁ ଭୁଲ୍ ବୁଝିଥିଲି । ଆଚ୍ଛା, ଆଜିର ସାଧନା ପୂର୍ବ ଅପେକ୍ଷା ବେଶୀ କଷ୍ଟ ହୋଇ ପଡ଼ିଛି ନା ? କାରଣ ପୂର୍ବ ଅପେକ୍ଷା ସାଧନାର ଲକ୍ଷ୍ୟ ବି ବହୁତ ବଡ଼ ହୋଇଯାଇଛି ।''

''ହଁ, କଷ୍ଟ ତ ନିଶ୍ଚୟ । ମଣିଷ ପକ୍ଷେ ଏ ସାଧନା କରିବା ଅସମ୍ଭବ । ଏ ସାଧନା ସ୍ୱୟଂ ଭଗବାନ୍ କରୁଛନ୍ତି ଓ କରିବେ । ମଣିଷକୁ ଖାଲି ନିଜକୁ ତାଙ୍କରି ନିକଟରେ ଆନ୍ତରିକଭାବେ ସମର୍ପଣ କରିବାକୁ ହେବ । ଭଗବାନ୍ ଚାହିଁ ବସିଛନ୍ତି ନିଜକୁ ସଂପୂର୍ଣ୍ଣରୂପେ ଆମକୁ ଦେଇ ଦେବାକୁ । କିନ୍ତୁ ଆମେ ଖାଲି ତାଙ୍କ ପ୍ରତି ଆମର ଆତ୍ମଦାନରେ ଛଳନା ନ କରି ଆନ୍ତରିକ ହେଲେ ହେଲା ।

ଆନ୍ତରିକତାର
　　ଗୋଟିଏ ମାତ୍ର ବିନ୍ଦୁ
ଟପି ଯାଇଥାଏ
ଛଳ କପଟର
　　ଅନନ୍ତ ଅପାର ସିନ୍ଧୁ ।''

# ଆନ୍ତରିକତା ଭଗବତ୍‌-ଦ୍ୱାରର ଚାବି

''ଆଚ୍ଛା, ଭଗବାନ୍‌ ତ ସର୍ବବ୍ୟାପୀ, ଆମ ଅନ୍ତରେ, ବାହାରେ, ସାରା ବିଶ୍ୱରେ, ବିଶ୍ୱର ଊର୍ଦ୍ଧ୍ୱରେ ସେ ପୂରି ରହିଛନ୍ତି, ତେବେ ତାଙ୍କ ଲାଗି ଲୋକେ ଏତେ କଷ୍ଟ କରି ସାଧନା କରୁଛନ୍ତି, ବେଳେ ବେଳେ ଘରଦ୍ୱାର, ପରିବାର ସବୁ ଛାଡ଼ି ବଣ ଜଙ୍ଗଲରେ ଯାଇ ଭୋକ ଉପାସରେ, ଖରା, ବର୍ଷା ଶୀତରେ ଦିନ କଟାଉଛନ୍ତି, ତଥାପି ତାଙ୍କୁ କାହିଁକି ପାଉ ନାହାନ୍ତି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଖାଲି କ'ଣ ଗୁଡ଼ାଏ କଷ୍ଟ କଲେ, ଘର ଦ୍ୱାର ସଂସାର ଛାଡ଼ି ଖରା ବର୍ଷା ଶୀତ ସହି ଭୋକ ଉପାସରେ ବଣ ଜଙ୍ଗଲରେ ରହିଲେ ଭଗବାନଙ୍କୁ ପାଇ ହେବ ? ଏସବୁ କେହି କରୁ ବା ନ କରୁ; କିନ୍ତୁ ଗୋଟିଏ କଥା ଯାହା ଭଗବାନଙ୍କୁ ପାଇବା ପାଇଁ ଦରକାର ତାହା ହେଉଛି **ଆନ୍ତରିକତା** । ସେତିକି ନ ଥିଲେ ଆଉ ତୁମେ ଭଗବାନଙ୍କୁ ପାଇବା ପାଇଁ ଯାହା କର, ସେସବୁ ଶୁଷ୍କ, ନିରର୍ଥକ, କୃଚ୍ଛ୍ର ସାଧନା ।''

''କୃଚ୍ଛ୍ର ସାଧନା କ'ଣ ?'' ପଚାରିଲା ଅନୁରକ୍ତା ।

''କୃଚ୍ଛ୍ର ସାଧନା ହେଉଛି, ତୁ ଯାହା ପ୍ରଥମେ କହୁଥିଲୁ, ଯେଉଁମାନେ ଶରୀରକୁ ନାନା ପ୍ରକାର କଷ୍ଟ ଯନ୍ତ୍ରଣା ଦେଇ ସାଧନା କରନ୍ତି ।''

''ଆଚ୍ଛା, ଯେଉଁମାନେ ଶରୀରକୁ ଏତେ କଷ୍ଟ ଦେଇ ସାଧନା କରନ୍ତି, ସେମାନଙ୍କର କ'ଣ ଆନ୍ତରିକତା ନ ଥାଏ ?'' ପୁଣି ପଚାରିଲା ଅନୁରକ୍ତା ।

''ଯେଉଁମାନଙ୍କର ଥାଏ ସେମାନେ ଭଗବାନଙ୍କୁ ପାଆନ୍ତି । ଯେଉଁମାନଙ୍କର ନ ଥାଏ ସେମାନଙ୍କ ସାରାଜୀବନ ସେଇଥିରେ କଟିଯାଏ, ସେମାନେ କିଛି ପାଆନ୍ତି ନାହିଁ । ଅନେକେ ସେମାନଙ୍କ ଲକ୍ଷ୍ୟ ଯେ ଭଗବାନଙ୍କୁ ପାଇବା ସେକଥା ଭୁଲିଯାଇ ଖାଲି କେତେ ପରିମାଣରେ ସେମାନେ ଶରୀରକୁ କଷ୍ଟ ଦେଇ ପାରୁଛନ୍ତି, ଖରା ବର୍ଷା ଶୀତରେ ଖୋଲା ଦେହରେ ବିନା ଆଶ୍ରୟରେ ରହି ପାରୁଛନ୍ତି, କେତେ ଦିନ ନ ଖାଇ ନ ପିଇ ବଞ୍ଚି ପାରୁଛନ୍ତି, କେତେ ଦିନ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ହାତ ଯୋଡ଼ି ଆଖି ବୁଜି ରହିପାରୁଛନ୍ତି – ଏଇ ସବୁ କୃଚ୍ଛ୍ର ସାଧନା ଉପରେ ଗୁରୁତ୍ୱ ଦିଅନ୍ତି । ନିଜର ଯଥାର୍ଥ ଲକ୍ଷ୍ୟଠାରୁ ଏପରି କରିପାରିବାଟା ସେମାନଙ୍କୁ ବଡ଼ ଲାଗେ । ଏଥିରୁ ସେମାନେ ବହୁତ ସନ୍ତୋଷ ଲାଭ କରନ୍ତି ଓ ସେଇଥିରେହିଁ ଶେଷ ପର୍ଯ୍ୟନ୍ତ ଅଟକି ଯାଆନ୍ତି । ତେଣୁ ଭଗବାନଙ୍କୁ ପାଇବା ଖାଲି କେତେଟା ବାହାର କ୍ରିୟାକଳାପ ଭିତରେ ନିର୍ଦ୍ଦିଷ୍ଟ ହୋଇ ନ

ଥାଏ । ତାଙ୍କୁ ପାଇବା ପାଇଁ ନିଜ ପ୍ରକୃତି, ନିଜ ପରିବେଶ, ନିଜ ରୁଚି ଅନୁଯାୟୀ ଯାହା କରୁଛ କର, ଯେଉଁଠି ରହୁଛ ରୁହ; କିନ୍ତୁ ଏସବୁ ଭିତରେ ଗୋଟିଏ ଅସଲ କଥା ଥିବା ଦରକାର । ସେଇଟି ହେଉଛି ଆନ୍ତରିକତା । ସେଇଥିପାଇଁ ମା' କହନ୍ତି :

*'Sincerity is the key of the divine doors.'*

'ଆନ୍ତରିକତାହିଁ ଭଗବତ୍ ଦ୍ୱାରର ଚାବି ।'

''ଖାଲି ଆନ୍ତରିକତା ଥିଲେ ଶରୀରକୁ ନାନା ପ୍ରକାର କଷ୍ଟ ଦେଇ ସାଧନା ନ କଲେ ବି କ'ଣ ଜଣେ ଭଗବାନଙ୍କୁ ପାଇପାରିବ ?'' ପଚାରିଲା ଅନୁରକ୍ତା ।

''ସେଇଆ ତ କୁହାଯାଉଛି । ତୁମେ ଶରୀରକୁ କଷ୍ଟ ଦିଅ ବା ନ ଦିଅ, ଲୋକ ଦେଖିବାକୁ ସାଧନା କର ବା ନ କର, ସଂସାର ଛାଡ଼ ବା ସଂସାରରେ ରୁହ, ସେଥିରେ କିଛି ଯାଏ ଆସେ ନାହିଁ । ଭଗବାନ୍ ଯାହା ତୁମଠାରୁ ଚାହାନ୍ତି ତାହା ହେଉଛି ଆନ୍ତରିକତା ।

ତୁ କବି ଜୟଦେବଙ୍କୁ ଜାଣୁ ?''

''ନା, ମୁଁ ଜାଣେ ନାହିଁ । ସେ କିଏ ?'' ପଚାରିଲା ଅନୁରକ୍ତା ।

''ଆଚ୍ଛା, ତୁମ ସ୍କୁଲରେ ଥରେ ଦଶାବତାର ନୃତ୍ୟ କରୁଥିଲ, ମନେ ଅଛି ?''

''ହଁ, ହଁ, ମନେ ଅଛି । ଯେଉଁଥିରେ ମାଛ ପରି, କଇଁଚ ପରି, ବରାହ ପରି, ନରସିଂହ ପରି, ବାମନ ପରି, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଲ୍‌କୀଙ୍କ ରୂପସବୁ ନାଚରେ କରିବା ଲାଗି ଆମକୁ ସବୁ ଶିଖାଯାଇଥିଲା ତ ?''

''ହଁ, ହଁ, ଠିକ୍ ମନେ ରଖିଛୁ । ସେ ନାଚ ସାଙ୍ଗରେ ଯେଉଁ ଗୀତ –

'ପ୍ରଳୟ-ପୟୋଧି-ଜଳେ ଧୃତବାନସି ବେଦଂ
ବିହିତବହିତ୍ରଚରିତ୍ରମଖେଦଂ
କେଶବ ଧୃତ-ମୀନଶରୀର, ଜୟ ଜଗଦୀଶ ହରେ...'

ଆଦି – ସବୁ ବୋଲା ଯାଉଥିଲା ମନେ ଅଛି ତ ?''

''ହଁ ମନେ ଅଛି । ସବୁ ଗୀତ ମନେ ନାହିଁ । ତେବେ ଶୁଣିଲେ ମନେ ପଡୁଛି ।''

''ସେଇ ଗୀତ ଯିଏ ଲେଖିଥିଲେ ସେଇ ହେଉଛନ୍ତି ଜୟଦେବ । ତାଙ୍କର ଯେଉଁ ଗୀତ ଲାଗି ସେ ପ୍ରସିଦ୍ଧ, ସେ ଗୀତ ହେଉଛି 'ଗୀତ ଗୋବିନ୍ଦ' । ସେ ଗୀତ ରାଧା ଓ କୃଷ୍ଣଙ୍କୁ ନେଇ ଲେଖା ଯାଇଛି । ସେ ଗୀତ ଯେତେବେଳେ ସିଏ ପୁରୀ ବଡ଼ ଦେଉଳ ପାଖରେ ବୋଲନ୍ତି ସେତେବେଳେ ନିଜେ ଜଗନ୍ନାଥ ତାଙ୍କ ଆସ୍ଥାନ ଛାଡ଼ି ତାଙ୍କ ଖାଇବା ପିଇବା ଛାଡ଼ି ଆସି ଶୁଣନ୍ତି ।''

''ଜୟଦେବ କ'ଣ ଓଡ଼ିଶାର ଲୋକ ?'' ପଚାରିଲା ଅନୁରକ୍ତା ।

''ହଁ ଅନେକେ କହନ୍ତି ସେ ଓଡ଼ିଶାର ଲୋକ ବୋଲି । ତାଙ୍କ ଘର ପୁରୀ ଜିଲ୍ଲାର

କେନ୍ଦୁଲି ଗ୍ରାମରେ ଥିଲା । ତା'ର ପ୍ରମାଣ ମଧ୍ୟ ସେମାନେ ଦେଖାନ୍ତି । ଆଉ କେତେକେ କହନ୍ତି ସେ ଓଡ଼ିଶାର ନୁହନ୍ତି, ବଙ୍ଗଳାର । ତା'ର ବି ସେମାନେ କେତେକ ପ୍ରମାଣ ଦେଖାନ୍ତି । ତାଙ୍କ ବିଷୟରେ କିଛି ସଠିକ୍ ଇତିହାସ ନ ଥିବାରୁ ଓ ସେ ନିଜେ ସ୍ପଷ୍ଟ ଭାବରେ କେଉଁ ରାଜ୍ୟର ଲେଖିଯାଇ ନ ଥିବାରୁ, ତାଙ୍କ ଲେଖାରୁ ଯାହା ଅନୁମାନ କରାଯାଏ ଲୋକେ ସେଇଆ କହନ୍ତି । ତେବେ ସେ ଓଡ଼ିଶାର ହୁଅନ୍ତୁ ବା ଅନ୍ୟ ରାଜ୍ୟର ହୁଅନ୍ତୁ, ସେଥିରେ ଆମର ଯାଏ ଆସେ କ'ଣ ? ସିଏ ଆମ ପାଇଁ ଯେଉଁ ସୁନ୍ଦର, ସୁଲଳିତ, ପ୍ରେମ ଭକ୍ତିପୂର୍ଣ୍ଣ ପଦ୍ୟମାନ ଛାଡ଼ି ଯାଇଛନ୍ତି ସେତକହିଁ ଆମ ସମସ୍ତଙ୍କର ସମ୍ପଦ । ତାଙ୍କ ଜୀବନ ଓ କର୍ମହିଁ ଆମ ସମସ୍ତଙ୍କର ଆଦର୍ଶ । ସେଇ ଆଦର୍ଶକୁ ଆମ ଜୀବନରେ ସାମାନ୍ୟ କାର୍ଯ୍ୟକାରୀ କରିପାରିଲେ ସେଇ ହେବ ତାଙ୍କ ପ୍ରତି ମହାନ୍ ଶ୍ରଦ୍ଧାଞ୍ଜଳି । ସେ ଆମର ନିଜର ହୋଇଯିବେ, ଜନ୍ମସ୍ଥାନ ଦୃଷ୍ଟିରୁ ଓଡ଼ିଆ, ବଙ୍ଗାଳୀ କି ତାମିଲ ହୁଅନ୍ତୁ ।''

''ହଉ, ସେକଥା ଛାଡ଼ । ଏଥର କୁହ ଜଗନ୍ନାଥ କିପରି ତାଙ୍କ ଖାଇବା ଛାଡ଼ି ଆସି ତାଙ୍କ ଗୀତ ଶୁଣୁଥିଲେ ।''

''ହଁ, କହୁଛି ଶୁଣ । ଥରେ କ'ଣ ହେଲା ନା ଜଗନ୍ନାଥଙ୍କୁ ଭୋଗଦେବା ବେଳ ବାରଂବାର ଡେରି ହେବାର ଖବର ପୁରୀ ରାଜା ପାଇବାରୁ ସେ ରାଗି ବଡ଼ ପଣ୍ଡାଙ୍କୁ ଡକାଇ ପଠାଇଲେ । ବଡ଼ ପଣ୍ଡା ଆସିବାରୁ ତାଙ୍କୁ ସେ ପଚାରିଲେ – କାହିଁକି ଏବେ ଦିନେ ଦିନେ ଭୋଗ ବେଳା ଡେରି ହେଉଛି । ଆଗରୁ ତ ଏପରି କେବେ ହେଉ ନ ଥିଲା । ଭୋଗ ଠିକ୍ ସମୟରେ ହେଉଥିଲା । ବଡ଼ ପଣ୍ଡା ବହୁତ ବିନମ୍ର ହୋଇ କହିଲେ, 'ଛାମୁ, ମୋର କ'ଣ ଦୋଷ । ମୁଁ ବି ତ ବୁଝିପାରୁ ନାହିଁ କାହିଁକି ଏପରି ହେଉଛି । ପ୍ରତିଦିନ ଭୋଗ କରିବା ପୂର୍ବରୁ ମୁଁ ଚଳୁରେ ଯେଉଁ ପାଣି ଧରେ ସେ ପାଣିରେ ଜଗନ୍ନାଥଙ୍କ ମୂର୍ତ୍ତି ଦେଖିଲେ ଯାଇ ପୂଜା ଓ ଭୋଗରାଗ କାମ ଶେଷ କରେ, ଦିନେ ଦିନେ ମୁଁ ଦେଖୁଛି ବହୁତ ଡେରି ପର୍ଯ୍ୟନ୍ତ ଚଳୁରେ ତାଙ୍କ ଦର୍ଶନ ମିଳୁ ନାହିଁ । ମୁଁ କ'ଣ କରିବି, ସେମିତି ଅପେକ୍ଷା କରି ବସୁଛି । ଦର୍ଶନ ମିଳିଲେ ଯାଇ ଭୋଗ କରୁଛି । ଆଉ ମୁଁ ଦେଖୁଛି ଯେଉଁଦିନ ଜୟଦେବ ଗୋସାଇଁ ଆଉ ତାଙ୍କ ସ୍ତ୍ରୀ ପଦ୍ମାଦେବୀ ଆସି ଦେଉଳ ପାଖରେ ଗୀତ ବୋଲୁଛନ୍ତି ସେଇଦିନ ଦେଉଳ ଭିତରେ ଚଳୁରେ ଠାକୁରଙ୍କ ଦର୍ଶନ ମିଳୁ ନାହିଁ । ଏକଥା ଶୁଣି ରାଜା ବଡ଼ପଣ୍ଡାଙ୍କୁ ଛାଡ଼ିଦେଲେ ।

ଆଉ ଥରକର କଥା । କ'ଣ ହୋଇଛି ନା ଗୋଟିଏ ବୁଢ଼ୀ ପ୍ରତିଦିନ ବାଇଗଣ ବିକିବାକୁ ଆସେ । ଜୟଦେବଙ୍କ ଘରେ ବାଇଗଣ ବିକିବା ସମୟରେ ସେ ସେଠି ଜୟଦେବ ଗୋସେଇଁ, ତାଙ୍କ ସ୍ତ୍ରୀ ପଦ୍ମା କିଂବା ତାଙ୍କ ସାଥୀ ପରାଶର ଗୀତଗୋବିନ୍ଦ

ବୋଲୁଥିବାର ଶୁଣେ । ଗୀତଗୋବିନ୍ଦ ତାକୁ ଶୁଣିବାକୁ ଏଡ଼େ ମଧୁର ଲାଗେ ଯେ ଶୁଣି ଶୁଣି ସେ କେତେକ ପଦ ମନେ ରଖି ଦେଇଥିଲା ।

ଥରେ ଏକ ଅଦ୍ଭୁତ ଘଟନା ଘଟିଲା । ପୁରୀ ମହାରାଜା ଦିନେ ଦେଉଳ ଭିତରକୁ ଆସି ଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ଦେଖିଲେ ତାଙ୍କ ଶ୍ରୀଅଙ୍ଗର ପାଟବସ୍ତ୍ର ସବୁ ଚିରି ଯାଇଛି । ସେଥିରେ ସବୁ କଣ୍ଟା ଲାଗିଛି । ସେ ବଡ଼ପଣ୍ଡାଙ୍କ ଉପରେ ଭୀଷଣ ରାଗି ଶୀଘ୍ର ଏହାର କୈଫିୟତ ଦେବାକୁ କହିଲେ ଓ ନ ଦେଇ ପାରିଲେ ତାଙ୍କର ସମସ୍ତ ପରିବାରକୁ କଠୋର ଦଣ୍ଡ ଦେବାର ଧମକ ଦେଲେ । ବଡ଼ପଣ୍ଡା ଭୟରେ ହାତଯୋଡ଼ି କହିଲେ, 'ମଣିମା, ମୁଁ ତ ଠାକୁରଙ୍କୁ କାଲି ନୂତନ ବସ୍ତ୍ର ପିନ୍ଧିବା ଲାଗି ଦେଇଛି । ସେ ବସ୍ତ୍ର ଚିରିଲା କିପରି ମୁଁ ଜାଣେ ନାହିଁ ।'

ଯେତେ ଯାହା କହିଲେ ବି ରାଜା ବୁଝିଲେ ନାହିଁ । କହିଲେ, 'ମୁଁ ତ ଆଖିରେ ଦେଖୁଛି ଚିରା ବସ୍ତ୍ର, ସେଥିରେ ପୁଣି କଣ୍ଟା ଲାଗିଛି, ଆଉ... । ଶୀଘ୍ର ଏହାର କାରଣ ନ ଜଣାଇଲେ ତୁମକୁ ଉପଯୁକ୍ତ ଶାସ୍ତି ଭୋଗିବାକୁ ହେବ ।' ଏହା କହି ରାଜା ଚାଲିଗଲେ । କିନ୍ତୁ ସେଇଦିନ ରାତିରେ ରାଜା ସ୍ୱପ୍ନରେ ଦେଖିଲେ ଯେ ଶ୍ରୀକୃଷ୍ଣ ତାଙ୍କୁ କହୁଛନ୍ତି 'ବଡ଼ ପଣ୍ଡାଙ୍କର କିଛି ଦୋଷ ନାହିଁ । ସେ ମୋତେ ନୂତନ ବସ୍ତ୍ର ପିନ୍ଧିବାକୁ ଦେଇଥିଲେ । କିନ୍ତୁ କାଲି ରାତିରେ ସୁନ୍ଦର ଜହ୍ନ ଆଲୁଅରେ ବାଇଗଣ ବିକାଳି ବୁଢ଼ୀ ତା' ବାରିରୁ ବାଇଗଣ ତୋଳୁଥିଲା । ବାଇଗଣ ତୋଳୁଥିବା ସମୟରେ ସେ ଖୁବ୍ ଆନ୍ତରିକତା ସହ ଜୟଦେବ ଚରିତ ଗୀତଗୋବିନ୍ଦରୁ ତା'ର ମନେଥିବା ପଦେ ପଦେ ଗାଉଥିଲା । ମୁଁ ତା'ରି ପଛରେ ବାଇଗଣ କିଆରିରେ ବୁଲି ତା' ଗୀତ ଶୁଣୁଥିଲି । ସେଇଥିଯୋଗୁଁ ମୋ ବସ୍ତ୍ର ଚିରି ଯାଇଛି ଓ ସେଥିରେ ବାଇଗଣ କଣ୍ଟା ଲାଗିଛି । ରାଜା ଆଶ୍ଚର୍ଯ୍ୟ ହୋଇ ତା' ପରଦିନ ଲୋକ ପଠାଇ ଦେଖିଲେ ସତକୁ ସତ ବୁଢ଼ୀର ବାଇଗଣ କିଆରିରେ ପ୍ରଭୁଙ୍କ ବସ୍ତ୍ରର କିଛି ଅଂଶ ସବୁ ଲାଗିଛି ।''

''ରାଜା ବଡ଼ପଣ୍ଡାଙ୍କୁ ତ ଛାଡ଼ି ଦେଇଥିବେ ?'' ପଚାରିଲା ଅନୁରକ୍ତା ।

''ଖାଲି ଛାଡ଼ିଦେଲେ ! ତାଙ୍କ ଉପରେ ଖୁସି ହୋଇ ତାଙ୍କୁ କେତେ କ'ଣ ପୁରସ୍କାର ଦେଲେ । ଆଉ ସେ ବୁଢ଼ୀକି ଡକାଇ ସମସ୍ତ ପରିବାର ସବୁଦିନେ ଚଳିବା ଲାଗି ଦେଉଳ ତରଫରୁ ବ୍ୟବସ୍ଥା କରିଦେଲେ ଓ ବୁଢ଼ୀ ଆସି ଜଗନ୍ନାଥଙ୍କ ଦେଉଳରେ ଗୀତଗୋବିନ୍ଦ ବୋଲିବାର ଆଦେଶ ଦେଲେ ।

ଦେଖିଲୁ ତ ବୁଢ଼ୀ କ'ଣ କିଛି କଠୋର ସାଧନା କରିଥିଲା ? କିନ୍ତୁ ତା'ର ଗୀତଗୋବିନ୍ଦ ବୋଲିବାର ଆନ୍ତରିକତାରେ ମୁଗ୍ଧ ହୋଇ ଶ୍ରୀକୃଷ୍ଣ ବାଇଗଣ ଗଛର କଣ୍ଟାକୁ ନ ମାନି ତା' ପଛେ ପଛେ ବୁଲି ତା' ଗୀତ ଶୁଣିଲେ । କାଳ କାଳକୁ ଭକ୍ତ ଓ ଆନ୍ତରିକତାର ଟେକ ରଖିଗଲେ ।

ଜୟଦେବଙ୍କ ସ୍ତ୍ରୀ ପଦ୍ମାବତୀ ବି କମ୍ ଭକ୍ତା ନୁହନ୍ତି । ସେ ତାଙ୍କ ସ୍ୱାମୀ ଜୟଦେବଙ୍କୁ ଦେବତା ଭଳି ଭକ୍ତି କରନ୍ତି ଓ ତାଙ୍କ ସାଧନାରେ ସବୁ ପ୍ରକାର ସାହାଯ୍ୟ କରନ୍ତି । ତାଙ୍କର ଖାଇବା ପିଇବା ଖବର ବୁଝିବା, ଠିକ୍, ସମୟରେ ତାଙ୍କୁ ଲେଖନୀ ପୋଥି ଆଦି ଯୋଗାଇ ଦେବା, ତାଙ୍କ ଗୀତକୁ ସୁର ଦେଇ ବୋଲିବା, ତାଙ୍କୁ ଗୀତ ଲେଖିବାରେ ସମସ୍ତ ପ୍ରେରଣା ଯୋଗାଇ ଦେବାରେ କେବେ ବି ତ୍ରୁଟି କରନ୍ତି ନାହିଁ । ଛାଇ ଭଳି ତାଙ୍କ ସହ ରହିଥାଆନ୍ତି । ଟିକିଏ ଅସୁବିଧା ଭୋଗିବାକୁ ତାଙ୍କୁ ଦିଅନ୍ତି ନାହିଁ । ତେଣୁ ଶ୍ରୀକୃଷ୍ଣ ପଦ୍ମାଙ୍କୁ ବହୁତ ଭଲ ପାଉଥିଲେ ।

ଦିନକର କଥା । ଜୟଦେବ ନିବିଷ୍ଟ ଚିତ୍ତରେ ଗୀତଗୋବିନ୍ଦ ଲେଖୁଥିଲେ । ସେ ଅନ୍ତରର ପ୍ରେରଣା ଅନୁଯାୟୀ ଗୀତଗୋବିନ୍ଦ ଲେଖନ୍ତି । ପ୍ରତ୍ୟେକଟି ପଦ ସେ ଲେଖିବା ପୂର୍ବରୁ ତାଙ୍କ ଅନ୍ତରରେ ଯେପରି କିଏ କହି ଦେଉଥାଏ । ଗୀତଗୋବିନ୍ଦରେ ସେ ଲେଖିଛନ୍ତି : ଚନ୍ଦ୍ରାଲୋକିତ ରାତି । ବୃନ୍ଦାବନର କୁଞ୍ଜ କୁଟୀରରେ ରାତି ସାରା ରାଧା କୃଷ୍ଣଙ୍କୁ ଚାହିଁ ରହିଛନ୍ତି । କିନ୍ତୁ କୃଷ୍ଣଙ୍କର ଦେଖା ନାହିଁ । କୃଷ୍ଣଙ୍କ ବିହୁନେ ରାଧାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଛି । କୃଷ୍ଣ ତେଣେ ଚନ୍ଦ୍ରାବଳି ନାମରେ ଆଉ ଜଣେ ଗୋପୀଙ୍କର ଆନ୍ତରିକ ସ୍ନେହକୁ ଏଡ଼ି ନ ପାରି ତାଙ୍କ ଘରେ ରାତିଟି କଟାଇଛନ୍ତି । ରାତି ପାହି ଆସୁଛି । ଚନ୍ଦ୍ର ବୁଡ଼ିଯାଉଛନ୍ତି । ଏତିକିବେଳେ କୁଞ୍ଜ ଦ୍ୱାରରେ ପତ୍ରର ଖସ୍ ଖସ୍ ଶବ୍ଦ ଶୁଣି ରାଧା ଚମକି ପଡ଼ି ଚାହିଁଦେବାରୁ ଦେଖିଲେ କୃଷ୍ଣ ଫେରି ଆସିଛନ୍ତି । ତାଙ୍କ ଗଳାରେ ବଣ ଫୁଲର ହାର ଶୁଖିଯାଇଛି । ତାଙ୍କ ମଥାରୁ ମୟୂର ଚନ୍ଦ୍ରିକାର ଚୂଳ ଖସିପଡ଼ିଛି । ରାତିସାରା ରାଧାଙ୍କୁ ଭୁଲି ସେ ଚନ୍ଦ୍ରାବଳି ଘରେ ରହିଥିବାରୁ ରାଧା ଅଭିମାନ କଲେ । କୃଷ୍ଣଙ୍କୁ ଚାହିଁଲେ ନାହିଁ କି କଥା କହିଲେ ନାହିଁ । କୃଷ୍ଣ ଅନୁତାପ କରି ଲଜ୍ଜାରେ ଫେରିଗଲେ । ତା'ପରେ ରାଧାଙ୍କ ମାନ ଭାଙ୍ଗିବା ପାଇଁ ତାଙ୍କର ସଖୀମାନେ ବହୁତ ଚେଷ୍ଟା କରିଛନ୍ତି । ସେମାନଙ୍କ ଚେଷ୍ଟାରେ ରାଧାଙ୍କ ମାନ ଭାଙ୍ଗିଛି । ତାଙ୍କର ବିଷାଦ ଦୂର ହୋଇଯାଇଛି । ଏଣେ ରାତି ବି ପୂରା ପାହିଯାଇଛି । ସକାଳର ମୃଦୁ ପବନରେ ଗଛଲତା ସବୁ ଦୋଳି ଖେଳୁଛନ୍ତି । ଭଅଁରମାନେ ଗୁଣୁ ଗୁଣୁ ଗୀତ ବୋଲି ଫୁଲରୁ ଫୁଲକୁ ଉଡ଼ି ବୁଲୁଛନ୍ତି । କୋଇଲିର ମଧୁର କୁହୁ ତାନରେ ସାରା କୁଞ୍ଜବନ ମୁଖରିତ । ରାଧା ସଖୀମାନଙ୍କ ଗହଣରେ ଚାଲିଲେ କୃଷ୍ଣଙ୍କୁ ଭେଟିବା ପାଇଁ । ଅନୁତପ୍ତ କୃଷ୍ଣ ରାଧାଙ୍କୁ ଦେଖି ଆନନ୍ଦରେ ବିହ୍ୱଳ ହୋଇପଡ଼ିଲେ । ଭାବଗଦ୍‌ଗଦ କଣ୍ଠରେ ରାଧାଙ୍କୁ ଅନେକ ବୁଝାଇଲେ ଓ କହିଲେ, 'ହେ ରାଧେ ! ତୁମ ଓ ମୋ ଭିତରେ କ'ଣ ଭିନ୍ନତା ଅଛି ? ଆମେ ଦୁହେଁ ତ ଅଭିନ୍ନ ।' ହେଲେ ରାଧା ତଳକୁ ମୁହଁ ପୋତି ନିରୁତ୍ତର ରହିଲେ ।

ଶେଷରେ କୃଷ୍ଣ ବ୍ୟଥିତ ହୋଇ ରାଧାଙ୍କ ନିକଟରେ ନିଜକୁ ସମର୍ପଣ କରି କହିଲେ –

‘ସ୍ମରଗରଲଖଣ୍ଡନଂ
ମମ ଶିରସି ମଣ୍ଡନଂ’

ଜୟଦେବ ଏତିକି ଲେଖି ଅଟକି ଗଲେ । ଆଉ ଲେଖିପାରିଲେ ନାହିଁ । ତାଙ୍କ ଅନ୍ତରରେ ଏହା ପରକୁ ଯେଉଁ ପାଦ ଆସିଲା ତାହା ହେଉଛି – ‘ଦେହି ପଦପଲ୍ଲବ-ମୁଦାରମ୍’, ଏଇଟିକୁ ଲେଖିବା ଲାଗି ତାଙ୍କ ହାତ ଚଳିଲା ନାହିଁ । ଏପର୍ଯ୍ୟନ୍ତ ସେ ଯାହା ଲେଖିଥିଲେ ସେଥିରେ କୃଷ୍ଣ ରାଧାଙ୍କର ପାଦ ଦୁଇଟିର ସୌନ୍ଦର୍ଯ୍ୟ ଓ ମହତ୍ତ୍ୱ ବର୍ଣ୍ଣନା କରି କହିଛନ୍ତି ଯେ ‘ହେ ରାଧେ ! ତୁମେ ଅଭିମାନ କରି ମୋତେ କଥା କହୁ ନ ଥିବାରୁ ମୋ ହୃଦୟରେ ଯେଉଁ ଜ୍ୱାଳା ସୃଷ୍ଟି ହୋଇଛି ତାକୁ ଶାନ୍ତ କରି ମୋର ମସ୍ତକକୁ ମଣ୍ଡନ କରି...’

ଏତିକି ପରେ ଜୟଦେବଙ୍କର ଅନ୍ତରରୁ ଯେଉଁ ଅନ୍ୟ ପାଦଟିର ପ୍ରେରଣା ଆସିଲା ତା’ ଅର୍ଥ ହେଉଛି ତୁମର ଉଦାର ପଦପଲ୍ଲବ ଏଥିରେ (ମୋ ମସ୍ତକରେ) ସ୍ଥାପନ କର । ଏଇ ଶେଷ ପାଦଟି ଜୟଦେବ ଲେଖିପାରିଲେ ନାହିଁ । ତାଙ୍କର ଭକ୍ତ-ଅନ୍ତର ଏହା ସହି ପାରିଲା ନାହିଁ । ଭାବିଲେ, ଚରାଚର ବିଶ୍ୱର ପ୍ରଭୁ ଶ୍ରୀକୃଷ୍ଣ, ଯାହାଙ୍କ ପଦବନ୍ଦନା କରିବା ପାଇଁ ସମସ୍ତ ପ୍ରାଣୀ ବ୍ୟାକୁଳ ସେ ଜଣେ ନାରୀର ପାଦକୁ ନିଜର ମସ୍ତକରେ ଧାରଣ କରିବେ ? ନା, ନା, ମୋ ପ୍ରଭୁଙ୍କୁ ମୁଁ କେବେ ଏଡ଼େ ଛୋଟ କରି ଲେଖିପାରିବି ନାହିଁ । ଏହା ଭାବି ସେ ପୋଥିପତ୍ର ବନ୍ଦ କରିଦେଇ ପ୍ରାଚୀ ନଦୀକୁ ସ୍ନାନ କରିବାକୁ ଚାଲିଗଲେ ।

ଖରାବେଳ । ପଦ୍ମାବତୀ ସ୍ୱାମୀଙ୍କ ଲାଗି ଖାଇବା ଯୋଗାଡ଼ କରୁଥା’ନ୍ତି । ଦେଖିଲା ବେଳକୁ ସଙ୍ଗେ ସଙ୍ଗେ ଜୟଦେବ ଫେରି ଆସିଛନ୍ତି । ପଦ୍ମାବତୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ‘ଏତେ ଶୀଘ୍ର କିପରି ଫେରି ଆସିଲେ, କ’ଣ ସ୍ନାନ ହୋଇଛି ତ ?’

ଜୟଦେବ କହିଲେ, ‘ନା ପଦ୍ମା, ହଠାତ୍ ବାଟରେ ମୋର ଅସମ୍ପୂର୍ଣ୍ଣ କବିତାର ଅନ୍ୟ ପାଦଟି ମନେ ପଡ଼ିଗଲା । ମୁଁ ସ୍ନାନ ନ କରି ଫେରି ଆସିଲି । ଶୀଘ୍ର ମୋର ପୋଥି ଆଉ ଲେଖନୀ ଦିଅ ।’

ପଦ୍ମାବତୀ ତରବର ହୋଇ ପୋଥି ଆଉ ଲେଖନୀ ଆଣି ଦେଲେ । ଜୟଦେବ କହିଲେ, ‘ପଦ୍ମା, ବହୁତ ଭୋକ ହେଲାଣି । ଶୀଘ୍ର ଖାଇବାର ଯୋଗାଡ଼ କର । ମୁଁ କବିତାର ଧାଡ଼ିଟି ଲେଖି ଦେଇ ସଙ୍ଗେ ସଙ୍ଗେ ଯାଉଛି ।’

ପଦ୍ମାବତୀ ହସି କରି କହିଲେ, 'ତୁମେ ତ ସ୍ନାନ କରିନା ଖାଇବ କିପରି ?'

'ନା, ପଦ୍ମା ଆଜି ଆଉ ସ୍ନାନ କରିବାକୁ ବେଳ ନାହିଁ । ଏଇଠି ମନ୍ତ୍ରସ୍ନାନ କରିନେବି । ତୁମେ ଖାଇବା ଯୋଗାଡ଼ କର । ଏହା କହି ଜୟଦେବ କବିତା ଲେଖାରେ ଲାଗିଲେ ।'

ତା'ପରେ ପଦ୍ମା ତାଙ୍କ ଲାଗି ଖାଦ୍ୟ ଆଣି ପହଞ୍ଚିଲେ । ପରମ ସନ୍ତୋଷରେ ଜୟଦେବ ଖାଇବା ଶେଷ କରି ଯାଇ ଶୋଇବା ଘରେ ବିଶ୍ରାମ ନେଲେ । ସେ ଖାଇସାରିବା ପରେ ଯାହା ଅଇଁଠା ଛାଡ଼ି ଯାଇଥିଲେ ପଦ୍ମାବତୀ ତାକୁ ଖାଉଛନ୍ତି । ଏଇ ସମୟରେ ଦେଖିଲେ ଜୟଦେବ ସ୍ନାନ ସାରି ଫେରି ଆସିଛନ୍ତି । ପଦ୍ମା ଆଶ୍ଚର୍ଯ୍ୟ ହୋଇଗଲେ । ଜୟଦେବ ବି ଆଶ୍ଚର୍ଯ୍ୟ ହୋଇଗଲେ ପଦ୍ମାଙ୍କୁ ଖାଉଥିବାର ଦେଖି । କାରଣ ସେ ଖାଇ ନ ସାରିବା ପର୍ଯ୍ୟନ୍ତ ପଦ୍ମା କେବେ ବି ଖାଆନ୍ତି ନାହିଁ । ପଦ୍ମା ଜୟଦେବଙ୍କୁ ସବୁ କଥା କହିଲେ ।

''ଆଚ୍ଛା, ଆଗରୁ ଯିଏ ଆସି କବିତାର ଅସଂପୂର୍ଣ୍ଣ ଅଂଶ ପୂରଣ କରି ପଦ୍ମାବତୀଙ୍କ ହାତରୁ ଖାଇ ଶୋଇବାକୁ ଗଲେ ସେ କ'ଣ ସତରେ ଜୟଦେବ ନୁହନ୍ତି ?'' ପଚାରିଲା ଅନୁରକ୍ତା ।

''ଶୁଣ ସିଏ ସତରେ ଜୟଦେବ କି କିଏ ବଳେ ଜାଣିପାରିବୁ ନାହିଁ !'' କହିଲା ଚିନ୍ମୟ ।

''ହଉ, ତେବେ କୁହ ।''

''ପଦ୍ମାବତୀ ଓ ଜୟଦେବ ଦୁହେଁ ଆଶ୍ଚର୍ଯ୍ୟ ହୋଇ ଶୋଇବା ଘରକୁ ଗଲେ । ଦେଖିଲେ କେହି ନାହାନ୍ତି । ତା'ପରେ ଜୟଦେବ ଆସି ତାଙ୍କ ପୋଥି ଫିଟାଇ ଦେଖିଲେ ସେଥିରେ ଯେଉଁ ପଦଟି ତାଙ୍କ ମନକୁ ଆସୁଥିଲା ଓ ସେ ପ୍ରଭୁଙ୍କୁ ଅପମାନ ହେବ ବୋଲି ଲେଖି ନ ଥିଲେ ଠିକ୍ ସେଇ ପଦଟି – ଦେହି ପଦପଲ୍ଲବମୁଦାରମ୍ – ଲେଖା ହୋଇଛି । ତାଙ୍କର ବୁଝିବାର ବାକି ରହିଲା ନାହିଁ କିଏ ଆସିଥିଲେ । ସଙ୍ଗେ ସଙ୍ଗେ ସେ ପଦ୍ମାବତୀଙ୍କ ଚରଣ ଦୁଇଟି ଧରି ପକାଇ କହି ଉଠିଲେ, 'ଧନ୍ୟ ପଦ୍ମାବତୀ, ତୁମେ ଧନ୍ୟ ! ବିଶ୍ୱ ବ୍ରହ୍ମାଣ୍ଡ ଯାହାଙ୍କ ଦର୍ଶନ ପାଇଁ ବ୍ୟାକୁଳ ତୁମେ ଆଜି ତାଙ୍କ ଦର୍ଶନ ପାଇଲ, ତାଙ୍କ ଅଇଁଠା ପ୍ରସାଦ ପାଇପାରିଲ । ଯାହାଙ୍କ ପାଇଁ ମୁଁ କବି, ଯାହାଙ୍କ ପାଇଁ ମୋର ସାଧନା ସେ ତୁମ ନିକଟରେ ଅତି ସହଜରେ ଧରା ଦେଇଛନ୍ତି । ତୁମେ ବାସ୍ତବରେ ମୋର ପତ୍ନୀ ନୁହଁ ତୁମେ ଦେବୀ, ମୋର ନମସ୍ୟା, ପୂଜ୍ୟା । ପ୍ରଭୁଙ୍କର ଯେଉଁ ପ୍ରସାଦ ତୁମେ ଖାଉଥିଲ, ମୋତେ ସେଥିରୁ କିଛି ଦିଅ । ତାକୁ ସେବନ କରି ମୋ ଜୀବନ ସାର୍ଥକ ହେଉ ।'' ପଦ୍ମାବତୀ ଏଥିରେ ଆଶ୍ଚର୍ଯ୍ୟ ଓ ଲଜ୍ଜିତ ହେଲେ ବି ଭଗବାନଙ୍କ ପ୍ରତି

କୃତଜ୍ଞତାରେ ତାଙ୍କ ଆଖିରୁ ଅବାରିତ ଧାରାରେ ଲୁହ ଝରି ଯାଉଥାଏ । ତା'ପରେ ଆବେଗଭରା କଣ୍ଠରେ ଦୁହେଁ ଗାଇ ଉଠିଛନ୍ତି –

'ସ୍ମରଗରଳଖଣ୍ଡନଂ
ମମ ଶିରସି ମଣ୍ଡନଂ
ଦେହି ପଦପଲ୍ଲବମୁଦାରମ୍'

କବି ଓ କବିପତ୍ନୀଙ୍କର ଏଇ ପ୍ରେମଭକ୍ତିପୂର୍ଣ୍ଣ ମଧୁର ସ୍ୱର ସହ ତାଳ ଦେଇ ଦୂର ତମାଳ କୁଞ୍ଜରୁ ମଧ ଭାସି ଆସିଲା ଭକ୍ତର ଭଗବାନ୍ ସେଇ ଶ୍ରୀକୃଷ୍ଣଙ୍କ ବଂଶୀର ଦିବ୍ୟ ମୂର୍ଛନା ।''

''ପଦ୍ମାବତୀ ବହୁତ ଭାଗ୍ୟବତୀ । ସେ ଶ୍ରୀକୃଷ୍ଣଙ୍କ ସେବା ନ କରି ବି ତାଙ୍କ ଦର୍ଶନ ପାଇଲେ, ଅଥଚ ଜୟଦେବ ପାଇପାରିଲେ ନାହିଁ ।'' କହିଲା ଅନୁରକ୍ତା ।

''ପଦ୍ମାବତୀ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ଭକ୍ତ ଜୟଦେବଙ୍କ ସେବାହିଁ ତାଙ୍କ ଜୀବନର ବ୍ରତ । ସେଇ ତାଙ୍କର ସାଧନା । ସେଥିରେ ସେ କେବେ ତ୍ରୁଟି କରି ନାହାନ୍ତି । ନିଜକୁ ଭୁଲିଯାଇ ନିଜର ସୁଖଦୁଃଖକୁ ଜଳାଞ୍ଜଳି ଦେଇ ସେ ଜୟଦେବଙ୍କ ସାଧନାରେ ସମସ୍ତ ପ୍ରକାର ସହଯୋଗ କରିଛନ୍ତି । ତାଙ୍କ ସମସ୍ତ ଯତ୍ନ ନେଇଛନ୍ତି, କବିତା ଲେଖିବା ନିମନ୍ତେ ସମସ୍ତ ପ୍ରେରଣା ଯୋଗାଇଛନ୍ତି । ଜୟଦେବଙ୍କ ସାଧନା ତାଙ୍କରି ଯୋଗୁଁ ସମ୍ଭବ ଓ ସଫଳ ହୋଇଛି । ତେଣୁ ଜୟଦେବଙ୍କ ସାଧନା ଅପେକ୍ଷା ତାଙ୍କ ଆନ୍ତରିକତା ଓ ନିଷ୍ଠାକୁ ଭଗବାନ୍ ବେଶୀ ପସନ୍ଦ କରିଛନ୍ତି ଓ ତା'ର ପୁରସ୍କାର ସ୍ୱରୂପ ନିଜେ ତାଙ୍କୁ ଦର୍ଶନ ଓ ତାଙ୍କ ସେବା ଗ୍ରହଣ କରିଛନ୍ତି । ପଦ୍ମାଙ୍କର ଭଗବତ୍ ଦର୍ଶନରେ ଜୟଦେବ ବି ଉପକୃତ ଓ ଆନନ୍ଦିତ ହୋଇଛନ୍ତି । ଏହା ଉଭୟଙ୍କ ସାଧନାର ଫଳ ଥିଲା । ତେଣୁ –

କଠୋର ସାଧନା ଖାଲି
ଖୋଲିପାରେ ନାହିଁ କେବେ
ଭାଗବତ ଦୁଆର

ସେଥିପାଇଁ ଲୋଡ଼ା ହୁଏ
ଆନ୍ତରିକ ପ୍ରେମ-ଭକ୍ତି-
ଶରଧା-ଜୁଆର ।''

# ଆନ୍ତରିକତା

ପ୍ରଥମ ଖଣ୍ଡ

ନିରଂଜନ ନାୟକ

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

# ଆନ୍ତରିକତା

ପ୍ରଥମ ମୁଦ୍ରଣ ଃ ୧୯୯୦, ଚତୁର୍ଥ ପ୍ରକାଶନ ଃ ୨୦୧୦

ଲେଖକ : ଶ୍ରୀ ନିରଂଜନ ନାୟକ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୧୯୯୦

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ, ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ
ପଣ୍ଡିଚେରୀ - ୬୦୫ ୦୦୨

**ANTARIKATA** (Oriya)

1st Edition : 1990, 4th Impression : 2010

by Sri Niranjan Naik

Price Rs. 75/-
ISBN 978-81-7058-724-8

© Sri Aurobindo Ashram Trust, 1990

Published by Navajyoti Publication
A unit of Sri Aurobindo Ashram Publication Department,
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

ଯାହାଙ୍କ କୃପା, ଯାହାଙ୍କ ପ୍ରେରଣା ମୋତେ ସୃଷ୍ଟିକ୍ଷମ କରିଚି ସେଇ ପରମା ସ୍ନେହମୟୀ ଦିବ୍ୟଜନନୀ ଶ୍ରୀମା'ଙ୍କ ଚରଣ କମଳରେ...

ନିରଂଜନ

''କଳିକା'' ହେଉଛି ''ଶିଶୁ''ର ପ୍ରତୀକ ଓ ''ପାଳିକା'' ହେଉଛି ''ମୁରବି''ର ପ୍ରତୀକ । ମାସିକ ପତ୍ରିକା ନବପ୍ରକାଶରେ ''କଳିକା ଲାଗି ପାଳିକା'' ଶୀର୍ଷକରେ ବାହାରିଥିବା ବିଭିନ୍ନ ବିଷୟକୁ ଏକତ୍ର କରି 'ଆନ୍ତରିକତା' (ପ୍ରଥମ ଖଣ୍ଡ) ୧୯୯୦ ମସିହାରେ ପ୍ରଥମେ ପ୍ରକାଶ ପାଇଥିଲା । ଏହା ହେଉଛି ତାହାର ଚତୁର୍ଥ ପ୍ରକାଶନ ।

ନବପ୍ରକାଶରେ ପ୍ରକାଶ ପାଇଥିବା ଏହି ବିଷୟ ଗୁଡ଼ିକର ଗାଉଁଲି ଭାଷା ସ୍ଥାନରେ ପୁସ୍ତକର ସାଧାରଣ ପ୍ରଚଳିତ ଭାଷା ସ୍ଥାନ ପାଇଛି । ଏକ ଛୋଟ ପିଲାସହ କଥୋପକଥନ ଛଳରେ ବିଷୟଗୁଡ଼ିକ ଲେଖାଯାଇଥିବାରୁ ଏହି ବିଷୟଗୁଡ଼ିକର ଭାଷା ଯଥାସମ୍ଭବ ସରଳ, ସୁଖପାଠ୍ୟ ହୋଇଛି । ଓଡ଼ିଶାର କିଶୋର, ତରୁଣ ତଥା ଆଧ୍ୟାତ୍ମିକ-ପ୍ରେମୀ ବ୍ୟକ୍ତିଗଣ ଏଥିରେ ସନ୍ନିବିଷ୍ଟ ମନୋହର କାହାଣୀ ତଥା ଜୀବନ-କଥାଗୁଡ଼ିକରୁ ମହାନ୍ ସତ୍ୟମାନ ଖୋଜି ପାଇବେ ଓ ଜୀବନରେ ପ୍ରୟୋଗ କରି ଉପକୃତ ହେବେ ବୋଲି ଆଶା କରୁ ।

— ପ୍ରକାଶକ

# ସୂଚୀପତ୍ର


| | |
|---|---|
| ଆନ୍ତରିକତା ଓ ଛଳନା ... ... ... ... ... ... | ୧ |
| ଅନାନ୍ତରିକତାହିଁ ପତନର ମାର୍ଗ ... ... ... ... ... | ୮ |
| ଆନ୍ତରିକତା ଓ ଆବଶ୍ୟକ ସାହାଯ୍ୟ ... ... ... ... | ୧୫ |
| ଆନ୍ତରିକ ପ୍ରୟାସ – ଏକ ସମୁଦ୍ର ପାରାର ... ... ... | ୨୦ |
| ଆନ୍ତରିକତା ଆମର ରକ୍ଷାକବଚ ... ... ... ... ... | ୪୬ |
| ଆନ୍ତରିକତାର ଅଗ୍ନିରେ ଅଶୁଭ ହୋଇଯାଏ ଶୁଭ ... ... ... | ୫୧ |
| ଆନ୍ତରିକ ଅଭୀପ୍ସାର ଉତ୍ତର ସବୁବେଳେ ମିଳିଥାଏ ... ... | ୫୯ |
| ଆନ୍ତରିକତାହିଁ ନିଶ୍ଚିତ ବିଜୟର ପ୍ରତିଶ୍ରୁତି ... ... ... ... | ୬୬ |
| ଆନ୍ତରିକତା ଯେଉଁଠି, ଭଗବାନ୍ ସେଇଠି ... ... ... ... | ୭୬ |
| ଆନ୍ତରିକତାର ପ୍ରଧାନ ଶତ୍ରୁ ... ... ... ... ... ... | ୮୫ |
| ଆନ୍ତରିକ ହେବା ପଥରେ ଅହଂକାର ... ... ... ... | ୯୧ |
| ସତତ ସଚେତ ଆନ୍ତରିକତା ... ... ... ... ... ... | ୯୯ |
| ଥରେ ଯଦି ଆନ୍ତରିକ ଭାବେ ଭଗବାନଙ୍କୁ ଚାହିଁଛ ... ... ... | ୧୦୮ |
| ଯାହା ଆନ୍ତରିକ ଓ ସତ୍ୟ ... ... ... ... ... ... | ୧୧୯ |
| ଆଡ଼ମ୍ବର ଓ ଆନ୍ତରିକତା ... ... ... ... ... ... | ୧୨୫ |
| କଥାଠାରୁ ଆଚରଣ ବେଶୀ କିଛି କୁହେ ... ... ... ... | ୧୩୩ |
| ଆନ୍ତରିକତା ମଧ୍ୟରେ ଦୁଃଖର ସ୍ଥାନ ନାହିଁ ... ... ... ... | ୧୪୨ |
| ଆନ୍ତରିକତା ଫୁଲର ଶେଯ ନୁହେଁ ... ... ... ... | ୧୫୨ |
| ଆନ୍ତରିକତା ଓ ପ୍ରକୃତିର ପରିବର୍ତ୍ତନ ... ... ... ... | ୧୬୦ |
| ବିନ୍ଦୁଏ ଆନ୍ତରିକତା ଓ ସିନ୍ଧୁଏ ଛଳନା ... ... ... ... | ୧୬୯ |
| ଆନ୍ତରିକତା ଭଗବତ୍-ଦ୍ୱାରର ଚାବି ... ... ... ... | ୧୮୦ |


✵